

କେନ୍ଦୁଝର ଇତିହାସ

ନିରଞ୍ଜନ ବାରିକ

Digitized by PPRACHIN, SOA

କେନ୍ଦୁଝର ଇତିହାସ

ନିରଞ୍ଜନ ବାରିକ

Digitized by PPRACHIN, SOA

ବହିର ନାମ		କେନ୍ଦୁଝର ଇତିହାସ
ଲେଖକ ଓ ପ୍ରକାଶକ		ଶ୍ରୀ ନିରଞ୍ଜନ ବାରିକ ଗ୍ରାମ: ଟାଙ୍ଗରପଳଶା, ପୋ:ଅ: ନରଣପୁର ଜିଲ୍ଲା : କେନ୍ଦୁଝର, ପିନ୍ : ୭୫୮୦୧୪ ଦୂରଭାଷ : ୯୯୩୮୫୧୭୨୭୨
ପ୍ରଥମ ଓ ଦ୍ୱିତୀୟ ମୁଦ୍ରଣ	:	୧୯୯୮/୧୯୯୯
ପରିବର୍ଦ୍ଧିତ ତୃତୀୟ ସଂସ୍କରଣ	:	୨୦୦୭
ପରିବର୍ଦ୍ଧିତ ଚତୁର୍ଥ ସଂସ୍କରଣ	:	୨୦୧୩
ପରିବର୍ଦ୍ଧିତ ପଞ୍ଚମ ସଂସ୍କରଣ	:	୨୦୧୫, ମହାଶିବରାତ୍ରୀ
ଅକ୍ଷର ବସାଣ		ପ୍ରଦୀପ କୁମାର ପାତ୍ର, କେନ୍ଦୁଝର
ମୁଦ୍ରଣ		ସଂସାର ପ୍ରେସ, କଟକ-୭୫୩୦୦୯
ମୂଲ୍ୟ		ଟ ୧୬୦.୦୦ (ଏକଶତ ଷାଠିଏ ଟଙ୍କା) ମାତ୍ର

Name of the Book	:	**KENDUJHAR ITIHASA**
Writer & Publisher	:	Sri Niranjan Barik At-Tangarpalasa, P.O.-Naranpur Dist.: Keonjhar, Pin - 758014 Ph.-9938517272
First & Second Edition		1998/1999
Enlarged Third Edition	:	2007
Enlarged Fourth Edition	:	2013
Enlarged Fifth Edition	:	MahaSibaratri 2015
D.T.P.		Pradeep Kumar Patra, Keonjhar
Printers		Sansar Press, Cuttack-753009
Rate		Rs. 160.00 (Rupees One Hundred Sixty) only

Digitized by PPRACHIN, SOA

ପଞ୍ଚମ ସଂସ୍କରଣ ସମ୍ପର୍କରେ

ଏ ପୁସ୍ତକର ଏହା ହେଉଛି ପଞ୍ଚମ ଅବତାର – ସୁତରାଂ ବାମନାକୃତି (ଖର୍ବ ରୂପ) ହେଲେ ମଧ୍ୟ ତ୍ରିବିକ୍ରମ ଭଳି ଏହାର ତିନିପାଦ ପ୍ରାଚୀନ, ମଧ୍ୟ ଓ ବର୍ତ୍ତମାନକୁ ସ୍ପର୍ଶ କରିଛି । ତୃତୀୟ ସଂସ୍କରଣ ଠାରୁ ଏହାର କଳେବର କ୍ରମଶଃ ବୃଦ୍ଧିପାଉଛି । ଚତୁର୍ଥ ସଂସ୍କରଣରେ ପ୍ରାଚୀନ ଐତିହ୍ୟ ସ୍ଥାନିତ ହେବାପରେ ଏହାର ପାଠକୀୟ ଆଦୃତି ବୃଦ୍ଧି ପାଇଥିଲା । ସ୍ୱାଧୀନତା ପରବର୍ତ୍ତୀ ରାଜନୈତିକ ଐତିହ୍ୟ ସମ୍ପର୍କରେ ଆଲୋକପାତ କରିବାକୁ ଅନେକ ସଶ୍ରଦ୍ଧ ପାଠକଙ୍କଠାରୁ ଅନୁରୋଧ ମିଳିଥିଲା । ଏଣୁ ଏ ସଂସ୍କରଣରେ ଗୋଟିଏ ନୂତନ ଅଧ୍ୟାୟ ସଂଯୁକ୍ତ ହେଲା । ଚତୁର୍ଥ ସଂସ୍କରଣ ମୁଦ୍ରଣ କାଳରେ ଅସାବଧାନତାରୁ କେତେକ ନୂତନ ତଥ୍ୟ ଯଥାସ୍ଥାନରେ ସ୍ଥାନିତ ହୋଇପାରି ନ ଥିଲା । କେତେକ ଧାଡ଼ି ଦୁଇଥର ମୁଦ୍ରିତ ହୋଇଗଲା ଓ ପୃଷ୍ଠା -୧୩୯ ରେ ଦୁଇତିନିଧାଡ଼ି ରହି ନ ପାରିବାରୁ ଲେଖକୀୟ ତ୍ରୁଟି ଯନ୍ତ୍ରଣା ଲେଖକକୁ ଭୋଗ କରିବାକୁ ପଡ଼ିଥିଲା । ମୁଦ୍ରିତ ପୁସ୍ତକର ତ୍ରୁଟି ସଂଶୋଧନ ପାଇଁ ଲେଖକୀୟ ନିର୍ଦ୍ଦେଶକୁ ମୁଦ୍ରଣକର୍ମୀ ଠିକ୍ ଧରି ନ ପାରିବାରୁ ଅର୍ଥାତ୍ ଉଭୟଙ୍କ ମିଳିତ ସଂଶୋଧନରେ ବ୍ୟତିକ୍ରମ ହେବାରୁ ସେଭଳି ତ୍ରୁଟି ରହିଗଲା, ଯାହା ଲେଖକକୁ ଅନେକ ମାନସିକ ଯନ୍ତ୍ରଣା ଦେଇଛି– ଏଥିପାଇଁ ଲେଖକ ତା'ର ପ୍ରିୟ ପାଠକମାନଙ୍କ ନିକଟରୁ କ୍ଷମା ଚାହୁଁଛି । ସେଥିରେ ଥିବା ତ୍ରୁଟି ସଂଶୋଧନ ପାଇଁ ଏଥର ଯଥାସାଧ୍ୟ ଉଦ୍ୟମ କରାଯାଇଛି, ପୁସ୍ତକଟିକୁ ଯଥାସମ୍ଭବ ନିର୍ଭୁଲ୍ କରାଯିବାକୁ ।

କେନ୍ଦୁଝରର ପ୍ରାଚୀନ ଐତିହ୍ୟ ସମ୍ପର୍କରେ ଲେଖିବା କାଳରେ ଲେଖକ ସେଭଳି କୌଣସି ଲିଖିତ ତଥ୍ୟ ପାଇନାହିଁ; କିନ୍ତୁ ଅନେକ ମୂକ ବିଗ୍ରହଙ୍କୁ ସାକ୍ଷାତ କରିଛି । ସେଗୁଡ଼ିକୁ ଐତିହାସିକ ଉପାଦାନ ଭାବେ ଗ୍ରହଣ କରି ସ୍ୱଳ୍ପ ଜ୍ଞାନର ବିଚାରଧାରାରେ ଗ୍ରହଣ କରିଛି । ମଧ୍ୟଯୁଗୀୟ, ବିଶେଷକରି ଇଂରେଜ ଶାସନକାଳର ଅନେକ ତଥ୍ୟ ଉପଲବ୍ଧି ହୁଏ; କିନ୍ତୁ ସେସବୁର ଗୋଟିଏ ସମୃଦ୍ଧ ନିର୍ଯ୍ୟାସ ଗ୍ରହଣ କରିବାକୁ ଲେଖକ ବାଧ୍ୟ ହୋଇଛି । ଗୋଟିଏ ଗୋଟିଏ ଅଧ୍ୟାୟ ଗୋଟିଏ ଗୋଟିଏ ସମୃଦ୍ଧ ପୁସ୍ତକର ରୂପ ଦେଇପାରିବ; କିନ୍ତୁ ଯେହେତୁ ସଂକ୍ଷେପରେ ଏ ମାଟିର ଐତିହ୍ୟ ସମ୍ପର୍କରେ ଧାରଣା ସୃଷ୍ଟି କରିବା ଲେଖକର ଉଦ୍ୟମ ଥିଲା, ତାକୁ ଅକ୍ଷତ ବା ଅପରିବର୍ତ୍ତିତ ରଖି ସେହି ଶୈଳୀରେ ପରବର୍ତ୍ତୀ ସଂଯୋଜନାଗୁଡ଼ିକ ପ୍ରତି ଯତ୍ନବାନ ହେବାକୁ ପଡ଼ିଛି ।

Digitized by PPRACHIN, SOA

ଇତିହାସ କେବଳ ରାଜନୈତିକ ଚିତ୍ର ଉପସ୍ଥାପନ ନୁହେଁ– ଏଥିସହିତ ସାଂସ୍କୃତିକ ଓ ସାମାଜିକ ଦିଗପ୍ରତି ଲେଖକ ଯତ୍ନଶୀଳ ହେବା ନିହାତି ଆବଶ୍ୟକ । ପୁରାତନ କାଳରୁ ଅଦ୍ୟାବଧି ଆମର ଯେଉଁ ଧର୍ମବିପ୍ଲବ ଓ ସାମାଜିକ ବିବର୍ତ୍ତନ ଘଟିଚାଲିଛି, ତାହା ଲେଖକର ଦୃଷ୍ଟିରେ ଏତେ ସମୃଦ୍ଧ ଓ ସ୍ଥୂଳକାୟ ଯେ ଏଭଳି ଏକ କ୍ଷୁଦ୍ର ପରିସରରେ ଗୁମ୍ଫିତ କରିବା ସାଧତୀତ ହୋଇଛି ନିଶ୍ଚୟ । ଇତିହାସ ରଚନା ଏକାନ୍ତ ବ୍ୟକ୍ତିଗତ ମତ ନୁହେଁ, ତଥ୍ୟଭିତ୍ତିକ । ଅବଶ୍ୟ ଅନେକ କ୍ଷେତ୍ରରେ ନିର୍ଦ୍ଦିଷ୍ଟ ପ୍ରମାଣ ଅଭାବରୁ ଲେଖକୀୟ ତର୍କଣାରେ ତାହା ଗୃହୀତ ହୋଇଛି ! ଉତ୍ତର ସାଧକମାନଙ୍କୁ ନିବେଦନ, ସେମାନେ ଆମର ଏଇ ଗଭୀର ଅନୁସନ୍ଧିତ୍ସାଗତ ଅଭାବ ପୂରଣ କରିବେ ।

ପୁସ୍ତକଟିକୁ କାହାଣୀଧର୍ମୀ ନ କରି ତଥ୍ୟଗର୍ହିତ କରିବାକୁ ଉଦ୍ୟମ ହୋଇଛି । ତେଣୁ ଅନେକ ଘଟଣା ସଂକ୍ଷିପ୍ତ ହୋଇଛି– ଯାହା ପାଠକୀୟ ଉତ୍କଣ୍ଠା ପୂରଣ କରିପାରିନାହିଁ । ସେସବୁ ଘଟଣା ବର୍ଣ୍ଣନା କରିବାକୁ ଲେଖକ ବିଭିନ୍ନ କାରଣରୁ ଅକ୍ଷମ । କେନ୍ଦୁଝରର ବିଶ୍ୱରୂପଦର୍ଶନ ପୂର୍ବରୁ ବାମନର ତୃତୀୟ ପାଦରୁ ଗଳିତ ଧୂଳିକଣା ଠାବ କରିବା ମଧ୍ୟ ଲେଖକର ସାଧ୍ୟାତୀତ । ସେହି ନ୍ୟାୟରେ ଏ ମାଟିର ଐତିହ୍ୟକୁ ସାମାନ୍ୟରେ ହେଉପଛକେ, ଠାବ କରିବାକୁ ଉଦ୍ୟମ କରି ଲୋକେ ତା'ର ସଶ୍ରଦ୍ଧ ପାଠକଙ୍କୁ ଅର୍ପଣ କରୁଛି ।

ଏ ପୁସ୍ତକର ମୁଦ୍ରଣ ପାଇଁ ଅନେକ ପାଠକଙ୍କଠାରୁ ଲେଖକ ପ୍ରେରଣା ପାଇଛି । କେନ୍ଦୁଝରଗଡ଼ର ବିଶିଷ୍ଟ ସମାଜସେବୀ ଶ୍ରୀଯୁକ୍ତ ରଘୁନାଥ ମିଶ୍ରଙ୍କ ଠାରେ ମୁଁ କୃତଜ୍ଞ । ସେ ମୋତେ ଅନେକ ପରାମର୍ଶ ଦେଇଛନ୍ତି । କେନ୍ଦୁଝର ନାଗରିକ ମଞ୍ଚର ସଭାପତି ଶ୍ରୀଯୁକ୍ତ କିରଣ ଶଙ୍କର ସାହୁ, ଆନନ୍ଦପୁର ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡକ୍ଟର ଜଗନ୍ନାଥ ସା, ଚିତ୍ରଶିଳ୍ପୀ ଶ୍ରୀଯୁକ୍ତ ରଙ୍ଗନାଥ ରାଉତ (ବଞ୍ଚୋ) ପ୍ରମୁଖ ମୋତେ ଅନେକ ପ୍ରେରଣା ଯୋଗାଇଦେଇଛନ୍ତି । ସର୍ବୋପରି ମୋ ପରିବାର ପିତାମାତା, ଅର୍ଦ୍ଧାଙ୍ଗିନୀ ଓ ପୁତ୍ରକନ୍ୟା ଅନେକ ସହଯୋଗ କରି ମୋର ସାଧନା ପଥର ସହଯାତ୍ରୀ ହୋଇଛନ୍ତି ।

ମୁଁ ସମସ୍ତଙ୍କଠାରେ କୃତଜ୍ଞ ।

ବିନୀତ

ନିରଞ୍ଜନ ବାରିକ

Digitized by PPRACHIN, SOA

ସୂଚୀପତ୍ର

କ୍ର:ନଂ	ବିଷୟ	ପୃଷ୍ଠା
୧	କେନ୍ଦୁଝର ଇତିହାସ ଆଜିର କଥା– ନଦନଦୀ, ପାହାଡ଼-ପର୍ବତ, ପର୍ବପର୍ବାଣି, ବିଭିନ୍ନ ସମ୍ପ୍ରଦାୟ , ଧର୍ମଧାରା , ସାହିତ୍ୟବିଭବ, କଳାଚେତନା, ଶିକ୍ଷାଦୀକ୍ଷା, ସ୍ୱାସ୍ଥ୍ୟସେବା	୭
୨	କେନ୍ଦୁଝର ଇତିହାସ ପୁରୁଣା କଥା, ବୈତରଣୀ ସଭ୍ୟତା	୩୬
୩	ଆଟବୀକ ରାଜ୍ୟ	୩୯
୪	ବିନ୍ଧ୍ୟାଟବୀ	୪୧
୫	କେନ୍ଦୁଝରରେ ଗୁପ୍ତ ଶାସନ ଓ ଗୁପ୍ତକଳା	୪୬
୬	ଗୁପ୍ତ ଶାସନର ପତନ ପରେ କେନ୍ଦୁଝର ମୁଦଗଲ ଓ ବିଗ୍ରହ ବଂଶ	୫୩
୭	ଶଶାଙ୍କଙ୍କ ଗୌଡ଼ଦେଶ (ଉତ୍କଳ) ଓ ହର୍ଷବର୍ଦ୍ଧନଙ୍କ ଓଡ୍ରଦେଶ	୫୮
୮	ଜାଟ୍ଟୋର ରାଜ୍ୟ	୬୨
୯	ଭୌମ ଶାସନ ମଣ୍ଡଳରାଜ୍ୟ— ଖିଚିଂ ମଣ୍ଡଳ, କୋଦାଳକ ଓ ଯମଗର୍ତ୍ତ ମଣ୍ଡଳ, ବଣାଇ ମଣ୍ଡଳ, ଦଣ୍ଡଭୁକ୍ତି ଓ ଉତ୍ତର ତୋଷଳୀ	୬୫
୧୦	ସୋମବଂଶୀ ଶାସନ	୭୫
୧୧	ଗଙ୍ଗବଂଶୀ ଶାସନ ଓ କେନ୍ଦୁଝର ରାଜ୍ୟ ଗଠନ ଖିଚିଂକୋଟରୁ ନୟାକୋଟ, କେନ୍ଦୁଝରରେ ଭଞ୍ଜବଂଶ- ଜ୍ୟୋତିଭଞ୍ଜ, ଉଦୟ ଭଞ୍ଜ, ଗତି ଭଞ୍ଜ ଓ ଅନନ୍ତ ଭଞ୍ଜ	୭୯
୧୨	ସୂର୍ଯ୍ୟବଂଶୀ ଶାସନରେ କେନ୍ଦୁଝର ଦୟାନିଧି ଭଞ୍ଜ, ରତ୍ନାକର ଭଞ୍ଜ, ଚମ୍ପେଶ୍ୱର ଭଞ୍ଜ, ସଛ ଭଞ୍ଜ ଓ ଶିଖର ଭଞ୍ଜ	୯୮

Digitized by PPRACHIN, SOA

୧୩ ଆଫଗାନ ଶାସନ- ଜଗନ୍ନାଥ ଭଞ୍ଜ ୧୦୩

୧୪ ମୋଗଲ ଶାସନ ୧୦୪
ତ୍ରିଲୋଚନ ଭଞ୍ଜ, ଗୋବିନ୍ଦ ଭଞ୍ଜ, ଶିବନାରାୟଣ ଭଞ୍ଜ,
ଲକ୍ଷ୍ମୀନାରାୟଣ ଭଞ୍ଜ, ଜଗନ୍ନାଥ ଭଞ୍ଜ, ରଘୁନାଥ ଭଞ୍ଜ,
ଗୋପିନାଥ ଭଞ୍ଜ

୧୫ ମରହଟ୍ଟା ଶାସନ ୧୧୯
ନୃସିଂହ ନାରାୟଣ ଭଞ୍ଜ, କାମେଶ୍ୱର ଭଞ୍ଜ, ଜଗତେଶ୍ୱର ଭଞ୍ଜ,
ପ୍ରତାପ ବଳଭଦ୍ର ଭଞ୍ଜ

୧୬ ଇଂରେଜ ଶାସନ ଓ କେନ୍ଦୁଝର ମିଶ୍ରଣ ୧୨୭
ଜନାର୍ଦ୍ଦନ ଭଞ୍ଜ, ବିଶ୍ୱେଶ୍ୱର ଭଞ୍ଜ,
ମହାରାଜା ଗଦାଧର ନାରାୟଣ ଭଞ୍ଜ

୧୭ ମହାରାଜା ଧନୁର୍ଜ୍ଜୟ ନାରାୟଣ ଭଞ୍ଜ ୧୩୫
ସିଂହାସନ ଆରୋହଣ, ରତ୍ନାମେଳି, ରାଜାଙ୍କ ସୁଶାସନ ଓ ମହାରାଜା
ପଦବୀ ଲାଭ, ନୂତନ କର୍ମଚାରୀ ନିଯୁକ୍ତି, ବିଚିତ୍ରାନନ୍ଦ, ଧରଣୀଗୋଳ,
ମ୍ୟାନେଜର୍ ଫକୀରମୋହନ, ମେଳି ପରବର୍ତ୍ତୀ ଶାସନ ବ୍ୟବସ୍ଥା,
ମହାରାଜାଙ୍କ ଶେଷ ଜୀବନ, ଗୋଁପିନାଥ ନାରାୟଣ ଭଞ୍ଜ

୧୮ କେନ୍ଦୁଝରରେ ଇଂରେଜ ଶାସନ ୧୫୮
ଡି.ଏ. ମାକ୍‌ମିଲାନ୍, ରାୟସାହେବ ବୈକୁଣ୍ଠନାଥ ଦାସ,
ନୀଳମଣି ଚନ୍ଦ୍ର ଦେ, ଜେ.ଏଚ୍. ପ୍ରାଇସ୍

୧୯ ଜାତୀୟ କଂଗ୍ରେସ ଓ ଅସହଯୋଗ ଆନ୍ଦୋଳନ ୧୬୪

୨୦ ବଳଭଦ୍ର ଭଞ୍ଜ (ଦ୍ୱିତୀୟ) ୧୭୪
ପ୍ରଜାମଣ୍ଡଳ ସଂଗଠନ, ସ୍ୱତନ୍ତ୍ର ଉତ୍କଳ, ଭାରତଛାଡ ଓ
ପ୍ରଜାମଣ୍ଡଳ ଆନ୍ଦୋଳନ, ଦେଶୀୟ ରାଜ୍ୟ ମିଶ୍ରଣ

୨୧. ମିଶ୍ରଣ ପରବର୍ତ୍ତୀ ରାଜନୈତିକ ଅବସ୍ଥା ୧୯୨

୨୨. ଦେଶର ସାଧାରଣ ନିର୍ବାଚନରେ କେନ୍ଦୁଝର ୨୦୨

Digitized by PPRACHIN, SOA

କେନ୍ଦୁଝର ଇତିହାସ

ଆଜିର କଥା

ଆମ ପ୍ରଦେଶର ନାମ ଓଡିଶା। ଏଥିରେ ତିରିଶ ଗୋଟି ଜିଲ୍ଲା ଅଛି। ସେଥି ମଧ୍ୟରୁ କେନ୍ଦୁଝର ଗୋଟିଏ। କେନ୍ଦୁଝର ଜିଲ୍ଲାର ପୂର୍ବରେ ମୟୁରଭଞ୍ଜ ଓ ଭଦ୍ରକ, ପଶ୍ଚିମରେ ଅନୁଗୁଳ ଜିଲ୍ଲାର ପାଲ ଲହଡା ଓ ସୁନ୍ଦରଗଡ ଜିଲ୍ଲାର ବଣେଇ, ଉତ୍ତରରେ ଝାଡଖଣ୍ଡର ସିଂହଭୂମି ଓ ଦକ୍ଷିଣରେ ଢେଙ୍କାନାଳଓ ଯାଜପୁର ଜିଲ୍ଲା ରହିଅଛି।

ଏ ଜିଲ୍ଲାର ଆୟତନ ୮ ହଜାର ୩ ଶହ ୩୦ ବର୍ଗ କିଲୋମିଟର। ମାଇଲ ହିସାବରେ ତିନି ହଜାର ଦୁଇଶହ ଷୋହଳ ବର୍ଗ ମାଇଲ। ସ୍ୱାଧୀନତା ପରବର୍ତ୍ତୀ କାଳରେ କେନ୍ଦୁଝରର ଆୟତନ ପୂର୍ବାପେକ୍ଷା ଊଣା ହୋଇଛି। ଟିଲୋ ଓ କୁଝୁପଦା ଦଣ୍ଡପାଟଦ୍ୱୟ ଯଥାକ୍ରମେ ଅବିଭକ୍ତ ବାଲେଶ୍ୱର ଓ କଟକ ଜିଲ୍ଲା ସହିତ ମିଶିଗଲା। ଟିଲୋ ଦଣ୍ଡପାଟର ୧୨ ଖଣ୍ଡ ମୌଜାର କ୍ଷେତ୍ରଫଳ ଥିଲା ୭.୫୧ ବର୍ଗ କି.ମି. ଓ କୁଝୁପଦାର ଜମିଦାରୀର ୩ ଖଣ୍ଡ ଗ୍ରାମର କ୍ଷେତ୍ରଫଳ ଥିଲା ୯.୦୬ ବର୍ଗ କି.ମି.। ଏ ଦୁଇଟି ବଦଳରେ ଆମ୍ବୋ ଜମିଦାରୀର ୧୧ ଖଣ୍ଡ ଗ୍ରାମ କେନ୍ଦୁଝରରେ ମିଶିଲା। ଏହାର ଆୟତନ ୧୪.୮୪ ବର୍ଗ କି.ମି.। ଫଳରେ ୧.୭୨ ବର୍ଗ କି.ମି. ଅଞ୍ଚଳ କେନ୍ଦୁଝର ସୀମାରୁ କମିଗଲା। ପରିତାପର ବିଷୟ ଏହି ଯେ ଏବେ ମଧ୍ୟ କେନ୍ଦୁଝରର ସାତଖଣ୍ଡ ଗ୍ରାମ ସୀମା ବିବାଦ ଘେରରେ ରହିଛି। ସୀମାନ୍ତବର୍ତ୍ତୀ ଗ୍ରାମଗୁଡ଼ିକ; ବିଶେଷ କରି ଚମ୍ପୁଆ ଉପଖଣ୍ଡ ମଧ୍ୟରେ ବୈତରଣୀର ଅପରପାର୍ଶ୍ୱରେ ଥିବା ଗ୍ରାମଗୁଡ଼ିକ କେନ୍ଦୁଝରରେ ଥାଇ ମଧ୍ୟ ଉପେକ୍ଷିତ ହେଉଥିବା ଅଭିଯୋଗ ଉଠୁଛି। କୋଶ ଗଣନାରେ ବିଶା ଶହେ ବା ଶହେ କୋଡିଏ ବର୍ଗ କୋଶ। ଏଥିରୁ ୨୮୮୦୦୦ ହେକ୍ଟର ଚାଷଜମି, ୩୩୩୫୦ ବର୍ଗହେକ୍ଟର ଖଣି ଅଞ୍ଚଳ ଓ ୨୪୯୪.୩୫ ବର୍ଗ କି:ମି: ଜଙ୍ଗଲ ଭୂମି ଅଟେ।

ଏଥିରେ ୨୧୧୨ ଛପରି ଓ ୨୩ ଟି ବେଛପରି ଗାଁରେ ଅଢେଇଲକ୍ଷରୁ ଅଧିକ ପରିବାର ଅଛନ୍ତି । ୨୦୦୧ ମସିହା ଜନ ଗଣନା ଅନୁସାରେ କେନ୍ଦୁଝରରେ ମୋଟ

Digitized by PPRACHIN, SOA

ଜନସଂଖ୍ୟା ୧୫ ଲକ୍ଷ ୬୨ ହଜାର । ଏ ଜିଲ୍ଲାରେ ତିନିଗୋଟି ସବ୍‌ଡିଭିଜନ୍ ରହିଛି । ଯଥା-ଚମ୍ପୁଆ, ସଦର ଓ ଆନନ୍ଦପୁର । ଚମ୍ପୁଆ ସବ୍‌ଡ଼ିଭିଜନକୁ ୩ଟି ବ୍ଲକ୍, ୨ଟି ସହରାଞ୍ଚଳ, ସଦରକୁ ୬ଟି ବ୍ଲକ୍, ଗୋଟିଏ ସହରାଞ୍ଚଳ ଓ ଆନନ୍ଦପୁରକୁ ୩ଟି ବ୍ଲକ୍ ଓ ଗୋଟିଏ ସହରାଞ୍ଚଳରେ ବିଭକ୍ତ କରାଯାଇଛି । ଏହାକୁ ମୋଟ ୧୩ ଗୋଟି ତହସିଲ, ୨୮୬ଟି ଗ୍ରାମ ପଞ୍ଚାୟତ ଓ ୬ ଗୋଟି ବିଧାନସଭା ନିର୍ବାଚନ ମଣ୍ଡଳିରେ ଭାଗ କରାଯାଇଛି ।

ଏ ଜିଲ୍ଲାର ନଦନଦୀ

ଝରଣାର ଭୂଇଁ କେନ୍ଦୁଝର । ଅନେକ ଗୁଡ଼ିଏ ଝରଣା ମିଶି ନଦୀଟିଏ । ଯେଉଁସବୁ ମୁଖ୍ୟ ନଦୀଗୁଡ଼ିକ ଏ ମାଟିକୁ ଶସ୍ୟ ଶ୍ୟାମଳା କରିଛନ୍ତି, ସେ ସବୁ ହେଲେ:-

୧) **ବୈତରଣୀ :** ଗୋନାସିକା ପର୍ବତରୁ ବାହାରି ସବୁ ସବ୍‌ଡିଭିଜନ ଦେଇ ପ୍ରବାହିତ ହୋଇଛି । ଏହାର କୂଳରେ ଶହେ ଆଠଗୋଟି ଶିବଲିଙ୍ଗ ପୂଜା ପାଉଥିବାର ପ୍ରବାଦ ଅଛି । ଏହି ନଦୀ ପାର୍ଶ୍ୱରେ ଥିବା ଗୁପ୍ତଗଙ୍ଗା, ରାମତୀର୍ଥ, ଭୀମକୁଣ୍ଡ ଆଦି ଦର୍ଶନୀୟ ସ୍ଥାନ ମାନଙ୍କରେ ପ୍ରତିବର୍ଷ ମକର ଓ ବାରୁଣୀ ମେଳା ହୁଏ । ଏହାର ମୋଟ ଦୈର୍ଘ୍ୟ ୩୩୪ କି:ମି: ମଧ୍ୟରୁ ଜିଲ୍ଲା ମଧ୍ୟରେ ଏହାର ଦୈର୍ଘ୍ୟ ପ୍ରାୟ ୨୨୦ କି:ମି: ।

୨) **ଅରଡେଇ :** ବାରରାଶି ପର୍ବତରୁ ବାହାରି ପଳାଶପଙ୍ଗା ଠାରେ ମାଛକାନ୍ଦଣାରେ ମିଶିଛି । ଏହାପରେ କାଦୁଆ ଓ କାଶିଆ ନାଳକୁ ସାଙ୍ଗରେ ଧରି ଚମ୍ପୁଆ ଠାରୁ ୮ କି:ମି: ଦୂର ବୈତରଣୀ ନଦୀରେ ମିଶିଯାଇଛି ।

୩) **କାଳିଞ୍ଜର :** ଗୋନାସିକା ପର୍ବତର ପାଦଦେଶରେ ଅବସ୍ଥିତ କାମୁଡିହା ଗ୍ରାମରୁ ବାହାରି ଉଦୟପୁର ନିକଟରେ ବୈତରଣୀ ନଦୀରେ ମିଶିଛି । ଏହାର ଦୈର୍ଘ୍ୟ ୫୬ କି:ମି: ।

୪) **ସୀତା :** ପିପିଳିଆ ନିକଟବର୍ତ୍ତୀ ସାରୁପାଟ ଗାଁରୁ ବାହାରି ୧୬ କି:ମି: ପରେ କୁକୁରକଟା ନଦୀରେ ମିଶିଅଛି । ଏହା ନିକଟରେ ସୀତାବିଞ୍ଜୀ ଏକ ଦର୍ଶନୀୟ ସ୍ଥାନ । ଏହି ନଦୀରୁ ଝରାମାନେ 'ସୁନା' ସଂଗ୍ରହ କରନ୍ତି ।

Digitized by PPRACHIN, SOA

୫) **କୁକୁରକଟା :** ଝାଡବେଡା ନିକଟରୁ ବାହାରି ମାତ୍ର ୩୨ କି:ମି: ଗତି କଲା ପରେ ବୈତରଣୀ ନଦୀରେ ମିଶିଅଛି।

୬) **କୁଶଭଦ୍ରା (କୁଶେଇ) :** କାଳିଆହତା ନିକଟବର୍ତ୍ତୀ ମେଘନାଦ ପର୍ବତରୁ ବାହାରି ମଝିରେ କୁକୁରଙ୍ଗା ନାଳକୁ ଧରି ଆନନ୍ଦପୁର ଠାରୁ ପ୍ରାୟ ୧୪ କି:ମି: ଦୂର ବୈତରଣୀରେ ମିଶିଛି । ଏହା କୂଳରେ କୁଶଳେଶ୍ୱର ଏକ ଦର୍ଶନୀୟ ସ୍ଥାନ।

୭) **ମୁସଳ :** ମେଘନାଦ ପର୍ବତରୁ ବାହାରି ୫୩ କି:ମି ପରେ ସିମିଳିଆ ଗ୍ରାମ ଠାରେ ବୈତରଣୀ ନଦୀରେ ମିଶିଅଛି।

୮) **ସମାକୋଇ :** ହୁଣ୍ଡା ଗ୍ରାମର କୁଟେଇଶୁଣୀ ଠାରୁ ବାହାରି ତେଲକୋଇ ଦେଇ ଢେଙ୍କାନାଳରେ ପ୍ରବେଶ କରି ବ୍ରାହ୍ମଣୀ ନଦୀରେ ମିଶିଛି । କେନ୍ଦୁଝରରେ ଏହାର ଦୈର୍ଘ୍ୟ ୫୦ କି:ମି:

୯) **ମାଛକାନ୍ଦଣା :** ବାରରାଶି ପର୍ବତରୁ ବାହାରି ପଳାଶପଙ୍ଗା ଠାରେ ଅରଡେଇ ନଦୀରେ ମିଶିଛି । ଏବେ ବଡ ଘାଘରା ଠାରେ ଏକ ବନ୍ଧ ହେବାରୁ ଏହାର ସ୍ରୋତ କମିଯାଇଛି ।

୧୦) **ରେମାଳ :** କାଳିଆହତାରୁ ବାହାରି ଢେଙ୍କାନାଳ ଜିଲ୍ଲାରେ ପ୍ରବେଶକରି ବ୍ରାହ୍ମଣୀ ନଦୀରେ ମିଶିଅଛି ।

୧୧) **କାରୋ :** ସୁନ୍ଦରଗଡ ଜିଲ୍ଲାରୁ ବାହାରି ଚମ୍ପୁଆ ସବ୍‌ଡିଭିଜନ୍ ଦେଇ ବିହାର ପ୍ରଦେଶକୁ ପ୍ରବେଶ କରିଛି । ଏହା ନିକଟରେ ବଡବିଲ୍ ଶିଳ୍ପାଞ୍ଚଳ ଅବସ୍ଥିତ ।

୧୨) **ଶାଳନ୍ଦୀ :** ମୟୁରଭଞ୍ଜ ଜିଲ୍ଲାର ଶିମୁଳିପାଳ ପର୍ବତରୁ ବାହାରି ଆନନ୍ଦପୁରର ଚମ୍ପାପାଲି ଗ୍ରାମରେ ପ୍ରବେଶ କରିଅଛି । ପତିଆର୍ଗୀପଲ୍ଲୀ ଓ ସୋସୋ ଗ୍ରାମଦେଇ ଭଦ୍ରକ ଜିଲ୍ଲାରେ ପ୍ରବେଶ କରିଛି। ଏସବୁ ବ୍ୟତୀତ ସାପୁଆ, ଭିରଳ ଓ ଦେଓନଦୀ ମଧ୍ୟ ଏ ଜିଲ୍ଲାରେ ପ୍ରବାହିତ ହୋଇ ଏ ମାଟିର ସେବାରେ ଲାଗିଛନ୍ତି।

ପାହାଡ ପର୍ବତ:

ଏ ଜିଲ୍ଲାରେ ବହୁ ପାହାଡପର୍ବତ ରହିଅଛି। ସେସବୁଥିରେ ବିଭିନ୍ନ ଧାତବ ପଦାର୍ଥ ଓ ବହୁ ମୂଲ୍ୟବାନ ବୃକ୍ଷ ସମ୍ପଦ ରହିଅଛି । ସେଥି ମଧ୍ୟରୁ :

Digitized by PPRACHIN, SOA

୧) ଗନ୍ଧମାଦନ	ଏହାର ଉଚ୍ଚତା ୩୪୭୯ ଫୁଟ୍	୧,୦୬୦ ମିଟର
୨) ମାଙ୍କଡନଚା	ଏହାର ଉଚ୍ଚତା ୩୬୩୯ ଫୁଟ୍	୧,୧୧୭ ମିଟର
୩) ଗୋନାସିକା	ଏହାର ଉଚ୍ଚତା ୩୨୧୯ ଫୁଟ୍	୦,୯୭୮ ମିଟର
୪) ଠାକୁରାଣୀ	ଏହାର ଉଚ୍ଚତା ୩୯୧୩ ଫୁଟ	୦,୯୧୫ ମିଟର
୫) ଟମକା	ଏହାର ଉଚ୍ଚତା ୨୫୭୭ ଫୁଟ	୦,୬୮୫ ମିଟର
୬) ବୋଲାଟ	ଏହାର ଉଚ୍ଚତା ୧୧୦୦ ଫୁଟ	୦,୫୫୪ ମିଟର
୭) ଖଜାରୁ ବାଘକୁରା :	ଏହାର ଉଚ୍ଚତା ୩୦୧୨ ଫୁଟ	୦,୯୧୮ ମିଟର
୮) ରଙ୍ଗା	ଏହାର ଉଚ୍ଚତା ୨୯୪୪ ଫୁଟ	୦,୮୯୭ ମିଟର
୯) ମହାପର୍ବତ	ଏହାର ଉଚ୍ଚତା ୨୩୫୦ ଫୁଟ	୦,୬୧୬ ମିଟର
୧୦)ଖଣ୍ଡାଧାର	ଏହାର ଉଚ୍ଚତା ୩୦୬୦ ଫୁଟ	୦,୯୧୫ ମିଟର
୧୧)ସୀତାବିଞ୍ଜି	ଏହାର ଉଚ୍ଚତା ୨୨୦୦ ଫୁଟ	୦,୬୭୦ ମିଟର
୧୨)ମେଘନାଦ	ଏହାର ଉଚ୍ଚତା ୩୪୬୦ ଫୁଟ୍	୧୦୧୦ ମିଟର

୧୩) ଚକ୍ରତୀର୍ଥ ବା ବଉଳା ପର୍ବତ : ଏହାର ଉଚ୍ଚତା ୬୦୦ଫୁଟ ୧୮୩ ମିଟର ଆନନ୍ଦପୁର ଠାରୁ ଉତ୍ତର ପୂର୍ବ ଦିଗକୁ ୧୬ କି:ମି: ଯିବା ପରେ ଚକ୍ରତୀର୍ଥ ପର୍ବତ । ଏଠାରେ ବହୁ ବୌଦ୍ଧ ଓ ଜୈନ କଳା ଦେଖିବାକୁ ମିଳେ। ଋଷଭନାଥଙ୍କର ଏକ ମୂର୍ତ୍ତି ଓ ଦେବୀ ଗଡଚଣ୍ଡି ଏଠାରେ ଏବେବି ପୂଜାପାଆନ୍ତି।

ଏ ଜିଲ୍ଲାର ମୁଖ୍ୟ ଫସଲ ଧାନ ଏବଂ ମକା। ଅନ୍ୟାନ୍ୟ ଫସଲ ମଧ୍ୟରେ ରାଶି, ସୋରିଷ ଓ ଆଖୁ ମୁଖ୍ୟ ଅଟେ। ରାଶି ଉତ୍ପାଦନରେ କେନ୍ଦୁଝରର ସ୍ଥାନ ସ୍ୱତନ୍ତ୍ର।

ଏ ଜିଲ୍ଲାରେ ଜୁଆଙ୍ଗ ସର୍ବ ପ୍ରାଚୀନ ମଣିଷ ଜାତି। ଏଠାରେ ଆଦିବାସୀଙ୍କ ସଂଖ୍ୟା ଅଧିକ। ଏମାନଙ୍କ ମଧ୍ୟରେ ଭୂୟାଁ, ଭୂମିଜ, ସାଉଁତି, ବାଥୁଡି, କୋହ୍ଲ, ସାନ୍ତାଳ, ଶବର, ଗଣ୍ଡ ଆଦି ଏ ମାଟିର ଦାୟାଦ ବୋଲି ନିଜକୁ ଗର୍ବ କରନ୍ତି । ଏମାନଙ୍କ ବ୍ୟତୀତ ଗଉଡ, ବ୍ରାହ୍ମଣ, ଗୁଡିଆ, ମାଳି, ପାଟରା, କଂସାରୀ, ନହରା, ଚଷା, ତେଲି, ରାଡି, କୁଡିମି, ପାଣ, ଡମ, ଘାସି, ଖଣ୍ଡାୟତ, କରଣ ଆଦି ବିଭିନ୍ନ

Digitized by PPRACHIN, SOA

ଜାତିର ଲୋକ ବସବାସ କରନ୍ତି । ଏମାନଙ୍କ ମଧ୍ୟରୁ ଗଉଡ ଓ ଗଣ୍ଡ ମାନଙ୍କ ସଂଖ୍ୟା ସର୍ବାଧିକ । ଏଠାରେ ମୁସଲମାନ, ଶିଖ ଓ ଖ୍ରୀଷ୍ଟିୟାନ୍ ସଂପ୍ରଦାୟର ଲୋକ ମଧ୍ୟ ବସବାସ କରନ୍ତି ।

ପର୍ବ ପର୍ବାଣୀ, ଓଷାବ୍ରତ, ଯାନିଯାତ୍ରା :

ଏଠାକାର ଅଧିବାସୀ ମାନେ ଅନେକ ଦେବଦେବୀ ଉପାସନା କରନ୍ତି । ମୁଖ୍ୟ ଦେବୀ ତାରିଣୀ ଓ ମୁଖ୍ୟ ଦେବତା ବଳଦେବ । ଦୁଇ ଦେବଦେବୀଙ୍କି ସମସ୍ତ ଗୋଷ୍ଠିର ଲୋକେ ରାଷ୍ଟ୍ର ଦେବୀ ଓ ରାଷ୍ଟ୍ର ଦେବତାର ସମ୍ମାନ ଦିଅନ୍ତି । ତାରିଣୀ ଠାକୁରାଣୀ ଜିଲ୍ଲାର ଘଟଗାଁ, ଓରିଆ, ନୟାଗଡ, ପୁରୁଣା ରାଜବାଟି ଓ କପୁଣ୍ଡି ଆଦି ଅନେକ ସ୍ଥାନରେ ପୂଜା ପାଆନ୍ତି । ପ୍ରତିବର୍ଷ ପଣା ସଂକ୍ରାନ୍ତି ଦିନ ଏ ଦେବୀଙ୍କର ପୀଠ ସ୍ଥାନରେ ଉତ୍ସବ ମାନ ପାଳିତ ହୁଏ । ଏ ଦେବୀଙ୍କି ଶବର (କନ୍ଧ), ସାଉଁତି ଓ ଭୂୟାଁ ପୂଜକ ମାନେ ପୂଜା କରନ୍ତି ।

ଜିଲ୍ଲାର ରାଷ୍ଟ୍ର ଦେବତା ବଳଦେବ। ତାଙ୍କୁ ଏଠାରେ 'ବଡ ଠାକୁର' ବୋଲି କୁହାଯାଏ। କେନ୍ଦୁଝରଗଡ, ରାଜନଗର ଓ ଆନନ୍ଦପୁରରେ ଏହାଙ୍କର ମନ୍ଦିର ଅଛି। ପ୍ରତିବର୍ଷ ଆଷାଢ ମାସରେ ଏହାଙ୍କର ବିଶାଳ ରଥ (୪୦ ହାତ ଉଚ୍ଚ) ଦେଖିବାକୁ ପୁରୁଣା ସହର ଓ ଆନନ୍ଦପୁର ବଡଦାଣ୍ଡ'ରେ ଅନେକ ଲୋକ ଭିଡ ଜମାନ୍ତି।

ଏହାଙ୍କ ବ୍ୟତୀତ ପ୍ରାୟତଃ ଅଧିକାଂଶ ଗ୍ରାମରେ ଶିବଙ୍କର ଲିଙ୍ଗ ପୂଜା ହୁଏ । ଏଠି ଶତାଧିକ ଶିବ ମନ୍ଦିର ଦେଖିବାକୁ ମିଳେ। ଅସନପାଟର ନଟରାଜ, ପୁରୁଣା ସହରର ବନବିହାରୀ, ଆନନ୍ଦପୁରର କୁଶଳେଶ୍ୱର, ନୟାଗଡର ମୁକ୍ତେଶ୍ୱର, ବାଣକାଣ୍ଡର ବାଣେଶ୍ୱର ବହୁ ଦିନରୁ ପୂଜା ପାଇ ଆସୁଛନ୍ତି। ପ୍ରତିବର୍ଷ ସମସ୍ତ ଶିବ ମନ୍ଦିରରେ ଜାଗର ଯାତ୍ରା ଓ ମକରଯାତ୍ରା ପାଳିତ ହୁଏ । ବୈତରଣୀ ନଦୀ କୂଳରେ ଶହେ ଆଠ ଶିବ ଲିଙ୍ଗ ପୂଜା ପାଉ ଥିବାର ପ୍ରବାଦ ଅଛି । ତେଣୁ କେନ୍ଦୁଝରକୁ ଶୈବପୀଠ ବୋଲି କୁହାଯାଏ। ଶିବ ହେଉଛନ୍ତି ସ୍ୱୟଂ ବଳରାମ ବା ବଳଭଦ୍ର । ତେଣୁ ଏଠାକାର ବଡଠାକୁର ଜଗନ୍ନାଥ ନ ହୋଇ ବଳଭଦ୍ର ହୋଇଛନ୍ତି ।

ବାରମାସକୁ ତେର ପର୍ବ। ବିଭିନ୍ନ ଜାତିର ଲୋକେ ବିଭିନ୍ନ ପର୍ବ ପର୍ବାଣୀ ଓ ଓଷାବ୍ରତ ପାଳନ କରନ୍ତି। ସେଥିମଧ୍ୟରୁ ରଜ, ମକର, ଦୋଳ, ରଥଯାତ୍ରା,

Digitized by PPRACHIN, SOA

ପ୍ରଥମାଷ୍ଟମୀ, ପଣାସଂକ୍ରାନ୍ତି ମୁଖ୍ୟ। ଜିଲ୍ଲାର ସମସ୍ତ ଗ୍ରାମରେ ରଜଉତ୍ସବ ତିନିଦିନରୁ ଚାରିଦିନ ଧରି ପାଳିତ ହୁଏ । ବିଭିନ୍ନ କିସମର ଦୋଳି ତିଆରି କରି ନୂଆ ଲୁଗା ପିନ୍ଧି ଗୀତ ବୋଲି ମାଛ ମାଂସରେ ପର୍ବଟିକୁ ପାଳନ କରାଯାଏ । ବଉଳାର ଚକ୍ରତୀର୍ଥ, ସୀତାବିଞ୍ଜୀ, ବଡବିଲ (ସାହାରପଡା) ଓ ନାରଙ୍ଗ ପୁରରେ ରଜ ଯାତ୍ରା ହୁଏ। ମକର ସଂକ୍ରାନ୍ତି ଠାରୁ ନଅ ଦିନ ଧରି ଜିଲ୍ଲାର ବିଭିନ୍ନ ଶିବ ମନ୍ଦିର ମାନଙ୍କରେ ତଥା ବୈତରଣୀ କୂଳରେ ମହୋତ୍ସବ ପାଳିତ ହୁଏ। ବୈତରଣୀର ବ୍ରହ୍ମକୁଣ୍ଡ, କେଶରୀକୁଣ୍ଡ ଓ ଭୀମକୁଣ୍ଡରେ ବୁଡ ପକାଇ ମକର ଚାଉଳ ଖୁଆଖୋଇ ହୋଇ ମକର ବସନ୍ତି । ନୂଆ ଲୁଗାପଟା, ପିଠାପଣା ଓ ବନ୍ଧୁବାସରେ ଉତ୍ସବଟି ମୁଖରିତ ହୋଇଉଠେ। ଦୋଳଯାତ୍ରା ବେଳକୁ ଗଉଡମାନେ ମେଳନ ଉତ୍ସବ ପାଳନ କରନ୍ତି। ସବୁ ଗୋଷ୍ଠିର ଲୋକେ ହୋରି ଉତ୍ସବରେ ଭାଗ ନିଅନ୍ତି । ଆଷାଢ ମାସରେ ଗୁଣ୍ଡିଚା ଯାତରା ହୁଏ। ପୁରୁଣା ବଜାର, ଆନନ୍ଦପୁର ଓ ରାଜନଗରରେ ବଡଧରଣର ରଥଯାତ୍ରା ହୁଏ । ମହାବିଷୁବ ବା ପଣା ସଂକ୍ରାନ୍ତି ଏ ଜିଲ୍ଲାର ଅନ୍ୟ ଏକ ପର୍ବ । ଘରେ ଘରେ ପଣା ହୁଏ। ପାଳୁଅ ପଣା ଏ ଜିଲ୍ଲାର ସ୍ୱାତନ୍ତ୍ର୍ୟ ବହନ କରେ। ବିଭିନ୍ନ ଦେବୀ ପୀଠ ଯଥା- ଘଟଗାଁ, ଜ୍ୟୋତିପୁର, ଅସନପାଟ, ଚମକପୁର, ନୟାଗଡ ଆଦି ସ୍ଥାନରେ ଯାତରା ଲାଗି ରହେ- ଉଡା ପର୍ବ ପାଳିତ ହୁଏ।

ଅନ୍ୟାନ୍ୟ ପୂଜା ମଧ୍ୟରେ ଦୁର୍ଗା ପୂଜା, କାଳି ପୂଜା, ରାସ ପୂଜା, ଖୁଦୁରୁକୁଣୀ ଓଷା, ଭାଲୁକାଣୀ ଓଷା, ଗୌରୀ ଓଷା, ବିଶିରି ଓଷା, ଧବଳେଶ୍ୱରଙ୍କ ବଡ ଓଷା, ଦ୍ୱିତୀୟା ଓଷା, ମାଣବସା ଗୁରୁବାର ଓ ଠୁସୁ ଆଦି ବାରବ୍ରତ ତେର ଓଷା ପାଳିତ ହୋଇଥାଏ ।

ଦର୍ଶନୀୟ ସ୍ଥାନ :

କେନ୍ଦୁଝର ଜିଲ୍ଲାର ଅନେକ ସ୍ଥାନ ଦର୍ଶକମାନଙ୍କର ନୟନମନ ଆକର୍ଷଣ କରିଥାଏ । ଏଥି ମଧ୍ୟରୁ କେତେକ ଦେବଦେବୀ ପୀଠ ଓ ଅନ୍ୟ କେତେକ ପ୍ରାକୃତିକ ସୌନ୍ଦର୍ଯ୍ୟ ମଣ୍ଡିତ। ସେ ସବୁ ସ୍ଥାନ ଓ ପୀଠ ବିଷୟରେ ସାଧାରଣ ଧାରଣା ଦିଆଗଲା। କେନ୍ଦୁଝରକୁ ପୂର୍ବେ ଅପର କେନ୍ଦୁଝର ଓ ଲୋଓର କେନ୍ଦୁଝର- ଏଭଳି ଦୁଇ ଭାଗରେ ବିଭକ୍ତ କରାଯାଇଥିଲା। ଏବେ ଏହାକୁ ତିନିଗୋଟି ସବ୍ ଡିଭିଜନରେ ବିଭକ୍ତ କରାଯାଇଛି। ଯଥା : ସଦର, ଚମ୍ପୁଆ ଓ ଆନନ୍ଦପୁର ।

Digitized by PPRACHIN, SOA

ସଦର ସବ୍‌ଡିଭିଜନର ଦର୍ଶନୀୟ ସ୍ଥାନ :

ଏହି ସବ୍‌ଡିଭିଜନଟି ବାଂଶପାଳ, ସଦର, ଘଟଗାଁ, ତେଲକୋଇ, ହରିଚନ୍ଦନପୁର, ପାଟଣା, ସାହାରପଡା ବ୍ଲକ୍ ଓ କେନ୍ଦୁଝରଗଡ ପୌରପଳିକାକୁ ନେଇ ଗଠିତ ।

ବାଂଶପାଳ ବ୍ଲକ୍ : ଏହା ୨୧ଟି ଗ୍ରାମ ପଞ୍ଚାୟତ ଓ ୧୬୨ ଟି ଛପରି ଓ ୧୬ ଟି ବେଛପରି ମୋଟ ୧୭୮ଟି ଗ୍ରାମକୁ ନେଇ ଗଠିତ। ପ୍ରକୃତିଦତ୍ତ ନୈସର୍ଗିକ ଶୋଭାର ଗନ୍ତାଘର ବାଂଶପାଳ ବ୍ଲକ । ଏହାକୁ ପ୍ରପାତ ମାଳିନୀ ଓ ପ୍ରାଚୀନ ନଗର ସଭ୍ୟତାର ସହର କହିଲେ ଭୁଲ ହେବ ନାହିଁ । ପୁରାତନ କାଳରେ ଏହି ବ୍ଲକର ନୟକୋଟ, କଟୀରାଗଡ ଓ ତରମାକାନ୍ତ ଆଦି ଅଞ୍ଚଳରେ ରାଜାମାନେ ଗଡ କରି ରହୁଥିବାର ପ୍ରବାଦ ଅଛି । ପ୍ରାଚୀନ ଯୁଗର ଧ୍ୱଂସାବଶେଷ ମଧ୍ୟ ଏ ସବୁ ଅଞ୍ଚଳରେ ଦେଖିବାକୁ ମିଳିଥାଏ ।

ଏହି ବ୍ଲକର ଖଣ୍ଡାଧାର (ତିନିଶହ ଫୁଟ ଉଚ୍ଚର ଜଳ ପ୍ରପାତ, କେନ୍ଦୁଝର ଗଡ ଠାରୁ ୬୩ କି:ମି: ଦୂରରେ ଅବସ୍ଥିତ) ବଡ ଘାଗରା, ସାନ ଘାଗରା (୯୦ ଫୁଟ ଉଚ୍ଚତା), ରାକାମ୍ (କେନ୍ଦୁଝରଗଡ ଠାରୁ ୭୦ କି:ମି: ଦୂର/ ଉଚ୍ଚତା ପ୍ରାୟ ୩୫ ଫୁଟ), କୁଣ୍ଡପାଣି (କେନ୍ଦୁଝରଗଡ ଠାରୁ ୫୫ କି:ମି: ଦୂର/ ଉଚ୍ଚତା ୫୦ ଫୁଟ), ଝିଲ୍ଲୀ ପାଣି (କେନ୍ଦୁଝର ଗଡଠାରୁ ୪୦ କି:ମି: ଦୂର/ ଉଚ୍ଚତା ୫୦ ଫୁଟ), ମୁକ୍ତା ପାଣି (କେନ୍ଦୁଝର ଗଡଠାରୁ ୩୦ କି:ମି: ଦୂର/ ଉଚ୍ଚତା ୨୦ ଫୁଟ) ଆଦି ଜଳପ୍ରପାତ ରହିଅଛି ।

ଗୋନାସିକାର ଶିବମନ୍ଦିର ଓ ଗୁପ୍ତଗଙ୍ଗା : ଆଦ୍ୟ ବୈତରଣୀର ଦୃଶ୍ୟ ଆମର ପ୍ରାଚୀନ ସଂସ୍କୃତି ଓ ସଭ୍ୟତାକୁ ସ୍ମରଣ କରାଇ ଦିଏ । ଏହିଠାରେ ଯଯାତି କେଶରୀ ଯଜ୍ଞ କରିଥିବା ଅନୁମାନ କରାଯାଏ। ଲୋକେ ଏହି କଥାକୁ ବ୍ରହ୍ମା ବ୍ରହ୍ମକୁଣ୍ଡରେ ଯଜ୍ଞ କରିଥିଲେ ବୋଲି ବିଶ୍ୱାସ କରନ୍ତି। ଶୁଆକାଟୀର ପାଟେଶ୍ୱର ମହାଦେବ ବହୁ ପୁରାତନ ଦେବତା।

ତେଲେକୋଇ ବ୍ଲକ୍ : ଏହି ବ୍ଲକଟି ୨୨ଟି ଗ୍ରାମ ପଞ୍ଚାୟତ ଓ ୧୪୯ଟି ଗ୍ରାମକୁ ନେଇ ଗଠିତ। ଏହା ଚାରିଗଡ ନାମରେ କଥିତ। ଓରିଆ ତାରିଣୀ ଓ ରେକୁଟି ଗ୍ରାମର ସ୍ତମ୍ଭେଶ୍ୱରୀ ଆମ ଐତିହ୍ୟ ଓ ସଂସ୍କୃତିକୁ ସ୍ମରଣ କରାଇ ଦିଅନ୍ତି। ବିଂଝବାହାଳ ନିକଟବର୍ତ୍ତୀ ସରୁଆଳି ଗ୍ରାମରେ ଏକ ପ୍ରାଚୀନ ଗଡର ଭଗ୍ନାବଶେଷ ରହିଅଛି।

Digitized by PPRACHIN, SOA



ଘଟଗାଁ ବ୍ଲକ : ଏହା ୧୪୨ ଟି ଗ୍ରାମ ଓ ୨୬ ଟି ଗ୍ରାମପଞ୍ଚାୟତକୁ ନେଇ ଗଠିତ । କେନ୍ଦୁଝରଗଡ ଠାରୁ ୫୦ କି:ମି: ଦୂରରେ ଘଟଗାଁର ମା' ତାରିଣୀ ପୀଠ । ଏହାର ଅନତି ଦୂରରେ ବାଣକାଣ୍ଡର ଶିବ ମନ୍ଦିର, ସୀତାବିଞ୍ଜିର ଶିଳାଲେଖ, ଚତୁର୍ମୁଖ ବ୍ରହ୍ମା, ସୀତା ଠାକୁରାଣୀଙ୍କର ଏନ୍ତୁଡିଶାଳ । ଖ୍ରୀ:ଅ: ୭ମ ଶତାବ୍ଦୀରେ ବୌଦ୍ଧ ସନ୍ୟାସୀ ନାଗାର୍ଜୁନ ନାଗଦେବୀ ତାରିଣୀ ଠାକୁରାଣୀଙ୍କୁ ପୂଜା କରୁଥିଲେ । ସେ ଘଟଗାଁ ନିକଟରେ ଥିବା ଅର୍ଜ୍ଜୁନବିଲା ଗ୍ରାମରେ ରହୁଥିବା ଅନୁମାନ କରାଯାଏ । ବାଣକାଣ୍ଡର ଶିବ ମନ୍ଦିର ଏ ଜିଲ୍ଲାର ଏକ ପୁରାତନ ଓ କମନୀୟ ମନ୍ଦିର ଅଟେ । ସୀତାବିଞ୍ଜିରୁ 'ବେଣ୍ୟ' ନାମାଙ୍କିତ ପ୍ରାଚୀନ ମୁଦ୍ରା ଓ ଶିବ ଉପାସକ ମାନଙ୍କର ନାଗ, ଡମ୍ବରୁ,

Digitized by PPRACHIN, SOA

ତ୍ରୀଶୂଳ ଆଦି ମିଳୁଅଛି । ବେଣୁ ନାମକ ଏକ ସାମନ୍ତରାଜା କିମ୍ବା ଗୁପ୍ତବଂଶର ଶେଷରାଜା ବେଣୁଗୁପ୍ତଙ୍କ ଦ୍ୱାରା ଏହି ଅଞ୍ଚଳଟି ଶାସିତ ହେଉଥିବା ଅନୁମାନ କରାଯାଏ ।

ସୀତାବିଞ୍ଜିରେ ଏକଦା ବିନ୍ଧ୍ୟାଟବୀ ରାଜଦୁର୍ଗ ଓ ପରେ ଶୈବଧର୍ମର ପୀଠ ଥିଲା । ସୀତାବିଞ୍ଜିର ସୀତା ଠାକୁରାଣୀ ଓ ଘଟଗାଁର ଦ୍ୱାରଶୁଣୀଙ୍କ ଗଠନ ପ୍ରଣାଳୀରେ ସାମ୍ୟ ଅଛି । ଏହି ଅଞ୍ଚଳ ଦୁଇଟିରେ ଶାବରୀୟ ସଂସ୍କୃତି ଅଦ୍ୟାବଧି ରହିଅଛି ।

ବାର୍‌ହାଟିପୁରାର ଶିବ ମନ୍ଦିର ଆଉ ଏକ ଦର୍ଶନୀୟ ସ୍ଥାନ । ଏଠାକାର ଶିବଲିଙ୍ଗ ଶବର ଓ ବ୍ରାହ୍ମଣ ଉଭୟଙ୍କ ଦ୍ୱାରା ପୂଜିତ ହୁଅନ୍ତି । ଏକାଦଶ କିମ୍ବା ଦ୍ୱାଦଶ ଶତାବ୍ଦୀ ବେଳକୁ ଏହି ଅଞ୍ଚଳରେ ବରାହ ବଂଶୀ ଶାସକ ମାନଙ୍କର ଆଧିପତ୍ୟ ଥିବା ଅନୁମିତ ହୁଏ । ଏହି ବ୍ଲକର ଗୁଣ୍ଡିଚାଘାଗି ଏକ କ୍ଷୁଦ୍ର ଜଳ ପ୍ରପାତ । ସ୍ଥାନଟି ଖୁବ୍ ରମଣୀୟ ଓ ଦର୍ଶନୀୟ ।

ହରିଚନ୍ଦନପୁର ବ୍ଲକ : ଏହା ୨୧୯ ଟି ଛପରି ଓ ୫ ଟି ବେଛପରି ମୋଟ ୨୨୪ଟି ଗ୍ରାମ ଓ ୨୫ଟି ଗ୍ରାମ ପଞ୍ଚାୟତକୁ ନେଇ ଗଠିତ । ଏହି ବ୍ଲକରୁ ଆନନ୍ଦପୁର ଓ ବ୍ରାହ୍ମଣୀପାଳକୁ ଯାଇଥିବା ରାସ୍ତା ମଧ୍ୟରେ ଶଗଡପଟା ଗ୍ରାମରେ ଦାନ୍ତୁଆଣୀ ଦେବୀଙ୍କ ପୀଠ ଅବସ୍ଥିତ । ଏହି ଦେବୀଙ୍କର ମୁଖ୍ୟ ପୂଜକ ଆଦିବାସୀ ଗଣ୍ଡ ବ୍ୟକ୍ତି ଅଟନ୍ତି । ଏ ଦେବୀଙ୍କର ଆକୃତି ଘଟଗାଁର ଦ୍ୱାରଶୁଣି ଓ ସୀତାବିଞ୍ଜିର ସୀତାଠାକୁରାଣୀଙ୍କ ପରି । ଏହି ବ୍ଲକର ହୁଣ୍ଡାପୀଡ ଏକ ଐତିହାସିକ ସ୍ଥାନ । ଏଠାରେ ମହାପୀଠରେ ମହାପାଟ ମାଟିହାଣ୍ଡିଭିତରେ ରହି ଭୂୟାଁଦେହୁରୀ ଦ୍ୱାରା ପୂଜାପାଆନ୍ତି । ଢେଙ୍କାନାଳ କେନ୍ଦୁଝର ଯୁଦ୍ଧରେ (ଖ୍ରୀ: ୧୬୮୧) ଗଡପଳାଶୁଣିଠାରୁ ଅଣାଯାଇଥିବା ଶ୍ରୀଦଧିବାମନଜୀଉ ଏଠାରେ ରହି ଢେଙ୍କାନାଳିଆ ବ୍ରାହ୍ମଣମାନଙ୍କ ଦ୍ୱାରା ଅଦ୍ୟାବଧି ପୂଜା ପାଉଛନ୍ତି । ଏହି ବ୍ଲକର ଚନ୍ଦନଗିରି ଏକ ରମଣୀୟ ଦର୍ଶନୀୟ ସ୍ଥାନ ।

ସାହାରପଡା ବ୍ଲକ : ଏହା ୧୩୯ଟି ଗ୍ରାମ ଓ ୨୦ ଟି ଗ୍ରାମ ପଞ୍ଚାୟତକୁ ନେଇ ଗଠିତ । ବଡବିଲ ଗ୍ରାମର ଦ୍ରୌପଦୀ ଠାକୁରାଣୀ । ଏଠାରେ ପ୍ରତିବର୍ଷ ରଜ ସଂକ୍ରାନ୍ତିରେ ପୂଜା ହୁଏ - ଯାତ୍ରା ବି ହୁଏ । ଉଦୟପୁରର ଗଡଚଣ୍ଡି, ଦ୍ୱାରଶୁଣୀ ଓ କପୁଣ୍ଡିର ତାରିଣୀ ଆମ ଐତିହ୍ୟକୁ ସ୍ମରଣ କରାଇ ଦିଅନ୍ତି ।

Digitized by PPRACHIN, SOA

ପାଟଣାବ୍ଲକ୍ : ଏହା ୧୫୩ଟି ଗ୍ରାମ ଓ ୨୦ଟି ଗ୍ରାମ ପଞ୍ଚାୟତକୁ ନେଇ ଗଠିତ। ଭୀମକୁଣ୍ଡ ବୈତରଣୀ ନଦୀର ଏକ ଦର୍ଶନୀୟ ସ୍ଥାନ । ପ୍ରତିବର୍ଷ ଏହିଠାରେ ମକର ମେଳା ହୁଏ। ରାଜ ନଗରର ଦଧିବାମନ ଓ କାର୍ତ୍ତିକ ମୂର୍ତ୍ତି ପାଇଁ କେନ୍ଦୁଝର ଗୌରବାନ୍ୱିତ। ବୈତରଣୀ କୂଳରେ ରାମାନୁଜ ସମ୍ପ୍ରଦାୟର ଶ୍ରୀ ରଘୁନାଥଜୀଉ ମନ୍ଦିରଟି ଭାଙ୍ଗିଯିବାରୁ ପରବର୍ତ୍ତୀକାଳରେ ଅନ୍ୟ ଏକ ମନ୍ଦିର ନିର୍ମିତ ହୋଇଛି।

ସଦରବ୍ଲକ : ଏହା ୨୨୫ଟି ଗ୍ରାମ ଓ ୨୪ ଟି ଗ୍ରାମପଞ୍ଚାୟତକୁ ନେଇ ଗଠିତ। ପଳାଶପଙ୍ଗା ଗ୍ରାମଠାରେ ସଛେଇ ଭଞ୍ଜ ହୁଡି। ଏଠାରେ ବୁଦ୍ଧଦେବଙ୍କ ପୀଠ। କେନ୍ଦୁଝରର ରାଜପୁତ୍ର ଶାନ୍ତିଦେବ ବା ସଛଭଞ୍ଜ ବୌଦ୍ଧଧର୍ମ ଗ୍ରହଣକରି ବହୁଦେଶ ଭ୍ରମଣ କରିଥିଲେ। ମଗଧର ସେନାପତି ଓ ନାଳନ୍ଦାର ଆଚାର୍ଯ୍ୟ ହୋଇସାରି ଜୀବନର ଶେଷକାଳରେ ଏହିଠାରେ ସମୟ ବିତାଇଥିବା ଅନୁମାନ କରାଯାଏ। ଘୁଟୁରୁ ଗ୍ରାମର ତାରାମୂର୍ତ୍ତି ବା ଭଞ୍ଜ ପାଟ ଆମ ପୂର୍ବ ଇତିହାସର ପ୍ରାଚୀନତା ସୂଚାଇ ଦିଏ। ହାଣ୍ଡିଭଙ୍ଗାର ଫକୀରପୁର ଏକ ଐତିହାସିକ ସ୍ଥାନ। ଏଠାରେ ଗୋଟିଏ ଭଗ୍ନ ମନ୍ଦିରରୁ ଅନେକ ଗୁଡିଏ ଶିବଲିଙ୍ଗ ଓ ୫ ଗୋଟି ଉମାମହେଶ୍ୱର ମୂର୍ତ୍ତି ମିଳିଅଛି। ସୁଖାସନରେ ଥିବା ଶିବ ଚତୁର୍ଭୁଜ ଓ ପାର୍ବତୀ ଦ୍ୱିଭୁଜା। ଖିରେଇଟାଙ୍ଗିରୀ ନିକଟସ୍ଥ ଧାନବେଣୀ ଏକ ଚମତ୍କାର ମହିମାପୀଠ।

କେନ୍ଦୁଝରଗଡ ମ୍ୟୁନିସିପାଲିଟି :

ଯାହାକୁ ଆମେ କେନ୍ଦୁଝରଗଡ ବୋଲି କହୁ ତାହା ଆମ ଜିଲ୍ଲାର ଐତିହ୍ୟ ଓ ସଂସ୍କୃତିର କେନ୍ଦ୍ରସ୍ଥଳ। ଏଠାରେ ପୁରୁଣା ରାଜଦୁର୍ଗ ବଳଦେବଙ୍କ ୯୦ ହାତ ଉଚ୍ଚର ମନ୍ଦିର, ସିଦ୍ଧମଠ, ସିଦ୍ଧ ଜଗନ୍ନାଥ, ସିଦ୍ଧକାଳି, ଏକାମ୍ରବନବିହାରୀଙ୍କ ପ୍ରାଚୀନ ମନ୍ଦିର ବିଦ୍ୟମାନ। ବଡଦେଉଳରେ ବଳଦେବଙ୍କ ଭଉଣୀ ସୁଭଦ୍ରା। ମୁହଁର ରଙ୍ଗ କୁଙ୍କୁମ ବର୍ଣ୍ଣ। ମନ୍ଦିର ଓ ରାଜଦୁର୍ଗର ମୁଖଶାଳାର ମୁହଁ ଦକ୍ଷିଣ ଆଡକୁ। ସିଦ୍ଧ ଜଗନ୍ନାଥଙ୍କ ଏକାକୀ ବିଗ୍ରହ, ତାଙ୍କ ଅରୁଣ ଖମ୍ବରେ ହନୁମାନ ଓ ନିକଟରେ ଦକ୍ଷିଣମୁଖୀ କାଳି ଓ ସିଦ୍ଧ ହନୁମାନ ମୂର୍ତ୍ତି ଅଛନ୍ତି। ଏକାମ୍ରବନବିହାରୀ (ଦିଗମ୍ବରଭୂତେଶ୍ୱର) ଙ୍କ ମନ୍ଦିର ସବୁଠାରୁ ପ୍ରାଚୀନ। ମନ୍ଦିରରେ ପୂଜିତ ଚତୁର୍ଭୁଜ ଉଲଗ୍ନ ଧ୍ୟାନସ୍ଥ ପ୍ରତିମା ବିଗ୍ରହ ଖୁବ୍ ଆକର୍ଷଣୀୟ। ଜୈନ ସେବିତ ସର୍ବେଶ୍ୱର ମୂର୍ତ୍ତି ସମ୍ଭବତଃ ବରାହଶାସନ ପୂର୍ବରୁ ପ୍ରତିଷ୍ଠିତ। ଭୌମକର ଶାସନ କାଳରେ ନିର୍ମିତ ମୁକ୍ତେଶ୍ୱର ମନ୍ଦିରଟି ଅକ୍ଷତ ଅବସ୍ଥାରେ ଏବେବି ଦଣ୍ଡାୟମାନ।

Digitized by PPRACHIN, SOA

ଚମ୍ପୁଆ ସବ୍‌ଡିଭିଜନ୍ :

ଏହି ସବ୍‌ଡିଭିଜନ୍‌ଟି ଚମ୍ପୂଆ ବ୍ଲକ୍, ଯୋଡାବ୍ଲକ, ଯୋଡା ପୌରାଞ୍ଚଳ, ବଡବିଲ ପୌରାଞ୍ଚଳ ଓ ଝୁମ୍ପୁରା ବ୍ଲକ୍‌କୁ ନେଇ ଗଠିତ ।

ଚମ୍ପୁଆ ବ୍ଲକ୍ : ଏହା ୧୫୧ ଟିଗ୍ରାମ ଓ ୨୩ଟି ଗ୍ରାମପଞ୍ଚାୟତକୁ ନେଇ ଗଠିତ। ଜ୍ୟୋତିପୁର, ନନ୍ଦପୁର, ଗଣ୍ଡବରେଇ, ଉଖୁଣ୍ଡା, ପାଞ୍ଚପୋଖରିଆ, ଇନ୍ଦ୍ରପ୍ରସ୍ଥ ଆଦି ବହୁ ପ୍ରାଚୀନ ଗ୍ରାମ ରହିଅଛି। ଚମ୍ପୁଆର କେଶରୀ କୁଣ୍ଡ ରମଣୀୟ ଓ ଦର୍ଶନୀୟ ସ୍ଥାନ। ବୈତରଣୀ ନଦୀର ଏକ ପୁରାତନ ଘାଟ ଓ ସେତୁ। କାଳିକାପ୍ରସାଦରେ ବୌଦ୍ଧନାଗ ଓ ରାମଲା ଗ୍ରାମରେ ପ୍ରାଚୀନ ନିଦର୍ଶନ ରହିଛି। ଜ୍ୟୋତିପୁରର ଉଡା ଯାତ୍ରା ଓ ରାଧାଚକ୍ର, ନନ୍ଦପୁରର କପିଳ ମୁନି, ଫୁଲକଅଁଳେଇର ମନସା ଓ ଷଡଭୂଜା ଦୁର୍ଗା ମୂର୍ତ୍ତି ଓ ସରେଇର ବିରଞ୍ଚି ନାରାୟଣ, ଶିରିକୁଆଁର ବିଷ୍ଣୁପୀଠ ଓ ମନ୍ଦିର ଏ ମାଟିର ସାଂସ୍କୃତିକ ଐତିହ୍ୟକୁ ସୂଚାଇ ଦିଅନ୍ତି। ନନ୍ଦପୁରରେ ଛଅଗୋଟି ବିଷ୍ଣୁମୂର୍ତ୍ତି, ଦୁଇଟି ଇନ୍ଦ୍ରମୂର୍ତ୍ତି ଓ ଗୋଟିଏ ନୃସିଂହ ମୂର୍ତ୍ତି ସହିତ ଗୋଟିଏ ଚମତ୍କାର ପୁଷ୍କରିଣୀ ରହିଅଛି। ଏଠାରେ ଥିବା ମନ୍ଦିରଗୁଡ଼ିକ ସର୍ବପୁରାତନ।

ଯୋଡାବ୍ଲକ : ଏହା ୧୨୧ ଟି ଗ୍ରାମ ଓ ୧୫ଟି ଗ୍ରାମ ପଞ୍ଚାୟତକୁ ନେଇ ଗଠିତ। ମୁର୍ଗା ମହାଦେବ, ବସନ୍ତପୁର, ଚମକପୁର ଆଦି ଐତିହାସିକ ସ୍ଥାନର ମର୍ଯ୍ୟାଦା ଦାବୀ କରିଥାନ୍ତି। ଏବେ ଯୋଡା ପୌରାଞ୍ଚଳ ଓ ବଡବିଲ ପୌରାଞ୍ଚଳ ଶିଳ୍ପନଗରୀର ଗୌରବ ଦାବୀ କରନ୍ତି। ଯୋଡା ବ୍ଲକର ହାଣ୍ଡିଭଙ୍ଗା ଏକ କ୍ଷୁଦ୍ର ପ୍ରପାତ ଓ ରମଣୀୟ ସ୍ଥାନ। କେନ୍ଦୁଝରର ଏକମାତ୍ର ମହାଦେବ ମୁର୍ଗା ମହାଦେବଙ୍କୁ ଭୂୟାଁ ପୂଜକ ପୂଜା କରନ୍ତି। ପୀଠଟି ପ୍ରାଚୀନ ନହେଲେ ମଧ୍ୟ ରମଣୀୟ। ଛେଳିଆଡିହା ଏକ ପ୍ରାଚୀନ ଶୈବପୀଠ। ଭୌମ ଓ ସୋମବଂଶୀ ଶାସନର ଭଗ୍ନ ଚିହ୍ନ ବିଦ୍ୟମାନ। ବୈତରଣୀ କୂଳରେ ଥିବା ଏହି ପୀଠର ଅପର ପାର୍ଶ୍ୱରେ ଚମକପୁର ଏକ ଐତିହ୍ୟ ବିମଣ୍ଡିତ ଗ୍ରାମ। ଏଠାରେ ଥିବା ଗଡଚଣ୍ଡି ଭୌମ ଶାସନ କାଳରେ ପ୍ରତିଷ୍ଠା ପାଇଥିଲେ। ଭୌମ ଶାସନର ଅବସାନ ପରେ ଏହି ତାନ୍ତ୍ରିକ ଶାକ୍ତପୀଠଟିକୁ ଭାଙ୍ଗିଦେଇ ସୋମବଂଶୀ ଶାସକ ଭୀମରଥ ଏକ ଶିବ ମନ୍ଦିର ନିର୍ମାଣ କରିଥିଲେ। ତାହା ଭାଙ୍ଗିଯିବାପରେ ଭଞ୍ଜ ଶାସନ କାଳରେ ନୂତନ ମନ୍ଦିରଟିଏ ନିର୍ମିତ ହୋଇଛି।

Digitized by PPRACHIN, SOA

ଝୁମ୍ପୁରା ବ୍ଲକ : ଏହା ୧୫୩ଟି ଗ୍ରାମ ଓ ୨୨ ଟି ଗ୍ରାମ ପଞ୍ଚାୟତକୁ ନେଇ ଗଠିତ। ଅସନପାଟ ଏକ ଐତିହାସିକ ଗ୍ରାମ। ଏଠାରେ ଏବେକେବଳ ପୁରୁଣା କାଳିଆ ଛଉନାଟ ଜୀଇଁ ରହିଛି। ନୟଗଡ ଏକ ଐତିହାସିକ ସ୍ଥାନ। ଏଠାରେ ଦଶମ ଶତାବ୍ଦୀର ସୋମବଂଶୀ ରାଜା ଯଯାତିଙ୍କ ଦ୍ୱାରା ୪୦ ଫୁଟ ଉଚ୍ଚତା ବିଶିଷ୍ଟ ଏକ ଶିବ ମନ୍ଦିର ଜୀର୍ଣ୍ଣ ଅବସ୍ଥାରେ ଅବସ୍ଥିତ। ଏହା ମୁକ୍ତେଶ୍ୱର ଶିବମନ୍ଦିର ନାମରେ ଖ୍ୟାତ। ଜୀର୍ଣ୍ଣମନ୍ଦିର ପରିସରରେ ବିଶାଳକାୟ ପାଞ୍ଚଗୋଟି ଶିବଲିଙ୍ଗ ଓ ପ୍ରାଚୀନ କୂପଟିଏ ବିଦ୍ୟମାନ। ଏହିଠାରେ ମଧ୍ୟ ପଞ୍ଚମ ଶତାବ୍ଦୀର ସପ୍ତଫଣୀଯୁକ୍ତ ଏକ କମନୀୟ ନାଗଦେବତାଙ୍କର ମୂର୍ତ୍ତି ରହିଅଛି।

ଆନନ୍ଦପୁର ସବ୍‌ଡିଭିଜନର ଦର୍ଶନୀୟ ସ୍ଥାନ :

ଏହି ସବ୍‌ଡିଭିଜନଟି ଆନନ୍ଦପୁର ବ୍ଲକ୍, ଘସିପୁରାବ୍ଲକ୍, ହାଟଡିହୀ ବ୍ଲକ ଓ ଆନନ୍ଦପୁର ପୌରାଞ୍ଚଳକୁ ନେଇ ଗଠିତ। ବୈତରଣୀ, ସାଳନ୍ଦୀ ଆଦି ନଦୀ ଏହି ସବ୍‌ଡିଭିଜନ୍‌କୁ ସଦାସର୍ବଦା ସୁଜଳା ଓ ଶସ୍ୟ ଶ୍ୟାମଳା କରିଛନ୍ତି।

ଘସିପୁରା ବ୍ଲକ୍ : ଏହା ୧୬୭ଟି ଗ୍ରାମ ଓ ୨୨ଟି ଗ୍ରାମପଞ୍ଚାୟତକୁ ନେଇ ଗଠିତ। ଦେଓଗାଁ ଏକ ପୁରାତନ ଗ୍ରାମ। ଏଠାରେ କୁଶଳେଶ୍ୱର ମହାଦେବ ଅଛନ୍ତି। ଏକଦା ଏଠାରେ ବୌଦ୍ଧ ଓ ଜୈନ ଧର୍ମାବଲମ୍ବୀ ମାନଙ୍କର ପୀଠସ୍ଥଳୀ ଥିଲା। ଦଶମ ଶତାବ୍ଦୀରେ କେଶରୀ ବଂଶର ରାଜା କୋଳାବର୍ତୀଙ୍କ ପୁତ୍ର ଉଦ୍ୟୋତ୍ କେଶରୀ ଏଠାରେ ଶିବ ମନ୍ଦିରଟିଏ ନିର୍ମାଣ କରିଥିଲେ। ଏହି ଗ୍ରାମକୁ ଲାଗି କୁଶେଇ ନଦୀ ପ୍ରବାହିତ। ଏହିଠାରେ ରାଜା ଧନୁର୍ଜ୍ଜୟ ନାରାୟଣ ଭଞ୍ଜ ଏକ ପଥର ବନ୍ଧ ନିର୍ମାଣ କରିଥିଲେ। ଏହାଛଡା ଅଗଣୁଆ ଗ୍ରାମର ନୀଳସରସ୍ୱତୀ, ବୀରଗୋବିନ୍ଦପୁର ଗ୍ରାମର ଧ୍ୟାନୀ ବୁଦ୍ଧ ମୂର୍ତ୍ତି, ଅଷ୍ଟମ-ନବମ ଶତାବ୍ଦୀର ସ୍ମୃତି ବହନ କରୁଥିବା ବେଳେ ରାମ ଲକ୍ଷ୍ମଣ ଜୀଉଙ୍କ ମୂର୍ତ୍ତି ମଧ୍ୟଯୁଗର ବୈଷ୍ଣବ ଧର୍ମକୁ ସୂଚାଇଦିଏ। ନାରଙ୍ଗପୁରର ମହାବୀରା ଓ ମଚ୍ଛାଳର ବରାହ ବିଗ୍ରହ ୬ଷ୍ଠ ଶତାବ୍ଦୀର କଳାକୃତି।

ଆନନ୍ଦପୁର ବ୍ଲକ : ଏହା ୧୨୩ଟି ଗ୍ରାମ, ୧୬ଟି ଗ୍ରାମ ପଞ୍ଚାୟତକୁ ନେଇ ଗଠିତ। କଚେରୀଘର, ଝାଡେଶ୍ୱରଙ୍କ ଶିବ ମନ୍ଦିର, ବହୁ ଦେବାଦେବୀପୀଠ, ବଉଳାର ବୌଦ୍ଧ ଓ ଜୈନ ପୀଠ ଚକ୍ରତୀର୍ଥ ଓ ଦଧିବାମନ ମନ୍ଦିର, ଫକୀରପୁରର ପାଦୁଖାଇ ପୀଠରେ

Digitized by PPRACHIN, SOA

ଥିବା ବିଷ୍ଣୁନାରାୟଣ, ନାରାୟଣଙ୍କ ପାଦପୀଠ, ମତ୍ସ୍ୟବରାହ, ବାଲିପଡାର ବାଲୁଙ୍କେଶ୍ୱର ମନ୍ଦିର ବେଢାରେଥିବା ୩.୫ ଫୁଟର ବାରାହୀ, ଧ୍ୟାନସ୍ଥ ବୁଦ୍ଧ ଓ ମନ୍ଦିରଗାତ୍ରରେ ଥିବା ବିଷ୍ଣୁନାରାୟଣ ଓ ଧ୍ୱଂସପ୍ରାପ୍ତ ଜୈନ ମନ୍ଦିର କେନ୍ଦୁଝରର ଐତିହ୍ୟ ବହନ କରୁଅଛନ୍ତି । କୋଡପଡାର ଗୋପାଳଜୀଉ ପୀଠଟି ବୈଷ୍ଣବଧର୍ମ ପ୍ରଚାରକ ରସିକାନନ୍ଦଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇ ମନ୍ଦିର (୪୩ ଫୁଟ) ଟି ବୈଷ୍ଣବ ଭଗବାନ ଦାସଙ୍କ ଦ୍ୱାରା ନିର୍ମିତ ହୋଇଥିଲା ।

ହାଟଡିହି ବ୍ଲକ୍ : ଏହା ୨୨୩ଟି ଗ୍ରାମ ଓ ୩୦ଟି ଗ୍ରାମ ପଞ୍ଚାୟତକୁ ନେଇ ଗଠିତ । ହାଟଡିହି ବ୍ଲକର ବୈଦାଖିଆର ଦେବୀ ଗଡଚଣ୍ଡି, ବଉଳା ପର୍ବତର ପୋଡାସିଙ୍ଗିଡିଗଡ କେନ୍ଦୁଝରର ଦର୍ଶନୀୟ ସ୍ଥାନ ମାନଙ୍କ ମଧ୍ୟରେ ଅନ୍ୟତମ । ପୋଡାସିଙ୍ଗିଡିର ଜୈନ ଦେବୀ ଅମ୍ବିକା ଏବେ ରାମଚଣ୍ଡି ଭାବେ ପୂଜା ପାଉ ଅଛନ୍ତି । ଏଠାରେ ଅଷ୍ଟମ ଶତାବ୍ଦୀର ଋଷଭନାଥ ଓ ଅନ୍ୟକେତେକ ଜୈନମୂର୍ତ୍ତି ସହିତ ବହୁ ପାର୍ଶ୍ୱଦେବୀଙ୍କର ପ୍ରତିମା ମଧ୍ୟ ରହିଅଛି । ଜନଶ୍ରୁତି ଅନୁସାରେ ଏକଦା ଏଠାରେ ସିଂହ ସଙ୍କକ ରାଜ ବଂଶର ଦୁର୍ଗ ଥିଲା । ବହୁ କଷ୍ଟରେ କେନ୍ଦୁଝରର ଭଞ୍ଜବଂଶୀ ରାଜାଙ୍କ ଦ୍ୱାରା ଏ ଦୁର୍ଗର ପତନ୍ ଘଟିଲା । ବଞ୍ଚୋର ଯଜ୍ଞବାରାହୀ, ନାରସିଂହୀ ଓ ଚତୁର୍ଭୁଜ ବିଷ୍ଣୁନାରାୟଣ, ଇନ୍ଦ୍ର ନାରାୟଣ, ଶିବନାରାୟଣପୁରର ନୃସିଂହ, ବାମନ, ମତ୍ସ୍ୟନାରାୟଣ ଓ କୌଣସି ଏକ ରାଣୀଙ୍କର ଚିତ୍ର ଓ ସେହି ରମଣୀ (ରାଣୀ)ଙ୍କୁ ବନ୍ଦାପନା କରୁଥିବା କେତେକ ସହଚରୀଙ୍କର ଖୋଦିତ ବିଗ୍ରହ ଦେଖିବାକୁ ମିଳେ । ସାନ ଆନନ୍ଦପୁରର ବିଷ୍ଣୁନାରାୟଣ, ଉର୍ଦ୍ଧ୍ୱପାଦ ବାମନ ଓ ଯଶୋବନ୍ତପୁରର ବୁଡୀକାଗୁଳାଇ ପୀଠର ଛିନ୍ନମସ୍ତା ସହିତ ଏ ଅଞ୍ଚଳର ବହୁ ବୌଦ୍ଧ ଦେବଦେବୀଙ୍କର ବିଗ୍ରହ ଦେଖିବାକୁ ମିଳେ । ଏହା ବ୍ୟତୀତ ଅଷ୍ଟମ ନବମ ଶତାବ୍ଦୀରେ ନିର୍ମିତ ହାବଳେଶ୍ୱର ଶିବମନ୍ଦିର ଜଣେ ତନ୍ତ୍ରସାଧିକା ଓ ନିକଟରେ ଥିବା ପଞ୍ଚବୌଦ୍ଧ ମହାଶକ୍ତି ଯଥା ପାଣ୍ଡରା, ମାମ୍କୀ, ଲୋଚନା, ତାରା ଓ ବଜ୍ରଧାତ୍ରୀଶ୍ୱରୀଙ୍କ ମୂର୍ତ୍ତିରୁ ଏ ମାଟିର ବୌଦ୍ଧଶାକ୍ତ ଓ ଶୈବ ପରମ୍ପରାର ଐତିହ୍ୟ ଜାଣିହୁଏ । ମରିଚାଇପଦାର ସିଦ୍ଧ ମରିଚାଇ-(ଛଅଫୁଟ ଉଚ୍ଚତାର ଅଷ୍ଟଭୁଜା ବୌଦ୍ଧଦେବୀ) ସୋସର ଚତୁର୍ଭୁଜା ମହିଷା ମର୍ଦ୍ଦିନୀ ଦୁର୍ଗା (ବାସେଳୀ) ଓ ଚତୁର୍ଭୁଜା ଦୁର୍ଗା କେନ୍ଦୁଝର ଶାକ୍ତତନ୍ତ୍ର ପରମ୍ପରାର ଅପୂର୍ବ ନିଦର୍ଶନ ଅଟେ ।

Digitized by PPRACHIN, SOA

ଏହି ସବ୍‌ଡିଭିଜନର ପଞ୍ଚୁପଲ୍ଲୀ, ଧକୋଠା, ବୀରଗୋବିନ୍ଦପୁର, ଜମ୍ବିରା, ଯୋସ, ଠୁଣିଗାଁ, ଅଣା ଆଦି ଐତିହାସିକ ଓ ସାଂସ୍କୃତିକ ସ୍ମୃତି ବହନକାରୀ ଗ୍ରାମ । ବଞ୍ଚୋରୁ ଏକଦା ଭୂଗର୍ଭରେ ପୋତା ହୋଇଥିବା ସୂର୍ଯ୍ୟନାରାୟଣ ବିଗ୍ରହ ଉଦ୍ଧାର କରି କେନ୍ଦୁଝର ଗଡରେ ପୂଜା କରାଯାଉଛି । ଏଠାରେ ଏବେ ପୂଜା ପାଉଥିବା ବାରାହୀ ଓ ବୀର ଗୋବିନ୍ଦପୁରର ରାମଲକ୍ଷ୍ମଣ ବିଗ୍ରହ ବହୁଦିନରୁ ପୂଜା ପାଇ ଆସୁଛନ୍ତି । ଆନନ୍ଦପୁରର ମାଧନେଇ କଥିତ ବୈଷ୍ଣବୀ ବିଗ୍ରହଟି ମାତୃକା ଉପାସନାର ଏକ ସୁପ୍ରାଚୀନ ବିଗ୍ରହ । ଏହା ବ୍ୟତୀତ କଣ୍ଟିପାଳ ଗ୍ରାମ ପଞ୍ଚାୟତର ଦଧିଆ ଟାଙ୍ଗର ଗ୍ରାମରେ ଏକ ଶୈଳଚିତ୍ର ଆବିଷ୍କୃତ ହୋଇଅଛି । ଏଥିରେ ଦୁଇଧାଡି ବିଶିଷ୍ଟ ଏକ ଶିଳାଲେଖ, ଗୋଟିଏ ବିମାନ ଓ ଏକ ପକ୍ଷୀର ଚିତ୍ର ରହିଛି ।

କେନ୍ଦୁଝରର ବିଭିନ୍ନ ସଂପ୍ରଦାୟ ଓ ଧର୍ମଧାରଣା :

ବହୁ ପୁରାତନ କାଳରେ କେନ୍ଦୁଝରରେ କେବଳ ଜୁଆଙ୍ଗ, ଭୂୟାଁ, ସାଉଁତି, ବାଥୁଡି, ଭୂମିଜ, ଶବର, ସହର ଆଦି ଜାତିର ଲୋକମାନେ ବସବାସ କରୁଥିଲେ । ପରେ ଏମାନଙ୍କ ସହିତ କୋହ୍ଲ ଓ ସାନ୍ତାଳ ଆଦି ଅଣଓଡିଆ ଆଦିବାସୀମାନେ ଆସି ବସବାସ କଲେ । ପ୍ରାଚୀନ କାଳରେ ଏହିଲୋକେ ବୃକ୍ଷ, ଶୁଖିଲାକାଠ, ପଥର ଆଦିକୁ ଦେବତା ଜ୍ଞାନରେ ପୂଜା କରୁଥିଲେ । ଶାଳବୃକ୍ଷ, ବଟବୃକ୍ଷ, ମହୁଲ୍‌ବୃକ୍ଷ, କେନ୍ଦୁବୃକ୍ଷ, ଆଦି ଏ ମାଟିର ମଣିଷ ମାନଙ୍କ ଦ୍ୱାରା ଦେବତାର ସମ୍ମାନ ପାଇ ଆସୁଛନ୍ତି । ଏହିସବୁ ବୃକ୍ଷ ଦେବତାଙ୍କୁ ନେଇ ସେମାନଙ୍କ ପରିବେଶ - ବଣ, ଝାଡ ଆଉ ଘର ଗୃହ । ପରେ ବନଦେବୀ ଓ ବଣଦେବତା ବା ସାନ୍ତାଳ ମାନଙ୍କର 'ଜାହେର୍‌ଏରା' ହିଁ ଏମାଟିକୁ 'ଜାହୋର' ନାମରେ ନାମିତ କରିଥିଲା । କେନ୍ଦୁବୃକ୍ଷକୁ ଅନ୍ୟତମ ଦେବତାର ସମ୍ମାନ ଦେଉଥିବା ମାଟିର ମଣିଷ ମାନେ ପରବର୍ତ୍ତୀ କାଳରେ କେନ୍ଦୁଝର ରାଜ୍ୟ ଗଠନ କରିବାର ଗୌରବ ଅର୍ଜ୍ଜନ କରିଥିଲେ ।

ପରେ ଏହି ବୃକ୍ଷ ପୂଜା ଶୁଖିଲା କାଠ ବା ଶାଳ ପୂଜାରେ ରୂପାନ୍ତରିତ ହେଲା । ପ୍ରତି ଗ୍ରାମରେ ଠାକୁରାଣୀ ଶାଳ ଗଡି ଉଠିଲା । କେଉଁଠି ଗାଇଁଶିରି, କେଉଁଠି ବାସେଳି, କେଉଁଠି ସାତ ମାଆ ଭଉଣୀ ପୂଜା ପାଇଲେ । କାଠର ବିଗ୍ରହ ସହିତ ଶିଳାର ବିଗ୍ରହ ମାନଙ୍କୁ ନେଇ ପ୍ରତି ଗାଁରେ ଠାକୁର ଠାକୁରାଣୀ ଶାଳ ତିଆରି କରାଗଲା । ଗାଁମୁଣ୍ଡରେ

Digitized by PPRACHIN, SOA

ବର୍ଷକର ବିଭିନ୍ନ ସ୍ଥାନରେ ଗ୍ରାମବାସୀ ଏକତ୍ରିତ ହୋଇ ଦେବଦେବୀଙ୍କ ମିଳିତ ଆରାଧନା କଲେ। କେହି ବିପଦ ଆପଦରେ ପଡିଲେ ସେଇ ଦେବଦେବୀଙ୍କ ନିକଟରେ ଅଧିଆ ପଡିଲେ। ଦେବଦେବୀଙ୍କ ଠାରେ ଶରଣ ଯାଇ ଦୁଃଖ ବିପଦରୁ ରକ୍ଷା ପାଇଲେ। ଆଦିମକାଳରୁ ଏହି ଦେବଦେବୀ ପୂଜା ଅଦ୍ୟାବଧି ରହିଅଛି। ନୂଆଖିଆ, ଅକ୍ଷୟତୀ, ଦଶନ୍ତ, କନ୍ତାଳ ପରି ପର୍ବପର୍ବାଣୀ ପାଳିତ ହେଲା। ଦୈବୀ ଦୁର୍ବିପାକ ଯଥା ଅନାବୃଷ୍ଟି, ମହାମାରୀ, ଆଦି ବିପଦ ସମୟରେ ମଧ୍ୟ ଗ୍ରାମ ଦେବତା ମାନଙ୍କୁ ବୁଇତାପୂଜା କରାଗଲା। ଏଥିପାଇଁ 'ଦେହୁରୀ' ମାନେ ନିଯୁକ୍ତ ହେଲେ। ମୋଟାମୋଟି ଘରେ ସୂର୍ଯ୍ୟ, ଅଗ୍ନି, ବାସୁକି, ଗାଁରେ ଗାଇଁଶିରି, ବଣରେ ବଣରାଇଙ୍କୁ ପୂଜା କରାଗଲା। ମାତୃପୂଜା ହିଁ ମୁଖ୍ୟ ଥିଲା।

ପରେ ହିନ୍ଦୁ ଧର୍ମର ପ୍ରସାର ଘଟିଲା। ବୃକ୍ଷରୁ ଶିଳା ଓ ବିଗ୍ରହ ପୂଜାର ଆରମ୍ଭ ହେଲା। ଶିବଙ୍କର ଲିଙ୍ଗପୂଜା, ଶକ୍ତିଙ୍କର ଚଣ୍ଡି, ଦୁର୍ଗା, କାଳି ବିଗ୍ରହ ପୂଜା, ଚତୁର୍ଭୁଜ ବିଷ୍ଣୁ, ଜୈନ ଓ ବୁଦ୍ଧଙ୍କର ପ୍ରତିମା ବିଗ୍ରହ ଆଦି ବହୁଧର୍ମର ପ୍ରସାର ଓ ପ୍ରଚାର ଏ ମାଟିରେ ଘଟିଲା।

କେନ୍ଦୁଝର ଇତିହାସକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ଏ ମାଟିରେ ଦ୍ୱିତୀୟ ଶତାବ୍ଦୀ ପର୍ଯ୍ୟନ୍ତ ଆଦିବାସୀ ମାନଙ୍କର ବୃକ୍ଷପୂଜା, ମାଟିପୂଜା, ସର୍ପ ଓ ଶିଳାପୂଜାହିଁ ହେଉଥିଲା। ଖ୍ରୀ:ପୂ: ପ୍ରଥମ ଶତାବ୍ଦୀରୁ ଖ୍ରୀ:ଅ: ଅଷ୍ଟମ ଶତାବ୍ଦୀ ପର୍ଯ୍ୟନ୍ତ ଜୈନଧର୍ମର ପ୍ରସାରଘଟି ଏମାଟିକୁ ମହିମାନ୍ୱିତ କରିଥିଲା। ତୃତୀୟ ଶତାବ୍ଦୀ ବେଳକୁ ଭଞ୍ଜ ମାନଙ୍କର ଆବିର୍ଭାବ ଘଟିବାରୁ ଶୈବଧର୍ମର ପ୍ରସାର ଘଟିଲା। ଦୀର୍ଘ ତିନିଶହ ବର୍ଷ ଧରି ଶିବଙ୍କର ପ୍ରତିମା ପୂଜା ଏ ମାଟିରେ ଚାଲୁ ରହିଲା। ନାଗବଂଶୀ ରାଜା ଶତ୍ରୁଭଞ୍ଜଙ୍କ ଦ୍ୱାରା ଶୈବ ଧର୍ମର ପ୍ରସାର ଘଟିଲା। ଏହି ବଂଶର ପତନ ପରେ ଏ ମାଟିରେ ବିଷ୍ଣୁ ଉପାସନା ଓ ପରେ ବୌଦ୍ଧଧର୍ମର ପ୍ରସାର ହେଲା। ଖ୍ରୀ:ଅ: ୪ର୍ଥ ଶତାବ୍ଦୀର ପ୍ରାରମ୍ଭରେ ବିଷ୍ଣୁଙ୍କର ପଞ୍ଚଉପାସନା ଆରମ୍ଭ ହୋଇଥିଲା। ଊର୍ଦ୍ଧ୍ୱପାଦ ବାମନ, ମତ୍ସ୍ୟ ନାରାୟଣ, ଇନ୍ଦ୍ରନାରାୟଣ, ବାମନବିଷ୍ଣୁ ଓ ଶଙ୍ଖଚକ୍ର ଗଦାପଦ୍ମଧାରୀ ବିଷ୍ଣୁଙ୍କର ସୁନ୍ଦର ବିଗ୍ରହ ଅଙ୍କିତ ହୋଇ ଏ ମାଟିରେ ବିଷ୍ଣୁଉପାସନାର ପରମ୍ପରା ସୃଷ୍ଟି ହୋଇଥିଲା। ଏ ମାଟିର ଦୁଇଜଣ ଭୂୟାଁ ଯୁବକ ତପୁସା ଓ ଭଲ୍ଲୁକ ପ୍ରଥମେ ଗୌତମ ବୁଦ୍ଧଙ୍କ ଠାରୁ ବୌଦ୍ଧଧର୍ମ ଗ୍ରହଣ କରିଥିଲେ। ପରେ ଏହି ଧର୍ମର ପ୍ରସାର ଘଟିବାରୁ ଏ ମାଟି 'କାହୋର' ନାମରେ

Digitized by PPRACHIN, SOA

କଥିତ ହେଲା । ଏହା ଖ୍ରୀ:ଅ: ଅଷ୍ଟମ ଶତାବ୍ଦୀର ଘଟଣା । ଏହି କାଳରେ କେନ୍ଦୁଝରର ରାଜପୁତ୍ର ଶାନ୍ତିଦେବ ବା ଭୁସୁକୁ, ରାଜକନ୍ୟା ମନ୍ଦରବା ଏହାଙ୍କ ପରେ ଢେଙ୍କିପାଦ ଓ ନାଗାର୍ଜ୍ଜୁନ ନାମକ ବୌଦ୍ଧ ସନ୍ୟାସୀ ଗଣ ଏ ମାଟିରେ ରହି ବୌଦ୍ଧ ଧର୍ମର ପ୍ରସାର ଘଟାଇଲେ। ଏହି କାଳରେ କେନ୍ଦୁଝରର ଅନେକ ସ୍ଥାନରେ ବୌଦ୍ଧ ପୀଠ ମାନ ଗଢିଉଠିଥିଲା ।

ଖ୍ରୀ:ଅ: ନବମ ଶତାବ୍ଦୀ ବେଳକୁ ସମଗ୍ର ଦେଶରେ ଆଚାର୍ଯ୍ୟ ଶଙ୍କର ବୁଲି ବୁଲି ଶୈବଧର୍ମ ପ୍ରସାର କଲେ। ଏତେବେଳକୁ ବୌଦ୍ଧଧର୍ମ ଗାଁ ଗହଳିରେ ମଧ୍ୟ ପ୍ରବେଶ କରି ସାରିଥିଲା । ଏଣୁ ବୌଦ୍ଧ ସନ୍ୟାସୀ ଓ ଶୈବ ଧର୍ମାବଲମ୍ବୀ ମାନଙ୍କ ମଧ୍ୟରେ ଧର୍ମଯୁଦ୍ଧ ହେଲା । ଶେଷରେ ବୌଦ୍ଧଧର୍ମ ଲୋପ ପାଇଲା । ଏହି କାଳରେ କେନ୍ଦୁଝରର କିଛିଅଂଶ 'ଖିଚିଂକୋଟ୍ଟ' ଅଧୀନରେ ଶାସିତ ହେଉଥିଲା । ଖିଚିଂକୋଟ୍ଟର ଭଞ୍ଜ ରାଜାମାନେ ଶୈବ ଧର୍ମକୁ ଅଧିକ ଗୁରୁତ୍ୱ ଦେବାରୁ ପ୍ରଜାମାନେ ମଧ୍ୟ ଶିବ ଓ ଦୁର୍ଗାଙ୍କର ପୂଜା ଆରାଧନା କଲେ। ବୌଦ୍ଧ ଦେବୀ ଚାମୁଣ୍ଡା ବା ଚଣ୍ଡି ଓ କାଳି ବ୍ରାହ୍ମଣ୍ୟ ଧର୍ମର ଦେବୀ ଦୁର୍ଗା ଭାବେ ପୂଜା ପାଇଲେ। ଦେବୀଙ୍କର ଦଶମହାବିଦ୍ୟା ଓ ଶିବଙ୍କର ମୂର୍ତ୍ତି ଓ ଲିଙ୍ଗପୂଜାର ପରମ୍ପରା ସୃଷ୍ଟି ହେଲା । ବୌଦ୍ଧ ତନ୍ତ୍ର ଓ ଶାକ୍ତ ଦର୍ଶନର ମିଳିତ ଭାବନାରୁ ତନ୍ତ୍ର, ମନ୍ତ୍ର, ତାରଣ, ମାରଣ ଆଦିର ପ୍ରଚଳନ ହେଲା । ଏଣୁ ଚଣ୍ଡି, ଚର୍ଚ୍ଚିକା, ଚାଞ୍ଚଖାଇ ଓ ତାରିଣୀ ନାମରେ ନାମିତ ହୋଇ ଏ ମାଟିର ଗାଁ ଗହଳରେ ପୂଜାପାଇଲେ। ଧୀରେ ଧୀରେ ବୌଦ୍ଧଧର୍ମର ଚିନ୍ତା ଓ ଚେତନା ଅପସରି ଯାଇ କାଠ ପଥର ପୂଜା କରୁଥିବା ଧର୍ମଭୀରୁ ଜନତା ନିକଟରେ ସାତ ମାଆ ଭଉଣୀ, ଅଷ୍ଟମହାପାଟ, ଦଶଚଣ୍ଡି ଆରାଧ୍ୟ ଦେବୀର ସ୍ଥାନ ଦଖଲ କଲେ। ପ୍ରତିମା ଅପେକ୍ଷା ଶିଳା ପୂଜାର ପରମ୍ପରା ବୃଦ୍ଧି ପାଇଲା । ଦ୍ୱାଦଶ ଶତାବ୍ଦୀବେଳକୁ ବିଶିର୍ଗୀଠାକୁରାଣୀ (ମନସାଦେବୀ) ପୂଜାର ପରମ୍ପରା ସୃଷ୍ଟିହେଲା ।

ପ୍ରାୟ ଚତୁର୍ଦ୍ଦଶ ଶତାବ୍ଦୀ ବେଳକୁ କେନ୍ଦୁଝର ସ୍ୱତନ୍ତ୍ର ରାଜ୍ୟରେ ପରିଣତ ହେଲା । ଏତେବେଳକୁ ମୁଖ୍ୟ ଦେବୀ ଭାବେ ତାରିଣୀଙ୍କର ସମ୍ମାନ ବଢିଲା । ଖ୍ରୀ:ଅ: ୭ମ ଶତାବ୍ଦୀ ବେଳକୁ ବୌଦ୍ଧ ସାଧକ ନାଗାର୍ଜ୍ଜୁନ ତାରାଙ୍କର ସେବା ପୂଜା ଆରମ୍ଭ କରିଥିଲେ। ଏହାରି ପ୍ରଭାବରେ କେନ୍ଦୁଝରର ଏକାଧିକ ସ୍ଥାନରେ ତାରିଣୀଙ୍କର ପୀଠସ୍ଥଳୀ ଗଢି ଉଠିଥିଲା । ଏପରିକି ଝାଡ ଅଞ୍ଚଳରେ ବସବାସ କରୁଥିବା ଜୁଆଙ୍ଗ

Digitized by PPRACHIN, SOA

ଓ ଭୂୟାଁ ମାନଙ୍କର ଆରାଧ୍ୟ ଦେବୀ ଭାବରେ ସେ ଗୃହୀତ ହୋଇ ସାରିଥିଲେ। ନାଗ ଓ ବୌଦ୍ଧ ପରମ୍ପରାରୁ ତାରିଣୀଦେବୀଙ୍କର ଉପାସନା ନୂତନ ପରମ୍ପରା ସୃଷ୍ଟି କରିଥିଲା। କେନ୍ଦୁଝରର ତାରିଣୀ ନାଗଦେବୀ। ତାଙ୍କୁ ଗୋବିନ୍ଦ ଭଞ୍ଜ କାଞ୍ଚିରୁ ଆଣିଥିବା କିମ୍ବଦନ୍ତୀରେ ସତ୍ୟତା ନାହିଁ। ଏ ଦେବୀ କେନ୍ଦୁଝରର ସର୍ବମାନ୍ୟ ଠାକୁରାଣୀ।

ଭଞ୍ଜମାନଙ୍କ ଅନ୍ୟତମ ପ୍ରିୟ ସାଥୀ ବା ସାମନ୍ତ ଭାବେ ଜଣାଶୁଣା ସାଉଁତି ଓ ବାଥୁଡି ମାନେ ବଡାମ ଦେବଗଣଙ୍କୁ ପୂଜା କରନ୍ତି। ଭଞ୍ଜମାନେ ଏହି ବଡାମ ଦେବତାଙ୍କୁ ମଧ୍ୟ ଗୁରୁତ୍ୱ ଦେଉଥିବାରୁ ଏହାର ପ୍ରଭାବ ସବୁ ପ୍ରଜାଙ୍କ ଉପରେ ପଡିଲା। ଏଣୁ ପ୍ରତି ଗ୍ରାମରେ ଆଗରୁ ପୂଜା ପାଉଥିବା ଗାଇଁଶିରୀ ଶାଳରେ ସାତମାଆ ଭଉଣୀଙ୍କ ସହିତ ବଡାମ ଦେବତା, ଥାନପତି, ବାସେଲୀ ଠାକୁରାଣୀ ଓ ଦେବୀ ଅନ୍ଧାରୀ ପୂଜା ପାଇଲେ। କିନ୍ତୁ ପୂର୍ବରୁ ଶିବଙ୍କୁ ବହୁ ବର୍ଷଧରି ସେବାପୂଜା କରିଆସୁଥିବା କେନ୍ଦୁଝର ଅଧିବାସୀଙ୍କ ନିକଟରେ ବୈଷ୍ଣବ ଧର୍ମ ପ୍ରଭାବ ବିସ୍ତାର କରି ପାରି ନଥିଲା। ତେଣୁ ଶୈବ ଓ ବୈଷ୍ଣବ ଧର୍ମର ମିଳନ ଘଟି ଏ ମାଟିରେ ବଳଦେବ ଉପାସନା ଆରମ୍ଭ ହେଲା ଓ ବଳଦେବ ରାଷ୍ଟ୍ରଦେବତାର ସମ୍ମାନ ପାଇଲେ।

ଏ ଜିଲ୍ଲାରେ ହିନ୍ଦୁ ମାନଙ୍କ ସଂଖ୍ୟା ସର୍ବାଧିକ। ୧୯୯୧ ଓ ସନ ୨୦୦୧ ଜନଗଣନା ଅନୁସାରେ ଏ ଜିଲ୍ଲାରେ ବିଭିନ୍ନ ସଂପ୍ରଦାୟଙ୍କ ଲୋକସଂଖ୍ୟା ନିମ୍ନରେ ଦିଆଗଲା।

	୨୦୦୧	୧୯୯୧
ହିନ୍ଦୁ	୧୫,୨୬,୫୦୦	୧୦,୯୩,୧୯୧
ବୌଦ୍ଧ	୩୬	୯୬
ଖ୍ରୀଷ୍ଟିୟାନ	୬,୧୪୪	୩,୪୧୬
ଜୈନ	୬୯	୭
ଶିଖ	୧୮୦୫	୫,୯୯୬
ମୁସଲମାନ	୨୦,୩୯୦	୧୦,୪୨୩
ଅନ୍ୟାନ୍ୟ	୬,୭୫୦	୬,୫୧୬

Digitized by PPRACHIN, SOA

ସ୍ୱାଧୀନତା ପୂର୍ବରୁ ରାଜା ମହାରାଜାମାନେ ଅନେକ ଦେବଦେବୀ ପୀଠର ରକ୍ଷଣା ବେକ୍ଷଣ ଓ ସେବା ପୂଜାର ବିଧିବିଧାନ ଧାର୍ଯ୍ୟ କରିଥିଲେ। ଏଥିପାଇଁ ଭୂମିଦାନ ଓ ସେବକ ନିଯୋ୍ଜନ କରିଥିଲେ। ସେସବୁ ପୀଠର ମହାତ୍ମ୍ୟ ସହିତ ଐତିହ୍ୟ ମଧ୍ୟ ରହିଛି। ସେ ସବୁ ଦେବଦେବୀ ପୀଠ ସ୍ଥାନ ମଧ୍ୟରୁ କେତେକ ନିମ୍ନରେ ଉପସ୍ଥାପନ କରାଗଲା।

ଶ୍ରୀ ବଳଦେବଜୀଉ -	କେନ୍ଦୁଝରଗଡ, ସମଣା (ଆନନ୍ଦପୁର), ନୟାଗଡ, ବସନ୍ତପୁର, ନୂଆଗଡ଼
ଶ୍ରୀ ଦଧିବାମନ ଜୀଉ -	ହୁଣ୍ଡା, ରାଜନଗର, ଜ୍ୟୋତିପୁର, ଆନନ୍ଦପୁର, ବଞ୍ଚୋ, ଫକୀରପୁର, ପଣ୍ଡୁଆ, ହାଟଡିହି, ଜରୁଆଁ, ମଦନପୁର, ମରୁଆଁ, ସତା, ବାଙ୍ଗୋର, ବଡରମ୍ଭାସ, ପଞ୍ଚୁପଲ୍ଲୀ, କାଳିକାପ୍ରସାଦ, କେଶଦୁରାପାଳ
ସିଦ୍ଧ ଜଗନ୍ନାଥ ଜୀଉ -	ପୁରୁଣା ସହର, ପଣ୍ଡୁଆର ଜଗନ୍ନାଥଜୀଉ
ସିଦ୍ଧ ବଳଦେବଜୀଉ -	ପୁରୁଣା ବଜାର, (ପୁଟୁକିନାନୀ ମନ୍ଦିର)
ଶ୍ରୀ ଶ୍ୟାମରାଏ -	ଯୋସ (ନାକନପୁର), ନୂଆ ରମ୍ଭାସ, କେନ୍ଦୁଝରଗଡ
ଶ୍ରୀ ବ୍ରଜମୋହନ ଜୀଉ -	କେନ୍ଦୁଝରଗଡ, କରଣ ସାହି
ଶ୍ରୀ ରସିକ ରାଏ -	କୋଡପଡା
ଶ୍ରୀ ବଂଶୀଧରଜୀଉ -	ବୀରଗୋବିନ୍ଦପୁର
ଶ୍ରୀ ଗୋପାଳଜୀଉ -	କୋଡପଡା, ବାରୁଡ
ଶ୍ରୀ ବାସୁଦେବଜୀଉ -	ମରେଇଗାଁ, ଅଡେଭାର
ଶ୍ରୀ ରାଧାକୃଷ୍ଣ ଜୀଉ -	ଜଗନ୍ନାଥପୁର, ରାଧିକାଦେଇପୁର
ଶ୍ରୀ ଗୋପିନାଥ ଜୀଉ -	ଓରାଳି, ଚାପୁଡି
ଶ୍ରୀ ରଘୁନାଥ ଜୀଉ -	ଦେଓଗାଁ, ରାଜନଗର, ବିନ୍‌ଝବାହାଳ, ମଚ୍ଛାଳ ନୂତନ ରାଜପ୍ରସାଦ
ଶ୍ରୀ ରାମଲକ୍ଷ୍ମଣ ଜୀଉ -	ବୀରଗୋବିନ୍ଦପୁର
ଶ୍ରୀ ବିରଞ୍ଚି ନାରାୟଣ -	ଇଞ୍ଚୋଳ, ସନ୍ଦେଇ (ଚମ୍ପୁଆ)
ବିଷ୍ଣୁନାରାୟଣ -	ନନ୍ଦପୁର, ଶିବ ନାରାୟଣପୁର, ବଞ୍ଚୋ, ସାନ ଆନନ୍ଦପୁର, ଫକୀରପୁର

Digitized by PPRACHIN, SOA

ଇନ୍ଦ୍ର ନାରାୟଣ - ନନ୍ଦପୁର, ବଞ୍ଚୋ
ବରାହ ନାରାୟଣ - ମଚ୍ଛାଳ

ଦେବୀ ପୀଠ

୧) ତାରିଣୀ - ପୁରୁଣା ରାଜଦୁର୍ଗ, ଘଟଗାଁ, ପଞ୍ଚୁପଲ୍ଲୀ, ଆନନ୍ଦପୁର (ଜନାର୍ଦ୍ଦନପୁର), ଓରିଆ (ତେଲକୋଇ), ନୟାକୋଟ, କପୁଣ୍ଡି, ମଣିଣାବିଲା ।
୨) ମହାପାଟ - ହୁଣ୍ଡା, ଶୁଆକାଟି, କୁଆଁର
୩) ରଙ୍ଗାପାଟ - କେନ୍ଦୁଝରଗଡ, କରଣସାହି, ଗଡସାହି, ହୁଣ୍ଡା
୪) ବାସେଳି - ପ୍ରାୟତଃ ସମସ୍ତ ଗ୍ରାମର ଗ୍ରାମଦେବୀ ଭାବେ ପୂଜିତା
୫) ଭୈରବୀ - ରାଆଙ୍କି
୬) ସୁଭଦ୍ରା - ତରୁଆଁ / ମଦନପୁର
୭) ଦ୍ରୌପଦୀ - ବଡବିଲ (ସାହାରପଡା)
୮) ଦ୍ୱାରଶୁଣୀ - ଚମକପୁର
୯) ଭଞ୍ଜପାଟ(ବିଷ୍ଣୁପାଟ)- ଘୁଟୁର
୧୦) ସାବିତ୍ରୀ - ତିଣ୍ଡା (ତ୍ରିବିନ୍ଧା)
୧୧) ମନସା (ବିଶିରି)- ଫୁଲକଅଁଳେଇ
୧୨) ବାରାହୀ - ବଞ୍ଚୋ, ଫକୀରପୁର, ବାଲିପଡା

ଶିବ ମନ୍ଦିର :

୧) ଏକାମ୍ର ବନବିହାରୀ- ପୁରୁଣା ସହର, କେନ୍ଦୁଝରଗଡ
୨) ପଞ୍ଚବକ୍ତ୍ର - ପୁରୁଣା ବଜାର, (ମାଉସୀ ମା' ମନ୍ଦିର ବେଢା)
୩) ଶ୍ରୀ ମୁକ୍ତେଶ୍ୱର - କେନ୍ଦୁଝରଗଡ, ଜ୍ୟୋତିପୁର, ବାଲିବରେଇ, ନୟାଗଡ, ହୁଣ୍ଡା
୪) ଶ୍ରୀ ଚନ୍ଦ୍ରଶେଖର - ବୋଦାପଳସା, ଚମ୍ପୁଆ, ଉଦୟପୁର, ଶଶାଙ୍ଗ
୫) ଶ୍ରୀ ନୀଳକଣ୍ଠେଶ୍ୱର- ବରାଟିପୁରା, ଖଣ୍ଡାଧାର

Digitized by PPRACHIN, SOA

୬) ଶ୍ରୀ ବାଣେଶ୍ୱର - ତରା, ସାମନ୍ତରାୟପୁର, ଶାସନ
୭) ଶ୍ରୀ ବ୍ରହ୍ମେଶ୍ୱର - ଗୋନାସିକା
୮) ଶ୍ରୀ ଶିଖରେଶ୍ୱର - ରାଜନଗର, ଚମକପୁର, ସାସଙ୍ଗ, ଷଡଙ୍ଗୀ, (ଭୁବନେଶ୍ୱର), ଶିବନାରାୟଣପୁର।
୯) ଶ୍ରୀ ଝାଡେଶ୍ୱର - ମୁରାବାଲି, ଆନନ୍ଦପୁର, ଟାଙ୍ଗରବନ୍ତଳା।
୧୦) ସ୍ୱପ୍ନେଶ୍ୱର - ସମଣା, ଓରାଳି
୧୧) ବଟେଶ୍ୱର - ବଞ୍ଚୋ, ଚଣ୍ଡିଆ
୧୨) ବାଲୁକେଶ୍ୱର - ଫକୀରପୁର, କାଳିଆହତା, ବଡଶାସନ
୧୩) ମଧୁକେଶ୍ୱର - ମଧୁକେଶରୀ
୧୪) କୁଶଳେଶ୍ୱର - ଦେଓଗାଁ, ପଞ୍ଚରା
୧୫) ଗୁଆମାଳି ମହେଶ - କେନ୍ଦୁଝରଗଡ (ଗୁଆବାଡି)
୧୬) ଯୋଗେଶ୍ୱର - ବଣୁଆଁ
୧୭) ପିଣ୍ଡିକେଶ୍ୱର - କେନ୍ଦୁଝରଗଡ, ବାଲିବରେଇ,
୧୮) ସୁବର୍ଣ୍ଣେଶ୍ୱର - ସୁଲଣ
୧୯) ସିଦ୍ଧେଶ୍ୱର - ଚିଲୋ, ସିଦ୍ଧ ମଠ
୨୦) ହଟ୍ଟକେଶ୍ୱର - ହାଟଡିହି, ଝାଡକୁଣ୍ଡି
୨୧) ମଙ୍ଗେଶ୍ୱର - ସାଇଁକୂଳ (ଗଣେଶ୍ୱର)
୨୨) ବାଞ୍ଛେଶ୍ୱର - ଲୁଣହାର
୨୩) ବୈଦ୍ୟନାଥ ମହେଶ - ଷଣ
୨୪) ପର୍ବତେଶ୍ୱର - ବଡରମ୍ଭସ
୨୫) ରାମେଶ୍ୱର - ନୂଆରମ୍ଭସ
୨୬) ଦକ୍ଷିଣେଶ୍ୱର - ନାଦା
୨୭) ସ୍ୱପ୍ନେଶ୍ୱର - ଓରାଳି, ସମଣା, ପୁରୁଣାବଜାର ମନ୍ଦିର
୨୮) ପଦ୍ମେଶ୍ୱର - ଅଙ୍ଗାରୁଆ
୨୯) ଶଙ୍କରେଶ୍ୱର - ଶଙ୍ଖଣା, ଶିବନାରାୟଣପୁର, ଆମ୍ରୋ
୩୦) କପିଳେଶ୍ୱର - ମଠ, ଟାଙ୍ଗରପଳସା (ନରଣପୁର)

Digitized by PPRACHIN, SOA

୩୧) ଭଙ୍ଗକେଶ୍ୱର - ଖେତୁଆଳି
୩୨) ମହେଶ୍ୱର - ରାମକୃଷ୍ଣପୁର
୩୩) ହାବଳେଶ୍ୱର - ହାବଳେଶ୍ୱର
୩୪) ବକ୍ରେଶ୍ୱର - ପୁରୁଣାବାନ୍ଧଗୋଡା
୩୫) ଗର୍ବେଶ୍ୱର - ପୁରୁଣା ବାନ୍ଧଗୋଡା
୩୬) ଉତ୍ତରେଶ୍ୱର - ସାହାବନପୁର, ଆନନ୍ଦପୁର, ମୁଗୁପୁର
୩୭) କୁଣ୍ଡେଶ୍ୱର - ଟୁକୁଣା
୩୮) ଚମ୍ପକେଶ୍ୱର - ଶୁଆକାଟି, ପୋଇପାଣି
୩୯) ଗୁପ୍ତେଶ୍ୱର - ବୀରକଳା, ସର୍ତୀଝର
୪୦) କମଳେଶ୍ୱର - କମଳାଙ୍ଗ
୪୧) ନୃସିଂହେଶ୍ୱର - ନରସିଂହପୁର ଶାସନ
୪୨) ପାଟେଶ୍ୱର - ଶୁଆକାଟୀ, ପାଟମଶାଣ
୪୩) ଗଙ୍ଗେଶ୍ୱର - ସାଇଁକୂଳ
୪୪) ତ୍ରୀଲୋକିତେଶ୍ୱର - କେନ୍ଦୁଝରଗଡ
୪୫) ଜମ୍ବେଶ୍ୱର - ଗମ୍ଭାରିଆ
୪୬) କୁକ୍କୁଟେଶ୍ୱର - ଗଡସାହି
୪୭) ପିଲ୍ଲାକେଶ୍ୱର - କେନ୍ଦୁଝରଗଡ
୪୮) ବିଶ୍ୱେଶ୍ୱର - କେନ୍ଦୁଝରଗଡ
୪୯) ବାଙ୍ଗରେଶ୍ୱର - ଶିବନାରାୟଣପୁର
୫୦) ଧବଳେଶ୍ୱର - ଦେଓଝର, ଇଷଳା
୫୧) ରାମେଶ୍ୱର - ରାମତୀର୍ଥ
୫୨) ଶିତଳେଶ୍ୱର - ରାଜନଗର
୫୩) ଆନନ୍ଦେଶ୍ୱର - ପାଟଣା
୫୪) ଜଳେଶ୍ୱର - ଏରେଣ୍ଡେଇ
୫୫) ମହାଦେବ - ଭୀମକୁଣ୍ଡ
୫୬) ବରେଶ୍ୱର - ତରଭା, ଆମ୍ବୋ

Digitized by PPRACHIN, SOA

୫୭) ସର୍ପେଶ୍ୱର - ଲକ୍ଷଣପୁର
୫୮) ଆଖଣ୍ଡଳେଶ୍ୱର - ଧୃପଦା
୫୯) ନଳାମହାଦେବ - ନଳାଘାଟସାହି (ଲକ୍ଷ୍ମୀପାଦତୀର୍ଥ)
୬୦) ହରିହର - ବଡବିଲ
୬୧) ଧନେଶ୍ୱର - ଧାନବେଣୀ
୬୨) କାଲାମହାଦେବ - ରାଇଁସୁଆଁ
୬୩) ପିପ୍ପଳେଶ୍ୱର - ପଞ୍ଚୁପଲ୍ଲୀ
୬୪) ଇଶ୍ୱର - ମୁଗୁପୁର
୬୫) ଇଛେଶ୍ୱର - ମଛାଲୋ

ଏହା ବ୍ୟତୀତ ଆହୁରି ଶତାଧିକ ଶିବଲିଙ୍ଗ ଓ ଶିବ ମନ୍ଦିର ରହିଅଛି ।

ଅନ୍ୟାନ୍ୟ ଧର୍ମପୀଠ :

ମସ୍‌ଜିଦ - ସାଇଁକୂଳ ପଣ୍ଡୁଆ, ଗଡବାନ୍ଦୋଗୋଡା, ପୁରୁଣାବକାର, ଝୁମ୍ପୁରା, ବଡବିଲ ।
ଗୀର୍ଜା - ସାମନ୍ତରାପୁର, ମାଇନିଂରୋଡ (କେନ୍ଦୁଝରଗଡ)
ଗୁରୁଦ୍ୱାର - ବଡବିଲ, କେନ୍ଦୁଝରଗଡ, ଘୁଟୁରୁ

କେନ୍ଦୁଝରର ଭାଷା ଓ ସାହିତ୍ୟ ବିଭବ :

ଏ ମାଟିର ଜୁଆଙ୍ଗ ଭାଷା ସର୍ବ ପୁରାତନ ଅଟେ । ଓଡିଆ ଭାଷା ଭାଷୀଙ୍କ ସଂଖ୍ୟା ସର୍ବାଧିକ । ଏବେ ହିନ୍ଦୀ, ବଙ୍ଗଳା, ଗୁଜୁରାଟି, ତାମିଲ, ମୁଣ୍ଡାରୀ, ସାନ୍ତାଳି, ଉର୍ଦ୍ଦୁ ଆଦି ଅଠେଇଶ ପ୍ରକାର ଭାଷାଭାଷୀ ଲୋକ ଏଠାରେ ବସବାସ କରୁଅଛନ୍ତି ।

ସାହିତ୍ୟ ବିଭବ : ମଣିଷ ଆନନ୍ଦରେ ନାଚେ । ଦୁଃଖରେ କାନ୍ଦେ । କେତେବେଳେ ଖାଲି ଆଖିରୁ ଲୁହ ଝରାଏ ଓ କେତେବେଳେ ବାହୁନି ବାହୁନି କାନ୍ଦେ । ପୁଣି ଅତ୍ୟଧିକ ଆନନ୍ଦରେ ନାଚ ସହିତ ଗୀତଟିଏ ବି ଦରକାର ହୁଏ । ଯେଉଁ ଗୀତଟି ଆପେ ଆପେ ବାହାରିଲା ତାହାହିଁ ନୂଆକରି ସୃଷ୍ଟି ହେଲା । ଏହା ହିଁ ସାହିତ୍ୟ ।

ସଂକ୍ଷେପରେ ଦୁଃଖକୁ ହାଲୁକା କରିଦେବାପାଇଁ ଓ ସୁଖକୁ ଅଧିକ ସରସସୁନ୍ଦର କରିବାପାଇଁ ସାହିତ୍ୟର ସୃଷ୍ଟି ।

Digitized by PPRACHIN, SOA

ବହୁ ପ୍ରାଚୀନ କାଳରୁ ମଣିଷସମାଜରେ ସାହିତ୍ୟ ରହିଛି । ପୂର୍ବେ ଆଜିପରିଭାଷା ନଥିଲା କି ଅକ୍ଷର ନଥିଲା । ସେହି କାଳରେ ବି ସାହିତ୍ୟ ଥିଲା । ଏହିସବୁ ଗୀତ ଓ ଗପଗୁଡ଼ିକୁ ସବୁଦିନ ପାଇଁ ସାଇତି ରଖିବା ପାଇଁ ଓ ଭାଷାକୁ ବଞ୍ଚାଇ ରଖିବା ପାଇଁ ମଣିଷ ଅନେକ ଚିନ୍ତା କରି ଅକ୍ଷର ତିଆରି କଲା । ଏହି ଅକ୍ଷରରେ ଲେଖାହେଲା ଯୁଗ ଯୁଗର ଅନୁଭୂତି ଓ ସମାଜ ଗଠନର ନୀତି ।

ଏବେବି ଆମ ଭିତରେ ଅନେକ ମାଆ ଭଉଣୀ ନିରକ୍ଷର ଅଛନ୍ତି । କିନ୍ତୁ ସେମାନେ ଚାଙ୍ଗୁ ବାଜିଲେ ନାଚନ୍ତି, ଗୀତଗାଇ ଅନ୍ୟମାନଙ୍କୁ ଖୁସି କରାନ୍ତି । ଶାଶୁ ଘରକୁ ବୋହୂ ସାଜି ଗଲାବେଳେ ହୃଦୟ ବିଦାରକ କାନ୍ଦଣା ଗାଆନ୍ତି । ରଜ ପହଞ୍ଚିଲେ କିମ୍ବା ଭାଲୁକାଣୀ ବାଜା ବାଜି ଉଠିଲେ ଘରୁ ବାହାରି ଆସି ଫାନ୍ଦି ଫାନ୍ଦି କେତେ କିସମର ଗୀତ ବୋଲନ୍ତି । ବଛା ବିହୁଡା ଲାଗିଗଲେ ଗୀତର ଝୁଙ୍କ୍ ପାଣି କାଦୁଅକୁ ବି ମାନେ ନାହିଁ । ସଞ୍ଜ ହେଲେ ମାଆ ତା ପୁଅକୁ କେତେ ପ୍ରକାର ଗୀତ ଶୁଣାଇ ଖୁଆଇ ଦିଏ । ଅଜା ଆଈ କେତେ ଗପ, ଗୀତ, ଡଗ, ଛଟା, ପହଳି ମାରି ଆମକୁ ଖୁସି କରାନ୍ତି । ଏସବୁ ଆମ ମାଟିର ପୁରୁଣା ସାହିତ୍ୟ । କାନରୁ କାନକୁ ଡେଇଁ ଯୁଗ ଯୁଗରୁ ଏସବୁ ସାହିତ୍ୟ ଆମକୁ ଆନନ୍ଦ ଦେଇ ଆସିଛି । ଆଜିକୁ ବେଶି ଦିନ ନୁହେଁ । ସାତ ଆଠ ଶହ ବର୍ଷ ତଳେ ଆମ ଓଡ଼ିଆ ଅକ୍ଷର ଜନ୍ମହେଲା । ଏହା ପୂର୍ବରୁ ଲୋକେ ସଂସ୍କୃତ ଓ ପାଲି ଭାଷାରେ ଲେଖୁଥିଲେ । ଏହି କାଳରେ କେନ୍ଦୁଝର 'କାହୋର' ରାଜ୍ୟ ନାମରେ ଜଣାଶୁଣା ଥିଲା । ଆଦିକବି ବା ଭୁସୁକୁ ରାଉତ ପ୍ରଥମେ ଗୀତ ଲେଖିଥିଲେ, ଏହିପରି:-

କାହାରେ ଘେନିମିଳି ଅଛହୁ କୀସ
ବେଢିଲେ ହାକ ପଡଅ ଚୌଦୀସ ।
ଆପଣା ମାଂସେ ହରିଣା ବୈରୀ
ଖଣହ ନ ଛାଡଅ ଭୁସୁକୁ ଅହେରୀ ।

ଓଡ଼ିଆ ଅକ୍ଷର ତିଆରି ହେବାପରେ ପ୍ରଥମେ ରାଜପୁତ୍ର ଯଦୁଭଞ୍ଜ, ହାଡୁଭଞ୍ଜ ପ୍ରଭୃତି ଭଜନ ଜଣାଣ ଲେଖିଥିଲେ । ଏହାଙ୍କ ପରେ ରାଜା ଗୋବିନ୍ଦ ଭଞ୍ଜ ପ୍ରଥମ କରି କାବ୍ୟ ରଚନା କଲେ । ସେ ବଉଳା ଚରିତ, ରାମଗାଥା, ଚରଣ ସୁଧାନିଧି,

Digitized by PPRACHIN, SOA

ରସପୋଇ ଓ ଭକ୍ତ ବିନୋଦ ନାମକ କାବ୍ୟ ଓ ଅନେକ ଭଜନ ଜଣାଣ ଲେଖିଛନ୍ତି । ଏହାଙ୍କ ପରେ ରାଜା ଜଗନ୍ନାଥ ଭଞ୍ଜଙ୍କ ବଚନିକା, ଜଗତେଶ୍ୱର ଭଞ୍ଜଙ୍କ ମନ୍ଦୋଦରୀ କୋଇଲି, ବଳଭଦ୍ର ଭଞ୍ଜଙ୍କ ଅମ୍ବିକା ବିଳାସ, ଜନାର୍ଦ୍ଦନ ଭଞ୍ଜଙ୍କ ଲୀଳାଲତା, ଦିଗ୍‌ପାଳ ପ୍ରବନ୍ଧ, ସ୍ତୁତ୍ୟର୍ଣ୍ଣବ, ଗଦାଧର ଭଞ୍ଜଙ୍କ ରସମୁକ୍ତାବଳୀ ଓ ଅଷ୍ଟାଦଶ ଲହରୀ ବେଶ୍ ମନଛୁଆଁ । ମହାରାଣୀ ବିଷ୍ଣୁପ୍ରିୟାଙ୍କ ମାୟାଶବରୀ କେନ୍ଦୁଝରରେ ଆଧୁନିକ ଶୈଳୀରେ ରଚିତ ପ୍ରଥମ ଖଣ୍ଡକାବ୍ୟ ।

ପୂର୍ବକାଳରେ ରାଜାଙ୍କ ଛଡା ପ୍ରଜାମାନେ ପାଠ ପଢୁ ନଥିଲେ କି ଅକ୍ଷର ଚିହ୍ନି ନ ଥିଲେ । ତେଣୁ ବେଶି କିଛି ଲେଖା ଲେଖି କରି ପାରୁନଥିଲେ ।

ଧୀରେ ଧୀରେ ରାଜା ମହାରାଜା ମାନଙ୍କର ଦୟା ହେଲା । ସେମାନେ ଲୋକଙ୍କୁ ପାଠ ପଢିବାକୁ ସୁବିଧା କଲେ । ଲୋକେ ପାଠପଢି ଖୁବ୍ ଭଲ ବହି ଲେଖିଲେ । ରାଜା ମାନଙ୍କୁ ବଳିଗଲେ । ସେମାନଙ୍କ ମଧ୍ୟରେ ସଂଗ୍ରାମ ଲହରୀର ଲେଖକ କବିଚନ୍ଦ୍ର ବାସୁଦେବ ମିଶ୍ର, ବାୟାଗୀତାର କବି ନାରାୟଣ ପାଣି (ବାୟାବାବା), ପାଗଳବାଣୀର କବି ବନମାଳୀ (ପାଗଳାବାବା), ସୁଧାସାଗରର ଲେଖକ ନରୋତ୍ତମ ପଟ୍ଟନାୟକ, କଳକୀ ପୁରାଣର ଲେଖକ ହଳଧର ମିଶ୍ର, ଚାରଣ କବି ରସାନନ୍ଦ, ପଦ୍ମାବତୀ ପରିଣୟର କବି କବିଚନ୍ଦ୍ର ପରମାନନ୍ଦ କର, ଦାନୀକର୍ଣ୍ଣର ଲେଖକ ଘନଶ୍ୟାମ ନନ୍ଦ, ହରିଶ୍ଚନ୍ଦ୍ର ଦାନର କବି ଜଗନ୍ନାଥ, ରାଜଦ୍ରୋହୀର ଲେଖକ ରଙ୍ଗାଧର ଦାଶ ଓ କେନ୍ଦୁଝରୀ କାବ୍ୟର କବି ବାମନ ପ୍ରମୁଖ ପ୍ରାତଃ ସ୍ମରଣୀୟ ।

ଏମାନଙ୍କ ବ୍ୟତୀତ କେନ୍ଦୁଝର ଭୂଗୋଳ ଓ ଇତିହାସ ଲେଖକ କ୍ଷେତ୍ରମୋହନ ମିଶ୍ର, ଛିନ୍ନମସ୍ତାର ଲେଖକ କବି ରାମଚନ୍ଦ୍ର ମହାକୁଳ, ହଂସଦୂତର ଲେଖକ ବଂଶୀଧର ମହାନ୍ତି, ଗନ୍ଧମାଦନ ଶତକର କବି ଦାମୋଦର ମିଶ୍ର, ଗୋନାସିକା ଓ ବୈତରଣୀର କବି ଜୟକୃଷ୍ଣ ପାତ୍ରୀ, ପ୍ରଜାବାଣୀର କବି ରତ୍ନାକର ବ୍ରହ୍ମ, ଶରଶଯ୍ୟା ଓ ବହୁକାବ୍ୟ କବିତାର କବି ରବି ନନ୍ଦନ ମହାନ୍ତି, ଜଳାଞ୍ଜଳିର କବି ବୃନ୍ଦାବତୀ ମହାନ୍ତି, କିଶୋରୀ ବିଳାସ ଚମ୍ପୁର କବି ନବକିଶୋର ମହାନ୍ତ, ସଂଗୀତ ରସଲହରୀର କବି ବାବାଜୀ ପାତ୍ରୀ, ଅନସୂୟାର କବି ବିଦ୍ୟାଧର ରାଉତରାୟ, ବୈତରଣୀର କବି ବନମାଳୀ ପତି, ପଦ୍ମାବତୀ ପରିଣୟର କବି ଭାଗବତ ପ୍ରସାଦ ମିଶ୍ର, ପାଶୁପତର କବି ଲକ୍ଷ୍ମଣ କୁମାର ଗିରି, ଦୁର୍ବାଦଳର କବି କୀର୍ତ୍ତନ ବିହାରୀ ସା, ଚନ୍ଦ୍ରହାସ୍ୟର କବି ଶୁକ

Digitized by PPRACHIN, SOA

ଦାସ, ଯାଜନିକାର କବି ବିଦ୍ୟାଧର ମାନସିଂହ, ଭାର୍ଗବୀର କବି ଗଙ୍ଗାଧର ଶତପଥି, ଅବିଅଁ ମନ୍ଦିରର କବି ଖଗେଶ୍ୱର ପହି, ସୀତା ଓ ସାବିତ୍ରୀର ଲେଖିକା ରାଣୀ ମନୋଜ ମଞ୍ଜରୀ ଦେବୀ, ତୁଳସୀ ପରିଣୟର କବି ଗୌରମଣୀ ଦେବୀ, ବିଗତ ସ୍ମୃତିର ଲେଖକ ଗୌରାଙ୍ଗ ପଟ୍ଟନାୟକ, ଧନୁଭଙ୍ଗର କବି ଶ୍ୟାମ ସୁନ୍ଦର କର, ପ୍ରମୁଖ ବହୁକବି ଶହଶହ କାବ୍ୟ କବିତା ରଚନା କରିଯାଇଛନ୍ତି ।

ଆଧୁନିକ କାଳରେ କେନ୍ଦୁଝର ଜିଲ୍ଲାରେ ବହୁ କବି ଲେଖକ ସାଧନାରତ ସେମାନଙ୍କ ମଧ୍ୟରେ ୧୯୬୭ରେ କବି ବେଣୁଧର ରାଉତଙ୍କ ପିଙ୍ଗଳାର ସୂର୍ଯ୍ୟ, ୧୯୮୭ରେ ଇତିମିଶ୍ରଙ୍କ ନାଟକ ଦେଖ ବର୍ଷା ଆସୁଛି, ୧୯୯୩ରେ ଗାଳ୍ପିକ ରାମଚନ୍ଦ୍ର ବେହେରାଙ୍କ 'ଅଭିନୟର ପରିଧି' ଓ ପ୍ରାବନ୍ଧିକ ଗଙ୍ଗାଧର ବଳଙ୍କ ପୁସ୍ତକ 'ଗୀତିକାବ୍ୟ ସମ୍ପର୍କରେ' ୧୯୯୭ରେ ତରୁଣକାନ୍ତି ମିଶ୍ରଙ୍କ ଗଳ୍ପସଂକଳନ 'ବୀତଂସ' ଓ ୧୯୯୯ରେ କବି ଶରତଚନ୍ଦ୍ର ପ୍ରଧାନଙ୍କ କାବ୍ୟ 'ଯଯାତି' ଓଡିଆ ସାହିତ୍ୟ ଏକାଡେମୀ ପୁରସ୍କାର ପାଇବାର ଗୌରବ ଅର୍ଜନ କରିଛନ୍ତି । ସନ୍ ୨୦୦୫ ରାମଚନ୍ଦ୍ର ବେହେରାଙ୍କର 'ଗୋପପୁର' ପୁସ୍ତକ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କୃତ ହୋଇ କେନ୍ଦୁଝରର ଗୌରବ ବୃଦ୍ଧି କରିଛି

କଳାଚେତନା :

ଯେ ଭଲ ଗୀତଗାଏ, ଭଲ ନାଚେ, ଭଲ ଚିତ୍ର ଆଙ୍କେ, ଭଲ ମୂର୍ତ୍ତିଗଢେ, ସେମାନଙ୍କୁ କଳାକାର କୁହାଯାଏ । କଳା ବିଭିନ୍ନ କିସମର । ଯଥା - ନୃତ୍ୟ କଳା, ସଙ୍ଗୀତ କଳା, ଚିତ୍ରକଳା, ଶିଳ୍ପକଳା ।

ନୃତ୍ୟକଳା : ତାଳିମାରିଦେଲେ, ବାଜା ବାଜିଲେ ନାଚିବାକୁ ମନହୁଏ । ଆମର ବିଭିନ୍ନ ପର୍ବପର୍ବାଣୀରେ ଆମେ ବାଜା ବଜାଇ ଗୀତଗାଇ ନାଚୁ । ଏହାକୁ ଆମେ କହୁ ନାଟ । ଯଥା-ଭାଲୁକୁଣୀ ନାଟ, ଚାଙ୍ଗୁ ନାଟ, ଛଉନାଟ, ଖଞ୍ଜଣୀନାଟ, ଚଢେଇଆ ନାଟ, ଘମୁରା ନାଟ, କୀର୍ତ୍ତନ ନାଟ, ପାଲା ଓ ଦାସକାଠିଆ ନାଟ, ଅପେରା ବା ଡ୍ରାମା ନାଟ ।

ହଜାର ହଜାର ବର୍ଷତଳୁ ଏ ମାଟିର ଲୋକେ ନାଟ ବା ନୃତ୍ୟକଳା କରି ମଉଜ ମଜଲିସରେ ଆନନ୍ଦ ପାଇ ଆସୁଛନ୍ତି । ଚାଙ୍ଗୁନାଟ ସବୁଠାରୁ ପୁରାତନ ନାଟ ।

Digitized by PPRACHIN, SOA

ଏହା କେନ୍ଦୁଝର ବାସୀଙ୍କର ଅତିପ୍ରିୟ ନାଚ। ଜୁଆଙ୍ଗ, ଭୂୟାଁ, ସାଉଁତି ଓ ବାଥୁଡି ଜାତିର ଲୋକେ ବିଭିନ୍ନ ପର୍ବପର୍ବାଣୀ ଓ ବିବାହ ଉତ୍ସବରେ ଚାଙ୍ଗୁନାଚ କରନ୍ତି। ଛଉନାଚ ପୂର୍ବେ ଯୁଦ୍ଧବେଳେ, ପାରିଧିବେଳେ ଓ ରାଜାଙ୍କର ଆଗମନ କାଳରେ ହେଉଥିଲା। ପ୍ରଥମେ ଏହି ନାଚରେ ଡମ୍ବରୁ ଆକୃତିର ବାଜା ବାଜୁଥିଲା। ପରେ ଡମ୍ବରୁ ବଦଳରେ ଢୋଲକ ଓ ପଖାଉଜ ବାଜିଲା। ଶିବଙ୍କର ତାଣ୍ଡବ ନୃତ୍ୟ ହିଁ ଏହି ନାଚର ମୁଖ୍ୟ ଆକର୍ଷଣ ଥିଲା। ଏହା ପ୍ରଥମେ ଅସନପାଟ ବା ପୂର୍ବରୁ ବିନ୍ଧ୍ୟାଟବୀ ରାଜ୍ୟର ମୁଖ୍ୟ ନୃତ୍ୟକଳା ଭାବେ ସ୍ୱୀକୃତଥିଲା। ଏହି ଦୁଇଟି ନୃତ୍ୟକଳା ଓ ଏହାର ସଙ୍ଗୀତ ହିଁ ପ୍ରାଚୀନ କେନ୍ଦୁଝରର ନୃତ୍ୟ ସଙ୍ଗୀତ କଳା ବିଭବ ଅଟେ। ଭାଲୁକାଣୀ ନାଚ କେନ୍ଦୁଝର ଅଞ୍ଚଳର ମୌଳିକ ଲୋକନାଟ୍ୟ।

ସଙ୍ଗୀତ : ବାଦ୍ୟ ସହିତ ଗାଉଥିବା ଗୀତକୁ ସଙ୍ଗୀତ କୁହାଯାଏ। ପଟାଦୋଳି ଉଡିଲେ, ଖାଇଦୋଳି ଘୁରିଲେ, ଭାଲୁକାଣୀ ବାଜା ବାଜିଲେ, ଚାଙ୍ଗୁମାଡ ହେଲେ ଯେଉଁ ଗୀତ ବୋଲାଯାଏ ତାକୁ ଗୀତ ଓ ସଙ୍ଗୀତ କୁହାଯାଏ। ଏହି ସବୁ ସଙ୍ଗୀତ କଳା ହିଁ କେନ୍ଦୁଝରର ପ୍ରାଚୀନ ସଙ୍ଗୀତ କଳା।

ଚିତ୍ରକଳା : ଝୋଟିଦେବା, ଚିତାକାଟିବା ଓ ବିଭିନ୍ନ ରଙ୍ଗରେ ଚିତ୍ର କରିବାକୁ ଚିତ୍ରକଳା କୁହାଯାଏ। ବହୁବର୍ଷ ପୂର୍ବେ ସୀତାବିଞ୍ଜିର ପଥର ଉପରେ ଓଲଟା ଢଙ୍ଗରେ ରାଜା ଦିଶ ଭଞ୍ଜଙ୍କର ଯେଉଁ ଯାତ୍ରାକାଳୀନ ଚିତ୍ର ରହିଛି ତାକୁ ଲୋକେ ରାବଣଛାୟା କହନ୍ତି। ଏଥିରୁ ଅନୁମିତ ହୁଏ ଯେ ଏ ମାଟିର ଲୋକେ ହଜାର ହଜାର ବର୍ଷ ପୂର୍ବରୁ ମଧ୍ୟ ବିଭିନ୍ନ ରଙ୍ଗର ଚିତ୍ର କରିପାରୁଥିଲେ।

ଶିଳ୍ପକଳା : ଘର, ମନ୍ଦିର, ମୂର୍ତ୍ତି ଆଦି ତିଆରି କରିବାକୁ ଶିଳ୍ପକଳା କୁହାଯାଏ। ଶିଳ୍ପକଳା ବିଭିନ୍ନ କିସମର । ଯଥା-ମାଟି ଶିଳ୍ପ, କାଠ ଶିଳ୍ପ, ପଥର ଶିଳ୍ପ, ଧାତୁ ଶିଳ୍ପ ଇତ୍ୟାଦି। ଲୁଗାବୁଣିବାକୁ ମଧ୍ୟ ଶିଳ୍ପ କୁହାଯାଏ। ଏ ମାଟିରେ ବହୁପୁରାତନ କାଳରୁ ମାଟିରେ ବିଭିନ୍ନ କିସମର ହାଣ୍ଡି, ପ୍ରତିମା ଓ ମୂର୍ତ୍ତି ତିଆରି ହୋଇ ଆସୁଅଛି। ଆଜକୁ ଦୁଇଶହ ବର୍ଷତଳେ ଏଠାରେ ପ୍ରଥମ କରି ମାଟିରେ ଚଣ୍ଡିମୂର୍ତ୍ତି ତିଆରି ହୋଇ ପୂଜାପାଉଥିଲେ। ଓଡିଶାରେ ଏଭଳି ମୂର୍ତ୍ତି ପ୍ରଥମ। ସେହିଭଳି ଭାଲୁକାଣୀ ମୂର୍ତ୍ତି। ଏହା ଶହ ଶହ ବର୍ଷତଳୁ ତିଆରି ହୋଇଆସୁଛି। କେନ୍ଦୁଝରଗଡ ସିଦ୍ଧମଠଠାରେ ବନବିହାରୀ ମନ୍ଦିରର ବିଜେପ୍ରତିମା ମୂର୍ତ୍ତି ମଧ୍ୟ କାହିଁ କେତେ ଦିନରୁ ମାଟିରେ

Digitized by PPRACHIN, SOA

ତିଆରି ହୋଇ ଆସୁଅଛନ୍ତି । ଏଠାକାର ଚିତ୍ରକରମାନେ ମାଟି ଓ କନାରେ ବିଭିନ୍ନ କିସମର ମୂର୍ତ୍ତି ଓ ରଙ୍ଗ ତିଆରି କରି ସୁନ୍ଦର ମୂର୍ତ୍ତି ତିଆରି କରନ୍ତି । ହଜାର ହଜାର ବର୍ଷତଳେ ଏଠିକାର ବାସିନ୍ଦାମାନେ ମାଟି ଓ ଧାନତଷୁ ମିଶାଇ ଇଟା କରୁଥିବାର ପ୍ରମାଣ ସୀତାବିଞ୍ଜିରୁ ମିଳିଥାଏ । କାଠ ଶିଳ୍ପ ମଧ୍ୟ ଏମାଟିରେ ବହୁ ପୁରାତନ କାଳରୁ ରହିଅଛି । ବିଭିନ୍ନ କିସମର ଘର, ମଞ୍ଚା, କବାଟ, ତେଣ୍ଡା, ବାକ୍ସ, ଫରୁଆ, ମୂର୍ତ୍ତି, ରଥ, ଶଗଡ ଆଦି ତିଆରି କରିବାର କଳା କୌଶଳ ଏ ମାଟିର ଲୋକଙ୍କୁ ବେଶ୍ ଜଣା । କାଠର ମୂର୍ତ୍ତି କରି କବାଟ ଝରକା ଆଦିରେ ଲଗାଇବାରେ ଏଠାଲୋକଙ୍କର ସୁନାମ ଅଛି । ପ୍ରତି ଗାଁରେ ଥିବା ଗ୍ରାମ ଦେବତୀ ଯଥା ବାସେଳୀ, ବଡାମ ଦେବତା ଓ ଅନ୍ଧାରୀଙ୍କୁ କାଠରେ ବିଭିନ୍ନ ଆକୃତି କରି ପୂଜା କରୁଥିବାର ଉଦାହରଣ ଅନେକ ରହିଛି ।

ପଥରରେ ଅନେକ ପ୍ରକାର ମୂର୍ତ୍ତି, ମନ୍ଦିର, ଓ ଘରକରି ଏ ମାଟିର ଲୋକେ ମୂର୍ତ୍ତିକଳାରେ ଅଗ୍ରଣୀ ଥିବାର ପ୍ରମାଣ ରଖିଛନ୍ତି । ଦେଡହଜାର ବର୍ଷ ତଳର ଅସନପାଟର ନଟରାଜ ମୂର୍ତ୍ତି, ହଜାର ବର୍ଷ ତଳର ସୀତାବିଞ୍ଜିର ପଥରମାଳି, ବାସନ କୁସନ ଓ ବୁଦ୍ଧ ମୂର୍ତ୍ତି, ପୋଡାସିଙ୍ଗିଡିର ଋଷଭନାଥ ପ୍ରତିମା, ଦେଓଗାଁର ଅବଲୋକିତେଶ୍ୱର, ନନ୍ଦପୁରର ବିଷ୍ଣୁନାରାୟଣ, ସରେଇର ବିରଞ୍ଚି ନାରାୟଣ, ନୟାଗଡର ମୁକ୍ତେଶ୍ୱର ମନ୍ଦିର, ସିଦ୍ଧମଠର ସିଦ୍ଧ ଜଗନ୍ନାଥ ଓ ବନବିହାରୀ, ଦେଓଗାଁର କୁଶଳେଶ୍ୱର ଓ ହାବଳେଶ୍ୱରର ଶିବ ଓ ମାତୃକା ମନ୍ଦିର ଏ ମାଟିର ପଥର ଶିଳ୍ପ କଳାକୁ ଚିହ୍ନାଇ ଦିଏ । ଏବେ ମଧ୍ୟ ଧକୋଠାରେ ଏହି ଶିଳ୍ପ ଗର୍ବର ସହିତ ଜୀଇଁଛି ।

ଧାତୁ ଶିଳ୍ପରେ ମଧ୍ୟ ଏ ମାଟିର ଲୋକେ ଖୁବ୍ ଉନ୍ନତ ଥିଲେ । ଚମ୍ପୁଆ ନିକଟବର୍ତ୍ତି ପାଞ୍ଚ ପୋଖରିଆ ଗାଁରୁ ଗୋଟିଏ ତମ୍ବାର ଲଙ୍ଗଳ ମିଳିଅଛି । ଘଟଗାଁ ନିକଟବର୍ତ୍ତୀ ବାଣକାଣ୍ଡ ଓ ସୀତାବିଞ୍ଜି ଗ୍ରାମରୁ ପ୍ରାଚୀନ ଯୁଗର ତମ୍ବାପଇସା, ମାଳି ଓ ଲୁହାରେ ତିଆରି ବିଭିନ୍ନ ଘରକରଣା ଜିନିଷ ଏବେ ମଧ୍ୟ ମାଟିତଳୁ ମିଳୁଅଛି । ଏଥିରୁ ଏ ମାଟିର ଧାତୁ ଶିଳ୍ପକଥା ଅନୁମାନ କରାଯାଏ । ପୂର୍ବେ ଏଠାରେ ନିର୍ମିତ ବୀଣା ଯନ୍ତ୍ରରେ ଲାଗୁଥିବା ଲୁହା ତାରର ନାଁ ଥିଲା । ଏବେମଧ୍ୟ କଂସାରୀସାହି ଓ ମୁଗୁପୁରର କଂସାବାସନ ଓଡିଶାରେ କାହିଁକି ଦେଶ ବିଦେଶରେ ନାଁ ରଖିଅଛି ।

Digitized by PPRACHIN, SOA

ଏହା ବ୍ୟତୀତ ମରେଇଗାଁର ଝୋଟ ତିଆରି ଜିନିଷ, ଡେଙ୍କିକୋଟ ଓ ଫକୀରପୁରର ଟସର ତିଆରି ମଠା ଚଦର ପୁରାତନ କାଳରୁ ନାଁ କରି ଆସୁଛି। ଏକ ଲୋକଗୀତରୁ ଜଣାଯାଏ ଯେ:-

'ଡେଙ୍କେରେ ଡେଙ୍କେ ଡେଙ୍କିଆ, କେଁଟିଂଗୀଗଡ ବାଙ୍କିଆ ଗୋଡକୁ ସାଜେ
ଆଠଗଡିଆ ସିଲିକି ଶାଢୀ ପିନ୍ଧୁଥିବା ଝାଡି ଝାଡି ମନବିରାଜେ'।

ଏଠାରେ କେନ୍ଦୁଝର ଗଡର ରୂପା ତିଆରି ଗୋଡବାଙ୍କିଆ ଓ ଆଠଗଡ ଅର୍ଥାତ ଫକୀର ପୁରର ମଠା ଚାଦର କଥା କୁହାଯାଇଛି।

ଶିକ୍ଷା ଦୀକ୍ଷା :

ପ୍ରାଚୀନ କାଳରେ କେବଳ ଧର୍ମ, ନୀତି, ଯୁଦ୍ଧବିଦ୍ୟାକୁ ଶିକ୍ଷା ଦିଆଯିବାର ବ୍ୟବସ୍ଥା ଥିଲା। ଅକ୍ଷର ଶିକ୍ଷା ନଥିଲା। ସୀତାବିନ୍‌ଝୀରେ ଶୈବ ଆଶ୍ରମ ଥିଲା। ବାରରାଶି ପାହାଡର ଅନେକ ଗୁମ୍ଫା ଓ ବଉଳା ପର୍ବତରେ ଥିବା ଋଷଭ ନାଥ ଆଶ୍ରମରେ ବୌଦ୍ଧଧର୍ମ ଓ ଜୈନ ତଥା ଶାକ୍ତ ଧର୍ମ କଥା ଆଲୋଚନା ହେଉଥିଲା। ବୀରଗୋବିନ୍ଦପୁର ଠାରେ ଥିବା ବୌଦ୍ଧ ଆଶ୍ରମରେ ତାନ୍ତ୍ରିକ ବୌଦ୍ଧ ଦର୍ଶନ ସମ୍ପର୍କରେ ଆଲୋଚନା ହେଉଥିଲା। ଅନୁରୂପ ଭାବେ ବଞ୍ଚୋ ନିକଟରେଥିବା ଦାରିଗଡିଆ ଏକଦା ଜଗନ୍ନାଥ ଦର୍ଶନର ସାଧନାପୀଠ ଥିବା ଜଣାଯାଏ। ମଧ୍ୟଯୁଗରେ ରାଜାମାନେ ଗ୍ରାମେ ଗ୍ରାମେ ନାଟଗୀତ ଓ ଯୁଦ୍ଧବିଦ୍ୟା ଶିକ୍ଷାଦେବାର ବ୍ୟବସ୍ଥା କରିଥିଲେ। ମହାରାଜା ଧନୁର୍ଜ୍ଜୟ ଭଞ୍ଜ ହିଁ ପ୍ରଥମ କରି ସ୍କୁଲ ଶିକ୍ଷାର ବ୍ୟବସ୍ଥା କଲେ। ତାଙ୍କ ପୂର୍ବରୁ ମାତ୍ର ସାତଗୋଟି ବିଦ୍ୟାଳୟ ଥିଲା। ରାଜା ବଳଭଦ୍ର ଭଞ୍ଜଙ୍କ ସମୟରେ ହାଇସ୍କୁଲ ଶିକ୍ଷା ଓ ଦେଶ ସ୍ୱାଧୀନ ହେବାପରେ କଲେଜ ଶିକ୍ଷାର ବ୍ୟବସ୍ଥା ହେଲା। ବର୍ତ୍ତମାନ ଏ ଜିଲ୍ଲାରେ ସର୍ବମୋଟ ୨୦୭୫ ଗୋଟି ପ୍ରାଥମିକ ବିଦ୍ୟାଳୟ, ୮୧୬ ଗୋଟି ମାଧ୍ୟମିକ ବିଦ୍ୟାଳୟ, ୪୭୭ ଗୋଟି ଉଚ୍ଚ ବିଦ୍ୟାଳୟ, ୪ ଗୋଟି ମହିଳା ମହାବିଦ୍ୟାଳୟ ଓ ୪୧ ଗୋଟି ମହାବିଦ୍ୟାଳୟ ରହିଅଛି। ଏହା ବ୍ୟତୀତ ଗୋଟିଏ ଇଂଜିନିୟରିଙ୍ଗ କଲେଜ, ୩ଗୋଟି ଶିଳ୍ପ ତାଲିମ କେନ୍ଦ୍ର ରହିଅଛି। ଏସବୁ ଭିନ୍ନ ୩ ଗୋଟି ସଂସ୍କୃତ ଟୋଲ୍, ଗୋଟିଏ ସଂସ୍କୃତ ମହାବିଦ୍ୟାଳୟ, ୩ଗୋଟି ସି:ଟି: ସ୍କୁଲ, ଗୋଟିଏ ବି:ଇଡି: କଲେଜ, ଏହାବ୍ୟତୀତ ଗୋଟିଏ କେନ୍ଦ୍ରୀୟ ବିଦ୍ୟାଳୟ, ଗୋଟିଏ ନବୋଦୟ

Digitized by PPRACHIN, SOA

ବିଦ୍ୟାଳୟ, ଗୋଟିଏ ଏକଲବ୍ୟ ଆବାସିକ ବିଦ୍ୟାଳୟ, ୧୪ଟି ମାଦ୍ରାସା ଓ ଗୋଟିଏ ଆଇନ୍ କଲେଜ ରହିଅଛି ।

ସ୍ୱାସ୍ଥ୍ୟ ସେବା :

ପୂର୍ବେ ଲୋକେ ଚେରମୂଳିରୁ ଔଷଧ ତିଆରି କରି ରୋଗ ବଇରାଗରୁ ଭଲ ହେଉଥିଲେ । କୁଷ୍ଠରୋଗ, ମ୍ୟାଲେରିଆ, ପିଲା ହେବା ଓ ପିଲା ବନ୍ଦ କରିବାର ଉପାୟ ଲୋକଙ୍କୁ ଜଣାଥିଲା । ୧୮୮୮ ମସିହାରୁ ପ୍ରଥମ କରି ଆଧୁନିକ ଚିକିତ୍ସା ବ୍ୟବସ୍ଥା ଆରମ୍ଭ ହେଲା । ସ୍ୱାଧୀନତା ଆନ୍ଦୋଳନ କାଳରେ ହୋମିଓପ୍ୟାଥିକ୍ ବ୍ୟବସ୍ଥା ଏଠାର ଲୋକେ ଜାଣିଲେ । ବର୍ତ୍ତମାନ ସୁଦ୍ଧା କେନ୍ଦୁଝରରେ ସର୍ବମୋଟ ୬ଗୋଟି ଡାକ୍ତରଖାନା, ୩ଗୋଟି ସାଧାରଣ ଚିକିତ୍ସାଳୟ, ୬ଗୋଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ୮ଗୋଟି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର, ୫୬ ଗୋଟି ଅତିରିକ୍ତ (ନୂଆ) ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ୩୧୬ଟି ସ୍ୱାସ୍ଥ୍ୟ ଉପକେନ୍ଦ୍ର, ୩୪ ଗୋଟି ହୋମିଓପ୍ୟାଥିକ ଚିକିତ୍ସାଳୟ ଓ ୪୯ ଗୋଟି ଆର୍ଯ୍ୟୁବେଦିକ ଚିକିତ୍ସାଳୟ ରହିଅଛି ।

❖❖

Digitized by PPRACHIN, SOA

କେନ୍ଦୁଝରର ଇତିହାସ

ପୁରୁଣା କଥା

କାହିଁ କେତେଦିନ ତଳର କଥା । ସେତେବେଳେ ଆମ ପୂର୍ବ ପୁରୁଷମାନେ ଗାଁ ଘର କଥା ଜାଣି ନଥିଲେ । ଲୁଗାପଟାର ବ୍ୟବହାର ବି ତାଙ୍କୁ ଜଣା ନଥିଲା । ଲଙ୍ଗଳା ମଣିଷମାନେ ପଶୁପକ୍ଷୀଙ୍କ ମେଳରେ ବନସ୍ତ ଭିତରେ ରହୁଥିଲେ । ବଣର ଫଳଫୁଲ, କନ୍ଦାକନ୍ଦମୂଳ ଖାଇ ଦିନ ନେଉଥିଲେ । ଶୋଷ ହେଲେ ଝରଣାର ପାଣି ପିଉଥିଲେ । ନିଦହେଲେ କେଉଁ ଗଛ ମୂଳରେ ଅବା ପଥର ଖୋଲରେ ଶୋଇ ଯାଉଥିଲେ । ଆମ ପରି କଥା ହେବାକୁ ଭାଷା ବି ଜାଣି ନଥିଲେ । ଖାଲି ଠାରରେ ମନ କଥା କହି ଅନ୍ୟକୁ ବୁଝାଉଥିଲେ । ମନ ଇଚ୍ଛା ବୁଲୁଥିଲେ । କେହି କାହାରିକୁ ଆପଣାର ବୋଲି ଭାବୁ ନଥିଲେ । ଯାଯାବର ପରି ଜୀବନ ବିତାଉଥିଲେ ।

ସମୟ ଆସିଲା - କାଠ ପଥର ନିଆଁ ପାଣିର କରାମତି ବୁଝିଲେ । ପଥର ତରଳାଇ ଧାତୁ ତିଆରି ଜାଣିଲେ । ଗଛ କୋରଡ ଆଉ ପଥର ଖୋଲ ପରି ପଲ୍ଲୀ ମଞ୍ଚା ତିଆରି କଲେ । ପରେ ପଲ୍ଲୀ ମଞ୍ଚାରୁ ଘର ତିଆରି କରି ଗୋଟିଏ ଯାଗାରେ ରହିଲେ । ଏଇଠୁ ଆରମ୍ଭ ହେଲା ଘର ଆଉ ଗାଁ ।

ଗାଁ ହେବା ପରେ ମଣିଷ ସରମ କଥା ବୁଝିଲା । ଗଛର ପତର, ଆଉ ଛାଲି ଆଣି ସରମ ରଖିଲା । ଏହିପରି ଲୁଗାପଟାର ବ୍ୟବହାର ଜାଣିଲା । ପଶୁପକ୍ଷୀଙ୍କି ପାଳିଲା । କିଛି ପଶୁପକ୍ଷୀଙ୍କ ଭୟରେ ବଣ ଜଙ୍ଗଲ ଛାଡି ସମତଳ ଜାଗାକୁ ଚାଲି ଆସିଲା । ନଈକୂଳିଆ ଜାଗାରେ ରହିବାକୁ ସୁବିଧା ହେଉଥିବା ଅନୁଭବ କଲା । ତେଣୁ ନଈକୂଳ ଦେଖି ପୁଣିଥରେ ଘର ଗାଁ କରି ରହିଲା ।

ଏମିତି ହେବାକୁ ହଜାର ହଜାର ବର୍ଷ ବିତିଗଲା । ଲଙ୍ଗଳା ମଣିଷ ଚାଷବାସ ଘରଗୃହ କରି ଲୁଗା ପିନ୍ଧି ଜାଣିଲା ପରେ ସେ ନିଜକୁ ସଭ୍ୟ ବୋଲି କହିଲା । ଏହାକୁ ଏବେ ଆମେ କହୁଛେ ପୁରାତନ ବା ପ୍ରାଚୀନ ସଭ୍ୟତା ।

ଚାଷବାସ ଘରଗୃହ ଆରମ୍ଭ ହେବାପରେ ଗାଁ ଗଣ୍ଡା ବଢିଲା । ଗାଁରେ ରହିବାକୁ ନୀତି ନିୟମ ବି ଚଳିଲା । ଗାଁ ମୁଖିଆ ଏଇ ନୀତି ନିୟମକୁ ବୁଝାଶୁଝା କଲେ ।

Digitized by PPRACHIN, SOA

ଏଇଭଳି ଅନେକ ଗୁଡ଼ିଏ ଗାଁର ମୁଖିଆ ମାନଙ୍କ ଭିତରେ ଜଣେ ବଡ ମୁଖିଆ ରହିଲେ। ସେ ହେଲେ ରାଜା। ଆଉ ସବୁ ଗାଁ ଗଣ୍ଡା ମିଶି ଗଢାହେଲା ଦେଶ ବା ରାଜ୍ୟ।

ବୈତରଣୀ ସଭ୍ୟତା

ହଜାର ହଜାର ବର୍ଷ ପୂର୍ବରୁ ଚାରିଆଡେ ଖାଲି ବଣ ଖମଣରେ ପୂରିଥିଲା। ବଣର ପଶୁପକ୍ଷୀମେଳରେ ମଣିଷ ମାନେ ବେଶିଦିନ ରହିପାରିଲେ ନାହିଁ। ଶେଷକୁ ସମତଳ ଜାଗା ଖୋଜିଲେ। ବୈତରଣୀ ନଦୀ କୂଳେ କୂଳେ କେତେକ ଜାଗା ମନକୁ ପାଇଲା। ସେ ସବୁ ଠାଆ ମାନଙ୍କରେ ଗାଁ ଘର କରି ରହିଲେ। ପ୍ରଥମେ ସେମାନେ ପାଞ୍ଚ ପୋଖରିଆ, ଚମ୍ପୁଆ, ଜଗନ୍ନାଥପୁର, ରାମଲା, ଉଦୟପୁର, ପାଟଣା, ଅସନପାଟ, ଉଖୁଣ୍ଡା ଓ ଚମକପୁର ଆଦି ଗ୍ରାମ ମାନଙ୍କରେ ରହିଲେ। ଏ ସବୁ ଗ୍ରାମ ବୈତରଣୀ ନଦୀକୂଳରେ ଥିବାରୁ ଏଥିରେ ବୈତରଣୀ ସଭ୍ୟତା ଗଢି ଉଠିଥିବା ଜଣାଯାଉଛି।

ଏବେ ଏହି ସବୁ ପୁରୁଣା ଗାଁର ମୁଖିଆ କେଉଁମାନେ ଥିଲେ ଓ ଏସବୁ ଗାଁ କେଉଁ ରାଜ୍ୟରେ ଓ କେଉଁ ରଜା ଏଥିରେ ଶାସନ କରୁଥିଲେ ସେ ସବୁ ଜାଣିବାକୁ ହେବ।

ବୈତରଣୀ ସଭ୍ୟତାର ଉତ୍‌ଥାନ ପତନ :

ପ୍ରାଚୀନ ପୁରାଣ ଇତିହାସରେ ବୈତରଣୀ ନଦୀର ବହୁଳ ବର୍ଣ୍ଣନା ରହିଛି। ଖ୍ରୀଷ୍ଟପୂର୍ବ କାଳରେ ଏହାର କୂଳରେ ଉତ୍କଳ ଓ କଳିଙ୍ଗ ରାଜ୍ୟ ଥିବାର ଉଲ୍ଲେଖ ରହିଛି। ଖ୍ରୀ:ପୂ: ୫୩୩ ବେଳକୁ ତପୁସା ଓ ଭଲ୍ଲିକ ନାମକ ଉତ୍କଳର ଦୁଇଜଣ ଭୂୟାଁ ବଣିକ ତପସ୍ୱୀ ଗୌତମ ବୁଦ୍ଧଙ୍କୁ ମହୁଲପିଠା ଓ ମହୁ ପିଆଇଥିଲେ। ତ୍ରିପିଟକରେ ଉଲ୍ଲେଖ ଅଛି 'ତପୁସ୍ସ ଭଲ୍ଲିକା ବାଣିଜା ଉକ୍କଳାତଂ ଦେଶଂ'। ଏହିକାଳରେ ପୁରାଣ, କାଶ୍ୟପ ଓ ଭଞ୍ଜମାନେ ଏ ଅଞ୍ଚଳରେ ଅବସ୍ଥାନ କରୁଥିବା ବୌଦ୍ଧଗ୍ରନ୍ଥରେ ଉଲ୍ଲେଖ ରହିଛି।

ସଂସ୍କୃତ ମହାଭାରତରେ କୁହାଯାଇଛି 'ଏତେ କଳିଙ୍ଗ କୌନ୍ତେୟ ଯତ୍ର ବୈତରଣୀ ନଦୀ'। ବ୍ରହ୍ମାଣ୍ଡ ପୁରାଣରେ ଉଲ୍ଲେଖ ଅଛି -

ଋଷିକୁଲ୍ୟା ସମାସାଦ୍ୟ ଯାବତ୍ ବୈତରଣୀ ନଦୀ
ତୀର୍ଥଯାତ୍ରା ବିନାଗଚ୍ଛତ୍ ପୁନଃ ସଂସ୍କାର ମର୍ହତି'

Digitized by PPRACHIN, SOA

ଅର୍ଥାତ୍ ଋଷିକୁଲ୍ୟା ଠାରୁ ବୈତରଣୀ ନଦୀର ଅବବାହିକା ମଧ୍ୟରେ ଆର୍ଯ୍ୟମାନେ ପ୍ରବେଶକଲେ ସଂସ୍କାର (ଲଙ୍ଘିତ) ହେଉଥିଲେ। ଅତଏବ ଏତେବେଳକୁ ଏହି ଅଞ୍ଚଳରେ ଆର୍ଯ୍ୟଶ୍ରେଣୀ ବହିର୍ଭୂତ ଶାବରୀୟ (ଜୁଆଙ୍ଗ, ଶବର ଓ ସହର) ମାନେହିଁ ବସବାସ କରୁଥିଲେ। କିନ୍ତୁ ସଂସ୍କୃତ ମହାଭାରତ ରଚନା ହେବାବେଳକୁ ଏ ଅଞ୍ଚଳକୁ ଆର୍ଯ୍ୟମାନେ ପ୍ରବେଶ କରିଥିଲେ। ବୈତରଣୀ ପାପନାଶିନୀ ପୁଣ୍ୟତୋୟା ତୀର୍ଥକ୍ଷେତ୍ର ଭାବେ ବର୍ଣ୍ଣିତ ହୋଇଥିଲା।

ତତୋ ବୈତରଣୀ ଗଚ୍ଛେତ୍
ସର୍ବପାପ ପ୍ରମୋଚନୀମ୍ (ବନପର୍ବ)

ବ୍ରହ୍ମପୁରାଣରେ ମଧ୍ୟ କୁହାଯାଇଥିଲା,
ଆସ୍ତେ ବୈତରଣୀ ତତ୍ର ସର୍ବପାପ ହରାନଦୀ (୪୨ ଅଧ୍ୟାୟ)

କପିଳ ପୁରାଣରେ ଉଲ୍ଲେଖ ଅଛି
'ତତ୍ର ବୈତରଣୀ ଦେବୀ ନଦୀ ମୁକ୍ତି ପ୍ରଦାୟିନୀ'

ଶାରଳା ଦାଶ ତାଙ୍କ ଓଡିଆ ମହାଭାରତରେ ଲେଖିଛନ୍ତି
'ଉତ୍କଳ ଦେଶେ ବହଇ ନଦୀ ବଇତରଣୀ'

ଏଥିରୁ ଜଣାପଡୁଛିଯେ ବୈତରଣୀ ଅବବାହିକା ପ୍ରାଚୀନ କାଳରେ କଳିଙ୍ଗ ଓ ଉତ୍କଳ ନାମରେ ନାମିତ ହୋଇଥିଲା। ସଂସ୍କୃତ ମହାଭାରତ ଓ ପ୍ରାଚୀନ ସାହିତ୍ୟରୁ ଜଣାଯାଉଛିଯେ କଳିଙ୍ଗ ଓ ଉତ୍କଳ ନାମରେ ଦୁଇଟି ରାଜ୍ୟ ପାଖା ପାଖିଥିଲା। ମଗଧ ଅଞ୍ଚଳରୁ ଓଡିଶାକୁ ପ୍ରବେଶ କଲେ ପ୍ରଥମେ ଉତ୍କଳ ଓ ପରେ କଳିଙ୍ଗ ରାଷ୍ଟ୍ର ପଡୁଥିଲା - ରଘୁବଂଶ (୪-୩୮-୪୩) ରେ ଉଲ୍ଲେଖ ଅଛି -

ଉତ୍କଳା ଦର୍ଶିତ ପଥଃ କଳିଙ୍ଗାଭିମୁଖେ ଯଯୌ ।

ଦ୍ରୋଣ ପର୍ବରେ ମଧ୍ୟ ଏଦୁଇ ରାଜ୍ୟର ଉଲ୍ଲେଖ ଅଛି-

'ଉତ୍କଳଃ ମେଖଳା ପୌଣ୍ଡ୍ରଃ କଳିଙ୍ଗାଶ୍ଚ ସଂଯୁଗେ'

ଉଭୟ ଉତ୍କଳ ଓ କଳିଙ୍ଗ ଯେ ଏକଦା ବୈତରଣୀ କୂଳରେ ସୃଷ୍ଟି ହୋଇଥିଲେ ଏହା ନିଃସନ୍ଦେହ। ଅନୁଧ୍ୟାନରୁ ଜଣାଯାଇଛିଯେ କେନ୍ଦୁଝରର ଆନନ୍ଦପୁର ଅଞ୍ଚଳ

Digitized by PPRACHIN, SOA

କଳିଙ୍ଗ ଓ ଅପର ଅଂଶଟି ଉତ୍କଳର ଅଂଶ ଥିଲା । ପରବର୍ତ୍ତୀ କାଳରେ ଏହି ଅଞ୍ଚଳରେ ଅନେକ ଶାସକଙ୍କର ଆର୍ବିଭାବ ଘଟିଥିଲା ଓ ଭିନ୍ନଭିନ୍ନ ନାମରେ ନାମିତ ହୋଇ ଶାସିତ ହେବାର ବହୁବର୍ଷପରେ କେନ୍ଦୁଝର ରାଜ୍ୟ (ଜିଲ୍ଲା) ସୃଷ୍ଟି ହୋଇଥିଲା ।

❖❖

ଆଟବୀକ ରାଜ୍ୟ

ଆଜକୁ ଦେଡହଜାର ବର୍ଷପୂର୍ବେ ଆଜିର କେନ୍ଦୁଝର ଆଟବୀକ ରାଜ୍ୟଭାବେ କଥିତ ହେଉଥିଲା । ଏହି ରାଜ୍ୟରେ ଶାବରୀୟ ଜାତି ଯଥା : ଜୁଆଙ୍ଗ, ଶବର, ସହର, ବିଂଝାଲ, କୋଡା, ଭୂମିଜ ପ୍ରଭୃତି ଜାତିର ଲୋକେ ବହୁସଂଖ୍ୟାରେ ବସବାସ କରୁଥିଲେ । ଏମାନଙ୍କୁ ସଂଗଠିତ କରି ଭଞ୍ଜଜାତିର ଲୋକମାନେ ପ୍ରଥମେ କ୍ଷୁଦ୍ର ଆଟବୀକ ରାଜ୍ୟ ଗଠନ କରିଥିଲେ । ଏମାନେ ବନଚର ଓ ଦୁର୍ଦ୍ଧର୍ଷ ଜାତିଭାବେ ପରିଚିତ ଥିଲେ । ଏତେବେଳକୁ ଆର୍ଯ୍ୟଜାତିର ଲୋକ ଏଠାକୁ ଆସିଲେ ପ୍ରାୟଶ୍ଚିତ ହେବାକୁ ପଡୁଥିଲା । ତେଣୁ ଆର୍ଯ୍ୟମାନେ ଏଠାରେ ବସତି ସ୍ଥାପନ କରିବାକୁ ଘୃଣା କରୁଥିଲେ ।

ଖ୍ରୀ:ପୂ: ୨୬୧ ରେ ମଗଧ ରାଜା ଅଶୋକ କଳିଙ୍ଗ ରାଜ୍ୟ ଆକ୍ରମଣ କଲେ । ଏତେବେଳକୁ କେନ୍ଦୁଝରର ଆନନ୍ଦପୁର ଅଞ୍ଚଳ କଳିଙ୍ଗ ରାଜ୍ୟର ଅଂଶଥିଲା । କିନ୍ତୁ ଅନ୍ୟଅଂଶଟି ଆଟବୀକ ରାଜ୍ୟଭାବେ କଥିତ ହେଉଥିଲା । ଅଶୋକ କଳିଙ୍ଗରାଜ୍ୟ ଅଧିକାର କଲେ କିନ୍ତୁ ଆଟବୀକ ଅଞ୍ଚଳକୁ ଅଧିକାର କରିପାରିନଥିଲେ । ଏହି ଅଞ୍ଚଳଟି ଅବିଜିତ ରାଜ୍ୟଭାବେ ବହୁବର୍ଷପର୍ଯ୍ୟନ୍ତ ତିଷ୍ଠି ରହିଥିଲା ।

ଖ୍ରୀଷ୍ଟିୟ ୧ମ ଶତାବ୍ଦୀ ବେଳକୁ ବୈଦେଶିକ କୁଶାଣ, ଶକ ଓ ମୁରୁଣ୍ଡ ଜାତିର ଲୋକମାନେ ଏହି ଅଞ୍ଚଳରେ ପ୍ରବେଶ କଲେ । ଏମାନେ ବୈଦେଶିକ ଓ ବୀର ଥିବାରୁ ଏମାନଙ୍କୁ ଦେବପୁତ୍ର କୁହାଯାଉଥିଲା । ଏହି ଦେବପୁତ୍ରମାନେ ଏହି ଅଞ୍ଚଳକୁ ଅଧିକାର କରିନେଇଥିଲେ । ଏମାନେ ଅନେକ ବର୍ଷଧରି ଶାସନ କରିଥିଲେ ମଧ୍ୟ ଏହି ଜାତିର ଶ୍ରେଷ୍ଠ ନରପତି ମାନଙ୍କ ମଧ୍ୟରୁ କନିଷ୍କ ଓ ହବିଷ୍କଙ୍କ ନାମ ଉଲ୍ଲେଖଯୋଗ୍ୟ । ଏହି ଶାସକମାନେ ତମ୍ବା ମୁଦ୍ରା ପ୍ରଚଳନ କରିଥିଲେ । ଏହି ଶାସକ ମାନଙ୍କର ପ୍ରଚଳିତ

Digitized by PPRACHIN, SOA

ମୁଦ୍ରାକୁ କୁଶାଣ ମୁଦ୍ରା କୁହାଯାଏ । କେନ୍ଦୁଝରର ସୀତାବିଞ୍ଜି ଅଞ୍ଚଳରୁ ଶତାଧିକ କୁଶାଣ ମୁଦ୍ରା ମିଳିଅଛି । ଏହିବଂଶର ସ୍ୱର୍ଣ୍ଣମୁଦ୍ରା ମଧ୍ୟ ଓଡିଶାର ପୁରୀ ଜିଲ୍ଲାରୁ ମିଳିଅଛି । ଏଥିରେ ଧର୍ମଦାମଦ (ଧ) ର ଉଲ୍ଲେଖ ଥିବାରୁ ଏହି ବଂଶର ସଂଜ୍ଞା 'ଧର' ଥିବା ସମ୍ଭାବନା କରାଯାଏ । ଏହି 'ଧର' ସଂଜ୍ଞକ ଜମିଦାର ବଂଶ ଏବେମଧ୍ୟ 'କନ୍ତୋ' ଗ୍ରାମରେ ଅଛନ୍ତି । ସମ୍ଭବତଃ ଏହି 'ଧର' ବଂଶଧର କେନ୍ଦୁଝର, ସିଂହଭୂମ, ମୟୂରଭଞ୍ଜ, ବାଲେଶ୍ୱର ସମେତ ଢେଙ୍କାନାଳ, ତାଳଚେର, ଯାଜପୁର, କଟକ ଓ ପୁରୀ ଅଞ୍ଚଳକୁ ଏକଦା ଶାସନ କରୁଥିଲେ । ଏହାକୁ 'ତୋଷଳି' ନାମରେ ନାମିତ କରିଥିଲେ । ପରବର୍ତ୍ତୀ କାଳରେ ଭଞ୍ଜମାନେ ଏମାନଙ୍କୁ ପରାଜିତ କରି ବିଶାଳ 'ବିନ୍ଧ୍ୟାଟବୀ' ରାଜ୍ୟ ଗଠନ କଲେ । ଏହାର ରାଜଧାନୀ ଏବେ ମଧ୍ୟ ଜନଶ୍ରୁତିରେ 'ବିନ୍ଧ୍ୟଗଡ' ବୋଲି କଥିତ



ପୋଡ଼ାସିଙ୍ଗିଡ଼ିରୁ ପ୍ରାପ୍ତ ଜୈନ ବିଗ୍ରହ ଋଷଭନାଥ

Digitized by PPRACHIN, SOA

ହୁଏ । ବିନ୍ଧ୍ୟଗଡ ତେଲକୋଇର 'ବିଂଝବାହାଳ' ବୋଲି ଅନୁମିତ ହୁଏ । ଏହି କୁଶାଣ ମୁରୁଣ୍ଡ ମାନେ ଜୈନଧର୍ମ ଗ୍ରହଣ କରିଥିଲେ । ଆନନ୍ଦପୁରର ଚକ୍ରତୀର୍ଥ ଏମାନଙ୍କ ଶାସନକାଳରେ ପ୍ରତିଷ୍ଠାଲାଭ କରିଥିଲା । ଜୈନତୀର୍ଥଙ୍କର ପାର୍ଶ୍ୱନାଥ ଓ ମହାବୀରଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଏମାନେ ନିଜକୁ କାଶ୍ୟପ ଓ ନାଗଗୋତ୍ରୀ ବୋଲି ପରିଚୟ ଦିଅନ୍ତି । ଏହି କୁଶାଣ ଜାତି ଏବେ କିଷାଣ ବା କିଶାନ ଭାବେ କଥିତ ହୁଅନ୍ତି ।

ବିନ୍ଧ୍ୟାଟବୀ

ଚମ୍ପୁଆ ସବଡିଭିଜନରେ ଅସନପାଟ ବୋଲି ଗାଁ ଟିଏ ଅଛି । ସେଠାରେ ପ୍ରତିବର୍ଷ ପଣା ସଂକ୍ରାନ୍ତି ଦିନ ଯାତ୍ରା ହୁଏ । ଏହି ଗାଁର 'ଛଉନାଟ' ବହୁ ପୁରାତନ । ସେହି ଛଉନାଟରେ 'ନଟରାଜନୃତ୍ୟ' ପ୍ରଥମରୁ କରାଯାଏ । ଶିବଙ୍କର ତାଣ୍ଡବ ନୃତ୍ୟ ବା ଯୁଦ୍ଧଯାତ୍ରାର ଦୃଶ୍ୟ ଏହି ନୃତ୍ୟରେ ଦେଖାଯାଏ ।

କିଛିବର୍ଷ ପୂର୍ବେ ଏହି ଗ୍ରାମରୁ ନଟରାଜ ଶିବଙ୍କର ଏକ ପଥର ପ୍ରତିମା ଉଦ୍ଧାର କରାଯାଇଥିଲା । ଏଥିରେ ଶିବଙ୍କ ନୃତ୍ୟରତ ଦୃଶ୍ୟ ଓ ତଳେ ଶିବଙ୍କୁ ପ୍ରାର୍ଥନା କରୁଥିବା ଜଣେ ରାଜପୁତ୍ରଙ୍କ ବିଗ୍ରହ ଖୋଦିତ ହୋଇଛି । ଏହା ତଳକୁ ସଂସ୍କୃତରେ ୧୩ ଧାଡିରେ କେତେକ ତଥ୍ୟ ରହିଛି । ଏହି ଲେଖାରୁ ଜଣାଯାଏ ଯେ, ପୂର୍ବେ ଏଠାରେ 'ବିନ୍ଧ୍ୟାଟବୀ' ନାମକ ଏକ ବିଶାଳ ରାଜ୍ୟ ଥିଲା । ଐତିହାସିକ ସତ୍ୟନାରାୟଣ ରାଜଗୁରୁ ଲେଖିଛନ୍ତି 'ବିନ୍ଧ୍ୟର ପୂର୍ବ ଭାଗରେ ଯେଉଁ ଅଞ୍ଚଳଟି ନାଗ ବଂଶୀୟ ରାଜା ମାନଙ୍କର ଅଧିକାର ଭୁକ୍ତ ହୋଇଥିଲା ତାହା ବିନ୍ଧ୍ୟାଟବୀ ନାମ ବହନ କରି ଓଡିଶାର ଆଧୁନିକ କେନ୍ଦୁଝର ଜିଲ୍ଲାରେ ଏକ ରାଜଧାନୀ ସ୍ଥାପିତ ହୋଇଥିଲା । ବିନ୍ଧ୍ୟାଟବୀରେ 'ଭଞ୍ଜ' ଉପାଧିଧାରୀ ନାଗବଂଶୀୟ ରାଜାମାନେ ଖ୍ରୀ:ଅ: ୩ୟ ବା ୪ର୍ଥ ଶତାବ୍ଦୀରେ ରାଜତ୍ୱ କରୁଥିଲେ ।

Digitized by PPRACHIN, SOA

x x x ସେହି ବିନ୍ଧ୍ୟାଟବୀ ରାଜ୍ୟ ଅନ୍ତତଃ ଖ୍ରୀଷ୍ଟୀୟ ତୃତୀୟ ଶତାବ୍ଦୀରୁ ସପ୍ତମ ଶତାବ୍ଦୀ ପର୍ଯ୍ୟନ୍ତ ଅକ୍ଷୁର୍ଣ୍ଣ ରହିଥିଲା '(ଐଶ୍ୱର୍ଯ୍ୟମୟୀ କେନ୍ଦୁଝରୀ)'। ଏହି ବିନ୍ଧ୍ୟାଟବୀରେ ଯେଉଁ ରାଜାମାନେ ଶାସନ କରୁଥିଲେ ସେମାନଙ୍କ ମଧ୍ୟରୁ ମହାରାଜା ମାଣଭଞ୍ଜ ଓ ତାଙ୍କ ପୁତ୍ର ଶତ୍ରୁଭଞ୍ଜ ପ୍ରଧାନ।

ମାଣଭଞ୍ଜ

ମାଣଭଞ୍ଜ ସୂର୍ଯ୍ୟଙ୍କ ପରି ମହାପ୍ରତାପୀ ଥିଲେ। ସେ ଅନେକ ଯୁଦ୍ଧରେ ଜୟଲାଭ କରିଥିଲେ। ସମ୍ଭବତଃ ବିଂଝବାହାଳ ଗ୍ରାମରେ ତାଙ୍କ ରାଜ୍ୟର ରାଜଧାନୀ ଥିଲା। ସେ ଅନେକ ରାଜ୍ୟ ଜୟ କରିବା ପରେ ଅନେକ ଭୂମି ଦାନ କରିଥିଲେ। ତାଙ୍କ ରାଣୀଙ୍କ ନାମ ଥିଲା ଦମୟନ୍ତୀ। ଦମୟନ୍ତୀଙ୍କ ଗର୍ଭରୁ 'ଶତ୍ରୁଭଞ୍ଜ' ନାମରେ ପୁତ୍ରଟିଏ ଜନ୍ମ ଲାଭ କରିଥିଲା।

ମାଣଭଞ୍ଜଙ୍କର ଅନେକ ସୈନ୍ୟ ଥିଲେ। ସେ ଯେଭଳି ବୀର ସେହିଭଳି ଧାର୍ମିକ ଥିଲେ। ନିଜେ 'ଶିବ'ଙ୍କୁ ପୂଜା କରୁଥିଲେ। କିନ୍ତୁ ଅନ୍ୟ ଧର୍ମର ଲୋକଙ୍କୁ ହେଳା କରୁ ନଥିଲେ।

ତାଙ୍କ ସମୟରେ ଲୋକେ ସଂସ୍କୃତ ଭାଷା ଜାଣିଥିଲେ। ଓଡିଆ ଭାଷା ଥିଲା; କିନ୍ତୁ ଓଡିଆ ଅକ୍ଷର ଥିଲା। ତେଣୁ ଲୋକେ ବ୍ରାହ୍ମୀ ଅକ୍ଷରରେ ଲେଖୁଥିଲେ।

ଶତ୍ରୁଭଞ୍ଜ

ମାଣଭଞ୍ଜଙ୍କ ପରେ ତାଙ୍କ ପୁତ୍ର ଶତ୍ରୁଭଞ୍ଜ ରାଜା ହେଲେ। ସେ ମଧ୍ୟ ବାପାଙ୍କ ପରି ବୀର ଥିଲେ। ବହୁ ଶାସ୍ତ୍ର ପୁରାଣରେ ପଣ୍ଡିତ ଥିଲେ। ନଟରାଜ ଶିବଙ୍କ ପାଇଁ ଅସନପାଟ ନିକଟରେ ଗୋଟିଏ ମନ୍ଦିର ନିର୍ମାଣ କରିଥିଲେ। ଏହା ଆଜକୁ ଏକ ହଜାର ଛଅ ଶହ ବର୍ଷ ତଳର କଥା। ତେଣୁ ସେହି ପୁରୁଣା ମନ୍ଦିରଟି ଭାଙ୍ଗି ଯାଇଛି। କେବଳ ମନ୍ଦିରର ଦେବତା 'ନଟରାଜ ଶିବ'ଙ୍କ ପ୍ରତିମାଟି ସେହି କାଳରୁ ଭୂମିତଳେ ପୋତି ହୋଇ ରହିଥିଲା। ସେହି ପ୍ରତିମା ତଳେ ମହାରାଜା ମାଣଭଞ୍ଜ ଓ ତାଙ୍କ ପୁତ୍ର ଶତ୍ରୁଭଞ୍ଜଙ୍କ ବିଷୟରେ ୧୩ ଧାଡ଼ିର କିଛି ତଥ୍ୟ ଅଛି। ସେଥିରେ ଲେଖା ଅଛି ଯେ ଶତ୍ରୁଭଞ୍ଜ ବହୁଦେଶ ଭ୍ରମଣ କରି ବିଭିନ୍ନ ମଠ ମନ୍ଦିର ମାନଙ୍କୁ ଲକ୍ଷେ ଗୋଦାନ ଓ ସୁବର୍ଣ୍ଣ ଦାନ କରିଥିଲେ। ଅହିଚ୍ଛତ୍ର ଓ ମଣିଭଦ୍ର ନାମକ ଦୁଇଟି ସ୍ଥାନରେ ଥିବା

Digitized by PPRACHIN, SOA

ମଠର ବ୍ରହ୍ମଚାରୀମାନଙ୍କୁ ବହୁ ସୁବର୍ଣ୍ଣ ଦାନ କରିଥିଲେ। ପୋଡାସିଙ୍ଗିଡି, ବୈଦାଖିଆ, ବଉଳା ଓ ଯୋଗିଛତାରେ ଜୈନଆଶ୍ରମମାନ ନିର୍ମାଣ କରି ଏହାକୁ ଏକ ଜୈନକ୍ଷେତ୍ରର ମାନ୍ୟତା ପ୍ରଦାନ କରିଥିଲେ।

ତାଙ୍କ ଅଧୀନରେ ବହୁ ସାମନ୍ତ ରାଜା ଥିଲେ। ସେହି ସାମନ୍ତମାନଙ୍କ ମଧ୍ୟରୁ କେତେକ ଏବେ ସାଉଁତି ବୋଲି କଥିତ ହେଉଛନ୍ତି। ତାଙ୍କର ସାମ୍ରାଜ୍ୟ ଓ ତାଙ୍କର କୀର୍ତ୍ତୀ ପାଟଳିପୁତ୍ର, ଗୟ୍, ତ୍ରିମିଳ, ପୁଣ୍ଡ୍ରବର୍ଦ୍ଧନ, ବର୍ଦ୍ଧମାନ, ଗୌହାଟି ଓ ତାମ୍ରଲିପି ପର୍ଯ୍ୟନ୍ତ ବ୍ୟାପି ଥିଲା। ତାଙ୍କ ଲେଖାରୁ ଜଣାଯାଏଯେ ଭଞ୍ଜମାନଙ୍କ ପୂର୍ବରୁ ଏଠାରେ କୁଶାଣ ବା ଦେବପୁତ୍ରମାନେ ଶାସନ କରୁଥିଲେ।

ଅସନପାଟ ଶିଳାଲେଖ

୧) ସ ଜୟତି ନରେନ୍ଦ୍ର ଚନ୍ଦ୍ର ଶ୍ରୀମାନ୍ନାଗା ନ୍ୱୟେ ରଣଶ୍ଚାପିୟେନ ସପିସ (୧) ଗୋତ୍ରସ୍ୟ କୃତ-(୨)
୨) ଯୁଗାନ୍ତ ଚଳର୍ଜୀର୍ତିଃ ତାଦ ସ ଜୟତି ପୁନରେବ ଦେବପୁତ୍ର ସମର - ଶତେଷୁ ସୁମଣ୍ଡିତ ପ୍ରତାପ -
୩) ମହୀତଳ ଧନଦୋ ଗୁଣୈକ ବୃକ୍ଷଃ (୩) ସପ୍ତ ତୁରଙ୍ଗଃ (୪) ତେଜରାଶିଃ ମହାରାଜା ଶ୍ରୀ ମାଣଭଞ୍ଜ -
୪) ତ୍ମଜେନ ମହାଦେବ୍ୟା ଦମୟନ୍ତ୍ୟାମୁତ୍ପନ୍ନେନେକ ସମର ସଂଘଟ୍ ଟ ବିଜୟେନ ନାଗବଂଶୋ -
୫) ଦ୍ଭବେନ (୫) ପ୍ରଭାବୋପହୃତ ସର୍ବ ସାମନ୍ତାଧିପତିନା ବିନ୍ଧ୍ୟାଟବୀ ନାଥେନ ସ୍ୱଭୁଜୋପାର୍ଜିତ
୬) କୀର୍ତ୍ତିନା ପାଟଳିପୁତ୍ର-ଗୟ୍ କ୍ରିମିଳଃ-ଦଦାବର୍ଦ୍ଧନ-ପୁଣ୍ଡ୍ରବର୍ଦ୍ଧନ-ବର୍ଦ୍ଧମାନ-ଗୌର୍ହାଟୀ-ଖଦ୍ରଙ୍ଗ-ତାମଲିପ୍ତୀ
୭) ଉଭୟ ତୋସଳୀସୁ ଗବାଲକ୍ଷ ପ୍ରଦାନେନ ନାନା ଦେଶାଗତ ଚର୍ତୁର୍ବେଦ୍ୟଜ (୬) ସ୍ୱ (ସ୍ନ) ରସି ବୃହସ୍ପ୍ସୁ (ତି) (୭)
୮) ଅହିଛତ୍ର-ସଂଖକାର ମଠ ଲକ୍ଷେଶ୍ୱର - ମଣିଭଦ୍ର ମଠେ ଚାନ୍ୟେଷୁ ମଠ ସ୍ଥାନେଷୁ
୯) ଦଧି (ତ୍ରି) ସହାସ୍ତ୍ରାନେକ ହିରଣ୍ୟ ଲକ୍ଷ ପ୍ରଦେନ ବ୍ରହ୍ମଚାରୀ ଚରକ-ପରିବ୍ରାଜକ -
୧୦) ଭିକ୍ଷୁ-ନିର୍ଗ୍ରନ୍ଥିକ - ବର୍ଣାନ୍ତକ-ବସଥ-ବିହାର କାମୁକେନ ପାଷାଣ୍ଡା ଭିକ୍ଷଦେନ -
୧୧) ଭାରଥ (ତ) - ପୁରାଣେତିହାସ ବ୍ୟାକରଣୋପ ଶିକ୍ଷା-ନ୍ୟାୟ୍-ମୀମାଂସା-ଛନ୍ଦ-ଶ୍ରୁତି
୧୨) ର୍ବେଦ ପ୍ରକୋରଣୋ ସାଂଖ୍ୟ ଜ୍ଞେନ ବିଜ୍ଞାନରାଶିନା ସର୍ବ କଳାଭିଜ୍ଞେନ ମହାରାଜ (୮) ଶ୍ରୀ -
୧୩) ଶତ୍ରୁ ଭଞ୍ଜେନ ଦେବାୟତନଂ କାରିତମିତି ବ)

(ରେଖାଙ୍କିତ ଅଂଶ ପାଠାନ୍ତର)

୧) ଗୁଣାଶ୍ରୟୀ ଯେନ (ସ୍ୱାମୀ)
୨) ମହାରୁଦ୍ରସ୍ୟ ଚତୁର୍ଭିଃ
୩) ପ୍ରହିତ ଲ(କ୍ଷ) ମ (ନ୍ତ) ଧାରଣୈ କଦକ୍ଷଃ

Digitized by PPRACHIN, SOA

୪) ତୁରଙ୍ଗ ଧର୍ବୈ(ବ)
୫) (ବ) ର୍ଦ୍ଧନେନ
୬) (ନାନାଦି (ଙ) ମଣ୍ଡ(ଳ) ସୁଗତାଚାର୍ଯ୍ୟା)
୭) ଦ୍ୟାବାମ୍ବାକାମୀ ବୃହନ୍ନଧୁ
୮) ପାଙ୍ଗଙ୍କେନ ବିଜ୍ଞାନ ରାଶିନା ସର୍ବକଳାଭିଜ୍ଞେନ ମହାରାଜେନ

ବି:ଦ୍ର: ମୂଳ ଅଭିଲେଖଟି ବ୍ରାହ୍ମୀ ଲିପିରେ ଖୋଦିତ। ଏହାକୁ ସ୍ୱର୍ଗୀୟ ଅନିରୁଦ୍ଧ ଦାସ ପାଠକରି ଓଡିଶା ଗବେଷଣା ପତ୍ରିକାରେ ପ୍ରକାଶ କରିଥିଲେ। ଏହି ପାଠରେ ରେଖାଙ୍କିତ ଅଂଶମାନଙ୍କୁ ପାଠାନ୍ତର ଦର୍ଶାଇ ଡଃ ସତ୍ୟନାରାୟଣ ରାଜଗୁରୁ ତାଙ୍କ ଓଡିଶାର ଇତିହାସ ପୁସ୍ତକରେ ସ୍ଥାନିତ କରିଛନ୍ତି।

ଅସନପାଟର
ନଟରାଜ ମୂର୍ତ୍ତି
ଓ
ଶିଳାଲେଖ

Digitized by PPRACHIN, SOA

ଦିଶଭଞ୍ଜ

ଅସନପାଟ ପରି ସୀତାବିଞ୍ଜି ବୋଲି ଗାଁଟିଏ ଅଛି। ସେଠାରେ ସୀତାଙ୍କ ଏନ୍ଦୁଡିଶାଳ ଓ ରାବଣ ଛାୟା ଚିତ୍ର ମଧ୍ୟ ରହିଅଛି। ରାବଣ ଛାୟା ବୋଲି ଲୋକେ ଯେଉଁ ଚିତ୍ରଟିକୁ ଦେଖାନ୍ତି ତାହା ପ୍ରକୃତରେ ରାବଣର ଛାଇ ନୁହେଁ। ସେହି ଚିତ୍ରଟି ରାଜା 'ଦିଶଭଞ୍ଜ'ଙ୍କ ଯୁଦ୍ଧଯାତ୍ରାର ଚିତ୍ର। ସେହି ଚିତ୍ର ତଳେ 'ଦିଶଭଞ୍ଜ'ଙ୍କ ନାମ ଲେଖାଅଛି। ରାଜା ନିଜେ ହାତୀରେ ଚଢିଛନ୍ତି। ତାଙ୍କ ସୈନ୍ୟ ସାମନ୍ତ ତାଙ୍କ ପଛରେ ଯାଉଛନ୍ତି।

ଏହିଠାରେ ପଥର ଉପରେ ଯେଉଁ କେତେକ ଲିପି ଲେଖା ଯାଇଛି ସେଥିରୁ ଜଣାପଡେ ଯେ ପୂର୍ବେ ଏଠାରେ ଏକ ଧର୍ମପୀଠ ଥିଲା। ସେହି ପୀଠରେ ଶୈବଧର୍ମ ବିଷୟରେ ପଢା ଯାଉଥିଲା।

ଏ ଅଞ୍ଚଳରେ ଏବେ ମଧ୍ୟ ଅନେକ ଇଟାଖଣ୍ଡ ଓ ବିଭିନ୍ନ କିସମର ମାଳି ଓ ପ୍ରାଚୀନ ମୁଦ୍ରା ଦେଖିବାକୁ ମିଳୁଛି। ଏଥିରୁ ଜଣାପଡୁଛି ଯେ ପୂର୍ବେ ଏହି ଅଞ୍ଚଳରେ ନିଶ୍ଚୟ ଏକ ବୃହତ୍ ଧର୍ମପୀଠ କିମ୍ବା ରାଜବାଟୀ ଥିଲା।

ସମ୍ଭବତଃ ଏହି ସ୍ଥାନରେ କିଛିଦିନପାଇଁ ବିନ୍ଧ୍ୟାଟବୀ ସାମ୍ରାଜ୍ୟର ରାଜଧାନୀଥିଲା। ଗୁପ୍ତବଂଶ ଦ୍ୱାରା ଅଧିକୃତ ହୋଇ ବିନ୍ଧ୍ୟାଟବୀ ଗୁପ୍ତବଂଶର ଶେଷରାଜା ବେଣୁଗୁପ୍ତଙ୍କ ଦ୍ୱାରା (ଖ୍ରୀ:ଅ: ୪୯୮ ରୁ ଖ୍ରୀ:ଅ ୫୧୦ ମଧ୍ୟରେ) ମଧ୍ୟ ଶାସିତ ହୋଇଥିବା ଅନୁମିତ ହୁଏ। କାରଣ ଏଠାରେ 'ବେଣ୍ୟ' ନାମାଙ୍କିତ ମୁଦ୍ରା ମିଳୁଅଛି।

Digitized by PPRACHIN, SOA

କେନ୍ଦୁଝରରେ ଗୁପ୍ତ ଶାସନ ଓ ଗୁପ୍ତକଳା

(ଖ୍ରୀ ୩୨୦ - ଖ୍ରୀ: ୫୫୦)

ଅଦ୍ୟାବଧି ମିଳିଥିବା ତଥ୍ୟ ଅନୁସାରେ ଆଜକୁ ସତର ଶହ ବର୍ଷତଳେ କେନ୍ଦୁଝରକୁ କେନ୍ଦ୍ର କରି ଭଞ୍ଜମାନେ 'ବିନ୍ଧ୍ୟାଟବୀ' ନାମକ ଏକ ବିଶାଳ ସାମ୍ରାଜ୍ୟ ଗଠନ କରିଥିଲେ। ଅସନପାଟ ଶିଳାଲେଖ ଅନୁସାରେ ମହାରାଜା ମାନଭଞ୍ଜଙ୍କ ପୁତ୍ର ଶତ୍ରୁଭଞ୍ଜ ନିଜ ବାହୁବଳରେ (ସ୍ୱଭୁଜା ପାର୍ଜିତ କୀର୍ତ୍ତିନା) ପାଟଳିପୁତ୍ର, ଗୟ୍, କ୍ରିମିଳ, ଦଦାବର୍ଦ୍ଧନ, ପୁଣ୍ଡ୍ର ବର୍ଦ୍ଧନ, ବର୍ଦ୍ଧମାନ, ଗୌହାଟୀ, ଖଦ୍ରଙ୍ଗ, ତାମ୍ରଲିପ୍ତି ଓ ଉଭୟ ତୋଷଳି ସମେତ ଅହିଛତ୍ର ଓ ମଣିଭଦ୍ର ଅଞ୍ଚଳ ଅଧିକାର କରି ସାମନ୍ତ ଶାସକମାନଙ୍କ ସହାୟତାରେ ଶାସନ କରୁଥିଲେ। ତାଙ୍କ ସାମ୍ରାଜ୍ୟଟି ବଙ୍ଗ, ବିହାର, ଆସାମ ଓ ଉତ୍ତର ପ୍ରଦେଶ ପର୍ଯ୍ୟନ୍ତ ବିସ୍ତୃତ ଥିଲା। ଓଡିଶାର ଢେଙ୍କାନାଳ, ଯାଜପୁର, ଭଦ୍ରକ, ବାଲେଶ୍ୱର, ସୁନ୍ଦରଗଡ ଅଞ୍ଚଳ ଏହି ସାମ୍ରାଜ୍ୟର ଅନ୍ତର୍ଭୁକ୍ତ ଥିଲା। ବିନ୍ଧ୍ୟାଟବୀର ରାଜଧାନୀ କେନ୍ଦୁଝରର ବିଂଝବାହାଳ (ବିନ୍ଧ୍ୟଗଡ) ଠାରେ ଥିବା ଏହି ଲେଖକ ଅନୁମାନ କରେ। ଏହି ସାମ୍ରାଜ୍ୟ ତୃତୀୟ ଶତାବ୍ଦୀର ଶେଷ ଆଡକୁ ବିକାଶ ଲାଭ କରିଥିଲା ଓ ଯାହା ଜଣାପଡୁଛି ଖ୍ରୀ:ଅ: ୩୨୦ ବେଳକୁ ଧ୍ୱଂସ ପାଇଯାଇଥିଲା। ଶତ୍ରୁଭଞ୍ଜଙ୍କ ସାମନ୍ତ ଶାସକ 'ଶ୍ରୀଗୁପ୍ତ' (ପାଟଳିପୁତ୍ର ପ୍ରଶାସକ) ବିନ୍ଧ୍ୟାଟବୀର ପତନ ଘଟାଇ ମଗଧ ସାମ୍ରାଜ୍ୟ ଗଠନ କରିଥିଲେ ଓ ଗୁପ୍ତବଂଶର ପ୍ରତିଷ୍ଠା କରିଥିଲେ। ଏହି ବଂଶ ଖ୍ରୀ:ଅ: ୩୨୦ ରୁ ଖ୍ରୀ: ୫୫୦ ପର୍ଯ୍ୟନ୍ତ ମଗଧ ସାମ୍ରାଜ୍ୟର ଶାସନକର୍ତ୍ତା ଥିଲେ। ଏହି କାଳରେ କେନ୍ଦୁଝର ମଗଧ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ ହୋଇଥିବାର ସମ୍ଭାବନା ଆମର ଏବେ ସୁଦୃଢ ହେବାରେ ଲାଗିଛି। ଅସନପାଟ ଶିଳାଲେଖରେ ମହାରାଜା ଶତ୍ରୁଭଞ୍ଜଙ୍କର ଯେଉଁ ରାଜ୍ୟଗୁଡିକ ଅଧିକାର ଭୁକ୍ତ ଥିଲା ବୋଲି ଉଲ୍ଲେଖ ଅଛି ପରବର୍ତ୍ତୀ କାଳରେ ଶ୍ରୀଗୁପ୍ତ, ଦ୍ୱିତୀୟ ଚନ୍ଦ୍ର ଗୁପ୍ତ, ସମୁଦ୍ରଗୁପ୍ତ, କୁମାର ଗୁପ୍ତ ପ୍ରମୁଖଙ୍କ ଦ୍ୱାରା ସେହିସବୁ ଅଞ୍ଚଳ ଅଧିକୃତ ହୋଇଥିବା ଗୁପ୍ତଶାସକ ମାନଙ୍କର ଅଭିଲେଖମାନଙ୍କରୁ ଜଣାପଡୁଛି। ଏପରିକି ଗୁପ୍ତବଂଶର ଶେଷ ଶାସକ ବୈଣ୍ୟ ଗୁପ୍ତଙ୍କର ନାମ ଉଲ୍ଲେଖ ଥିବା ମୁଦ୍ରା ମଧ୍ୟ ସୀତାବିଞ୍ଜ ଅଞ୍ଚଳରୁ ପ୍ରାପ୍ତ

Digitized by PPRACHIN, SOA

ହେଉଅଛି । ଖାଲି ଏତିକି ନୁହେଁ; ଗୁପ୍ତବଂଶୀ ଶାସକମାନଙ୍କ ଦ୍ୱାରା କେନ୍ଦୁଝରରେ ଅନେକ ମନ୍ଦିର ସ୍ଥାପିତ ହୋଇଥିବା ଏହି ଲେଖକ ଦାବି କରୁଛି ।

ନନ୍ଦପୁରର ପଞ୍ଚାୟତନ ବିଷ୍ଣୁ ମନ୍ଦିର

ଚମ୍ପୁଆ ସବ୍‌ଡିଭିଜନ ଅନ୍ତର୍ଗତ ଶିରିକୁଆଁ, ନନ୍ଦପୁର ଓ ସରେଇ ଗ୍ରାମରେ ଗୁପ୍ତ କଳା ଓ ଭାସ୍କର୍ଯ୍ୟର ପ୍ରତ୍ନସମ୍ପଦ ଆମ୍ଭଦ୍ୱାରା ଚିହ୍ନିତ ହୋଇଛି । ଶିରିକୁଆଁରେ ଏକ କ୍ଷୁଦ୍ର ମନ୍ଦିର ମଧ୍ୟରେ ଦୁଇଟି ବିଷ୍ଣୁ ବିଗ୍ରହ ଓ ନିକଟରେ ଏକ ଦେବୀପୀଠ କଥିତ ଶାଳ ମଧ୍ୟରେ ଏକ ବିଷ୍ଣୁ ବିଗ୍ରହ ଓ ଏକଫୁଟର ଏକ ବାମନ ନାରାୟଣ ବିଗ୍ରହ ରହିଛି । ନନ୍ଦପୁରରେ ଏକ ପଞ୍ଚାୟତନ ବିଷ୍ଣୁମନ୍ଦିର, ଏକ ବୃହତ ଚଟାଣ ଉପରେ ନିର୍ମିତ ହୋଇଛି । ଏହା ସହିତ ଏକ କ୍ଷୁଦ୍ର ମନ୍ଦିରର ନିର୍ମାଣ ମଧ୍ୟ ଏଥିରେ ରହିଛି । ଏବେ ମଧ୍ୟ ଏଥିରେ ଚାରିଗୋଟି ମନ୍ଦିର ଅକ୍ଷୁର୍ଣ୍ଣ ଅବସ୍ଥାରେ ଓ ଗୋଟିଏ ଜୀର୍ଣ୍ଣ ଅବସ୍ଥାରେ ରହିଅଛି । ୧୨ ଫୁଟରୁ ୧୮ ଫୁଟ ମଧ୍ୟରେ ଏହି ସବୁ ମନ୍ଦିରର ଉଚ୍ଚତା । ଏଗୁଡିକର ମୁଖଶାଳା ନାହିଁ । ବର୍ଗାକାର କୋଠରୀ ଉପରେ ମଣ୍ଡପ (ଦେଉଳ) ନିର୍ମିତ ହୋଇଛି । ମୁଖ୍ୟ ମନ୍ଦିର ମଧ୍ୟକୁ ଉପାସକ ପ୍ରବେଶ କରି ଆରାଧନା କରିବାର ସ୍ଥାନ ରହିଛି କିନ୍ତୁ ଅନ୍ୟ ସବୁ ମନ୍ଦିର କେବଳ ବିଗ୍ରହ ପାଇଁ ଉଦ୍ଦିଷ୍ଟ । ଏହା ଭିତରକୁ ଉପାସକ ପ୍ରବେଶ କରିବା ସହଜ ନୁହେଁ । କାରଣ ଦ୍ୱାରବନ୍ଧ ଗୁଡ଼ିକ ୨ ଫୁଟରେ ଅଢେଇ ଫୁଟ ମଧ୍ୟରେ ନିର୍ମିତ । ମନ୍ଦିର ଗୁଡ଼ିକ କାରୁକାର୍ଯ୍ୟ ବିହୀନ । ଏଥିରେ ପାର୍ଶ୍ୱଦେବତା ନାହାଁନ୍ତି । ଶିରିକୁଆଁ ମନ୍ଦିର ଉପରେ ଅଷ୍ଟଭୁଜ ଚକ୍ର ଥିବାବେଳେ

Digitized by PPRACHIN, SOA

ନନ୍ଦପୁର ମନ୍ଦିର ଶିଖରରେ ଦ୍ୱାଦଶ ଭୁଜ ଚକ୍ର ସ୍ଥାପିତ। ନନ୍ଦପୁରର ମୁଖ୍ୟବିଗ୍ରହ ଗରୁଡାସନ। ଏହି ମନ୍ଦିର ପରିସରରେ ୨ଟି ଇନ୍ଦ୍ରନାରାୟଣ, ଗୋଟିଏ ନୃସିଂହ ନାରାୟଣଙ୍କ ବିଗ୍ରହ ମଧ୍ୟ ରହିଛି। ବାକି ଆଉ ୫ଟି ବିଷ୍ଣୁ ବିଗ୍ରହ।

ନନ୍ଦପୁରର ଗରୁଡ଼ଧ୍ୱଜ ବିଷ୍ଣୁନାରାୟଣ

ଶିରିକୁଆଁର ବିଷ୍ଣୁ ମନ୍ଦିର

Digitized by PPRACHIN, SOA

ସରେଇରେ ମୂଳ ମନ୍ଦିର ଧ୍ୱଂସପ୍ରାପ୍ତ। ନୂତନ ପ୍ରାସାଦ ମଧ୍ୟରେ ଦୁଇଟି ବିଷ୍ଣୁ ବିଗ୍ରହକୁ ସ୍ଥାନୀୟ ଲୋକେ ବିରଞ୍ଚି (ସୂର୍ଯ୍ୟ) ନାରାୟଣ ବୋଲି କହନ୍ତି। ଏହି ପରିସରରେ ଏକ ଭଗ୍ନ ମନ୍ଦିରର ଦ୍ୱାରବନ୍ଧ ରହିଛି। ସେଥିରେ ନବଗ୍ରହ ନିର୍ମିତ । ଏହାକୁ ନବଗ୍ରହଶିଳା (ପାଟପଥର) କୁହାଯାଉଛି। ଏଥି ସହିତ ଏକ ଗଜଲକ୍ଷ୍ମୀଙ୍କ ବିଗ୍ରହ ଓ ଏକ ଭଗ୍ନ ନୃସିଂହ ବିଗ୍ରହ ମଧ୍ୟ ରହିଛି। ଅନ୍ୟଏକ ଶିଳା ଖଣ୍ଡରେ ବୃଦ୍ଧ ନନ୍ଦ, ଦଧିମନ୍ଥନରତା ଯଶୋଦା ଓ ଦୁଇଜଣ ଗୋପିକାଙ୍କ ଆକର୍ଷଣୀୟ ବିଗ୍ରହ ମଧ୍ୟ ରହିଛି। ଏସବୁ ମନ୍ଦିର ଖ୍ରୀ: ୩୮୦ ରୁ ଖ୍ରୀ: ୬୪୭ ମଧ୍ୟରେ ନିର୍ମିତ ହୋଇଥିଲା।

ଐତିହାସିକ ଅନୁଧ୍ୟାନରୁ ଜଣାଯାଉଛି ଯେ ଖ୍ରୀ:ଅ: ୩୨୦ ବେଳକୁ ବିନ୍ଧ୍ୟାଟବୀ ସାମ୍ରାଜ୍ୟ ଧ୍ୱଂସ ପାଇଯାଇଥିଲା। ଶତ୍ରୁଭଞ୍ଜଙ୍କ ପରବର୍ତ୍ତୀ ବଂଶଧର ଏହି ସାମ୍ରାଜ୍ୟକୁ ରକ୍ଷା କରିବାପାଇଁ ଉଦ୍ୟମ ଜାରି ରଖିଥିଲେ। ଶ୍ରୀ ଗୁପ୍ତଙ୍କ ପରବର୍ତ୍ତୀ ଶାସକ ପ୍ରଥମ ଚନ୍ଦ୍ର ଗୁପ୍ତ (ଖ୍ରୀ ୩୨୦ ରୁ ଖ୍ରୀ: ୩୩୫ (୪୦) କେନ୍ଦୁଝରକୁ ନିଜ ଶାସନାଧୀନ କରିଥିଲେ କି ନାହିଁ ଜଣାନାହିଁ; କିନ୍ତୁ ଏହାଙ୍କ ନାତି ଦ୍ୱିତୀୟ ଚନ୍ଦ୍ରଗୁପ୍ତ (ଖ୍ରୀ: ୩୭୬ ରୁ ଖ୍ରୀ ୪୧୪)ଙ୍କ ଶାସନକାଳ ମଧ୍ୟରେ କେନ୍ଦୁଝର ଅଧିକୃତ ହୋଇ 'ଚନ୍ଦ୍ର ନଗରୀ' ଭାବେ କଥିତ ହୋଇଥିବା ନିଶ୍ଚିତ। ଗୁପ୍ତମାନଙ୍କର ପ୍ରଧାନ ପ୍ରତିଦ୍ୱନ୍ଦ୍ୱୀ ଥିଲେ ନାଗବଂଶୀ ଶାସକମାନେ। ଦ୍ୱିତୀୟ ଚନ୍ଦ୍ରଗୁପ୍ତଙ୍କ ବେଳକୁ ଏହି ନାଗମାନେ ପୁନଶ୍ଚ ମିଳିତ ହୋଇ ଏକ ଭୟଙ୍କର ଯୁଦ୍ଧରେ ପରାଜିତ ହୋଇଥିଲେ। ମେହେରୌ ଲୌହ ସ୍ତମ୍ଭ ଅଭିଲେଖକୁ ଆଧାର କରି ଐତିହାସିକ ଭି:ଡି: ମହାଜନ ଲେଖିଛନ୍ତି, ଏହି ଚନ୍ଦ୍ର ହିଁ ଦ୍ୱିତୀୟ ଚନ୍ଦ୍ରଗୁପ୍ତ । ଏହି ମିଳିତ ଶତ୍ରୁବାହିନୀ ଯେ ଏକଦା ଗୌହାଟି, ବର୍ଦ୍ଧମାନ, ଖଦ୍ରଙ୍ଗ ଓ ତାମ୍ରଲିପ୍ତି ଅଞ୍ଚଳରେ ଶାସନ କରୁଥିବା ଶତ୍ରୁଭଞ୍ଜଙ୍କର ସାମନ୍ତ ନାଗମାନେ ଏହା ନିଶ୍ଚିତ। ଦ୍ୱିତୀୟ ଚନ୍ଦ୍ରଗୁପ୍ତ ଖ୍ରୀ ୩୭୬ ରୁ ଖ୍ରୀ: ୪୧୪ ପର୍ଯ୍ୟନ୍ତ ଶାସନ କରିଥିଲେ। ସମ୍ଭବତଃ ଏହିକାଳରେ କେନ୍ଦୁଝର ଅଞ୍ଚଳରେ ମହାରାଜା ଶତ୍ରୁଭଞ୍ଜଙ୍କର ଦାୟାଦ ମହାରାଜା ଦିଶାଭଞ୍ଜ ଏକ ସଂକ୍ଷିପ୍ତ ଅଞ୍ଚଳରେ ଶାସନ କରୁଥିଲେ ଓ ହୃତ ଗୌରବ ଫେରାଇବାକୁ ଗୁପ୍ତମାନଙ୍କ ସହିତ ସଂଗ୍ରାମ କରିଥିଲେ। ଏହି ଯୁଦ୍ଧ କିନ୍ତୁ ଭଞ୍ଜବଂଶର ପତନ ଘଟାଇଥିଲା। ସମଗ୍ର କେନ୍ଦୁଝର ଖ୍ରୀ:ଅ: ୩୭୬ ପରବର୍ତ୍ତୀ କାଳରେ ଗୁପ୍ତଶାସନାଧୀନ ହୋଇ ଯାଇଥିଲା ଓ ଏହା ଚନ୍ଦ୍ରନଗରୀ ଭାବେ କଥିତ ହୋଇ ଜଣେ ଅମାତ୍ୟଙ୍କ ଦ୍ୱାରା ଶାସିତ ହୋଇଥିଲା। ଗୁପ୍ତ ଶାସନର ଏହି

Digitized by PPRACHIN, SOA

ଅମାତ୍ୟମାନଙ୍କୁ କୁମାର ଓ କୁମାରମାତ୍ୟ କୁହାଯାଉଥିଲା । ଏମାନେ ଯେଉଁଠାରେ ଅବସ୍ଥାନ କରୁଥିଲେ ସେଠାରେ ଏକ ଦେବାୟତନ ନିର୍ମାଣ କରୁଥିଲେ ଓ ସେହିସ୍ଥାନ ରାଜ୍‌ଧାନୀର ମାନ୍ୟତା ପାଉଥିଲା । ଚମ୍ପୁଆ ସବ୍‌ଡିଭିଜନର ଶିରିକୁଆଁ ଗ୍ରାମଟିରେ ଜଣେ କୁମାରମାତ୍ୟ ଅବସ୍ଥାନ କରୁଥିବା ଜଣାଯାଏ । ଏହି କୁମାରମାତ୍ୟ ଅନେକଗୁଡିଏ ଜଳାଶୟ (ପୁଷ୍କରିଣୀ) ଖନନ କରିଥିଲେ । ଏବେ ସେହି ଜଳାଶ୍ରୟ ଗୁଡିକ ପୋତି ହୋଇଗଲେ ମଧ୍ୟ ରଜାବନ୍ଧ, ଅନ୍ଧାର ଗୌରୀ ଓ ସିନ୍ଦୂରଗୌରୀ ନାମରେ କଥିତ ହୁଅନ୍ତି । ଶିରିକୁଆଁ ସମ୍ଭବତଃ 'ଶ୍ରୀକୁମାର' ଶବ୍ଦର ଅପଭ୍ରଂଶ ରୂପ । ଏହାମଧ୍ୟ ହୋଇପାରେ ଯେ ଚନ୍ଦ୍ରଗୁପ୍ତ ନିଜର ପୁତ୍ର ଶ୍ରୀକୁମାରଗୁପ୍ତଙ୍କ ଦ୍ୱାରା ଏହି ଅଞ୍ଚଳଟିକୁ ଅଧିକାର କରିବାପରେ ସେ ଏଠାରେ କିଛିଦିନ ଅବସ୍ଥାନ କରିଥିଲେ । ସେହି କାଳରେ ଏଠାରେ ରଜାବନ୍ଧ ଖନନ କରାଇବା ସହିତ ସେହି କ୍ଷୁଦ୍ର ମନ୍ଦିରଟିକୁ ମଧ୍ୟ ନିର୍ମାଣ କରି ମାଧବ ବିଷ୍ଣୁଙ୍କର ଉପାସନା କରିବାର ବ୍ୟବସ୍ଥା କରିଥିଲେ ।

କୁମାର ଗୁପ୍ତ ଖ୍ରୀ: ୪୧୫ ରୁ ଖ୍ରୀ: ୪୫୫ ପର୍ଯ୍ୟନ୍ତ ଶାସନ କରିଥିଲେ । ଏହାଙ୍କ ପରେ ଏହାଙ୍କର ପୁତ୍ର ପୁରୁଗୁପ୍ତ ଓ ସ୍କନ୍ଦ ଗୁପ୍ତଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିବା ଅନୁମାନ କରାଯାଏ । ସ୍କନ୍ଦ ଗୁପ୍ତ ପିତାଙ୍କ ଅନ୍ତେ ସିଂହାସନ ଆରୋହଣ କଲେ । ସେ ଖ୍ରୀ ୪୫୫ ରୁ ଖ୍ରୀ: ୪୬୭ ପର୍ଯ୍ୟନ୍ତ ଶାସନ କରିଥିଲେ । ସମ୍ଭବତଃ ଏହି କାଳରେ ଏସ୍ଥାନଟି ସ୍କନ୍ଦଗୁପ୍ତଙ୍କ ନାମାନୁସାରେ ନନ୍ଦପୁର ଭାବେ କଥିତ ହୋଇଥିଲା । ଏଠାରେ ଆଉ ଏକ ସମ୍ଭାବନା ମଧ୍ୟ କରାଯାଇପାରେ । ଗୁପ୍ତମାନେ ଏହି ଅଞ୍ଚଳକୁ ଯେଉଁ କୁମାରମାତ୍ୟ ମାନଙ୍କ ଦ୍ୱାରା ଶାସନ କରୁଥିଲେ ସେମାନେ ସମ୍ଭବତଃ ନନ୍ଦ ସଞ୍ଚକ ଥିଲେ । ସରେଇ ଓ ଚମ୍ପୁଆ ଅଞ୍ଚଳରେ ବାସ କରୁଥିବା ନନ୍ଦ ସଞ୍ଚକ ବ୍ରାହ୍ମଣମାନେ, 'ଦେବପୂଜା' ସେମାନଙ୍କର ମୌଳିକ ବୃତ୍ତି ନୁହେଁ; ସେମାନେ 'ସାହୁମହାଜନ' ଭାବେ କଥିତ ହୁଅନ୍ତି । ସମ୍ଭବତଃ ଏହିମାନେ ହିଁ ଚନ୍ଦ୍ରନଗରୀରେ ସାମନ୍ତ ଶାସକ ଥିଲେ । ପରବର୍ତ୍ତୀ କାଳରେ ଏମାନେ ନନ୍ଦପୁର ଅଞ୍ଚଳରୁ ଉଠିଯାଇ ସରେଇ ଅଞ୍ଚଳରେ ଅବସ୍ଥାନ କରିଥିଲେ । ଖ୍ରୀଷ୍ଟିୟ ୯ମ ଶତାବ୍ଦୀରେ ଭଞ୍ଜମାନେ ପୁନଶ୍ଚ ଖିଚିଂ ଅଞ୍ଚଳରେ ଶାସନକାର୍ଯ୍ୟ ଆରମ୍ଭ କଲାପରେ ମହାରାଜା ଶତ୍ରୁଭଞ୍ଜ ଦେବ ଉର୍ତ୍ତିବିଷୟ (ଜିଲ୍ଲା) ର ଶ୍ୟାଳମୟୀ (ସାନନଈ) ଗ୍ରାମଟିକୁ କୌଶିକ ଗୋତ୍ରୀ

Digitized by PPRACHIN, SOA

ବ୍ରାହ୍ମଣ ଭଟ୍ଟପୁତ୍ର ଦଣ୍ଡପାଣିଙ୍କୁ ଓ ଖ୍ରୀ:ଅ: ୯୨୯ ମସିହା ଜାନୁଆରୀ ୨୮ ତାରିଖରେ ରାଜା ନରେନ୍ଦ୍ର ଭଞ୍ଜଦେବ ଉର୍ଦ୍ଧିଦଣ୍ଡ ପାଟର ବୃହତସରାୟ (ବଡନଇ) ଓ ସ୍ୱଳ୍ପ ସରାୟ (ସାନ ସରେଇ) ନାମକ ଦୁଇଖଣ୍ଡ ଗ୍ରାମକୁ ଭଟ୍ଟ ଦେବଶର୍ମନ ଓ ଭଟ୍ଟ ତ୍ରିବିକ୍ରମଙ୍କୁ ଦାନ କରିଥିଲେ। ଏହାଙ୍କ ଗୋତ୍ରଥିଲା ବସ୍ତ୍ରଗୋତ୍ର, ବୃହତ ଚରଣ ଓ ଅଶ୍ୱାଳୟନ ଶାଖା ଓ ପ୍ରବର ଥିଲା ପଞ୍ଚଶ୍ରେୟ। ଆଶ୍ଚର୍ଯ୍ୟର କଥା ଏହି ଗୋତ୍ରୀ ବ୍ରାହ୍ମଣମାନେ ସରେଇ ଅଞ୍ଚଳରେ ନାହାଁନ୍ତି। ଏବେ କେବଳ କାଶ୍ୟପ ଗୋତ୍ରୀ ବ୍ରାହ୍ମଣମାନେ ହିଁ ଏଠାରେ ଅବସ୍ଥାନ କରନ୍ତି। ଏମାନଙ୍କ ସଂଜ୍ଞା ପତି ଓ ନନ୍ଦ। ଅବଶ୍ୟ ଏଠାରେ ପୂର୍ବରୁ ପଣ୍ଡା ସଂଜ୍ଞକ 'କାତ୍ୟାୟନ' ଗୋତ୍ରେୟ ବ୍ରାହ୍ମଣମାନେ ମଧ୍ୟଥିଲେ। ଏହିମାନେ ହିଁ ସରେଇର ବିରଞ୍ଚି ନାରାୟଣଙ୍କୁ ପୂଜା କରୁଥିଲେ। ଏହି ଭଗ୍ନ ମନ୍ଦିରରେ ଯେଉଁ ନବଗ୍ରହ ଶିଳାରହିଛି ତାହା ଯେ ଗୁପ୍ତ ଶାସନର ପରବର୍ତ୍ତୀ କାଳର ସଂକେତ ଏହା କୁହାଯାଇପାରେ। କିନ୍ତୁ ଏଠାରେ ଥିବା ଗଜଲକ୍ଷ୍ମୀ ବିଗ୍ରହଟି ଯେ ଗୁପ୍ତମାନଙ୍କ ଶାସନର ଚିହ୍ନ ଏହା ମଧ୍ୟ ଗ୍ରହଣ କରାଯାଇପାରେ। ଆନୁସଙ୍ଗିକ କାରଣରୁ ସରେଇର ବିଷ୍ଣୁ କ୍ଷେତ୍ରକୁ ଗୁପ୍ତ ଶାସନ ପର ଓ ଭଞ୍ଜ ଶାସନ ପୂର୍ବବର୍ତ୍ତୀ ଅର୍ଥାତ୍ ଖ୍ରୀ:ଅ: ୬ଷ୍ଠ/୭ମ ଶତାବ୍ଦୀ ସମୟର ବୋଲି ଧରାଯାଇପାରେ।

ପରବର୍ତ୍ତୀ ଐତିହାସିକ ଘଟଣା ପ୍ରବାହରୁ ଜଣାଯାଉଛି ଯେ ଏହି ପୀଠ (ସରେଇପୀଠ) ଗୌଡାଧିପତି ଶଶାଙ୍କଙ୍କ ଶାସନକାଳ ଖ୍ରୀ:୬୧୩ ରୁ ଖ୍ରୀ:୬୨୫ ମଧ୍ୟରେ ନିର୍ମିତ ହୋଇଥିଲା। ତାଙ୍କ ସାମ୍ରାଜ୍ୟର ରାଜଧାନୀ ଥିଲା କର୍ଣ୍ଣ ସୁବର୍ଣ୍ଣ। ଏହାର ଅବସ୍ଥିତି ନେଇ ଭିନ୍ନମତ ରହିଛି। ଐତିହାସିକ କନିଂହାମ୍ କର୍ଣ୍ଣ ସୁବର୍ଣ୍ଣର ଅବସ୍ଥିତ ମାନଭୂମ ଜିଲ୍ଲାର ସୁବର୍ଣ୍ଣରେଖା ନଦୀ କୂଳରେ ବୋଲି କହିଥିଲେ। ଶ୍ରୀଯୁକ୍ତ ନଗେନ୍ଦ୍ରନାଥ ବସୁ ମୟୂର ଭଞ୍ଜର 'ଖିଚିଂ' ଓ ଓଡିଶାର ଐତିହାସିକ ଡ଼ଃ ନବୀନ କୁମାର ସାହୁ ଏବଂ ଡ: ସତ୍ୟନାରାୟଣ ରାଜଗୁରୁ କର୍ଣ୍ଣସୁବର୍ଣ୍ଣ ମୟୂରଭଞ୍ଜର କରଞ୍ଜିଆ ବୋଲି ଗ୍ରହଣ କରିଛନ୍ତି। କିନ୍ତୁ ଏହି ଲେଖକ କର୍ଣ୍ଣ ସୁବର୍ଣ୍ଣ ଚମ୍ପୁଆର ବ୍ରହ୍ମପୁର କରଞ୍ଜିଆ ଓ କାଞ୍ଜିଆଶୁଳା ମଧ୍ୟରେ ଥିଲା ବୋଲି ଦାବୀ କରେ। ଚମ୍ପୁଆର ସଶାଙ୍ଗ ଅଞ୍ଚଳଯେ ମହାରାଜା ଶଶାଙ୍କ ନାମର ଅପଭ୍ରଂଶ ଏହା ନିଶ୍ଚିତ। ଏହାଙ୍କ ସାମନ୍ତ ଭାନୁଦତ୍ତ ପରବର୍ତ୍ତୀ କାଳରେ (ଶଶାଙ୍କଙ୍କ ମୃତ୍ୟୁ ପରେ) ହର୍ଷବର୍ଦ୍ଧନଙ୍କ ସାମନ୍ତ ଭାବେ ନିଜର ନାମକୁ ଭାନୁବର୍ଦ୍ଧନ କରିଥିଲେ। ସେ ମଧ୍ୟ ଏହି ଅଞ୍ଚଳରେ କିଛିକାଳ ଅବସ୍ଥାନ

Digitized by PPRACHIN, SOA

କରିଥିବା ସମ୍ଭାବନା । ତାଙ୍କ ନାମାନୁସାରେ ବର୍ଦ୍ଧନା ବୋଲି ଗ୍ରାମଟିଏ ମଧ୍ୟ ଅଛି । ସରେଇ ଶବ୍ଦଟି 'ସଃରାୟ' ସେହି ରାଜା ଶଶାଙ୍କ ବୋଲି ଆମେ ବୁଝୁ । ସୁତରାଂ ସରେଇ ଓ ସଶାଙ୍ଗ ଗ୍ରାମ ଯେ ଏକଦା ଗୌଡାଧିପତି ଶଶାଙ୍କଙ୍କ ରାଜଧାନୀ 'କର୍ଣ୍ଣ ସୁବର୍ଣ୍ଣ' ଥିଲା ଏହାନିଶ୍ଚିତ ବୋଲି ବୁଝିବାକୁ ହୁଏ ।

ଶିରିକୁଆଁ ଓ ନନ୍ଦପୁରର ମନ୍ଦିରଗୁଡିକ ଗୁପ୍ତ ଶାସନ କାଳର ବୋଲି ଆମେ ଦୃଢ ନିଶ୍ଚିତ । କାରଣ ଗୁପ୍ତମାନେ ବ୍ରାହ୍ମଣ୍ୟ ଧର୍ମର ପୃଷ୍ଠପୋଷକ ଥିଲେ । ସେମାନଙ୍କ ଶାସନ କାଳରେ ବିଷ୍ଣୁ, ବରାହ, ଗଜଲକ୍ଷ୍ମୀ ଆଦି ଉପାସନା ଆରମ୍ଭ ହୋଇଥିଲା । ପ୍ରଥମକରି ପଥର ଓ ଇଟାରେ କ୍ଷୁଦ୍ର ମନ୍ଦିର ନିର୍ମାଣର ଯୁଗ ଆରମ୍ଭ ହୋଇଥିଲା । ଡଃ ଭି ଡିଃ ମହାଜନଙ୍କ ଭାଷାରେ ଏହି ମନ୍ଦିର ଗୁଡିକ ଯେଉଁ ଶିଳାରେ ଗଠିତ ସେଥିରେ ପଥର ଯୋଡେଇ ପାଇଁ କୌଣସି ଉପାଦାନ ବ୍ୟବହୃତ ହୋଇନାହିଁ । ବର୍ଗାକାର ଗର୍ଭଗୃହ ଉପରେ ବର୍ଗାକାର ଛାତ ପଡି ତା' ଉପରେ ଶିଖର ନିର୍ମିତ ହୋଇ ମନ୍ଦିର ଚୂଡାରେ ଚକ୍ର ସ୍ଥାନିତ ହୋଇଛନ୍ତି । ଉତ୍କଳୀୟ କଳିଙ୍ଗ ରେଖ ଶୈଳୀର ମନ୍ଦିର ନିର୍ମାଣ ଏହି ମନ୍ଦିରକୁ ଅନୁକରଣ କରି ପରବର୍ତ୍ତୀ କାଳରେ ନିଜର ସ୍ୱାତନ୍ତ୍ର୍ୟ ବହନ କରିଛି । ବର୍ଗାକାର ବାଡ ଉପରେ ରଥକ ନିର୍ମିତ ହୋଇ ଏଗୁଡିକୁ କଳିଙ୍ଗ ଶୈଳୀର ତ୍ରିରଥ ରେଖ ଦେଉଳର ମର୍ଯ୍ୟାଦା ଦିଆଯାଇଛି । ଆମ୍ଭର ସ୍ୱଳ୍ପଜ୍ଞାନ ମଧ୍ୟରେ ଆମେ ଏତିକି କହିପାରୁ ଯେ ଅଦ୍ୟାବଧି ଉପଲବ୍ଧ ଓଡିଶାର ବିଷ୍ଣୁମନ୍ଦିର ମଧ୍ୟରେ ନନ୍ଦପୁରର ପଞ୍ଚାୟତନ ବିଷ୍ଣୁମନ୍ଦିର ସର୍ବପୁରାତନ । ଓଡିଶାର ପ୍ରତ୍ନତତ୍ତ୍ୱ ବିଭାଗ ଏହି ଧ୍ୱଂସମୁଖୀ ପୀଠର ରକ୍ଷଣାବେକ୍ଷଣ ଦାୟିତ୍ୱ ହାତକୁ ନେବା ଉଚିତ୍ ।

Digitized by PPRACHIN, SOA

ଗୁପ୍ତବଂଶର ପତନ ପରେ କେନ୍ଦୁଝର
(ଖ୍ରୀ: ୫୫୦ - ଖ୍ରୀ ୬୩୬)

ଗୁପ୍ତବଂଶର ପତନ ପରେ କେନ୍ଦୁଝର ଦୁଇଟି ପ୍ରଶାସନିକ ବିଭାଗରେ ବିଭକ୍ତ ହୋଇ ଭିନ୍ନ ଭିନ୍ନ ଶାସକମାନଙ୍କ ଦ୍ୱାରା ଶାସିତ ହୋଇଥିଲା। ବୈତରଣୀ ନଦୀର ଉତ୍ତର ଭାଗ (ଆନନ୍ଦପୁର ଅଞ୍ଚଳ)ରେ ମୁଦ୍‌ଗଲ ବଂଶୀ ଶାସକ ଶମ୍ଭୁଯଶଙ୍କର ଆବିର୍ଭାବ ଘଟିଥିଲା। ବୈତରଣୀ ନଦୀର ଦକ୍ଷିଣାଂଶ (ସମଗ୍ର କେନ୍ଦୁଝର-ଆନନ୍ଦପୁରକୁ ଛାଡି)ରେ ବିଗ୍ରହବଂଶୀ ଶାସକ ପୃଥିବୀ ବିଗ୍ରହ ଶାସନ କରୁଥିଲେ। ଏହାଙ୍କ ରାଜଧାନୀ ଥିଲା ବିରଜା (ଯାଜପୁର) ମଣ୍ଡଳରେ। ଶମ୍ଭୁଯଶଙ୍କର ରାଜଧାନୀ ଥିଲା ଆନନ୍ଦପୁରର ମୁଗୁପୁର ଗ୍ରାମରେ। ଏହି ଉଭୟ ଶାସକଙ୍କ ମଧ୍ୟରେ ବୈରତା ଲାଗିଥିଲା ପ୍ରାୟ ୫୦ ବର୍ଷରୁ ଊର୍ଦ୍ଧ୍ୱକାଳ ଯାଏଁ। ଶମ୍ଭୁଯଶ ଖ୍ରୀ:୫୫୦ ରୁ ଖ୍ରୀ:୬୦୯ ପର୍ଯ୍ୟନ୍ତ ଆନନ୍ଦପୁର ଅଞ୍ଚଳରେ ଶାସନ କରିଥିଲେ। ଖ୍ରୀ: ୬୦୩ ରେ କେନ୍ଦୁଝରର ଦକ୍ଷିଣାଂଶକୁ ମଧ୍ୟ ଦଖଲକୁ ନେଇ ଖ୍ରୀ: ୬୦୯ ପର୍ଯ୍ୟନ୍ତ ସମଗ୍ର କେନ୍ଦୁଝରର ଶାସନ କାର୍ଯ୍ୟ ତୁଲାଇଥିଲେ।

କେନ୍ଦୁଝରର ଦକ୍ଷିଣାଂଶ ଖ୍ରୀ:୫୦୦ ରୁ ଖ୍ରୀ:୬୦୩ ପର୍ଯ୍ୟନ୍ତ ବିଗ୍ରହ ବଂଶୀ ଶାସକ ପୃଥିବୀ ବିଗ୍ରହ ଓ ତାଙ୍କ ବିରାଦର ଲୋକ ବିଗ୍ରହଙ୍କ ଦ୍ୱାରା ଶାସିତ ହୋଇଥିଲା। କିନ୍ତୁ ଏହି ସମୟ ମଧ୍ୟରେ ଖ୍ରୀ:୫୭୭ ବେଳକୁ ଗଙ୍ଗବଂଶୀ ଶାସକ ହସ୍ତୀବର୍ମା ପୃଥିବୀ ବିଗ୍ରହଙ୍କଠାରୁ କେନ୍ଦୁଝରକୁ ଛଡାଇ ନେଇଥିଲେ ଓ ଏହା ଖ୍ରୀ:୫୯୫ ପର୍ଯ୍ୟନ୍ତ ତାଙ୍କ ଅଧୀନସ୍ଥ ହୋଇଥିଲା। ଖ୍ରୀ:୫୫୮ ବେଳକୁ ପ୍ରାୟ ପୃଥିବୀ ବିଗ୍ରହଙ୍କର ମୃତ୍ୟୁ ହେବାରୁ ତାଙ୍କ ପୁତ୍ର ଲୋକ ବିଗ୍ରହ କ୍ଷମତାସୀନ ହେଲେ ଓ ଶକ୍ତି ସଞ୍ଚୟକରି ଖ୍ରୀ:୫୯୫ ବେଳକୁ ସ୍ୱାଧୀନତା ଘୋଷଣାକଲେ। ପୁନଶ୍ଚ ଶମ୍ଭୁଯଶଙ୍କ ଦ୍ୱାରା ପରାଜିତ ହେଲେ ଖ୍ରୀ: ୬୦୩ ମସିହାରେ। ସୁତରାଂ ଏହିକାଳରୁ ସମଗ୍ର କେନ୍ଦୁଝର ଶମ୍ଭୁଯଶଙ୍କ ଦ୍ୱାରା ଶାସିତ ହେଲା। ଖ୍ରୀ: ୬୦୯ ବେଳକୁ ଦୁର୍ଜ୍ଜୟବଂଶୀ ଶାସକ ପୃଥ୍ୱୀ ମହାରାଜାଙ୍କ ଦ୍ୱାରା ଶମ୍ଭୁଯଶ ପରାଜିତ ହେବାରୁ ଏହି ଅଞ୍ଚଳ ପୃଥ୍ୱୀମହାରାଜାଙ୍କ ଅଧିକାରକୁ ଚାଲିଯାଇଥିଲା। ଖ୍ରୀ: ୬୧୩ରେ ଗୌଡାଧିପତି ଶଶାଙ୍କ ପୃଥ୍ୱୀ ମହାରାଜାଙ୍କୁ ପରାସ୍ତ

Digitized by PPRACHIN, SOA

କରି ଏ ଅଞ୍ଚଳକୁ ଉତ୍କଳ ଦେଶ ନାମରେ ନାମିତ କଲେ । ଉତ୍କଳଦେଶ ଶଶାଙ୍କଙ୍କ ଅଧୀନରେ ଶାସିତ ହେଲା ତାଙ୍କ ମୃତ୍ୟୁ କାଳ ଖ୍ରୀ: ୬୨୩ ପର୍ଯ୍ୟନ୍ତ । ଏହାପରେ କନୌଜ ଅଧିପତି ହର୍ଷବର୍ଦ୍ଧନଙ୍କ ଦ୍ୱାରା ଅଧିକୃତ ହୋଇ ଖ୍ରୀ; ୬୪୭ ପର୍ଯ୍ୟନ୍ତ ଶାସିତ ହୋଇଥିଲା । ଏଥର ଏହାର ନାମ ହୋଇଥିଲା 'ଓଡ୍ରଦେଶ' । ହର୍ଷବର୍ଦ୍ଧନଙ୍କ ମୃତ୍ୟୁ (ଖ୍ରୀ: ୬୪୭) ପରେ 'କଙ୍ଗୋଦ'ର ଶୈଳୋଦଭବରାଜା ଦ୍ୱିତୀୟ ମାଧବବର୍ମା (ଖ୍ରୀ: ୬୧୦ ରୁ ଖ୍ରୀ ୬୬୫) ଏହି ଅଞ୍ଚଳଟିକୁ ନିଜ ଶାସନାଧୀନ କରିଥିବା ଅନୁମିତ ହୁଏ । ଏହି ବଂଶ ଦ୍ୱାରା ଖ୍ରୀ: ୭୩୬ ପର୍ଯ୍ୟନ୍ତ କେନ୍ଦୁଝର ଶାସିତ ହୋଇଥିବା ସମ୍ଭାବନା ମାତ୍ର ।

ମୋଟାମୋଟି ଖ୍ରୀ:୫୫୦ ରୁ ଖ୍ରୀ:୬୫୦ ପର୍ଯ୍ୟନ୍ତ କେନ୍ଦୁଝରର ସାଂସ୍କୃତିକ ଐତିହ୍ୟ ସମ୍ପର୍କରେ ଏଠାରେ ସାମାନ୍ୟ ସୂଚନା ଦିଆଗଲା ।

ବୈତରଣୀର ଉତ୍ତରାଂଶ ଗୁପ୍ତବଂଶର ପତନପରେ ଦୀର୍ଘ ବର୍ଷଧରି ଉତ୍ତର ତୋଷଳୀ ନାମରେ ମୁଦଗଳବଂଶୀ ଶାସକ ଶମ୍ଭୁଯଶଙ୍କ ଦ୍ୱାରା ଶାସିତ ହୋଇଥିଲା । ସେ ଗୁପ୍ତବଂଶର ଜଣେ ସାମନ୍ତ ଶାସକଥିଲେ । ତାଙ୍କର ମୁଖ୍ୟ ପ୍ରତିଦ୍ୱନ୍ଦୀ ଥିଲେ ବୈତରଣୀର ଦକ୍ଷିଣାଂଶରେ ଶାସନ କରୁଥିବା ବିଗ୍ରହ ବଂଶୀ ଶାସକ ପୃଥିବୀ ବିଗ୍ରହ । ଏହି ଦୁଇ ଶକ୍ତି ମଧ୍ୟରେ ବାରମ୍ବାର ବଳକଷାକଷି ଚାଲିଥିଲା । ଖ୍ରୀ:୫୮୦ ପର୍ଯ୍ୟନ୍ତ ଏହି ଯୁଦ୍ଧ ଅମୀମାଂସିତ ଥିଲା ।

ଇତିମଧ୍ୟରେ ଖ୍ରୀ:ଅ: ୫୭୭ ବେଳକୁ ଗଙ୍ଗବଂଶୀ ଶାସକ ହସ୍ତୀବର୍ମା ବିଗ୍ରହବଂଶୀ ଶାସକ ପୃଥିବୀ ବିଗ୍ରହ ଓ ଦୁର୍ଜ୍ଜୟ ବଂଶୀ ରାଜା ପୃଥ୍ୱୀ ମହାରାଜ ଉଭୟଙ୍କ ମିଳିତ ବାହିନୀକୁ ପରାସ୍ତ କରିଥିବା ଜଣାଯାଏ । ସୁତରାଂ ହସ୍ତୀବର୍ମାଙ୍କ ବସତା ସ୍ୱୀକାର ପୂର୍ବକ ପୃଥିବୀ ବିଗ୍ରହ ମୁଦଗଳବଂଶୀ ଶାସକଙ୍କ ସହିତ ଖ୍ରୀ: ୫୮୦ ବେଳକୁ ଯୁଦ୍ଧ କରିଥିଲେ । ଏହି ଯୁଦ୍ଧ ଅମୀମାଂସିତ ଥିବା ଅବସ୍ଥାରେ ତାଙ୍କର ମୃତ୍ୟୁ ହେବାରୁ ତାଙ୍କ ପୁତ୍ର ଶ୍ରୀ ଲୋକବିଗ୍ରହ କ୍ଷମତାସୀନ ହେଲେ । ଏଥର ସେ ନିଜ ରାଜ୍ୟର ନାମ 'କଳିଙ୍ଗ' ପରିବର୍ତ୍ତେ 'ଦକ୍ଷିଣ ତୋଷଳୀ' ନାମ ଦେଲେ । ଖ୍ରୀ ୫୭୭ରେ ପୃଥିବୀ ବିଗ୍ରହ ଓ ପୃଥ୍ୱୀମହାରାଜ ଉଭୟେ ଗଙ୍ଗବଂଶୀ ଶାସକ ହସ୍ତୀବର୍ମାଙ୍କ ଦ୍ୱାରା ପରାଜିତ ହୋଇଥିବା ଇତିପୂର୍ବେ କୁହାଯାଇଛି । ସେହି ପରାଜୟର ପ୍ରତିଶୋଧ ନେବାକୁ ପୃଥ୍ୱୀ ମହାରାଜ ଖ୍ରୀ ୫୯୫ ବେଳକୁ ଗଙ୍ଗ ରାଜ୍ୟ ଆକ୍ରମଣ କରି ଦ୍ୱିତୀୟ ଇନ୍ଦ୍ରବର୍ମାଙ୍କୁ

Digitized by PPRACHIN, SOA

ପରାସ୍ତ କଲେ । ଏହି ସୁଯୋଗରେ ଏଣେ ଲୋକ ବିଗ୍ରହ ମଧ୍ୟ ସ୍ୱାଧୀନତା ଘୋଷଣା କଲେ ଓ ନିଜକୁ 'ମହାସାମନ୍ତ' ପରିବର୍ତ୍ତେ 'ଅଷ୍ଟାଦଶ ତୋଷଳାଧିପତି' ଭାବେ ଘୋଷଣା କଲେ । ଖ୍ରୀ:ଅ: ୬୦୦ (ଗୁପ୍ତାବ୍ଦ ୨୮୦) ବେଳକୁ କଳିଙ୍ଗର ନାମ ଦକ୍ଷିଣ ତୋଷାଳୀ ହୋଇଥିବାରୁ ଲୋକ ବିଗ୍ରହ ନିଜକୁ ସ୍ୱାଧୀନ ଘୋଷଣା କରିଥିଲେ । ସେ ଇତିମଧ୍ୟରେ 'ଅଷ୍ଟାଦଶଟବୀ' ରାଜ୍ୟଗୁଡ଼ିକୁ ନିଜ ଶାସନାଧୀନ କରିପାରିଥିଲେ । ଲୋକବିଗ୍ରହଙ୍କର ଉତଥାନ ଶମ୍ଭୁଯଶଙ୍କ ପ୍ରତି ଅସହ୍ୟ ଓ ବିପଦପୂର୍ଣ୍ଣଥିଲା । ସେ ଇତିମଧ୍ୟରେ ଅଧିକ ଶକ୍ତି ସଞ୍ଚୟ କରି ଦକ୍ଷିଣ ତୋଷଳୀ ଆକ୍ରମଣ କରିଥିଲେ । ଖ୍ରୀ ୬୦୩ରେ ଏକ ଭୟଙ୍କର ଯୁଦ୍ଧରେ ଶମ୍ଭୁଯଶ ବିଜୟୀ ହେଲେ । ଏଥର ଉଭୟ ତୋଷଳ ତାଙ୍କ ଅଧୀନସ୍ଥ ହେଲା ।

ମୋଟାମୋଟି ଖ୍ରୀ:୫୫୦ ରୁ ଖ୍ରୀ:୬୦୩ ପର୍ଯ୍ୟନ୍ତ କେନ୍ଦୁଝରର ଏକ ବୃହତ୍ତ ଅଂଶ ବିଗ୍ରହବଂଶ ଦ୍ୱାରା ଶାସିତ ହୋଇଥିଲେ ହେଁ ଖ୍ରୀ: ୫୭୭ ରୁ ଖ୍ରୀ: ୫୯୫ ପ୍ରାୟ ୨୦ ବର୍ଷ ଗଙ୍ଗ ଅଧିନସ୍ଥ ଥିଲା । ଗଙ୍ଗମାନେ ଶୈବ ଉପାସକ ଥିଲେ । କିନ୍ତୁ ବିଗ୍ରହବଂଶ ଶିବ୍‌ଶକ୍ତି ଓ ସୂର୍ଯ୍ୟ ଉପାସକ ଥିବା ଜଣାଯାଏ । ମଣିନାଗେଶ୍ୱରଙ୍କୁ ଉପାସନା କରୁଥିବା ତାଙ୍କ ପ୍ରଦତ୍ତ ସୁମଣ୍ଡଳ ତାମ୍ର ଶାସନରୁ ଜଣାଯାଏ । ଗଙ୍ଗ ଶାସନାଧୀନ କାଳରେ କେନ୍ଦୁଝରକୁ କେତେକ ଶୈବାଚାର୍ଯ୍ୟ ମହୀଶୂର ଗଙ୍ଗାବାଡ଼ି ଅଞ୍ଚଳରୁ ଆସିଥିବା ସୀତାବିଞ୍ଜି ଶିଳାଲେଖରୁ ଜଣାଯାଏ । ଗଙ୍ଗମାନେ ମୂଳତଃ ଏହି ମହୀଶୂରର ଗଙ୍ଗାବାଡ଼ି ଅଞ୍ଚଳରୁ ଆସିଥିବା ଅନନ୍ତବର୍ମାଙ୍କ ତାମ୍ର ଶାସନରୁ ଜଣାଯାଏ । ସେଥିରେ ଉଲ୍ଲେଖ ଅଛି:

ଧନଜନ ସମ୍ବନ୍ଧୋ ଗଙ୍ଗବାଡ଼ି ପ୍ରସିଦ୍ଧ
ସକଳ ବିଷୟଭୂତଃ ସ୍ୱର୍ଗବର୍ଗୋପଭୋଗୀ
ତଦଧିପତି ରଖାଦ୍ୟୋନନ୍ତବର୍ମା ନୃପେନ୍ଦ୍ରଃ
ସମଭଦିତରୂପ ଗଙ୍ଗାନାମ୍ନା ତଦାଦ୍ୟାଃ

ସୀତାବିଞ୍ଜିକୁ ଏହି ଗଙ୍ଗବାଡ଼ିରୁ ଆଗତ ଶୈବାଚାର୍ଯ୍ୟ 'ପୁରୁଧସ' ଓ ଏହାଙ୍କ ଶିଷ୍ୟ ସବୁଭଙ୍କ ସମେତ ଗାଙ୍ଗୁଲାଦି, ଶଶିଧର, ଶସ୍ତ୍ରାଙ୍କୁନଧର, ଆଦି ତେଲୁଗୁ କନ୍ନଡ ଲିପିରେ ବାରଗୋଟି ଲିପି ଖୋଦିତ ହୋଇଅଛି । ସୀତା ଠାକୁରାଣୀ ଲବକୁଶ କଥିତ ଅନେକଗୁଡ଼ିଏ ଶିବଲିଙ୍ଗ ଓ ରାବଣଛାୟା କଥିତ ଶିବଙ୍କର ଏକ ପଞ୍ଚମୁଖ

Digitized by PPRACHIN, SOA

ଲିଙ୍ଗ ମଧ୍ୟ ସ୍ଥାପନା କରି ଏହି କ୍ଷେତ୍ରକୁ ଏକ ଶୈବପୀଠରେ ପରିଣତ କରିବାକୁ ଚେଷ୍ଟା କରିଥିଲେ। ଶଗଡପଟାର ଦାନ୍ତୁଆଣୀ ପୀଠଟି ଏହିକାଳରେ ଗଢିଉଠିଥିଲା। ଗଙ୍ଗମାନଙ୍କର ରାଜଧାନୀର ନାମଥିଲା 'ଦନ୍ତପୁର'। ଦନ୍ତପୁରର ଆରାଧ୍ୟ ହିଁ ଦାନ୍ତୁଆଣୀ। ଦାନ୍ତୁଆଣୀ ଓ ଘଟଗାଁ'ର ଦ୍ୱାରଶୁଣି ଦେଖିବାକୁ ଏକା ପରି।

ଗଙ୍ଗମାନଙ୍କ ପରି ବିଗ୍ରହମାନେ ମଧ୍ୟ ଶୈବଥିଲେ। ଏମାନେ ସୂର୍ଯ୍ୟଙ୍କର ଉପାସକ ମଧ୍ୟ ଥିଲେ। ଏମାନେ ଗୁପ୍ତବଂଶର ସାମନ୍ତ ଶାସକ ଭାବେ ଏ ଅଞ୍ଚଳରେ ଶାସନ କରୁଥିଲେ। ସୁତରାଂ ଏମାନେ ଗୁପ୍ତମାନଙ୍କ ଅନୁରୂପ ଶୈବ ଓ ବୈଷ୍ଣବ ଧର୍ମର ପୃଷ୍ଠପୋଷକତା କରୁଥିଲେ। ବ୍ରାହ୍ମଣ୍ୟ ଧର୍ମର ସୂର୍ଯ୍ୟ ଦେବତାଙ୍କ ସେବକ ଭାବେ ପୃଥିବୀ ବିଗ୍ରହଙ୍କ ଅଧସ୍ତନ ମହାରାଜା ଧର୍ମରାଜ ନିଜକୁ ସହସ୍ର ରଶ୍ମି ପାଦଭକ୍ତୋ ବୋଲି ଘୋଷଣା କରିଥିଲେ। ପୃଥିବୀ ବିଗ୍ରହଙ୍କର ପୁତ୍ର ଲୋକବିଗ୍ରହ ଜୟବରାହ'ଙ୍କର ସେବକ ଥିଲେ। ଆନନ୍ଦପୁରର ମଛାଳୋ ଗ୍ରାମରେ ତିନିଗୋଟି ବରାହ ନାରାୟଣଙ୍କ ବିଗ୍ରହ, ଗୋଟିଏ ୧୦ ଏକର ପରିମିତ ପୁଷ୍କରିଣୀ ଓ ନଅଏକର ପରିମିତ ଏକ ଭଗ୍ନ ଦୁର୍ଗର ଅବଶେଷ ଦେଖିବାକୁ ମିଳେ। ବିଗ୍ରହ ଶାସନ କାଳରେ ଏହି କ୍ଷେତ୍ରର ପ୍ରାଧାନ୍ୟ ଥିବା ସମ୍ଭାବନା। ସେମାନେ ମଧ୍ୟ 'ମଣିନାଗେଶ୍ୱର'ଙ୍କ ଉପାସକ ଥିଲେ। ମୈତ୍ରାୟଣୀୟ ବ୍ରାହ୍ମଣମାନଙ୍କ ପାଇଁ ଭୂମିଦାନ କରିଥିଲେ। ପରବର୍ତ୍ତୀ କାଳରେ ଏହି ଶ୍ରେଣୀର ବ୍ରାହ୍ମଣମାନଙ୍କୁ 'ଗ୍ରହବିପ୍ର' କୁହାଗଲା। ଏହିଭଳି 'ବ୍ରାହ୍ମଣ' ଆନନ୍ଦପୁର ଅଞ୍ଚଳର ଯଶୋବନ୍ତପୁରରେ ଏବେ ମଧ୍ୟ ବାସ କରନ୍ତି। ଆମ୍ବୋର 'ବରେଶ୍ୱର' ଓ ଲକ୍ଷଣପୁରର 'ସର୍ପେଶ୍ୱର' ଏହିକାଳରେ ପ୍ରତିଷ୍ଠିତ ବିଗ୍ରହ ବୋଲି ଅନୁମିତ ହୁଏ।

ବୈତରଣୀର ଉତ୍ତରାଂଶରେ ଶମ୍ଭୁଯଶ ଦୀର୍ଘଦିନ ଧରି ଶାସନକ୍ଷମତାରେ ଥିବା ଜଣାଯାଏ। ସେ ଖ୍ରୀ: ୫୫୦ ବେଳକୁ ଏହି ଅଞ୍ଚଳକୁ ଉତ୍ତର ତୋଷଳୀ ନାମରେ ଶାସନ କରୁଥିଲେ। ଶାସନର ସୁବିଧା ଦୃଷ୍ଟିରୁ ଓ ବିଗ୍ରହବଂଶ ସହିତ ବୈରତା କାରଣରୁ ସେ ବୈତରଣୀ କୂଳରେ ନିଜର ଏକ ସ୍ୱତନ୍ତ୍ର ରାଜଧାନୀ ନିର୍ମାଣ କରିଥିବା ଜଣାପଡେ। ସେହିସ୍ଥାନ ତାଙ୍କ ବଂଶର ଗାରିମା ଦୃଷ୍ଟିରୁ 'ମୁଦଗଲପୁର' ଭାବେ କଥିତ ହେଉଥିଲା। ଏବେ ତାହା ଲୋକମୁଖରେ 'ମୁଗୁପୁର' ନାମରେ କଥିତ ହେଉଛି।

Digitized by PPRACHIN, SOA

ଶମ୍ଭୁଯଶ 'ମାନ' ବଂଶରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପ୍ରଦତ୍ତ ତାମ୍ର ଶାସନରୁ ଜଣାଯାଏ ସେ ପରମ ମାହେଶ୍ୱର ବା ଶୈବ ଥିଲେ। ସେ ନିଜକୁ ପରମ ଦୈବତ ବୋଲି ମଧ୍ୟ ଘୋଷଣା କରିଥିଲେ। ତାଙ୍କ ଦାନପତ୍ରରୁ ଜଣାଯାଏ ଯେ ସେ ବତ୍ସ ଓ ଭରଦ୍ୱାଜ ଗୋତ୍ରୀୟ ବ୍ରାହ୍ମଣ ମାନଙ୍କୁ ଭୂମିଦାନ କରିଥିଲେ। ବୈଦିକ ବ୍ରାହ୍ମଣମାନଙ୍କ ପଦସେବା କରି ନିଜକୁ କୃତାର୍ଥ ମନେକରୁଥିଲେ। ହାଟଡିହି ଅଞ୍ଚଳରେ ଏହି ଉଭୟଗୋତ୍ରୀ ବ୍ରାହ୍ମଣମାନେ ଏବେ ମଧ୍ୟ ବାସ କରନ୍ତି।

ଏହି କାଳରେ ବ୍ରାହ୍ମଣ ମାନଙ୍କ ମଧ୍ୟରୁ ରାଜାଙ୍କର ମୁଖ୍ୟ ପରାମର୍ଶଦାତା ନିଯୁକ୍ତ ହେଉଥିଲେ, ଏମାନଙ୍କୁ 'ମହାସନ୍ଧି ବିଗ୍ରହ' କୁହାଯାଉଥିଲା।

ଶମ୍ଭୁଯଶ ପ୍ରାୟ ଅର୍ଦ୍ଧଶତାବ୍ଦୀରୁ ଉର୍ଦ୍ଧ୍ୱ (ଖ୍ରୀ: ୫୫୦ ରୁ ଖ୍ରୀ ୬୦୯) ପର୍ଯ୍ୟନ୍ତ ଏହି ଅଞ୍ଚଳର ଶାସନଭାର ତୁଲାଇଥିଲେ। ଏହି ସୁଦୀର୍ଘ ସମୟ ଖଣ୍ଡରେ ଅନେକ ସାଂସ୍କୃତିକ ପରିବର୍ତ୍ତନ ଘଟିଥିଲା। ବାରମ୍ବାର ଶତ୍ରୁଭୟ କାରଣରୁ ସେ ସମାଜର ସମସ୍ତ ସମ୍ପ୍ରଦାୟ ମଧ୍ୟରୁ ଯୁବକମାନଙ୍କୁ ତାଙ୍କ ସୈନ୍ୟବାହିନୀରେ ନିଯୁକ୍ତି ଦେଇ ଏକ ସେନାବାହିନୀ ଗଠନ କରିଥିଲେ। କ୍ଷତ୍ରୀୟ ଓ ବୈଶ୍ୟ ଭେଦରେ ଏହା ଆକ୍ରାନ୍ତ ନଥିଲା। ବୈଶ୍ୟ ଓ ଶୂଦ୍ରମାନେ ମଧ୍ୟ ତାଙ୍କ ସୈନବାହିନୀରେ ସାମିଲ ଥିବା ଜଣାଯାଏ।

କିନ୍ତୁ ବାରମ୍ବାର ଯୁଦ୍ଧ ବିଗ୍ରହହେତୁ ଓ ବୟସାଧିକ କାରଣରୁ ସେ ଖ୍ରୀ: ୬୦୯ ରେ ଦୁର୍ଜ୍ଜୟବଂଶୀ ଶାସକ ପୃଥ୍ୱୀମହାରାଜଙ୍କ ଦ୍ୱାରା ପରାସ୍ତ ହୋଇଥିଲେ ଓ ଏହିଠାରୁ ମୁଦଗଲ ବଂଶର ଅବସାନ ଘଟିଥିଲା। ଶମ୍ଭୁଯଶଙ୍କର ରାଜ୍ୟର ସୀମା ମେଦିନୀପୁର, ବାଲେଶ୍ୱର, କେନ୍ଦୁଝରଠାରୁ ଗଞ୍ଜାମ ପର୍ଯ୍ୟନ୍ତ ବିସ୍ତୃତ ଥିଲା। ଏହିବଂଶ କେନ୍ଦୁଝରରେ ଅଦ୍ୟାବଧି ଅବସ୍ଥାନ କରନ୍ତି। ଏମାନେ ଆମ୍ବୋ ଜମିଦାର ଭାବେ କଥିତ ହୁଅନ୍ତି।

ଅଳ୍ପକାଳପରେ ଅର୍ଥାତ ଖ୍ରୀ:୬୧୩ ବେଳକୁ ଗୌଡରାଜ୍ୟର ଶାସକ ଶଶାଙ୍କ ପୃଥ୍ୱୀ ମହାରାଜଙ୍କୁ ବିରଜା ନିକଟରେ ଏକ ଭୟଙ୍କର ଯୁଦ୍ଧରେ ପରାସ୍ତକରି ଏହି ଅଞ୍ଚଳକୁ ଅଧିକାର କଲେ ଓ ଏ ଅଞ୍ଚଳଟିକୁ 'ଉତ୍କଳଦେଶ' ନାମରେ ନାମିତ କଲେ।

❖❖

Digitized by PPRACHIN, SOA

ଶଶାଙ୍କଙ୍କ ଗୌଡ଼ଦେଶ (ଉତ୍କଳ) ଓ ହର୍ଷବର୍ଦ୍ଧନଙ୍କ ଓଡ୍ରଦେଶ

କର୍ଣ୍ଣ ସୁବର୍ଣ୍ଣରେ ଶଶାଙ୍କଙ୍କ ରାଜଧାନୀ ଥିଲା । ଅସନପାଟ ଗ୍ରାମ ନିକଟରୁ କିଛି ଦୂରରେ ଶଶାଙ୍କ ବୋଲି ଗାଁ ଟିଏ ଏବେ ବି ଅଛି । ଏହା ଶଶାଙ୍କଙ୍କ ନାମାନୁସାରେ ହୋଇଥିବା ବିଶ୍ୱାସ କରାଯାଏ । ପୁନଶ୍ଚ ଶଶାଙ୍କ ବ୍ରାହ୍ମଣ୍ୟ ଧର୍ମଗ୍ରହଣ କରିଥିବାରୁ ସମ୍ଭବତଃ ଏହାଙ୍କ ସମୟରେ ସରେଇରେ ବିରଞ୍ଚି ନାରାୟଣଙ୍କ ବିଷ୍ଣୁ ମନ୍ଦିର ନିର୍ମିତ ହୋଇଥିଲା । ଏହି ମନ୍ଦିର ମଧ୍ୟରେ ସାଢେତିନିଫୁଟ ଉଚ୍ଚତା ବିଶିଷ୍ଟ ଦୁଇଗୋଟି କମନୀୟ ଚତୁର୍ଭୁଜ ବିଷ୍ଣୁମୂର୍ତ୍ତି ସ୍ଥାପିତ ହୋଇଥିଲେ । ମନ୍ଦିର ମଧ୍ୟରେ ଦୁଇଫୁଟ ଉଚ୍ଚତା ବିଶିଷ୍ଟ ଏକ କମନୀୟ ଦଧିମନ୍ଥନରତା ଯଶୋଦା ମୂର୍ତ୍ତି ମଧ୍ୟ ସ୍ଥାନିତ ହୋଇଥିଲା । ଏଭଳି ମୂର୍ତ୍ତି ଓଡିଶାରେ ଦୁର୍ଲ୍ଲଭ । ଏହି ଭଗ୍ନମନ୍ଦିରଟି ସନ ୧୯୫୮ ମସିହା ପର୍ଯ୍ୟନ୍ତ ଭଗ୍ନ ଅବସ୍ଥାରେ ଥିଲା । ଏବେ ନିଶ୍ଚିହ୍ନ । ସ୍ଥାନୀୟ ଜନଶ୍ରୁତି ଅନୁସାରେ ପୁର୍ବେ ଏ ଅଞ୍ଚଳର ନାମ 'ଚନ୍ଦ୍ରନଗରୀ' ଥିଲା । ଏଠାରେ ଚନ୍ଦ୍ରନାମରେ ଜଣେ ପରାକ୍ରମୀ ରାଜାଙ୍କର ରାଜଧାନୀଥିଲା । ଏକାମ୍ର ପୁରାଣର ବର୍ଣ୍ଣନା ଅନୁସାରେ ଏହି ଚନ୍ଦ୍ରନାମକ ରାଜାଙ୍କୁ ଐତିହାସିକମାନେ ଶଶାଙ୍କରାଜଙ୍କୁ ଚିହ୍ନିତ କରିଥାନ୍ତି । ଶଶାଙ୍କଙ୍କ ଶାସନକାଳରେ ଭୁବନେଶ୍ୱରରେ ଚନ୍ଦ୍ରଶେଖର ମନ୍ଦିର ନିର୍ମିତ ହୋଇଥିବା ଇତିହାସ ସମର୍ଥିତ । କେନ୍ଦୁଝରର ଚନ୍ଦ୍ରଶେଖରପୁର ଓ ଶଶାଙ୍କ ଗ୍ରାମ ବୈତରଣୀ କୂଳରେ ଏବଂ ଏହାର ଅନତି ଦୂରରେ ଚମ୍ପୁଆ ଗ୍ରାମରେ ଏବେ ମଧ୍ୟ ଚନ୍ଦ୍ରଶେଖର ମହାଦେବଙ୍କ ବିଗ୍ରହ ରହିଅଛି । ଏହାର ଅନତି ଦୂରରେ ସରେଇ ଅଞ୍ଚଳରେ ପ୍ରାଚୀନ ଦୁର୍ଗର ଭଗ୍ନାବଶେଷ ଅଦ୍ୟାବଧି ଉପଲବ୍ଧ ହେଉଅଛି । ପୂର୍ବରୁ କୁହାଯାଇଛି ଶଶାଙ୍କ ଗୌଡରାଜ୍ୟର ଅଧିପତିଥିଲେ ଓ ତାଙ୍କ ରାଜଧାନୀର ନାମଥିଲା 'କର୍ଣ୍ଣସୁବର୍ଣ୍ଣ' । ଶଶାଙ୍କଙ୍କ ଗୌଡରାଜ୍ୟ ପାଞ୍ଚଭାଗରେ ବିଭକ୍ତଥିଲା । ଯଥା:- ବଙ୍ଗ, ସାରସ୍ୱତ, କାନ୍ୟକୁବ୍ଜ, ମିଥିଳା ଓ ଉତ୍କଳ । ଉତ୍କଳରେ ଗୌଡାଧିପତି ଶଶାଙ୍କଙ୍କର ଶାସନ କ୍ଷେତ୍ରମଧ୍ୟ ଅର୍ନ୍ତାତରେ ଗୌଡଦେଶ କଥିତ ହୋଇ ପରବର୍ତ୍ତୀ କାଳରେ ଗୌଡଦେଶ ଦଣ୍ଡପାଟରେ ନାମିତ ହୋଇଥିଲା । ଏହା ଚମ୍ପୁଆ ଓ ଝୁମ୍ପୁରା ବ୍ଲକ ଅଞ୍ଚଳରେ ସୀମିତ ଥିଲା ।

Digitized by PPRACHIN, SOA

ସରେଇଠାରୁ ନନ୍ଦପୁର ପର୍ଯ୍ୟନ୍ତ ଏଇ ଅଞ୍ଚଳଟି ଯେ ଶଶାଙ୍କ ଶାସନ କାଳରେ ଏକ ବିଷ୍ଣୁ ଉପାସନା କ୍ଷେତ୍ର ଥିଲା- ଏହା ନିଃସନ୍ଦେହ ।

ସେ ତାଙ୍କର ସାମନ୍ତ ଶାସକ ସୋମଦତ୍ତଙ୍କୁ ଉତ୍ତର ତୋଷଳି (ଉତ୍କଳ)ର ଶାସନ ମୁଖ୍ୟରୂପେ ନିଯୁକ୍ତ କରିଥିଲେ । କେନ୍ଦୁଝରର ଆନନ୍ଦପୁର ଅଞ୍ଚଳ ଉତ୍ତର ତୋଷଳିର ଏକ ଅଂଶ ଥିଲା । ସୋମଦତ୍ତଙ୍କ ସୋର ତାମ୍ରଶାସନରୁ ଜଣାଯାଏ ଯେ ସେ ଓଡ୍ର ବିଷୟରେ ଥିବା ଆମ୍ରତକ୍ଷକ (ଆମ୍ବୋଗଡ଼ିଆ) ନାମକ ଯୁଦ୍ଧକ୍ଷେତ୍ରରୁ ଧ୍ରୁବମିତ୍ରସ୍ୱାମୀ ଓ ଅରୁଙ୍ଗସ୍ୱାମୀ ନାମକ ବତ୍ସ ଓ ମୈତ୍ରାୟଣୀୟ ଗୋତ୍ରୀ ଦୁଇଜଣ ବ୍ରାହ୍ମଣଙ୍କୁ ବହିର୍ବାଟକ (ବାହାରିପୁର) ଓ ଅଡୟର (ଅଁରା+ଡଅଁର) ଗ୍ରାମଦ୍ୱୟ ଶଶାଙ୍କଙ୍କ ରାଜତ୍ୱର ୧୫ଶ ବର୍ଷ; ଅର୍ଥାତ୍ ଖ୍ରୀ:ଅ: ପ୍ରାୟ ୬୧୫ ବୈଶାଖ ମାସ ୧୩ ଦିନରେ ଦାନ କରିଥିଲେ । ଏହି ବ୍ରାହ୍ମଣମାନେ ଏବେ ମଧ୍ୟ ଏ ଅଞ୍ଚଳରେ ବାସକରନ୍ତି । ଏହା ଉତ୍ତର ତୋଷଳୀର ସରେଫହାର ବିଷୟରେ ଅବସ୍ଥିତ ଥିଲା । ଖ୍ରୀ: ୬୨୩ରେ ଶଶାଙ୍କ ରାଜାଙ୍କର ମୃତ୍ୟୁ ହେଲା । ହର୍ଷବର୍ଦ୍ଧନ ଏହିକାଳରେ ଓଡିଶା (ତୋଷଳୀ) ଦଖଲ କରି ଏହାକୁ ଓଡ୍ରଦେଶ ନାମଦେଲେ । ଏହାର ଦୀର୍ଘ ୧୫ ବର୍ଷପରେ ସୋମଦତ୍ତ ହର୍ଷବର୍ଦ୍ଧନଙ୍କର ବସତା ସ୍ୱୀକାର କରିବାରୁ ସମଗ୍ର କେନ୍ଦୁଝର ଖ୍ରୀ: ୬୩୮ ବେଳକୁ ହର୍ଷବର୍ଦ୍ଧନଙ୍କର ଅଧିକୃତ ହୋଇଥିଲା ବୋଲି ବୁଝିବାକୁ ହେବ । ସୋମଦତ୍ତଙ୍କ ପରେ ଭାନୁଦତ୍ତ ଏ ଅଞ୍ଚଳର ଶାସନ ମୁଖ୍ୟ ହୋଇଥିଲେ । ସେ (ଭାନୁଦତ୍ତ) ମହାପ୍ରତିହାର ମହାସାମନ୍ତ ଓ ମହାରାଜ ଉପାଧିରେ ଭୂଷିତ ହୋଇଥିଲେ । ସେ ପ୍ରତିହାର ଥିବାକାଳରେ ଯେଉଁଠାରେ ଅବସ୍ଥାନ କରୁଥିଲେ ତାହା ପ୍ରଥମେ ପ୍ରତିହାରପଡା ଭାବେ କଥିତ ହୋଇ ପରେ ପଡିଆରିପଲ୍ଲୀ ଭାବେ କଥିତ ହେଉଛି ।

ଏହିକାଳରେ ଖ୍ରୀ:ଅ: ୬୩୯ ବେଳକୁ ଚୀନ୍ ପରିବ୍ରାଜକ ହୁଏନ୍‌ସାଂ ଏହି ଅଞ୍ଚଳକୁ ଆସିଥିଲେ ।

ହର୍ଷବର୍ଦ୍ଧନଙ୍କ ସଭାପଣ୍ଡିତ ବାଣଭଟ୍ଟଙ୍କ ରଚିତ 'ହର୍ଷଚରିତ' ଗ୍ରନ୍ଥରେ ଉଲ୍ଲେଖଅଛିଯେ, ହର୍ଷଙ୍କ ଭାଇ ରାଜ୍ୟବର୍ଦ୍ଧନ ଥାନେଶ୍ୱରର ଅଧିପତି ଥିଲେ । ତାଙ୍କ ଭଉଣୀ 'ରାଜ୍ୟଶ୍ରୀ'ଙ୍କୁ କନୌଜର ରାଜା ଗ୍ରହବର୍ମନ ବିବାହ କରିଥିଲେ । ଗୌଡଦେଶର ରାଜା ଶଶାଙ୍କ କନୌଜ ଆକ୍ରମଣ କରି ଗ୍ରହବର୍ମନଙ୍କୁ ହତ୍ୟାକଲେ । ରାଜ୍ୟଶ୍ରୀଙ୍କୁ ବନ୍ଦୀକରି 'ବିନ୍ଧ୍ୟାଟବୀ' ଅଞ୍ଚଳକୁ ନେଇଗଲେ । ହର୍ଷଙ୍କ ଭାଇ ରାଜ୍ୟବର୍ଦ୍ଧନ ଶଶାଙ୍କଙ୍କ

Digitized by PPRACHIN, SOA

ସହିତ ଯୁଦ୍ଧକରି ନିହତ ହେଲେ । ହର୍ଷବର୍ଦ୍ଧନ ଏ ଖବର ପାଇ ସସୈନ୍ୟେ ବିନ୍ଧ୍ୟାଟବୀ ଆଡକୁ ଅଗ୍ରସର ହେଲେ । ଏଠାରେ 'ଭୂକମ୍ପ' ନାମକ ଜଣେ ଆଦିବାସୀ ସାମନ୍ତ ଶାସକ ଥିଲେ । ହର୍ଷବର୍ଦ୍ଧନ ଏହି ଭୂକମ୍ପଙ୍କ ଠାରୁ ନିଜ ଅପହୃତା ଭଉଣୀର ସନ୍ଧାନ ପାଇଲେ । ରାଜ୍ୟଶ୍ରୀ ସହଚରୀଗଣଙ୍କ ସହିତ କାଷ୍ଠରେ ଅଗ୍ନି ସଂଯୋଗ କରି ଆତ୍ମହତ୍ୟା କରିବାକୁ ଉଦ୍ୟମ କରୁଥିବା କାଳରେ ହର୍ଷତାଙ୍କୁ ଉଦ୍ଧାର କଲେ ।

ସରେଇର ବିରଞ୍ଚିନାରାୟଣ



ନବଗ୍ରହ ଓ ଗଜଲକ୍ଷ୍ମୀ ଅଙ୍କିତ ଶିଳା

Digitized by PPRACHIN, SOA

କେନ୍ଦୁଝର ସଦର ବ୍ଲକରେ 'କମ୍ପଡିହି' ବୋଲି ଗାଁଟିଏ ଅଛି । ସମ୍ଭବତଃ ଏହିଠାରେ ହିଁ 'ଭୂକମ୍ପ' ଅବସ୍ଥାନ କରି ଶାସନ କରୁଥିଲେ । ଭୂକମ୍ପଙ୍କ ନାମାନୁସାରେ କମ୍ପଡିହି ଗ୍ରାମ ହୋଇଥିବା ସମ୍ଭାବନା ରହିଛି ।

ହର୍ଷବର୍ଦ୍ଧନଙ୍କ ମୃତ୍ୟୁପରେ ଶୈଳୋଦ୍ଭବ ବଂଶୀ ଶାସକ ମାଧବ ବର୍ମା ଏହି ଅଞ୍ଚଳକୁ ଅଧିକାର କରିନେଲେ । ଏହି ବଂଶଦ୍ୱାରା ଏଅଞ୍ଚଳଟି ଖ୍ରୀ:୭୩୫ ପର୍ଯ୍ୟନ୍ତ ଶାସିତ ହୋଇଥିବା ଅନୁମିତ ହୁଏ । ଅବଶ୍ୟ ଅଦ୍ୟାବଧି ଏହି ସମୟର କୌଣସି ପ୍ରାମାଣିକ ତଥ୍ୟ ଆବିଷ୍କୃତ ହୋଇନାହିଁ ।

କିନ୍ତୁ ଆନନ୍ଦପୁରର ଫକୀରପୁର, ବଞ୍ଜୋ, ଯଶୋବନ୍ତପୁର, ସାନନ୍ଦପୁର ଆଦି ଅଞ୍ଚଳରୁ ଏହିବଂଶର କଳାକୃତି ଉପଲବ୍ଧ ହେଉଥିବା ଜଣାଯାଏ । ଏହି ବଂଶରେ ଶାସକ ମାଧବ ବର୍ମା ବା ଅଯୋଶଭୀତ (ଖ୍ରୀ:୬୬୫ ରୁ ଖ୍ରୀ:୬୯୫)ଙ୍କ ନାମାନୁସାରେ ଅଯୋଶଭୀତପୁର ସୃଷ୍ଟିହୋଇ କାଳକ୍ରମେ ତାହା ଯଶୋଭୀତପୁର ଓ ଯଶବନ୍ତପୁର ଭାବେ କଥିତ ହେଉଥିବା ଜଣାଯାଏ । ଏହିକାଳରେ ସାନନ୍ଦପୁରରେ ଥିବା ପାଞ୍ଚଫୁଟ ଉଚ୍ଚତାର ବିଷ୍ଣୁ (ବାମନ) ନାରାୟଣଙ୍କ ବିଶାଳ ବିଗ୍ରହ ଏହିଠାରେ ସ୍ଥାନିତ ଓ ପୂଜିତ ହେଉଥିବା ଅନୁଭୂତ ହୁଏ । ଏହାସହିତ ଏହି ପୀଠରେ ଥିବା ଅଢେଇଫୁଟର ଉର୍ଦ୍ଧ୍ୱପାଦ ବାମନ ଓ ହିରଣ୍ୟ ବିଦାରଣ ନୃସିଂହଙ୍କ ଦୁଇଟି ବିଗ୍ରହ ମଧ୍ୟ ଦେଖିବାକୁ



ସାନନ୍ଦପୁରର ଦଶାବତାର-- ବ୍ରହ୍ମା, ଶିବ ଓ ଭକ୍ତ ଗରୁଡ଼

Digitized by PPRACHIN, SOA

ମିଳେ। ଏହାଙ୍କପରେ ଦ୍ୱିତୀୟ ଧର୍ମରାଜ (ଖ୍ରୀ:୬୯୫-ଖ୍ରୀ:୭୩୦) ଙ୍କ ଶାସନ କାଳରେ ଫଙ୍କୀରପୁରରେ ବିଷ୍ଣୁଙ୍କର ପାଦମୂଳ (ପାଦୁଖାଇ କଥିତ) ଉପାସନା ଆରମ୍ଭ ହୋଇଥିଲା। ଏହି ପୀଠରେ ଗୋଟିଏ ଗରୁଡ ବିଗ୍ରହ ମଧ୍ୟ ରହିଅଛି।

ଫଙ୍କୀରପୁର (ଆନନ୍ଦପୁର)ର ଗରୁଡ଼, ମାତୃକା ବାରାହୀ, ବିଷ୍ଣୁନାରାୟଣ ଓ ପାଦପୀଠ

❖❖

ଜାହୋର ରାଜ୍ୟ

ବିନ୍ଧ୍ୟାଟବୀର ଅବସାନ ପରେ ଭୌମ ଶାସନ କାଳରେ କେନ୍ଦୁଝରର କିୟଦଂଶ ମହାଦେଶ ଓ କିୟଦଂଶ ଜାହୋର ଭାବେ କଥିତ ହେଉଥିବା ଉପଲବ୍ଧ ହୁଏ।

ଜହର ବା ଜାହୋରର ଅର୍ଥ ଜ୍ଞାନର ଦେଶ। ଏହି ମାଟିର ନାମ କାହିଁକି ଜାହୋର ହେଲା ତାହା କହିବା ସହଜ ନୁହେଁ। ତେବେ ଏବେ ମଧ୍ୟ ଆମ ଜିଲ୍ଲାରେ ଜହରାଇ ଷଣ୍ଢ, ଜାହାରି ଆଦି ନାମରେ ଅନେକ ସ୍ଥାନ ରହିଅଛି। ବୋଧହୁଏ ଏଠି ବହୁ ଧର୍ମର ପୀଠ ଥିବାରୁ ଓ ଲୋକେ ବହୁ ଧର୍ମରେ ଦୀକ୍ଷିତ ଥିବା ହେତୁ ଏମାଟିକୁ ଜ୍ଞାନର ଦେଶ ବୋଲି କୁହାଯାଉଥିଲା। ଅନ୍ୟ ଏକ ମତ ଅନୁସାରେ ଜହର ବା ଜାହୋରର ଅର୍ଥ ପାର୍ବ୍ୟତ୍ୟ ଅଞ୍ଚଳ। ଜାହୋର ର ଅର୍ଥ ହୁଏତ ଆଟବୀକ ରାଜ୍ୟ।

Digitized by PPRACHIN, SOA

ଆଟବୀକ ଶବ୍ଦରୁ ଏବେ କେନ୍ଦୁଝରର ବୃହତ୍ତମ ଜଙ୍ଗଲର ନାମକୁ ଅଟେଇ ବୋଲି କୁହାଯାଇଛି । ପୁଣି ପାର୍ବ୍ୟତ୍ୟଦେବୀ 'କାହେର ଏରା'ଙ୍କ ନାମ ଅନୁସାରେ ମଧ୍ୟ ଏହାର ନାମ କାହୋର ହୋଇଥିବା ଅସମ୍ଭବ ନୁହେଁ । ଏହା ମଧ୍ୟ କୁହାଯାଇପାରିବ ଯେ 'କେଝିଂରୀ' ଶବ୍ଦଟି ତିବ୍ବତୀୟ ଉଚ୍ଚାରଣରେ ପ୍ରଥମେ 'କେଁଝର' ଓ ପରେ 'କହର' ହୋଇଥାଇପାରେ ।

ଶାନ୍ତିଦେବ

(ଖ୍ରୀ: ୬୧୫-୬୯୨ ଖ୍ରୀ:ଅ)

କହର ରାଜ୍ୟରେ ଶାନ୍ତିଦେବ ବୋଲି ଜଣେ ରାଜପୁତ୍ର ଥିଲେ । ସେ ପିଲାଦିନରୁ ଶାନ୍ତ ସ୍ୱଭାବର ଥିଲେ ମଧ୍ୟ ଖୁବ୍ ବୀର ଥିଲେ । ମଗଧର ରାଜା ତାଙ୍କୁ ନିଜର ସେନାପତି କରିଥିଲେ । ଥରେ ରାଜାଙ୍କୁ ଅନ୍ୟ ସେନାପତିମାନେ କହିଲେ ଯେ ଶାନ୍ତିଦେବ ଙ୍କର ତରବାରୀଟି କାଠରେ ତିଆରି । ରାଜା ଏକଥା ଶୁଣି ଶାନ୍ତିଦେବଙ୍କ ତରବାରୀଟିକୁ ଦେଖିବାକୁ ଚାହିଁଲେ । ଶାନ୍ତିଦେବ କହିଲେ, ଆପଣ ଗୋଟିଏ ଆଖି ବନ୍ଦ କରନ୍ତୁ........... କାରଣ ମୋ ତରବାରୀ ଯେ ଦେଖିବ ତାର ଆଖି ଫୁଟିଯିବ । ରାଜା ଏକଥା ମାନିବାରୁ ଗୋଟିଏ ଆଖି ଫୁଟିଗଲା । ଏହାପରେ ଶାନ୍ତିଦେବ ସେନାପତି ପଦ ଛାଡି ବୌଦ୍ଧଧର୍ମ ଗ୍ରହଣ କରି ନାଳନ୍ଦା ନଗରୀକୁ ଚାଲିଗଲେ । ନାଲନ୍ଦାରେ ବୌଦ୍ଧ ପଣ୍ଡିତ ମାନେ ସବୁବେଳେ ଧର୍ମ ଚର୍ଚ୍ଚା କରୁଥିଲେ । ଶାନ୍ତି ସେ ସବୁ ନୀରବରେ ବସି ଶୁଣନ୍ତି - କାହାରିକୁ କିଛି କହନ୍ତି ନାହିଁ । ଏମିତି ଅନେକ ଦିନ ବିତିଗଲା । ଦିନେ କେତେକ ବୌଦ୍ଧ ପଣ୍ଡିତ ତାଙ୍କୁ ଟେକିନେଇ ଆଗରେ ବସାଇଦେଲେ ଓ କୌତୁକରେ କହିଲେ, 'ପଣ୍ଡିତେ ! କିଛି ଧର୍ମକଥା କହନ୍ତୁ ।' ପଣ୍ଡିତ ମାନଙ୍କ କଥାଶୁଣି ଶାନ୍ତିଦେବ ଅନେକ ଧର୍ମ କଥା କହି ଚାଲିଲେ । ସେ କହୁଥାନ୍ତି - ଅନ୍ୟମାନେ ଚୁପ୍‌ହୋଇ ଶୁଣୁଥାନ୍ତି । ଶାନ୍ତିଦେବ ଏତେ କଥା କହିବେ ବୋଲି କାହାରି ଧାରଣା ନଥିଲା । ସେ ଯାହା କହିଲେ ଅନ୍ୟମାନେ ତାହା ଜାଣି ନଥିଲେ କି ଶୁଣି ନଥିଲେ ।

ଶେଷକୁ ସେଠାକାର ପଣ୍ଡିତମାନେ ଶାନ୍ତିଦେବଙ୍କୁ ନାଳନ୍ଦା ଧର୍ମପୀଠର ସର୍ବଶ୍ରେଷ୍ଠ ଧର୍ମଗୁରୁ ବା ଅଧ୍ୟକ୍ଷ ଭାବେ ଗ୍ରହଣ କଲେ । ଶାନ୍ତିଦେବ ଏହାପରେ ଅନେକ ଦେଶ ବୁଲି ବୁଲି ଧର୍ମ ପ୍ରଚାର କଲେ । ସେ ଯେଉଁଠାରେ ପ୍ରଥମେ ସାଧନା

Digitized by PPRACHIN, SOA

କରୁଥିଲେ ସେହି ସ୍ଥାନର ନାମ 'ସଛେଇହୁଡ଼ି' ବୋଲି ଲୋକେ କହନ୍ତି । ସେଠାରେ ସେ ଯେଉଁ ଇଷ୍ଟଦେବଙ୍କୁ ପୂଜା କରୁଥିଲେ ଲୋକେ ଏବେ ତାଙ୍କୁ ଶାନ୍ତିଦେବୀ ବୋଲି ପୂଜା କରୁଅଛନ୍ତି । ପ୍ରତିବର୍ଷ ଏଠାରେ ଜନ୍ତାଳ ପର୍ବ ପାଳନ କରାଯାଏ । କେନ୍ଦୁଝରର ସଦର ବ୍ଲକରେ ଥିବା ପଳାଶପଙ୍ଗା ଗ୍ରାମରେ ଏହି ସ୍ଥାନ ଓ ଏହିପୀଠଟି ଏବେ ମଧ୍ୟ ଅଛି । ସେ ତିବ୍ଦତ ରାଜାଙ୍କଠାରୁ ନିମନ୍ତ୍ରଣପାଇ ବୌଦ୍ଧଧର୍ମ ପ୍ରଚାର କରିବାକୁ ଯାଇଥିଲେ । ସେଠାରେ ବିଜ୍ଞାନବାଦମୂଳକ ତତ୍ତ୍ୱସଂଗ୍ରହ ନାମକ ଏକ ପୁସ୍ତକ ରଚନା କରିଥିଲେ । ସାମୟେ ନାମକ ସ୍ଥାନରେ ଖ୍ରୀ:୭୪୯ରେ ଏକ ସଂଘାରାମ ପ୍ରତିଷ୍ଠା କରିଥିଲେ । ସେହିଠାରେ ସେ ଖ୍ରୀ: ୭୯୨ ରେ ନିର୍ବାଣ ଲାଭକଲେ ।

ରାଜକନ୍ୟା ମନ୍ଦରବା:

ଶାନ୍ତରକ୍ଷିତ ବା ଶାନ୍ତିଦେବଙ୍କ ଭଉଣୀ ରାଜକନ୍ୟା ମନ୍ଦରବା । ସେ ସମ୍ବଳକ ବା ସମ୍ବଲପୁର ରାଜ୍ୟର ରାଜପୁତ୍ର ପଦ୍ମସମ୍ଭବଙ୍କୁ ବିବାହ କରିଥିଲେ । ରାଜପୁତ୍ର ପଦ୍ମସମ୍ଭବଙ୍କ ପିତାଙ୍କ ନାମ ଇନ୍ଦ୍ରଭୂତି । ସେ ବୌଦ୍ଧ ଧର୍ମରେ ପଣ୍ଡିତ ଥିଲେ । ତାଙ୍କର ଲକ୍ଷ୍ମୀକରା ବୋଲି ଭଉଣୀଟିଏ ଥିଲା । ଲକ୍ଷ୍ମୀକରା ମଧ୍ୟ ନିଜ ଭାଇଙ୍କ ଧର୍ମଦୀକ୍ଷା ନେଇଥିଲେ । ତାଙ୍କ ଘରକୁ ମନ୍ଦରବା ବୋହୂ ହୋଇ ଯିବାପରେ ଦୁହିଁଙ୍କ ସମ୍ପର୍କ ଖୁବ୍ ବଢିଗଲା । ଉଭୟେ ଉଭୟଙ୍କୁ ଖୁବ୍ ଭଲ ପାଇଲେ । ଏଥର ଦୁହେଁସାରା ସବୁବେଳେ ଧର୍ମଚର୍ଚ୍ଚାରେ ମାତିଲେ । ଶେଷକୁ ସେମାନେ ଗୋଟିଏ ନୂଆ ଧର୍ମ ବାହାର କଲେ । ସେହି ଧର୍ମର ନାଁ 'ଲାମାଧର୍ମ' ।

'ଲାମାଧର୍ମକୁ ସାରା ବିଶ୍ୱରେ ପ୍ରଚାର କରିବା ପାଇଁ ଦି'ଜଣ ଯାକ ମନ ବଳାଇଲେ । ରାଜା ଇନ୍ଦ୍ରଭୂତି ଏମାନଙ୍କ କଥା ଶୁଣି ଭାରି ଖୁସି ହେଲେ । ଦେଶ ବିଦେଶରେ ବୁଲି ଲାମାଧର୍ମ ପ୍ରଚାର କରିବାକୁ ଅନୁମତି ଦେଲେ । ରାଜାଙ୍କ ଅନୁମତି ପାଇ ଦୁଇଜଣଯାକ ତିବବତ୍ ଯାଇ ଲାମାଧର୍ମ ପ୍ରଚାର କରିଥିଲେ । ଏହି କାଳରେ ଓଡିଆ ଜାତିର ଆଦିକବି ଭୁସୁକୁ ରାଉତ ମଧ୍ୟ କେନ୍ଦୁଝରରେ ଜନ୍ମଗ୍ରହଣ କରିଥିଲେ ।

Digitized by PPRACHIN, SOA

ଭୌମଶାସନ

ଅଷ୍ଟମ ଶତାବ୍ଦୀବେଳକୁ କେନ୍ଦୁଝର ଭୌମ ଶାସନାଧୀନ ହୋଇଥିଲା । ଖ୍ରୀ:ଅ: ୭୩୬ ରେ ଭୌମରାଜା ପ୍ରଥମ ଶିବକରଦେବ (ଉନ୍ମତ୍ତସିଂହ) ବିରଜାଠାରେ ଭୌମ ସିଂହାସନ ଆରୋହଣ କରିଥିଲେ ।

ଭୌମ ଶାସନ କାଳରେ ସମଗ୍ର ଓଡିଶାରେ ଅନେକ ଗୁଡିଏ ମଣ୍ଡଳରାଜ୍ୟ ଗଡି ଉଠିଥିଲା । ସବୁ ଦିଗରୁ କୋଡିଏ ଯୋଜନ ପର୍ଯ୍ୟନ୍ତ ବ୍ୟାପିଥିବା ରାଜ୍ୟକୁ ମଣ୍ଡଳ କୁହାଯାଏ । କେନ୍ଦୁଝରର ଆନନ୍ଦପୁର ଅଞ୍ଚଳ ଦଣ୍ଡଭୁକ୍ତି ମଣ୍ଡଳ ଅଧୀନରେ ଶାସିତ ହେଉଥିବା ବେଳେ ଅପର ଅଂଶରୁ କିଛି ଅଂଶ ଖିଚିଂ ମଣ୍ଡଳର ଭଞ୍ଜମାନଙ୍କ ଦ୍ୱାରା, କିଛି ଅଂଶ ଯମ ଗର୍ତ୍ତମଣ୍ଡଳର ଶୁଲ୍କୀ ଓ ପରେ ତୁଙ୍ଗ ମାନଙ୍କ ଦ୍ୱାରା ଓ କିଛି ଅଂଶ ବଣାଇ ମଣ୍ଡଳର ବରାହ ମାନଙ୍କ ଦ୍ୱାରା ଶାସିତ ହେଉଥିଲା ।

ଭୌମ ଶାସନରେ ମଣ୍ଡଳ ରାଜ୍ୟ

ଖିଚିଙ୍ଗମଣ୍ଡଳ :

ବିନ୍ଧ୍ୟାଟବୀ ସାମ୍ରାଜ୍ୟର ପତନପରେ ଭଞ୍ଜବଂଶୀ ରାଜାମାନେ ଦକ୍ଷିଣ ଓଡିଶା ଆଡକୁ ପଳାୟନ କରି ୭ମ ଶତାବ୍ଦୀ ବେଳକୁ 'ଧୃତିପୁର' ନାମକ ସ୍ଥାନରେ ରାଜଧାନୀ କରି ବୌଦ ଫୁଲବାଣୀ ଅଞ୍ଚଳକୁ ଶାସନ କରିଥିଲେ । ଖ୍ରୀ ୮୫୮ ବେଳକୁ ସୋମବଂଶୀ ଶାସକ ଜନ୍ମେଜୟଙ୍କ ଦ୍ୱାରା ଧୃତିପୁରର ରାଜା ୨ୟ ଶତ୍ରୁଭଞ୍ଜ ବିତାଡିତ ହେଲେ । ଏହାଙ୍କ ବିରାଦର ଗଣଦଣ୍ଡ ବୀରଭଦ୍ରଙ୍କ ପୁତ୍ର କୋଟ ଭଞ୍ଜ ଏହିକାଳରେ ଯମଗର୍ତ୍ତ ମଣ୍ଡଳର ତୁଙ୍ଗବଂଶୀ ରାଜା ଜୟସିଂହ ବା ଜଗତତୁଙ୍ଗଙ୍କ ସାହାଚର୍ଯ୍ୟରେ ମୟୂରଭଞ୍ଜର ଖିଚିଂଠାରେ ଏକ ନୂତନ ରାଜ୍ୟ ସ୍ଥାପନ କରିଥିଲେ ପ୍ରାୟ ଖ୍ରୀ: ୮୭୦ ବେଳକୁ । ଏହା 'ଖିଚିଂକୋଟ' ନାମରେ ନାମିତ ହୋଇଥିଲା । କେନ୍ଦୁଝରର ବୈତରଣୀ କୂଳରେ ଥିବା କେତେକ ଗ୍ରାମ ଏହା ଅଧୀନରେ ଶାସିତ ହେଉଥିଲା । ଆଧୁନିକ କାଳରେ ଏସମସ୍ତ ଅଞ୍ଚଳ, ଚମ୍ପୁଆ, ଝୁମ୍ପୁରା, ସାହାରପଡା, ପାଟଣା ବ୍ଲକ ଅଧୀନରେ ଅବସ୍ଥିତ ।

ଖିଚିଂକୋଟ ବୈତରଣୀ ନଦୀ କୂଳରେ ଅବସ୍ଥିତ । ଏବେ ମଧ୍ୟ ଏହି ଅଞ୍ଚଳରୁ ପ୍ରାଚୀନ ଯୁଗର ବହୁ ଜିନିଷ ମିଳୁଅଛି । ମାଟି ହାଣ୍ଡି ଠାରୁ ଆରମ୍ଭ କରି ଲୁହା ଓ

Digitized by PPRACHIN, SOA

ତମ୍ବାର ଧାତୁ ଜିନିଷ ମଧ୍ୟ ସେଥିରେ ଅଛି । ଅନେକ ଦେବଦେବୀ ଯଥା- ହରପାର୍ବତୀ, ଅମ୍ବିକା, ଚନ୍ଦ୍ର, ବୁଦ୍ଧ ଆଦିଙ୍କର କଳା ମୁଗୁନି ପଥରର ପ୍ରତିମା ମିଳିଅଛି । ଆଧୁନିକ ଖିଚିଂ ଗ୍ରାମର ଆଖପାଖ ଅଞ୍ଚଳରୁ ଯଥା-ଆଦିପୁର, ଜ୍ୟୋତିପୁର, ହରିପୁର ପ୍ରଭୃତି ଗ୍ରାମ ମାନଙ୍କରୁ ଅନେକ ତମ୍ବାପଟ୍ଟା, ପୋଡାଇଟା, ମୂର୍ତ୍ତି ଓ ମନ୍ଦିରର ଧ୍ୱଂସାବଶେଷ ମିଳୁଅଛି । ସେଥିରୁ ଜଣାପଡୁଛି ଯେ ନବମ ଶତାବ୍ଦୀରୁ ଦ୍ୱାଦଶ ଶତାବ୍ଦୀ ପର୍ଯ୍ୟନ୍ତ ପ୍ରାୟ ତିନିଶହ ବର୍ଷ ଧରି ଭଞ୍ଜମାନେ 'ଖିଚିଂ' ଠାରେ ରାଜଧାନୀ କରି 'ଖିଚିଂ ମଣ୍ଡଳ' ରାଜ୍ୟକୁ ଶାସନ କରୁଥିଲେ । ଏହି ମଣ୍ଡଳ ରାଜ୍ୟରେ ଆଧୁନିକ ମୟୁରଭଞ୍ଜ, କେନ୍ଦୁଝର ଓ ସିଂହଭୂମି ଅଞ୍ଚଳ ପ୍ରଭୃତି ଶାସିତ ହେଉଥିଲା । ଭଞ୍ଜମାନେ ନିଜକୁ ବଶିଷ୍ଠ ମୁନିଙ୍କ ପାଳିତ ଓ ମୟୂରଅଣ୍ଡାରୁ ଜାତବୋଲି କହୁଥିଲେ ।

ମୟୁରଭଞ୍ଜ ଜିଲ୍ଲାର 'ଖିଚିଂ', ଆଦିପୁର, ହରିପୁର ଓ କେନ୍ଦୁଝର ଜିଲ୍ଲାର 'ଉଖୁଣ୍ଡା' ଆଦି ଗ୍ରାମରୁ କେତେକ ତମ୍ବାପଟା ମିଳିଅଛି । ସେହିସବୁ ତମ୍ବାପଟ୍ଟା ମାନଙ୍କରୁ ଭଞ୍ଜରାଜା ମାନଙ୍କର କେତେକ ନାମ ଜଣାପଡୁଛି । ସେହି ସବୁ ତମ୍ବାପଟା ଅନୁସାରେ ଖିଚିଂକୋଟର ପ୍ରଥମରାଜା ଗଣଦଣ୍ଡ ବୀରଭଦ୍ର । ଏହି ନାମରୁ ଅନୁମାନ କରାଯାଏ ଯେ ବୀରଭଦ୍ର କେତେକ 'ଗଣ' ବା 'କୋଟ'ର ଅଧିପତିଥିଲେ । ରାଜା ବୀରଭଦ୍ରଙ୍କ

ବୀରଗୋବିନ୍ଦପୁରର ଧ୍ୟାନୀ ବୁଦ୍ଧ

Digitized by PPRACHIN, SOA

ପରେ କୋଟଭଞ୍ଜ ପ୍ରଥମ, ତାଙ୍କପରେ ଦିଗଭଞ୍ଜ ବା ଦୁର୍ଜ୍ଜୟଭଞ୍ଜ (ଅପର ନାମ ବିଭ୍ରମତୁଙ୍ଗ), ଏହାଙ୍କ ପରେ ନରେନ୍ଦ୍ରଭଞ୍ଜ (ପ୍ରଥମ) ଓ ରଣଭଞ୍ଜ ଶାସନ ଚଳାଇଲେ। ରଣଭଞ୍ଜଙ୍କର ଚାରିପୁତ୍ର ଥିଲେ। ସେମାନେ ହେଲେ ରାଜଭଞ୍ଜ, ପୃଥ୍ୱୀଭଞ୍ଜ, ମାହାନାଭଞ୍ଜ ଓ ଶତ୍ରୁଭଞ୍ଜ ବା ୨ୟ-ବିଭ୍ରମତୁଙ୍ଗ। ଶତ୍ରୁଭଞ୍ଜ କିଛିଦିନ ଶାସନ କରିବାପରେ ଏହାଙ୍କର ଦୁଇପୁତ୍ର ନରେନ୍ଦ୍ରଭଞ୍ଜ (୩ୟ) ଓ ଦୁର୍ଜ୍ଜୟଭଞ୍ଜ (୨ୟ) ପ୍ରମୁଖ ଶାସନ କରିଥିଲେ। ଦୁର୍ଜ୍ଜୟଭଞ୍ଜଙ୍କ ଅନ୍ତେ ତାଙ୍କ ପୁତ୍ର କୋଟଭଞ୍ଜ (୨ୟ) ଶାସନ କରିଥିଲେ। ଏହାଙ୍କପରେ ଖିଚିଂକୋଟର କିଏ ରାଜାଥିଲେ ତାହା ଜଣାପଡୁନାହିଁ। ଆଜକୁ ନଅଶହ ବର୍ଷତଳେ କୋଟଭଞ୍ଜ ୨ୟ ରାଜା ଥିବାର ଜଣାପଡୁଛି।

ଖ୍ରୀ: ୧୧୨୮ରେ କଲଚୁରୀ ରାଜା ରତ୍ନଦେବଙ୍କ ଦ୍ୱାରା ଖିଚିଂକୋଟ ଅଧିକୃତ ହେଲା। ଡ: ଯଜ୍ଞକୁମାର ସାହୁଙ୍କ ମତରେ ପ୍ରାୟ ୧୧୩୦ ଖ୍ରୀ:ଅ: ରେ କଲଚୁରୀ ରାଜା ରତ୍ନଦେବ ଓ ଗଙ୍ଗରାଜା ଚୋଡଗଙ୍ଗଙ୍କ ମଧ୍ୟରେ ଯୁଦ୍ଧ ସମୟରେ କଲଚୁରୀ ସେନାପତି ପୁରୁଷୋତ୍ତମଙ୍କ ଦ୍ୱାରା ଖିଚିଂକୋଟ ବିଧ୍ୱସ୍ତ ହୋଇଥିଲା। ସମ୍ଭବତଃ ଏହିକାଳରେ ଖିଚିଂରୁ ଭଞ୍ଜମାନେ ବହଳଦାକୁ ଉଠିଯାଇଥିଲେ ଓ ବହୁପରେ ହରିହରପୁରକୁ ରାଜଧାନୀ ଉଠାଇ ନେଇଥିଲେ। ଐତିହାସିକ ଅର୍ଜ୍ଜୁନ ଯୋଷୀ କହିଛନ୍ତି ଯେ, ଖିଚିଂକୋଟ ଦଶମ ଶତାବ୍ଦୀ ପର୍ଯ୍ୟନ୍ତ ଭଞ୍ଜରାଜାମାନଙ୍କର ରାଜଧାନୀ ଥିଲା'। କିନ୍ତୁ ଐତିହାସିକ ନବିନ୍ କୁମାର ସାହୁଙ୍କ ମତରେ ଏହି ରାଜ୍ୟଟି ଏକାଦଶ/ଦ୍ୱାଦଶ ଶତାବ୍ଦୀ ପର୍ଯ୍ୟନ୍ତ ତିଷ୍ଠି ରହିଥିଲା।

କୋଦାଳକ ଓ ଯମଗର୍ତ୍ତ ମଣ୍ଡଳ :

ଅଷ୍ଟମ-ନବମ ଶତାବ୍ଦୀ ବେଳକୁ ଆଧୁନିକ କେନ୍ଦୁଝର ଜିଲ୍ଲାର ପଶ୍ଚିମ ପାର୍ଶ୍ୱରେ ଅବସ୍ଥିତ ଅନୁଗୁଳ ଜିଲ୍ଲାର ପାଲଲହଡା ଓ ମନ୍ଦାକିନୀ (ମଙ୍ଗରା-ମାଙ୍କଡା) ନଦୀକୁ କେନ୍ଦ୍ରକରି କୋଦାଳକ ମଣ୍ଡଳ ନାମକ ଏକ ସ୍ୱତନ୍ତ୍ର ରାଜ୍ୟ ଗଠିତ ହୋଇଥିଲା। ମାଙ୍କଡାନାଳ ସୁନାଝରି ପର୍ବତର ଇରିଡା ଓ ବେଣାଡିହି ଗ୍ରାମରୁ ବାହାରି କାକୁଡିଅମ୍ବା, ସରୁଆଳି, ବିଂଝବାହାଳ ଦେଇ ପାଲଲହଡାର ବାଙ୍କଦରଠାରେ ବାଂଶପାଳ ଦୁଙ୍ଗାଝରିରୁ ବାହାରିଥିବା କଖାରୁଆ ନାଳ ସହିତ ମିଶି ବ୍ରାହ୍ମଣୀ ନଦୀରେ ମିଶିଛି। ସରୁଆଳି ଶୁଳକୀ ମାନଙ୍କର ମୂଳ ବାସସ୍ଥଳୀ ଥିବା ଜଣାଯାଏ। ଏଥିରେ ଶୁଳକୀ ବା

Digitized by PPRACHIN, SOA

ସ୍ତମ୍ଭ (ଥମ୍ବ) ବଂଶ ଶାସନ କରୁଥିଲେ। ଏହା କୋଦାଳକ ମଣ୍ଡଳ ନାମରେ ନାମିତ ଥିଲା। ଏହାର ରାଜଧାନୀ ଢେଙ୍କାନାଳର କୁଆଳୋ ଓ ଦ୍ୱିତୀୟ କ୍ଷେତ୍ର କେନ୍ଦୁଝରର 'ଆକୁଳ' ଥିଲା। ଉଭୟର ବ୍ୟବଧାନ ୨୫ କି:ମି: । ଏବେ ଏହି ସ୍ତମ୍ଭ ବଂଶ କାଳିଆହତାରେ ଅବସ୍ଥାନ କରନ୍ତି। ଏହିବଂଶରେ କାଞ୍ଚନ, କଳହ, ରଣସ୍ତମ୍ଭ, ଜୟସ୍ତମ୍ଭ ଓ କୁଳସ୍ତମ୍ଭ ପ୍ରମୁଖ ରାଜପଣ କରିଥିବା ଜଣାଯାଏ। କେନ୍ଦୁଝରର ହରିଚନ୍ଦନପୁର, ଘଟଗାଁ, ସଦର, ବାଂଶପାଳ ଓ ତେଲକୋଇ (ଚାରିଗଡ) ଅଞ୍ଚଳ ଏହାର ଶାସନାଧୀନ ଥିଲା। ନବମ ଶତାବ୍ଦୀ ବେଳକୁ (ଖ୍ରୀ: ୮୬୦ ବେଳକୁ) ସମ୍ଭବତଃ ଶୁଲ୍କୀ ବଂଶର ଅଧିପତି ଦ୍ୱିତୀୟ କୁଳସ୍ତମ୍ଭ ଭୌମକର ମାନଙ୍କଦ୍ୱାରା ବିତାଡିତ ହେବାରୁ ଏହି ଅଞ୍ଚଳଟି ଦୀର୍ଘଦିନ ଧରି ତୁଙ୍ଗ ମାନଙ୍କ ଦ୍ୱାରା ଶାସିତ ହୋଇଥିଲା। ଯମଗର୍ତ୍ତ ମଣ୍ଡଳ ନାମରେ ଏମାନେ ଭୌମ ଶାସକ ମାନଙ୍କର ସାମନ୍ତ ଥିବା ଜଣାଯାଏ। ଖ୍ରୀ: ୮୮୫ରେ ତୁଙ୍ଗବଂଶୀ ରାଜା ବିନୀତ ତୁଙ୍ଗ ହର୍ଷନାଲ ନାମକ ଜଣେ ହରିତ ଗୋତ୍ରୀୟ ବ୍ରାହ୍ମଣଙ୍କୁ 'କଞ୍ଜରୀ' ଓ 'କଲ୍ଲାଣି' ନାମକ ଗ୍ରାମଦ୍ୱୟ ଦାନ କରିଥିଲେ। କଲ୍ଲାଣିରେ ଦଶଜଣ ବୌଦ୍ଧଭିକ୍ଷୁଣୀ ମଧ୍ୟ ଅବସ୍ଥାନ କରୁଥିଲେ। 'କଞ୍ଜରୀ' ଆଜିର 'କେଔଁଗ୍ରୀ' ବା କେନ୍ଦୁଝରଗଡ ବୋଲି ଐତିହାସିକମାନେ ସ୍ଥିର କରିଛନ୍ତି। ଏହି ବର୍ଷ



ସୁଟୁର ଗ୍ରାମର ତାରା

Digitized by PPRACHIN, SOA

ପୌଷମାଷ କୃଷ୍ଣପକ୍ଷ ଦ୍ୱିତୀୟା ତିଥିରେ ମାଷ ବା ମୁସଳ ନଦୀ କୂଳରେ କଲ୍ଲାଣି ନାମକ ଆଉ ଏକ ଗ୍ରାମ ଦାନ କରିଥିଲେ। ଏଥିରେ ୧୦ ଜଣ ବୌଦ୍ଧଭିକ୍ଷୁଣୀଙ୍କ ସହିତ ତନ୍ତୀ, ଗୋପାଳ, ଶୁଣ୍ଢି ଜାତିର ଲୋକ ଅବସ୍ଥାନ କରୁଥିଲେ। ଏହାର ଉତ୍ତର ଦିଗରେ ମୁସଳ ନଦୀ ପ୍ରବାହିତ ହେଉଥିବାରୁ ଏହା ହରିଚନ୍ଦନପୁର ବ୍ଲକ୍‌ର କୁଲାଡ଼ାଙ୍କୁଣି ଗ୍ରାମ ହେବା ସମ୍ଭବ। ଚତୁର୍ଦ୍ଦଶ ଶତାବ୍ଦୀ ବେଳକୁ କେନ୍ଦୁଝରରେ ସ୍ୱତନ୍ତ୍ର ରାଜ୍ୟ ଗଠିତ ହେଲା। ନୂଆ ରାଜା ଜ୍ୟୋତିଭଞ୍ଜ ଏହି ବଂଶର କୌଣସି ଏକ କନ୍ୟାକୁ ବିବାହ କରି ଚାରିଗଡ ଅଞ୍ଚଳଟିକୁ ଯୌତୁକ ରୂପେ ପାଇଥିଲେ। ତୁଙ୍ଗବଂଶରେ ଜଗତ (ଜୟସିଂହ), ଖଡ୍‌ଗତୁଙ୍ଗ, ବିନୀତତୁଙ୍ଗ, ସଲଣତୁଙ୍ଗ ଓ ଗୟାଡ଼ତୁଙ୍ଗ ଆଦି କେତେକ ରାଜା ରାଜତ୍ୱ କରିଥିବା ଜଣାଯାଏ।

ବଣାଇ ମଣ୍ଡଳ :

ଏହି କାଳରେ ଯମଗର୍ତ୍ତ ମଣ୍ଡଳ ସନ୍ନିକଟ ଆଧୁନିକ ବଣାଇ ଅଞ୍ଚଳରେ ବଣାଇ ମଣ୍ଡଳ ନାମକ ଏକ କ୍ଷୁଦ୍ରରାଜ୍ୟ ଗଠିତ ହୋଇ ବରାହବଂଶୀ ଶାସକ ମାନଙ୍କ ଦ୍ୱାରା ଶାସିତ ହେଉଥିଲା। ମୟୂର ଏମାନଙ୍କର ରାଜକୀୟ ସଙ୍କେତ ଥିଲା। ଏହିବଂଶରେ ଉଦୟ ବରାହ, ତେଜ ବରାହ, ଉଦିତ ଓ ଧରଣୀ ବରାହ ଆଦି କେତେକ ରାଜା ଶାସନ କରୁଥିବା ତାମ୍ରଲେଖ ଓ ଶିଳାଲେଖରୁ ଜଣାଯାଇଛି। ଖ୍ରୀ: ୧୦୫୩ ବେଳକୁ ସୋମବଂଶୀ ଶାସକ ଉଦ୍ୟୋତ କେଶରୀ (ଖ୍ରୀ: ୧୦୪୦-୧୦୬୫) ଙ୍କ ସେନାପତି ଶ୍ରୀପୁଞ୍ଜ କେନ୍ଦୁଝର ସହିତ ବଣାଇ ମଣ୍ଡଳର କିଛି ଅଂଶକୁ ମିଶାଇ ଦେଇ 'ବାମଣ୍ଡା ମଣ୍ଡଳ' ଗଠନ କରିଥିଲେ।

ଦ୍ୱାଦଶ ଶତାବ୍ଦୀ ବେଳକୁ ଏହି ବରାହ ବଂଶ ଖିଚିଂ ମଣ୍ଡଳର ଭଞ୍ଜବଂଶୀ ଶାସକଙ୍କର ସାମନ୍ତଭାବେ ସ୍ୱୀକୃତ ହୋଇଥିଲେ। ପରବର୍ତ୍ତୀକାଳରେ ଭଞ୍ଜବଂଶର ଦୁର୍ବଳତାର ସୁଯୋଗନେଇ ଓ ଚତୁର୍ଦ୍ଦଶ ଶତାବ୍ଦୀରେ ଗଙ୍ଗବଂଶୀ ଶାସନର ଦୁର୍ବଳତାର ସୁଯୋଗନେଇ ଏଠାରୁ ବରାହମାନଙ୍କୁ ହଟାଇଦେଇ ନୂତନ କାଦମ୍ବ ବଂଶର ଆବିର୍ଭାବ ଘଟିଥିବା ଅନୁମିତ ହୁଏ। ଏହି ବରାହ ଓ କାଦମ୍ବ ଯୁଦ୍ଧକାଳରେ ଖିଚିଂର ଭଞ୍ଜ ଶାସକ କେନ୍ଦୁଝର ଅଞ୍ଚଳକୁ ଅଧିକାର କରିନେଇଥିବା ଜଣାଯାଏ। ଏହା ଖ୍ରୀ: ୧୩୩୮ ବେଳକୁ ଘଟିଥିବା ନିସନ୍ଦେହ। ଆଧୁନିକ କେନ୍ଦୁଝରର ଯୋଡା, ସଦର, ବାଂଶପାଳ, ଘଟଗାଁ ଓ ହରିଚନ୍ଦନପୁର ଆଦି ବ୍ଲକ୍ ଅଞ୍ଚଳ ବରାହ ଶାସନାଧିନ

Digitized by PPRACHIN, SOA

ରହିଥିବାର ଅନେକ ସୂଚନା ରହିଅଛି । ସମ୍ଭବତଃ ଚତୁର୍ଦ୍ଦଶ ଶତାବ୍ଦୀରେ ଏହି ବରାହ ଶାସନର ଲୋପ ପରେ କାଦମ୍ବ ବଂଶର ଅତ୍ୟାଚାରରେ ଅତିଷ୍ଠ ହୋଇ ଭୂୟାଁ ପ୍ରଜାମାନେ ବିଦ୍ରୋହ କରିଥିଲେ । ଖିଚିଂ ମଣ୍ଡଳର ଜଣେ ରାଜପୁତ୍ରଙ୍କ ସହାୟତାରେ ସ୍ୱତନ୍ତ୍ର କେନ୍ଦୁଝର ରାଜ୍ୟ ଗଠନ କରିବାରେ ସକ୍ଷମ ହୋଇଥିଲେ ।

ଦଣ୍ଡଭୁକ୍ତି ମଣ୍ଡଳରୁ ଉତ୍ତର ତୋଷଳୀ:

ଏଣେ ସମଗ୍ର ଆନନ୍ଦପୁର ଅଞ୍ଚଳଟି ବିଭିନ୍ନ ସମୟରେ ବିଭିନ୍ନ ଶାସକମାନଙ୍କ ଦ୍ୱାରା ଶାସିତ ହେଉଥିଲା । ଖ୍ରୀ:ଅ: ୬୦୯ ବେଳକୁ ଦୁର୍ଜ୍ଜୟ ବଂଶୀରାଜା ପୃଥ୍ୱୀ ମହାରାଜାଙ୍କ ଦ୍ୱାରା ଏହି ଅଞ୍ଚଳଟି ଶାସିତ ହେଉଥିବା ଜଣାଯାଏ । ଏତେବେଳକୁ ଏହା ଉତ୍କଳ ବା ସାମୟିକ ଭାବେ ଉତ୍ତର ତୋଷଳି ର ଅଂଶ ଭାବେ ପରିଚିତ ଥିଲା । ଖ୍ରୀ:ଅ: ୬୧୨ ରୁ ଖ୍ରୀ: ୬୨୩ ପର୍ଯ୍ୟନ୍ତ ଶଶାଙ୍କରାଜଙ୍କ ଅଧୀନରେ ଦଣ୍ଡଭୁକ୍ତି ମଣ୍ଡଳର ସାମନ୍ତ ଶୁଭକୀର୍ତ୍ତି, ସୋମଦତ୍ତ ଓ ତାଙ୍କପରେ ଭାନୁଦତ୍ତ ଏହି ଅଞ୍ଚଳର ଶାସନ ଦାୟିତ୍ୱ ବହନ କରିଥିଲେ । ପୂର୍ବରୁ କୁହାଯାଇଛି ଯେ ଚମ୍ପୁଆ ସବ୍‌ଡିଭିଜନରେ ଶଶାଙ୍ଗ ନାମିତ ଗ୍ରାମଟି ଶଶାଙ୍କଙ୍କ ନାମାନୁସାରେ ହୋଇଅଛି । ଏହି ଅଞ୍ଚଳରେ ଯଥା ସରେଇ ଗ୍ରାମରେ ବିରଞ୍ଚି ନାରାୟଣ କଥିତ ଯେଉଁ ବିଷ୍ଣୁମୂର୍ତ୍ତି ଦେଖିବାକୁ ମିଳେ ତାହା ଶଶାଙ୍କଙ୍କ ଶାସନକାଳରେ ନିର୍ମିତହୋଇ ଏ ଅଞ୍ଚଳରେ ନାରାୟଣ ଉପାସନା ପ୍ରବର୍ତ୍ତିତ ହୋଇଥିଲା । ଅନୁରୂପ ଭାବରେ ଆନନ୍ଦପୁର ସବ୍‌ଡିଭିଜନରେ ଶାସଙ୍ଗ ବୋଲି ଗାଁଟିଏ ଅଛି । ଏ ଗ୍ରାମଟି ମଧ୍ୟ ଶଶାଙ୍କଙ୍କ ନାମାନୁସାରେ ହୋଇଥିବା ବିଶ୍ୱାସ । ଏ ଅଞ୍ଚଳରେ ଯଥା ଶାସଙ୍ଗ ଗ୍ରାମଠାରୁ ମାତ୍ର ୧କି:ମି: ଦୂରରେ ଅବସ୍ଥିତ ଶିବନାରାୟଣପୁର, ବଞ୍ଜୋ, ପଞ୍ଚୁଗୋଛିଆ, ଫକୀରପୁର, ସାନ ଆନନ୍ଦପୁର ଆଦି ଗ୍ରାମ ମାନଙ୍କରେ ଅନୁରୂପ ଭାବରେ ଅନେକଗୁଡିଏ ବିଷ୍ଣୁ ମୂର୍ତ୍ତି ଦେଖିବାକୁ ମିଳେ । ଶସାଙ୍ଗ ଓ ଶାସଙ୍ଗ ଅଞ୍ଚଳର ବିଷ୍ଣୁମୂର୍ତ୍ତି ମଧ୍ୟରେ ଚତୁର୍ଭୁଜ ଶଙ୍ଖଚକ୍ର ଗଦାପଦ୍ମଧାରୀ ବିଷ୍ଣୁମୂର୍ତ୍ତୀ, ଇନ୍ଦ୍ରନାରାୟଣ, ନୃସିଂହ ନାରାୟଣ, ଉର୍ଦ୍ଧ୍ୱପାଦ ବାମନ ନାରାୟଣ ମୂର୍ତ୍ତି ଦେଖିବାକୁ ମିଳେ । ଉଭୟ ଅଞ୍ଚଳର ମୂର୍ତ୍ତିଗୁଡିକର ଗଠନରୀତି ସମପର୍ଯ୍ୟାୟର । ଶାସଙ୍ଗ ଅଞ୍ଚଳରେ ୪ ଇଞ୍ଚିରୁ ୪ଫୁଟ୍ ଉଚ୍ଚତା ପର୍ଯ୍ୟନ୍ତ ବିଷ୍ଣୁନାରାୟଣ ମୂର୍ତ୍ତି ଦେଖିବାକୁ ମିଳେ । ସମ୍ଭବତଃ ବଞ୍ଜୋ ଓ ଶାସଙ୍ଗ ମଧ୍ୟରେ ଏକ ବିଶାଳ ବିଷ୍ଣୁନାରାୟଣ ମନ୍ଦିର ନିର୍ମିତ ହୋଇଥିଲା । ଯାହାର ଧ୍ୱଂସାବଶେଷ ଯଥା ମନ୍ଦିରର ଶିଳା, ଦଧିନଉତିର

Digitized by PPRACHIN, SOA

ଭଗ୍ନାବଶେଷ, ପାର୍ଶ୍ୱଦେବତା ଆଦି ଅନେକ ବିଗ୍ରହ ଓ ଶିଳାଖଣ୍ଡ ଏ ଅଞ୍ଚଳରେ ଉପଲବ୍ଧ ହୁଏ । ନନ୍ଦପୁରରେ ଯେଭଳି ପାଞ୍ଚଗୋଟି ମନ୍ଦିରଗୁଚ୍ଛ ଅଦ୍ୟାବଧି ଦେଖିବାକୁ ମିଳେ, ବଞ୍ଚୋଠାରୁ ଅଳ୍ପଦୂରରେ ଅବସ୍ଥିତ ପଞ୍ଚୁଗୋଛିଆ ଗ୍ରାମରେ ମଧ୍ୟ ଅନୁରୂପ ଭାବେ ପାଞ୍ଚଗୋଟି ମନ୍ଦିର ଗୁଚ୍ଛହୋଇ ରହିଥିବାରୁ ସେ ସ୍ଥାନକୁ ପଞ୍ଚୁଗୋଛିଆ କୁହାଯାଏ । ମୋଟାମୋଟି ଭାବେ ଶଶାଙ୍କଙ୍କ ଶାସନକାଳରେ କେନ୍ଦୁଝରରେ ବିଷ୍ଣୁ (ବିରଞ୍ଚି) ନାରାୟଣଙ୍କ ଉପାସନା ଚରମସୀମାରେ ଉପନୀତ ହୋଇଥିବା ନିଃସନ୍ଦେହ । ଶଶାଙ୍କ ବ୍ରାହ୍ମଣ୍ୟ ଧର୍ମର ପୃଷ୍ଠପୋଷକତା କରୁଥିଲେ ହେଁ ସେ ଶୈବାନୁଗତ ଥିଲେ । ତାଙ୍କ ଶାସନରେ ଆନନ୍ଦପୁରର ସାଶଙ୍ଗଠାରେ ଶିଖରେଶ୍ୱର ନାମିତ ଏକ ବୃହତ ଶିବମନ୍ଦିର ନିର୍ମିତ ହୋଇଥିଲା । କିନ୍ତୁ ତାଙ୍କର ସାମନ୍ତ ଶାସକ ଭାନୁଦତ୍ତ ବିଷ୍ଣୁଉପାସକଥିବା ଜଣାଯାଏ । ସମ୍ଭବତଃ ଭାନୁଦତ୍ତଙ୍କ ତତ୍ତ୍ୱାବଧାନରେ ଖ୍ରୀ:ଅ: ୬୧୫ ରୁ ଖ୍ରୀ: ୬୪୫ ମଧ୍ୟରେ ଶଶାଙ୍ଗ, ଶାସଙ୍ଗ ଓ ପଞ୍ଚୁଗୋଛିଆ ଅଞ୍ଚଳରେ ବିଷ୍ଣୁ (ବିରଞ୍ଚି) ନାରାୟଣ ଉପାସନା କ୍ଷେତ୍ରଗୁଡିକ ପ୍ରତିଷ୍ଠିତ ହୋଇ ସୁନାମଅର୍ଜନ କରିଥିଲେ। ଶଶାଙ୍କ ରାଜାଙ୍କର ମୃତ୍ୟୁପରେ ଖ୍ରୀ: ୬୨୩ ରେ ଏ ଅଞ୍ଚଳଟି ହର୍ଷବର୍ଦ୍ଧନଙ୍କ ଦ୍ୱାରା ଅଧିକୃତ ହୋଇ ଓଡ୍ର ବିଷୟର ଏକ ଅଂଶଭାବେ ଖ୍ରୀ: ୬୨୫ ରୁ ଖ୍ରୀ: ୬୪୭ ପର୍ଯ୍ୟନ୍ତ ଶାସିତ ହୋଇଥିଲା । ହର୍ଷବର୍ଦ୍ଧନ ବୌଦ୍ଧ ଥିଲେ । ଏହାଙ୍କ ଶାସନ କାଳରେ ବୀରଗୋବିନ୍ଦପୁରଠାରୁ ଅଙ୍ଗାରୁଆ ଅଞ୍ଚଳ ମଧ୍ୟରେ ବିଶାଳ ବୌଦ୍ଧପୀଠମାନ ଗଡିଉଠିଥିଲା । ଶଶାଙ୍କଙ୍କ ବ୍ରାହ୍ମଣ୍ୟ ଧର୍ମକୁ ପ୍ରତିହତ କରିବା ନିମିତ୍ତ ହର୍ଷ ଶାସଙ୍ଗ ଠାରୁ ଅଳ୍ପଦୂରରେ ଅବସ୍ଥିତ ବଉଳା ପର୍ବତର ପାଦଦେଶ ମଧ୍ୟରେ ଅବସ୍ଥିତ ମୁଗୁପୁର ଓ ସମଣାରେ ବିଶାଳ ବୌଦ୍ଧପୀଠ ସ୍ଥାପନ କରିଥିଲେ କିମ୍ବା ଏହି ପୀଠଗୁଡିକୁ ଉତ୍ସାହିତ କରୁଥିବା ଅନୁମିତ ହୁଏ । ସମଣା ବୌଦ୍ଧଶ୍ରମଣ କ୍ଷେତ୍ର ଭାବେ ଖ୍ୟାତି ଅର୍ଜନ କରିଥିଲା ।

ଖ୍ରୀ: ୬୪୭ରେ ହର୍ଷବର୍ଦ୍ଧନଙ୍କ ମୃତ୍ୟୁହେଲା । ଦତ୍ତବଂଶ ନିସହାୟ ହୋଇପଡିଲା । ଏହି ସୁଯୋଗରେ କଙ୍ଗୋଦ ମଣ୍ଡଳର ଶୈଲୋଦ୍ଭବ ରାଜା ଦ୍ୱିତୀୟ ମାଧବବର୍ମା (ଖ୍ରୀ ୬୧୦-ଖ୍ରୀ ୬୬୫) ଏହି ଅଞ୍ଚଳଟିକୁ ଦଖଲକୁ ନେଇଗଲେ ଓ ଖ୍ରୀ ୭୩୫ ପର୍ଯ୍ୟନ୍ତ ଏହିବଂଶ ଦ୍ୱାରା ଶାସିତ ହୋଇଥିବା ଅନୁମିତ ହୁଏ ।

ପରବର୍ତ୍ତୀ କାଳରେ ଖ୍ରୀ: ୭୩୬ ବେଳକୁ ଏହି ଅଞ୍ଚଳଟି ଭୌମ ରାଜା ଉନ୍ମତ୍ତ ସିଂହ (ପ୍ରଥମ ଶିବକର ଦେବ) ଙ୍କ ଶାସନାଧୀନ ହୋଇ ଉତ୍ତର ତୋଷଳୀ ନାମରେ

Digitized by PPRACHIN, SOA

ଶାସିତ ହୋଇଥିଲା । ଏହି ବଂଶର ରାଜା ପ୍ରଥମ ଶୁଭାକର ଦେବ ଖ୍ରୀ: ୭୯୦ ମାର୍ଗଶିର ମାସ କୃଷ୍ଣ ତ୍ରୟୋଦଶୀ ଦିନ ପାଞ୍ଚାଳ ଓ ଅଭ୍ୟୁଦୟ ବିଷୟର ଦୋଣ୍ଡକି ଓ ଯୋକ ଗ୍ରାମକୁ ମିଶାଇ ସୋଲଣପୁର ଗ୍ରାମ ସୃଷ୍ଟି କରିଥିଲେ ଓ ୨୦୦ ବ୍ରାହ୍ମଣଙ୍କୁ ଆଣି ଏଠାରେ ରଖାଇଥିଲେ । ବୈତରଣୀ ନଦୀର ଉଭୟ କୂଳରେ ସୁଲଣ ଓ ସୁଲଣପୁର ନାମରେ ଦୁଇଖଣ୍ଡ ଗ୍ରାମ ଏବେ ମଧ୍ୟ ରହିଅଛି । ସମ୍ଭବତଃ କେନ୍ଦୁଝରର ସୁଲଣ ଗ୍ରାମର ପୂର୍ବନାମ 'ଯୋକ' ଥିଲା । 'ପାଞ୍ଚାଳ' ବିଷୟ ପଞ୍ଚୁପଲ୍ଲୀ ହୋଇଥିବା ସମ୍ଭବ ।

ଭୌମ ଶାସକ ଦ୍ୱିତୀୟ ଶିବକର (ଖ୍ରୀ: ୮୦୦ - ଖ୍ରୀ: ୮୨୦)ଙ୍କ ଶାସନକାଳରେ ବଙ୍ଗଶାସକ ଦେବପାଳ (ଖ୍ରୀ: ୮୦୦-ଖ୍ରୀ:୮୫୦)ଙ୍କ ସେନାପତି ଜୟପାଳ ଓଡିଶା (ଉତ୍କଳ) ଆକ୍ରମଣ କରି ଶିବକରଙ୍କୁ କ୍ଷମତାଚ୍ୟୁତ କରି ଏହାଙ୍କ ବିରାଦର ଶାନ୍ତିକରଙ୍କୁ କ୍ଷମତା ଅର୍ପଣ କରିଥିଲେ । ଏହିକାଳରେ ଆନନ୍ଦପୁର, ଘଷିପୁରା, ହରିଚନ୍ଦନପୁର ଓ ତେଲକୋଇ ବ୍ଲକ ଅଞ୍ଚଳରେ ପାଳ ନାମାନ୍ତ ଅନେକ ଗୁଡିଏ (୩୭ଟି) ଗ୍ରାମ ସ୍ଥାପିତ ହୋଇଥିଲା । ତେଲକୋଇର 'ଦୁବୁଲାପାଳ' ଗ୍ରାମଟି ଦେବପାଳଙ୍କ ନାମରେ ଅପଭ୍ରଂଶ ଅଟେ । ଭୌମଶାସନ କାଳରେ ଏହାର ନାମ ଥିଲା 'ଦେବଳୟ' ।

ଖ୍ରୀ: ୮୫୦ ରୁ ଖ୍ରୀ: ୮୯୨ ମଧ୍ୟରେ ଲୋଣଭାର ଦ୍ୱିତୀୟ ଶାନ୍ତିକର, ତାଙ୍କ ପତ୍ନୀ ହୀରା ମହାଦେବୀ, ପୁତ୍ର ଲଳିତହାରଙ୍କ ନାମାନୁସାରେ ଯଥାକ୍ରମେ ଲୁଣହାର, ହୀରାପୁର, ଓ ଅଳତି ଗ୍ରାମ ସୃଷ୍ଟି ହୋଇଥିଲା । ଦ୍ୱିତୀୟ ତ୍ରିଭୁବନ ମହାଦେବୀ (ଖ୍ରୀ: ୮୯୪)ଙ୍କ ଶାସନ କାଳରେ କେନ୍ଦୁଝରରେ ଶୈବଧର୍ମର ଲକୁଳୀଶ ଶିବଙ୍କର ଅନୁଗାମୀ ମାନେ ଉମା ମହେଶ୍ୱରଙ୍କର ଆରାଧନା କରିଥିଲେ । ସଦର ବ୍ଲକ ଅଧୀନସ୍ଥ ଫକୀରପୁରଠାରେ ଏକ ଭବ୍ୟ ମନ୍ଦିର ନିର୍ମିତ ହୋଇଥିଲା । ଏଥିରେ ଲକୁଳୀଶଙ୍କର ଏକ ଫଳକ ସହିତ ଚତୁର୍ଭୁଜ ଶିବ ଓ ଦ୍ୱିଭୁଜା ପାର୍ବତୀଙ୍କର ଚାରିଗୋଟି ଉଲଗ୍ନ ବିଗ୍ରହ ଏକ ଧ୍ୱଂସପୀଠ ମଧ୍ୟରେ ଦେଖିବାକୁ ମିଳେ । ଭଗ୍ନ ମନ୍ଦିରର ଚୂଡା, ପ୍ରସ୍ତରଖଣ୍ଡ ଓ ମନ୍ଦିରର ପାର୍ଶ୍ୱଦେବତା ଗଣେଷ, କାର୍ତ୍ତିକେୟ, ନୃସିଂହ ଓ ଅନନ୍ତ ମସ୍ତକଧାରୀ ଲକୁଳୀଶଙ୍କର ବିଗ୍ରହ ଏହି ସ୍ଥାନରେ ଦେଖିବାକୁ ମିଳେ । ପାଞ୍ଚଗୋଟି ଶିବଲିଙ୍ଗ ମଧ୍ୟ ଏଠାରେ ରହିଛି ।

Digitized by PPRACHIN, SOA

ଫକୀରପୁର (କେନ୍ଦୁଝର ବ୍ଲକ)ର ଉମାମହେଶ୍ୱର ଓ ଲକୁଳୀଶ

ତ୍ରିଭୁବନ ମହାଦେବୀଙ୍କର ଅପର ନାମଥିଲା ସିନ୍ଧ ବା ସିନ୍ଧିଗୌରୀ। ତାଙ୍କ ନାମାନୁସାରେ ଶିରିକୁଆଁଠାରେ (ସିନ୍ଦୂର ଗୌରୀ ନାମରେ) ଏକ ପୁଷ୍କରିଣୀ ରହିଛି। ଏହି ଅଞ୍ଚଳରେ ସେ ଦେବୀ ସିନ୍ଦୂର ଗୌରୀଭାବେ ଅଦ୍ୟାବଧି ପୂଜାପାଆନ୍ତି। ଦଣ୍ଡିମହାଦେବୀ (ଖ୍ରୀ ୯୧୬ ରୁ ଖ୍ରୀ: ୯୨୩) ଙ୍କ ଦରବାରର ବିଖ୍ୟାତ ପଣ୍ଡିତ ଜମ୍ଭଣଙ୍କ ନାମାନୁସାରେ ଜମ୍ଭିରା ଗ୍ରାମ ସୃଷ୍ଟି ହୋଇଥିବା ଅନୁମିତ ହୁଏ। ଏହାଙ୍କର ପରବର୍ତ୍ତୀ ଶାସକ ପଞ୍ଚମ ଶୁଭାକର ଖିଚିଂର ରାଜା ରଣଭଞ୍ଜଙ୍କର ଭଉଣୀ ବକୁଳଦେବୀଙ୍କୁ ବିବାହ କରିଥିଲେ। ବକୁଳ ଦେବୀ ଖ୍ରୀ: ୯୨୩ ରୁ ଖ୍ରୀ: ୯୪୧ ର ପରବର୍ତ୍ତୀ ସମୟ ପର୍ଯ୍ୟନ୍ତ ଭୌମରାଣୀ ଭାବେ ତୋଷଳିକୁ ଶାସନ କରିଥିଲେ।

ଏହିକାଳରେ ଏକ ସମୃଦ୍ଧ ତାନ୍ତ୍ରିକ ବୌଦ୍ଧ ପରମ୍ପରା ସୃଷ୍ଟି ହୋଇଥିଲା। ଡୋମ୍ବିପାଦ, ଦାରିକ ପାଦ ପ୍ରମୁଖ ତାନ୍ତ୍ରିକ ସାଧକ ମାନଙ୍କର ଆର୍ବିଭାବ ଘଟିଥିଲା। ଏମାନଙ୍କ ସାଧନା ଫଳରେ ଅନେକ ଶାକ୍ତ ଦେବୀ ଯଥା ବଞ୍ଚୋ ଓ ଫକୀରପୁରର ବାରାହୀ, ମରିଚାଇପଦାର ସିଦ୍ଧ ମରିଚାଇ, ଯଶୋବନ୍ତପୁରର ଛିନ୍ନ ମସ୍ତା, ବଞ୍ଚୋର ନାରସିଂହୀ, ଆନନ୍ଦପୁରର ଧନେଇ ଦେବୀ କଥିତ ବୈଷ୍ଣବୀ (ଧନଦତାରା) ଘୁଟୁର ଗ୍ରାମର ଦେବୀ ତାରା ଓ ବୀରଗୋବିନ୍ଦପୁରର ଧ୍ୟାନୀ ବୁଦ୍ଧ ଓ ଅଙ୍ଗାରୁଆ ଗ୍ରାମର

Digitized by PPRACHIN, SOA

ଫକୀରପୁର
ଭଗ୍ନ ମନ୍ଦିରର ଊର୍ଦ୍ଧ୍ୱଭାଗ

ଲକୁଳୀଶ

ନୀଳ ସରସ୍ୱତୀଙ୍କର ବିଗ୍ରହ ପୂଜିତ ହୋଇ ଅନେକ ତାନ୍ତ୍ରିକ ପୀଠ ସୃଷ୍ଟି ହୋଇଥିଲା । ବୀରଗୋବିନ୍ଦପୁରର ଧ୍ୟାନୀବୁଦ୍ଧ ଓ ଅନେକ ବୌଦ୍ଧ ବିଗ୍ରହକୁ ଲକ୍ଷ୍ୟକଲେ ଜଣାଯାଏ ଯେ ବୀରଗୋବିନ୍ଦପୁର ଏକ ସମୃଦ୍ଧ ବୌଦ୍ଧପୀଠ ଥିଲା ଓ ଏହାହିଁ ଧନକୋଟ ଭାବେ କଥିତ ହେଉଥିବା ବିଶ୍ୱାସ ହୁଏ । ବୌଦ୍ଧ ଦାର୍ଶନିକ ଲାମାତାରାନାଥ ଏହି କାଳରେ ଏହି ଅଞ୍ଚଳକୁ ପରିଦର୍ଶନରେ ଆସିଥିଲେ ।

ଖିଚିଂ କୋଟର ଭଞ୍ଜ ବଂଶୀ କନ୍ୟା ବକୁଳ ମହାଦେବୀ ଭୌମ ଶାସକ ପଞ୍ଚମ ଶୁଭାକର ଦେବଙ୍କୁ ବିବାହ କରିଥିଲେ । ଏହି କାଳରୁ ଆନନ୍ଦପୁର ଅଞ୍ଚଳଟି ତୋଷଳ ରାଜ୍ୟର ଦଣ୍ଡଭୁକ୍ତି ମଣ୍ଡଳରୁ ବିଚ୍ଛିନ୍ନ ହୋଇ ଖିଚିଂକୋଟ ଅଧୀନକୁ ଚାଲିଯାଇଥିଲା । ଏହିକାଳରେ ଖିଚିଂକୋଟରେ ରଣଭଞ୍ଜ (ଖ୍ରୀ: ୯୨୪-ଖ୍ରୀ: ୯୨୯) ଶାସନ କରୁଥିଲେ । ଖ୍ରୀ:ଅ: ୯୪୯ ବେଳକୁ ଭୌମ ବଂଶର ପତନ ଘଟି ସୋମବଂଶୀ ଶାସକମାନଙ୍କ ଦ୍ୱାରା ଉଭୟ ତୋଷଳି (ଓଡିଶା) ଶାସିତ ହୋଇଥିଲା ।

❖❖

Digitized by PPRACHIN, SOA

ସୋମବଂଶୀ ଶାସନ

(ଖ୍ରୀ: ୯୫୦ - ଖ୍ରୀ: ୧୧୨୪)

ସୋମବଂଶୀ ରାଜା ମହାଶିବଗୁପ୍ତ ପ୍ରଥମ ଯଯାତି (ଖ୍ରୀ: ୯୨୨ - ଖ୍ରୀ: ୯୫୫) ଭୌମ ମାନଙ୍କୁ ସମୂଳେ ନିପାତକରି ଖ୍ରୀ:ଅ: ୯୪୯ ବେଳକୁ ଉଭୟ ତୋଷଳିରେ ସମ୍ପୂର୍ଣ୍ଣ କର୍ତ୍ତୃତ୍ୱ ଜାହିର କରିଥିଲେ।

ମହାଶିବ ଗୁପ୍ତ ପ୍ରଥମ ଯଯାତିଙ୍କ ପୁତ୍ର ଭୀମରଥଙ୍କ ଶାସନକାଳ (ଖ୍ରୀ: ୯୨୫- ଖ୍ରୀ: ୯୬୦)ରେ ସମଗ୍ର କେନ୍ଦୁଝର ଅଧିକୃତ ହୋଇଥିଲା। କିମ୍ବଦନ୍ତୀ ଅନୁସାରେ ଭୀମରଥ ଓ ବରାହ ଶାସକଙ୍କ ମଧ୍ୟରେ ଘମାଘୋଟ ଲଢେଇ ହୋଇଥିଲା। ଭୀମରଥଙ୍କ ପରେ ଇନ୍ଦ୍ରରଥ (ଖ୍ରୀ: ୯୫୦-ଖ୍ରୀ: ୧୦୨୩) ବରାହ ସାମ୍ରାଜ୍ୟର ପ୍ରାଣକେନ୍ଦ୍ରରେ ବିଜୟ ବୈଜୟନ୍ତୀ ଉଡାଇଥିବାରୁ ଏହି ସ୍ଥାନର ନାମ ଇନ୍ଦ୍ରଛତ୍ର ପର୍ବତ ଭାବରେ ଖ୍ୟାତ ହୋଇଅଛି। ଖ୍ରୀ ୧୦୨୩ ବେଳକୁ ରାଜେନ୍ଦ୍ର ଚୋଳ ଯଯାତି ନଗର ଆକ୍ରମଣକରି ଇନ୍ଦ୍ରରଥଙ୍କୁ ପରାସ୍ତ ଓ ନିହତ କରିଥିଲେ। ସେ କେନ୍ଦୁଝରର ନୟାଗଡ ଦେଇ ମଗଧ ଆଡକୁ ଅଗ୍ରସର ହୋଇଥିଲେ। ଇନ୍ଦ୍ରରଥଙ୍କ ମୃତ୍ୟୁପରେ ମହାଶିବଗୁପ୍ତ ଦ୍ୱିତୀୟ ଯଯାତି (ଖ୍ରୀ: ୧୦୨୪-ଖ୍ରୀ:୧୦୪୦)ଙ୍କ ଶାସନ କାଳରେ ସେ ତାଙ୍କ ସାମ୍ରାଜ୍ୟଟିକୁ ପାଞ୍ଚୋଟି ଭାଗରେ ବିଭକ୍ତ କରିଥିଲେ। ସେଥିମଧ୍ୟରୁ କେନ୍ଦୁଝର ଉତ୍କଳଦେଶ ଅଧୀନରେ ଶାସିତ ହେଉଥିଲା। ଦ୍ୱିତୀୟ ଯଯାତି ବୈତରଣୀକୁ ପବିତ୍ର କରିବାପାଇଁ ବ୍ରହ୍ମେଶ୍ୱର ଶିବଲିଙ୍ଗ ସ୍ଥାପନ କରି ନିଜକୁ ଭଗିରଥଙ୍କ ସହିତ ତୁଳନା କରିଥିଲେ। ଦେଓଗଡ (ଆଧୁନିକ ନୟାଗଡ) ଠାରେ ୪୦ ଫୁଟ ଉଚ୍ଚତା ବିଶିଷ୍ଟ ମୁକ୍ତେଶ୍ୱର ମନ୍ଦିର ନିର୍ମାଣ କରିଥିଲେ। ଅଦ୍ୟାବଧି ଏହା ଜୀର୍ଣ୍ଣ ଅବସ୍ଥାରେ ରହିଥିଲେ ହେଁ ପାର୍ଶ୍ୱମନ୍ଦିର ଗୁଡିକ ଧ୍ୱଂସ ପ୍ରାପ୍ତ ହୋଇଅଛି। ନିକଟରେ ଗୋଟିଏ ସୁଗଭୀର ବାମ୍ଫି (କୂପ) ଅଦ୍ୟାବଧି ଅକ୍ଷତ ଅବସ୍ଥାରେ ରହିଛି। ଏହାଙ୍କ ସମୟରେ ବୈତରଣୀ ଗୋନାସିକାଠାରେ ବ୍ରହ୍ମକୁଣ୍ଡ, ସରେଇ ନିକଟରେ କେଶରୀକୁଣ୍ଡ, ସୋମ (ସୁଆମ) ପାଟଣା ନିକଟରେ ଭୀମକୁଣ୍ଡର ମର୍ଯ୍ୟାଦା ବୃଦ୍ଧିପାଇଥିଲା। ଯଯାତିଙ୍କ ନାମାନୁସାରେ ଯଯାତିପୁର (ଜ୍ୟୋତିପୁର) ଓ ବଂଶ ଅନୁସାରେ ସୋମ (ସୁଆମ) ପାଟଣା ଗ୍ରାମ ସ୍ଥାପିତ ହୋଇଥିଲା। କେନ୍ଦୁଝରଗଡ (ପୁରୁଣାବଜାର)ରେ ଥିବା ମୁକ୍ତେଶ୍ୱର ଶିବମନ୍ଦିର ଓ ଅଗ୍ନେଶ୍ୱର (ଧ୍ୱଂସ) ଏହି ସମୟର କୀର୍ତ୍ତି।

Digitized by PPRACHIN, SOA

ନୟାଗଡ଼ର ମୁକ୍ତେଶ୍ୱର ଓ ଅଷ୍ଟଭୁଜା ମହିଷମର୍ଦ୍ଦିନୀ



କେନ୍ଦୁଝରଗଡ଼ର ମୁକ୍ତେଶ୍ୱର ---- ଦେଓଗାଁର କୁଂଶଳେଶ୍ୱର

Digitized by PPRACHIN, SOA

ଏହାଙ୍କ ପୁତ୍ର ମହାଭବଗୁପ୍ତ ଉଦ୍ୟୋତ କେଶରୀ (ଖ୍ରୀ: ୧୦୪୦-ଖ୍ରୀ:୧୦୬୫) ଦେଓଗାଁରେ କୁଶଳେଶ୍ୱର ଶିବମନ୍ଦିର ପ୍ରାୟ ଖ୍ରୀ: ୧୦୫୩ ବେଳକୁ ନିର୍ମାଣ କରିଥିଲେ। ମାଠର ବଂଶୀୟ ରାଣକ 'ଶ୍ରୀପୁଞ୍ଜ' ନାମକ ଜଣେ ସାମରିକ କର୍ମଚାରୀଙ୍କୁ ନୂତନ ବାମଣ୍ଡା ମଣ୍ଡଳ ଗଠନ କରି ପ୍ରଶାସନିକ ଅଧିକାରୀ ଭାବେ ନିଯୁକ୍ତ କରିଥିଲେ। ଏହାଙ୍କ ନାମାନୁସାରେ କେଶରୀକୁଣ୍ଡ ବା ସରେଇ ନିକଟରେ 'ଶିଲିପୁଞ୍ଜି' ନାମକ ଏକ ଗ୍ରାମ ସ୍ଥାପିତ ହୋଇଥିଲା। କେନ୍ଦୁଝରର ଉତ୍ତର ପଶ୍ଚିମାଞ୍ଚଳ ବାମଣ୍ଡା ମଣ୍ଡଳ ଅଧୀନରେ ଶାସିତ ହୋଇଥିଲା।

ଏହି ବଂଶର ଶେଷରାଜା ମହାଶିବଗୁପ୍ତ କର୍ଣ୍ଣଦେବ (ଖ୍ରୀ:୧୦୯୦-ଖ୍ରୀ:୧୧୧୮)ଙ୍କ ଶାସନ କାଳରେ ଖ୍ରୀ:ଅ: ୧୧୧୨ ରେ 'ଉତ୍କଳଦେଶ'ରୁ ମେଦିନୀପୁର ଅଞ୍ଚଳଟିକୁ ବଙ୍ଗରାଜ୍ୟର ରାଜା ରାମପାଳଙ୍କ ସାମନ୍ତ ଜୟସିଂହ ଦଖଲକୁ ନେଇଯିବାରୁ ଉତ୍କଳଦେଶଟି ଭାଙ୍ଗିଗଲା। ସାମନ୍ତ ଜୟସିଂହ ଆନନ୍ଦପୁରର ଚକ୍ରତୀର୍ଥ ପାହାଡତଳେ ସିଂହଗଡ ନିର୍ମାଣ କଲେ। ଅବଶିଷ୍ଟ ଅଂଶ ଉତ୍ତର ତୋଷଳୀ ନାମରେ ଅଭିହିତ ହେଲା। କର୍ଣ୍ଣଦେବ ତାଙ୍କ ଶାସନର ଷଷ୍ଠ ବର୍ଷ ଖ୍ରୀ:୧୦୯୬ (ମତାନ୍ତରେ ଖ୍ରୀ: ୧୧୦୬) ରେ ସୋଲଣପୁର ମହାବିହାରର ବୌଦ୍ଧ ସାଧିକା କର୍ପୁର ଶ୍ରୀ ନାମକ ଜଣେ କାଶ୍ୟପ ଗୋତ୍ରୀୟ ବ୍ରାହ୍ମଣୀ ବିଦୂଷୀଙ୍କୁ ସଲିଳଧାର ପୁରସର ଅଷ୍ଟାବିଂଶ ଖଣ୍ଡ ସଂକୋଣା ଗ୍ରାମ (ବୈତରଣୀ ନଦୀକୂଳରେ ଥିବା ଶଙ୍କଣା ଗ୍ରାମକୁ କେନ୍ଦ୍ରକରି ୨୮ ଖଣ୍ଡ ଗ୍ରାମ) ଦାନକରି ଏହି ଭୂଖଣ୍ଡର ଅଧିଶ୍ୱରୀ ଭାବେ ଅବସ୍ଥାପିତ କରାଇଥିଲେ। ବଞ୍ଚୋ ନିକଟରେ ଶିବନାରାୟଣପୁର ଗ୍ରାମସ୍ଥ ଶଙ୍କରେଶ୍ୱର ମନ୍ଦିର ସମ୍ମୁଖସ୍ଥ ଦକ୍ଷିଣ ପାର୍ଶ୍ୱରେ ଜଣେ ବିଦୂଷୀରମଣୀ ଏକ ଉଚ୍ଚ ଆସନରେ ଉପବେଶନକରି କେତେକ ମହିଳାଙ୍କୁ ଉପଦେଶ ଦେଉଥିବାର ଏକ କମନୀୟ ମୂର୍ତ୍ତି ଦେଖିବାକୁ ମିଳେ। ଠିକ୍ ଏହି ମହିଳା ଜଣକ ହସ୍ତୀପୃଷ୍ଠରେ ଉପବେଶନକରି ଅଗ୍ରସର ହେଉଥିବା ଓ ତାଙ୍କୁ ଆଉ କେତେକ ରମଣୀ ଅନୁସରଣ କରୁଥିବାର ବିଗ୍ରହଟିଏ ଯଶୋବନ୍ତପୁର ଗ୍ରାମରେ ବୁଡିକାଗୁଳେଇ ନାମରେ ପୂଜାପାଉଥିବା ଦେଖାଯାଏ। ସମ୍ଭବତଃ ରାଣୀ କର୍ପୁରଶ୍ରୀଙ୍କ ଘଟଣାବହୁଳ ଜୀବନୀକୁ ଉଭୟ ଚିତ୍ରରେ ସ୍ଥାନିତ କରାଯାଇଛି। ପୁନଶ୍ଚ ଶିବନାରାୟଣପୁର ମନ୍ଦିର ସମ୍ମୁଖସ୍ଥ ବାମପାର୍ଶ୍ୱରେ ଗଜ ଆରୋହଣ କରି କେତେକ ରମଣୀ କ୍ଷୀପ୍ରଗତିରେ ଅଗ୍ରସର ହେଉଥିବା ଓ ସମ୍ମୁଖରେ

Digitized by PPRACHIN, SOA

ଶିବନାରାୟଣପୁର (ଆନନ୍ଦପୁର) ଶଙ୍କରେଶ୍ୱର ମନ୍ଦିରରେ ଥିବା
ରାଣୀ କର୍ପୂରଶ୍ରୀଙ୍କ ବିଗ୍ରହ

ପୋଡ଼ାସିଙ୍ଗିଡ଼ିରୁ ପ୍ରାପ୍ତ ଜୈନ ବିଗ୍ରହ ଋଷଭନାଥ

ଏକ ଅଶ୍ୱାରୋହୀ ଦ୍ରୁତଗତିରେ ଧାବିତ ହେଉଥିବାର ଚିତ୍ର ମଧ୍ୟ ଦେଖିବାକୁ ମିଳେ। ଏହି ଚିତ୍ରଟି ମଧ୍ୟ ମୁଗ୍ଧ ପ୍ରେମିକ କର୍ଣ୍ଣଦେବ ଓ ପ୍ରେମିକା ରାଣୀ କର୍ପୁରଶ୍ରୀଙ୍କ ହୋଇଥିବା ଅନୁମିତ ହୁଏ। ଏହି ମନ୍ଦିରଟି ଶୈବ, ବୈଷ୍ଣବ ଓ ତାନ୍ତ୍ରିକ ବୌଦ୍ଧ ଦର୍ଶନର ମିଳନପୀଠ ଥିବା ଏହାର ନିର୍ମାଣ ଶୈଳୀରୁ ଜଣାପଡେ।

❖❖

Digitized by PPRACHIN, SOA

ଗଙ୍ଗବଂଶୀ ଶାସନ ଓ କେନ୍ଦୁଝର ରାଜ୍ୟ ଗଠନ
(ଖ୍ରୀ: ୧୧୨୪ - ଖ୍ରୀ: ୧୪୩୫)

ଦ୍ୱାଦଶ ଶତାବ୍ଦୀ ବେଳକୁ (ଖ୍ରୀ:ଅ: ୧୧୧୮ ବେଳକୁ) ଗଙ୍ଗବଂଶର ଆର୍ବିଭାବ ହେଲା । ଖ୍ରୀ ୧୧୨୪ ବେଳକୁ ଅନନ୍ତ ବର୍ମନ ଚୋଡଗଙ୍ଗ ଦେବ (ଖ୍ରୀ:ଅ: ୧୦୭୭- ଖ୍ରୀ:ଅ: ୧୧୪୭) ସମଗ୍ର ଉତ୍କଳର ଅଧିପତି ଭାବେ ନିଜକୁ ସାବ୍ୟସ୍ତ କରିଥିଲେ । ଏହିକାଳରେ ପୂର୍ବପରି କେନ୍ଦୁଝରର ବିଭିନ୍ନ ଅଂଶକୁ ଭଞ୍ଜ, ଶୁଲ୍କୀ, ତୁଙ୍ଗ, ବରାହ ପ୍ରମୁଖ ସାମନ୍ତମାନେ ଶାସନ କରୁଥିଲେ ।

ଗଙ୍ଗବଂଶ ଖ୍ରୀ: ୧୧୨୪ ରୁ ଖ୍ରୀ: ୧୪୩୫ ପର୍ଯ୍ୟନ୍ତ ମୋଟ ୩୦୦ ବର୍ଷରୁ ଉର୍ଦ୍ଧ୍ୱ ଶାସନ କରିଥିଲେ । ଏହି ବଂଶରେ ଗୋଡଗଙ୍ଗ, କାମାର୍ଣ୍ଣବ, ରାଘବ, ରାଜରାଜଦେବ, ଅନଙ୍ଗ ଭୀମଦେବ, ନରସିଂହ ଦେବ ପ୍ରମୁଖ ୧୫ କଣ କୀର୍ତ୍ତିମାନ ଶାସକ ଶାସନ କରି ଓଡିଶାର ଗୌରବ ବୃଦ୍ଧି କରିଥିଲେ । ଚୋଡ଼ଗଙ୍ଗଙ୍କ ଦ୍ୱିତୀୟ ପୁତ୍ର ରାଘବଙ୍କ ଶାସନକାଳ (ଖ୍ରୀ: ୧୧୫୬-ଖ୍ରୀ: ୧୧୭୦) ରେ ଦେଓଗାଁ ଅଞ୍ଚଳରେ ଏକ ପ୍ରଶାସନିକ କ୍ଷେତ୍ର ସ୍ଥାପିତ ହୋଇଥିଲା । ଏହି ସ୍ଥାନ ଏବେ ରାଘବପୁର ଭାବେ କଥିତ ହେଉଛି । ଜଗନ୍ନାଥଙ୍କୁ ଓଡିଶାର ରାଷ୍ଟ୍ର ଦେବତା ଭାବେ ମାନିଥିଲେ । ଓଡିଶାର ନାମକରଣ କରି ଓଡିଆ ଅକ୍ଷର ସୃଷ୍ଟି କରିଥିଲେ । ଏହିବଂଶର ରାଜା ୩ୟ ନରସିଂହ ଦେବଙ୍କ ଶାସନକାଳରେ ସ୍ୱତନ୍ତ୍ର କେନ୍ଦୁଝର ରାଜ୍ୟ ସୃଷ୍ଟି ହୋଇଥିଲା ।

ଖ୍ରୀ:ଅ: ୧୧୨୮ରେ କଲଚୁରୀ ରାଜା ରତ୍ନଦେବଙ୍କ ସେନାପତି ପୁରୁଷୋତ୍ତମଦେବ ଓଡିଶା ଆକ୍ରମଣ କରି ଖିଚିଂକୋଟକୁ ଅଧିକାର କରିନେଇ ରତ୍ନଗଡ ସ୍ଥାପନ କରିଥିଲେ । ଚୋଡଗଙ୍ଗ ଖ୍ରୀ: ୧୧୩୦ ରେ କଲଚୁରୀମାନଙ୍କ କବଳରୁ ଖିଚିଂକୋଟ ଉଦ୍ଧାର କରି ଭଞ୍ଜବଂଶୀ ସାମନ୍ତ ରାଜାଙ୍କ ହସ୍ତରେ ଅର୍ପଣ କରି ରତ୍ନଗଡ ଓ ସିଂହଗଡ ଧ୍ୱଂସ କରିଥିଲେ । ଚୋଡଗଙ୍ଗ ଓ ଯୋଶଭଞ୍ଜ ପରମ ବୈଷ୍ଣବ ଶ୍ରୀ ରାମାନୁଜଙ୍କ ଠାରୁ ଖ୍ରୀ: ୧୧୧୨ ବେଳକୁ ବୈଷ୍ଣବଧର୍ମ ଗ୍ରହଣ କରିଥିଲେ । ରାମାନୁଜ ବିଶିଷ୍ଟ ଅଦ୍ୱୈତବାଦର ପ୍ରଚାରକ ଥିଲେ । ବିଷ୍ଣୁଙ୍କ ସହିତ ଲକ୍ଷ୍ମୀଙ୍କର ଆରାଧନା ଏହିକାଳରୁ ଓଡିଶାରେ ଆରମ୍ଭ ହୋଇଥିଲା । ଖିଚିଂର ଭଞ୍ଜମାନେ ଏହିକାଳରୁ 'ରାମ'ଙ୍କୁ ଇଷ୍ଟ ଦେବତା ଭାବେ ଗ୍ରହଣ କରିଥିଲେ ।

Digitized by PPRACHIN, SOA

ବଙ୍ଗର ପାଳବଂଶୀ ରାଜାମାନଙ୍କ ସହିତ ଭଞ୍ଜ ରାଜବଂଶର ସମ୍ପର୍କ ନିବିଡଥିଲା । ଖିଚିଂକୋଟ୍ଟରେ ଅନେକ ସାଂସ୍କୃତିକ ପରିବର୍ତ୍ତନ ଘଟିଥିଲା । ଖ୍ରୀ: ୧୧୧୨ରେ ରାମପାଳଙ୍କ ଉତ୍କଳ ଅଭିଯାନ କାଳରେ ବିଜିତ ଅଞ୍ଚଳକୁ ଭଞ୍ଜମାନଙ୍କୁ ଅର୍ପଣ କରିଥିବା ରାମଚରିତରେ ଉଲ୍ଲେଖ ଅଛି-

ଭବଭୂଷଣ ସନ୍ତତି ବୁବ ମନୁଜ ଗ୍ରାହଜିତ ମୁକ୍ଳତ୍ରଂ ଯଃ
ଯଗଦ୍, ବତିସ୍ମ ସମସ୍ତଂକଳିଙ୍ଗ ତସ୍ମାନ୍ ନିଶାଚରାନ୍ ବିଘ୍ନନଂ-(୩-୪୫)

ଏହି ଭବଭୂଷଣ ସନ୍ତତି ଯେ ଖିଚିଂର ନାଗବଂଶୀ ଭଞ୍ଜ ରାଜବଂଶ ଏହା ନିଃସନ୍ଦେହ । ପାଳମାନଙ୍କ ପରେ ସେନ୍ ବଂଶର ଆର୍ବିଭାବ ଘଟିଥିଲା । ସେମାନଙ୍କ ସହିତ ଭଞ୍ଜମାନଙ୍କର ବୈବାହିକ ସମ୍ପର୍କ ଥିବା କଥା ଲୋକଗୀତରେ ଶୁଣିବାକୁ ମିଳେ । ଧ୍ୱଜସେନ ରାଜାଙ୍କୁ ଜୟସିଂହ କୌଣସି ଏକ ଯୁଦ୍ଧରେ ପରାସ୍ତ କରିବାପରେ ଧ୍ୱଜସେନଙ୍କ କନ୍ୟା ଜୟନ୍ତ କୁମାରୀଙ୍କୁ ବିବାହ କରିଥିଲେ । ପରେ ଏହାଙ୍କ ଗର୍ଭରୁ ଜ୍ୟୋତିଭଞ୍ଜ ଓ ଆଦିଭଞ୍ଜ ଜନ୍ମଗ୍ରହଣ କରିଥିବାର ପ୍ରବାଦ ରହିଅଛି । ସେନ୍ ବଂଶ ପରେ ବଙ୍ଗ ସମ୍ପୂର୍ଣ୍ଣଭାବେ ଆଫଗାନ୍ ଓ ମୋଗଲମାନଙ୍କ କବଳିତ ହୋଇଥିଲା । ମୁସଲମାନମାନେ ବଙ୍ଗ ଅଧିକାର କରିସାରିବାପରେ ଓଡିଶା ଆକ୍ରମଣ କରିବାକୁ ଯୋଜନା କରିଥିଲେ । ଖ୍ରୀ:ଅ: ୧୩୫୩ରେ ବଙ୍ଗର ଶାସକ ଇଲିୟାସ୍ ସାହା ଓ ଖ୍ରୀ:ଅ: ୧୩୬୧ ରେ ଫିରୋଜ ସାହା ତୁଗଲକ ଓଡିଶା ଆକ୍ରମଣ କରିଥିଲେ । ଫିରୋଜ ଶାହାଙ୍କ ଆକ୍ରମଣରେ ଖିଚିଂକୋଟ୍ଟ ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଥିଲା । ଭଞ୍ଜମାନେ ଖିଚିଂ ଛାଡ଼ି ବହଳଦା (ବାମନଘାଟି)କୁ ପଳାୟନ କରିଥିଲେ । ଏତେବେଳକୁ ତୃତୀୟ ନରସିଂହଦେବ (ଖ୍ରୀ: ୧୩୨୬ - ଖ୍ରୀ ୧୩୫୩) ଓଡିଶାର ରାଜାଥିଲେ । ଏହାଙ୍କ ଶାସନ କାଳରେ ଖ୍ରୀ ୧୩୩୮ ବେଳକୁ ଜ୍ୟୋତିଭଞ୍ଜଙ୍କ ନେତୃତ୍ୱରେ କେନ୍ଦୁଝରର ପ୍ରଜାମାନେ ନୂତନ ରାଜ୍ୟ ଗଠନର ସ୍ୱପ୍ନକୁ ସାକାର କରିଥିଲେ ।

Digitized by PPRACHIN, SOA

ଖିଚିଂକୋଟରୁ ନୟାକୋଟ

(ନୟାକୋଟରୁ ନୟାଗଡ-ନୟାଗଡରୁ କେଂଝିରୀଗଡ)

କେନ୍ଦୁଝରର ଲୋକକଥା ଓ ଇତିହାସ ଅନୁସାରେ, କୌଣସି କାରଣରୁ ଚତୁର୍ଦ୍ଦଶ ଶତାବ୍ଦୀରେ କେନ୍ଦୁଝରର ପ୍ରଜାମାନେ ନୂଆରାଜ୍ୟ ଗଠନ କରିବାକୁ ଚିନ୍ତା କଲେ। ସମ୍ଭବତଃ ପୂର୍ବରୁ ଏଠାରେ ଶାସନ କରୁଥିବା ବରାହ ବଂଶର ଦୁର୍ବଳତାର ସୁଯୋଗ ନେଇ କାଦମ୍ବବଂଶର ଆର୍ବିଭାବ ଘଟିଥିଲା। ନୟାକୋଟ ଅଞ୍ଚଳରେ ସେହି କାଦମ୍ବ ବଂଶୀ ଜମିଦାରଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇବାରୁ କେନ୍ଦୁଝରର ପ୍ରଜାମାନେ ନୂତନରାଜ୍ୟ ସ୍ଥାପନ କରିବାକୁ ବିଦ୍ରୋହ କଲେ।

କେନ୍ଦୁଝରଗଡ଼ର ବନବିହାରୀ ମନ୍ଦିର ଓ ବିଗ୍ରହ

କେନ୍ଦୁଝରର ଲୋକକଥା ଅନୁସାରେ ମୟୁରଭଞ୍ଜର ରାଜପୁତ୍ର 'ଜ୍ୟୋତିଭଞ୍ଜ'ଙ୍କୁ ଭୂୟାଁମାନେ ଚୋରାଇ ଆଣିଥିଲେ। ଆଉ କେତେକଙ୍କ ମତ ଅନୁସାରେ ଜୟସିଂହ ପ୍ରଥମେ ମୟୁରଭଞ୍ଜରେ ରହୁଥିଲେ। ତାଙ୍କର ଦୁଇପୁଅ - ଆଦିଭଞ୍ଜ ଓ ଜ୍ୟୋତିଭଞ୍ଜ। ସେ ତାଙ୍କ ଦୁଇ ପୁଅଙ୍କ ମଧ୍ୟରେ ରାଜ୍ୟଟିକୁ ଭାଗ କରିଦେଲେ। ବଡଭାଇ

Digitized by PPRACHIN, SOA

ଆଦିପୁରରେ ଓ ସାନଭାଇ ଜ୍ୟୋତିପୁରରେ ରହିଲେ । ଦୁଇଭାଇ ବୈତରଣୀ ନଦୀକୁ ସୀମାରଖି ରାଜ୍ୟଟିକୁ ଦୁଇଭାଗ କରିଥିଲେ । କେନ୍ଦୁଝରର ପ୍ରଜାମାନଙ୍କର ସୁବିଧାପାଇଁ ପରେ ଜ୍ୟୋତିଭଞ୍ଜ ଜ୍ୟୋତିପୁରରୁ ଗଡ ଉଠାଇଆଣି କେନ୍ଦୁଝରରେ ଗଡକଲେ । ନୂଆରାଜ୍ୟର ନାମ ହେଲା କେନ୍ଦୁଝର । ଭଞ୍ଜ ବଂଶାନୁଚରିତରେ ଉଲ୍ଲେଖ ଅଛି ଯେ "ମୁରି ଗ୍ରାମବାସୀ ଶ୍ରୀ ସନ୍ତାଇ ଭଞ୍ଜ ମହାରାଜାଙ୍କଠାରୁ ବ୍ରାହ୍ମଣଘାଟିରେ ଶୁଭସ୍ଥାନ କରି ଆଦିପୁରଠାରୁ ପ୍ରତିଦିନ ବିଜେକରି ଶ୍ରୀ ଖିଚିଙ୍କେଶ୍ୱରୀଙ୍କୁ ସେବାପୂଜା କରି ବରପାଇଲେ । ଛତ୍ର ଆୟୁଧ ପାଇ ଦେବ ସ୍ୱରୂପ ହୋଇ ଶକ୍ତିବନ୍ତ ହୋଇ ରହିଲେ ତାଙ୍କଠାରୁ ଆଜ୍ଞାସିଦ୍ଧହୋଇ ଶ୍ରୀମାଙ୍କ ବରପୁତ୍ର ଶ୍ରୀ ଆଦିଭଞ୍ଜ ସର୍ବଶ୍ରେଷ୍ଠ ହୋଇ ଆଦିପୁର ଯେନି ପାଅପୀତରେ ରାଜାଧିରାଜା ମହାରାଜା ହୋଇ ଅନେକ କୀର୍ତ୍ତି କଲେ । ଏ ରାଜାଙ୍କ ସାନଭାଇ ଜ୍ୟୋତି ଭଞ୍ଜ ଭ୍ରମରବର ବାବୁଙ୍କୁ ପାବୁଡି ଦେଶମାନ ଚୋରାଇନେଇ ପର୍ବତରେ ନୁଚାଇ ରଖି ତିନିବରଷ ମେଳି ଉତ୍ତାରୁ ଜ୍ୟୋତିପୁରରେ ରାଜୁତି କରାଇଲେ । x x ଏହି ଦିନଠାରୁ କେନ୍ଦୁଝରୀରେ ସୂର୍ଯ୍ୟବଂଶୀରାଜା ରାଜ୍ୟକଲେ ।" ଭଞ୍ଜ ବଂଶାନୁଚରିତର ବର୍ଣ୍ଣନା ଅନୁସାରେ ବାମନଘାଟିର ରାଜା ସନ୍ତାଇ ଭଞ୍ଜଙ୍କ ଦୁଇପୁତ୍ର ମଧ୍ୟରୁ ଜ୍ୟେଷ୍ଠପୁତ୍ର ଆଦିଭଞ୍ଜ ପାଅପୀତରେ ରାଜାହେଲେ ଓ ସାନଭାଇ ଜ୍ୟୋତିଭଞ୍ଜ କେନ୍ଦୁଝରରେ ନୂଆରାଜ୍ୟ କରିବାପରେ ହିଁ ଏଠାରେ ଭଞ୍ଜବଂଶୀ (ସୂର୍ଯ୍ୟବଂଶୀ) ଶାସନର ଆରମ୍ଭ ହୋଇଥିଲା । ପୁନଶ୍ଚ ଏହି ଭଞ୍ଜବଂଶାନୁଚରିତ ଓ ଧନୁର୍ଜ୍ଜୟଙ୍କ ବିବରଣୀ ଅନୁସାରେ ଜଣାଯାଏ ଯେ ଜ୍ୟୋତିଭଞ୍ଜଙ୍କ ବଡଭାଇ ଆଦିଭଞ୍ଜ ଏହିକାଳରେ ମୟୁରଧ୍ୱଜ ଜମିଦାରଙ୍କୁ ପରାଜିତ କରି ଭଞ୍ଜ ଉପାଧିପ୍ରାପ୍ତ ହୋଇଥିଲେ । ଏଥିରୁ ଜଣାପଡୁଛି ଯେ କେନ୍ଦୁଝରରେ ଭଞ୍ଜବଂଶ ଶାସନ କରିବାପୂର୍ବରୁ ମୟୂରବଂଶୀ ରାଜାମାନେ ହିଁ ଶାସନ କରୁଥିଲେ । ଏହି ମୟୁରବଂଶ ଯେ ବଣାଇ ମଣ୍ଡଳରେ ଶାସନ କରୁଥିବା ମୟୂର ସନ୍ତକଧାରୀ ଶାସକ ଏହା ନିଃସନ୍ଦେହ । ପଣ୍ଡିତ ଗୋପିନାଥ ମିଶ୍ର ବିରଚିତ 'କାଦମ୍ବଗାଥା' ର ବର୍ଣ୍ଣନା ଅନୁସାରେ ସିଂହଭୂମର 'ସିଂହ' ସଞ୍ଜକ ରାଜବଂଶ ଓ ବଣାଇର ଦେଓ ସଂଜ୍ଞକ ରାଜବଂଶ ବିରାଦର ଅଟନ୍ତି । ବଣାଇର ରାଜବଂଶର ସନ୍ତକ 'ଅବଧି ମୟୂରସନ୍ତକ ରାଜବଂଶେ' ରହିଛି (ଛାନ୍ଦ ଷଷ୍ଠ, ପଦ ସଂଖ୍ୟା ୩୬) । ଏମାନଙ୍କୁ ଜୟ କରି ଜ୍ୟୋତିଭଞ୍ଜ କେନ୍ଦୁଝର ରାଜ୍ୟଗଠନ କରିଥିଲେ ।

Digitized by PPRACHIN, SOA

ସିଂହଭୂମର ସିଂହ ବଂଶ ମାଦଳାରେ ଉଲ୍ଲେଖ ଅଛି ଯେ- କଦମ୍ବବଂଶୀ ସିଂହଳଦୀପରୁ ଅଇଲେ ଏ ଦେଶକୁ। x x ଅର୍ଜୁନ ସିଙ୍ଘଙ୍କ ପୁଅ ଧୃତରାଜ ସିଙ୍ଘ। ଏ ପାଟରେ ଅଣ୍ଡେଲ ମାରି ରାଜା ହେଲେ। ବ୍ରାହ୍ମଣ ଘାଟି ମାଇଲେ। x x କେଶର ଭଞ୍ଜ x x କୁ ଆଣି ରଜା କଲେ। କେଶରଭଞ୍ଜର ମୁଖ ନଉକା ଆଣିଲେ। ଭଞ୍ଜ ମାରି ଭଞ୍ଜ ଥାପନା କଲେ। x x ଏହାଙ୍କ ପୁଅ ଗଜସିଙ୍ଘ ଅଇଲେ। ଗଜସିଙ୍ଘଙ୍କ ପୁଅ ଅର୍ଜୁନ ସିଙ୍ଘ ହୋଇଲେ। ଏହାଙ୍କ ପୁଅ ନାମ ଫେରି ଗଜ ସିଙ୍ଘ ଦେଲେ। ଟୀକାଏତ ହୋଇଲେ। ଗଜପତିଙ୍କ ଲୋକ ଅଇଲା। ବଡ଼ ହାତୀ ମାଗିଲା। ଜଳେଶ୍ୱର କରଣ କହିଲେ, "ଦେଓ, ଶ୍ରୀ ଟୀକାଏତବାବୁଙ୍କର ସିନା ବଡ଼ ହାତୀ ଅଛି। ଟୀକାଏତବାବୁଙ୍କୁ ଆଜ୍ଞା ହେଉ, ବଡ଼ ହାତୀ ଦିଅନ୍ତୁ।"

ଏଥିରୁ ଜଣାପଡୁଛି ଯେ ବାମନଘାଟୀ (ମୟୂରଭଞ୍ଜ)ର ଭଞ୍ଜବଂଶୀରାଜା ଓ ସିଂହ ରାଜାଙ୍କ ମଧ୍ୟରେ ଯୁଦ୍ଧ ହୋଇଥିଲା। ଏହି ସମୟରେ ଗଜପତିଙ୍କ ଲୋକ ଆସି ଅର୍ଜୁନ ସିଂହଙ୍କୁ ଏକ ବଡ଼ହାତୀ ମାଗିଥିଲେ।

ଏ ସମ୍ପର୍କରେ ମାଦଳାପାଞ୍ଜିରେ ଉଲ୍ଲେଖଅଛି ଯେ କେନ୍ଦୁଝରରେ ନିର୍ବଂଶ ଖଣ୍ଡାଇତଙ୍କୁ ବାହାର କରିଦେଇ ଓଡିଶା ରାଜା ନରସିଂହ ଦେବ (ଖ୍ରୀ: ୧୩୨୭- ଖ୍ରୀ: ୧୩୫୨)ଙ୍କ ପାତ୍ର (ମନ୍ତ୍ରୀ) ଗୋପିନାଥ କେନ୍ଦୁଝର ଅଧିକାର କଲେ ଓ ପହିଲିଆ ବା ପ୍ରଥମ ଦାବୀଦାରଙ୍କୁ ରାଜାକଲେ। ସମ୍ଭବତଃ ଏଠାରେ ବରାହ ବଂଶର ପତନପରେ ମୟୂରଧ୍ୱଜ ବା କାଦମ୍ବବଂଶୀ ଶାସକ ଭାନୁପ୍ରତାପ ଦେଓ 'କେଝିଁଗୀ' ଅଧିକାର କରିନେବାରୁ ଭଞ୍ଜମାନଙ୍କ ସହାୟତାରେ ଭୂୟାଁମାନେ ବିଦ୍ରୋହ କରିଥିଲେ। ଶେଷକୁ ଗଜପତି ତୃତୀୟ ନରସିଂହ ଜ୍ୟୋତିଭଞ୍ଜଙ୍କୁ କେନ୍ଦୁଝରର ରାଜାଭାବେ ସ୍ୱୀକୃତି ଦେଇଥିଲେ।

ସୁନ୍ଦରଗଡ ଗେଜେଟିୟରରେ ଉଲ୍ଲେଖ ଅଛିଯେ କାଦମ୍ବବଂଶୀ ରାଜା ପ୍ରତାପଭାନୁ ଦେଓ ବଣାଇରେ ନୂତନରାଜ୍ୟ ଗଠନ କରିଥିଲେ। ସମ୍ଭବତଃ ଏଇ ପ୍ରତାପ ଭାନୁଦେବ ଚତୁର୍ଦ୍ଦଶ ଶତାବ୍ଦୀରେ ଅର୍ଥାତ ଖ୍ରୀ: ୧୩୩୮ ଆଡକୁ ସ୍ଥାନୀୟ ବଡଭୂୟାଁ (ସାଉଁତି) ସର୍ଦ୍ଦାର ଇନ୍ଦ୍ର ସାମନ୍ତଙ୍କ ସହାୟତାରେ କେନ୍ଦୁଝର ଅଧିକାର କରିନେବାରୁ ପାଉଡି ବା ଦେଶଭୂୟାଁ ମାନେ ବିଦ୍ରୋହକରି ଜ୍ୟୋତିଭଞ୍ଜଙ୍କୁ ପକ୍ଷଭୁକ୍ତ କରାଇ ନୂତନ ରାଜ୍ୟ ଗଠନ କରିଥିଲେ।

Digitized by PPRACHIN, SOA

ଅମ୍ବିକା ବିଳାସ କାବ୍ୟରେ କବି ପ୍ରତାପ ବଳଭଦ୍ର ଭଞ୍ଜ ଲେଖିଛନ୍ତି -

"ଅର୍କବଂଶେ ଜାତ କ୍ଷିତିଏ ବିଦିତ ଭଞ୍ଜ ସଂଜ୍ଞା କ୍ଷିତିଖ୍ୟାତ
ଅସୀବଲୁଁ କରି ଯେହ୍ନୁ କେନ୍ଦୁଝରୀ ରାଜ୍ୟେହେଲେ ନରନାଥ ।"

ଅର୍ଥାତ୍ ଜ୍ୟୋତିଭଞ୍ଜ ଯୁଦ୍ଧ କରି କେନ୍ଦୁଝର ରାଜ୍ୟ ଅଧିକାର କରିଥିଲେ ।

ଗଦାଧର ଭଞ୍ଜଙ୍କ ଅଷ୍ଟାଦଶ ଲହରୀ ବା ବିଶ୍ୱଲହରୀ କାବ୍ୟରେ ଉଲ୍ଲେଖ ଅଛି ଯେ--

ଆଦି ଭଞ୍ଜ ହେଲେ ଆଦ୍ୟେ ରାଜା ମଛ ଦେଶରେ ପାଇଲେ ପୂଜା
ତହୁଁ ଜ୍ୟୋତିଭଞ୍ଜ ଆଣିଣ ବିରାଜ ଦେଶ ଭୂଇଁଆ କରିଲେ ରାଜା ହେ ସୁଜନେ । ୩୧ ।
ବାରଶତ ଷଷ୍ଠି ବର୍ଷହେଲା ଜ୍ୟୋତିପୁରରେ ବିଶ୍ରାମ ଲୀଳା ।
କିଛି ବର୍ଷ ରହି ବାଂଶପାଳେ ନେଇ ଗଡ କରି ରଖାଇଲେ ଭଲା ହେସୁଜନେ ।୩୨ ।

ଏଠାରେ ବର୍ଣ୍ଣିତ ୧୨୬୦ ବର୍ଷଟି ଶକାବ୍ଦ ଅଟେ । ଏଥିରେ ୭୮ ମିଶାଇଲେ ଖ୍ରୀ: ୧୩୩୮ ହେଉଛି । ସୁତରାଂ ଜ୍ୟୋତିଭଞ୍ଜଙ୍କ ଶାସନକାଳ ସମ୍ପର୍କିତ ସମୟଯେ ଗଦାଧରଙ୍କ କଥିତ ଖ୍ରୀ:ଅ: ୧୩୩୮ ମସିହାଟି ନିର୍ଭୁଲ ଏହା ନିଃସନ୍ଦେହ ।

"ଜ୍ୟୋତିଭଞ୍ଜଙ୍କୁ ଦେଶ ଭୂୟାଁମାନେ ବାରଶହ ଷାଠିଏ ଶକାବ୍ଦ ଅର୍ଥାତ ଖ୍ରୀ:ଅ: ୧୩୩୮ରେ ଆଣି ଜ୍ୟୋତିପୁରରେ ରଖାଇଲେ ।" ଏଠାରେ ସେ ତିନି ବର୍ଷ ରହି କେନ୍ଦୁଝର ଇଲାକାରେ ମେଳିଦମନ କରିଥିବାକଥା ଭଞ୍ଜବଂଶାନୁଚରିତରେ ଉଲ୍ଲେଖ ଅଛି । ପୁନଶ୍ଚ ଧନୁର୍ଜୟଙ୍କ ବିବରଣୀ ଅନୁସାରେ ଜ୍ୟୋତିଭଞ୍ଜ ନିଜ ପିତାଙ୍କ ସମ୍ମତି କ୍ରମେ କେନ୍ଦୁଝରରେ ସ୍ୱତନ୍ତ୍ର ରାଜ୍ୟ ଗଠନ କରିଥିଲେ । ଜ୍ୟୋତିପୁରରେ ୧୦ବର୍ଷ ରହିଥିଲେ ଓ କିମ୍ବଦନ୍ତୀ ଅନୁସାରେ ୭ବର୍ଷ ପରେ ହିଁ କେନ୍ଦୁଝରଗଡରେ ନୂଆ ରାଜଧାନୀ ନିର୍ମାଣ କରିଥିଲେ । ଏହିସବୁ ବର୍ଣ୍ଣନାରୁ ସ୍ପଷ୍ଟ ଯେ ଜ୍ୟୋତିଭଞ୍ଜ ଖ୍ରୀ:ଅ: ୧୩୪୧ ରୁ ଖ୍ରୀ: ୧୩୪୮ ମଧ୍ୟରେ କେନ୍ଦୁଝରରେ ନୂତନ ରାଜଧାନୀ ନିର୍ମାଣ କରିଥିଲେ ।

ଯେ ଯା'ହେଉ ଜ୍ୟୋତି ଭଞ୍ଜ ବିଦ୍ରୋହ ଘଟାଇ ହେଉ ବା ପିତାଙ୍କ ଅନୁମତିକ୍ରମେ ହେଉ ଅଥବା ଭୂୟାଁମାନଙ୍କ ଅନୁରୋଧରୁ ହେଉ କେନ୍ଦୁଝରରେ ସ୍ୱତନ୍ତ୍ର ରାଜ୍ୟ କରିଥିବା

Digitized by PPRACHIN, SOA

ସୁନିଶ୍ଚିତ । ପୂର୍ବରୁ କୁହାଯାଇଛି ଯେ ଖ୍ରୀ: ୧୩୬୧ ବେଳକୁ ଫିରୋଜ୍ ଶାହା ତୋଗଲକ କେନ୍ଦୁଝରବାଟେ ଓଡିଶା ଆକ୍ରମଣ କରିଥିଲେ । ଏତେବେଳକୁ କେନ୍ଦୁଝରର ନୂଆ ରାଜା ଜ୍ୟୋତିଭଞ୍ଜଙ୍କ ସହିତ ପ୍ରଥମେ ଯୁଦ୍ଧ ଓ ପରେ ମିତ୍ରତା ହୋଇଥିବା କଥା କବି ବାମନଙ୍କ କେନ୍ଦୁଝରୀ କାବ୍ୟରେ ବର୍ଣ୍ଣିତ ହୋଇଅଛି ।

କୋବିଦେ ଶୁଣ ଆନରସ ଏହି ରାଜା ଅମଳେ, ଦିଲ୍ଲୀରୁ ମୋଗଲ ସମ୍ରାଟ କଟକ ଆସୁଥିଲେ ।
ଜାଣି ତାଙ୍କୁ ପଥ ନିରୋଧ କଲେ କେନ୍ଦୁଝରୀଶ, ତୁଚୟ କୂଳରେ ହୋଇଲା ବହୁତ ଅମରିଶ ।
ପାର୍ବତିକ ଜାତି ସହଜେ ବିଶେଷ ଧନୁ ଧରି, ଯୁଦ୍ଧରେ ସାହସୀ ଅଟନ୍ତି ମରଣରେ ନଡରି ।
ସମ୍ରାଟ ଭାବିଲେ ଏରାଜା ଅଟେ ଆମ୍ଭ ସରିସା, ମିତ୍ରତା ଏହାଙ୍କୁ କରିବା ଜୟ ହେବ ଓଡିଶା ।
ଏଗାର ଶହ ଅଠଷଠୀ ଖ୍ରୀଷ୍ଟାବ୍ଦ ବରଷରେ, ମିତ୍ରଭାବ କରିଅଛନ୍ତି ଦେଖ ସନ୍ଧିପତ୍ରରେ ।'

ଏଠାରେ ବର୍ଣ୍ଣିତ ମୋଗଲ ସମ୍ରାଟଯେ ଫିରୋଜ ଶାହା ତୋଗଲକ ଏହା ନିଃସନ୍ଦେହ । କିନ୍ତୁ ଏଠାରେ ପ୍ରଦତ୍ତ ୧୧୬୮ ଖ୍ରୀଷ୍ଟାବ୍ଦଟି କବିଙ୍କ ଲେଖାରେ ପ୍ରମାଦ ଥିବା ସୁନିଶ୍ଚିତ । କାରଣ ଖ୍ରୀ: ୧୧୬୮ ବେଳକୁ ଦ୍ଵିଲ୍ଲୀରେ ମୋଗଲ ଶାସନ ନଥିଲା କିମ୍ବା ଏହିକାଳରେ ଓଡିଶାକୁ କୌଣସି ମୁସଲମାନ ଆକ୍ରମଣ ହୋଇନଥିଲା । ଏହି ଘଟଣାଟି ଖ୍ରୀ: ୧୩୬୧ ରେ ହିଁ ଘଟିଥିଲା ।

ଦନ୍ତ କଥାରେ କେନ୍ଦୁଝର :

ସ୍ଥାନୀୟ ଏକ କାହାଣୀ ଅନୁସାରେ ଥରେ ଜ୍ୟୋତିଭଞ୍ଜ ବୁଲୁ ବୁଲୁ ଦେଖିଲେ ଯେ ଗୋଟିଏ କେନ୍ଦୁଆ ବା ହେଟା ବାଘକୁ ଗୋଟାଏ ଭୁଆ ବିଲେଇ ମାଡିବସିଛି । ଏ ଦୃଶ୍ୟ ଦେଖି ରାଜା ଆଶ୍ଚର୍ଯ୍ୟ ହେଲେ । ଘଟଣାର ଅର୍ଥ ବୁଝିଲେ ଯେ ଏହି ସ୍ଥାନକୁ ବଳୁଆଲୋକ ବା ଶତ୍ରୁ ଯେତେ ବଳବାନ୍ ହୋଇଥିଲେ ମଧ୍ୟ ଯଦି ଆକ୍ରମଣ କରନ୍ତି ତେବେ କେନ୍ଦୁଆର ଦଶା ଭୋଗିବେ । ଅର୍ଥାତ୍ ଏହି ସ୍ଥାନରେ ଅତି ଦୁର୍ବଳ ଲୋକମାନେ ମଧ୍ୟ ବଳୁଆ ଲୋକଙ୍କୁ ହରାଇଦେବେ । ଏଣୁ ଏଠି ଗଡକଲେ ଶୁଭଫଳ ମିଳିବ ।

ଅନ୍ୟଏକ କାହାଣୀ ଅନୁସାରେ ଜ୍ୟୋତିଭଞ୍ଜ ଯେଉଁ ସ୍ଥାନରେ ନୂଆଗଡ କଲେ ସେଠାରେ ଏକ କେନ୍ଦୁଗଛ ମୂଳରୁ ଝରଣାଟିଏ ବୋହିଯାଉଥିଲା । ସେ ଜାଗାଟି କେନ୍ଦୁଆ ପାତ୍ର ନାମକ ଏକ ହରିଜନ ଲୋକର ଥିଲା । ଜାଗାଟି ଜ୍ୟୋତିଭଞ୍ଜଙ୍କ ମନକୁ ପାଇଲା । ସେ କେନ୍ଦୁଆକୁ କହି ବୈଶାଖ ମାସ କୃଷ୍ଣପକ୍ଷ ସପ୍ତମୀର ସୂର୍ଯ୍ୟୋଦୟ

Digitized by PPRACHIN, SOA

କାଳରେ ଶୁଭ ଦେଇ ଗଡ ତିଆରି କଲେ ଓ ନିଜ ରାଜ୍ୟର ନାମ କେନ୍ଦୁଝର ରଖିଲେ। କବି ବାମନ ତାଙ୍କ କେନ୍ଦୁଝରୀ କାବ୍ୟରେ ଲେଖିଛନ୍ତି -

'ଏ କେନ୍ଦୁଝରଣ କେନ୍ଦୁ ତଇଲା । କେନ୍ଦୁଆରେ ବିରାଜି ମାରୁଥିଲା ।
କେନ୍ଦୁଆ ପାଣର ଏଠାରେ ଘର । ତେଣୁ ଏ ଗଡ ନାମ କେନ୍ଦୁଝର ।
ବୋଲନ୍ତି ପରଜା
ପ୍ରଥମେ ଜ୍ୟୋତିଭଞ୍ଜ ମହାରାଜା ।୪୩। (ଚତୁର୍ଥ ଛାନ୍ଦ)

ତେଣୁ କେନ୍ଦୁଆ ବଂଶ ସବୁଦିନ ପାଇଁ ବେଠି ବେଗାରୀ ରୁ ଛାଡ ପାଇଥିଲେ। ବେବର୍ତ୍ତା ଶ୍ରୀ ଚନ୍ଦ୍ରଶେଖର ଧଳ ମହାପାତ୍ରଙ୍କ ଜାତୀୟ ଖଞ୍ଜା ଦସ୍ତୁରି ଅମଳି ପତ୍ରରେ ଉଲ୍ଲେଖ ଅଛି ଯେ- 'କେନ୍ଦୁଆ ପାଣ ବଂଶ ବାଇଧର ପାତ୍ରକୁ ବେହେରା ବେଠିକୁ ଡାକୁ ଥିବାରୁ ତା ବଂଶର ସମସ୍ତଙ୍କୁ ବେଠିରୁ ଛାଡି ଦିଆଯାଇଅଛି'। ସୁତରାଂ ଏ ଜନଶ୍ରୁତି ମଧ୍ୟରେ କିଛି ସତ୍ୟତା ଅଛି।

ଆଉ କେତେକଙ୍କ ମତରେ ପୂର୍ବକାଳରେ ଏହି ମାଟିର ଲୋକେ ଶିବଙ୍କୁ ପୂଜା କରୁଥିଲେ। ଶିବଙ୍କ ମସ୍ତକରେ ଚନ୍ଦ୍ର ଓ ଗଙ୍ଗା ରହିଛନ୍ତି। ତାଙ୍କରି ନାମ ଅନୁସାରେ ଏ ମାଟିର ନାମ କେନ୍ଦୁଝର। ଯଥା- କ + ଇନ୍ଦୁ + ଝର = କେନ୍ଦୁଝର। 'କ' ର ଅର୍ଥ ମସ୍ତକ, 'ଇନ୍ଦୁ' ର ଅର୍ଥ ଚନ୍ଦ୍ର ଓ ଝରର ଅର୍ଥ ଗୁପ୍ତଗଙ୍ଗା ବୈତରଣୀ, ଅର୍ଥାତ୍ ଯାହାର ମସ୍ତକରେ ଚନ୍ଦ୍ର ଓ ଗୁପ୍ତଗଙ୍ଗା ଅଛନ୍ତି ସେ ନିଜେ ବା ତାଙ୍କ ତୀର୍ଥ ସ୍ଥାନର ନାମ କେନ୍ଦୁଝର। କେନ୍ଦୁଝରକୁ ଏବେ ମଧ୍ୟ ଅନେକ କେଓଁଝରୀଗଡ କହନ୍ତି। ଏହି କେଂଝରୀ ରୁ କେନ୍ଦୁଝର ହୋଇଥିବା ଅସମ୍ଭବ ନୁହେଁ।

ଅନ୍ୟ ମତରେ ପୂର୍ବେ ଏ ମାଟିର ନାମଥିଲା ଜାହୋର। ଜାହୋର ରାଜ୍ୟ ଧ୍ୱଂସ ହେବାପରେ ଭଞ୍ଜମାନେ ଜାହୋର ରାଜ୍ୟର ମଧ୍ୟରେ ବା କେନ୍ଦ୍ରସ୍ଥଳରେ ନୂଆ ରାଜଧାନୀ କରି ରାଜ୍ୟର ନାମଦେଲେ 'କେନ୍ଦ୍ର ଜହର'। ଏହି କେନ୍ଦ୍ର ଜହରରୁ ରାଜ୍ୟର ନାମ କେନ୍ଦୁଝର ହୋଇଛି।

କିନ୍ତୁ ଐତିହାସିକ ଦୃଷ୍ଟିରୁ କେନ୍ଦୁଝର ରାଜ୍ୟର ନାମକରଣ ସମ୍ପର୍କରେ ଉପର ବର୍ଣ୍ଣିତ ସମସ୍ତ କାହାଣୀ ଭ୍ରାନ୍ତିମୂଳକ ବୋଲି ପ୍ରମାଣିତ ହୋଇଛି। ବାସ୍ତବରେ ଖ୍ରୀ: ୮୮୫ରେ ଯମଗର୍ତ୍ତ ମଣ୍ଡଳର ତୁଙ୍ଗବଂଶୀ ଶାସକ ବିନୀତ ତୁଙ୍ଗ ବ୍ରାହ୍ମଣ ହର୍ଷନାଳଙ୍କୁ ଯେଉଁ 'କଞ୍ଜରୀ' ଗ୍ରାମ ଦାନ କରିଥିଲେ ସେହି ଗ୍ରାମକୁ କେନ୍ଦ୍ରକରି ଖ୍ରୀ: ୧୩୩୮

Digitized by PPRACHIN, SOA

ବେଳକୁ 'କେନ୍ଝିଂଗ୍ରୀ' ରାଜ୍ୟ ସୃଷ୍ଟି ହୋଇଥିଲା । ଖ୍ରୀ: ୧୮୦୪ ବେଳକୁ ଏହି କେନ୍ଝିଂଗ୍ରୀ' 'କେନ୍ଦୁଝର' ଓ ଇଂରେଜ ମାନଙ୍କ ମୁହଁରେ କୁଞ୍ଜୁର୍ ହୋଇ ପରେ କେଉଁଝରରେ ପରିଣତ ହୋଇଯାଇଥିଲା ।

କେନ୍ଦୁଝରରେ ଭଞ୍ଜ ବଂଶ

କେନ୍ଦୁଝରରେ ନୂଆରାଜ୍ୟ ଗଠନ ହେବାପରଠାରୁ ଦେଶ ସ୍ୱାଧୀନ ହେବା ପର୍ଯ୍ୟନ୍ତ ଭଞ୍ଜ ରାଜାମାନେ ଶାସନ କରିଥିଲେ । ଏହି ରାଜାମାନଙ୍କର ବଂଶପରିଚୟ ପ୍ରଥମେ ରାଜା ଶିବନାରାୟଣ ଭଞ୍ଜଙ୍କ ସଭାପଣ୍ଡିତ କବି ନରସିଂହ ମିଶ୍ର 'ଶିବନାରାୟଣ ଭଞ୍ଜ ମହୋଦୟମ୍' ନାମକ ଏକ ସଂସ୍କୃତ ନାଟକ ରଚନା କରି କେନ୍ଦୁଝର ରାଜବଂଶର ନାମ ତାଲିକା ଉଲ୍ଲେଖ କରିଥିଲେ । କେନ୍ଦୁଝରର ରାଜା ଶିବନାରାୟଣ ଭଞ୍ଜ ଖୋରଧାର ଗଜପତି ବଳଭଦ୍ର ଦେବଙ୍କ ସମସାମୟିକ । ଗଜପତି ବଳଭଦ୍ର ଦେବ ଖ୍ରୀ:ଅ: ୧୬୪୮ ରୁ ଖ୍ରୀ: ୧୬୫୯ ପର୍ଯ୍ୟନ୍ତ ଶାସନ କରିଥିଲେ । ତାଙ୍କ ଦରବାରରେ ନରସିଂହ ମିଶ୍ରଙ୍କ ନାଟକଟି ଅଭିନୀତ ହୋଇଥିଲା । ସେହି ନାଟକରେ ସେ ଯେଉଁ ବଂଶ ତାଲିକା ଦେଇଛନ୍ତି ସେଥିରେ ମୋଟ ତେରକଣ ରାଜାଙ୍କ ନାମ ରହିଅଛି । କେନ୍ଦୁଝର ଗେଜେଟିୟର୍ ଲେଖକ ନୀଳମଣି ସେନାପତି ସେହି ନାମ ଗୁଡିକୁ ମଧ୍ୟ ଉଦ୍ଧାର କରିଛନ୍ତି । ସେହି ନାଟକରେ ବର୍ଣ୍ଣିତ ରାଜା ମାନଙ୍କର ନାମକ୍ରମ ଏହିପରି:-

୧) ଜ୍ୟୋତିଭଞ୍ଜ, ୨) ଉଦୟଭଞ୍ଜ, ୩) ଗଡେଶ୍ୱର ଭଞ୍ଜ, ୪) ଅନନ୍ତ ଭଞ୍ଜ, ୫) ଦୟାନିଧି ଭଞ୍ଜ, ୬) ରତ୍ନାକର ଭଞ୍ଜ, ୭) ଚମ୍ପକେଶ୍ୱର ଭଞ୍ଜ, ୮) ସଛ ଭଞ୍ଜ, ୯) ଶିଖର ଭଞ୍ଜ, ୧୦) ଜୋଗିନାଥ ଭଞ୍ଜ, ଏହାଙ୍କପରେ ପୌତ୍ର ୧୧) ତ୍ରିଲୋଚନ ଭଞ୍ଜ, ୧୨) ଗୋବିନ୍ଦ ଭଞ୍ଜ, ୧୩) ଶିବନାରାୟଣ ଭଞ୍ଜ ।

ଏଠାରେ ରାଜା ଶିବନାରାୟଣ ଭଞ୍ଜ ଗୋବିନ୍ଦଭଞ୍ଜଙ୍କ ପୁତ୍ର ବୋଲି କୁହାଯାଇଛି । ଏ ରାଜା ଖ୍ରୀ:ଅ: ୧୬୩୪ରୁ ଖ୍ରୀ: ୧୬୫୪ ପର୍ଯ୍ୟନ୍ତ କେନ୍ଦୁଝରକୁ ଶାସନ କରିଥିଲେ । ଏହି କାଳରେ କବି ନରସିଂହ ମିଶ୍ର, ଶିବନାରାୟଣଙ୍କ ବଂଶ ତାଲିକା ପ୍ରସ୍ତୁତ କରିଥିଲେ । ଏହାର ପ୍ରାୟ ୧୨୦ ବର୍ଷପରେ ରାଜା ପ୍ରତାପ ବଳଭଦ୍ର ଭଞ୍ଜ (ଖ୍ରୀ: ୧୭୬୨ - ଖ୍ରୀ: ୧୭୯୭) ଙ୍କ ସଭାପଣ୍ଡିତ କବି ନୀଳକଣ୍ଠ ଆଉ ଏକ 'ଭଞ୍ଜ ମହୋଦୟମ୍' ନାଟକ ରଚନା କରି କେନ୍ଦୁଝର ରାଜବଂଶର ଏକ ତାଲିକା

Digitized by PPRACHIN, SOA

କ୍ରମାନୁସାରେ ଉଲ୍ଲେଖ କରିଛନ୍ତି । ସେହି ତାଲିକାରେ ଥିବା କେନ୍ଦୁଝରର ରାଜାମାନଙ୍କର ନାମକ୍ରମ ଏହିପରି:-

୧) ଜ୍ୟୋତିଭଞ୍ଜ, (ଆଦିତ୍ୟ), ୨) ଉଦୟ, ୩) ଗଦୀ, ୪) ଅନନ୍ତ, ୫) ନିଧି, ୬) ରତ୍ନନାରାୟଣ ୭) ଚମ୍ପେଶ୍ୱର, ୮) ଅନନ୍ତ, ୯) କାମେଶ୍ୱର, ୧୦) ଯଦୁରଥ, ୧୧) ଶିଖର, ୧୨) ଜଗନ୍ନାଥ, ଏହାଙ୍କ ପରେ ଏହାଙ୍କ ପୌତ୍ର, ୧୩) ତ୍ରିଲୋଚନ, ୧୪) ଗୋବିନ୍ଦ, ୧୫) ବୀରେଶ୍ୱର, (ଶିବ ନାରାୟଣ), ୧୬) ଲକ୍ଷ୍ମୀନାରାୟଣ, ୧୭) ଜଗନ୍ନାଥ, ୧୮) ଜଗନ୍ନାଥଙ୍କ ଅନୁଜ ରଘୁନାଥ, ୧୯) ଗୋପିନାଥ, ୨୦) ନରସିଂହ, ୨୧) କାମେଶ୍ୱର, ଏହାଙ୍କ ପରେ ପିତୃବ୍ୟ ୨୨) ଜଗତେଶ୍ୱର, ୨୩) ବଳଭଦ୍ର, ୨୪) ଜନାର୍ଦ୍ଦନ ଭଞ୍ଜ ।

ଏହାଙ୍କ ପରେ ରାଜକବି ଗଦାଧର ଭଞ୍ଜ ତାଙ୍କ ଅଷ୍ଟାଦଶ ଲହରୀ କାବ୍ୟରେ ନିଜ ବଂଶର ପୂର୍ବସୂରୀମାନଙ୍କ ନାମ ସ୍ମରଣ କାଳରେ ମୋଟ ୧୧ ଜଣ ରାଜାଙ୍କ ନାମ ଉଲ୍ଲେଖ କରିଛନ୍ତି । ସେମାନେ ହେଲେ - ଜ୍ୟୋତି ଭଞ୍ଜ, ଲକ୍ଷ୍ମୀନାରାୟଣ, ଗୋବିନ୍ଦ, ରଘୁନାଥ, କାମେଶ୍ୱର, ଜଗତେଶ୍ୱର, ନରସିଂହ, ବଳଭଦ୍ର, ଜନାର୍ଦ୍ଦନ, ବିଶ୍ୱେଶ୍ୱର ଓ ଗଦାଧର । ଏହାପରେ ଖ୍ରୀ ୧୮୭୬ରେ କୋଲମ୍ୟାନ ମ୍ୟାକେଲଙ୍କ ଦ୍ୱାରା କେନ୍ଦୁଝର ରାଜବଂଶର ତାଲିକା ସଂଗୃହୀତ ହୋଇ ଖ୍ରୀ ୧୮୭୮ ରେ ଲିଷ୍ଟ ଅଫ୍ ଟାଇଟିଲ୍ ହୋଲ୍ଡର୍ସରେ ପ୍ରକାଶ ପାଇଲା । ସେଥିରେ ମୋଟ ୨୮ଜଣଙ୍କ ନାମ ଦେଖିବାକୁ ମିଳେ । ଯଥା-ଜ୍ୟୋତିଭଞ୍ଜ, ଓଦେ, ଗତୋ, ଅନନ୍ତ, ନିଧି, ରତନ, ଚମ୍ପାଇ, ସନ୍ତାଇ, ଯଦୁ, ଜଗନ୍ନାଥ, ଶିଖର । ଏହାଙ୍କ ଅନ୍ତେ ଏହାଙ୍କ ପୋଷ୍ୟପୁତ୍ର ଜଗନ୍ନାଥ, ତ୍ରିଲୋଚନ, ଗୋବିନ୍ଦ, ବୀରନାରାୟଣ, ଶିବନାରାୟଣ, ଲକ୍ଷ୍ମୀନାରାୟଣ, ଜଗନ୍ନାଥ, ରଘୁନାଥ, ଗୋପିନାଥ, ନୃସିଂହ ନାରାୟଣ, କାମେଶ୍ୱର, ଜଗଦିଶ୍ୱର, ବଳଭଦ୍ର, ଜନାର୍ଦ୍ଦନ, ବିଶେଶ୍ୱର, ଗଦାଧର ଓ ଧନୁର୍ଜ୍ଜୟ ନାରାୟଣ ।

ଏହି ତାଲିକାଟି ପ୍ରସ୍ତୁତ ହେବାର ୧୬ ବର୍ଷପରେ ଓ କବି ନୀଳକଣ୍ଠଙ୍କ ଭଞ୍ଜ ମହୋଦୟମ୍ ଲେଖା ହେବାର ପ୍ରାୟ ଏକଶହ ବର୍ଷପରେ ସନ ୧୮୯୨ ଖ୍ରୀ:ଅ: ରେ ମହାରାଜା ଧନୁର୍ଜ୍ଜୟ ନାରାୟଣ ଆଉ ଏକ ବଂଶ ତାଲିକା ପ୍ରସ୍ତୁତ କରିଥିଲେ । ସେହି ତାଲିକା ପ୍ରସ୍ତୁତ କରିବା ସହିତ ନିଜ ବଂଶର ସାମାନ୍ୟ ଐତିହ୍ୟ ଉଲ୍ଲେଖ କରିଛନ୍ତି ।

Digitized by PPRACHIN, SOA

ତାହା ଏହିପରି-

'ମାନସିଂହ ନାମଧେୟରେ ରାଜ ପୁତାନା ଯୟପୁରର ମହାରାଯାଙ୍କର ପୁତ୍ର ଜୟସିହଂ ନାମକ ଏକ ବାବୁକି ସେ ଶ୍ନ ୫୦୫ ସାଲରେ ପୁରି ମୁକାମକୁ ଶ୍ରୀ ଜଗର୍ଣ୍ଣଥ ଦେବଙ୍କ ଦର୍ଶନ ସକାସେ ଆସିଥିଲେ। ସେ କୌଣସି କୌସଳ ବା ସୁବିଧା କ୍ରମେ ପୁରୀର ଗଜପତୀ ମହାରାଯା ଶ୍ରୀ ପ୍ରତାପରୁଦ୍ର ଦେବଙ୍କର ପଦ୍ମାବତୀ ନାମ୍ନି କନ୍ୟାଙ୍କର ପାଣିଗ୍ରହଣ କଲେ।

ଏହି ପାଣି ଗ୍ରହଣ ଉପଲକ୍ଷେ ହରୀହରପୁର କୀଲା ଯାହାକୀ ସମ୍ପ୍ରତି କୀଲା ମୟୂରଭଂଜ ଏବଂ କୀଲା କେଉଁଝର ନାମରେ ଖ୍ୟାତ ହୋଇଅଛି ତାକୁ ପ୍ରତାପରୁଦ୍ରଦେବ ମହାରାଜାଙ୍କ ଠାରୁ ଶ୍ନ ୫୦୫ ସାଲରେ ଜୟସିହଁ ଯୌତୁକ ସ୍ୱରୂପେ ଦାନ ଗ୍ରହଣ କରୀ ତହିଁରେ ଦଖଲକାର ହେଲେ ଓ ଜୟସିହଁଙ୍କର ଦୁଇପୁତ୍ର ଉପୃର୍ଣ୍ଣ ହୋଇଥିବାରୁ ସେ ତନ୍ମଧ୍ୟରୁ ଜେଷ୍ଟପୁତ୍ରଙ୍କର ନାମ ଆଦିସିଂହ ଓ କନୀଷ୍ଟପୁତ୍ରଙ୍କର ନାମ ଜ୍ୟୋତିସିହଂ ରଖିଥିଲେ।

ଉଲ୍ଲେଖିତ ହରୀହରପୁର କୀଲା ଅନ୍ତର୍ଗତ ରବୁଆଁ ମୌଯାରେ ଗଡକରୀ ରହୀଥିବା ଜଣେ ସେକିମୀ ଜମିଦାର କୀ ଯାହାଙ୍କର ନାମ ମୟୁରଧ୍ୱଜ ନାମରେ କ୍ଷାତ ଥିଲା ତାଙ୍କର ପାଞ୍ଚଗୋଟି ପିଡ ସେକିମୀ ଜମିଦାର ଶ୍ୱରୂପେ ଥିଲା ସେ କୀଅତ କାଳପରେ ଜୟସିହଁଙ୍କର ଠାରେ ପ୍ରଭୁଭକ୍ତି କରିବାରେ ଅବହେଳା କରି ବଳ ପ୍ରଦର୍ଶୀତ କରିବାରୁ ତାଙ୍କୁ ଜୟସିଂହଙ୍କ ଅନୁମତୀକ୍ରମେ ତାହାଙ୍କର ତତ୍କାଳୀନ ବୟଃପ୍ରାପ୍ତ ଯୁବରାଜ ଆଦିସିହଂ ଆପଣାର ବଳଦ୍ୱାରା ଦମନ କରି ଦଖଲକଲେ।

ଆଦିସିହଂ ଯୁବରାଜଙ୍କର ଏ ରୂପ କାର୍ଯ୍ୟଦକ୍ଷତା ଅର୍ଥାତ ମୟୁରଧ୍ୱକ ଜମିଦାରଙ୍କର ଦଳବଳ ଭଜଂନ କରିବାର ସମ୍ବାଦ ଗଜପତି ମହାରାଯା ପ୍ରାପ୍ତ ହେବାରୁ ସନ୍ତୋଷ ପୂର୍ବକ ଭଜଂ ଉପାଧି ଆଦିସିହଂକୁ ଦତ କଲେ। ସେହି କାଳାବଧି ଅର୍ଥାତ ଆଦିଭଜଂ ଓ ଯୋତିଭଜଂଙ୍କ ଅମରଦାରୀରୁ ମୟୁରଭଜଂ ଓ କେଉଁଝର ଉଭୟ ରାଜପାଟ ମାନଙ୍କରେ ଭଜଂ ଉପାଧି ଚଳୀ ଆସୁଅଛି ଏବଂ ଯୟସିହଂଙ୍କ ଅନ୍ତେ ଆଦିଭଜଂ ରାଜଗାଦି ପ୍ରାପ୍ତ ହେଲାରୁ ସେ ତହିଁ ପୂର୍ବେ ମୟୁରଧ୍ୱଜ ଜମିଦାରଙ୍କର ଦଳବଳ ଭଜନ କରିଥିବା ଶ୍ରୀଯୁକ୍ତ ହରିହରପୁର ନାମ୍ନ କୀଲାର ପରିବର୍ତ୍ତନ କରି

Digitized by PPRACHIN, SOA

ମୟୁରଭଞ୍ଜ ନାମ ରଖିଥିଲେ ଅଥଚ ମୟୂରଧ୍ୱଜ ଜମିଦାରଙ୍କର ଗଡକୁ ଜୟକରି ଥିବାରୁ ସେହି ଗଡ ଏବଂ ତଦ ଅନ୍ତର୍ଗତ ପଲ୍ଲୀଗ୍ରାମ ସହୀତକୁ ଆପଣା ନାମର ସାଙ୍କେତିକ ଶ୍ୱରୂପେ ଆଦିପୁର ପିତ ନାମଧେୟରେ ପ୍ରଚାର କରାଇଲେ।

ଜୟସିଂହ ପରଲୋକ ଗମନ କରିବା ପୁର୍ବେ ସ୍ମ ୫୩୫ ସାଲରେ ସେ ତାଙ୍କ କନିଷ୍ଟପୁତ୍ର ଜୋତିଭଞ୍ଜଙ୍କ ଦଖଲରେ କୀଲାର କେତେକ ଅଂଶ ଯାହାକି ସମ୍ପ୍ରତୀ କେଉଁଝର କିଲ୍ଲାର ନୀଜଗଡ କିଲ୍ଲା ଶ୍ୱରୂପେ ପରିଗଣିତ ହୋଇଅଛି ବାହାର କରିଦେବାରୁ ଯୋତିଭଞ୍ଜ ମୟୁରଭଞ୍ଜ ଛାଡି ଆପଣା ପିତାଙ୍କ ଦେୟସିମା ମଧ୍ୟରେ ଗଡ ପ୍ରସ୍ଥୁତ କରି ରହିଲେ ଅଥଚ ଯେଉଁ ସ୍ଥାନରେ ଗଡ କରିରହିଲେ ସେହି ଗଡର ନାମ ଯୋତୀପୁର ରଖିଲେ ଏବଂ ଅନ୍ୟ ସମସ୍ତ ଆଏ ସୀମାନ୍ତ ଜେ ଅନ୍ତଭୁତ ହେଲା କୀୟତ କାଳପରେ ସେହି ଯୋତିଭଞ୍ଜ ରାଯାଙ୍କ ରାଜଗୀ ଅମଳରେ ସେ ସ୍ମ ୫୪୫ ସାଲରେ ଯୋତିପୁର ଗଡକୁ ତ୍ୟକ୍ତ କରି କେନ୍ଦୁବୃକ୍ଷ ସ୍ଥୀତ ଜଙ୍ଗଲକି କେଉଁ ଜଙ୍ଗଲର ମଧ୍ୟପ୍ରଦେସ ଦେଇ ତନ୍ନୀକଟବର୍ତ୍ତୀ ପାହାଡରୁ କେନ୍ଦୁବୃକ୍ଷ ମୂଳରୁ ନୀର୍ଗତ ହୋଇଆସୁଥିବା ଝରଣଜଳର ଶ୍ରୋତବହୀ ଆସୁଥିଲାକୀ ଯେଉଁ ଝରଣ ନଦର ଜଳଶ୍ରୋତ ଅଦ୍ୟାବଧି ବିଦ୍ୟମାନ ରହିଅଛି ସେହୀ କେନ୍ଦୁଜଙ୍ଗଲରେ ଗଡ ଓ କୀଲା କୀ ଯେଉଁ ସ୍ଥାନର ଗଡ ବର୍ତ୍ତମାନ ରହୀଅଛି ନିର୍ବାଣ କରି ରହୀବାରୁ ସେହି ଗଡ କୀଲା କେଉଁଝର ନାମରେ ଖ୍ୟାତ କଲେ x x x x x x

ପୂର୍ବତନ ରାଜା ଅର୍ଥାତ୍ କୀଲା ସ୍ଥାପନକାରୀ ରାଜା ଶ୍ରୀ ଯୋତିଭଞ୍ଜଙ୍କ ଠାରୁ ଆମ୍ଭର ପିତା ଶ୍ରୀ ଗଦାଧର ନାରାୟଣ ଭଞ୍ଜ ସମସ୍ତ ରାଜାମାନଙ୍କର ନାମ, ଯେତେବର୍ଷ ରାଜତ୍ୱ କରିଥିଲେ ତାହା ସବୁ ପାର୍ଶ୍ୱରେ ଅଙ୍କିତ କଲୁଂ:-

ରାଜାଙ୍କ ନାମ	ଯେଉଁ ସମୟଠାରୁ ରାଜତ୍ୱକଲେ	ଯେଉଁ ସମୟ ପର୍ଯ୍ୟନ୍ତ	ଯେତେ ବର୍ଷ
ଶ୍ରୀ ଜ୍ୟୋତିଭଞ୍ଜ	ସ୍ମ ୫୩୫ ସାଲ ଧନୁ ମାସ ଠାରୁ	ସ୍ମ ୫୬୫ ସାଲ ମିନ ମାସତକ	ବ ୩୦-୪ ମାସ
ଶ୍ରୀ ଉଦୟ ଭଞ୍ଜ	ସ୍ମ ୫୬୫ ସାଲ ମୀନ ମାସ ଠାରୁ	ସ୍ମ ୫୮୦ ସାଲ କକଡା ମାସତକ	ବ ୧୫-୫ ମାସ
ଶ୍ରୀ ଗଡେଶ୍ୱର ଭଞ୍ଜ	ସ୍ମ ୫୮୦ ସାଲ କକଡା ମାସ ଠାରୁ	ସ୍ମ ୫୮୩ ସାଲ ସିଂହ ମାସତକ	ବ ୩-୨ ମାସ
ଶ୍ରୀ ଅନନ୍ତ ଭଞ୍ଜ	ସ୍ମ ୫୮୩ ସାଲ ସିଂହ ମାସ ଠାରୁ	ସ୍ମ ୫୮୮ ସାଲ ବୃଷ ମାସତକ	ବ ୪-୧୦ ମାସ
ଶ୍ରୀ ଦୟାନିଧି ଭଞ୍ଜ	ସ୍ମ ୫୮୮ ସାଲ ବୃଷ ମାସ ଠାରୁ	ସ୍ମ ୬୦୮ ସାଲ କକଡା ମାସତକ	ବ ୨୦-୩ ମାସ
ଶ୍ରୀ ରତ୍ନାକର ଭଞ୍ଜ	ସ୍ମ ୬୦୮ସାଲ କକଡା ମାସ ଠାରୁ	ସ୍ମ ୬୨୫ ସାଲ ସିଂହ ମାସତକ	ବ ୧୭-୨ ମାସ

Digitized by PPRACHIN, SOA

ଶ୍ରୀ ଚମ୍ପକେଶ୍ୱର ଭଞ୍ଜ	ସ୍ବ ୬୨୫ ସାଲ ସିଂହ ମାସ ଠାରୁ	ସ୍ବ ୬୪୩ ସାଲ ଧନୁ ମାସତକ	ବ ୧୭-୫ ମାସ
ଶ୍ରୀ ସନ୍ଥ ଭଞ୍ଜ	ସ୍ବ ୬୪୩ ସାଲ ଧନୁ ମାସ ଠାରୁ	ସ୍ବ ୬୫୩ ସାଲ ବୃଷ ମାସତକ	ବ ୧୦-୬ ମାସ
ଶ୍ରୀ ନରହରି ଭଞ୍ଜ	ସ୍ବ ୬୫୩ ସାଲ ବୃଷ ମାସ ଠାରୁ	ସ୍ବ ୬୭୩ ସାଲ ବୃଷ ମାସତକ	ବ ୨୦-୧ ମାସ
ଶ୍ରୀ ଯଦୁନାଥ ଭଞ୍ଜ	ସ୍ବ ୬୭୩ ସାଲ ବୃଷ ମାସ ଠାରୁ	ସ୍ବ ୬୯୯ ସାଲ କନ୍ୟା ମାସତକ	ବ ୨୬-୫ ମାସ
ଶ୍ରୀ ଗୋବର୍ଦ୍ଧନ ଭଞ୍ଜ	ସ୍ବ ୬୯୯ ସାଲ କନ୍ୟା ମାସ ଠାରୁ	ସ୍ବ ୭୩୬ ସାଲ ବୃଷ ମାସତକ	ବ ୩୭-୯ ମାସ
ଶ୍ରୀ ଗଦାଧର ଭଞ୍ଜ	ସ୍ବ ୭୩୬ ସାଲ ବୃଷ ମାସ ଠାରୁ	ସ୍ବ ୭୪୭ ସାଲ ସିଂହ ମାସତକ	ବ ୧୧-୪ ମାସ
ଶ୍ରୀ ଜଗନ୍ନାଥ ଭଞ୍ଜ	ସ୍ବ ୭୪୭ ସାଲ ସିଂହ ମାସ ଠାରୁ	ସ୍ବ ୭୬୧ ସାଲ ବିଛା ମାସତକ	ବ ୧୪-୪ ମାସ
ଶ୍ରୀ ଶ୍ରୀଧର ଭଞ୍ଜ	ସ୍ବ ୭୬୧ ସାଲ ବିଛା ମାସ ଠାରୁ	ସ୍ବ ୭୮୦ ସାଲ ସିଂହ ମାସତକ	ବ ୧୯-୧୦ ମାସ
ଶ୍ରୀ ଶ୍ରୀକର ଭଞ୍ଜ	ସ୍ବ ୭୮୦ ସାଲ ସିଂହ ମାସ ଠାରୁ	ସ୍ବ ୮୧୯ ସାଲ ମୀନ ମାସତକ	ବ ୩୯-୮ ମାସ
ଶ୍ରୀ ହୃଷୀକେଶ ଭଞ୍ଜ	ସ୍ବ ୮୧୯ ସାଲ ମୀନ ମାସ ଠାରୁ	ସ୍ବ ୮୬୩ ସାଲ ସିଂହ ମାସତକ	ବ ୪୪-୬ ମାସ
ଶ୍ରୀ ଗୋପିନାଥ ଭଞ୍ଜ	ସ୍ବ ୮୬୩ ସାଲ ସିଂହ ମାସ ଠାରୁ	ସ୍ବ ୮୮୪ ସାଲ ଧନୁ ମାସତକ	ବ ୨୦-୫ ମାସ
ଶ୍ରୀ ହାତୁ ଭଞ୍ଜ	ସ୍ବ ୮୮୪ ସାଲ ଧନୁ ମାସ ଠାରୁ	ସ୍ବ ୯୦୯ ସାଲ ମେଷ ମାସତକ	ବ ୨୫-୫ ମାସ
ଶ୍ରୀ ଚନ୍ଦ୍ରଶେଖର ଭଞ୍ଜ	ସ୍ବ ୯୦୯ ସାଲ ମେଷ ମାସ ଠାରୁ	ସ୍ବ ୯୫୯ ସାଲ ମିଥୁନ ମାସତକ	ବ ୫୦-୩ ମାସ
ଶ୍ରୀ ଜଗନ୍ନାଥ ଭଞ୍ଜ	ସ୍ବ ୯୫୯ ସାଲ ମିଥୁନ ମାସ ଠାରୁ	ସ୍ବ ୯୯୨ ସାଲ କୁମ୍ଭ ମାସତକ	ବ ୩୨-୯ ମାସ
ଶ୍ରୀ ତ୍ରିଲୋଚନ ଭଞ୍ଜ	ସ୍ବ ୯୯୨ ସାଲ କୁମ୍ଭ ମାସଠାରୁ	ସ୍ବ ୧୦୧୦ ସାଲ ସିଂହ ମାସତକ	ବ ୧୮-୭ ମାସ
ଶ୍ରୀ ଗୋବିନ୍ଦ ଭଞ୍ଜ	ସ୍ବ ୧୦୧୦ ସାଲ କନ୍ୟା ମାସଠାରୁ	ସ୍ବ ୧୦୪୧ ସାଲ ମେଷ ମାସତକ	ବ ୩୦-୮ ମାସ
ଶ୍ରୀ ରୁଦ୍ର ନାରାୟଣ ଭଞ୍ଜ	ସ୍ବ ୧୦୪୧ ସାଲ ମେଷ ମାସଠାରୁ	ସ୍ବ ୧୦୪୮ ସାଲ ମିଥୁନ ମାସତକ	ବ ୭-୩ ମାସ
ଶ୍ରୀ ଶିବ ନାରାୟଣ ଭଞ୍ଜ	ସ୍ବ ୧୦୪୮ ସାଲ ମିଥୁନ ମାସ ଠାରୁ	ସ୍ବ ୧୦୬୧ ସାଲ ତୁଳା ମାସତକ	ବ ୧୨-୫ ମାସ
ଶ୍ରୀ ଲକ୍ଷ୍ମୀ ନାରାୟଣ ଭଞ୍ଜ	ସ୍ବ ୧୦୬୧ ସାଲ ତୁଳା ମାସ ଠାରୁ	ସ୍ବ ୧୦୯୫ ସାଲ ମକର ମାସତକ	ବ ୩୪-୪ ମାସ
ଶ୍ରୀ ଜଗନ୍ନାଥ ଭଞ୍ଜ	ସ୍ବ ୧୦୯୫ ସାଲ ମକର ମାସ ଠାରୁ	ସ୍ବ ୧୧୦୭ ସାଲ ମେଷ ମାସତକ	ବ ୧୨-୪ ମାସ
ଶ୍ରୀ ରଘୁନାଥ ଭଞ୍ଜ	ସ୍ବ ୧୧୦୭ ସାଲ ମେଷ ମାସ ଠାରୁ	ସ୍ବ ୧୧୨୬ ସାଲ ଧନୁ ମାସତକ	ବ ୧୮-୯ ମାସ
ଶ୍ରୀ ଗୋପିନାଥ ଭଞ୍ଜ	ସ୍ବ ୧୧୨୬ ସାଲ ଧନୁ ମାସ ଠାରୁ	ସ୍ବ ୧୧୪୩ ସାଲ କକଡା ମାସତକ	ବ ୧୭-୮ ମାସ
ଶ୍ରୀ ନୃସିଂହ ନାରାୟଣ ଭଞ୍ଜ	ସ୍ବ ୧୧୪୩ ସାଲ କକଡା ମାସ ଠାରୁ	ସ୍ବ ୧୧୬୪ ସାଲ କୁମ୍ଭ ମାସତକ	ବ ୨୦-୮ ମାସ
ଶ୍ରୀ କାମେଶ୍ୱର ନାରାୟଣ ଭଞ୍ଜ	ସ୍ବ ୧୧୬୪ ସାଲ କୁମ୍ଭ ମାସ ଠାରୁ	ସ୍ବ ୧୧୬୫ ସାଲ ବୃଷ ମାସତକ	ବ ୧-୪ ମାସ
ଶ୍ରୀ ଜଗତେଶ୍ୱର ନାରାୟଣ ଭଞ୍ଜ	ସ୍ବ ୧୧୬୫ ସାଲ ବୃଷ ମାସ ଠାରୁ	ସ୍ବ ୧୧୬୯ ସାଲ କକଡା ମାସତକ	ବ ୪-୩ ମାସ
ଶ୍ରୀ ପ୍ରତାପ ବଳଭଦ୍ର ଭଞ୍ଜ	ସ୍ବ ୧୧୬୯ ସାଲ କକଡା ମାସ ଠାରୁ	ସ୍ବ ୧୨୦୪ ସାଲ ବୃଷ ମାସତକ	ବ ୩୪-୧୧ ମାସ
ଶ୍ରୀ ଜନାର୍ଦ୍ଦନ ଭଞ୍ଜ	ସ୍ବ ୧୨୦୪ ସାଲ ବୃଷ ମାସ ଠାରୁ	ସ୍ବ ୧୨୩୯ ସାଲ କକଡା ମାସତକ	ବ ୩୫-୩ ମାସ
ଶ୍ରୀ ବିଶେଶ୍ୱର ଭଞ୍ଜ	ସ୍ବ ୧୨୩୯ ସାଲ କକଡା ମାସ ଠାରୁ	ସ୍ବ ୧୨୪୬ ସାଲ ବୃଷ ମାସତକ	ବ ୬-୧୧ ମାସ
ଶ୍ରୀ ଗଦାଧରନାରାୟଣ ଭଞ୍ଜ	ସ୍ବ ୧୨୪୬ ସାଲ ବୃଷ ମାସ ଠାରୁ	ସ୍ବ ୧୨୬୮ ସାଲ କୁମ୍ଭ ମାସତକ	ବ ୨୧-୧୦ ମାସ

Digitized by PPRACHIN, SOA

ମହାରାଜା ଧନୁର୍ଜ୍ଜୟ ଭଞ୍ଜଙ୍କ ଏହି ବଂଶ ତାଲିକାଟିକୁ ପରବର୍ତ୍ତୀ କାଳରେ ବାବୁ ଅଜୟ ଚନ୍ଦ୍ର ଦାସ , ଏଲ:ଇ:ବି: କବ୍‌ଡନ୍ ରାମସେ ଓ କବି ବାମନ ପ୍ରମୁଖ ଗ୍ରହଣ କରିଛନ୍ତି । କିନ୍ତୁ ତାଲିକାରୁ ରାଜାମାନଙ୍କର ନାମ ଓ ଶାସନ କାଳକୁ ରଖି ମାସ ଗୁଡିକୁ ବାଦ୍ କରିଦେଇଛନ୍ତି । ପରେ ଏହି ତାଲିକାରୁ କେବଳ ନାମ ଗୁଡିକୁ ରଖି ରାଜାମାନଙ୍କର ଶାସନ ସମୟକୁ ଏପାଖ ସେପାଖ କରି ସ୍ୱର୍ଗତ କ୍ଷେତ୍ରମୋହନ ମିଶ୍ର ତାଙ୍କ 'କେନ୍ଦୁଝର' ପୁସ୍ତକ ରଚନା କରିଛନ୍ତି । କ୍ଷେତ୍ରମୋହନ ମିଶ୍ରଙ୍କ ପୁସ୍ତକକୁ ଆଦର୍ଶଭାବେ ଗ୍ରହଣକରି ବିପିନ୍ ବିହାରୀ ଦାସ 'ଭଞ୍ଜଭୂମି କେନ୍ଦୁଝରୀ' ନାମକ ପୁସ୍ତକ ରଚନା କରିଛନ୍ତି । ଉପରୋକ୍ତ ଲେଖକ ମାନଙ୍କ ମଧ୍ୟରୁ କେହି ମୂଳ ତଥ୍ୟକୁ ବିଚାରକୁ ନେଇ ନାହାଁନ୍ତି । ସେ ଯା ହେଉ ବର୍ତ୍ତମାନ ଆମ ପାଖରେ କେନ୍ଦୁଝର ଭଞ୍ଜବଂଶର ମୁଖ୍ୟତଃ ତିନୋଗୋଟି ଭିନ୍ନ ଭିନ୍ନ ବଂଶ ତାଲିକା । ଏହି ସବୁ ତାଲିକାକୁ ଆଲୋଚନା କରି ଏକ ସର୍ବସମ୍ମତ ଗ୍ରହଣ ଯୋଗ୍ୟ ତାଲିକା ନିର୍ଦ୍ଧାରଣ କରାଯିବା ଉଚିତ୍ । କାରଣ ତିନୋଟି ଯାକ ତାଲିକାରେ କେତେକ ପାର୍ଥକ୍ୟ ଦେଖିବାକୁ ମିଳୁଅଛି । ବର୍ତ୍ତମାନ ସେସବୁ ତାଲିକା ଗୁଡିକୁ ବିଚାର କରାଯାଉ ।

ଆମେ ସାଧାରଣତଃ ନିଜ ବଂଶର ଆଠଦଶ ପୁରୁଷ ପର୍ଯ୍ୟନ୍ତ ନାମ ମନେ ରଖିଥାଉ । ପିଣ୍ଡଦାନ ବା ଶ୍ରାଦ୍ଧ ବେଳକୁ ସେହି ପିତୃପୁରୁଷଙ୍କ ନାମରେ ଦାନ ଓ ଶ୍ରାଦ୍ଧ କର୍ମ କରାଯାଇଥାଏ । ସେହି ନ୍ୟାୟରେ କବି ନରସିଂହ ମିଶ୍ରଙ୍କ ବଂଶ ତାଲିକାଟି ନିର୍ଭୁଲ ହୋଇଥାଇପାରେ । ସେ ଏହି ତାଲିକାଟିକୁ ରାଜା ଶିବନାରାୟଣ ଭଞ୍ଜଙ୍କ ଶାସନ କାଳରେ ପ୍ରସ୍ତୁତ କରିଛନ୍ତି । ରାଜା ଗୋବିନ୍ଦ ଭଞ୍ଜଙ୍କ ପରେ ଶିବନାରାୟଣଙ୍କୁ ମିଶାଇ ମୋଟ ୧୩ଜଣ ରାଜାଙ୍କ ନାମ ଉଲ୍ଲେଖ କରିଛନ୍ତି । ଏଥିରୁ କେନ୍ଦୁଝରର ପ୍ରଥମ ରାଜା ଜ୍ୟୋତିଭଞ୍ଜ ଓ ଖ୍ରୀ:ଅ: ସପ୍ତଦଶ ଶତାବ୍ଦୀର ଶେଷ ଭାଗ ବେଳକୁ କେନ୍ଦୁଝରର ତ୍ରୟୋଦଶତିତମ ରାଜା ଶିବନାରାୟଣ ବୋଲି ବୁଝାପଡୁଛି ।

ଏହାଙ୍କ ପରେ ରାଜା ପ୍ରତାପ ବଳଭଦ୍ର ଭଞ୍ଜ ଓ ତାଙ୍କ ପୁତ୍ର ଜନାର୍ଦ୍ଦନ ଭଞ୍ଜଙ୍କ ସମୟରେ କବି ନୀଳକଣ୍ଠଙ୍କ 'ଭଞ୍ଜମହୋଦୟମ୍' ର ନାମ ତାଲିକାଟିକୁ ବିଚାର କରିବା । ଏଥିରେ ମୋଟ ୨୪ଜଣ ରାଜାଙ୍କ ନାମ ରହିଛି । ଏହି ତାଲିକାଟି ପ୍ରସ୍ତୁତ ହେଲା ବେଳକୁ ଦୁଇଜଣ ରାଜା ଜୀବିତ ଥିଲେ । ସେମାନେ ହେଲେ ପ୍ରତାପ ବଳଭଦ୍ର ଓ ତାଙ୍କ ପୁତ୍ର ଜନାର୍ଦ୍ଦନ ଭଞ୍ଜ । ଜନାର୍ଦ୍ଦନ ଭଞ୍ଜ ଖ୍ରୀ:ଅ: ୧୭୯୭ରୁ ଖ୍ରୀ:ଅ: ୧୮୩୨

Digitized by PPRACHIN, SOA

ପର୍ଯ୍ୟନ୍ତ ଶାସନ କରିଥିଲେ । କବି ନୀଳକଣ୍ଠ ଏହି ସମୟରେ ରାଜବଂଶର ତାଲିକା ଲେଖିଲେ । ସେ ତାଲିକାଟି ପ୍ରସ୍ତୁତ କରିବା କାଳରେ ପୂର୍ବ ଲିଖିତ କବି ନରସିଂହ ମିଶ୍ରଙ୍କ 'ଶିବନାରାୟଣ ଭଞ୍ଜ ମହୋଦୟମ'ର ତାଲିକା ମଧ୍ୟରେ ଆଉ କେତେକ ନାମ ଯୋଗ କରିବା ସହିତ ଶିବ ନାରାୟଣ ଭଞ୍ଜଙ୍କ ପାଖରୁ ଜନାର୍ଦ୍ଦନ ଭଞ୍ଜଙ୍କ ପର୍ଯ୍ୟନ୍ତ ଆଉ ନଅଜଣ ରାଜା ଶାସନ କରିଥିବା ଉଲ୍ଲେଖ କରିଛନ୍ତି । କବି ନରସିଂହ ମିଶ୍ରଙ୍କ ତାଲିକା ସହିତ କବି ନୀଳକଣ୍ଠଙ୍କ ତାଲିକାର ପାର୍ଥକ୍ୟ ବୁଝିବାପାଇଁ ପୂର୍ବର ସେହି ତାଲିକାଟିକୁ ଉଦ୍ଧାର କରାଯାଇଛି ।

ଏହି ଦ୍ୱିତୀୟ ତାଲିକାଟିରେ ଯେଉଁ କେତୋଟି ନାମ ଆମକୁ ସଂଶୟ ଭିତରକୁ ଟାଣି ନିଅନ୍ତି ସେହି ନାମ ଗୁଡିକ ହେଲେ:- ୧) କାମେଶ୍ୱର ୨) ଯଦୁରଥ, ଓ ୩) ବୀରେଶ୍ୱର । ଏମାନେ କେନ୍ଦୁଝରକୁ ଶାସନ କରିଥିବା ସନ୍ଦେହଯୁକ୍ତ । କାରଣ କବି ନରସିଂହ ମିଶ୍ରଙ୍କ ନାମ ତାଲିକା ମଧ୍ୟରେ ଏହି ନାମ ଗୁଡିକୁ ଯୋଗ କରାଯାଇଛି । ପୁଣି କବି ନରସିଂହ ମିଶ୍ର ରାଜା ଶିବନାରାୟଣଙ୍କ ସଭାପଣ୍ଡିତ ଥାଇ ଗୋବିନ୍ଦ ଭଞ୍ଜଙ୍କ ପରେ ଶିବନାରାୟଣ ଭଞ୍ଜ ରାଜାଥିଲେ ବୋଲି ଉଲ୍ଲେଖ କରିଥିବା ବେଳେ ଏହି ଘଟଣାର ପ୍ରାୟ ଦେଡଶହ ବର୍ଷ ପରେ କବି ନୀଳକଣ୍ଠ ଗୋବିନ୍ଦଭଞ୍ଜଙ୍କ ପୁତ୍ରର ନାମ ବୀରେଶ୍ୱର ଯାହାଙ୍କର ଅପରନାମ ଶିବନାରାୟଣ ବୋଲି ଉଲ୍ଲେଖ କରିଛନ୍ତି । ପରବର୍ତ୍ତୀ କାଳରେ ବୀରେଶ୍ୱର ଶିବନାରାୟଣ ଭଞ୍ଜଙ୍କୁ ଦୁଇଜଣ ବୋଲି ଧରି ନିଆଯାଇଛି । ସୁତରାଂ କବି ନୀଳକଣ୍ଠଙ୍କ ତାଲିକାରୁ ମୋଟ ଦୁଇଜଣ ରାଜାଙ୍କୁ ବାଦ୍ ଦେବା ଉଚିତ୍ ହେବ । ସେହିପରି ମ୍ୟାକେଲଙ୍କ ତାଲିକା ମଧ୍ୟରେ ଯଦୁ, ଜଗନ୍ନାଥ ଓ ବୀର ନାରାୟଣ ନାମତ୍ରୟ ଆମର ଗ୍ରହଣ ଯୋଗ୍ୟ ନୁହେଁ ।

ପୁନଶ୍ଚ ତୃତୀୟ ତାଲିକାଟି ମହାରାଜା ଧନୁର୍ଜ୍ଜୟ ଭଞ୍ଜ ପ୍ରସ୍ତୁତ କରି କହିଛନ୍ତି ଯେ ସନ ୫୦୫ ସାଲ ଅର୍ଥାତ୍ ଖ୍ରୀ:ଅ: ୧୦୯୭ ମସିହାରେ ରାଜପୁତନା ଜୟପୁରର ମହାରାଜା ଜୟସିଂହଙ୍କ ପୁତ୍ର ଜଗନ୍ନାଥ ଦର୍ଶନରେ ଆସି ପୁରୀଗଜପତି ଶ୍ରୀ ପ୍ରତାପରୁଦ୍ର ଦେବଙ୍କର ପଦ୍ମାବତୀ ନାମକ କନ୍ୟାକୁ ବିବାହ କରି ହରିହର ପୁର କୀଲାଟି ଯୌତୁକ ପାଇଲେ । ସନ ୫୩୫ ସାଲରେ ସେମାନଙ୍କ ଦୁଇପୁତ୍ର ଆଦି ଓ ଜ୍ୟୋତି ଯଥାକ୍ରମେ ମୟୁରଭଞ୍ଜ ଓ କେନ୍ଦୁଝର ରାଜ୍ୟର ରାଜାହେଲେ । ଏହି ତଥ୍ୟଟି ସମ୍ପୂର୍ଣ୍ଣଭାବେ ତ୍ରୁଟି ଯୁକ୍ତ । କାରଣ ୫୦୫ ସାଲରେ ଅର୍ଥାତ ଖ୍ରୀ:ଅ: ୧୦୯୭ରୁ ସନ ୫୩୫ ସାଲ

Digitized by PPRACHIN, SOA

ଅର୍ଥାତ୍ ଖ୍ରୀ:ଅ: ୧୧୨୭ କିମ୍ବା ଖ୍ରୀ: ୧୧୨୮ ବେଳକୁ ରାଜପୁତନା ବୋଲି ଭାରତବର୍ଷରେ କୌଣସି ରାଜ୍ୟ ନଥିଲା କି ସେଠାରେ ଜୟସିଂହ ନାମଧେୟ କୌଣସି ଯୁବରାଜ ଥିବାର ପ୍ରମାଣ ଅଦ୍ୟାବଧି ନାହିଁ। ପୁନଶ୍ଚ ଏହି କାଳରେ ପୁରୀର ଗଜପତି ବଂଶ ବା ପ୍ରତାପରୁଦ୍ର ଦେବ କିମ୍ବା ତାଙ୍କର ପଦ୍ମାବତୀ ନାମକ କନ୍ୟାଥିବାର ପ୍ରମାଣ ନାହିଁ। ଅପରନ୍ତୁ ଏହି କାଳର ବହୁ ପୂର୍ବରୁ ଭଞ୍ଜମାନେ ପ୍ରଥମେ ଆଧୁନିକ ବିନ୍ଧ୍ୟାଟବୀ ବା ସୀତାବିଞ୍ଜିରେ ଓ ପରେ ଖ୍ରୀ:ଅ: ନବମ ଶତାବ୍ଦୀ ବେଳକୁ 'ଖିଜିଂକୋଟ୍ଟରେ ରାଜଧାନୀ ନିର୍ମାଣ କରି ନିଜକୁ 'ବଶିଷ୍ଠମୁନି' ପରିପାଳିତ, ମୟୁର ଅଣ୍ଡାରୁ ଜାତ ଏହି ବଂଶ ଆଦି ଭଞ୍ଜବଂଶ ବା ବିନ୍ଧ୍ୟାଟବୀ ସାମ୍ରାଜ୍ୟର ଉତ୍ତରାଧିକାରୀ ବୋଲି ନିଜକୁ ଦାବୀ କରୁଥିଲେ। ସୁତରାଂ ଧନୁର୍ଜ୍ଜୟଙ୍କ ଲିଖିତ ଏହି ତଥ୍ୟଟି ସମ୍ପୂର୍ଣ୍ଣ ଅମୂଳକ। ପୁନଶ୍ଚ ତାଙ୍କ ପ୍ରଦତ୍ତ ବଂଶ ତାଲିକାଟି ମଧ୍ୟ ଅନୁରୂପଭାବେ ପ୍ରମାଦ ପୂର୍ଣ୍ଣ ଅଟେ। କାରଣ ତାଙ୍କ ପୂର୍ବରୁ ପ୍ରଦତ୍ତ କବି ନରସିଂହ ମିଶ୍ର, କବି ନୀଳକଣ୍ଠ ଓ ମ୍ୟାକେଲ ସାହେବଙ୍କ ଲିଖିତ ବଂଶ ତାଲିକା ମଧ୍ୟରେ ସେ ଆହୁରି ଆଠଜଣ ରାଜାଙ୍କ ନାମ କ୍ରମାନ୍ୱୟରେ ଯୋଗ କରିଛନ୍ତି। କବି ନୀଳକଣ୍ଠଙ୍କ ତାଲିକା ମଧ୍ୟରେ ସେ ଯେଉଁ ଆଠଜଣ ରାଜାଙ୍କ ନାମ ଉଲ୍ଲେଖ କରିଛନ୍ତି ସେମାନେ ହେଲେ ତାଙ୍କ ତାଲିକାର ଏଗାର ନମ୍ବର ପାଖରୁ ଅଠର ନମ୍ବର ରାଜା ଯଥା- ୧) ଗୋବର୍ଦ୍ଧନ ଭଞ୍ଜ, ୨) ଗଙ୍ଗା ଧର ଭଞ୍ଜ, ୩) ଜଗନ୍ନାଥ ଭଞ୍ଜ, ୪) ଶ୍ରୀଧର ଭଞ୍ଜ, ୫) ଶ୍ରୀକର ଭଞ୍ଜ, ୬) ହୃଷୀକେଶ ଭଞ୍ଜ, ୭) ଗୋପିନାଥ ଭଞ୍ଜ, ୮) ହାଡୁ ଭଞ୍ଜ। ପୁନଶ୍ଚ ଧନୁର୍ଜ୍ଜୟ ଭଞ୍ଜଙ୍କ ଏହି ତାଲିକାରେ ରାଜା ଅନନ୍ତ ଭଞ୍ଜଙ୍କୁ ସନ୍ତ, କାମେଶ୍ୱରଙ୍କ ସ୍ଥାନରେ ନରହରି ଓ ଯଦୁରଥଙ୍କୁ ଯଦୁନାଥ ବୋଲି ଉଲ୍ଲେଖ କରାଯାଇଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ଏହି ଯେ ଧନୁର୍ଜ୍ଜୟ ଭଞ୍ଜ 'ଯେଉଁ ଅଧିକ ଆଠଜଣ ରାଜାଙ୍କ ନାମ ଉଲ୍ଲେଖ କରିଛନ୍ତି ସେମାନଙ୍କୁ ପୂର୍ବ ବର୍ଣ୍ଣିତ ଦୁଇଟିଯାକ ଭଞ୍ଜମହୋଦୟମ୍ ବର୍ଣ୍ଣିତ ତାଲିକା ମଧ୍ୟରେ ଚତୁରତାର ସହିତ ସଂଯୋଗ କରି ପୁରୁଷ ପିଛା ହାରାହାରି ୨୨ ବର୍ଷ ଶାସନ କାଳକୁ ହିସାବକୁ ନେଇଛନ୍ତି। ତାଙ୍କୁ ମିଶାଇ ୩୬ଜଣ ରାଜାଙ୍କ ନାମ ଘୋଷଣା କରି କେନ୍ଦୁଝର ରାଜ୍ୟ ଗଠନ ସମୟ ସନ ୫୩୫ ସାଲ ବା ଖ୍ରୀ:ଅ: ୧୧୨୮ ବୋଲି ଉଲ୍ଲେଖ କରିଛନ୍ତି। ଏବେ ଉପରୋକ୍ତ ତିନିଗୋଟି ତାଲିକାକୁ ବିଚାର କଲାପରେ କେତୋଟି ବାସ୍ତବ ଚିତ୍ର ଆମକୁ ସ୍ପଷ୍ଟଭାବେ ଦେଖିବାକୁ ମିଳୁଛି। ସେ ଗୁଡିକ ହେଲା:

Digitized by PPRACHIN, SOA

୧) କବି ନରସିଂହ ମିଶ୍ରଙ୍କ ନାମ ତାଲିକାଟି ସମ୍ପୂର୍ଣ୍ଣ ଗ୍ରହଣଯୋଗ୍ୟ କାରଣ ତାଙ୍କ ପରବର୍ତ୍ତୀ ଲେଖକମାନେ ତାଙ୍କ ତାଲିକାକୁ ଗ୍ରହଣ କରିଛନ୍ତି।

୨) କବି ନୀଳକଣ୍ଠଙ୍କ ବଂଶ ତାଲିକା ମଧ୍ୟରେ ଯେଉଁ ଦୁଇଜଣ ରାଜା ଯଥାଃ- ଯଦୁରଥ ଓ କାମେଶ୍ୱରଙ୍କ ନାମୋଲ୍ଲେଖ ରହିଛି ତାହା ଗ୍ରହଣ ଯୋଗ୍ୟ ନୁହେଁ। ରାଜା ଶିବ ନାରାୟଣଙ୍କ ପରେ ସେ ଯେଉଁ ଅନ୍ୟ ନଅଜଣ ରାଜାଙ୍କ ନାମ ଉଲ୍ଲେଖ କରିଛନ୍ତି ସେ ଗୁଡିକ ଗ୍ରହଣଯୋଗ୍ୟ। ସୁତରାଂ ରାଜା ଶିବନାରାୟଣ ତ୍ରୟୋଦଶତିତମ ରାଜା ହେଲେ କବି ନୀଳକଣ୍ଠଙ୍କ ତାଲିକାର ଶେଷରାଜା ଜନାର୍ଦ୍ଦନ ନିଶ୍ଚିତ ଭାବେ ଦ୍ୱାବିଂଶତିତମ ରାଜା ହୋଇଥିବେ।

୩) ମହାରାଜା ଧନୁର୍ଜ୍ଜୟ ଭଞ୍ଜଙ୍କ ତାଲିକାରେ ଯେଉଁ ଅଧିକ ଆଠଜଣ ରାଜାଙ୍କ ନାମ ଦେଖାଯାଏ ସେହି ନାମଗୁଡିକ ପୂର୍ବ ଦୁଇ କବିଙ୍କ ତାଲିକା ମଧ୍ୟରେ ଅକାରଣ ସଂଯୋଗ କରାଯାଇଥିବା ସ୍ପଷ୍ଟ। ଜନାର୍ଦ୍ଦନ ଭଞ୍ଜଙ୍କ ପରେ (୧) ବିଶେଶ୍ୱର (୨) ଗଦାଧର ଓ (୩) ଧନୁର୍ଜ୍ଜୟ - ଏହିଭଳି ମୋଟ ତିନିଜଣ ରାଜା ରାଜୁତି କରିଥିଲେ। ପୁନଶ୍ଚ ଧନୁର୍ଜ୍ଜୟଙ୍କ ପରେ ରାଜା ଗୋପିନାଥ ଓ ଗୋପିନାଥଙ୍କ ପରେ କେନ୍ଦୁଝରର ଶେଷ ରାଜାଭାବେ ବଳଭଦ୍ରଭଞ୍ଜ ଖ୍ରୀଃଅଃ ୧୯୪୭ ପର୍ଯ୍ୟନ୍ତ ଶାସନ ଗାଦୀରେ ଥିଲେ। ଏଭଳି ମୋଟ ପାଞ୍ଚଜଣ ରାଜା କବିବର ନୀଳକଣ୍ଠଙ୍କ ତାଲିକା ପରେ ପରେ ଯୋଗ କରାଗଲେ ମୋଟ ସତେଇଶ ଜଣ ରାଜା ଯେ କେନ୍ଦୁଝରକୁ ଶାସନ କରିଥିଲେ ଏହା ନିଃସନ୍ଦେହ। ସେହି ସବୁ ରାଜା ମାନେ ହେଲେ - ୧) ଜ୍ୟୋତିଭଞ୍ଜ, ୨) ଉଦୟଭଞ୍ଜ, ୩) ଗଦି ବା ଗଡେଶ୍ୱର ଭଞ୍ଜ, ୪) ଅନନ୍ତ ଭଞ୍ଜ, ୫) ଦୟାନିଧି ଭଞ୍ଜ, ୬) ରତ୍ନାକର ବା ରତ୍ନନାରାୟଣ ଭଞ୍ଜ, ୭) ଚମ୍ପେଶ୍ୱର ବା ଚମ୍ପକେଶ୍ୱର ଭଞ୍ଜ, ୮) ସଙ୍ଗ ଭଞ୍ଜ, ୯) ଶିଖର ବା ଚନ୍ଦ୍ରଶେଖର ଭଞ୍ଜ, ୧୦) ଜୋଗିନାଥ ବା ଜଗନ୍ନାଥ ଭଞ୍ଜ, ୧୧) ତ୍ରିଲୋଚନ ଭଞ୍ଜ, ୧୨) ଗୋବିନ୍ଦ ଭଞ୍ଜ, ୧୩) ବୀରେଶ୍ୱର ଶିବନାରାୟଣ ଭଞ୍ଜ, ୧୪) ଲକ୍ଷ୍ମୀ ନାରାୟଣ ଭଞ୍ଜ, ୧୫) ଜଗନ୍ନାଥ ଭଞ୍ଜ, ୧୬) ରଘୁନାଥ ଭଞ୍ଜ, ୧୭) ଗୋପିନାଥ ଭଞ୍ଜ, ୧୮) ନରସିଂହ ଭଞ୍ଜ, ୧୯) କାମେଶ୍ୱର ଭଞ୍ଜ, ୨୦) କାମେଶ୍ୱରଙ୍କ ପିତୃବ୍ୟ ଜଗତେଶ୍ୱର ଭଞ୍ଜ, ୨୧) ପ୍ରତାପ ବଳଭଦ୍ର ଭଞ୍ଜ, ୨୨) ଜନାର୍ଦ୍ଦନ ଭଞ୍ଜ, ୨୩) ବିଶେଶ୍ୱର ଭଞ୍ଜ, ୨୪) ଗଦାଧର ଭଞ୍ଜ, ୨୫) ଧନୁର୍ଜ୍ଜୟ ଭଞ୍ଜ, ୨୬) ଗୋପିନାଥ ଭଞ୍ଜ ଓ ୨୭) ବଳଭଦ୍ର ଭଞ୍ଜ।

Digitized by PPRACHIN, SOA

ଏଥର ଏହି ନୂତନ ତାଲିକାଟି ଆପାତତଃ ଏକ ନିରପେକ୍ଷ ଓ ଗ୍ରହଣଯୋଗ୍ୟ ନିର୍ଭୁଲ ନାମ ତାଲିକା। ଖ୍ରୀ:ଅ: ୧୯୪୭ ପର୍ଯ୍ୟନ୍ତ ଏହି ସତେଇଶ ଜଣ ରାଜା କେନ୍ଦୁଝରକୁ ଶାସନ କରିଥିଲେ। ଧନୁର୍ଜ୍ଜୟ ଭଞ୍ଜଙ୍କପରି ପୁରୁଷ ପିଛା ସେହି ୨୨ ବର୍ଷ ଶାସନ କାଳକୁ ଗ୍ରହଣ କରିନେଲେ ଏହି ୨୭ ଜଣ ରାଜା ମୋଟ ୫୯୪ ବର୍ଷ ବା ହାରାହାରି ଛଅଶହ ବର୍ଷଧରି କେନ୍ଦୁଝରକୁ ଶାସନ କରିଥିବା ଜଣାପଡୁଛି। ଶେଷ ରାଜା ବଳଭଦ୍ର ଭଞ୍ଜ ଖ୍ରୀ:ଅ: ୧୯୬୩ ପର୍ଯ୍ୟନ୍ତ ଜୀବିତ ଥିଲେ। ଏଥିରୁ ୫୯୪ ବର୍ଷ ବାଦ କରାଗଲେ ଖ୍ରୀ:ଅ: ୧୩୬୯ ବେଳକୁ ମୂଳରାଜା ଜ୍ୟୋତିଭଞ୍ଜ ସିଂହାସନରେ ଥାଇ ଶାସନ କରୁଥିବା ଜଣାପଡୁଛି।

ଓଡିଶାର ରାଜନୈତିକ ଅବସ୍ଥା ଓ କେନ୍ଦୁଝରର ସ୍ୱାଧୀନ ନରପତିଗଣ :

ଆମେ ପୂର୍ବରୁ ଜାଣିଛେ ଯେ, ଫିରୋଜଶାହା ତୋଗଲକଙ୍କ ସୈନ୍ୟମାନେ ଖ୍ରୀ:ଅ: ୧୩୬୧ରେ 'ଖିଜିଂକୋଟ୍ଟ' ଧ୍ୱଂସକରି କାନିଆଁ ନଗର ବାଟଦେଇ ଯାଜପୁରକୁ ଯାଇଥିଲେ। ଏହି କାନିଆଁ ନଗର ସମ୍ଭବତଃ ସେତେବେଳକୁ ନବନିର୍ମିତ 'କେଂଝରୀଗଡ' ବା କେନ୍ଦୁଆ ନଗର। ଅତଏବ କେନ୍ଦୁଝର ରାଜ୍ୟଟି ଯେ ଚତୁର୍ଦ୍ଦଶ ଶତାବ୍ଦୀର ମଧ୍ୟଭାଗରେ ଗଠିତ ହୋଇଛି ଏହା ନିଃସନ୍ଦେହ।

ତେବେ ସମସ୍ତ କିମ୍ବଦନ୍ତୀ ଓ ଲିଖିତ ତଥ୍ୟକୁ ମିଶାଇ ଦେଲେ ଏହା ସ୍ପଷ୍ଟ ବୁଝାପଡୁଛି ଯେ ଜ୍ୟୋତିଭଞ୍ଜ ଖ୍ରୀ:ଅ: ୧୩୩୮ ରୁ ଖ୍ରୀ:ଅ: ୧୩୬୯ ମଧ୍ୟରେ କେନ୍ଦୁଝରକୁ ଶାସନ କରିଥିବା ସୁନିଶ୍ଚିତ।

ନୂତନ ରାଜ୍ୟ ଗଠନ କରିବାର ମାତ୍ର କିଛି ବର୍ଷ ପରେ ଅର୍ଥାତ ଖ୍ରୀ:ଅ: ୧୩୬୧ ରେ ଫିରୋଜ ଶାହା ତୋଗଲକ ଖିଚିଂକୋଟ୍ଟକୁ ଧ୍ୱଂସ କରି ନବନିର୍ମିତ କେନ୍ଦୁଝର ରାଜ୍ୟ (କିନିଆ ନଗର)ରେ ପ୍ରବେଶ କରିଥିଲେ। କେନ୍ଦୁଝର ରାଜ୍ୟରେ ପୂର୍ବରୁ ସଦରବ୍ଲକ ଅନ୍ତର୍ଗତ ଫକୀରପୁର ଗ୍ରାମରେ ଭୌମ ଶାସନ କାଳରେ ନିର୍ମିତ ବିଶାଳ ଉମା-ମହେଶ୍ୱରଙ୍କ ମନ୍ଦିରଟି ଧ୍ୱଂସ କରିଦେଇଥିଲେ। ଏହାପରେ ଜ୍ୟୋତିଭଞ୍ଜ ଫିରୋଜ ଶାହାଙ୍କ ସହିତ ସନ୍ଧି କରିଥିଲେ। ଫିରୋଜ ଶାହା କେନ୍ଦୁଝର ଦେଇ ଯାଜପୁର ଅଭିଯାନରେ ବାହାରି ଯାଇଥିଲେ।

କେନ୍ଦୁଝରର ଜନଶ୍ରୁତି ଅନୁସାରେ ଜ୍ୟୋତିଭଞ୍ଜ ରାଜା ହେବାପରେ ପ୍ରଜାମାନେ ତାଙ୍କୁ ପାଲଲହଡାର ମୁନିପାଳଙ୍କ କନ୍ୟା କ୍ଷୀରୋଦ କୁମାରୀଙ୍କ ସହିତ ବିବାହ

Digitized by PPRACHIN, SOA

କରାଇଥିଲେ। ଏହି ଲୋକକଥାରେ କିଛି ସତ୍ୟ ଓ କିଛି ମିଥ୍ୟା ରହିଛି। ସତ୍ୟଟି ହେଲା, ଜ୍ୟୋତିଭଞ୍ଜ ଏହି ପାଲଲହଡା ରାଜବଂଶ ସହିତ ବୈବାହିକ ସମ୍ପର୍କ ସ୍ଥାପନ କରିବା। ମିଥ୍ୟାହେଲା ରାଜା ମୁନିପାଳ ଏହି କାଳରେ ପାଲଲହଡା ରାଜା ନଥିଲେ କି ପାଳବଂଶର ମଧ୍ୟ ଆବିର୍ଭାବ ଘଟି ନଥିଲା। ମୁନିପାଳ ଖ୍ରୀ:ଅ: ୧୭୭୯ ମସିହାରେ ମୃତ୍ୟୁମୁଖରେ ପଡିଥିଲେ। ଏହାଙ୍କର କନ୍ୟା କୃଷ୍ଣପ୍ରିୟାଙ୍କୁ କେନ୍ଦୁଝର ରାଜା ଜନାର୍ଦ୍ଦନ ଭଞ୍ଜ ବିବାହ କରି ଏହି ଅଞ୍ଚଳଟିକୁ ଯୌତୁକରୂପେ ପାଇଥିଲେ। ତେବେ ଜ୍ୟୋତିଭଞ୍ଜ ପାଲଲହଡାର କେଉଁ ରାଜବଂଶ ସହିତ ବୈବାହିକ ସମ୍ପର୍କ ସ୍ଥାପନ କରିଥିଲେ ତାହାହିଁ ଜାଣିବାକଥା।

ଆମେ ପୂର୍ବରୁ ଜାଣିଛେ ଯେ ଏକଦା, ଏହି ଅଞ୍ଚଳଟି ଯମଗର୍ତ୍ତ ନାମରେ ପ୍ରଥମେ ଶୁଲ୍‌କୀ ଓ ପରେ ତୁଙ୍ଗ ରାଜବଂଶ ଦ୍ୱାରା ଶାସିତ ହେଉଥିଲା। ଭୌମକର ଶାସନକାଳରେ ପ୍ରାୟ ଖ୍ରୀ:ଅ: ୮୫୮ ବେଳକୁ ଶୁଳକୀମାନଙ୍କ ବିନାଶ ଘଟି ତୁଙ୍ଗମାନଙ୍କର ଆବିର୍ଭାବ ଘଟିଥିଲା। ଠିକ୍ ସେହିପରି ଖ୍ରୀ:ଅ: ୧୧୨୮ ବେଳକୁ ଗଙ୍ଗ ଶାସନକାଳରେ ତୁଙ୍ଗ ମାନଙ୍କର ବିନାଶ ଘଟିଲା। କିନ୍ତୁ ଶୁଲକୀ ଓ ତୁଙ୍ଗ ମାନେ କ୍ଷୁଦ୍ର ଜମିଦାର ଭଳି ଏହି ଅଞ୍ଚଳରେ ଶାସନ କରୁଥିଲେ। ସମ୍ଭବତଃ ଜ୍ୟୋତିଭଞ୍ଜ ଏହି ବଂଶର କୌଣସି କନ୍ୟାକୁ ବିବାହ କରି ଚାରିଗଡ (ତେଲକୋଇ ବ୍ଲକ୍) ଅଞ୍ଚଳଟିକୁ ଯୌତୁକରୂପେ ପାଇଥିଲେ।

କେନ୍ଦୁଝରରେ ସ୍ୱତନ୍ତ୍ରରାଜ୍ୟ ଗଠିତ ହେବାବେଳକୁ ଗଙ୍ଗବଂଶୀ ଶାସକ ନରସିଂହ ଦେବ (ଖ୍ରୀ: ୧୩୨୭ ରୁ ଖ୍ରୀ: ୧୩୫୨) ଓ ରାଜା ତୃତୀୟ ଭାନୁଦେବ (ଖ୍ରୀ:ଅ: ୧୩୫୨-୧୩୭୮) ଓଡିଶାର ଶାସକଭାବେ ଅଧିଷ୍ଠିତ ହୋଇଥିଲେ। ଏହାଙ୍କ ଶାସନକାଳରେ ଓଡିଶା ବାହ୍ୟଶକ୍ତି ଆକ୍ରମଣର ଶିକାର ହୋଇଥିଲା। ଚତୁର୍ଥ ଭାନୁଦେବ ବା ମତ୍ତଭାନୁଦେବ (ଖ୍ରୀ: ୧୪୧୪-ଖ୍ରୀ:୧୪୩୫) ଙ୍କ ବେଳକୁ ଗଙ୍ଗବଂଶ ସମ୍ପୂର୍ଣ୍ଣ ଲୋପ ପାଇ ସୂର୍ଯ୍ୟବଂଶ ଶାସନର ଆରମ୍ଭ ହେଲା। ଭାନୁଦେବଙ୍କ ମନ୍ତ୍ରୀ କପିଳେଶ୍ୱର ରାଉତରାୟ କପିଳେନ୍ଦ୍ରଦେବ ନାମ ଧାରଣକରି ଖ୍ରୀ: ୧୪୩୫ରେ ଭୁବନେଶ୍ୱରଠାରେ ନିଜର ଅଭିଷେକ ଉତ୍ସବ ପାଳନ କରିଥିଲେ। ଏହାଙ୍କ ଶାସନ କାଳରେ ଜଗନ୍ନାଥ ଓଡିଶାର ରାଷ୍ଟ୍ରଦେବତା ଓ ଗଜପତି ତାଙ୍କର ସେବକ ବା ପ୍ରତିନିଧି ଭାବେ ଘୋଷିତ ହେଲେ।

Digitized by PPRACHIN, SOA

ଏହି ସମୟ (ଖ୍ରୀ:ଅ: ୧୩୩୮ ରୁ ଖ୍ରୀ: ୧୪୩୫) ମଧ୍ୟରେ କେନ୍ଦୁଝରକୁ ଯଥାକ୍ରମେ- ୧) ଜ୍ୟୋତିଭଞ୍ଜ (ଖ୍ରୀ: ୧୩୩୮-୧୩୬୯), ୨) ଉଦୟ ଭଞ୍ଜ (ଖ୍ରୀ: ୧୩୬୯-୧୩୯୨), ୩) ଗଦି (ଗଡେଶ୍ୱର) ଭଞ୍ଜ (ଖ୍ରୀ: ୧୩୯୨-୧୪୧୫), ୪) ଅନନ୍ତ ଭଞ୍ଜ (ଖ୍ରୀ: ୧୪୧୫-୧୪୩୫) ପ୍ରମୁଖ ଶାସନ କରିଥିଲେ।

❖❖

ସୂର୍ଯ୍ୟବଂଶୀ ଶାସନ ଓ କେନ୍ଦୁଝର
(ଖ୍ରୀ: ୧୪୩୫ ରୁ ଖ୍ରୀ ୧୫୪୦)

ସୂର୍ଯ୍ୟବଂଶୀ ଶାସନ (ଖ୍ରୀ: ୧୪୩୫ ରୁ ଖ୍ରୀ ୧୫୪୦) କାଳରେ ଓଡିଶାରେ କପିଳେନ୍ଦ୍ରଦେବ, ପୁରୁଷୋତ୍ତମ ଦେବ, ପ୍ରତାପରୁଦ୍ର ଦେବ ପ୍ରମୁଖ ପ୍ରବଳ ପ୍ରତାପୀ ରାଜାମାନଙ୍କର ଆର୍ବିଭାବ ଘଟିଥିଲା। ସମଗ୍ର ଗଡଜାତର ରାଜାମାନେ ଗଜପତିଙ୍କର ଅନୁଗତ ହୋଇଥିଲେ। ଏହିକାଳରେ ଗଜପତିଙ୍କ ସହିତ ମୟୁରଭଞ୍ଜ ଓ କେନ୍ଦୁଝର ରାଜବଂଶର ସମ୍ପର୍କ ଅତ୍ୟନ୍ତ ନିବିଡ ଥିଲା। କପିଳେନ୍ଦ୍ର ଦେବଙ୍କ ବ୍ରାହ୍ମଣୀ ଫୁଲ ବିବାହୀ ପତ୍ନୀ ପାର୍ବତୀ ଦେବୀ 'ବଞ୍ଚୋ' ଗଡରେ ଅବସ୍ଥାନ କରୁଥିବା ସମ୍ଭାବନା। ଏଠାରେ ପାର୍ବତୀ ବେଡା ବୋଲି ଏକ ସ୍ଥାନ ଏବେବି ରହିଛି। ଏହାଙ୍କ ପୁତ୍ର ପୁରୁଷୋତ୍ତମ ଦେବ ଏହିଠାରେ ଥିବା କାଳରେ ନବଗଠିତ କେନ୍ଦୁଝରର ସାମନ୍ତରାଜା 'ରତ୍ନାକର ଭଞ୍ଜ' ଏହାଙ୍କର ସହାୟକ ବନ୍ଧୁଥିବା ଅନୁମିତ ହୁଏ।

ମୟୁରଭଞ୍ଜର ରାଜା ଜଗନ୍ନାଥ ଭଞ୍ଜ ଗଜପତି ପ୍ରତାପରୁଦ୍ର ଦେବଙ୍କ କନ୍ୟାଙ୍କୁ ବିବାହ କରିବା ପରେ ଜଗନ୍ନାଥ ଭଞ୍ଜ ବାରିପଦା ଦଣ୍ଡପାଟଟିକୁ ଯୌତୁକ ରୂପେ ପାଇଥିଲେ। ଭଞ୍ଜବଂଶ ଓ ସୂର୍ଯ୍ୟବଂଶ ସହିତ ନିବିଡ଼ ସମ୍ପର୍କ ହୋଇଥିଲା।

ଏହି ସମୟ ମଧ୍ୟରେ କେନ୍ଦୁଝରକୁ ୧) ନିଧି (ଦୟାନିଧି) ଭଞ୍ଜ (ଖ୍ରୀ: ୧୪୩୫-୧୪୫୭), ୨) ରତ୍ନାକର (ରତ୍ନ ନାରାୟଣ) ଭଞ୍ଜ (ଖ୍ରୀ: ୧୪୫୭-୧୪୭୯), ୩) ଚମ୍ପେଶ୍ୱର (ଚମ୍ପକେଶ୍ୱର) ଭଞ୍ଜ(ଖ୍ରୀ: ୧୪୭୯-୧୫୧୦), ୪) ଯଛ (ଅନନ୍ତ) ଭଞ୍ଜ (ଖ୍ରୀ: ୧୫୧୦-୧୫୩୨) ଓ ୫) ଶିଖର

Digitized by PPRACHIN, SOA

(ଚନ୍ଦ୍ରଶେଖର) ଭଞ୍ଜ (ଖ୍ରୀ: ୧୫୩୨-୧୫୫୩) ପ୍ରମୁଖ ରାଜତ୍ୱ କରିଥିଲେ । ଏହି କାଳରେ ମଧ୍ୟ କେନ୍ଦୁଝର ସୀମା ଆଶାତୀତ ଭାବେ ବୃଦ୍ଧି ପାଇଥିଲା ।

କେନ୍ଦୁଝରର କିମ୍ବଦନ୍ତୀ ଅନୁସାରେ ରାଜପୁତ୍ର ଗୋବିନ୍ଦ ଭଞ୍ଜ କାଞ୍ଚିଯୁଦ୍ଧକୁ ଯାଇଥିଲେ । ଅବଶ୍ୟ ଏହି କାହାଣୀଟି ମହାରାଜା ଧନୁର୍ଜ୍ଜୟ ଭଞ୍ଜଙ୍କ ପୂର୍ବରୁ ଶୁଣା ନଥିଲା । କେବଳ ନିଜ ବଂଶ ଗୌରବକୁ ପ୍ରଚାର କରିବା ଉଦ୍ଦେଶ୍ୟରେ ଏହି କାହାଣୀଟି ସୃଷ୍ଟି କରାଯାଇଥିଲା । କିନ୍ତୁ କେନ୍ଦୁଝରର ରାଜା ଯେ ତଥା କଥିତ କାଞ୍ଚିଯୁଦ୍ଧରେ ଯୋଗ ଦେଇଥିଲେ ଏହାକୁ ସହଜରେ ଅସ୍ୱୀକାର କରାଯାଇନପାରେ । ଘୁମୁସୁରର ଏକ କାହାଣୀ ଅନୁସାରେ ଘୁମୁସୁରର ଅପୁତ୍ରିକ ରାଜା ଦୀନବନ୍ଧୁ ଓ କେନ୍ଦୁଝରର ରାଜଭ୍ରାତା ଦୈତାରୀ ଭଞ୍ଜ କାଞ୍ଚି ଯୁଦ୍ଧକୁ ଯାଇଥିଲେ । କାଞ୍ଚିଯୁଦ୍ଧ ଖ୍ରୀ:ଅ: ୧୪୬୮ ରୁ ୧୪୭୯ ମଧ୍ୟରେ ହୋଇଥିବା ଅନୁମାନ କରାଯାଏ । ଯଦି କାଞ୍ଚିଯୁଦ୍ଧ ହୋଇଥିବ ଓ କେନ୍ଦୁଝରର ରାଜା କିମ୍ବା ରାଜପୁତ୍ର ସେହି ଯୁଦ୍ଧକୁ ଯାଇଥିବେ ତେବେ ସେ ଦୈତାରୀ ଭଞ୍ଜ ନା ଗୋବିନ୍ଦ ଭଞ୍ଜ ? କେନ୍ଦୁଝର ଇତିହାସରେ ଦୈତାରୀ ଭଞ୍ଜ କେଉଁ ରାଜାଙ୍କର ଭାଇ, ତାହା ଆମକୁ ଜଣା ନାହିଁ । ଅପରନ୍ତୁ ଗୋବିନ୍ଦ ଭଞ୍ଜ ଖ୍ରୀ:ଅ: ୧୬୦୩ରେ କେନ୍ଦୁଝରର ସିଂହାସନରେ ବସିଥିବା ମିଥ୍ୟା ନୁହେଁ । ତେବେ କାଞ୍ଚିଯୁଦ୍ଧକୁ କେଉଁରାଜା ଯାଇଥିଲେ?

ଆମ ହିସାବ ଅନୁସାରେ ଏହି କାଳରେ ଯଦି କାଞ୍ଚିଯୁଦ୍ଧ ହୋଇଥିଲା ଓ କେନ୍ଦୁଝରର ରାଜପୁତ୍ର ସେହି ଯୁଦ୍ଧକୁ ଯାଇଥିଲେ ତେବେ ସେ ସମ୍ଭବତଃ କେନ୍ଦୁଝରର ପଞ୍ଚମ ରାଜା ଦୟାନିଧି (ଆନୁମାନିକ ଶାସନକାଳ ୧୪୩୫-୫୬)ଙ୍କ ପୁତ୍ର ରତ୍ନାକର ଭଞ୍ଜ (ଆନୁମାନିକ ଶାସନ କାଳ ୧୪୫୬-୧୪୭୯) ହୋଇଥିବେ । ସମ୍ଭବତଃ ରତ୍ନାକରଙ୍କ ଭାଇ ନରହରି ନାମଟି ଘୁମୁସର ରାଜବଂଶରେ ଦଇତାରୀ' ଭାବେ କଥିତ ହୋଇଛି । କବି ବାମନଙ୍କ କେନ୍ଦୁଝରୀ କାବ୍ୟରେ ଏହାର ପ୍ରମାଣ ନିମ୍ନମତେ ଅଛି ।

ତାଙ୍କ ପରେ ରାଜା ହୋଇଲେ ଭଞ୍ଜ ସେ ଦୟାନିଧି, କଲେ କୋଡିଏ ବର୍ଷ ରାଜତ୍ୱ ରାଜ ନିୟମ ବିଧି ।
ଏହାଙ୍କର ପୁତ୍ର ଅଟନ୍ତି ଭଞ୍ଜ ରତନାକର, ଏ ରାଜା ପ୍ରଜାଙ୍କୁ ପାଳିଲେ ବିନା ବର୍ଷ ସତର ।
ଏହାଙ୍କ ରାଜତ୍ୱ କାଳରେ ଘୁମୁସର ରାଜ୍ୟରେ, ରାଜା ମରିବାରୁ ଏହାଙ୍କ ଭାଇ ପୌଷ୍ୟପୁତ୍ରରେ ।
ଘୁମୁସରେ ରାଜା ହୋଇଲେ ଭଞ୍ଜ ସେ ନରହରେ, ଘୁମୁସର ରାଜ୍ୟ ଅଟଇ ସେ ଗଞ୍ଜାମ ଜିଲ୍ଲାରେ ।

Digitized by PPRACHIN, SOA

ଏଥିରେ ମଧ୍ୟ ସତ୍ୟତା ନାହିଁ, କାରଣ ଘୁମୁସୁର କିମ୍ବଦନ୍ତୀ ଅନୁସାରେ ବୈରାଗୀ ଭଞ୍ଜଙ୍କ ଦୁଇପୁତ୍ର ରଘୁନାଥ ଓ ବନମାଳୀ ଭଞ୍ଜ ପୋଷ୍ୟପୁତ୍ର ହୋଇ ଘୁମୁସୁର ଯାଇଥିଲେ। ସେ ଯାହାହେଉ କେନ୍ଦୁଝରରେ ଗୋବିନ୍ଦ ଭଞ୍ଜଙ୍କ ନାମ କାଞ୍ଚିଯୁଦ୍ଧ ସହିତ ସାମିଲ କରିବାର ମୁଖ୍ୟ କାରଣଟି ହେଲା, - କାଞ୍ଚିଯୁଦ୍ଧ ପୁରୀର ଗଜପତି ରାଜା ପୁରୁଷୋତ୍ତମ ଦେବ (ଖ୍ରୀ: ୧୪୬୭- ଖ୍ରୀ:୧୪୯୭)ଙ୍କ ସମୟରେ ହୋଇଥିଲା। ଗୋବିନ୍ଦ ଭଞ୍ଜଙ୍କ ସମୟରେ ମଧ୍ୟ ଭୋଇବଂଶରେ ପୁରୁଷୋତ୍ତମ (ଖ୍ରୀ:୧୬୦୦- ଖ୍ରୀ:୧୬୨୧) ନାମଧାରୀ ଜଣେ ରାଜାଥିଲେ। ଏହାଙ୍କ ସହିତ ଗୋବିନ୍ଦଭଞ୍ଜଙ୍କର ସୁସମ୍ପର୍କ ଥିଲା। ଏହି ନାମଗତ ସାମଞ୍ଜସ୍ୟରୁ ଗୋବିନ୍ଦ ଭଞ୍ଜଙ୍କୁ ଭୁଲକ୍ରମେ କାଞ୍ଚିଯୁଦ୍ଧ ସହିତ ସାମିଲ କରାଯାଇଛି।

ଚନ୍ଦ୍ରଗିରି ରାଜ୍ୟର ରାଜା ସାଲ୍ୱନରସିଂହ (ଖ୍ରୀ:୧୪୫୬) ଓ ଓଡିଶାର ଗଜପତି ପୁରୁଷୋତ୍ତମ ଦେବ (ଖ୍ରୀ:୧୪୬୭-୧୪୯୭) ଙ୍କ ମଧ୍ୟରେ ଯେଉଁ ଯୁଦ୍ଧ ହୋଇଥିଲା, ତାହା କାଞ୍ଚିଯୁଦ୍ଧ ନାମରେ ବିଦିତ। ଏହି ଯୁଦ୍ଧପରେ ଆଠଗଡ ଅଞ୍ଚଳ ସମେତ ସୁକିନ୍ଦା, ଢେଙ୍କାନାଳ, କଣ୍ଟଝରି ଆଦି ଅଞ୍ଚଳ କେନ୍ଦୁଝର ସହିତ ସାମିଲ ହୋଇଥିଲା। ଏତେବେଳକୁ କେନ୍ଦୁଝରରେ ରତ୍ନାକର ଭଞ୍ଜ ରାଜତ୍ୱ କରୁଥିବାରୁ ସେହିଁ କାଞ୍ଚି ଯୁଦ୍ଧକୁ ଯାଇଥିବାର ଯଥେଷ୍ଟ ସମ୍ଭାବନା ରହିଅଛି।

ରତ୍ନାକର ଭଞ୍ଜଙ୍କ ଶାସନ କାଳରେ (ଖ୍ରୀ:୧୪୫୭ ରୁ ଖ୍ରୀ:୧୪୭୯ ମଧ୍ୟରେ) କେନ୍ଦୁଝରର ପୁରୁଣା ସହରସ୍ଥ ସିଦ୍ଧ ଜଗନ୍ନାଥ ଆରାଧିତ ହୋଇଥିବା ନିସନ୍ଦେହ। ଗଜପତିମାନେ ଜଗନ୍ନାଥଙ୍କୁ କେନ୍ଦ୍ରକରି ଓଡିଶାର ସମସ୍ତ ଗଡଜାତର ରାଜାମାନଙ୍କୁ ସାମନ୍ତ ଶାସକଭାବେ ରଖିବାକୁ ଚେଷ୍ଟାକରି ସଫଳ ହୋଇଥିଲେ। ସେହି ସୂତ୍ରରେ କେନ୍ଦୁଝରର ଅନୁଗତ ଭଞ୍ଜ ରାଜା କେନ୍ଦୁଝରରେ ସିଦ୍ଧ ଜଗନ୍ନାଥ କଥିତ ଏକକ ଜଗନ୍ନାଥଙ୍କୁ ଆଣି ଜଗନ୍ନାଥ ଚେତନାର ଶୁଭାରମ୍ଭ କରିଥିଲେ।

ଗଜପତି ପ୍ରତାପରୁଦ୍ର ଦେବ (ଖ୍ରୀ:୧୪୯୭-ଖ୍ରୀ:୧୫୩୮) ଙ୍କ ଶାସନ କାଳରେ ମୟୁରଭଞ୍ଜର ରାଜପୁତ୍ର ଜଗନ୍ନାଥ ଭଞ୍ଜ ପ୍ରତାପରୁଦ୍ର ଦେବଙ୍କ କନ୍ୟା (ଭଗିନୀ)ଙ୍କୁ ବିବାହ କରିବାରୁ ଭଞ୍ଜବଂଶ ସହିତ ଗଜପତି ବଂଶର ସମ୍ପର୍କ ନିବିଡ ହୋଇଥିଲା। କିନ୍ତୁ ପ୍ରତାପରୁଦ୍ର ଦେବଙ୍କ ପରେ ଗଜପତି ଶାସନ ଦୁର୍ବଳ ହୋଇପଡିଲା। ଏହାଙ୍କ ଅଯୋଗ୍ୟ ଦୁଇପୁତ୍ରଙ୍କୁ ହତ୍ୟାକରି ମନ୍ତ୍ରୀ ଗୋବିନ୍ଦ ବିଦ୍ୟାଧର ଭୋଇ ବଂଶ ପ୍ରତିଷ୍ଠା କରି ଖ୍ରୀ: ୧୫୩୪ ବେଳକୁ ଗଜପତି ସିଂହାସନ ଦଖଲ କରିଥିଲେ।

Digitized by PPRACHIN, SOA

ପ୍ରତାପରୁଦ୍ର ଦେବଙ୍କ ସମୟରେ କେନ୍ଦୁଝରକୁ ଚମ୍ପେଶ୍ୱର, ସଛ (ଅନନ୍ତ) ଓ ଶିଖର ଭଞ୍ଜ ଶାସନ କରିଥିଲେ। ଏମାନେ ଗଜପତି ଛତ୍ର ଛାୟା ତଳେ ନିର୍ବିଘ୍ନରେ ଶାସନ କ୍ଷମତା ସମ୍ଭାଳିଥିଲେ। କିନ୍ତୁ ଖ୍ରୀ: ୧୫୩୪ ପରଠାରୁ ଏହି ସମ୍ପର୍କ ତିକ୍ତ ହୋଇଯାଇଥିଲା।

ସୂର୍ଯ୍ୟ ବଂଶୀ ଶାସନ କାଳରେ କେନ୍ଦୁଝରରେ ଶୈବଧର୍ମ ସହିତ ବୈଷ୍ଣବ ଧର୍ମର ଅଭ୍ୟୁଦୟ ଘଟିଥିଲା। ଜଗନ୍ନାଥ ଚେତନା ସହିତ ରାମ ଚେତନା ମଧ୍ୟ ପ୍ରବେଶ କରିଥିଲା। ଏଥି ସହିତ ଶୈବ ଓ ଦୁର୍ଗା ଉପାସନା ମଧ୍ୟ ବୃଦ୍ଧି ପାଇଥିଲା। ସଛ ଭଞ୍ଜ ପରମ ବୈଷ୍ଣବ ଥିଲେ। ଚୈତନ୍ୟ ପ୍ରଚାରିତ ବୈଷ୍ଣବ ଧର୍ମ ଗ୍ରହଣ କରି ସେ ଅବିବାହିତ ଥିଲେ। କବି ବାମନଙ୍କ ଭାଷାରେ,

"ଚମ୍ପକେଶ୍ୱରର ଏକଇପୁତ୍ର ଜନମିଥିଲେ।
ସଛଭଞ୍ଜ ବୋଲି ପୁତ୍ରର ସେ ନାମ ଦେଇଥିଲେ।
ଏ ରାଜା ବୈଷ୍ଣବ ଧର୍ମକୁ ବେଲୁ ଆଶ୍ରା ଯେ କଲେ।
ଦାରା ଗ୍ରହଣ ନ ହେବାରୁ ପୁତ୍ର ଜନ୍ମ ନୋହିଲେ"।

ଏହିଠାରୁ ଜ୍ୟୋତିଭଞ୍ଜ ବଂଶ ଲୋପ ପାଇବାରୁ ମୟୁରଭଞ୍ଜ ରାଜପୁତ୍ର ନରହରି ଭଞ୍ଜଙ୍କୁ ପୋଷ୍ୟପୁତ୍ର ଭାବେ ଗ୍ରହଣ କରି ସିଂହାସନାଭିଷିକ୍ତ କରିଥିବା କଥା ଅନେକତ୍ର ଉଲ୍ଲେଖ ଅଛି। କିନ୍ତୁ ବାସ୍ତବରେ ସଛଭଞ୍ଜଙ୍କ ପରେ ଶିଖର ବା ଚନ୍ଦ୍ରଶେଖର ସିଂହାସନାଭିଷକ୍ତ ହୋଇଥିଲେ। ସମ୍ଭବତଃ ଏହି ଶିଖର ଭଞ୍ଜ (ଖ୍ରୀ: ୧୫୩୨-୧୫୫୩) ମୟୁରଭଞ୍ଜର ରାଜା ଜଗନ୍ନାଥ ଭଞ୍ଜ (ଖ୍ରୀ: ୧୫୧୫-୧୫୪୦)ଙ୍କ ପୁତ୍ର ନୀଳକଣ୍ଠ (ଖ୍ରୀ: ୧୫୪୦-୧୫୬୫)ଙ୍କ ସହୋଦର ଥିଲେ ଓ ସଛଙ୍କ ପରେ କେନ୍ଦୁଝର ସିଂହାସନରେ ଆସୀନ ହୋଇଥିଲେ। ଏହାଙ୍କ ଶାସନ ସମୟରେ ଗଜପତି ଆସନରେ ଭୋଇମାନେ ଶାସନ କରୁଥିଲେ। ଓଡିଶାରେ ଦୀର୍ଘ ୧୯ବର୍ଷଧରି ଅରାଜକତା ଲାଗି ରହିଥିଲା। ଭୋଇମାନଙ୍କ ସହିତ ଭଞ୍ଜମାନଙ୍କର ପ୍ରତିଦ୍ୱନ୍ଦ୍ୱିତା ଲାଗିବାରୁ କେନ୍ଦୁଝର ରାଜ୍ୟରୁ ବହୁ ଜମିଦାରୀ ଉଚ୍ଛେଦ ହୋଇ ଯାଇଥିଲା। ଆଧୁନିକ ଆନନ୍ଦପୁର ଓ ଘସିପୁରା ବ୍ଲକର ଅଧିକାଂଶ ଅଞ୍ଚଳ ଯଥା ଆମ୍ବୋ, ଟିଲୋ, ସୁକିନ୍ଦା (ଡୋଲିପୁର), ରଗଡି, ବାଘପଡା, ଆମଲକ ଆଦି ଜମିଦାରୀ ଚାଲିଯିବାରୁ କେନ୍ଦୁଝର ସଙ୍କୁଚିତ ହୋଇଗଲା। ଖ୍ରୀ:୧୫୪୦ ବେଳକୁ ଢେଙ୍କାନାଳର କରମଳା ଅଞ୍ଚଳକୁ

Digitized by PPRACHIN, SOA

ଭୋଇବଂଶୀ ରାଜା ଗୋବିନ୍ଦ ବିଦ୍ୟାଧରଙ୍କ ଭାଇ ଦନାଇ ବିଦ୍ୟାଧର ଅଧିକାର କରିନେଲେ ।

ଏହିକାଳରେ ରାଜ୍ୟର ସୁଶାସନ ନିମିତ୍ତ ସମଗ୍ର ରାଜ୍ୟକୁ କେତୋଟି ପିଡ ଓ ପରେ ଦଣ୍ଡପାଟରେ ବିଭକ୍ତ କରାଯାଇଥିଲା । ପ୍ରତ୍ୟେକ ପୀଡରେ ଜଣେ ସର୍ଦ୍ଦାର ବା ଦଣ୍ଡପାଟରେ ଗଡନାୟକ ମାନଙ୍କୁ ନିଯୁକ୍ତ କରାଯାଇଥିଲା । ଏମାନଙ୍କ ଅଧୀନରେ ପାଇକ, ପ୍ରଧାନ ଆଦି ରହିଥିଲେ । ଏମାନଙ୍କ ମାଧ୍ୟମରେ ପ୍ରଜାମାନଙ୍କଠାରୁ ବିଭିନ୍ନ ସମୟରେ ରାଜକର ଆଦାୟ କରାଯାଇ ରାଜକୋଷକୁ ଆସୁଥିଲା । ଜନଶ୍ରୁତି ଅନୁସାରେ କେଝିଂଗୀଗଡ଼ ପ୍ରଥମେ ଚାରିପୀଢ଼ ଯଥା- ଭୂୟାଁ ଓ ଜୁଆଙ୍ଗ ପୀଢ଼, ଗୌଡ଼ଦେଶ ଓ ଗଣ୍ଡଦେଶ (ଗଣ୍ଡିଦେଶ) ରେ ବିଭକ୍ତ ହୋଇଥିଲା । ପରେ ଏହା ବାରଗଡ଼ କେନ୍ଦୁଝର ବୋଲି କଥିତ ହେଲା । ଅର୍ଥାତ୍ ୧୨ ପୀଢ଼ ବା ବାରଖଣ୍ଡରେ ଭାଗ ହେଲା ।

ଅନ୍ୟାନ୍ୟ ଘଟଣା ମଧ୍ୟରେ ନୂତନ ଗ୍ରାମ ସୃଷ୍ଟି କରିବା ଦିଗରେ ରାଜାମାନେ ଦୃଷ୍ଟି ଦେଇଥିଲେ । ବିଭିନ୍ନ ଜାତିର ଲୋକଙ୍କୁ ଏକତ୍ର ରଖି ଏକ ସାଂସ୍କୃତିକ ସହାବସ୍ଥାନ ସୃଷ୍ଟି କରାଯାଇଥିଲା । ରାଜକର୍ମରେ ନିଯୁକ୍ତ ପ୍ରଜାଙ୍କୁ ପୁରୁଷାନୁକ୍ରମେ ଭୂମିଦାନ ଦେଇ ରାଜାମାନେ ପ୍ରତିଗ୍ରାମରେ ଅନୁଗତ ଲୋକଙ୍କୁ ସ୍ଥାୟୀ କରିଥିଲେ । ଏହି ରାଜ୍ୟର ପୂର୍ବରେ ମୟୁରଭଞ୍ଜ ଓ ବୈତରଣୀ ନଦୀ ସୁରକ୍ଷା ବଳୟ ବା ବିପଦମୁକ୍ତ ସୀମାଭାବେ ରହିଥିଲା । ଉତ୍ତର ପଶ୍ଚିମ ଦିଗରେ ବୈତରଣୀ ଓ ସୁଉଚ୍ଚ ପର୍ବତମାଳା ସୁରକ୍ଷିତ କରି ରଖିବାରେ ସାହାଯ୍ୟ କରୁଥିଲା । ସୁତରାଂ ଏହି କାଳରେ ରାଜାମାନେ ଦକ୍ଷିଣ ପଶ୍ଚିମ ଅଞ୍ଚଳରେ ନିଜ ସୀମାକୁ ସୁରକ୍ଷିତ କରିବା ସହିତ ରାଜ୍ୟର ସୀମା ବଢାଇବାରେ ଯତ୍ନବାନ ହୋଇଥିଲେ ।

❖❖

Digitized by PPRACHIN, SOA

ଆଫଗାନ ଶାସନ (ଖ୍ରୀ: ୧୫୬୮)

ଶ୍ରୀ ଜଗନ୍ନାଥ (ଜୋଗିନାଥ) ଭଞ୍ଜ (ପ୍ରଥମ)

ଜଗନ୍ନାଥ ଭଞ୍ଜ ଖ୍ରୀ:ଅ: ୧୫୫୩ ରୁ ଖ୍ରୀ: ୧୫୮୫ ପର୍ଯ୍ୟନ୍ତ ମୋଟ ୩୨ ବର୍ଷ ୯ ମାସ ଶାସନ କାର୍ଯ୍ୟ ତୁଲାଇଥିଲେ।

ଓଡିଶାର ଅବସ୍ଥା ଓ ମୁସଲମାନ ଆକ୍ରମଣ:

ଏହାଙ୍କ ଶାସନକାଳ ଏକ ଘଟଣା ବହୁଳ ସମୟ। ଏହି କାଳରେ ଓଡିଶାରେ ଗଜପତି ମୁକୁନ୍ଦଦେବ (ଖ୍ରୀ: ୧୫୫୯ ରୁ ଖ୍ରୀ: ୧୫୬୮) ଶାସନ କରୁଥିଲେ। ସାରା ଭାରତ ବର୍ଷରେ ମୁସଲମାନ ରାଜତ୍ୱ ଚାଲିଥାଏ। ଏଣେ ଗଜପତି ମୁକୁନ୍ଦଦେବଙ୍କୁ ସିଂହାସନରୁ ହଟାଇବାକୁ ସାମନ୍ତ ରାଜାମାନେ ଚକ୍ରାନ୍ତ କରୁଥାଆନ୍ତି। ସାରଙ୍ଗଗଡର ଭଞ୍ଜବଂଶୀ ରାଜା ରାମଚନ୍ଦ୍ର ଭଞ୍ଜ ଓ ମୟୁରଭଞ୍ଜର ରାଜା ନୀଳକଣ୍ଠ ଭଞ୍ଜ(ଖ୍ରୀ: ୧୫୪୦-୧୫୬୫)ଙ୍କ ସାନଭାଇ ରଘୁନାଥ ଭଞ୍ଜ ମୁକୁନ୍ଦଦେବଙ୍କୁ ହଟାଇ ଗଜପତି ହେବାକୁ ଚାହୁଁଥିଲେ। କେନ୍ଦୁଝରର ରାଜା ଜଗନ୍ନାଥ ଭଞ୍ଜ ରଘୁଭଞ୍ଜଙ୍କ ସହିତ ଭିତିରି ସମ୍ପର୍କ ରଖିଥିଲେ। ଏମାନଙ୍କ ନିମନ୍ତ୍ରଣରେ ବଙ୍ଗର ସୁଲତାନ ଗିୟାସୁଦ୍ଦିନ ଜଲ୍ଲାଲ ଶାହା ୧୫୬୦ ଖ୍ରୀ:ଅ:ରେ ଓଡିଶା ଆକ୍ରମଣ କଲେ। କେନ୍ଦୁଝରର ରାଜା ତାଙ୍କୁ ସାହାଯ୍ୟ କଲେ। ପରେ ମୁକୁନ୍ଦ ଦେବ ଆକ୍ରମଣକାରୀ ମାନଙ୍କୁ ଘଉଡାଇ ଦେଲେ। କିନ୍ତୁ କେତେକ ମୁସଲମାନ ଏହି କାଳରୁ କେନ୍ଦୁଝରର ବାସିନ୍ଦାଭାବେ ରହିଗଲେ ଓ ପରବର୍ତ୍ତୀ କାଳରେ କେନ୍ଦୁଝର ରାଜାଙ୍କ ସୈନ୍ୟ ବାହିନୀରେ ଯୋଗଦେଲେ।

ପୁଣି ଖ୍ରୀ: ୧୫୬୭ରେ ବଙ୍ଗସୁଲତାନ ସୁଲେମାନ କରରାଣି ଓଡିଶା ଆକ୍ରମଣ କଲେ। ସୁଲେମାନଙ୍କ ପୁତ୍ର ବାଇଜିଦ୍ କେନ୍ଦୁଝର ବାଟେ ଏକ ବିଶାଳ ସୈନ୍ୟ ବାହିନୀ ସହ ଓଡିଶାରେ ପ୍ରବେଶ କଲେ। ସୁତରାଂ ଏହି କାଳରେ ମଧ୍ୟ କେନ୍ଦୁଝର ରାଜା ଆଫଗାନମାନଙ୍କୁ ସାହାଯ୍ୟ କରିଥିବା ଜଣାପଡୁଛି। ଖ୍ରୀ:ଅ: ୧୫୬୮ରେ ଓଡିଶାକୁ ଆଫଗାନମାନେ ଦଖଲ କଲେ। ମୁକୁନ୍ଦଦେବ ନିହତ ହେବାପରେ ଓଡିଶା ସ୍ୱାଧୀନତା ହରାଇଲା ଓ ସମଗ୍ର ଓଡିଶାରେ ଆଫଗାନ ମାନଙ୍କର ଦମନଲୀଳା ଆରମ୍ଭ ହୋଇ ଯାଇଥିଲା। କିନ୍ତୁ କେନ୍ଦୁଝର ଏମାନଙ୍କ ମିତ୍ରରାଜ୍ୟ ଭାବେ ସ୍ୱାଧୀନ ରହିଲା।

Digitized by PPRACHIN, SOA

ଖ୍ରୀ:ଅ: ୧୫୬୮ରେ ମୁକୁନ୍ଦଦେବଙ୍କ ମୃତ୍ୟୁ ବେଳକୁ ଓଡ଼ିଶାରେ ସମ୍ପୂର୍ଣ୍ଣ ଅରାଜକତା ଲାଗିରହିଥିଲା । କରଦ ରାଜ୍ୟ ଗୁଡ଼ିକ ମଧ୍ୟରେ ସୀମା ବିବାଦ ବୃଦ୍ଧି ପାଇଥିଲା । ଖ୍ରୀ:ଅ: ୧୫୬୮ ରେ ଭୋଇବଂଶ ରାଜା ରାମଚନ୍ଦ୍ର ଦେବ ଖୋର୍ଦ୍ଧା ସିଂହାସନ ଆରୋହଣ କଲେ ।

ଏହି ସୁଯୋଗରେ ଗଜପତି ଗୋବିନ୍ଦ ବିଦ୍ୟାଧରଙ୍କ ବିରାଦର କରୋମଳ ପାଟଣାର ଶାସକ ହରିସିଂହ ବିଦ୍ୟାଧର କେନ୍ଦୁଝର ଶାସିତ ଢେଙ୍କାନାଳ ଅଞ୍ଚଳକୁ ଦଖଲ କରିନେଲେ । ହରିସିଂହଙ୍କ ସହିତ କେନ୍ଦୁଝର ରାଜପୁତ୍ର ଶ୍ରୀଧର ଭଞ୍ଜଙ୍କ ତୁମୁଳ ସଂଘର୍ଷ ଘଟିଥିଲା । ଶ୍ରୀଧର ଭଞ୍ଜ ପରାଜିତ ହୋଇଥିଲେ । ହରିସିଂହ ଖ୍ରୀ:ଅ: ୧୫୮୨ ବେଳକୁ ଢେଙ୍କାନାଳରେ ସ୍ୱତନ୍ତ୍ର ରାଜ୍ୟ ଗଠନ କରିବାରୁ ଭୋଇବଂଶ ସହିତ କେନ୍ଦୁଝର ଭଞ୍ଜବଂଶର ସମ୍ପର୍କ ଛିନ୍ନ ହୋଇଥିଲା ।

❖❖

ମୋଗଲ ଶାସନ

ତ୍ରିଲୋଚନ ଭଞ୍ଜ

ଜଗନ୍ନାଥ ଭଞ୍ଜଙ୍କ ପରେ ତାଙ୍କ ପୌତ୍ର ତ୍ରିଲୋଚନ ଭଞ୍ଜ ଖ୍ରୀ:ଅ: ୧୫୮୫ରୁ ଖ୍ରୀ:ଅ: ୧୬୦୩ ପର୍ଯ୍ୟନ୍ତ ଦୀର୍ଘ ୧୮ ବର୍ଷ ୭ ମାସ କାଳ ଶାସନ କରିଥିଲେ ।

ଏହି ସମୟରେ ଓଡ଼ିଶାରେ ଅରାଜକତା ଲାଗି ରହିଥାଏ । ଆଫଗାନମାନେ ଓଡ଼ିଶାକୁ ଦଖଲ କରିନେବାପରେ ସାମନ୍ତ ରାଜାମାନେ ପରସ୍ପର ଯୁଦ୍ଧରେ ଲାଗି ରହିଲେ । ଏହି ସୁଯୋଗରେ ଆଫଗାନମାନେ ଲୁଟତରାଜ ଚଳାଇଲେ ।

ଏହି କାଳରେ ଦିଲ୍ଲୀରେ ଆକବର ଶାସନ କରୁଥିଲେ । ଓଡ଼ିଶାର ରାଜା ମୁକୁନ୍ଦ ଦେବଙ୍କ ସହିତ ତାଙ୍କର ମଧୁର ସମ୍ପର୍କ ଥିଲା । ସେ ମୁକୁନ୍ଦ ଦେବଙ୍କ ମୃତ୍ୟୁ ଖବର ଶୁଣି ମର୍ମାହତ ହେଲେ । ଓଡ଼ିଶାକୁ ଆଫଗାନ ମାନଙ୍କ କବଳରୁ ଉଦ୍ଧାର କରିବା ପାଇଁ ସେନାପତି ମାନସିଂହଙ୍କୁ ପଠାଇଲେ । ସେ ଖ୍ରୀ:ଅ: ୧୫୯୦ରେ ଓଡ଼ିଶା

Digitized by PPRACHIN, SOA

ଆକ୍ରମଣ କରି ଆଫଗାନମାନଙ୍କୁ ପରାସ୍ତ କଲେ ଓ ଖ୍ରୀ:ଅ: ୧୬୦୬ ପର୍ଯ୍ୟନ୍ତ ନିଜେ ଓଡ଼ିଶାର ଶାସନ ଦାୟିତ୍ୱ ତୁଲାଇଲେ । ଏହି କାଳରେ କେନ୍ଦୁଝର ମୋଗଲ ଶାସନର ଏକ କରଦରାଜ୍ୟ ହୋଇ ରହିଲା । କେନ୍ଦୁଝରର ପ୍ରବେଶ ଦ୍ୱାର ବା ସୀମାନ୍ତ ମାଛରା (ପଞ୍ଚରା) ଠାରେ ମୋଗଲମାନଙ୍କର ଏକ ଦୁର୍ଗ ନିର୍ମିତ ହେଲା । ନାଏବ ସୁବେଦାର ମୀର୍ଜାଖୁରୁମ୍ (କମିଲ ଖାଁ) ଏହିଠାରେ ଅବସ୍ଥାନ କରୁଥିଲେ ।

କେନ୍ଦୁଝରର ରାଜା ତ୍ରିଲୋଚନ ଭଞ୍ଜ ମାନସିଂହଙ୍କ ସହିତ ସୁସମ୍ପର୍କ ରଖିଲେ । ମାନସିଂହ ଆକବରଙ୍କ ସେନାପତି ଥିଲେ ମଧ୍ୟ ହିନ୍ଦୁଲୋକ ଭାବରେ ଓଡ଼ିଶାର ସମସ୍ତ ଗଡଜାତର ହିନ୍ଦୁରାଜା ମାନଙ୍କ ସହିତ ସଦଭାବ ବଢାଇଲେ । ସେ ଖୋର୍ଦ୍ଧାରେ ନୂଆରାଜ୍ୟ ସ୍ଥାପନ କରିଥିବା ରାମଚନ୍ଦ୍ର ଦେବଙ୍କୁ 'ଗଜପତି' ବୋଲି ସ୍ୱୀକୃତି ଦେଲେ । ତ୍ରିଲୋଚନ ଭଞ୍ଜ ଅତି ଚତୁର ଲୋକ ଥିଲେ । ସେ ନିଜର ବଂଶ ପରିଚୟ ଦେବାକୁ ଯାଇ କହିଲେ ଯେ ଭଞ୍ଜବଂଶର ପୂର୍ବପୁରୁଷମାନେ ମାନସିଂହଙ୍କ ବଂଶଧର । ମାନସିଂହ ଏକଥା ଶୁଣି ଖୁସିହେଲେ । ମାନସିଂହଙ୍କ ବିବରଣୀ (ଲେଖା) ରୁ ଜଣାଯାଏ ଯେ ଖ୍ରୀ: ୧୫୯୨ ପୂର୍ବରୁ କେନ୍ଦୁଝର ରାଜାଙ୍କ ଅଧୀନରେ ୧୫ଟି ଜମିଦାରୀ ଏବଂ ୩୫ଟି କିଲ୍ଲା ଥିଲା । ଆହୁରି ମଧ୍ୟ ୨୪ କିଲ୍ଲାର ମାଲିକ, ୧୪ଜଣ ରାଜା ଓ ସୁକିନ୍ଦା

କଚେରୀ
ରଘୁନାଥ

Digitized by PPRACHIN, SOA

ଜମିଦାରୀ ତାଙ୍କ ଅଧୀନରେ ଥିଲା । ସେଗୁଡିକ ମଧ୍ୟରୁ ଆନନ୍ଦପୁର, ସିଙ୍ଗିଡି, ମିତଗଡ ଆଦି ୩୫ ଟି କୀଲ୍ଲା ଓ ଡେଙ୍କାନାଳ, ସୁକିନ୍ଦା, କଣ୍ଟଝରୀ, ତୋଲଗଡ, ରଗଡି, ପଛିକୋଟ, ଆମଲକ, ବାଘପଡା, ବଳରାମପୁର, ଛୋଗନ୍ଦା, କପ୍ତିଗଡ, ଆମ୍ବୋହତା, ପାଇସା, ଓରାଳି ଓ ଏଥିସହିତ ନିଜର କେନ୍ଦୁଝରକୁ ମିଶାଇ ମୋଟ ୧୫ ଗୋଟି ଜମିଦାରୀର ଅଧିକାରୀ ଥିଲେ କେନ୍ଦୁଝରର ରାଜା । ଏହି ସବୁ ଜମିଦାରୀର ଜମିଦାର ମାନେ କେନ୍ଦୁଝର ରାଜାଙ୍କୁ କର ଖଜଣା ଦେଉଥିଲେ । କିନ୍ତୁ ଏଥିରୁ ଅନେକ ଅଞ୍ଚଳ ଗଜପତି ନିର୍ଦ୍ଦେଶରେ କେନ୍ଦୁଝରରୁ ହାତଛଡା ହୋଇଯାଇଥିଲା । ମାନସିଂହ ଓଡିଶାରେ ରହି ଖୋର୍ଦ୍ଧାର ଭୋଇବଂଶ କୁ ଗଜପତି ବଂଶର ଉତ୍ତରାଧିକାରୀ ଭାବେ ଗ୍ରହଣ କଲେ । ଖୋର୍ଦ୍ଧା ରାଜା ପ୍ରଥମ ରାମଚନ୍ଦ୍ର ଦେବଙ୍କୁ ଗଜପତି ଭାବେ ପୁରୀ ଜଗନ୍ନାଥ ମନ୍ଦିରର ସେବା ପୂଜା ଦାୟିତ୍ୱ ଅର୍ପଣ କଲେ । ରାମଚନ୍ଦ୍ରଙ୍କ ସହିତ କେନ୍ଦୁଝର ରାଜା ତ୍ରିଲୋଚନ ଭଞ୍ଜଙ୍କ ସମ୍ପର୍କ ଅତ୍ୟନ୍ତ ତିକ୍ତ ଥିଲା। ରାଜ୍ୟରୁ କିଛି ଅଂଶ ଶତ୍ରୁଦ୍ୱାରା କବଳିତ ହେବା ସହିତ ପିତାଙ୍କର ଅକାଳ ବିୟୋଗ ତ୍ରିଲୋଚନ ଭଞ୍ଜଙ୍କୁ କ୍ଷୁବଧ୍ କରିଥିଲା । ଗଜପତି ଶାସନକୁ ଧ୍ୱଂସ କରିବାପାଇଁ ସେ ନିଶ୍ଚୟ ଚେଷ୍ଟିତଥିବେ । କିନ୍ତୁ ଆକବରଙ୍କ ମନ୍ତ୍ରୀ ମାନସିଂହଙ୍କ ସହିତ ରାମଚନ୍ଦ୍ର ଦେବଙ୍କ ଘନିଷ୍ଟ ସମ୍ପର୍କ ତ୍ରିଲୋଚନ ଭଞ୍ଜଙ୍କୁ ଅଡୁଆରେ ପକାଇଥିଲା । ଏଣେ ମୟୁରଭଞ୍ଜର ରାଜପୁତ୍ର ରଘୁ ଭଞ୍ଜ ଛୋଟରାୟଙ୍କ ହତ୍ୟା ଘଟଣା ପରେ ମୟୁରଭଞ୍ଜର ଭଞ୍ଜବଂଶ ମଧ୍ୟ ଗଜପତି ଶାସନ ପାଇଁ ଏକ ଆହ୍ୱାନ ଥିଲା ।

ଗୋବିନ୍ଦ ଭଞ୍ଜ

ତ୍ରିଲୋଚନ ଭଞ୍ଜଙ୍କ ପୁତ୍ର ଗୋବିନ୍ଦ ଭଞ୍ଜ ସବୁ ଓଡିଆଙ୍କ ପରି ଜଗନ୍ନାଥଙ୍କୁ ମାନୁଥିଲେ । ଗଜପତି ରାଜାଙ୍କୁ ଚଳନ୍ତି ବିଷ୍ଣୁ ବୋଲି ସ୍ୱୀକାର କରୁଥିଲେ । କିନ୍ତୁ ତାଙ୍କ ପିତା ତ୍ରିଲୋଚନ ଥିଲେ ଭିନ୍ନ ପ୍ରକୃତିର ।

ଇତି ମଧ୍ୟରେ ଖୋର୍ଦ୍ଧାରାଜା ଗଜପତି ରାମଚନ୍ଦ୍ର ଦେବ ଖ୍ରୀ:ଅ: ୧୬୦୦ରେ ମୃତ୍ୟୁବରଣ କଲେ । ଏହାଙ୍କପରେ ତାଙ୍କ ପୁତ୍ର ପୁରୁଷୋତ୍ତମ ଦେବ ଖୋର୍ଦ୍ଧା

Digitized by PPRACHIN, SOA

ସିଂହାସନରେ ବସିଲେ। ଏହି ସମୟଠାରୁ ଦୀର୍ଘ ଦିନ ଧରି ବଙ୍ଗର ମୁସଲମାନ ମାନେ ଓଡିଶାକୁ ବାରମ୍ବାର ଆକ୍ରମଣ କରିଥିଲେ। ତ୍ରିଲୋଚନ ଭଞ୍ଜଙ୍କ ପାଇଁ ଏକ ସୁଯୋଗ ଥିଲା। କିନ୍ତୁ ତାଙ୍କ ପୁତ୍ର ଗୋବିନ୍ଦ ଭଞ୍ଜ ପିତାଙ୍କର ଏହି ମନୋବୃତ୍ତିକୁ ପସନ୍ଦ କରୁନଥିଲେ। ତେଣୁ ପିତା ପୁତ୍ରଙ୍କ ମଧ୍ୟରେ ମତାନ୍ତର ହେଲା। ଗୋବିନ୍ଦ ଭଞ୍ଜ ଖୋର୍ଦ୍ଧାର ରାଜା ପୁରୁଷୋତ୍ତମଙ୍କ ଠାରୁ ଆହ୍ୱାନପାଇ କେନ୍ଦୁଝରଗଡରୁ ପଳାଇଗଲେ। ଜଗନ୍ନାଥ ଭଞ୍ଜଙ୍କ ସମୟରେ କେନ୍ଦୁଝର ରାଜ୍ୟରୁ ଚାଲିଯାଇଥିବା ଆଠଗଡ (ଆନନ୍ଦପୁର) ଅଞ୍ଚଳକୁ ଗୋବିନ୍ଦଭଞ୍ଜଙ୍କୁ ଅର୍ପଣ କରି ଗଜପତି ବନ୍ଧୁତାକୁ ସୁଦୃଢ କରିଥିଲେ। ପିତାଙ୍କ ଜୀବିତ ଅବସ୍ଥାରେ ଗୋବିନ୍ଦଭଞ୍ଜ ଗଜପତିଙ୍କ ସହାୟତାରେ ତ୍ରିଲୋଚନପୁର ଠାରୁ ସମଗ୍ର ଆନନ୍ଦପୁର ଅଞ୍ଚଳରେ ସାମନ୍ତ ଶାସକ (ପରୀକ୍ଷା) ଭାବେ ନିଯୁକ୍ତ ହେଲେ। ଖ୍ରୀ:ଅ: ୧୬୦୩ ବେଳକୁ ରାଜା ତ୍ରିଲୋଚନ ଭଞ୍ଜଙ୍କର ମୃତ୍ୟୁହେଲା। ଏହି ସମ୍ବାଦ ପାଇ ଗୋବିନ୍ଦ ଭଞ୍ଜ କେନ୍ଦୁଝର ଫେରିଆସି ସିଂହାସନରେ ବସିଲେ। ଏହି କାଳରୁ ଅର୍ଥାତ ଖ୍ରୀ:ଅ: ୧୬୦୩ ରୁ ଖ୍ରୀ:ଅ: ୧୬୩୪ ପର୍ଯ୍ୟନ୍ତ ସେ ମୋଟ ୩୦ ବର୍ଷ ୮ ମାସ ଧରି କେନ୍ଦୁଝରକୁ ଶାସନ କରିଥିଲେ।

ଏହି ସମୟରେ ବଙ୍ଗର ମୁସଲମାନ ମାନେ କେନ୍ଦୁଝର ଦେଇ ଓଡିଶାକୁ ବାରମ୍ବାର ଆକ୍ରମଣ କରୁଥିଲେ। ଖୋର୍ଦ୍ଧାରାଜା ପୁରୁଷୋତ୍ତମ ଦେବଙ୍କ ସହିତ ଗୋବିନ୍ଦ ଭଞ୍ଜଙ୍କର ସମ୍ପର୍କ ବଢିବାପରେ ମୁସଲମାନ ମାନେ ଆଉ କେନ୍ଦୁଝର ବାଟେ ଆସିବାର ସୁଯୋଗ ପାଇଲେ ନାହିଁ। ଖୋର୍ଦ୍ଧାର ରାଜା ପୁରୁଷୋତ୍ତମ ଦେବ ଖ୍ରୀ:ଅ: ୧୬୦୦ ରୁ ଖ୍ରୀ:ଅ: ୧୬୨୧ ପର୍ଯ୍ୟନ୍ତ ଖୁରୁଧାକୁ ଶାସନ କରିଥିଲେ। ସେ ଦୁର୍ବଳ ଥିବାରୁ ତାଙ୍କ ଶାସନ କାଳ ମଧ୍ୟରେ କେଶୋଦାସ ମାରୁ, କଲ୍ୟାଣ ମଲ୍ଲ ଓ ମକରମ ଖାଁ ପ୍ରଭୃତି ଅନେକବାର ଖୋର୍ଦ୍ଧା ତଥା ପୁରୀ ଜଗନ୍ନାଥ ମନ୍ଦିର ଆକ୍ରମଣ ଓ ଲୁଣ୍ଠନ କରିଥିଲେ। ଇତି ମଧ୍ୟରେ ଗୋବିନ୍ଦ ଭଞ୍ଜ ସିଂହାସନରେ ବସିବାରୁ ଖୋର୍ଦ୍ଧା ରାଜା ଗୋବିନ୍ଦ ଭଞ୍ଜଙ୍କର ସାହାଯ୍ୟ ଲୋଡିଲେ।

ଖ୍ରୀ:ଅ: ୧୬୧୭ ଧନୁମାସ ୨୨ଦିନରେ କଟକର ସୁବାଦାର ମକରମ୍ ଖାଁ ଖୁରୁଧା ଆକ୍ରମଣ କଲା। ପୁରୁଷୋତ୍ତମଦେବ ଖୋର୍ଦ୍ଧାଛାଡି ଗଡ ମାଣିତ୍ରୀ ଦୁର୍ଗରେ ଆଶ୍ରୟ ନେଲେ। ଏହି ସମୟରେ ଗୋବିନ୍ଦ ଭଞ୍ଜ ଖୁରୁଧା ରାଜାଙ୍କୁ ସାହାଯ୍ୟ କରିଥିଲେ। ଗୋବିନ୍ଦ ଭଞ୍ଜ ମାଣିକୋଟ ବା ମାଣିତ୍ରୀ ଦୁର୍ଗରେ ସାତଦିନ ସାତରାତି ବନ୍ଦୀହୋଇଥିବା

Digitized by PPRACHIN, SOA

କଥା ତାଙ୍କ ରଚିତ ଗାଥାକାବ୍ୟ ଚରଣ ସୁଧାନିଧିରେ ଉଲ୍ଲେଖ କରିଛନ୍ତି । ଖୋର୍ଦ୍ଧା ରାଜା ପୁରୁଷୋତ୍ତମ ଦେବଙ୍କ ଅନୁରୋଧ କ୍ରମେ ଗୋବିନ୍ଦ ଭଞ୍ଜ ପୁରୀ ମନ୍ଦିରର ପରୀକ୍ଷା ପଦବୀ ଗ୍ରହଣ କଲେ । ନିଜ ରାଜ୍ୟକୁ ଜଗନ୍ନାଥ,ବଳଭଦ୍ର ଓ ସୁଭଦ୍ରା, ମୂର୍ତ୍ତି ଅଣାଇ ସେବା ପୂଜା କଲେ । ସମ୍ଭବତଃ ପୁଟୁଜିନାନୀ ମନ୍ଦିର ଓ ରାଜଦୁର୍ଗ ମଧ୍ୟରେ ଜୀର୍ଣ୍ଣ ଅବସ୍ଥାରେଥିବା କୁସ୍ମିରଘୁନାଥ ମନ୍ଦିର ମଧ୍ୟ ଏହିକାଳ (ଖ୍ରୀ: ୧୬୨୧)ରେ ନିର୍ମିତ ହୋଇଥିଲା ।

ପୁରୁଷୋତ୍ତମ ଦେବଙ୍କପରେ ଖ୍ରୀ: ୧୬୨୧ରେ ନରସିଂହ ଦେବ ଖୋର୍ଦ୍ଧା ସିଂହାସନ ଆରୋହଣ କଲେ । ଏ ରାଜା ଗୋବିନ୍ଦ ଭଞ୍ଜଙ୍କୁ ଯଥେଷ୍ଟ ସମ୍ମାନ ଦେଉଥିଲେ । ଖ୍ରୀ: ୧୬୨୩ରେ ରଥଯାତ୍ରା ବେଳେ ଅହମ୍ମଦ ବେଗ୍ ଖୋର୍ଦ୍ଧା ଆକ୍ରମଣ କଲା । ପୂଜକମାନେ ଶ୍ରୀ ଜଗନ୍ନାଥଙ୍କୁ ଲୁଚାଇ ରଖିଲେ । ଏହିବର୍ଷ ରଥଯାତ୍ରା ଦେଖିବାକୁ ଗୋବିନ୍ଦ ଭଞ୍ଜ ପୁରୀ ଯାଇଥିଲେ । ପୁରୀରେ ବାହୁଡାଯାତ୍ରା ହୋଇପାରିଲା ନାହିଁ । ଭକ୍ତ ଗୋବିନ୍ଦ ଭଞ୍ଜ ଗଜପତି ନରସିଂହ ଦେବଙ୍କୁ ଅନୁରୋଧ କଲେ ଏଣିକି ସେ ନିଜ ରାଜ୍ୟରେ ରଥଯାତ୍ରା ଉତ୍ସବ ପାଳନ କରିବେ । ଠାକୁର ରାଜା ନରସିଂହ ଦେବ ଅନୁମତି ଦେବାରୁ ତହିଁ ଆରବର୍ଷ ଖ୍ରୀ ୧୬୨୪ ଠାରୁ କେନ୍ଦୁଝରରେ ରଥଯାତ୍ରା ଅନୁଷ୍ଠିତ ହେଲା । ଜନଶ୍ରୁତି ଅନୁସାରେ ଏହି ଯାତ୍ରା ରାଜବାଟି ମଧ୍ୟରେ ଅନୁଷ୍ଠିତ ହେଉଥିଲା ।

ଖ୍ରୀ: ୧୬୨୫ରେ ମୋଗଲ ବାଦଶାହାଙ୍କ ପୁତ୍ର ଶାହାଜାହାନ ଖୋର୍ଦ୍ଧା ଆସିଥିଲେ । ଏହି ଅବକାଶରେସେ ଯାଜପୁରଠାରେ ଅବସ୍ଥାନ କରିଥିଲେ । ତାଙ୍କୁ ସ୍ୱାଗତ କରିବାକୁ ଗୋବିନ୍ଦ ଭଞ୍ଜ ସେଠାକୁ ଯାଇଥିଲେ ।

ଗୋବିନ୍ଦ ଭଞ୍ଜ ଜଣେ ସୁ-କବି ଥିଲେ । ବଉଳାଚରିତ, ରାମଗାଥା, ଚରଣ ସୁଧାନିଧି, ଭକ୍ତ ବିନୋଦ ଓ ରସପୋଇ ନାମକ ପୁସ୍ତକ ଓ ଅନେକ ଭଜନ ଲେଖିଥିଲେ । ଏହାଙ୍କର ଦୁଇରାଣୀ ଥିଲେ । ଗୋବିନ୍ଦ ଭଞ୍ଜ ଜୀବନର ଶେଷ ଆଡକୁ ଦେବ-ବ୍ରାହ୍ମଣ ଭକ୍ତ ହୋଇଗଲେ । ବୈଷ୍ଣବ ଧର୍ମ ଗ୍ରହଣ କରିବା ପରେ ସିଂହାସନ, ଯୁଦ୍ଧ ଓ ରକ୍ତପାତକୁ ଘୃଣା କଲେ । ସନ୍ୟାସ ଜୀବନ ନେବାକୁ ଚାହିଁ ଜ୍ୟେଷ୍ଠପୁତ୍ର ଶିବ ବା ରୁଦ୍ର ନାରାୟଣଙ୍କୁ ସିଂହାସନରେ ବସାଇଦେଲେ । ସମ୍ଭବତଃ ବୈଷ୍ଣବ ଧର୍ମଗୁରୁ ରସିକାନନ୍ଦ ଏହାଙ୍କର ଦୀକ୍ଷାଗୁରୁ ଥିଲେ । ରସିକା ନନ୍ଦଙ୍କ ସ୍ମୃତି ଉଦ୍ଦେଶ୍ୟରେ

Digitized by PPRACHIN, SOA

ଗୋବିନ୍ଦଭଞ୍ଜ ଆନନ୍ଦପୁର ବୀରଗୋବିନ୍ଦପୁରର ଅପର ପାର୍ଶ୍ୱରେ ଥିବା କୋଡପଡା ଗ୍ରାମରେ ଏକ ମଠ ନିର୍ମାଣକରିଥିଲେ।

ପୁଟୁକିନାନୀ ମନ୍ଦିର

ଶ୍ୟାମାନନ୍ଦଙ୍କ ଭକ୍ତ ରସିକାନନ୍ଦ ପୂର୍ବକଥିତ ପୁଟୁକୀନାନୀ ମନ୍ଦିର ଓ ଆନନ୍ଦପୁରର କୋଡପଡା ଓ ସୋସ ଅଞ୍ଚଳରେ ଅବସ୍ଥାନ କରି ଗୌଡୀୟ ମଠମାନ ସ୍ଥାପନ କରିଥିବା ଜଣାଯାଏ। ଗୋବିନ୍ଦ ଭଞ୍ଜଙ୍କ ସହିତ ବେତାଜାଲ ମହାପାତ୍ର (ମୁଷାଖୋରୀ) ଓ ବିଶୋଇ ମହାପାତ୍ର (କପୁଣ୍ଡି) ବୈଷ୍ଣବ ଧର୍ମ ଗ୍ରହଣକରି 'ଦାସ' ସଂଜ୍ଞା ପ୍ରାପ୍ତ ହୋଇଥିଲେ।

ଗୋବିନ୍ଦ ଭଞ୍ଜଙ୍କ ପରେ ବୀରେଶ୍ୱର ଶିବନାରାୟଣ ଭଞ୍ଜ ସିଂହାସନରେ ବସିଥିଲେ ବୋଲି କବିବର ନୀଳକଣ୍ଠଙ୍କ 'ଭଞ୍ଜ ମହୋଦୟମ୍' ନାଟକରୁ ଜଣାଯାଏ। କିନ୍ତୁ ଧନୁର୍ଜ୍ଜୟ ଭଞ୍ଜଙ୍କ ବିବରଣୀ ଅନୁସାରେ ଗୋବିନ୍ଦ ଭଞ୍ଜଙ୍କ ପରେ ତାଙ୍କ ପୁତ୍ର

Digitized by PPRACHIN, SOA

ରୁଦ୍ର ନାରାୟଣ ଓ ଏହାଙ୍କ ପରେ ଶିବ ନାରାୟଣ ସିଂହାସନରେ ବସିଥିଲେ ବୋଲି ଜଣାଯାଏ । କିନ୍ତୁ ଶିବନାରାୟଣଙ୍କ ସମସାମୟିକ କବି ନରସିଂହ ମିଶ୍ରଙ୍କ ଲେଖାରୁ ଜଣାଯାଏ ଯେ ଗୋବିନ୍ଦ ଭଞ୍ଜଙ୍କ ପରେ ଶିବ ନାରାୟଣ ସିଂହାସନରେ ବସିଥିଲେ । ସମ୍ଭବତଃ ତାଙ୍କର ଅନ୍ୟନାମ ବୀରେଶ୍ୱର ବା ରୁଦ୍ରନାରାୟଣ ଥିଲା ।

ଗୋବିନ୍ଦଭଞ୍ଜଙ୍କ ଶାସନକାଳରେ ମୟୂରଭଞ୍ଜ ରାଜା ବୈଦ୍ୟନାଥ ଭଞ୍ଜ (ଖ୍ରୀ: ୧୫୬୫ - ଖ୍ରୀ:୧୬୨୬) ଅପୁତ୍ରିକ ଥିବାରୁ ଗୋବିନ୍ଦଙ୍କ ସାନଭାଇ ବୈକୁଣ୍ଠନାଥ ପୋଷ୍ୟପୁତ୍ରଭାବେ ଯାଇ ଖ୍ରୀ: ୧୬୨୬ ରୁ ଖ୍ରୀ: ୧୬୪୩ ପର୍ଯ୍ୟନ୍ତ ମୟୂରଭଞ୍ଜ ଶାସନ କରିଥିଲେ ବୋଲି କବି ବାମନଙ୍କ 'କେନ୍ଦୁଝରୀ' କାବ୍ୟରେ ଉଲ୍ଲେଖ ଅଛି । କିନ୍ତୁ ଏହିକାଳରେ ମୟୂରଭଞ୍ଜର ଅପୁତ୍ରିକ ରାଜା ବୈଦନାଥ ଭଞ୍ଜଙ୍କର ମଧ୍ୟମ ସହୋଦର ହରିହର ହରିହରପୁର ଠାରେ ନୂତନ ରାଜଧାନୀ ନିର୍ମାଣ କରିଥିବା ମୟୂରଭଞ୍ଜ ଇତିହାସରୁ ଜଣାଯାଏ ।

ଶିବ ନାରାୟଣ ଭଞ୍ଜ

ଶିବ ନାରାୟଣ ପିତାଙ୍କର ବିଶାଳ ସାମ୍ରାଜ୍ୟର ଅଧିକାରୀ ହୋଇ ଖ୍ରୀ:ଅ: ୧୬୩୪ରୁ ଖ୍ରୀ: ୧୬୫୪ ପର୍ଯ୍ୟନ୍ତ ମାତ୍ର ୧୯ ବର୍ଷ ଆଠମାସ ରାଜତ୍ୱ କରିଥିଲେ । ସେ ମଧ୍ୟ ପିତାଙ୍କ ପରି ଦେବବ୍ରାହ୍ମଣ ଭକ୍ତ ଥିଲେ । କୁଶଳେଶ୍ୱର ମନ୍ଦିରର ପୁନଃନିର୍ମାଣ କରିଥିଲେ ।

ଏହାଙ୍କ ଶାସନ କାଳରେ କେତେକ ଜମିଦାର ବିଦ୍ରୋହ କରିଥିଲେ । ଚାରିଗଡକୁ ଦଖଲ କରିବାପାଇଁ ପାଲଲହଡା ଓ ଢେଙ୍କାନାଳ ଆଡୁ ମସୁଧା ଚାଲିଥିଲା । ପୂର୍ବରୁ ଏହି ଅଞ୍ଚଳ ଗୁଡିକ କେନ୍ଦୁଝରର ଶାସନାଧୀନ ଥିଲା । ଏବେ ଆହୁରି କିଛି ଅଂଶ ଚାଲିଯିବା ଆଶଙ୍କା କରି ରାଜା ଶିବ ନାରାୟଣ ଚାରିଗଡ ନିକଟରେ ଏକ ନୂତନ ଗ୍ରାମ ସ୍ଥାପନ କରି ପାଇକ ମାନଙ୍କୁ ରଖିଲେ । ସେହି ଗ୍ରାମର ନାମ ଶିବ ନାରାୟଣପୁର ଗୋଡା । ସେହିଭଳି ଆନନ୍ଦପୁର ଅଞ୍ଚଳରେ ନିଜର ପ୍ରତିପତ୍ତି ଜାହିର କରିବାପାଇଁ ନିଜ ନାମାନୁସାରେ ଅନ୍ୟଏକ ଗ୍ରାମ ବସାଇଲେ । ଖୋର୍ଦ୍ଧାର ଗଜପତି ବଳଭଦ୍ର ଦେବ (ଖ୍ରୀ:ଅ: ୧୬୪୮ - ୧୬୫୬)ଙ୍କ ସହିତ ସୁସମ୍ପର୍କ ରଖିଲେ । ଏହାଙ୍କ ସଭାପଣ୍ଡିତ ନରସିଂହ ମିଶ୍ର ଭଞ୍ଜ ମହୋଦୟମ୍ ନାମକ ଏକ ସଂସ୍କୃତ ନାଟକ ରଚନା

Digitized by PPRACHIN, SOA

କରିଥିଲେ। ଏହି ନାଟକଟି ପୁରୀରେ ଅଭିନୀତ ହୋଇଥିଲା। ଖୋର୍ଦ୍ଧା ରାଜା ଓ କେନ୍ଦୁଝର ରାଜା ଏହି ନାଟକକୁ ଦେଖିଥିଲେ। ଶିବ ନାରାୟଣ ନିଜର ବୁଦ୍ଧିବଳରେ କେନ୍ଦୁଝରର ସୀମାକୁ ସୁଦୃଢ଼ କରିଥିଲେ।

ଖୋର୍ଦ୍ଧାରାଜା ବଳଭଦ୍ର ଦେବଙ୍କପରେ ତାଙ୍କ ପୁତ୍ର ମୁକୁନ୍ଦ ଦେବ ଖ୍ରୀ: ୧୬୫୭ ରୁ ଖ୍ରୀ: ୧୬୮୯ ପର୍ଯ୍ୟନ୍ତ ଖୋର୍ଦ୍ଧା ଶାସନ କରିଥିଲେ। ଏହି କାଳରେ କେନ୍ଦୁଝରରେ ରାଜାଥିଲେ ଲକ୍ଷ୍ମୀନାରାୟଣ ଭଞ୍ଜ। ଏତେବେଳକୁ ଖୋର୍ଦ୍ଧା ରାଜାଙ୍କର ଆଉ ପୂର୍ବ ସମ୍ମାନ ନଥିଲା। ଗଡଜାତର ରାଜାମାନେ ତାଙ୍କୁ ପୂର୍ବପରି ଠାକୁରରାଜାର ସମ୍ମାନ ଦେଉନଥିଲେ।

ଲକ୍ଷ୍ମୀ ନାରାୟଣ ଭଞ୍ଜ

ରାଜା ଶିବ ନାରାୟଣଙ୍କ ପରେ ଲକ୍ଷ୍ମୀ ନାରାୟଣ ଖ୍ରୀ:ଅ: ୧୬୫୪ ରୁ ଖ୍ରୀ:ଅ: ୧୬୮୮ ପର୍ଯ୍ୟନ୍ତ ମୋଟ ୩୪ ବର୍ଷ ୪ ମାସ ଶାସନ କରିଥିଲେ। ସେ ଜଣେ ପ୍ରବଳ ପରାକ୍ରମୀ ରାଜା ଥିଲେ। ଏହାଙ୍କ ସମୟରେ ରାଜ୍ୟର ସୀମା ବୃଦ୍ଧି ପାଇଥିଲା। ଅନେକ ଯୁଦ୍ଧ ମଧ୍ୟ ହୋଇଥିଲା। ରାଜା ଅତ୍ୟନ୍ତ ଧର୍ମ ପରାୟଣ ଓ ପ୍ରଜାବତ୍ସଳ ଥିଲେ।

ରାଜା ତ୍ରିଲୋଚନ ଭଞ୍ଜଙ୍କ ସମୟ ପାଖରୁ କେନ୍ଦୁଝର ବିଶାଳ ମୋଗଲ ସାମ୍ରାଜ୍ୟର ଏକ ଅଂଶ ହୋଇ ରହିଲା। କିନ୍ତୁ ଦିଲ୍ଲୀର ମୋଗଲ ସମ୍ରାଟ ସାହାଜାହାନଙ୍କ ପରେ ସିଂହାସନ ପାଇଁ ଖ୍ରୀ: ୧୬୫୭ରେ ପୁତ୍ର ମାନଙ୍କ ମଧ୍ୟରେ ବିବାଦ ଲାଗିଲା। ଏହି ସୁଯୋଗରେ ଅନେକ ସାମନ୍ତ ରାଜା ସ୍ୱାଧୀନ ହେବାକୁ ବିଦ୍ରୋହ କରିଥିଲେ। ଏହି କାଳରେ କେନ୍ଦୁଝରର ସ୍ୱାଧୀନଚେତା ରାଜା ଲକ୍ଷ୍ମୀନାରାୟଣ ଭଞ୍ଜ କେନ୍ଦୁଝରର ସୀମାନ୍ତରେ ଥିବା ମୋଗଲମାନଙ୍କ ମାଛରା ଦୁର୍ଗ ଦଖଲ କରିନେଲେ। ଏହାପରେ ସେ କେନ୍ଦୁଝରର ବିଶାଳ ବଳଦେବ ଜୀଉ ମନ୍ଦିର ନିର୍ମାଣରେ ବ୍ୟସ୍ତ ରହିଲେ। ଏହି ମନ୍ଦିରଟି ଖ୍ରୀ:ଅ: ୧୬୬୧ରେ ନିର୍ମିତ ହୋଇଥିଲା। ଦଶବର୍ଷରେ ମନ୍ଦିର କାର୍ଯ୍ୟ ସମାପ୍ତ ହୋଇଥିଲା। ସେ କାଳରେ ଚଉଦ ହଜାର ଟଙ୍କା ବ୍ୟୟ କରାଯାଇଥିଲା। ରାଜା ଏହି ମନ୍ଦିର ନିର୍ମାଣରେ ବ୍ୟସ୍ତ ରହିଥିବା ବେଳେ ଦ୍ୱିଲ୍ଲୀର ମୋଗଲ ସମ୍ରାଟ ଆଉରଙ୍ଗଜେବଙ୍କ ଦ୍ୱାରା ନିଯୁକ୍ତ ଓଡିଶାର ମୋଗଲ ସୁବେଦାର ଖାନ୍:ଇ: ଦୁରାନ

Digitized by PPRACHIN, SOA

ବଞ୍ଚୋରୁ ଯାଇଥିବା
ସୂର୍ଯ୍ୟନାରାୟଣ

ବୀର ଲକ୍ଷ୍ମୀନାରାୟଣ

କେନ୍ଦୁଝର ରାଜ୍ୟ ଆକ୍ରମଣ କଲେ । ମୋଗଲବାହିନୀ ଆନନ୍ଦପୁର ଅଞ୍ଚଳରେ ଅନେକ କ୍ଷୟକ୍ଷତି ଘଟାଇଲେ । ବଞ୍ଚୋ, ପଞ୍ଚହରା ପ୍ରଭୃତି ଅଞ୍ଚଳରେ ପ୍ରବେଶକରି ଅନେକ ମନ୍ଦିର ଓ ଦେବବିଗ୍ରହ ଧ୍ୱଂସକଲେ । ଏହାପରେ ମୋଗଲବାହିନୀ କେନ୍ଦୁଝରଗଡ ଅଭିମୁଖେ ଯାତ୍ରାକଲେ । ଉଭୟ ପକ୍ଷ ମଧ୍ୟରେ ଘମାଘୋଟ ଲଢେଇ ହେଲା । ପ୍ରଥମେ କେନ୍ଦୁଝର ସୈନ୍ୟ ବାହିନୀର ପ୍ରବଳ ଆକ୍ରମଣରେ ମୋଗଲ ବାହିନୀ ମୀନା ଘାଟି ଠାରୁ ପରାସ୍ତ ହୋଇ ପଳାୟନ କରିଥିଲେ । କିନ୍ତୁ ପରେ ମୋଗଲ ବାହିନୀର ଆଗ୍ନେୟ ଅସ୍ତ୍ର ନିକଟରେ କେନ୍ଦୁଝରର ସୈନ୍ୟବାହିନୀ ପରାସ୍ତ ହୋଇ ଛତ୍ରଭଙ୍ଗ ଦେଲେ । ରାଜା ରାଜ୍ୟର ବିଶାଳ ମନ୍ଦିର ଓ ଦିଅଁ ଦେବତାଙ୍କୁ ବିଧର୍ମୀ କବଳରୁ ରକ୍ଷା କରିବାପାଇଁ ଖାନ୍-ଇ-ଦୁରାନିଙ୍କ ସହିତ ତା ୦୮/୦୩/୧୬୬୧ରେ ସନ୍ଧି କଲେ ଓ ମୋଗଲ ସମ୍ରାଟଙ୍କର ବସତା ସ୍ୱୀକାର କଲେ । ଏହାପରେ ଶାନ୍ତିରେ ରାଜ୍ୟ ଶାସନ କଲେ । ମନ୍ଦିର ତୋଳାରେ ମନଦେଇ କେନ୍ଦୁଝରଗଡର ୯୦ (୯୫) ହାତ ଉଚ୍ଚର ବିଶାଳ ବଳଦେବଜୀଉ ରେଖ ମନ୍ଦିର ନିର୍ମାଣ ସମାପ୍ତ କଲେ । ଏଥିରେ ବେବର୍ତ୍ତା ରାମଚନ୍ଦ୍ର ଦୀକ୍ଷିତ ସାନ୍ତରା ମହାପାତ୍ର ଓ ପଦ୍ମନାଭ ଆଚାର୍ଯ୍ୟ ନାମକ ଦୁଇଜଣ ପୂଜାପଣ୍ଡା

Digitized by PPRACHIN, SOA



କେନ୍ଦୁଝରଗଡ଼ର ବଳଦେବଜୀଉ ମନ୍ଦିର

ନିଯୁକ୍ତ ହୋଇଥିଲେ। ଜନଶ୍ରୁତି ଅନୁସାରେ ଏହି ମନ୍ଦିରର ଦିଅଁ ପ୍ରତିଷ୍ଠା କାଳରେ ବଞ୍ଚୋ ନିକଟରେ ବହୁଦିନରୁ ଭୂଗର୍ଭରେ ପୋତିହୋଇ ରହିଥିବା ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ଦାରୁ ବିଗ୍ରହକୁ ଉଦ୍ଧାର କରିଆଣି ପ୍ରତିଷ୍ଠା କରିଥିଲେ। ଏହି ଜନଶ୍ରୁତିରେ ଥିବା ଅସଲ ସତ୍ୟଟି ହେଲା ବହୁ ପୂର୍ବରୁ ବଞ୍ଚୋ ଗ୍ରାମରେ ପ୍ରତିଷ୍ଠିତ ଥିବା ବିରଞ୍ଚି (ସୂର୍ଯ୍ୟ) ନାରାୟଣଙ୍କ ମନ୍ଦିରଟି ଖ୍ରୀ: ୧୬୬୧ରେ ଖାନ୍ ଦୁରାନିଙ୍କ ଆକ୍ରମଣରେ ବିଧ୍ୱସ୍ତ ହୋଇଯିବାରୁ ପୂଜକମାନେ ବିରଞ୍ଚି ନାରାୟଣଙ୍କ ବିଗ୍ରହଟିକୁ ଭୂଗର୍ଭରେ ପୋତି ଦେଇଥିଲେ। ଏହି ବିଗ୍ରହଟିକୁ ଉଦ୍ଧାର କରି ମନ୍ଦିର ବେଢାରେ ସ୍ଥାନିତ କରାଯାଇଥିଲା। ଏବେମଧ୍ୟ ବିରଞ୍ଚି ନାରାୟଣଙ୍କର ସେହି ବିଗ୍ରହଟି ମନ୍ଦିର ବେଢାରେ ସୂର୍ଯ୍ୟନାରାୟଣ ଭାବେ ଆରାଧିତ ହେଉଛନ୍ତି।

ଲକ୍ଷ୍ମୀନାରାୟଣ ଭଞ୍ଜ ରାଜନଗର ଠାରେ ଦୀନବନ୍ଧୁ ବିଶୋଇଙ୍କ ସହାୟତାରେ ଖ୍ରୀ: ୧୬୭୬ରେ ଅନ୍ୟଏକ ଦଧିବାମନ ମନ୍ଦିର ନିର୍ମାଣ କରିବା ସହିତ ଏକ ରାଜପ୍ରସାଦ ମଧ୍ୟ ନିର୍ମାଣ କରିଥିଲେ। ପୂର୍ବେ ଗ୍ରୀଷ୍ମକାଳରେ ଏହିଠାରେ ରାଜାମାନେ ଅବସ୍ଥାନ କରୁଥିଲେ। ଏହା ରାଜାଙ୍କର ଗ୍ରୀଷ୍ମନିବାସ ଭାବେ କଥିତ ହେଉଥିଲା।

Digitized by PPRACHIN, SOA



ରାଜନଗରର ବିଲୁପ୍ତ ନଅର

ଏହି ପ୍ରାସାଦଟି ଖ୍ରୀ: ୧୯୨୭ ମସିହାର ବୈତରଣୀ ବନ୍ୟାରେ ଧ୍ୱଂସପ୍ରାପ୍ତ ହୋଇଯାଇଥିଲା । ଖ୍ରୀ:ଅ: ୧୬୭୫ରେ ଆନନ୍ଦପୁରରେ ଆଉଗୋଟିଏ ଦଧିବାମନ ମନ୍ଦିର ନିର୍ମାଣ କରାଇ ତିନୋଟି ସ୍ଥାନରେ ରଥଯାତ୍ରା ଉତ୍ସବ ଆରମ୍ଭ କରିଥିଲେ ।

ଅନ୍ୟାନ୍ୟ କାର୍ଯ୍ୟ ମଧ୍ୟରେ କେନ୍ଦୁଝରଗଡର ଦିଗଧନ ପୋଖରୀ (ଲକ୍ଷ୍ମୀସାଗର) ଓ ମଧୁବନ ଆମ୍ବତୋଟା ପ୍ରଧାନ ଅଟେ । ଏହିରାଜାଙ୍କ ଶାସନ କାଳରେ କେନ୍ଦୁଝରରେ ଆମ୍ବତୋଟା କରିବା ଆରମ୍ଭ ହୋଇଥିଲା । ରାଘୋଡା ଶାସନ କାଳର ସହସ୍ରାଧିକ ଆମ୍ବତୋଟା ଏବେ ମଧ୍ୟ ଫଳ ପ୍ରସୂ ହୋଇ ରହିଅଛି । ସେ ବୈତରଣୀ ଉତ୍ପତ୍ତି ସ୍ଥଳ ଠାବ କରି ଗୋନାସିକାର ବ୍ରହ୍ମକୁଣ୍ଡ ନିର୍ମାଣ କରିଥିଲେ ।

ଜଗନ୍ନାଥ ଭଞ୍ଜ (ଦ୍ୱିତୀୟ)

କୀର୍ତ୍ତିମାନ ରାଜା ଲକ୍ଷ୍ମୀ ନାରାୟଣ ଭଞ୍ଜଙ୍କ ଅନ୍ତେ ଜଗନ୍ନାଥ ଭଞ୍ଜ ସିଂହାସନରେ ବସିଲେ । ସେ ଖ୍ରୀ:ଅ: ୧୬୮୮ ରୁ ଖ୍ରୀ:ଅ: ୧୭୦୦ ପର୍ଯ୍ୟନ୍ତ ମୋଟ ୧୨ ବର୍ଷ ୪ ମାସ ରାଜତ୍ୱ କରିଥିଲେ । ପିତା ଲକ୍ଷ୍ମୀନାରାୟଣ ଭଞ୍ଜଙ୍କ ନିର୍ମିତ ସମସ୍ତ ମନ୍ଦିରର ସୁପରିଚାଳନା ଓ ରାଜ୍ୟର ସୁଶାସନରେ ମନ ଦେଇଥିଲେ । ତାଙ୍କ ପାଖରେ ବିଶାଳ ସୈନ୍ୟବାହିନୀ ଥିଲା ଓ ପାଖପଡିଶାର କ୍ଷୁଦ୍ର ରାଜ୍ୟ ଓ ଜମିଦାର ମାନେ ତାଙ୍କଠାରେ ଯଥାରୀତି କରଖଜଣା ଦେଉଥିବାରୁ ଜଗନ୍ନାଥ ଭଞ୍ଜ ନିର୍ବିଘ୍ନରେ ଶାସନ କରିଥିଲେ ।

Digitized by PPRACHIN, SOA

ଏହାଙ୍କ ଶାସନ କାଳରେ ଲୋକମାନଙ୍କୁ ପୂର୍ବାପେକ୍ଷା ଦୁଇଗୁଣ କର ଦେବାକୁ ପଡିଥିଲା । ସାମାନ୍ୟ ଚୋରି ଅପରାଧ ଘଟଣାରେ ମଧ୍ୟ ମୁଣ୍ଡକାଟ ପରି ଜଘନ୍ୟ ଦଣ୍ଡ ଦେବାର ବ୍ୟବସ୍ଥା ଥିଲା । ଏହାଙ୍କର ଅକାଳ ବିୟୋଗ ପରେ ଏହାଙ୍କ ଅନୁଜ ରଘୁନାଥ ସିଂହାସନ ଆରୋହଣ କରିଥିଲେ । ସମ୍ଭବତଃ ଜଗନ୍ନାଥ ଭଞ୍ଜ ଅପୁତ୍ରିକ ଥିଲେ ।

ଏହି ସମୟରେ ଖୋର୍ଦ୍ଧାରେ ଦିବ୍ୟସିଂହ ଦେବ (ଖ୍ରୀ: ୧୬୮୮ ରୁ ଖ୍ରୀ: ୧୭୧୬) ଗଜପତି ଥିଲେ । ଏହାଙ୍କ ଶାସନ କାଳରେ ଖ୍ରୀ: ୧୬୯୨ରେ ଓଡିଶାର ନବାବ ଏକ୍ରାମ ଖାଁ ପୁରୀ ମନ୍ଦିର ଆକ୍ରମଣ କରିଥିଲା । ଖ୍ରୀ: ୧୬୯୪ ରେ ବାତ୍ୟା ହେବାରୁ ଶ୍ରୀମନ୍ଦିରର ନୀଳଚକ୍ର ଭାଙ୍ଗି ଯାଇଥିଲା । ଖ୍ରୀ: ୧୬୯୫ ରେ ଦୁର୍ଭିକ୍ଷ ହେବାରୁ ଅଗଣିତ ଲୋକ ମରିଥିଲେ ।

ରଘୁନାଥ ଭଞ୍ଜ

ରଘୁନାଥ ଭଞ୍ଜ ଖ୍ରୀ ୧୭୦୦ରେ ସିଂହାସନରେ ବସିଲେ । ସେ ଖ୍ରୀ:ଅ: ୧୭୨୭ ପର୍ଯ୍ୟନ୍ତ ମୋଟ ୨୮ ବର୍ଷ ଶାସନ କରିଥିଲେ । ଏକ ତମ୍ବା ପଟ୍ଟା ସନନ୍ଦରୁ ଜଣାଯାଏ ଯେ ସେ ୨୪ ବର୍ଷରୁ ଉର୍ଦ୍ଧ୍ୱ ଶାସନ କରିଥିଲେ । ସେହି ସନନ୍ଦରେ ଲେଖା ଅଛି ଯେ - 'ରାମ ଲକ୍ଷ୍ମଣ ସୀତା ଗୋସାଇଁଙ୍କ ଶ୍ରୀଚରଣ ଅଗ୍ରତକୁ ଅଶ୍ୱାକରି ସଦାସେବକ ରଘୁନାଥ ଭଞ୍ଜଦେବ ମହାରାଜାଙ୍କର କୋଟି କୋଟି ସତ ସହସ୍ର ଦଣ୍ଡପ୍ରଣାମ ଜଣାଣ ୨୮ ଅଙ୍କ କୁମ୍ଭ ଦି ୨୪ନେ । ଏ ନିମନ୍ତେ ଶ୍ରୀ ଚରଣ ଅଗ୍ରତରେ ଜଣାଇଲୁ । ଛଛଛ 'ରାମ ନମି ପର୍ବ ଜାଠାର୍ଗୀଂର୍ଜନ୍ନ ଅବିସେକ ସରିକି ହୋଇବ ରାବଣ ବର୍ଦ୍ଧ ହେବ ସିୟାହରଣ ନୋହିବ ଛଛଛ ବଡକାଠ ଭୂର୍ଗୀଂଦ ଆଣି ଧକୋଠାରେ ଆଏ ହେବ କେହି କଥା ନକହିବ... ମାଳି ୪ଟଙ୍କା କୋଠରୁ ପାଇବ । ନନା ଓ ନାନୀ ଏଠାରେ ମଠକରୀ ରହୀ ବୋଟିଆ ଆଏ କରିବେ' ।

ଉକ୍ତ ସନନ୍ଦ ଅନୁସାରେ ରଘୁନାଥ ଭଞ୍ଜ ନିଜ ରାଜ୍ୟରେ ପ୍ରଥମ କରି ରାମ ନବମୀ ପୂଜା ନିମିତ୍ତ ଭୂମିଦାନ କରିଥିଲେ । ରଘୁନାଥ ପୁର ବ୍ରାହ୍ମଣ ଶାସନ ବସାଇ ବୀର ଗୋବିନ୍ଦପୁରସ୍ଥ ରଘୁନାଥ ଜୀଉଙ୍କର ସେବା ପୂଜା ନିମିତ୍ତ ବଞ୍ଚୋ ଦଣ୍ଡପାଟର

Digitized by PPRACHIN, SOA

କାଳିଆପାଳ, ସନ୍ତୋଷପୁର ଦଣ୍ଡପାଟର ଧକୋଠା, କରିଲଣ୍ଡା, ରଘୁନାଥପୁର; ଆନନ୍ଦପୁର ଦଣ୍ଡପାଟରୁ କଇଥଗାଡିଆ, ତ୍ରିଲୋଚନପୁର ଦଣ୍ଡପାଟର ବୀରଗୋବିନ୍ଦପୁର ଓ ଗୋହିରା ଗ୍ରାମରେ ମୋଟ ଦାନଭୂମି ୧୮ ବାଟି ୨୨ ମାଣ ୧୨ ବିଶ୍ୱା ଓ ଭିଆଣ ୮ ବାଟି ମୋଟ ୨୬ ବାଟି ୧୨ ମାଣ ଭୂମିଦାନ କରିଥିଲେ। ଏହି ଦତ୍ତ ଭୂମିରୁ ଯେଉଁ ଧାନଟଙ୍କା ଆୟ ହେବ ସେ ସବୁ ରାମନବମୀ ପୂଜା ଓ ଦୈନିକ ସେବାପୂଜାରେ ଖର୍ଚ୍ଚ ହେବ। ଏହିକୋଠରେ ପାଣିଛୁଆଁ ରୟତ ୧୨ ଘର, ଅନ୍ୟାନ୍ୟ ରୟତ (ପ୍ରଜା) ୬୦ ଘର ଓ କାରବାରିଆ ଚାକର ୬ ଘର ସ୍ଥାନିତ କରିବାକୁ ରାଜନିର୍ଦ୍ଦେଶ ଥିଲା।

କେନ୍ଦୁଝର ଇତିହାସର ଅନ୍ୟତମ ଲେଖକ ସ୍ୱର୍ଗତ କ୍ଷେତ୍ରମୋହନ ମିଶ୍ରଙ୍କ ପୁସ୍ତକରୁ ଜଣାଯାଏ ଯେ ଏହାଙ୍କ ପୁତ୍ର ଗୋପିନାଥ ଖ୍ରୀ:ଅ: ୧୬୧୯ ରୁ ଖ୍ରୀ: ୧୬୨୬ ପର୍ଯ୍ୟନ୍ତ ଶାସନ କରିଥିଲେ। ଏକ ଛାମୁଚିଟାଉରୁ ଜଣାଯାଏ ଯେ ରଘୁନାଥ ଭଞ୍ଜ ଖୋର୍ଦ୍ଧା ଗଜପତି ଗୋପିନାଥ ଦେବ (ଖ୍ରୀ: ୧୬୨୦-ଖ୍ରୀ: ୧୬୨୬) ଙ୍କ ଶାସନର ୩ୟ ଅଙ୍କରେ ଅର୍ଥାତ ଖ୍ରୀ: ୧୬୨୨ ରେ ପୁରୀ ଯାଇ ରଥରେ ଦେବଦର୍ଶନ କରିଥିଲେ। ସେଠାରେ ଥିବା ସିଦ୍ଧମଠରେ ପାତ୍ର ହରିଶରଣ ପଟ୍ଟନାୟକଙ୍କ ସହିତ ଅବସ୍ଥାନ କରିଥିଲେ। ରଥଯାତ୍ରା ଦିନ ଗଜପତିଙ୍କ ଅନୁମତିରେ ପଚାଶ ଟଙ୍କା ଦର୍ଶନୀ ଦେଇ ଦେବଦର୍ଶନ କରିଥିଲେ। ଧନୁର୍ଜ୍ଜୟଙ୍କ ଲେଖାରୁ ଜଣାଯାଏ ଯେ ଗୋପିନାଥ ଖ୍ରୀ:ଅ: ୧୬୧୯ରୁ ଖ୍ରୀ: ୧୬୩୬ ପର୍ଯ୍ୟନ୍ତ ଶାସନ କରିଥିଲେ। ଏହି ଦୁଇ ମତଭିତରେ ଥିବା ପାର୍ଥକ୍ୟକୁ ଅନୁଧ୍ୟାନ କଲେ ଜଣାପଡୁଛି ଯେ ସମ୍ଭବତଃ ରଘୁନାଥ ଭଞ୍ଜ ଖ୍ରୀ: ୧୬୦୦ ରୁ ୧୬୨୬ ଓ ତାଙ୍କ ପୁତ୍ର ଗୋପିନାଥ ଖ୍ରୀ: ୧୬୨୬ ରୁ ଖ୍ରୀ: ୧୬୩୬ ପର୍ଯ୍ୟନ୍ତ ଶାସନ କରିଥିଲେ।

ଖ୍ରୀ: ୧୬୨୧ ବେଳକୁ ଓଡିଶାର ମୋଗଲ ସୁବେଦାର ସୁଜାଉଦ୍ଦିନ୍ ମହମ୍ମଦଙ୍କୁ ବିରୋଧ କରିଥିଲେ। ସୁଜାଉଦ୍ଦିନ ତାଙ୍କ ଅଧସ୍ତନ ମୀର୍ଜ୍ଜା ମହମ୍ମଦ ଅଲ୍ଲୀଙ୍କୁ କେନ୍ଦୁଝର ପଠାଇ ରଘୁନାଥଙ୍କୁ ଦମନ କରିଥିଲେ। ମୀର୍ଜ୍ଜା ମହମ୍ମଦ ଅଲ୍ଲୀ ଏଥିପାଇଁ ସୁବେଦାରଙ୍କ ଠାରୁ ମହମ୍ମଦ ଆଲ୍ଲିବର୍ଦ୍ଧି ଖାଁ ନାମରେ ଉପାଧିପ୍ରାପ୍ତ ହୋଇଥିଲେ। ପରେ ଆଲିବର୍ଦ୍ଧି ଖାଁ ବଙ୍ଗର ନବାବ ହୋଇଥିଲେ।

Digitized by PPRACHIN, SOA

ଏ ରାଜା ଦେବବ୍ରାହ୍ମଣ ଭକ୍ତ ଥିଲେ। ନିଜ ନାମରେ କେତେକ ଗ୍ରାମ (ରଘୁନାଥପୁର) ଓ ଆନନ୍ଦପୁରର ଶାଳପଡା ଏବଂ ସାରୁକଣାଠାରେ ଦୁଇଟି ବ୍ରାହ୍ମଣ ଶାସନ ବସାଇଥିଲେ। ଗଞ୍ଜାମ ଜିଲ୍ଲାରୁ ଅଥର୍ବ ବେଦୀ ବ୍ରାହ୍ମଣ ଅଣାଇ ନିଷ୍କର ଜମି ଖଞ୍ଜା ଦେଇ ରଖାଇଥିଲେ। ନିଜ ନାମରେ ଏକ ପୁଷ୍କରିଣୀ ଖନନ କରାଇଥିଲେ। ରଘୁନାଥ ସାଗର ଭାବେ କଥିତ ଏହି ପୁଷ୍କରିଣୀଟି ଉପାଧ୍ୟାପୋଖରୀ ନାମରେ ଖ୍ୟାତ। ଏ ରାଜା ଆନନ୍ଦପୁରର ବୀର ଗୋବିନ୍ଦପୁର ଓ ରାଜନଗରଠାରେ ଦୁଇଗୋଟି ରଘୁନାଥଜୀଉ ମଠ ନିର୍ମାଣ କରିବା ସହିତ ରାଜନଗରଠାରେ ରଘୁନାଥଜୀଉ ମନ୍ଦିର ନିର୍ମାଣ କରିଥିଲେ। ମଠ ମନ୍ଦିର ପାଇଁ ନିଷ୍କର ଜମିବୃତ୍ତି ଖଞ୍ଜିଥିଲେ ମଧ୍ୟ।

ଗୋପିନାଥ ଭଞ୍ଜ

ଗୋପିନାଥ ଭଞ୍ଜ ଖ୍ରୀ:ଅ: ୧୭୨୭ରେ ସିଂହାସନରେ ବସି ଖ୍ରୀ: ୧୭୩୬ ପର୍ଯ୍ୟନ୍ତ ଶାସନ କରିଥିଲେ। ସେ ନିଜ ନାମରେ ଅନେକ ଗୁଡିଏ ଗ୍ରାମ (ଗୋପିନାଥ ପୁର) ବସାଇଥିଲେ। ସେ ବ୍ରାହ୍ମଣ ଭକ୍ତ ଥିବାରୁ ଅନେକ ବ୍ରାହ୍ମଣଙ୍କୁ ନିଷ୍କର ଭୂମି ଦାନ କରିଥିଲେ। ତାଙ୍କର ଦୁଇ ରାଣୀ ଥିଲେ। ପାଟରାଣୀଙ୍କର ତିନିପୁତ୍ର ନୃସିଂହ ନାରାୟଣ, ଚକ୍ରଧର ଓ ଜଗତେଶ୍ୱର। ସାନରାଣୀଙ୍କର ପୁତ୍ର ଧନେଶ୍ୱର । ସେ ରାଜାଙ୍କର ଜ୍ୟେଷ୍ଠପୁତ୍ର ଥିବାରୁ ରାଜାଙ୍କର ଉତ୍ତରାଧିକାରୀ ଭାବେ ସିଂହାସନର ଦାବୀଦାର ଥିଲେ। କିନ୍ତୁ ରାଜବଂଶର ପରମ୍ପରା ଅନୁସାରେ ପାଟରାଣୀଙ୍କର ଜ୍ୟେଷ୍ଠପୁତ୍ର ସିଂହାସନର ପ୍ରକୃତ ଅଧିକାରୀ । ଗୋପିନାଥ ଅନେକ କାରଣରୁ ସାନରାଣୀଙ୍କ ପୁଅ ଧନେଶ୍ୱରଙ୍କୁ ସିଂହାସନରେ ବସାଇବାକୁ ଚାହୁଁଥିଲେ। ଏଥିରେ ପାଟରାଣୀଙ୍କ ପୁଅ କ୍ଷୁବଧ ହୋଇ ରାଜବାଟୀ ଛାଡି କେନ୍ଦୁଝରଗଡ ଠାରୁ ୫ କି:ମି: ଦୂର ନରଣପୁର ଗ୍ରାମକୁ ପଳାଇ ପ୍ରଧାନ ଘରେ ରହିଲେ। ସେଠାରେ ଥାଇ କେତେକ ପ୍ରଜାଙ୍କୁ ଏକାଠି କରି ବିଦ୍ରୋହ କରିବାକୁ ସକବାକ ହେଲେ। ବୃଦ୍ଧ ରାଜା ଏକଥା ଜାଣି ମର୍ମାହତ ହୋଇ ମୃତ୍ୟୁବରଣ କଲେ।

Digitized by PPRACHIN, SOA

ନୃସିଂହ ନାରାୟଣ ଭଞ୍ଜ

ଗୋପିନାଥ ଭଞ୍ଜଙ୍କ ମୃତ୍ୟୁ ହେବାରୁ ଧନେଶ୍ୱର ଭଞ୍ଜଙ୍କୁ ସିଂହାସନରେ ବସାଇବାକୁ ବ୍ରାହ୍ମଣମାନେ ପ୍ରସ୍ତୁତ ହେଲେ। କିନ୍ତୁ ପାଟରାଣୀ ଶାଢୀ ବାନ୍ଧିବାକୁ ଅମଙ୍ଗ ହେଲେ। ଭୂୟାଁମାନେ ମଧ୍ୟ ପାଟରାଣୀଙ୍କି ସମର୍ଥନ ଜଣାଇଲେ। ଭୂୟାଁମାନଙ୍କ ପ୍ରଥା ଅନୁସାରେ ପାଟରାଣୀଙ୍କି ସେମାନେ ନିଜର ଝିଅ ବୋଲି ଭାବନ୍ତି। କାରଣ ପ୍ରଥମ ରାଜା ଜ୍ୟୋତିଭଞ୍ଜଙ୍କୁ ସେମାନେ ନିଜ ଜାତିର ଝିଅଟିଏ ଦେଇଥିଲେ। ତାଙ୍କଆଡୁ ରାଜକୂଳି ଭୂୟାଁମାନେ ଜନ୍ମ ବୋଲି ସେମାନଙ୍କର ଧାରଣା ଅଛି। ସେହିଦିନରୁ ନୂଆରାଜା ସିଂହାସନରେ ବସିଲା ବେଳେ ଭୂୟାଁ ସର୍ଦ୍ଦାର ମାନଙ୍କ ଭିତରୁ ଜଣକ ପିଠିରେ ଚଢି ଅଭିଷିକ୍ତ ହୁଅନ୍ତି। ଏଣୁ ଧନେଶ୍ୱର ସିଂହାସନରେ ବସି ପାରିଲେ ନାହିଁ। ଏଣେ ନୃସିଂହ ଭଞ୍ଜ ଯୋଦ୍ଧାବେଶରେ ଗଡରେ ପଶିଲେ। ବ୍ରାହ୍ମଣମାନେ ଧନେଶ୍ୱରଙ୍କୁ ସମର୍ଥନ କରୁଥିବାରୁ ନୃସିଂହ ଭଞ୍ଜଙ୍କ ବିରୋଧ କଲେ। ନୃସିଂହ ଉତ୍ୟକ୍ତ ହୋଇ ୫ ଜଣ ବ୍ରାହ୍ମଣଙ୍କୁ ହତ୍ୟାକରି ଖ୍ରୀ:ଅ: ୧୭୩୬ରେ ସିଂହାସନରେ ବସିଲେ। ସେ ଖ୍ରୀ: ୧୭୫୭ ପର୍ଯ୍ୟନ୍ତ ମୋଟ ୨୦ ବର୍ଷ ୮ ମାସ ଶାସନ କରିଥିଲେ। ଏହାଙ୍କ ଶାସନ କାଳରେ ମୟୁରଭଞ୍ଜର ରାଜା ରଘୁନାଥ ଭଞ୍ଜ ଅପୁତ୍ରିକ ହୋଇ ଖ୍ରୀ:ଅ: ୧୭୫୦ରେ ମୃତ୍ୟୁ ମୁଖରେ ପଡିବାରୁ ନୃସିଂହ ଭଞ୍ଜଙ୍କ ମଧ୍ୟମ ସହୋଦର ଚକ୍ରଧର ଭଞ୍ଜ ପୋଷ୍ୟପୁତ୍ର ଭାବେ ମୟୁର ଭଞ୍ଜ ସିଂହାସନରେ ବସିଥିଲେ। ସେ ଖ୍ରୀ: ୧୭୬୧ ରେ ମୃତ୍ୟୁବରଣ କରିଥିଲେ।

ସିଂହାସନ ଦଖଲ କରିବା ସମୟରେ ସେ ପାଞ୍ଚଜଣ ବ୍ରାହ୍ମଣଙ୍କୁ ହତ୍ୟା କରିଥିବାରୁ ଅନୁତପ୍ତ ହେଲେ। ବ୍ରହ୍ମହତ୍ୟା ଦୋଷରୁ ମୁକ୍ତ ହେବା ପାଇଁ ମାଉସୀ ମା' ମନ୍ଦିର ବେଢାରେ ପଞ୍ଚବକ୍ତ୍ର ମନ୍ଦିର ନିର୍ମାଣ କରିଥିଲେ ଓ ଏକ ବ୍ରାହ୍ମଣ ଶାସନ ବସାଇଥିଲେ ତାଙ୍କ ଶାସନର ୧୦ମ ଅଙ୍କ ଅର୍ଥାତ୍ ଖ୍ରୀ: ୧୭୪୪ ମସିହାରେ। ଛକଡି ମିଶ୍ର, ବିନାୟକ ମିଶ୍ର, ହରିମାଟିଆ, ସଦାଶିବ ମିଶ୍ର, ତ୍ରିଲୋଚନ ମିଶ୍ର, ପଦ୍ମନାଭ ନନ୍ଦ, ଅନାମ ମହାପାତ୍ର, ବାମ୍‌ଦେବ ମିଶ୍ର, କିଶିନି ଦାସ ଓ ବିନାୟକ ଦାସ ଆଦି ୧୦ ଜଣ ବ୍ରାହ୍ମଣଙ୍କୁ ଏହିଦାନ ବିଚ୍ଛାମାସ ୨୫ ଦିନ ମାର୍ଗଶିର ମାସ ଶୁକ୍ଳ ତ୍ରୟୋଦଶୀ ସିଦ୍ଧଯୋଗ ବୁଧବାର ଦିନ ଇଂରାଜୀ ତା ୧୬/୧୨/୧୭୪୪ରେ ଅର୍ପିତ ହୋଇଥିଲା। ଏହାଙ୍କ ସମୟରେ ଦଣ୍ଡଦେବୀ ପୂଜା ଆରମ୍ଭ ହେଲା। ଏ ଦେବୀଙ୍କର ପାର୍ବଣ ପୂଜା ସମୟରେ ନରବଳି ଦେବାର ବିଧି ଥିଲା।

❖❖

Digitized by PPRACHIN, SOA

ମରହଟ୍ଟା ଶାସନ:
(ଖ୍ରୀ:୧୭୫୧ - ଖ୍ରୀ:୧୮୦୩)

ମୋଗଲ ସମ୍ରାଟ ଆଉରଙ୍ଗଜେବ୍‌ଙ୍କ ମୃତ୍ୟୁପରେ ଭାରତରେ ମରହଟ୍ଟାମାନେ ମୁଣ୍ଡ ଟେକିଲେ। ସେମାନେ ଧୀରେ ଧୀରେ ମୋଗଲ ମାନଙ୍କୁ ହରାଇ ସେମାନଙ୍କ ଶାସିତ ରାଜ୍ୟକୁ ନିଜ ଶାସନରେ ରଖିଲେ। ତା ୧୯/୦୪/୧୭୪୨ ରେ ମରହଟ୍ଟା ସେନାପତି ଭାସ୍କର ପଣ୍ଡିତ ବାରବାଟି ଦୁର୍ଗ ଦଖଲ କଲେ। ଓଡିଶାର ନାଏବ ସୁବାଦାର ମସୁମ ଖାଁ ପଳାୟନ କଲେ।

ଖ୍ରୀ:ଅ: ୧୭୫୧ରେ ମରହଟ୍ଟାମାନେ ଓଡିଶା ଦଖଲ କଲେ। ମୋଗଲ ମାନଙ୍କୁ ନିପାତ କରି ଓଡିଶାର ସମସ୍ତ ଗଡଜାତର ରାଜାମାନଙ୍କ ସହିତ ସମ୍ପର୍କ ରଖିଲେ। ଯେଉଁ ରାଜାମାନେ ମରହଟ୍ଟା ଶାସକଙ୍କୁ ପେସକିସ୍ ବା ଖଜଣା ଦେବାକୁ ରାଜିହେଲେ ସେମାନେ ମରହଟ୍ଟାଙ୍କର ମିତ୍ରରାଜ୍ୟ ହୋଇ ରହିଲେ। ଯେଉଁମାନେ ପେସକିସ୍ ଦେବାକୁ ଅମଙ୍ଗ ହେଲେ ମରହଟ୍ଟା ସୈନ୍ୟମାନେ ସେମାନଙ୍କ ରାଜ୍ୟ ଲୁଣ୍ଠନ କଲେ। ଏହି କାଳରେ (ଖ୍ରୀ ୧୭୫୫) ମରହଟ୍ଟା ସେନାପତି ଜାନୁଜୀ ଭୋନସଲା କେନ୍ଦୁଝର ଆକ୍ରମଣ କରିବାରୁ ରାଜା ନୃସିଂହ ନାରାୟଣ ଭଞ୍ଜ ରାଜଦୁର୍ଗ ଛାଡି ଜଙ୍ଗଲରେ ଆତ୍ମଗୋପନ କଲେ। ମରହଟ୍ଟା ମାନଙ୍କ ସହିତ ସାଲିସ କରି ଧନେଶ୍ୱର ଭଞ୍ଜ ସିଂହାସନ ଦଖଲ କରିବାକୁ ଯୋଜନା କଲେ। ଖବରପାଇ ନୃସିଂହ ଭଞ୍ଜ ମରହଟ୍ଟା ମାନଙ୍କୁ ବାର୍ଷିକ ବାରହଜାର କାହାଣ କଉଡି ପେସକିସ୍ ଦେବାକୁ ସନ୍ଧି ସ୍ୱାକ୍ଷର କଲେ। ଏଥିରେ ଉତ୍ତେଜିତ ହୋଇ ମାଛରାଦୁର୍ଗର ମୋଗଲ ପ୍ରଶାସକ ଗଫର ଖାଁ କେନ୍ଦୁଝର ଆକ୍ରମଣ କଲେ। ପଣ୍ଡୁଆ ଅନ୍ତର୍ଗତ ମାଛରା ବା ପଞ୍ଚରା ଦୁର୍ଗଟି ମୋଗଲ ଅଧୀନରେ ଥିଲା। ରାଜା ଲକ୍ଷ୍ମୀନାରାୟଣ ଭଞ୍ଜଙ୍କ ଶାସନ କାଳରେ ଖ୍ରୀ: ୧୬୬୧ରେ ଏହି ଦୁର୍ଗଟିକୁ ଖାନ୍-ଇ-ଦୁରାନି ଦଖଲ କରିନେଇଥିଲେ। ନୃସିଂହ ନାରାୟଣ ଭଞ୍ଜ ଏହି ଦୁର୍ଗକୁ ଆକ୍ରମଣ କରି ଅଧିକାର କରିନେଲେ। ମୋଗଲ ବାହିନୀଠାରୁ ଗୋଟିଏ ଶକ୍ତିଶାଳି ତୋପ ଛଡାଇ ନେବା ସହ ନୃସିଂହ ନାରାୟଣ ଭଞ୍ଜ କେନ୍ଦୁଝରରୁ ମୋଗଲ ଶାସନ ହଟାଇ ଦେଲେ।

Digitized by PPRACHIN, SOA

କାମେଶ୍ୱର ଭଞ୍ଜ

ନୃସିଂହ ନାରାୟଣ ଭଞ୍ଜଙ୍କ ମୃତ୍ୟୁପରେ କାମେଶ୍ୱର ଖ୍ରୀ: ୧୭୫୭ରେ ସିଂହାସନରେ ବସିଥିଲେ। ଖ୍ରୀ: ୧୭୫୮ରେ ତାଙ୍କର ଅକାଳ ବିୟୋଗ ହେଲା। ସେ ମାତ୍ର ୧ ବର୍ଷ ୪ ମାସ ଶାସନ କରିଥିଲେ। ଏହାଙ୍କ ସମୟରେ ଜୟନ୍ତୀଗଡର ସିଂହବଂଶୀ ରାଜା କେନ୍ଦୁଝରର ଚମ୍ପୁଆ ଅଞ୍ଚଳକୁ ଦଖଲ କରିନେବାକୁ ଚାହିଁଥିଲେ। ସଂସ୍କୃତ ନାଟକ 'ଭଞ୍ଜମହାଦୟମ୍'ରେ ଉଲ୍ଲେଖ ଅଛି ଯେ, ରାଜା କାମେଶ୍ୱର ଜୟନ୍ତୀଗଡର ସିଂହବଂଶକୁ ଧ୍ୱଂସ କରିଥିଲେ। ସାଉଁତି ମାନଙ୍କ ଦ୍ୱାରା ବୋଲାଯାଉଥିବା ଏକ ଚାଙ୍ଗୁଗୀତରୁ ଜଣାଯାଏ ଯେ, ଏହି ଯୁଦ୍ଧରେ ଉଦୟପୁର ଦଣ୍ଡପାଟରେ ଥିବା ମୁଷାଖୋରୀର ବିଶ୍ୱମ୍ଭର ମହାପାତ୍ର ଓ ଭକ୍ତ ବିଷୋଇ କାମେଶ୍ୱରଙ୍କୁ ସାହାଯ୍ୟ କରିଥିଲେ। ରାମଲା ଗ୍ରାମରେ ଏକ ଭୟଙ୍କର ଯୁଦ୍ଧ ହେଲା। ସିଂହ ରାଜାଙ୍କର ବହୁ କୋହ୍ଲ ସୈନ୍ୟଙ୍କୁ କେନ୍ଦୁଝର ସୈନ୍ୟମାନେ ବିନାଶ କରିଥିଲେ। ଶେଷରେ ସିଂହରାଜା ମଧ୍ୟ ନିହତ ହେଲେ। ସିଂହଭୂମିର ସାରନ୍ଦା ପର୍ଯ୍ୟନ୍ତ କେନ୍ଦୁଝରର ସୀମା ସ୍ଥିର ହେଲା। ଏ ରାଜା ଅପୁତ୍ରିକ ହୋଇ ମୃତ୍ୟୁଲାଭ କଲେ। ଖ୍ରୀ: ୧୭୫୭ରେ ସେ ସୁଆମ ପାଟଣା ଠାରେ ନିଜ ନାମରେ ଏକ ବ୍ରାହ୍ମଣ ଶାସନ ବସାଇଥିଲେ।

ଜଗତେଶ୍ୱର ଭଞ୍ଜ

କାମେଶ୍ୱରଙ୍କର ଅକାଳ ବିୟୋଗ ପରେ ଏହାଙ୍କ ପିତୃବ୍ୟ ଅର୍ଥାତ ନୃସିଂହ ନାରାୟଣଙ୍କ ସାନଭାଇ ଜଗତେଶ୍ୱର ଭଞ୍ଜ ଖ୍ରୀ: ୧୭୫୮ଅରେ କେନ୍ଦୁଝରର ରାଜା ହେଲେ। ସେ ବେଶିଦିନ ଶାସନ କରିପାରିଲେ ନାହିଁ, ଖ୍ରୀ: ୧୭୬୨ରେ ମୃତ୍ୟୁଲାଭ କଲେ। ସେ ମୋଟ ଚାରିବର୍ଷ ତିନିମାସ ଶାସନ କରିଥିଲେ। ଏ ରାଜା ଜଣେ ସୁକବି ଥିଲେ। ଏହାଙ୍କ ରଚିତ 'ଅଶ୍ୱଶାସ୍ତ୍ର' ଓ 'ମନ୍ଦୋଦରୀ କୋଇଲି' ନାମକ ଦୁଇଖଣ୍ଡ ପୁସ୍ତକ ଦେଖିବାକୁ ମିଳୁଅଛି।

Digitized by PPRACHIN, SOA

ପ୍ରତାପ ବଳଭଦ୍ର ଭଞ୍ଜ (ପ୍ରଥମ)

ରାଜା ଜଗତେଶ୍ୱର ଭଞ୍ଜଙ୍କ ଅକାଳ ମୃତ୍ୟୁପରେ ଏହାଙ୍କ ପୁତ୍ର ବଳଭଦ୍ର ଭଞ୍ଜ ଖ୍ରୀ: ୧୬୬୨ରେ ସିଂହାସନରେ ବସିଲେ। ସେ ଖୁବ୍ ବୀର ଓ ପ୍ରଜାବତ୍ସଳ ଥିବାରୁ ତାଙ୍କୁ ପ୍ରତାପ ବଳଭଦ୍ର ବୋଲି କୁହାଯାଏ। ଏ ରାଜା ଖ୍ରୀ; ୧୬୯୭ ପର୍ଯ୍ୟନ୍ତ ମୋଟ ୩୪ ବର୍ଷ ୧୧ମାସ ଶାସନ କରିଥିଲେ।

ଏହାଙ୍କ ଶାସନ କାଳରେ କେନ୍ଦୁଝରର ଗୌରବ ଓ ରାଜ୍ୟର ସୀମା ବଢିଥିଲା। ସେ ନିଜ ସୈନ୍ୟ ବାହିନୀକୁ ବହୁସଂଖ୍ୟାରେ ବଢାଇ ଦେଇଥିଲେ। ଏହାଙ୍କ ଅମଳରେ ସୈନ୍ୟସଂଖ୍ୟା ୩୨,୦୦୦ ରୁ ୫୨,୦୦୦ କୁ ବଢିଯାଇଥିଲା। ଏହାଙ୍କ ସାନଭାଇ ବାମଦେବ ଭଞ୍ଜ ବାମଣ୍ଡା ରାଜକନ୍ୟାଙ୍କୁ ବିବାହ କରିଥିଲେ। ନିଜ ପୁତ୍ର ଜନାର୍ଦ୍ଦନ ଭଞ୍ଜଙ୍କୁ ପାଲଲହଡାର ରାଜକନ୍ୟାଙ୍କ ସହିତ ବିବାହ କରାଇଥିଲେ।

ସୋସ, ତେଙ୍ଗା, ବାଲିବରେଇ ଓ ଟିଲୋ ଜମିଦାରୀ କ୍ରୟ:

ରାଜା ବଳଭଦ୍ର, ସନ ୧୧୯୧ ସାଲ ଅର୍ଥାତ୍ ଖ୍ରୀ: ୧୬୮୪ରେ ଏହି ତିନିଗୋଟି ଜମିଦାରୀକୁ ମରହଟ୍ଟା ମାନଙ୍କଠାରୁ କିଣିନେଲେ। ଖ୍ରୀ: ୧୬୪୧ ବେଳକୁ ବଙ୍ଗର ନବାବ ଆଲିବର୍ଦ୍ଦି ଖାଁଙ୍କ ସେନାପତି ମୀର୍ କାସିମ୍ ସୋସ ଠାରେ ଏକ ମୋଗଲ ଛାଉଣୀ ସ୍ଥାପନ କରିଥିଲେ। ଏହା ଏକ ଘଞ୍ଚ ଅରଣ୍ୟ ସଙ୍କୁଳ ସ୍ଥାନଥିଲା। ଖ୍ରୀ: ୧୬୪୨ ବେଳକୁ ମରହଟ୍ଟା ସେନାପତି ଭାସ୍କର ପଣ୍ଡିତ ଏହି ଛାଉଣୀ ଶିବିରକୁ ଅଧିକାର କରିନେଲେ। ମରହଟ୍ଟାମାନେ ଏହିଠାରେ ଦୀର୍ଘକାଳ ଅବସ୍ଥାନ କରିଥିଲେ। ସେମାନଙ୍କ ପାନୀୟ ସକାଶେ ଏକ ବୃହତ ପୁଷ୍କରିଣୀ ମଧ୍ୟ ଖୋଳାଇଥିଲେ। ଏବେ ଏହାକୁ ଲୋକେ ନାଗେଶ୍ୱର କହନ୍ତି। ସେତେବେଳକୁ ଏଠାରେ ଭୂୟାଁ, ନହରା, ସାନ୍ତାଳ ଜାତିର ଲୋକେ ଅବସ୍ଥାନ କରୁଥିଲେ। ପରେ ଖଣ୍ଡାୟତ ଓ ମୁସଲମାନ ଜାତିର ଲୋକେ ଅବସ୍ଥାନ କଲେ।

ତେଙ୍ଗା ଅଧିକୃତ ହେବା ବେଳକୁ ଏହି ଜମିଦାରୀର ଜମିଦାର ଥିଲେ ଏକ ବ୍ରାହ୍ମଣ ପରିବାର। ଏମାନଙ୍କ କୌଳିକ ସଂଜ୍ଞାଥିଲା ପାଣିଗ୍ରାହୀ। ମରହଟ୍ଟା ଅଧୀନସ୍ଥ ହେବାବେଳକୁ ଏମାନେ ଚୌଧୁରୀ ଉପାଧିପ୍ରାପ୍ତ ହୋଇଥିଲେ। ୧୬୮୪ ବେଳକୁ

Digitized by PPRACHIN, SOA

ଦୟା ଚୌଧୁରୀ ଜମିଦାରଥିଲେ। ତେଙ୍କା ମରହଟ୍ଟା ମାନଙ୍କଠାରୁ କେନ୍ଦୁଝର ରାଜ୍ୟର ଅଧିକାରଭୁକ୍ତ ହେବାରୁ ଦୟା ଚୌଧୁରୀ ବିଦ୍ରୋହ କଲେ। କେନ୍ଦୁଝର ରାଜା ବଳଭଦ୍ର ଭଞ୍ଜ ଏହି ବିଦ୍ରୋହୀ ଜମିଦାରଙ୍କୁ କୌଶଳରେ ହତ୍ୟା କଲେ। ଏହାଙ୍କ ଗର୍ଭବତୀ ବିଧବା ପତ୍ନୀ ଶରଣାର୍ଥୀ ହେବାରୁ ପରେ ଏହାଙ୍କ ନାବାଳକ ପୁତ୍ର ଗୋପିନାଥଙ୍କୁ ଭ୍ରମରବର ଉପାଧିଦେଇ ତେଙ୍କାର ଜମିଦାର ଭାବେ ସ୍ୱୀକୃତି ଦେଲେ। ଏହିକାଳରେ ତେଙ୍କାର ଆରାଧ୍ୟ ଦେବୀ (କୂଳଦେବୀ)ଙ୍କୁ ଗୁପ୍ତରେ ବାଲିବରେଇକୁ ସ୍ଥାନାନ୍ତରିତ କରିଦିଆଯାଇଥିଲା। ଗୃହ ଦେବତା ଶ୍ରୀ ଦଧିବାମନ କେନ୍ଦୁଝର ସୈନ୍ୟଙ୍କ ଦ୍ୱାରା ଅଧିକୃତ ହୋଇ ଆନନ୍ଦପୁର ଦଧିବାମନଜୀଉ ମନ୍ଦିର ବେତାରେ ସ୍ଥାନିତ ହୋଇଥିଲେ। ତେଙ୍କା ଓ ବାଲିବରେଇ ମିଶି ମୋଟ ୨୮ ଖଣ୍ଡ ଗ୍ରାମଥିଲା। ତେଙ୍କା ଜମିଦାର ବାରମ୍ବାର ଅଭିଯୋଗ କରିବାରୁ ଏଥିରେ ମାତ୍ର ୫ ଖଣ୍ଡ ଗ୍ରାମ ରଖି ତେଙ୍କାକୁ ଏକ ସ୍ୱତନ୍ତ୍ର ଜମିଦାରୀର ମାନ୍ୟତା ଦିଆଗଲା। ଟିଲୋ ଜମିଦାରିରେ ୧୨ ଖଣ୍ଡ ମୌଜାଥିଲା। ପରେ ଏହା ଏକ ଦଣ୍ଡପାଟର ମାନ୍ୟତା ପାଇଥିଲା।

ମରହଟ୍ଟା ମାନଙ୍କ ସହିତ ଯୁଦ୍ଧ: (ଖ୍ରୀ: ୧୭୮୦ ମେ ରୁ ୧୭୮୧ ମାର୍ଚ୍ଚ):

ମରହଟ୍ଟାମାନେ ଓଡିଶାର ଗଡଜାତ ରାଜା ମାନଙ୍କୁ ଅନେକ ସମୟରେ ହଇରାଣ କରୁଥିଲେ। କର ଖଜଣା ନେବା ସହିତ ମନଇଚ୍ଛା ଗାଁ ଗହଳରେ ପଶି ବର୍ଗୀ (ମରହଟ୍ଟା ସୈନ୍ୟ) ମାନେ ଅତ୍ୟାଚାର ଚଳାଇଥିଲେ। ମରାଠା ପ୍ରଶାସକ ରାଜାରାମ୍ ପଣ୍ଡିତଙ୍କ ନିର୍ଦ୍ଦେଶରେ ବର୍ଗୀମାନେ ଢେଙ୍କାନାଳ ରାଜ୍ୟରେ ପଶି ସେହିଭଳି ଅତ୍ୟାଚାର କଲେ। ଢେଙ୍କାନାଳ ରାଜା ଏହି ଅତ୍ୟାଚାରରୁ ମୁକ୍ତି ପାଇବାପାଇଁ କେନ୍ଦୁଝର, ବାମଣ୍ଡା ଓ ପାଲଲହଡାର ରାଜାମାନଙ୍କୁ ସାହାଯ୍ୟ ମାଗିଲେ। ସବୁ ରାଜା ମିଶି ମରହଟ୍ଟାମାନଙ୍କୁ ଖ୍ରୀ: ୧୭୮୦ ମସିହାରେ ମୋଟଗ୍ରୀ ନାମକ ସ୍ଥାନରେ ଏକ ଯୁଦ୍ଧରେ ପରାଜିତ କଲେ। ଢେଙ୍କାନାଳ ଯୁଦ୍ଧରେ ବିଜୟୀ ହେଲା। ଢେଙ୍କାନାଳ ଯୁଦ୍ଧରେ ବିଜୟୀ ହେବାରୁ ମରହଟ୍ଟା ସେନାପତି ଚିମନଜୀ କେନ୍ଦୁଝର ରାଜାଙ୍କ ସହିତ ସନ୍ଧିକରି ଯୁଦ୍ଧରୁ ଓହରାଇ ଦେଲେ। ତା ୧୯/୧୨/୧୭୮୦ ରେ ମରହଟ୍ଟା ବାହିନୀ କେନ୍ଦୁଝରର ସାହାଯ୍ୟ ନେଇ ଢେଙ୍କାନାଳ ଆକ୍ରମଣ କଲେ। ଖ୍ରୀ: ୧୭୮୧ ମସିହା ଜାନୁଆରୀ ୨୮ ତାରିଖ ବେଳକୁ ଢେଙ୍କାନାଳ ଗଡ ଅବରୋଧ କଲେ। ମାର୍ଚ୍ଚ ମାସ ବେଳକୁ ଢେଙ୍କାନାଳ ପରାଜିତ ହୋଇ ମରହଟ୍ଟା ମାନଙ୍କର ଦାବୀ ମାନିବାକୁ ବାଧ୍ୟ

Digitized by PPRACHIN, SOA

ହୋଇଥିଲା । ସର୍ତ୍ତ ଅନୁସାରେ ମରହଟ୍ଟା ମାନଙ୍କୁ ରାଜା ୨୦,୦୦୦ ଖଣ୍ଡାୟତ ସୈନ୍ୟ ସାହାଯ୍ୟ ଦେଇଥିଲେ। ଏହି ସୈନ୍ୟମାନଙ୍କୁ ଧରି ଚିମନଜୀ ବଙ୍ଗ ଆକ୍ରମଣ କରିବାକୁ ଚାଲିଗଲେ।

ଢେଙ୍କାନାଳ ସହିତ ଯୁଦ୍ଧ: (ଖ୍ରୀ: ୧୭୮୧):

ପୂର୍ବରୁ ଢେଙ୍କାନାଳ ରାଜ୍ୟ କେନ୍ଦୁଝର ଅଧୀନରେ ଥିଲା । ଢେଙ୍କାନାଳ କେନ୍ଦୁଝରକୁ କର ଖଜଣା ମଧ୍ୟ ଦେଉଥିଲା । ଜଗନ୍ନାଥ ଭଞ୍ଜଙ୍କ ଶାସନ କାଳରେ ଢେଙ୍କାନାଳ ସ୍ୱାଧୀନ ହୋଇ ଯାଇଥିଲା ।

ଢେଙ୍କାନାଳ ମରହଟ୍ଟା ଯୁଦ୍ଧରେ ଢେଙ୍କାନାଳ ରାଜା ତ୍ରିଲୋଚନ ମହୀନ୍ଦ୍ର ବାହାଦୂର (ଖ୍ରୀ: ୧୭୭୨ ରୁ ୧୭୯୫) ପରାଜିତ ହେବାପରେ ନିଜ ଇଲାକାର କେତେକ ଜମିଦାରଙ୍କ ଉପରେ ଅତ୍ୟାଚାର ଚଳାଇଲେ। ଥମ୍ବ ସଞ୍ଚକ ହଦଗଡ ଜମିଦାର ତ୍ରିଲୋଚନଙ୍କ କୋପର ଶିକାର ହେଲେ । ହଦଗଡ ଜମିଦାର ନିର୍ଯ୍ୟାତିତ ହୋଇ କେନ୍ଦୁଝର ରାଜାଙ୍କ ଶରଣ ପଶିଲେ। କେନ୍ଦୁଝର ରାଜା ପ୍ରତାପ ବଳଭଦ୍ର ଭଞ୍ଜ ଦୂତ ପଠାଇ ହଦଗଡ ଜମିଦାରଙ୍କ କ୍ଷତିପୂରଣ ଦେବାକୁ କହିଲେ। ଢେଙ୍କାନାଳ ରାଜା ଅରାଜି ହେବାରୁ ଢେଙ୍କାନାଳ କେନ୍ଦୁଝର ଯୁଦ୍ଧ ହୋଇଥିଲା ।

କେନ୍ଦୁଝରର ସୈନ୍ୟମାନେ ଢେଙ୍କାନାଳର ପଳାଶୁଣିଗଡ ଅବରୋଧ କଲେ । ଗଡକୁ ପୋଡିଦେଲେ। ସେଠାକାର ଆରାଧ୍ୟ ଦେବତା ଶ୍ରୀ ଦଧିବାମନ ଜୀଉଙ୍କ ଚତୁର୍ଦ୍ଧା ମୂର୍ତ୍ତିକୁ ନେଇଆସିଲେ। ହୁଣ୍ଡାଦଣ୍ଡପାଟର ପାଇକମାନେ ଏହି ଠାକୁରଙ୍କୁ ଆଣିଥିବାରୁ ଅଦ୍ୟାବଧି ହୁଣ୍ଡା ଗ୍ରାମରେ ଏ ଠାକୁର ପୂଜା ପାଉଅଛନ୍ତି । ଏହାପରେ କେନ୍ଦୁଝର ବାହିନୀ ସୌରିକ ବିଷୟ ଅନ୍ତର୍ଗତ ହଦଗଡ ଆଡକୁ ଅଗ୍ରସର ହେଲେ । ଏହିକାଳରେ ସୁକିନ୍ଦା ଜମିଦାରଙ୍କ ମଧ୍ୟସ୍ଥତାରେ ଉଭୟ ପକ୍ଷ ମଧ୍ୟରେ ସନ୍ଧି ହେଲା । ସାଆନ୍ତ ମୁଣ୍ଡି ଘାଟିଠାରେ ଉଭୟପକ୍ଷ ସଙ୍ଗୀତ ବସି ଏହାକୁ ନିଜ ନିଜ ରାଜ୍ୟର ସୀମା ଭାବରେ ଗ୍ରହଣ କଲେ। ଥମ୍ବ ଜମିଦାର ଆଉ ଢେଙ୍କାନାଳ ଅଧୀନରେ ରହିବାକୁ ଚାହିଁଲେ ନାହିଁ। ତେଣୁ ଥମ୍ବ ଜମିଦାରଙ୍କୁ ସନ୍ତୁଷ୍ଟ କରିବାକୁ ସମଗ୍ର ହଦଗଡ ଜମିଦାରୀର ୨୭ କୋଶ ଅଞ୍ଚଳରୁ ମାତ୍ର ପାଞ୍ଚକୋଶ ପରିମିତ ଇଲାକାକୁ ଢେଙ୍କାନାଳ ରାଜା ଦେବାକୁ ରାଜିହେଲେ। ଥମ୍ବ ପରିବାର ଏହି ଅଞ୍ଚଳରେ ଥିବା ୨୨ ଖଣ୍ଡ ମୌଜାକୁ ନେଇ କେନ୍ଦୁଝର ରାଜାଙ୍କ ଅଧୀନରେ ଶାନ୍ତିରେ ରହିଲେ। ପୂର୍ବେ ଏହି

Digitized by PPRACHIN, SOA

ଇଲାକା କାଳିଆ ନାୟକ ନାମଧାରୀ ଏକ ଗଣ୍ଡ ସର୍ଦ୍ଦାର ଅଧୀନରେ ଥିଲା । କେନ୍ଦୁଝର ତେଙ୍କାନାଳ ଯୁଦ୍ଧପରେ ଏହି ଅଞ୍ଚଳଟି କେନ୍ଦୁଝରରୁ କାଳିଆହତା ଜମିଦାରୀ ଭାବେ ସ୍ୱୀକୃତ ହେଲା । ଏହାବ୍ୟତୀତ ନୂଆଗଡ ଓ କୃଷ୍ଣପୁରଗଡ଼ ମଧ୍ୟ କେନ୍ଦୁଝର ରାଜାଙ୍କ ଅଧୀନକୁ ଆସିଲା ।

ବାମଣ୍ଡା ସହିତ ଯୁଦ୍ଧ:(ଖ୍ରୀ: ୧୭୮୪ ମାର୍ଚ୍ଚ):

ବାମଣ୍ଡାର ରାଜା ପ୍ରତାପରୁଦ୍ର ଦେବଙ୍କ ଶାସନ କାଳରେ ମରହଟ୍ଟା ସୁବାଦାର ରାଜାରାମ ପଣ୍ଡିତ ବାମଣ୍ଡା ଆକ୍ରମଣ କରିଥିଲା । କେନ୍ଦୁଝରର ରାଜା ପ୍ରତାପ·ବଳଭଦ୍ର ଭଞ୍ଜଙ୍କ ସାହାଯ୍ୟନେଇ ବାମଣ୍ଡା ମରହଟ୍ଟା ମାନଙ୍କ ସହିତ ଯୁଦ୍ଧକରି ବିଜୟ ହାସଲ କଲା । ଏହାପରେ କେନ୍ଦୁଝର ରାଜା ପ୍ରତାପ ବଳଭଦ୍ରଙ୍କ ସାନଭାଇ ବାମଦେବଙ୍କ ସହିତ ବାମଣ୍ଡା ରାଜକନ୍ୟାଙ୍କର ବିବାହ ସ୍ଥିର ହୋଇଥିଲା । ବାମଦେବ ବାମଣ୍ଡାକୁ ବାହାହେବାକୁ ଗଲେ । ସେଠାରେ ଏକ ସାମାନ୍ୟ ଘଟଣାରେ ବାମଦେବ ରାଗିଗଲେ । ବାହାଘର ସରିଲା । ବାମଦେବ ରାଜ୍ୟକୁ ଫେରି ବଡଭାଇଙ୍କି ସବୁକଥା କହିଲେ । ଚାହୁଁ ଚାହୁଁ ଯୁଦ୍ଧ ବାଦ୍ୟ ବାଜିଉଠିଲା । ବାମଣ୍ଡା ରାଜା ବି ଅବୁଝା ଧରିଲେ । ୩ଦିନ କାଳ ଘମାଘୋଟ ଯୁଦ୍ଧ ଲାଗିଲା । ରାଜା ସୁତଳଦେହ ହାରିଲେ । ରାଜା ପ୍ରତାପ ବଳଭଦ୍ର ବାରକୋଟ ଅଞ୍ଚଳକୁ ରଖି ବାକିତକ ବାମଦେବଙ୍କ ଶାଳକ ହାତକୁ ଫେରାଇଦେଲେ । ଏହି ଯୁଦ୍ଧରେ କେନ୍ଦୁଝରକୁ ସୁକିନ୍ଦା, ଆମ୍ବୋ, ତେଙ୍ଗା, ଦାସପୁର, କଣ୍ଟାଝରୀ, ଲହଡା, ବାମନଘାଟି ଓ ପଚ୍ଛିକୋଟର ସାମନ୍ତମାନେ ସାହାଯ୍ୟ କରିଥିଲେ ।

ଯୁଝପଦା ଓ ରାଛିପୁର କ୍ରୟ:

ଖ୍ରୀ:ଅ: ୧୭୫୧ରେ କଣ୍ଟାଝର ଜମିଦାର କେନ୍ଦୁଝର ରାଜା ନୃସିଂହ ନାରାୟଣ ଭଞ୍ଜଙ୍କ ଠାରୁ କରଜ ନେଇଥିଲେ । ସେହି ଟଙ୍କାର ସୁଧ ବାବଦକୁ ଯୁଝପଦା ଓ ରାଛିପୁର ଜମିଦାରୀ ଦୁଇଟିକୁ ରାଜା ବଳଭଦ୍ର ଭଞ୍ଜଙ୍କୁ ଖ୍ରୀ:ଅ: ୧୭୯୧ରେ କବଲା କରିଦେଲେ । କ୍ରୟ କରିସାରି ଏହି ଦୁଇ ଜମିଦାରୀକୁ ଯୁଝପଦା ଦଣ୍ଡପାଟରେ ନାମିତ କଲେ । ଭଞ୍ଜ ମହୋଦୟଙ୍କ୍ର ବର୍ଣ୍ଣନା ଅନୁସାରେ ସୁକିନ୍ଦାରାଜାଙ୍କଠାରୁ ଯୁଦ୍ଧରେ ଜିଣି ରାଛିପୁର ଅଧିକାର କରିଥିଲେ । ଏଥିରେ ତିନିଗୋଟି ମୁଖ୍ୟ ବସ୍ତି ଥିଲା । ଏହାର ପଧାନ ଜଣେ ତେଲି ଥିଲେ ।

Digitized by PPRACHIN, SOA

ପାଲଲହଡା ଅଧିକାର:

ଖ୍ରୀ:ଅ: ୧୭୯୪ରେ ପାଲଲହଡାର ରାଜା ମୁନିପାଳଙ୍କର କନ୍ୟା କୃଷ୍ଣପ୍ରିୟାଙ୍କୁ ରାଜା ବଳଭଦ୍ରଙ୍କ ପୁତ୍ର ଜନାର୍ଦ୍ଦନ ବିବାହ କଲେ। ପାଲଲହଡା ରାଜା ଅପୁତ୍ରିକ ଥିବାରୁ ଜମିଦାରୀଟିକୁ ଜନାର୍ଦ୍ଦନ ଭଞ୍ଜଙ୍କୁ ଯୌତୁକ ଭାବେ ଦାନକଲେ। ଫଳରେ ପାଲଲହଡା ଉପରେ ମଧ୍ୟ ବଳଭଦ୍ର ଭଞ୍ଜଙ୍କର ଅଧିକାର ରହିଲା।

ପ୍ରଜାମେଳି ଦମନ ଓ ସୁଶାସନ:

ରାଜା ବଳଭଦ୍ର ଭଞ୍ଜ ଏକାଧିକ ଯୁଦ୍ଧରେ ମାତିଥିଲେ। ମରହଟ୍ଟା ମାନଙ୍କପ୍ରତି ଭୟ ମଧ୍ୟ ଥିଲା। ତେଣୁ ତାଙ୍କ ସୈନ୍ୟବାହିନୀକୁ ବଢାଇବାକୁ ପଡିଥିଲା। ନିଜର ପ୍ରଜା ସାଉଁତି, ବାଥୁଡି, ଗଉଡ ଓ ଭୂୟାଁ ଯୁବକ ମାନଙ୍କୁ ଅଧିକ ସଂଖ୍ୟାରେ ସୈନ୍ୟ ବାହିନୀରେ ମିଶାଇଲେ। ଏମାନଙ୍କ ଖର୍ଚ୍ଚ ପାଇଁ ଅଧିକ କର ଖଜଣା ଆଦାୟ କରିବାକୁ ହେଲା। ଏଥିପାଇଁ ଭୂୟାଁପୀଡ ନୟାକୋଟ, ନୟାଗଡ ଓ ଚମକପୁରର ପ୍ରଜାମାନେ ପ୍ରତିବାଦ କଲେ କାରଣ ଖ୍ରୀ: ୧୭୮୧ ମସିହାରେ ମହାରାଜା ମରହଟ୍ଟା ମାନଙ୍କୁ ଯେଉଁ କୋଡିଏ ହଜାର ସୈନ୍ୟ ସହାଯ୍ୟ ଦେଇଥିଲେ ସେମାନଙ୍କ ମଧ୍ୟରୁ ଅଧିକାଂଶ

ରାଜଦୁର୍ଗ ତାରିଣୀ

Digitized by PPRACHIN, SOA

ଥିଲେ ଭୂୟାଁ । ମରହଟ୍ଟା ସେନାପତି ଚିମନଜୀ ବାପୁ ସେମାନଙ୍କୁ ଧରି କଲିକତା ଅଭିମୁଖେ ଯାତ୍ରା କରିଥିଲେ । ସେମାନଙ୍କ ମଧ୍ୟରୁ ଅନେକ ଯୁଦ୍ଧ କ୍ଷେତ୍ରରେ ପ୍ରାଣ ହରାଇଲେ । ଏହି କାରଣରୁ ଭୂୟାଁ ପୀଡରେ ବିଦ୍ରୋହ ଘଟିଲା । ରାଜା ଘଟଣା ସ୍ଥଳକୁ ଯାଇ ଲୋକମାନଙ୍କୁ ବୁଝାଇଦେଲେ । ମୃତ ସୈନିକ ମାନଙ୍କ ପରିବାରକୁ ନିଷ୍କର ଜମିବୃତ୍ତି (ରକ୍ତପଟା) ଖଞ୍ଜା ବ୍ୟବସ୍ଥା କଲେ । ମେଳି ଶାନ୍ତ ହେଲା ।

ସେ ଜଣେ ସୁକବି ଥିଲେ । ଅମ୍ବିକା ବିଳାସ ଓ ଆହୁରି ଅନେକ କାବ୍ୟ କବିତା ରଚନା କରିଥିଲେ । ଏହାଙ୍କ ଶାସନ କାଳରେ ରାଜଦୁର୍ଗ ମଧ୍ୟରେ ତାରିଣୀ ଦେବୀ କଥିତ ଚତୁର୍ଭୁଜା ମହୀଷା ମର୍ଦ୍ଦିନୀ ଦୁର୍ଗାଙ୍କର ପୂଜାରମ୍ଭ ଓ ମନ୍ଦିର ନିର୍ମିତ ହୋଇ ସାଉଁତି ଜାତିର ସେବକ ଦ୍ୱାରା ସେବାପୂଜା ବ୍ୟବସ୍ଥା ହୋଇଥିଲା । ମୟୂରଭଞ୍ଜରୁ ପ୍ରାପ୍ତ 'ଭଞ୍ଜବଂଶାନୁ ଚରିତ' ଅନୁସାରେ ଏ ରାଜା ୧୨୦୫ ସାଲ ମୀନ ମାସ ୧୫ ଦିନ ଇଂ ତା ୨୯/୦୩/୧୭୯୮ ଗୁରୁବାରରେ ସ୍ୱର୍ଗାରୋହଣ କରିଥିଲେ । କିନ୍ତୁ ଧନୁର୍ଜ୍ଜୟଙ୍କ ପତ୍ର ଅନୁସାରେ ଏହାଙ୍କ ପୁତ୍ର ଜନାର୍ଦ୍ଦନ ୧୨୦୪ ସାଲ ଅର୍ଥାତ ଖ୍ରୀ: ୧୭୯୭ରେ ସିଂହାସନ ଆରୋହଣ କରିଥିଲେ । ବାସ୍ତବରେ ବଳଭଦ୍ରଙ୍କ ଜୀବିତାବସ୍ଥାରେ ଜନାର୍ଦ୍ଦନ ଖ୍ରୀ ୧୭୯୭ରେ ସିଂହାସନାଭିଷିକ୍ତ ହୋଇଥିଲେ ଓ ବଳଭଦ୍ର ଖ୍ରୀ ୧୭୯୮ରେ ମୃତ୍ୟୁବରଣ କରିଥିଲେ ।

ଜନାର୍ଦ୍ଦନ ଭଞ୍ଜ

ପ୍ରବଳପ୍ରତାପୀ ରାଜା ବଳଭଦ୍ର ଭଞ୍ଜ ଖ୍ରୀ:ଅ: ୧୭୯୮ରେ ଆନନ୍ଦପୁର ଠାରେ ମୃତ୍ୟୁବରଣ କଲେ । ମୃତ୍ୟୁପୂର୍ବରୁ ତାଙ୍କର ସୁଯୋଗ୍ୟ ପୁତ୍ର ଜନାର୍ଦ୍ଦନ ଭଞ୍ଜ ଗାଦୀଲାଭ କରିଥିଲେ । ସେ ଖ୍ରୀ:ଅ: ୧୮୩୨ ପର୍ଯ୍ୟନ୍ତ ମୋଟ ୩୫ ବର୍ଷ ୩ ମାସ କାଳ ଶାସନ କରିଥିଲେ ।

ସେ ରାଜା ହେବାକ୍ଷଣି ନିଜ ରାଜ୍ୟର ସୀମା ବଢାଇବାକୁ ଲାଗି ପଡିଲେ । ପୂର୍ବରୁ ସୁକିନ୍ଦାଗଡ, ସ୍ୱାଧୀନ ଥିଲା । ଜନାର୍ଦ୍ଦନ ଭଞ୍ଜ ସୁକିନ୍ଦା ଆକ୍ରମଣ କରି ଗଡବାନ୍ଧଗୋଡା ଅଧିକାର କଲେ । ପଚ୍ଛିକୋଟ ଆକ୍ରମଣ କରି ବଳଭଦ୍ର, ଜଗନ୍ନାଥ ଓ ସୁଭଦ୍ରା ବିଗ୍ରହଙ୍କୁ ଆଣି ଏମାନଙ୍କୁ ଯଥାକ୍ରମେ ନୂଆଗଡ଼, ପଣ୍ଡୁଆ ଓ ମଦନପୁର ଠାରେ ସ୍ୱତନ୍ତ୍ର ଭାବେ ରଖାଇଲେ ।

❖❖

Digitized by PPRACHIN, SOA

ଇଂରେଜ ଶାସନ ଓ କେନ୍ଦୁଝର ମିଶ୍ରଣ
(ଖ୍ରୀ : ୧୮୦୩)

ଖ୍ରୀ:ଅ: ୧୫୬୮ରେ ଓଡିଶା ସ୍ୱାଧୀନତା ହରାଇଥିଲା । ଓଡିଶାରେ ମୁସଲମାନ ଶାସନ ଆରମ୍ଭ ହେଲା । ୧୭୫୧ ଖ୍ରୀ:ଅ: ରେ ମରହଟ୍ଟାମାନେ ଓଡିଶା ଦଖଲ କଲେ । ଠିକ୍ ସେହିପରି ଖ୍ରୀ:ଅ: ୧୮୦୩ରେ ମରହଟ୍ଟା ମାନଙ୍କୁ ପରାସ୍ତ କରି ଇଂରେଜମାନେ ଓଡିଶାରେ ପ୍ରବେଶ କଲେ । ଏହି ସମୟରେ ଓଡିଶାର ୧୫ଗୋଟି ରାଜ୍ୟର ରାଜା ଇଂରେଜମାନଙ୍କୁ ବାର୍ଷିକ କର ଦେଇ ତାଙ୍କର ବଶତା ସ୍ୱୀକାର କଲେ । ଏହିକାଳରେ କେନ୍ଦୁଝର ଇଂରେଜ ଶାସନାଧୀନ ହେବାକୁ ରାଜି ହୋଇଥିଲେ । ଏହି ଚୁକ୍ତିକୁ 'ସାମନ୍ତ ସନ୍ଧି' କୁହାଯାଏ । ତା ୧୩/୦୪/୧୮୦୪ ଇଂରେଜ ଗଭର୍ଣ୍ଣର ଲର୍ଡ ୱେଲସେଲି ଏହି ଚୁକ୍ତିକୁ ଅନୁମୋଦନ କରିବା ଅନୁସାରେ କେନ୍ଦୁଝର ରାଜ୍ୟ ଇଂରେଜମାନଙ୍କର ଏକ ମିତ୍ର ରାଜ୍ୟ ଭାବେ ରହିଲା । ଉଭୟେ ଉଭୟଙ୍କୁ ବିପଦ କାଳରେ ସାହାଯ୍ୟ କରିବେ । ରାଜା ମରହଟ୍ଟାମାନଙ୍କୁ ଯେତିକି ପେସ୍କିସ୍ ଦେଉଥିଲେ, ଇଂରେଜ ସରକାର ସେତିକି ଟଙ୍କା କର ବାବଦକୁ ନେବେ । ଫଳରେ ତା ୧୬/୧୨/୧୮୦୪ (୧୨୧୧ ସାଲ ରମଜାନ ପ୍ରଥମ ଦିନ) ରେ ଇଂରେଜମାନଙ୍କ ପ୍ରତିନିଧି ଜି:ହାରକଟ୍ ଓ ଜେ: ମେଲଭେଲିଙ୍କ ସହିତ କେନ୍ଦୁଝରର ରାଜା ଜନାର୍ଦ୍ଦନ ଭଞ୍ଜ ୫ଟି ସର୍ତ୍ତସମ୍ବଳିତ ଏହି ଚୁକ୍ତିରେ ସ୍ୱାକ୍ଷର କଲେ । ଏହି ଚୁକ୍ତି ଅନୁସାରେ ଇଂରେଜମାନଙ୍କୁ ବର୍ଷର ଚୈତ୍ର, ଜ୍ୟେଷ୍ଠ ଓ ଆଷାଢ ମାସରେ ୩ କିସ୍ତିରେ ଟ ୨୯୭୬ଙ୍କା ଏଗାର ଅଣା ଏଗାର ପାହୁଲା କର ଦେବାକୁ ଧାର୍ଯ୍ୟ ହେଲା ।

ନୂତନ ବନ୍ଦୋବସ୍ତ (ଖ୍ରୀ: ୧୮୦୫ - ଖ୍ରୀ: ୧୮୧୯):

ପୂର୍ବରୁ ରାଜ୍ୟରେ ଜରୀବ ବନ୍ଦୋବସ୍ତ ନଥିଲା । ରାଜା ଜନାର୍ଦ୍ଦନ ଭଞ୍ଜ ଖ୍ରୀ:ଅ: ୧୮୦୫ରେ ରାଜ୍ୟରେ ପ୍ରଥମ ଥର ପାଇଁ ଭୂବନ୍ଦୋବସ୍ତ ଆରମ୍ଭ କଲେ । ଏହି ବନ୍ଦୋବସ୍ତ ଅନୁସାରେ କେଉଁ ପ୍ରକାର କେତେ ଜମି ଓ କେତେ ଖଜଣା, ଧାର୍ଯ୍ୟ ହେଲା । ବେବର୍ତ୍ତା ଚିନ୍ତାମଣି ମହାପାତ୍ର ଏହି ଭୂବନ୍ଦୋବସ୍ତ କରି ପୂର୍ବରୁ ଥିବା ଅପର

Digitized by PPRACHIN, SOA

କେନ୍ଦୁଝରକୁ ପୁନଶ୍ଚ ୧୭ଟି ଓ ଲୋଅର କେନ୍ଦୁଝର (ଆନନ୍ଦପୁର) କୁ ୨୭ଟି ଦଣ୍ଡ ପାଟରେ ବିଭକ୍ତ କରିଥିଲେ। ସେ ଗୁଡ଼ିକ ହେଲା ଜ୍ୟୋତିପୁର, କାଳିକା ପ୍ରସାଦ, ଚମକପୁର, ନୟାଗଡ, ନୟାକୋଟ, ଗୌଡଦେଶ, ଗଣ୍ଡିବେଡ, ଉଦୟପୁର ରାଜନଗର, ରଘୁନାଥପୁର, ପାଞ୍ଚପଡା, ଚାରିଗଡ, ହୁଣ୍ଡା, ରେବଣା, ଭୂୟାଁପୀଡ, କୁଆଁଙ୍ଗପୀଡ ଓ କାଳିଆହତା, ଆନନ୍ଦପୁର ଅଞ୍ଚଳକୁ ସନ୍ତୋଷପୁର, ଆନନ୍ଦପୁର, ସିଙ୍ଗିଡି, ପଡିଆରିପଲ୍ଲୀ, ବାଙ୍ଗୋର, ବାଲିବରେଇ, ଯୋସ, ସତା, ଓରାଳି, ତଅଁର, ଜଳସରପୁର, ଷଡଙ୍ଗ, କମ୍ବିରା, ସମଣା, ବଞ୍ଚୋ, ବରପଦା, ବାନ୍ଦଗୋଡା ପଣ୍ଟୁଆ, ନୟାଗଡ଼, ପଞ୍ଚୁପଲ୍ଲୀ, ବରିପାଳ, ଖାଳିଆମେଣ୍ଟ, ଖମାର, ବଳରାମପୁର, ଟିଲୋ, ତ୍ରିଲୋଚନପୁର ଓ ଯୁଝୁପଦା।

ଏହାପରେ ରାଜା ଖ୍ରୀ:ଅ: ୧୮୧୯ ରେ ଆଉ ଏକ ବନ୍ଦୋବସ୍ତ କରାଇଲେ। ଏହି କାମଟି ବେବର୍ତ୍ତା ଗୁଣିପଟ୍ଟ ନାୟକ କରିଥିଲେ। ଏହି ବନ୍ଦୋବସ୍ତରେ ପ୍ରଜା ମାନଙ୍କୁ ୧୮ ଦସ୍ତି ପଦିକାରେ ମାଣପିଛା ୪ ଅଣା ରୁ ୬ ଅଣା ଅଧିକ କର ଖଜଣା ଦେବାକୁ ପଡିବାରୁ ପ୍ରଜା ଅସନ୍ତୁଷ୍ଟ ହେଲେ। ନୂଆ କର ଖଜଣା ନ ଦେବାକୁ ଗଣ୍ଡଗୋଳ ଆରମ୍ଭ କଲେ । ଗୁଣିପଟ୍ଟନାୟକ ଗଣ୍ଡଗୋଳକାରୀ ମାନଙ୍କୁ ଧରିନେଇ ସଜାଦେଲେ। ଜେଲେ ଯାଇଥିବା ମୁଖିଆମାନେ ଖ୍ରୀ:ଅ: ୧୮୨୫ରେ କାରାମୁକ୍ତ ହୋଇ ପୁଣି ମେଳି କଲେ। ରାଜା ସଲାସୁତରା କରି ମେଳିକୁ ଚପାଇଦେଲେ।

ମୟୁରଭଞ୍ଜ ବିଦ୍ରୋହ ଦମନ: (ଖ୍ରୀ:ଅ: ୧୮୧୦):

ଜନାର୍ଦ୍ଦନ ଭଞ୍ଜ ଯୁବରାଜ ଥିବା ସମୟରେ ଖ୍ରୀ: ୧୭୯୬ ଏପ୍ରିଲ ମାସରେ ମୟୁରଭଞ୍ଜର ଅପୁତ୍ରକ ରାଜା ଦାମୋଦର ଭଞ୍ଜଙ୍କର ମୃତ୍ୟୁହେଲା। ତାଙ୍କର ୧୧ଜଣ ରାଣୀ ମଧ୍ୟରୁ ଦୁଇରାଣୀ ମୁଖ୍ୟ ଥିଲେ। ପାଟରାଣୀ ସୁମିତ୍ରା ଦେବୀ ଓ ସାନରାଣୀ ଯମୁନା ଦେବୀ ମୃତ୍ୟୁ ପୂର୍ବରୁ କେନ୍ଦୁଝର ରାଜା ବଳଭଦ୍ର ଭଞ୍ଜଙ୍କର କନିଷ୍ଠ ପୁତ୍ର ତ୍ରିବିକ୍ରମ ଭଞ୍ଜଙ୍କୁ ପୋଷ୍ୟପୁତ୍ର କରିଥିଲେ; କିନ୍ତୁ ପାଟରାଣୀ ଏଥିରେ ଅସନ୍ତୁଷ୍ଟ ଥିଲେ। ଏହି କାଳରେ ମରହଟ୍ଟା ଓ ଇଂରେଜମାନେ ତାଙ୍କୁ ସମର୍ଥନ ଜଣାଇଥିଲେ। ପାଟରାଣୀ ସୁମିତ୍ରାଦେବୀ ଖ୍ରୀ ୧୮୧୦ ପର୍ଯ୍ୟନ୍ତ ରାଜ୍ୟ ଶାସନ କରିଥିଲେ। ରାଣୀ ସୁମିତ୍ରଦେବୀ ନିଜ ଭାଇର ପୁଅକୁ ଆଣି ଗାଦିରେ ବସାଇବାକୁ ଚାହିଁଲେ । କିଛି ପ୍ରଜା ଅସନ୍ତୁଷ୍ଟ

Digitized by PPRACHIN, SOA

ହେଲେ । କେନ୍ଦୁଝର ରାଜା ଜନାର୍ଦ୍ଦନ ଭଞ୍ଜ ଖ୍ରୀ ୧୮୦୩ ମସିହାରେ ମୟୁରଭଞ୍ଜ ଆକ୍ରମଣ କଲେ । ଦୁଇରାଣୀ ବିତାଡ଼ିତ ହେଲେ । ତ୍ରିବିକ୍ରମ ହରିହରପୁର ସିଂହାସନ ଦଖଲ କଲେ । ଇଂରେଜମାନଙ୍କ ମଧ୍ୟସ୍ଥି ହେତୁ ସୁମିତ୍ରାଦେବୀଙ୍କ ମୃତ୍ୟୁ ପରେ ତ୍ରିବିକ୍ରମ ସିଂହାସନ ପାଇବାକୁ ନିଷ୍ପତ୍ତି ହେଲା । ସୁମିତ୍ରାଦେବୀ ଖ୍ରୀ: ୧୮୧୦ରେ ମୃତ୍ୟୁବରଣ କରିବାରୁ କେନ୍ଦୁଝର ରାଜପୁତ୍ର ତ୍ରିବିକ୍ରମ ମୟୂରଭଞ୍ଜର ରାଜା ହେଲେ । ସୁତରାଂ ପ୍ରତାପ ବଳଭଦ୍ର ଭଞ୍ଜ ନିଜ ସାନଭାଇ ତ୍ରିବିକ୍ରମ ଭଞ୍ଜଙ୍କୁ ମୟୁରଭଞ୍ଜର ରାଜଗାଦିରେ ବସାଇବାକୁ ସକ୍ଷମ ହୋଇଥିଲେ ।

ପାଲଲହଡା ବିଦ୍ରୋହ: (ଖ୍ରୀ: ୧୮୨୫)

ରାଜା ଜନାର୍ଦ୍ଦନ ପାଲଲହଡାର ରାଜକନ୍ୟା କୃଷ୍ଣପ୍ରିୟାଙ୍କୁ ବିବାହ କରି ପାଲଲହଡାକୁ ଯୌତୁକ ପାଇଥିଲେ । ଖ୍ରୀ: ୧୭୯୪ରୁ ପାଲଲହଡା କେନ୍ଦୁଝର ରାଜ୍ୟର ଏକ ଅଂଶ ଭାବେ ରହିଥିଲା । ପ୍ରଜାମାନେ କର ଖଜଣା କେନ୍ଦୁଝର ରାଜାଙ୍କୁ ଦେଉଥିଲେ । କିନ୍ତୁ ଖ୍ରୀ: ୧୮୧୯ରେ ଯେଉଁ ବନ୍ଦୋବସ୍ତ ହେଲା ସେଥିନେଇ କେନ୍ଦୁଝର ପ୍ରଜାଙ୍କ ଭଳି ପାଲଲହଡାର ପ୍ରଜାମାନେ ଅସନ୍ତୁଷ୍ଟ ହେଲେ । ଖ୍ରୀ: ୧୮୨୫ରେ ବିଧବାରାଣୀ ଅର୍ଣ୍ଣପୂର୍ଣ୍ଣାଙ୍କର ମୃତ୍ୟୁହେଲା । ଏହିକାଳରେ କେନ୍ଦୁଝର ପ୍ରଜାମାନେ ନୂଆ କରଖଜଣା ବିରୋଧରେ ମେଳି କରୁଥିଲେ । ପାଲଲହଡାର ପ୍ରଜାମାନେ ମଧ୍ୟ କେନ୍ଦୁଝରଠାରୁ ଅଲଗା ହେବାକୁ ମେଳିକଲେ । ରାଜା ପାଲଲହଡା ଆକ୍ରମଣ କରି ମେଳିଆମାନଙ୍କୁ ଦମନକଲେ । ମେଳିଆମାନେ ବୈଦ୍ୟନାଥପାଳଙ୍କ ନେତୃତ୍ୱରେ ଇଂରେଜ ସରକାରଙ୍କ ପାଖରେ ସ୍ୱାଧୀନ ହେବାକୁ ଆପତ୍ତି କଲେ । ଖ୍ରୀ: ୧୮୩୦ ରୁ ଖ୍ରୀ: ୧୮୪୦ ପର୍ଯ୍ୟନ୍ତ ମକଦ୍ଦମା ଚାଲିଲା । ବଙ୍ଗ ସରକାରଙ୍କର ମୁଖ୍ୟ ସେକ୍ରେଟାରୀ ସଟନ୍ ସାହେବ ଶେଷକୁ ଖ୍ରୀ:ଅ: ୧୮୨୬ରେ ପାଲଲହଡାର ପ୍ରଜାଙ୍କ କଥା ରଖିଲେ । କିନ୍ତୁ ପାଲଲହଡାର ଖଜଣା ଟ ୨୬୬ଙ୍କା ଦଶଅଣା ୮ ପାହୁଲା ଧାର୍ଯ୍ୟ କରି ଏହି ଟଙ୍କା କେନ୍ଦୁଝର ରାଜାଙ୍କ ଠାରେ ପଇଠ କରିବାକୁ ନିଷ୍ପତ୍ତି ଦେଲେ । କିଛିଦିନ ପରେ ପାଲଲହଡାର ପ୍ରଜାମାନେ ସମ୍ପୂର୍ଣ୍ଣ ସ୍ୱାଧୀନ ହେବାକୁ ପୁନଶ୍ଚ ଦାବୀ ଉଠାଇଲେ । ଖ୍ରୀ: ୧୮୩୦ ମସିହା ଜୁନ୍ ମାସ ୩ ତାରିଖରେ କ୍ୟାପ୍ଟେନ ଉଇଲକିନ୍ ସାହେବ ଏହାକୁ ମଞ୍ଜୁର କରି ବେଙ୍ଗଲ ସରକାରଙ୍କୁ ଜଣାଇଲେ । ଖ୍ରୀ: ୧୮୪୦ ରେ ପାଲଲହଡା କେନ୍ଦୁଝରରୁ ସ୍ୱତନ୍ତ୍ର ହେଲା । ଏହାପରେ ବୈଦ୍ୟନାଥ ପାଲଲହଡାର ରାଜାହେଲେ ।

Digitized by PPRACHIN, SOA

ରାଜାଙ୍କ କୀର୍ତ୍ତି କଳାପ:

ଜନାର୍ଦ୍ଦନ ଭଞ୍ଜ ଦେବ ବ୍ରାହ୍ମଣଙ୍କୁ ଭକ୍ତି କରୁଥିଲେ। ବଳଦେବ ଜୀଉଙ୍କ ମନ୍ଦିର ବେଢାରେ ଥିବା ନାଟ ମନ୍ଦିରଟି ନିର୍ମାଣ କରି କରି ଝୁଲଣ ଯାତ୍ରା ଉତ୍ସବ ଆରମ୍ଭ କରିଥିଲେ। ଏହାଙ୍କ ଶାସନ କାଳରେ ୧୨୧୧ ସାଲ ଅର୍ଥାତ୍ ଖ୍ରୀ: ୧୮୦୪ ମସିହାରେ କୋଡପଡାର ଗୋପାଳଜୀଉ ମଠରେ ଏକ ଭବ୍ୟ ମନ୍ଦିର ନିର୍ମାଣ କରିଥିଲେ।। ନିଜ ନାମରେ କେତେଗୁଡିଏ ଗ୍ରାମ ଓ ଶାସନ ବସାଇଥିଲେ। ତାଙ୍କ ସମୟରେ ଜାଗିରୀ ବୃତ୍ତି ପାଇ ବାରହଜାର ଖଣ୍ଡାଧାରୀ ପାଇକ ଓ କୋଡିଏ ହଜାର ପାର୍ବ୍ୟତ୍ୟ ଧନୁଧାରୀ ସେନାଥିଲେ। ଇଂରେଜ ମାନଙ୍କ ସହିତ ସାମନ୍ତ ସନ୍ଧିରେ ଚୁକ୍ତି କରିଥିଲେ ମଧ୍ୟ ସେ ଇଂରେଜ ମାନଙ୍କୁ ଭୟ କରୁନଥିଲେ। ତେଣୁ ଖ୍ରୀ:ଅ: ୧୮୨୧ରେ ଇଂରେଜମାନେ ସିଂହଭୂମିର କୋହ୍ଲ ମାନଙ୍କ ଉପରେ ଅତ୍ୟାଚାର କରିବାରୁ ଜନାର୍ଦ୍ଦନ ଭଞ୍ଜ ପ୍ରତିବାଦ କରିଥିଲେ। ପୁଣି ଖ୍ରୀ: ୧୮୨୬ରେ ଇଂରେଜ ମାନେ କେନ୍ଦୁଝର ମଧ୍ୟଦେଇ ମେଦିନପୁରଠାରୁ ସମ୍ବଲପୁର ପର୍ଯ୍ୟନ୍ତ ଏକ ରାସ୍ତା ତିଆରି କରିବାକୁ ରାଜାଙ୍କୁ ଅନୁରୋଧ କରିଥିଲେ। କିନ୍ତୁ ଜନାର୍ଦ୍ଦନ ଭଞ୍ଜ ଇଂରେଜ ସରକାରଙ୍କୁ ସିଧା ମନାକରିଦେଇଥିଲେ।

ଜନାର୍ଦ୍ଦନ ଭଞ୍ଜ ଜଣେ ସୁକବି ଥିଲେ। ସେ ଲୀଳାଲତା, ଦିଗପାଳ ପ୍ରବନ୍ଧ ଓ ବହୁ ଛାନ୍ଦ ଚୌପଦୀ ରଚନା କରିଥିଲେ। ସେ ସଂସ୍କୃତ ଓ ବଙ୍ଗଳା ଭାଷାରେ ମଧ୍ୟ ଲେଖାଲେଖି କରୁଥିଲେ।

ବିଶ୍ୱେଶ୍ୱର ଭଞ୍ଜ

ଜନାର୍ଦ୍ଦନ ଭଞ୍ଜଙ୍କ ଅନ୍ତେ ତାଙ୍କପୁତ୍ର ବିଶ୍ୱେଶ୍ୱର ଭଞ୍ଜ ଖ୍ରୀ:ଅ: ୧୮୩୨ରେ ସିଂହାସନରେ ବସିଲେ। ସେ ଖ୍ରୀ:ଅ: ୧୮୩୯ ମସିହା ପର୍ଯ୍ୟନ୍ତ ମୋଟ ୬ବର୍ଷ ୧୧ ମାସ ଶାସନ କରିଥିଲେ। ଶୁଣାଯାଏ ସେ ଅତ୍ୟନ୍ତ ପ୍ରଜାପୀଡକ ଥିଲେ। ଦଣ୍ଡଦେବୀଙ୍କି ଅତ୍ୟନ୍ତ ଭକ୍ତି କରୁଥିଲେ। ଦେବୀଙ୍କ ସନ୍ତୁଷ୍ଟି ପାଇଁ ନରବଳି ମଧ୍ୟ ଦେଉଥିଲେ। ଏଥିରେ ଉତ୍ୟକ୍ତ ହୋଇ ମୂଷାଖୋରିର ସାଉଁତିମାନେ ତାଙ୍କୁ ହତ୍ୟା କରି ମୟୁରଭଞ୍ଜ ଠାକୁରମୁଣ୍ଡାଠାରେ ଲୁଚି ରହିଲେ। ଶୁଣାଯାଏ ବିଶ୍ୱେଶ୍ୱର ଭଞ୍ଜଙ୍କ ପିତା ଜନାର୍ଦ୍ଦନ ଭଞ୍ଜ ବହୁଦିନ ଧରି ଅପୁତ୍ରିକ ଥିଲେ। ସାଉଁତି ଜାତିର ମୁଖ୍ୟ ମହାପାତ୍ରଙ୍କ କଥାମାନି

Digitized by PPRACHIN, SOA

ସାଉଁତି ଜାତିର ବିଶିର (ବିଶ୍ୱଶ୍ରୀ) ଠାକୁରାଣୀଙ୍କର ସେବା କଲେ। ବର୍ଷକ ପରେ ପୁଅଟିଏ ହେଲା। ଠାକୁରାଣି ବିଶିରି ବା ବିଶ୍ୱଶ୍ରୀଙ୍କ ଦୟାରୁ ପୁଅ ପାଇବାରୁ ପୁଅନାମ ବିଶ୍ୱେଶ୍ୱର ରଖିଥିଲେ। କିନ୍ତୁ ବିଶ୍ୱେଶ୍ୱର ସିଂହାସନରେ ବସିବା ପରେ ସାଉଁତି ମାନଙ୍କ ସମ୍ମାନ୍ ହାନି ହେଲାଭଳି କାମକଲେ। ତେଣୁ ସେମାନେ କୌଶଳ କରି ବିଶ୍ୱେଶ୍ୱରଙ୍କୁ ହତ୍ୟା କଲେ। କେହି କେହି କହନ୍ତି ଢେଙ୍କିକୋଟ ଠାରେ ବିଶିରୀ ଠାକୁରାଣିଙ୍କ କୋପରୁ ଅକାଳରେ ଘୋଡାରୁ ପଡିମଲେ। ଏହାଙ୍କ ମୃତ୍ୟୁପରେ ସାଉଁତି ଘାତକ ରାଇଦାସ ଠାକୁରମୁଣ୍ଡାରେ ରହି ଉଡାଯାତରା ଆରମ୍ଭ କରିଥିଲେ। ସେଠାରେ ସେ 'ଦଉ ମହାପାତ୍ରାଣ' ଉପାଧି ପ୍ରାପ୍ତ ହୋଇଥିଲେ।

ମହାରାଜା ଗଦାଧର ନାରାୟଣ ଭଞ୍ଜ

ବିଶ୍ୱେଶ୍ୱରଙ୍କ ଅକାଳ ମୃତ୍ୟୁପରେ ତାଙ୍କ ପୁତ୍ର ଗଦାଧର ସିଂହାସନରେ ବସି ଖ୍ରୀ: ୧୮୩୯ ରୁ ଖ୍ରୀ: ୧୮୬୧ ପର୍ଯ୍ୟନ୍ତ ଦୀର୍ଘ ୨୧ ବର୍ଷ ୧୦ ମାସ ଶାସନ କରିଥିଲେ। ଏ ଜଣେ ଚତୁର ଓ ବିଜ୍ଞ ରାଜା ଥିଲେ।

ପ୍ରଜାମେଳି (୧୮୪୪):

ରାଜ୍ୟର କେତେକ କର୍ମଚାରୀ ପ୍ରଜାମାନଙ୍କୁ ଅତ୍ୟଧିକ ବେଠିରେ ଖଟେଇ ଅନେକ କାମ ଆଦାୟ କରୁଥିଲେ। ବିନା ମଜୁରୀରେ କାମ କରିବାକୁ ବେଠି କୁହାଯାଏ। ଏହି ରାଜାଙ୍କର ଶାସନ କାଳରେ ରାଜ୍ୟରେ କେତେକ ରାସ୍ତା ଓ ପୋଖରୀ ନିର୍ମିତ ହୋଇଥିଲା। ଏହି ସବୁ କାମପାଇଁ କାହାରିକୁ ମଜୁରୀ ମିଳୁନଥିଲା। ଭୋକ ଉପାସ ସହିନପାରି କାମ କରିବାକୁ ବେଠିଆମାନେ ଅମଙ୍ଗ ହେଲେ। ବେଠିଆ ମାନ୍ଙ୍କୁ ଧରିଆଣି କର୍ମଚାରିମାନେ ବେତମାଡ ଦେଲେ। ଏଥିରେ ପ୍ରଜାମାନେ ଉତ୍ତେଜିତ ହୋଇ ମେଳିକଲେ। ମେଳିଆ ମାନଙ୍କୁ ବିଭିନ୍ନ ଭୟ ଦେଖାଇ ମେଳିକୁ ଚପାଇଦେଲେ। ଯେଉଁମାନେ ରାଜାଙ୍କ କଥା ମାନିଲେ ନାହିଁ ସେମାନେ ସଜା ପାଇଲେ।

ଖ୍ରୀ: ୧୮୪୯ ବେଳକୁ ଅନୁରୂପ ଅତ୍ୟାଚାର ପାଇଁ ବାଂଶପାଳର ରତ୍ନା ନାଏକ ବିରୋଧ କରିବାରୁ ସେ ୩ ଦିନପାଇଁ ସଜା ପାଇଥିଲେ।

Digitized by PPRACHIN, SOA

ଖ୍ରୀ: ୧୮୫୬ ରେ ଏହି ରାଜାଙ୍କ ସମୟରେ କେନ୍ଦୁଝରଗଡରୁ ଆନନ୍ଦପୁର ପର୍ଯ୍ୟନ୍ତ ୪୦ କୋଶ ମାଟିରାସ୍ତା କାମ ଆରମ୍ଭ ହୋଇଥିଲା । ଆନନ୍ଦପୁରର କଚେରୀଘର ନିର୍ମିତ ହୋଇଥିଲା । ଏରାଜା ଖ୍ରୀ: ୧୮୪୦ ରେ ଦୋଷୀ ମାନଙ୍କୁ ୭ ବର୍ଷ ପର୍ଯ୍ୟନ୍ତ କାରାଦଣ୍ଡରେ ଦଣ୍ଡିତ କରିବାର କ୍ଷମତା ପାଇଥିଲେ । ଖୋର୍ଦ୍ଧାରାଜା ଗଜପତି ରାମଚନ୍ଦ୍ର ଦେବ ୩ୟ (ଖ୍ରୀ: ୧୮୧୭-ଖ୍ରୀ: ୧୮୫୬)ଙ୍କ ଶାସନର ୨୮ ଅଙ୍କ; ଅର୍ଥାତ୍ ଖ୍ରୀ ୧୮୪୦ ମେଷମାସ ୧୩ ଦିନେ କେନ୍ଦୁଝର ରାଜା ଗଦାଧର ଓ ତାଙ୍କ ବେବର୍ତ୍ତା ଗଙ୍ଗାଧର ପଟ୍ଟନାୟକ ପୁରୀ ଯାଇ ମହାଲକ୍ଷ୍ମୀ ଠାକୁରାଣୀଙ୍କୁ ଏକ ସୁବର୍ଣ୍ଣମାଳ ଦାନ କରିଥିବା ଏକ ଛାମୁଚିଟାଉରୁ ଜଣାଯାଏ ।

ଖ୍ରୀ: ୧୮୫୦ ରେ ଇଂରେଜ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ରାଜ୍ୟର ସୀମା ନିର୍ଦ୍ଧାରିତ ହୋଇ ଏକ ନକସା (ଟପଗ୍ରଫିକାଲ ମ୍ୟାପ୍) ପ୍ରସ୍ତୁତ ହୋଇ ସ୍ନ ୧୮୬୨ ମସିହାରେ ଇଂରେଜ ସୁପରିଟେଣ୍ଡେଣ୍ଟଙ୍କ ଦ୍ୱାରା ଗୃହୀତ ହୋଇଥିଲା । ଏହି ନକ୍ସା ଅନୁସାରେ ରାଜ୍ୟର ସୀମା ପୂର୍ବ-ମୟୁରଭଞ୍ଜ ଓ ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ସୋସ ପ୍ରଗଣା ପଶ୍ଚିମ-ଜିଲ୍ଲା ତାଳଚେର, ବାମଣ୍ଡା ଓ ବଣେଇ ସରହଦ ଉତ୍ତର - ସିଂହଭୂମ ସାରନ୍ଦା ଓ ମୟୁରଭଞ୍ଜର ଐଶାନ୍ୟକୋଣ, ଦକ୍ଷିଣ କିଲ୍ଲା ତାଳଚେର, ଢେଙ୍କାନାଳ ଓ ସୁକିନ୍ଦା ପଚ୍ଛିକୋଟ ହେଲା । ଏହାଙ୍କ ଅସ୍ତ୍ରାଗାରରେ ୫ଗୋଟି ତୋପ ଓ ୯୫୦ଗୋଟି ବନ୍ଧୁକ ଥିଲା । ଆହୁରି ୫୦୦ଟି ବନ୍ଧୁକ କିଣିବାକୁ ଇଂରେଜ ସରକାରଙ୍କୁ ଦରଖାସ୍ତ କରିଥିଲେ । ଏହାଙ୍କ ଶାସନ କାଳରେ ରାଜ୍ୟରେ ପ୍ରଥମ କରି ଡାକସେବା ଆରମ୍ଭ ହୋଇଥିଲା ।

ମହାରାଜା ଉପାଧି (ଖ୍ରୀ: ୧୮୫୭-୫୮):

ଖ୍ରୀ: ୧୮୦୪ରେ କେନ୍ଦୁଝର ରାଜା ଓ ଇଂରେଜ ମାନଙ୍କ ମଧ୍ୟରେ ସାମନ୍ତ ସନ୍ଧି ଚୁକ୍ତି ହୋଇଥିଲା । ଏହି ଚୁକ୍ତି ଅନୁସାରେ ଇଂରେଜ ମାନଙ୍କୁ ବିପଦ ପଡିଲେ ରାଜା ଓ ପ୍ରଜାଙ୍କୁ ବିପଦ ପଡିଲେ ଇଂରେଜ ମାନେ ସାହାଯ୍ୟ କରିବା କଥା । ଖ୍ରୀ:ଅ: ୧୮୫୭ରେ ଇଂରେଜ ମାନଙ୍କ ବିରୋଧରେ ଛୋଟନାଗପୁରର ସିପାହୀମାନେ ବିଦ୍ରୋହ କଲେ । ଏହି ସିପାହୀମାନଙ୍କୁ କେତେକ ରାଜା ମଧ୍ୟ ସାହାଯ୍ୟ କଲେ । କିନ୍ତୁ କେନ୍ଦୁଝରର ରାଜା ଗଦାଧର ଭଞ୍ଜ ତାଙ୍କ ଚତୁର ବେବର୍ତ୍ତା ଚନ୍ଦ୍ରଶେଖର ଧଳଙ୍କ ପରାମର୍ଶରେ ଏହି ବିଦ୍ରୋହକୁ ଦମନ କରିବାକୁ ୫୦୦ ସୈନ୍ୟ ପଠାଇ

Digitized by PPRACHIN, SOA

ଇଂରେଜମାନଙ୍କୁ ସାହାଯ୍ୟ କରିଥିଲେ । ଅନୁରୂପ ଭାବେ ସମ୍ବଲପୁର ବିଦ୍ରୋହ ଦମନ ପାଇଁ ୫୦୦ ସୈନ୍ୟ ପଠାଇଥିଲେ । ପୁନଶ୍ଚ ଛୋଟନାଗପୁର ସିପାହୀମାନେ ପୋଡାହାଟର ରାଜା ଅର୍ଜ୍ଜୁନ ସିଂହଙ୍କ ସହିତ ମିଶି ଇଂରେଜ ସରକାର ବିରୋଧରେ ବିଦ୍ରୋହ କଲେ ।

ଏହି ବିଦ୍ରୋହକୁ ଦମନ କରିବାପାଇଁ ୫୦୦ ସୈନ୍ୟ ପଠାଇ ଇଂରେଜ ସରକାର କେନ୍ଦୁଝର ରାଜା ଗଦାଧରଙ୍କୁ ଜଣାଇଲେ । ପୋଡାହାଟର ରାଜା ଅର୍ଜ୍ଜୁନ ସିଂହ ମୟୁରଭଞ୍ଜ ରାଜାଙ୍କ ଝିଅକୁ ବିବାହ କରିଥିଲେ । ସେ ମଧ୍ୟ ଗଦାଧର ଭଞ୍ଜଙ୍କର ମାମୁଁ ଥିଲେ । ଗଦାଧର ମୟୁରଭଞ୍ଜ ରାଜା ଓ ମାମୁଁ ଅର୍ଜ୍ଜୁନ ସିଂହଙ୍କୁ ବୁଝାଇଲେ । ଅର୍ଜ୍ଜୁନ ସିଂହ ଇଂରେଜ ସରକାରଙ୍କ ଶରଣ ପଶିଲେ । କିନ୍ତୁ ଅର୍ଜ୍ଜୁନ ସିଂହଙ୍କ ଦେୱାନ 'ଜଗୁ' କାହା କଥା ନମାନି ବିଦ୍ରୋହ ମତାଇଲେ । ଜଗୁ ଦେୱାନଙ୍କୁ ଧରିବାପାଇଁ ଇଂରେଜ ସରକାର କେନ୍ଦୁଝର ରାଜା ଗଦାଧରଙ୍କୁ ଅନୁରୋଧ କଲେ । ରାଜା ଜଗୁ ଦେୱାନଙ୍କୁ ଧରିବାପାଇଁ ବେବର୍ତ୍ତା ଚନ୍ଦ୍ରଶେଖର ଧଳଙ୍କୁ ଦାୟିତ୍ୱ ଦେଲେ । ବେବର୍ତ୍ତା କେନ୍ଦୁଝରରୁ ପାଞ୍ଚଶହ ପାଇକଙ୍କୁ ଧରି ପୋଡାହାଟରେ ପହଞ୍ଚିଲେ । ତାଙ୍କ ସାଙ୍ଗରେ ଥିଲେ କିଶୋର ସିଂହ, ରାମଚନ୍ଦ୍ର ସିଂହ ଓ ଚିନ୍ତାମଣି ଭଞ୍ଜ । ଏମାନଙ୍କ ଦ୍ୱାରା ତା ୯/୧୨/୧୮୫୭ରେ ଜଗୁ ଦେୱାନ୍ ଧରା ପଡିଲେ । ଇଂରେଜମାନେ ଜଗୁ ଦେୱାନଙ୍କୁ ପାଇ ଫାଶି ଦେଲେ । ଏହି ଘଟଣାପରେ ଇଂରେଜ ସରକାର ଖୁସିହୋଇ ଗଦାଧର ଭଞ୍ଜଙ୍କୁ ମହାରାଜା ଉପାଧି ଏବଂ ବେବର୍ତ୍ତା ଚନ୍ଦ୍ର ଶେଖର ଧଳଙ୍କୁ ରାୟବାହାଦୂର ଉପାଧି ଦେଲେ । ବେବର୍ତ୍ତା ମାସିକ ଦୁଇଶହ ଟଙ୍କା ଭତ୍ତା ପାଇଲେ । ମହାରାଜାଙ୍କୁ ପାଞ୍ଚଶହ ଟଙ୍କାର ଖିଲାଟ ଓ ବାର୍ଷିକ ଏକ ହଜାର ଟଙ୍କା କର ଛାଡିଦେଲେ । ଅର୍ଥାତ ଏହି ସମୟଠାରୁ ଇଂରେଜମାନେ କେନ୍ଦୁଝର ରାଜ୍ୟରୁ ବାର୍ଷିକ ମାତ୍ର ଏକ ହଜାର ସାତଶହ ଦଶଟଙ୍କା ଚାରିଅଣା ତିନିପାହୁଲା ରାଜସ୍ୱ ନେଲେ ।

ବେବର୍ତ୍ତା ବନ୍ଦୋବସ୍ତ (ଖ୍ରୀ:ଅ: ୧୮୫୮ - ଖ୍ରୀ:ଅ: ୧୮୬୨)

ମହାରାଜା ଗଦାଧର ଭଞ୍ଜଙ୍କ ନିର୍ଦ୍ଦେଶରେ ବେବର୍ତ୍ତା ଚନ୍ଦ୍ରଶେଖର ଧଳ ନିଜର ସାନଭାଇ ନନ୍ଦ ଧଳ (ବସ୍ତିଆ)ଙ୍କ ଦ୍ୱାରା ଖ୍ରୀ: ୧୮୫୮ରେ ରାଜ୍ୟରେ ନୂଆ ବନ୍ଦୋବସ୍ତ ଆରମ୍ଭ କଲେ । ଏହା ଖ୍ରୀ: ୧୮୬୨ରେ ଶେଷ ହେଲା । ନୂତନ ବନ୍ଦୋବସ୍ତ

Digitized by PPRACHIN, SOA

୧୮ ଦସ୍ତିପଦିକା (୬ଫୁଟ ୫ ଇଞ୍ଚ ଲାଠିମାପ) ଅନୁସାରେ ୨୦ ମାଣରେ ଏକବାଟୀ ହିସାବ ଲାଗୁହେଲା । ଅନେକ ଚାଷୀଙ୍କ ଉପରେ କରଖଜଣା ବଢିଲା । କର ଦେଉନଥିବା ଲୋକଙ୍କୁ କର ଦେବାକୁ ହେଲା । ଜମିମାଣ ପିଛା ଚାରିଅଣାରୁ ଛଅଅଣା, ଛଅ ଅଣାରୁ ଆଠ ଅଣା ଓ ଆଠ ଅଣାରୁ ବାରଅଣା ପର୍ଯ୍ୟନ୍ତ ଧାର୍ଯ୍ୟ ହେଲା । ରାଜପଦ ପଦବୀଧାରୀ ଅନେକ ନିଷ୍କର ଜମି ବୃତ୍ତି ଭୋଗ କରୁଥିବା ବ୍ୟକ୍ତିମାନଙ୍କ ପାଇଁ ପ୍ରଥମକରି 'ଟଙ୍କି' ଜମିଦାରୀ ପ୍ରଥା ଲାଗୁହେଲା ଓ ମାଣପିଛା ଦୁଇଅଣା ଖଜଣା ଲାଗୁହେଲା । ନୂଆ ନିୟମ ଲାଗୁ ହେବାରୁ ରାଜ୍ୟର ଆୟ ବହୁ ପରିମାଣରେ ବଢିଥିଲା । ବେବର୍ତ୍ତା ରାଜାଙ୍କ ଠାରୁ 'ମହାପାତ୍ର' ଉପାଧି ପାଇଲେ । ଖଜଣା ଆଦାୟପାଇଁ 'ଗଡମାଝି' ପଦବୀ ସୃଷ୍ଟିହେଲା, ପୂର୍ବରୁ ଶସ୍ୟ ଆକାରରେ ଦେଉଥିବା ଖଜଣା ଟଙ୍କା ଆକାରରେ ଆଦାୟ ହେବାରୁ ଲୋକେ ଅସନ୍ତୁଷ୍ଟ ହେଲେ । ଆନନ୍ଦପୁରର କୃଷକ ମାନେ ଅଧିକ ଅଶାନ୍ତି ହୋଇଥିଲେ ।

ମହାରାଜାଙ୍କ ଚରିତ୍ର:

ସେ ଜଣେ ଗୁଣୀ, ପଣ୍ଡିତ ଓ ସୁକବି ଥିଲେ । 'ରସ ମୁକ୍ତାବଳୀ' ନାମକ ଏକ କାବ୍ୟ ଲେଖିଥିଲେ । ଏହାଙ୍କର ଏକାଧିକ ରାଣୀ ଥିଲେ । ପାଟରାଣୀ ବିଷ୍ଣୁପ୍ରିୟାଙ୍କର କୌଣସି ପୁଅ ନଥିଲେ । ସାନରାଣୀ କମଳା ଦେବୀ (କେତେକଙ୍କ ମତରେ ସୌମିତ୍ରୀ ଦେବୀ)ଙ୍କର ଦୁଇପୁଅ । ବଡ ଧନୁର୍ଜ୍ଜୟ ଓ ସାନ ଚନ୍ଦ୍ରଶେଖର । ଗଦାଧର ଭଞ୍ଜ ଧନୁର୍ଜ୍ଜୟଙ୍କୁ ଖୁବ ଭଲ ପାଉଥିଲେ । ତାଙ୍କ ଅନ୍ତେ ଧନୁର୍ଜ୍ଜୟ ରାଜ୍ୟର ରାଜା ହେବେ ବୋଲି ନିଷ୍ପତ୍ତି ନେଇଥିଲେ । ଏଥିରେ ପାଟରାଣୀ ବିଷ୍ଣୁପ୍ରିୟା ପ୍ରଥମେ ରାଜି ଥିଲେ । କିନ୍ତୁ ପରେ ଅରାଜି ହେଲେ । ସେ ସାନରାଣିଙ୍କି ପୋଇଲି ଭଳି ବ୍ୟବହାର କରୁଥିଲେ । ମୟୁରଭଞ୍ଜର ରାଜପୁତ୍ର ବୃନ୍ଦାବନ ଭଞ୍ଜଙ୍କୁ ପୋଷ୍ୟପୁତ୍ର କରି ରାଜା କରିବାକୁ ଚାହିଁଥିଲେ । ଏହି ସମୟରେ ଗଦାଧର ତୀର୍ଥ କରିବାକୁ ବାହାରିଲେ । ଆଉ ତୀର୍ଥରୁ ଫେରିଲେ ନାହିଁ । ତ୍ରିବେଣୀ ତୀର୍ଥରେ ୧୨୬୮ ସାଲ କୁମ୍ଭମାସ ୨୫ ଦିନ (ଇଂରାଜୀ ତା ୧୨/୦୩/୧୮୬୧ରେ) ମୃତ୍ୟୁମୁଖରେ ପଡିଲେ ।

Digitized by PPRACHIN, SOA

ମହାରାଜା ଧନୁର୍ଜ୍ଜୟ ନାରାୟଣ ଭଞ୍ଜ

ରାଜା ବିହୀନ ରାଜ୍ୟ (ଖ୍ରୀ ୧୮୬୧ - ୧୮୬୭)

ମହାରାଜା ଗଦାଧରଙ୍କର ମୃତ୍ୟୁ ବେଳକୁ ଧନୁର୍ଜ୍ଜୟ ଭଞ୍ଜ ମାତ୍ର ୧୧ ବର୍ଷର ନାବାଳକ। ସେ ଖ୍ରୀ: ୧୮୫୦ ମସିହା ଜୁନ ମାସ ୨୬ ତାରିଖରେ ଜନ୍ମ ଗ୍ରହଣ କରିଥିଲେ। ପିତାଙ୍କ ମୃତ୍ୟୁ ବେଳକୁ ସେ ନିଜ ମାତାଙ୍କ ସହିତ ଜୟନ୍ତୀଗଡରେ ଅବସ୍ଥାନ କରୁଥିଲେ। ପିତାଙ୍କ ମୃତ୍ୟୁପରେ ସେ ସିଂହାସନରେ ବସିବାକୁ ବେବର୍ତ୍ତା ଚନ୍ଦ୍ରଶେଖର ଧଳ ଡକାଇ ଆଣିଲେ। କିନ୍ତୁ ପାଟରାଣୀ ବିଷ୍ଣୁପ୍ରିୟା ଶାଢ଼ୀ ବାନ୍ଧିବାକୁ ଅମଙ୍ଗ ହେଲେ। ସେ କହିଲେ, ଧନୁର୍ଜ୍ଜୟର ମାଆ ରଜାଘରର ଝିଅ ନୁହେଁ, ଗୋଟାଏ ପୋଇଲି। ଧନୁର୍ଜ୍ଜୟ ପୋଇଲିର ପୁଅ। କେନ୍ଦୁଝରର ରାଜା ମାନେ ରଜା ଝିଅ ନପାଇ କୌଣସି ଭଲଘରର ଝିଅକୁ ବାହାହେଲେ ତାଙ୍କୁ 'ଫୁଲ ବିବାହୀ' କୁହାଯାଉଥିଲା। ସେହିଭଳି ଧନୁର୍ଜ୍ଜୟଙ୍କ ମାଆ ଫୁଲ ବିବାହୀ ଥିଲେ। ଆଗରୁ ପ୍ରଥା ଥିଲା ଯେ ପାଟରାଣୀ ପୁଅ ରଜାହେବ। ପାଟରାଣୀର ପୁଅ ନଥିଲେ ରଜାର ସାନଭାଇ ରଜାହେବ। ନହିଲେ ରଜାଙ୍କ ଭାଇ ବିରାଦର ପୁଅ ରଜାହେବ। ଦାସୀପୁତ୍ର କିମ୍ବା ଫୁଲ ବିବାହୀ ପୁଅ ରାଜ୍ୟର ହକଦାର ନୁହେଁ। ଅନ୍ୟ ଏକ ନିୟମ ଅନୁସାରେ ରାଜା ଯାହାକୁ ପୋଷ୍ୟପୁତ୍ର କରିଥିବେ କିମ୍ବା ରାଜା ପୋଷ୍ୟପୁତ୍ର କରିନଥିଲେ ପାଟରାଣୀ ଅନ୍ୟ ରାଣୀଙ୍କ ସନମତି ନେଇ ପୋଷ୍ୟପୁତ୍ର କରି ସିଂହାସନରେ ବସାଇବେ। ଖ୍ରୀ: ୧୮୬୨ ମାର୍ଚ୍ଚ ୧୧ ତାରିଖରେ ବଡଲାଟ୍ ଲର୍ଡକେନିଂ କେନ୍ଦୁଝର ସମେତ ୧୬ ଗୋଟି ଗଡଜାତରେ ଜମିଦାରମାନଙ୍କୁ ପୋଷ୍ୟପୁତ୍ର ଗ୍ରହଣ କରିବାକୁ ଅଧିକାର ଦେଇ ସନନ୍ଦ ଦେଇଥିଲେ। ଏହି ନିୟମ ଅନୁସାରେ ପାଟରାଣୀ ବିଷ୍ଣୁପ୍ରିୟା ମୟୁରଭଞ୍ଜର ରାଜପୁତ୍ର ବୃନ୍ଦାବନ ଭଞ୍ଜଙ୍କୁ ପୋଷ୍ୟପୁତ୍ର କରି ଗାଦୀରେ ବସାଇବାକୁ ଚାହିଁଲେ।

Digitized by PPRACHIN, SOA

କିନ୍ତୁ ମୟୂରଭଞ୍ଜ ରାଜାଙ୍କର ଦୁଇପୁତ୍ର କୃଷ୍ଣଚନ୍ଦ୍ର ଓ ବୃନ୍ଦାବନ ଦୁଇଟି ରାଜ୍ୟରେ ରାଜା ହେବାକୁ ଇଂରେଜ ସରକାର ଚାହୁଁନଥିଲେ।

ସେ ସମୟରେ ବେବର୍ତ୍ତା ଚନ୍ଦ୍ରଶେଖର ଧଳ ମହାପାତ୍ର ଇଂରେଜ ସରକାରଙ୍କର ପ୍ରିୟଥିଲେ। ସେ କଲିକତାରୁ ଲେପ୍‌ଟନାଣ୍ଟ ଗଭର୍ଣ୍ଣର ସହିତ ପରାମର୍ଶ କରି ଫେରିବାପରେ କହିଲେ ମହାରାଜା ଗଦାଧର ତାଙ୍କ ଅନ୍ତେ ଧନୁର୍ଜୟ ରାଜା ହେବାକୁ ଦଲିଲ୍ କରିଦେଇଛନ୍ତି। ଏଣୁ ସେ ଧନୁର୍ଜୟଙ୍କୁ ୧୨୬୮ ସାଲ ମୀନ ମାସ ୨୫ ଦିନ ଇଂ ତା ୦୮/୦୪/୧୮୬୧ ମଙ୍ଗଳବାରରେ ସିଂହାସନରେ ବସାଇଲେ। ମହାରାଣୀ ବିଷ୍ଣୁପ୍ରିୟା ଏଥିରେ ଏକମତ ହେଲେ ନାହିଁ। ବିବାଦ ଏଭଳି ହେବାରୁ ଇଂରେଜ ସରକାର ଧନୁର୍ଜୟଙ୍କୁ ଗାଦୀରେ ବସିବା ହକ୍‌ଦାର ବୋଲି କହିଲେ।

ଘଟଣା ଏଭଳି ଗଣ୍ଡଗୋଳିଆ ହୋଇଥିବା ବେଳେ ତା ୩/୪/୧୮୬୨ରେ କନରବ ହୋଇଥିଲା ଯେ ପାଟରାଣୀଙ୍କ ଅନୁମତି ନେଇ ଧନୁର୍ଜୟ ଗାଦୀରେ ବସିଲେ। ଠିକ୍ ସପ୍ତାହେ ନ ପୁରୁଣୁ ତା ୯/୪/୧୮୬୨ରେ ମୟୁରଭଞ୍ଜ ରାଜା କୃଷ୍ଣଚନ୍ଦ୍ର ଭଞ୍ଜ ତାଙ୍କ ସାନଭାଇକୁ କେନ୍ଦୁଝର ପଠାଇଲେ। ସେ କହିଲେ ଯେ ମୃତ୍ୟୁପୂର୍ବରୁ ମହାରାଜା ଗଦାଧର ଓ ପାଟରାଣୀ ବିଷ୍ଣୁପ୍ରିୟା ତାଙ୍କୁ ପୋଷ୍ୟପୁତ୍ର ଭାବେ ଗ୍ରହଣ କରିଛନ୍ତି। ପାଟରାଣୀ ଏହି କଥାକୁ ମାନିନେଇ ବୃନ୍ଦାବନଙ୍କୁ ଗାଦୀରେ ବସାଇଲେ। ଏଥିରେ ବେବର୍ତ୍ତା ରାୟ ବାହାଦୂର ଚନ୍ଦ୍ରଶେଖର ଧଳ ମହାପାତ୍ର ଆପତ୍ତି ଉଠାଇଲେ ଓ ମହାରାଜା ଗଦାଧର ଭଞ୍ଜଙ୍କ ଚୁକ୍ତିନାମା ଦେଖାଇଲେ। ରାଣୀ ଏହାକୁ ଜାଲ ବୋଲି କହି ସୁପରିଟେଣ୍ଡେଣ୍ଟଙ୍କ ନିକଟରେ ଅଭିଯୋଗ କଲେ। ସୁପରିଟେଣ୍ଡେଣ୍ଟ ଆର. ଏନ୍. ସୁର ମହାରାଣୀଙ୍କ ଅଭିଯୋଗ ପାଇ ଖ୍ରୀ:ଅ: ୧୮୧୬ର ୧୧ କାନନ୍‌ଗୋ ଅନୁସାରେ ଧନୁର୍ଜୟ ରାଜା ହୋଇପାରିବେ ବୋଲି ରାୟ ଦେଲେ। ରାଣୀ ଏଥିରେ ଅସନ୍ତୁଷ୍ଟ ହୋଇ ହାଇକୋର୍ଟରେ ମକଦ୍ଦମା କଲେ। ଏଥିରେ ମଧ୍ୟ ହାରିଲେ। ଦବି ନ ଯାଇ ଇଂଲଣ୍ଡର ପ୍ରିଭିକାଉନସିଲ୍‌ରେ ଅପିଲ୍ କଲେ। ମକଦ୍ଦମା ବିଚରାଧୀନ ଥିବା ଅବସ୍ଥାରେ ଧନୁର୍ଜୟ ବୟଃପ୍ରାପ୍ତି ହେଲେ। ଏତେବେଳକୁ ସେ କଟକରେ ରହି ପାଠ ପଢୁଥିଲେ। ତାଙ୍କର ସମସ୍ତ ଖର୍ଚ୍ଚ କେନ୍ଦୁଝର ରାଜକୋଷରୁ ଭରଣା ହୋଇଥିଲା।

ଶେଷରେ ମକଦ୍ଦମା ହେଲା। ଇଂରେଜ ସରକାର ପାଟରାଣୀଙ୍କ କଥା ଶୁଣିଲେ ନାହିଁ। ଧନୁର୍ଜୟଙ୍କୁ ମଧ୍ୟ ନାବାଳକ ବୋଲି ଗାଦିରେ ବସିବାକୁ ଦେଲେ ନାହିଁ।

Digitized by PPRACHIN, SOA

ରାଜ୍ୟ ଶାସନ ନିଜ ହାତକୁ ନେଇଗଲେ। ଶାସନ ନିମିତ୍ତ ଜଣେ ତହସିଲଦାର ଓ ଜଣେ ଦେୱାନଙ୍କୁ ନିଯୁକ୍ତ କଲେ। ଚନ୍ଦ୍ରଶେଖର ଇଂରେଜ ସରକାରଙ୍କର ଖୁବ ବିଶ୍ୱାସୀ ଥିବା ହେତୁ ସେ ଦେୱାନଭାବେ ରାଜ୍ୟ ଶାସନ ଚଳାଇଲେ।

ଧନୁର୍ଜ୍ଜୟଙ୍କ ଗାଦୀଲାଭ (ଖ୍ରୀ:୧୮୬୭)

ଧନୁର୍ଜ୍ଜୟ ଭଞ୍ଜ ସାବାଳକ ହୋଇଯିବାରୁ ସେ ସିଂହାସନରେ ବସିବାକୁ ଇଂରେଜ ସରକାର ଆଦେଶ ଦେଲେ। ଧନୁର୍ଜ୍ଜୟ ଖ୍ରୀ: ୧୮୬୭ ମସିହା ସେପ୍‌ଟେମ୍ବର ମାସ ପବିତ୍ର ସୁନିଆଁ ଦିନରେ ଗାଦୀରେ ବସିଲେ। କିନ୍ତୁ ପାଟରାଣୀ ଶାଢୀ ବାନ୍ଧିଲେ ନାହିଁ କି ଭୂୟାଁ ସର୍ଦ୍ଦାରମାନେ ଏଥିରେ ଖୁସିହେଲେ ନାହିଁ।

ସେତେବେଳେ ଇଂରେଜ ସରକାରଙ୍କ ତରଫରୁ କଟକରେ ଥିବା ସୁପରିଟେଣ୍ଡେଣ୍ଟ ରେଭେନ୍‌ସା ସାହେବ କେନ୍ଦୁଝରର ଭଲମନ୍ଦ ବୁଝୁଥିଲେ। ସେ ତା ୫/୧୨/୧୮୬୭ରେ କେନ୍ଦୁଝର ଆସି ମୀମାଂସା କରିବାକୁ ରାଣୀଙ୍କୁ ପ୍ରସ୍ତାବ ଦେଲେ। ରାଣୀ ମାସିକ ଟ ୫୫୦ ଭତ୍ତା ପାଇବେ। ପଚାଶ ଟଙ୍କା ଖଜଣା ଉଠାଇ ପାଇବା ଭଳି ଗାଁଟିଏ ନିଷ୍କର ଭୋଗ କରିବେ। ଏଥିରେ ପାଟରାଣୀ ରାଜି ହୋଇଗଲେ। ତା ୧୩/୨/୧୮୬୮ରେ ଧନୁର୍ଜ୍ଜୟଙ୍କ ମୁଣ୍ଡରେ ପାଟଶାଢୀ ଦେବାରୁ ୧୨୭୫ ସାଲ ମାଘମାସ ୨୫ ଦିନ (ଇଂରାଜୀ ତା ୭/୦୨/୧୮୬୮ରେ) ଭୂୟାଁମାନେ ସିଂହାସନକୁ ନେଇ ଅଭିଷେକ କରାଇଲେ। ରାଜାଙ୍କ ସୁରକ୍ଷା ପାଇଁ ୨୦ ଜଣ ସଶସ୍ତ୍ର ସିପାହୀଙ୍କୁ ଛାଡ଼ି ରେଭେନ୍‌ସା ଫେରିଗଲେ।

ରତ୍ନାମେଳି (ଖ୍ରୀ: ୧୮୬୮)

ଧନୁର୍ଜ୍ଜୟ ରାଜା ହେବାକୁ କେତେକ ଭୂୟାଁ ଚାହୁଁ ନଥିଲେ। ସେ ଗାଦୀରେ ବସିବାରୁ ଅଶାନ୍ତି ବଢିଲା। ଭୂୟାଁ ପୀଡରେ ଗଣ୍ଡି ବୁଲିଲା। ଲୋକେ ତାତି ଉଠିଲେ। ପାଟରାଣୀ ରାଜ୍ୟରୁ ତଡା ଖାଇବ - ସେ ଆମ ଝିଅ ସମାନ। ରାଜ୍ୟରେ ରଜାହେବ - ଆମେ ଜାଣିବା ନାହିଁ। ଆମେ ରଜା ନକରି ପଲଟଣ ସାଇବ ଆସି ରଜା କରିବ - ରାଜ୍ୟଟା ଆମର ନା ସାଇବ ମାନଙ୍କର ? ତା ୨୧/୪/୧୮୬୮ ମସିହାରେ ମେଳି ଆରମ୍ଭ ହେଲା। ଏହି ମେଳିର ମୁଖ୍ୟ ଥିଲେ ବାଂଶପାଳ ସାରପୁର ଗାଁର ଭୂୟାଁ ସର୍ଦ୍ଦାର ରତନା ନାଏକ। ତା ୨୮/୪/୧୮୬୮ରେ ଦଅଁଳା ଗାଁରେ ହଜାର ହଜାର

Digitized by PPRACHIN, SOA

ଲୋକ ମିଳିତ ହେଲେ। ରାଜ୍ୟର ଦେୱାନ ଚନ୍ଦ୍ରଶେଖର ଧଳ ମହାପାତ୍ର ଭୂୟାଁ ମାନଙ୍କୁ ବୁଝାସୁଝା କରିବା ପାଇଁ ସଭାରେ ଯାଇ ପହଞ୍ଚିଲେ। ଲୋକେ ଉତ୍ୟକ୍ତ ହୋଇଉଠିଲେ। ରାଜାଙ୍କୁ ମାନିବା ନାହିଁ ବୋଲି ପାଟି କଲେ। ଦେୱାନଙ୍କ ପକ୍ଷରୁ ଯାଇଥିବା ବେତାଳାଲ ମହାପାତ୍ରଙ୍କ ସାଉଁତି ପାଇକମାନେ ପ୍ରଜାମାନଙ୍କୁ ଆକ୍ରମଣ କରିବାରୁ ଦେୱାନଙ୍କ ସହିତ ମହାପାତ୍ର ଓ ଶତାଧିକ ପାଇକ ମଧ୍ୟ ହାଣ ଖାଇଲେ।

ଏ ଘଟଣା ଇଂରେଜ ସରକାର ଜାଣିଲେ। ଡାକ୍ତର ଡବଲ୍ୟୁ: ହେସ୍ ସାହେବଙ୍କୁ କେନ୍ଦୁଝର ପଠାଇଲେ। ସେ ରାଜ୍ୟର ମାଜିଷ୍ଟ୍ରେଟ, କଲେକ୍ଟର ଏବଂ ଜଜ୍ କ୍ଷମତା ପାଇଲେ। ସେ ଏକ ହଜାର ଏକଶହ ଚଉତିରିଶ ଜଣ ସୈନ୍ୟ ଧରି ତା ୭/୫/୧୮୬୮ରେ କେନ୍ଦୁଝରରେ ପ୍ରବେଶ କଲେ। ତା ୭/୭/୧୮୬୮ ଦିନ ଛୋଟନାଗପୁରର କମିଶନର ଡାଲ୍ଟନ ସାହେବ ଦୁଇହଜାର ଦୁଇଶହ ସିପାହୀ ଓ ୧୩ ଜଣ ହାକିମଙ୍କୁ ଧରି ତଲାସୀ ଚଳାଇଲେ। ଗଡରେ ପହଞ୍ଚିଲେ। ମେଳିଆଙ୍କ ସଂଖ୍ୟା ମଧ୍ୟ କୋଡିଏରୁ ତିରିଶି ହଜାର ଥିଲା। ଧନୁ ଟାଙ୍ଗିଆ ଧରି ଲଢୁଥିବା ମେଳିଆମାନେ ତୋପ କମାଣ ଧାରୀ ଇଂରେଜ ସୈନ୍ୟଙ୍କୁ ମୁହାଁଇ ପାରିଲେ ନାହିଁ। ଇଂରେଜ ସୈନ୍ୟମାନେ ଅନେକ ଗାଁ ଗଣ୍ଡା ପୋଡିଦେଲେ। ଅନେକ ମେଳିଆଙ୍କୁ ଗୁଳିକରି ମାରିଦେଲେ। ଅନେକ ମେଳିଆ ଧରାପଡିଲେ। ତା ୧୫/୮/୧୮୬୮ରେ ମେଳି ସର୍ଦ୍ଦାର ରତ୍ନା ନାଏକ ଓ ନନ୍ଦ ନାଏକଙ୍କୁ ପାଲଲହଡା ଓ ବଣେଇ ରଜା ଧରାଇଦେଲେ। ସମୁଦାୟ ୧୮୩ ଜଣ ସର୍ଦ୍ଦାର ଧରାପଡି ଜେଲକୁ ଗଲେ। ଏହି ମେଳି ଦମନ କରିବାକୁ ସୁପରିଟେଣ୍ଡେଣ୍ଟ୍ ରେଭେନ୍ସା ସାହେବ ତା ୭/୭/୧୮୬୮ ରୁ ତା ୧/୧୧/୧୮୬୮ ପର୍ଯ୍ୟନ୍ତ କେନ୍ଦୁଝରରେ ଥିଲେ। ତାଙ୍କର ବିଚାର ଅନୁସାରେ ସାତଜଣଙ୍କୁ ଫାଶୀ, ସତେଇଶ ଜଣଙ୍କୁ ଆଜୀବନ ଦେଶାନ୍ତର ଓ ୧୪୯ ଜଣଙ୍କୁ ବିଭିନ୍ନ ସମୟ ପାଇଁ ସଜା ହେଲା। ଏହି ବର୍ଷ ନଭେମ୍ବର ମାସ ୩୦ ତାରିଖ ଶେଷ ସୋମବାର ଦିନ କଟକ ଜେଲ ଭିତରେ ରତ୍ନା ନାଏକ, ଦାଶରଥି କୁଅଁର, ବୈକୁଣ୍ଠ କୋହ୍ଲ, ପଦୁ ନାୟକ, ଟୁଣି ପ୍ରଧାନ, ମାର୍ଗଶିର କୋହ୍ଲ ଓ ବୈରାଗୀ କୋହ୍ଲ ଫାଶୀ ପାଇଲେ।

ଏମାନେ ଦେଶ ଓ ଜାତିର ନିୟମ ରଖିବାକୁ ଯାଇ ପ୍ରାଣ ଦେଲେ ସିନା ବିପ୍ଳବୀ ବୀର ଭାବରେ ଅମର ରହିଛନ୍ତି।

Digitized by PPRACHIN, SOA

ଧନୁର୍ଜ୍ଜୟଙ୍କ କ୍ଷମତା ଲାଭ:

ମେଳିଆ ମାନେ ଶାସ୍ତି ପାଇବାପରେ ସନ ୧୮୬୯ ମସିହା ଜାନୁଆରୀ ମାସରେ ଓଡିଶା କମିଶନର ରେଭେନ୍‌ସା ସାହେବ ପୁଣି କେନ୍ଦୁଝର ଆସି ଧନୁର୍ଜ୍ଜୟଙ୍କୁ ଗାଦୀରେ ବସାଇଲେ। ରାଜାଙ୍କୁ ଶାସନ କାର୍ଯ୍ୟରେ ସାହାଯ୍ୟ କରିବାପାଇଁ କ୍ୟାପ୍‌ଟେନ୍ ଜନଷ୍ଟନ ସାହେବ (ଖ୍ରୀ: ୧୮୬୮ - ଖ୍ରୀ: ୧୮୭୧) ଆର୍ ହଣ୍ଟର (ଖ୍ରୀ: ୧୮୭୧ - ଖ୍ରୀ: ୧୮୭୩) ଓ କାହ୍ନା ସିଂହ (ଖ୍ରୀ: ୧୮୭୩ - ଖ୍ରୀ: ୧୮୭୬) ରହିଲେ। ରାଜାଙ୍କ ପାଖରେ ୧୮ ଗୋଟି ତୋପ ଓ ଅପରାଧିକୁ ୭ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ ଦେବାର ଅଧିକାର ରହିଲା। ମେଳି ହେତୁ ରାଜ୍ୟ ଉପରେ ଏକଲକ୍ଷ ୩୦ ହଜାର ୩୨୭ ଟଙ୍କା ତିନିଅଣା ଅଢ଼େଇ ପାହୁଲା ଦେୟ ହୋଇଥିଲା। ମୟୂରଭଞ୍ଜ ରାଜାଙ୍କ ସହାୟତାରେ ମେଳି ହୋଇଥିବାରୁ ସେଠାକାର ମହାରାଜା ଯଦୁନାଥ ନାରାୟଣ ଭଞ୍ଜଙ୍କ ଉପରେ ୬୫ ହଜାର ୧୬୩ ଟଙ୍କା ଦଶଅଣା ଖର୍ଚ୍ଚ ଦାବି ହେଲେ। ବାକି ଅର୍ଦ୍ଧେକରୁ ୩୩ ହଜାର ଟଙ୍କା କେନ୍ଦୁଝର ରାଜା ବହନ କରିବାକୁ ନିର୍ଦ୍ଦେଶ ଦେଲେ।

ଭୂବନ୍ଦୋବସ୍ତ:

ରାଜ୍ୟରେ ଶାନ୍ତି ଫେରି ଆସିବାରୁ ୧୮୬୯ରେ ଏକ ଭୂବନ୍ଦୋବସ୍ତ ଆରମ୍ଭ କରାଗଲା। ଜନଷ୍ଟୋନ ସାହେବ ଏହି କାମର ଦାୟିତ୍ୱ ନେଇଥିଲେ। ଅପର କେନ୍ଦୁଝରିରେ ୧୬ଟିଦଣ୍ଡପାଟ ଥିଲା। ଏଥିରୁ ଜ୍ୟୋତିପୁର, କାଳିକା ପ୍ରସାଦ, ଚମକପୁର ଓ ନୟାଗଡ ଦଣ୍ଡପାଟକୁ କାଡିନେଇ ଆଉଏକ ସବ୍‌ଡିଭିଜନ କରାଗଲା। ନୟାଗଡଠାରେ ଏହାର ମୁଖ୍ୟ କାର୍ଯ୍ୟାଳୟ ରହିଲା। ପରେ ୧୯୦୦ ମସିହାରେ ଏହି କାର୍ଯ୍ୟାଳୟ ଚମ୍ପୁଆକୁ ଉଠି ଯାଇଥିଲା। ନୂଆ ବନ୍ଦୋବସ୍ତ ଅନୁସାରେ ବାର୍ଷିକ ହଳପିଛା ଆଠଅଣା, ହଳ ନଥିଲେ ଚାରିଅଣା ଓ ପ୍ରଥମକରି ଶିକ୍ଷାକର ବାବଦକୁ ଏକଅଣା କରି ଖଜଣା ଧାର୍ଯ୍ୟ ହେଲା। ଏହି ବନ୍ଦୋବସ୍ତ କାର୍ଯ୍ୟ ଖ୍ରୀ:ଅ: ୧୮୭୦ରେ ଶେଷହେଲା। ରାଜ୍ୟରୁ ମୋଟ ଟ ୪୬,୩୦୦ଙ୍କା ଆଠଅଣା ଚାରିପାହୁଲା ଖଜଣା ଉଠିଲା।

ରାଜାଙ୍କ ସମ୍ମାନ ଓ ପଦପଦବୀ ଲାଭ:

ରାଜାଙ୍କ କୀର୍ତ୍ତି କଳାପରେ ପ୍ରଜାମାନେ ଶାନ୍ତିରେ ରହିଲେ। ଇଂରେଜ ସରକାର ଖୁସିହୋଇ ରାଜାଙ୍କୁ ୧୮୭୭ ମସିହାରେ ମହାରାଜା ଉପାଧି ଦେଲେ। ଦିଲ୍ଲୀ

Digitized by PPRACHIN, SOA

ଦରବାରରୁ ଅନୁମୋଦିତ ହୋଇ ତା ୦୭/୧୨/୧୮୮୭ରେ ରାଜା ଧନୁର୍ଜ୍ଜୟ ମହାରାଜା ଭାବେ ସମ୍ମାନ ପାଇଲେ।

ପୁରୀର ଗଜପତି ଦିବ୍ୟସିଂହ ଦେବ (ଖ୍ରୀ: ୧୮୭୨-ଖ୍ରୀ: ୧୮୭୭) ମହାରାଜା ଧନୁର୍ଜ୍ଜୟଙ୍କୁ ତାଙ୍କ ଶାସନର ୩୩ ଅଙ୍କରେ ଖ୍ରୀ: ୧୮୭୭ରେ ମହାରାଜା ଧନୁର୍ଜ୍ଜୟଙ୍କୁ ପୁରୀ ବଡଦେଉଳର ପରୀଛା (ପରୀକ୍ଷା) ପଦବୀ ଅର୍ପଣ କଲେ। ପୁରୀ ଶ୍ରୀମନ୍ଦିର ଅନୁରୂପ କେନ୍ଦୁଝର ବଳଦେବଜୀଉ ମନ୍ଦିରରେ ପର୍ବପର୍ବାଣୀମାନ ଆରମ୍ଭ କରିଥିଲେ।

ମହାରାଜାଙ୍କର ନୂଆ କର୍ମଚାରୀ:

ମହାରାଜା ଉପାଧି ପାଇବାପରେ ଖୁବ୍ ଆଗ୍ରହର ସହିତ ରାଜ୍ୟ ଶାସନରେ ମନଦେଲେ। ରତ୍ନାମେଳିପରେ ଇଂରେଜ ସରକାର ଜଣେ ରାଜନୈତିକ ସହାୟକଙ୍କୁ ତାଙ୍କତରଫରୁ ଯୋଗାଇ ଦେଇଥିଲେ। ଏଥର ଏହି ପଦବୀ ଉଠାଇ ଦିଆଗଲା। ଏହାସ୍ଥାନରେ ରାଜା ନିଜ ଇଚ୍ଛାଅନୁସାରେ ଜଣେ ମ୍ୟାନେଜର ନିଯୁକ୍ତ କଲେ। ଖ୍ରୀ: ୧୮୮୨ ବେଳକୁ ପ୍ରଥମେ ବାବୁ ଜଗନ୍ମୋହନ ଦାସ, କାହ୍ନୁସିଂହ ଓ ପରେ ଗେଡ଼େମା ମୌଜାର ବାବୁ ବ୍ରହ୍ମାନନ୍ଦ ଦାସ ଏହି ପଦବୀ ମଣ୍ଡନ କରିଥିଲେ। ବ୍ରହ୍ମାନନ୍ଦ ରାଜ୍ୟର ପ୍ରଥମ ଶିକ୍ଷିତ ସ୍ନାତକ ଥିଲେ। କଲିକତା ବିଶ୍ୱବିଦ୍ୟାଳୟର ଅଧୀନରେ ଥିବା କଟକ କଲେଜରୁ ଖ୍ରୀ: ୧୮୮୨ ରେ ଦ୍ୱିତୀୟ ଶ୍ରେଣୀରେ ବି:ଏ: ପାଶ୍ କରି ମ୍ୟାନେଜର ଭାବେ ନିଯୁକ୍ତ ହୋଇଥିଲେ ଖ୍ରୀ: ୧୮୮୩ ରେ। ଏହିବର୍ଷ ପୂର୍ବରୁ ଏହି ଦାୟିତ୍ୱ ତୁଲାଉଥିବା କାହ୍ନୁ ସିଂହଙ୍କର ମୃତ୍ୟୁ ହେଲା। କେନ୍ଦୁଝରର ପ୍ରଥମ ସ୍ନାତକ ବ୍ରହ୍ମାନନ୍ଦ ମ୍ୟାନେଜର ହେବାପରେ ଅନେକ କାରଣରୁ ମହାରାଜାଙ୍କ ସହିତ ମତାନ୍ତର ହେଲା। ସେ ୧୮୮୪ ମସିହାରେ ଚାକିରି ଛାଡି ଚାଲିଗଲେ।

ଏହିବର୍ଷ ବାବୁ କୁଞ୍ଜ ବିହାରୀ ଦେ ନିଯୁକ୍ତିପାଇଁ ଖ୍ରୀ ୧୮୮୬ ପର୍ଯ୍ୟନ୍ତ କେନ୍ଦୁଝରରେ ମ୍ୟାନେଜର ଥିଲେ। ଖ୍ରୀ ୧୮୮୬ ରେ କୁଞ୍ଜ ବିହାରୀ ବାବୁ ଚାଲିଯିବାରୁ ତାଙ୍କ ସ୍ଥାନରେ ବାବୁ ଫକୀର ମୋହନ ସେନାପତି ନିଯୁକ୍ତ ହେଲେ। ଏହିକାଳରେ ଖ୍ରୀ ୧୮୮୪ ବେଳକୁ ଆନନ୍ଦପୁର କଚେରୀରେ ସିରସ୍ତାଦାର ଭାବେ ବାବୁ ବିଚିତ୍ରାନନ୍ଦ ଦାସ ଓ ସର୍ଭେୟର ଭାବେ ଭୋଳାନାଥ ସାମନ୍ତରାୟ ନିଯୁକ୍ତି ପାଇଥିଲେ, ଅଳ୍ପଦିନ

Digitized by PPRACHIN, SOA

ପରେ ବିଚିତ୍ରାନନ୍ଦ ମହାରାଜାଙ୍କର ପ୍ରିୟପାତ୍ର ହୋଇ ଆନନ୍ଦପୁରର ମ୍ୟାନେଜର ପଦବୀ ମଣ୍ଡନ କରିଥିଲେ ।

ବିଚିତ୍ରାନନ୍ଦ:

ବିଚିତ୍ରାନନ୍ଦ (ସନ ୧୮୨୭) ଏକଦା ଓଡିଶା କମିଶନର ରେଭେନସା ସାହେବଙ୍କ ଦକ୍ଷିଣହସ୍ତ ସିରସ୍ତାଦାର ଥିଲେ । ସେ ରେଭେନସା ସାହେବଙ୍କୁ ପ୍ରବର୍ତ୍ତାଇ ପ୍ରଥମକରି ଓଡିଶା ପ୍ରିଣ୍ଟିଂ ପ୍ରେସ (୧୮୬୪), ଓ କଟକ (ରେଭେନସା) କଲେଜ (ଖ୍ରୀ: ୧୮୬୮) ସ୍ଥାପନ କରାଇଥିଲେ । ଖ୍ରୀ: ୧୮୭୫ ରେ ଓଡିଆ ମାନଙ୍କୁ ଏକ ଶାସନାଧିନ କରାଯିବାକୁ ବାଲେଶ୍ୱର ରାଜା ଶ୍ୟାମାନନ୍ଦ ଦେଙ୍କ ସହିତ ବଙ୍ଗଳାର ଛୋଟଲାଟ୍ ରିଚାର୍ଡ ଟେମ୍ପଲଙ୍କ ଠାରେ ଦାବୀ କରିଥିଲେ । ସେ 'କରଣକୁଣ୍ଡଳ' ଓ କୃଷି ବିଜ୍ଞାନ' ପୁସ୍ତକର ରଚୟିତା ଥିଲେ । ରେଭେନ୍ସା ଓଡିଶାରୁ ଚାଲିଯିବା ପରେ ଖ୍ରୀ: ୧୮୭୫ରେ ତାଙ୍କର ଅକାଳ ବିୟୋଗ ଘଟିଥିଲା । କମିଶନର ଏ ସ୍ମିଥ୍ଙ୍କ ସମୟରେ ବିଚିତ୍ରାନନ୍ଦ ନାମରେ ଆଉ ଜଣେ ସିରସ୍ତାଦର ଥିଲେ । ଏହି ବିଚିତ୍ରାନନ୍ଦଙ୍କୁ ଏକ ମାମଲାରେ ସିରସ୍ତାଦାର ପଦବୀରୁ ବହିଷ୍କୃତ ହେବାକୁ ପଡିଥିଲା । ଜଣେ କର୍ମଠ ଓ ଶାସନ ବିଶାରଦ ବ୍ୟକ୍ତି ଭାବେ ସରକାର କମିଶନର ନନ୍ଦକିଶୋର ଦାସଙ୍କ ସୁପାରିଶକ୍ରମେ ଧନୁର୍ଜ୍ଜୟ ତାଙ୍କୁ ମ୍ୟାନେଜର ପଦବୀରେ ନିଯୁକ୍ତ କରିଥିଲେ । ରାଜାଙ୍କ ଠାରୁ ସେ ବୟସରେ ବଡ଼ ଥିବାରୁ ଓ ଅଭିଜ୍ଞ କାରଣରୁ ରାଜା ତାଙ୍କୁ ସମ୍ମାନ ଦେଉଥିଲେ; ଗଭୀର ବିଶ୍ୱାସ ମଧ୍ୟ କରୁଥିଲେ ।

ବିଚିତ୍ରାନନ୍ଦ ପ୍ରଜାଙ୍କ ଉପରେ ବହୁ ଅନ୍ୟାୟ କର ଲଦି ଦେଇଥିଲେ । ଖ୍ରୀ: ୧୮୮୪ ରେ କଲିକତାରେ ଅନୁଷ୍ଠିତ ହେଉଥିବା ଏକ ଅନ୍ତଃରାଷ୍ଟ୍ରୀୟ ମେଳା ଦେଖିବାକୁ ମହାରାଜା ଧନୁର୍ଜ୍ଜୟ ଭଞ୍ଜ କଲିକତା ଯାଇଥିଲେ । ଏଥିପାଇଁ ପ୍ରଜାମାନଙ୍କୁ ଏକ ସ୍ୱତନ୍ତ୍ର କର ଦେବାକୁ ପଡିଥିଲା । ପାଞ୍ଚଟଙ୍କାରୁ ଏକଶହ ପଞ୍ଚସ୍ତରୀ ଟଙ୍କା ପର୍ଯ୍ୟନ୍ତ ଏହିକର ପ୍ରଜାଙ୍କଠାରୁ ଆଦାୟ କରାଯାଇଥିଲା । ଏହି କରର ନାମ ଥିଲା 'ମେଳାପଞ୍ଝା' । ଖ୍ରୀ: ୧୮୮୬ରେ ଧନୁର୍ଜ୍ଜୟ ଭଞ୍ଜଙ୍କର ଦ୍ୱିତୀୟ ବିବାହ ଅନୁଷ୍ଠିତ ହୋଇଥିଲା । ଏଥିପାଇଁ ପ୍ରଜାମାନଙ୍କୁ 'ମଙ୍ଗଳପଞ୍ଝା' ଦେବାକୁ ପଡିଥିଲା । ଅନେକ ପ୍ରଜାଙ୍କ ଉପରେ ପାଞ୍ଚଟଙ୍କାରୁ ଏକଶହ ତେପନ ଟଙ୍କା ପର୍ଯ୍ୟନ୍ତ ଏହି କର ମିଶାଯିବାରୁ ସେମାନେ ଦେଇନପାରି ବିଚିତ୍ରାନନ୍ଦର କୋପଦୃଷ୍ଟିରେ ପଡିଥିଲେ । ଏଭଳି ଖଜଣା

Digitized by PPRACHIN, SOA

ଦେଇନପାରି ଆନନ୍ଦପୁର ଅଞ୍ଚଳର କୃଷ୍ଣଚରଣ ପଟ୍ଟନାୟକ, ପଠାଣି ଚକ୍ର, ହରିସାନ୍ତରା, ଚକ୍ରଧର ଗେଣା, ଶଙ୍କର୍ଷଣ ପଟ୍ଟନାୟକ, ଶ୍ରୀନିବାସ ପଟ୍ଟନାୟକ, ମହେନ୍ଦ୍ର ପଟ୍ଟନାୟକ, ହରିକୃଷ୍ଣ ବିଦ୍ୟାଧର, ମହାଦେବ ବିଦ୍ୟାଧର, ରଥ ବିଦ୍ୟାଧର, ଭାଇଗ ସାମନ୍ତ ସିହାର, ବଂଶୀ ବିଦ୍ୟାଧର, ନିଶାକର କାଉଳ, ହରି ସାମନ୍ତ ସିଂହାର, ଯୋଗି ପାଇକରାୟ୍ ଜୟସିଂ, ଜଗବନ୍ଧୁ ଦାସ; ସାଉଁତି ଚରଣ ଦାସ ଓ ବିକ୍ରମ ଦାସ ପ୍ରମୁଖ ବହୁ ବ୍ୟକ୍ତି ବିଚିତ୍ରାନନ୍ଦ ଅତ୍ୟାଚାରର ଶୀକାର ହୋଇଥିଲେ ଓ ଅନେକ ଦାଣ୍ଡର ଭିକାରୀ ପାଲଟି ଯାଇଥିଲେ। ବିଶେଷକରି ବିଦ୍ୟାଧର ପରିବାର ଓ ଗେଡେମା ମୌଜାର କରଣ ପରିବାର (କେନ୍ଦୁଝରର ପୂର୍ବତନ ମ୍ୟାନେଜର ବ୍ରହ୍ମାନନ୍ଦ ଦାସଙ୍କ ବଂଶଧର) ଅକଥନୀୟ ଅତ୍ୟାଚାରର ଶୀକାର ହୋଇଥିଲେ। ଫଳରେ ପରବର୍ତ୍ତୀ କାଳରେ ଏହିସବୁ ପରିବାର ମଧ୍ୟରୁ ଅନେକ ଧରଣୀ ଗୋଳମାଳକୁ ଉତ୍ସାହିତ କରିଥିଲେ।

ଖ୍ରୀ: ୧୮୮୭-୮୮ ରେ ମ୍ୟାନେଜର ବିଚିତ୍ରାନନ୍ଦ ଦାସଙ୍କ ଦ୍ୱାରା ଦଣ୍ଡପାଟକୁ ଦଣ୍ଡପାଟ ବନ୍ଦୋବସ୍ତ କରାଯାଇ ଆଉ ଏକହଜାର ଟଙ୍କା ଅଧିକ ଖଜଣା ଆଦାୟ ହେଲା। ଖ୍ରୀ: ୧୮୯୦ ବେଳକୁ ରାଜ୍ୟର ଆୟ ପୂର୍ବାପେକ୍ଷା ଆଠଗୁଣ ଅଧିକ ବଢିଯାଇଥିଲା। ଏତେବେଳକୁ ସମଗ୍ର କେନ୍ଦୁଝରରେ ୨,୧୮୩ ଖଣ୍ଡି ଗ୍ରାମ ମଧ୍ୟରୁ ୧୯୩୨ ଟି ଗ୍ରାମରେ ଜନବସତି ଥିଲା।

ରାଜାଙ୍କ ସୁଶାସନ:

ରାଜା ପ୍ରଜାଙ୍କ ସୁଖ ଦୁଃଖରେ ସମଭାଗୀ ହେବାକୁ ଚେଷ୍ଟାକଲେ। ରାଜ୍ୟର ଜଣାଶୁଣା ଗୁଣିଜ୍ଞାନୀ ଲୋକଙ୍କୁ ଆଦର ସମ୍ମାନ ଦେଲେ। ସମଗ୍ର ରାଜ୍ୟଟା ତାଙ୍କର ନଖଦର୍ପଣରେ ଥିଲା।

ପ୍ରଥମେ ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ବଦଳାଇ ଆଧୁନିକ ଶିକ୍ଷା ବ୍ୟବସ୍ଥା ପ୍ରଚଳନ କଲେ। ପୂର୍ବରୁ ରାଜ୍ୟରେ ମାତ୍ର ୭ଗୋଟି ବିଦ୍ୟାଳୟ ଥିଲା। ତାଙ୍କ ଶାସନ କାଳରେ ଏହା ୧୬୪କୁ ବୃଦ୍ଧି ପାଇଥିଲା। ଏଥିମଧ୍ୟରୁ ୩ଗୋଟି ମାଇନର ସ୍କୁଲ ୮ ଗୋଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ୧୧୫ ଗୋଟି ନିମ୍ନ ପ୍ରାଥମିକ ବିଦ୍ୟାଳୟ, ୪ଗୋଟି ବାଳିକା ବିଦ୍ୟାଳୟ ଗୋଟିଏ ସଂସ୍କୃତ ଟୋଲ ଓ ୩୬ ଗୋଟି ପାଠଶାଳା ଖୋଲିଥିଲା।

Digitized by PPRACHIN, SOA

ଏଥିରେ ସର୍ବମୋଟ ୧୭୦୦ ଛାତ୍ର ଅଧ୍ୟୟନ କରୁଥିଲେ। ଏହାଙ୍କ ସମୟରୁ ପ୍ରଥମକରି ଝିଅମାନେ ପାଠ ପଢିଥିଲେ । ଶହେ ଷାଠିଏଜଣ ଛାତ୍ରୀ ଅଧ୍ୟୟନ କରୁଥିବା ଜଣାଯାଏ।

ଉଚ୍ଚଶିକ୍ଷା ପାଇଁ ସେ ଛାତ୍ରବୃତ୍ତି ପ୍ରଚଳନ କରିଥିଲେ। ମେଧାବୀଛାତ୍ର ମାନଙ୍କୁ ବୃତ୍ତିପ୍ରଦାନ କରି କଟକରେ ନୂଆ କରି ଖୋଲିଥିବା ସର୍ଭେସ୍କୁଲ ଓ ଡାକ୍ତରୀ ଚିକିତ୍ସା ପାଇଁ ଖୋଲିଥିବା ଟ୍ରେନିଂ କେନ୍ଦ୍ରରେ ପାଠପଢିବାକୁ ବ୍ୟବସ୍ଥା କରିଥିଲେ। ସ୍କୁଲର ଛାତ୍ରଛାତ୍ରୀ ମାଗଣାରେ ଖଡି ସିଲଟ ପାଉଥିଲେ। ଏହିକାଳରେ ଲୋକେ କାଗଜ କଲମର ବ୍ୟବହାର ଜାଣିଲେ।

ଶିକ୍ଷା କ୍ଷେତ୍ରରେ ନିଜ ରାଜ୍ୟର ଉନ୍ନତି ସହିତ କଟକରେ ଥିବା ପ୍ୟାରୀମୋହନ ଏକାଡେମୀର ଘର, ଛାତ୍ରାବାସ, କଟକର ବାଳିକା ବିଦ୍ୟାଳୟ ତଥା କଟକ ମେଡିକାଲ ପାଇଁ ସେ ବହୁ ଅର୍ଥଦାନ କରିଥିଲେ।

ପ୍ରଥମକରି କେନ୍ଦୁଝର (ମୁଗୁପୁର)ର ସ୍ୱପ୍ନେଶ୍ୱର ପଣ୍ଡା ରାଜବୃତ୍ତି ପାଇ ୧୮୮୮ରେ ଟ.କ.ଖ.ଜ. ପାଶ୍‌କରି ଦରବାରରେ ଡାକ୍ତର ଭାବେ ନିଯୁକ୍ତି ପାଇଥିଲେ। ଧରଣୀ ନାୟକ ମଧ୍ୟ ସର୍ଭେୟର ପାଶ୍ କରି ନିଯୁକ୍ତି ପାଇଲେ।

ଖ୍ରୀ ୧୮୮୮ ବେଳକୁ ଗୋଟିଏ କେନ୍ଦୁଝରଗଡରେ ଓ ଗୋଟିଏ ଆନନ୍ଦପୁରରେ ଡାକ୍ତରଖାନା ସ୍ଥାପିତ ହୋଇଥିଲା। ଖ୍ରୀ: ୧୯୦୦ ବେଳକୁ ଚମ୍ପୁଆରେ ଆଉ ଗୋଟିଏ ଡାକ୍ତରଖାନା ସ୍ଥାପିତ ହେଲା। ଏହାର ପ୍ରଥମ ଡାକ୍ତର ଥିଲେ ଓରାଳି ଗ୍ରାମର କୁଞ୍ଜ ବିହାରୀ ପଟ୍ଟନାୟକ। ରାଜା ଅନେକଗୁଡିଏ ମଠ ଓ ମନ୍ଦିର ତୋଳାଇଥିଲେ। ସେଥିମଧ୍ୟରୁ ବଡଦେଉଳର ମରାମତି, ମାଉସୀ ମା ମନ୍ଦିର, ଗୋନାସିକାର ବ୍ରହ୍ମେଶ୍ୱର ମନ୍ଦିର, ବାରହାଟିପୁରାର ନୀଳକଣ୍ଠେଶ୍ୱର ମନ୍ଦିର ଓ ପାବଛ, ଦେଓଗାଁ କୁଶଳେଶ୍ୱରର ପଥରବନ୍ଧ (ଖ୍ରୀ: ୧୮୮୯), କାଳିକା ପ୍ରସାଦର ଦଧିବାମନଜୀଉ, ବୋଦାପଳଶାର ଶ୍ରୀ ଚନ୍ଦ୍ରଶେଖର ମନ୍ଦିର, ମୁଖ୍ୟ ଅଟେ। ରାଜନଗର, ଜ୍ୟୋତିପୁର ଓ ଚମକପୁରରେ କୋଠା କଚେରୀଘର ନୟାଗଡ, ତେଲକୋଇ, ବାଂଶପାଳ, କୁଆଁର, ନୟାକୋଟ ଅଳତି, ସମଣା, ସୋସ ଓ ପଣ୍ଡୁଆରେ ନଅଗୋଟି ଥାନା, ଚମ୍ପୁଆ, ରିମୁଳି, ପଳାଶପଙ୍ଗା, କେନ୍ଦୁଝରଗଡ, ପିପିଳିଆ, ଢେଙ୍କିକୋଟ, ଘଟଗାଁ, କନ୍ତୋ, ଆନନ୍ଦପୁର, ବନ୍ତ ଓ ମରେଇଗାଁରେ ମୋଟ ଏଗାର ଗୋଟି ଡାକବଙ୍ଗଳା ନିର୍ମିତ ହୋଇଥିଲା।

Digitized by PPRACHIN, SOA

ପ୍ରତି ଦଣ୍ଡପାଟରେ ଧାନକୋଠି ନିର୍ମିତ ହୋଇ ଅଭାବି ମାନଙ୍କୁ ଋଣ ଦେବାର ବ୍ୟବସ୍ଥା ପ୍ରବର୍ତ୍ତନ କରାଯାଇଥିଲା ।

ଖ୍ରୀ: ୧୮୯୮ ଡିସେମ୍ବର ବେଳକୁ ଗଭର୍ଣ୍ଣମେଣ୍ଟ ଓଭରସିୟର କରାଳି ଚରଣ ଦେଓଙ୍କ ନେତୃତ୍ୱରେ ଆନନ୍ଦପୁରରୁ ଚମ୍ପୁଆ ରାସ୍ତାର ମାଟିକାମ ଓ ପୂର୍ବରୁଥିବା ସମସ୍ତ ନଦୀର କାଠପୋଲ ନିର୍ମାଣ ସରିଲା । ଏହି କାଠପୋଲଗୁଡ଼ିକୁ ଉଠାଇଦେଇ କଲଭର୍ଟ୍ ପୋଲ କରିବାକୁ ସ୍ନ ୧୮୯୯ ମସିହା ଅଗଷ୍ଟ ମାସରେ ବାବୁ ଗିରେନ୍ଦ୍ର ନାଥ ବୋଷଙ୍କୁ ଷ୍ଟେଟ୍ ଇଞ୍ଜିନିୟର ଭାବେ ନିଯୁକ୍ତି ମିଳିଥିଲା । ଆନନ୍ଦପୁରଠାରେ କଚେରୀଘର ପୂର୍ଣ୍ଣଙ୍ଗ କରି ସେଠାକାର ପ୍ରଜାମାନଙ୍କୁ ସୁବିଧାରେ ବିଚାରଦେଲେ । ରାଜ୍ୟର ଖ୍ୟାତି ବଢିଗଲା । ନିଜ ରାଜ୍ୟର ଉନ୍ନତି ସହିତ ଓଡ଼ିଶାର ଉନ୍ନତିପାଇଁ ମଧ୍ୟ ସେ ଅନେକ କାମ କରିଥିଲେ । କଟକରେ ଥିବା ପ୍ୟାରୀମୋହନ ଏକାଡେମିର ଘର ଓ ଛାତ୍ରାବାସ, କଟକର ବାଳିକା ବିଦ୍ୟାଳୟ, ତଥା କଟକ ମେଡ଼ିକାଲ ପାଇଁ ସେ ବହୁଅର୍ଥ ଦାନ କରିଥିଲେ । ନିଜ ରାଜ୍ୟର କବିଲେଖକ ମାନଙ୍କୁ ସମ୍ମାନିତ କରିଥିଲେ । ଛାପାକଳ ବସାଇଥିଲେ ।

ସନ ୧୮୭୯ ମସିହାରୁ ଡାକସେବା ଚଳାଇଲେ କେନ୍ଦୁଝର, ଚମ୍ପୁଆ ଓ ଆନନ୍ଦପୁରରେ ଡାକଘର ବସାଇ ଦୁଇଜଣ ଅମଲା, ୧୮ ଜଣ ରନର ଓ ୬ ଜଣ ଓଭରସିୟର ନିଯୁକ୍ତ କରିଥିଲେ ।

ଧରଣୀଗୋଳ (୧୮୯୧-୧୮୯୪):

ମହାରାଜା ନାଁ ବାଳକ ଥିବାବେଳେ ଖ୍ରୀ:୧୮୬୧ ମସିହାରେ ସିଂହାସନ ପାଇଁ ରତ୍ନାମେଳି ହୋଇଥିଲା । ସେ ମେଳିଥିଲା ଇଂରେଜ ମାନଙ୍କ ବିରୋଧରେ । ଏହା ଥିଲା ରକ୍ତାକ୍ତ ବିପ୍ଳବ । ଏହି ବିପ୍ଳବରେ ରତ୍ନା ସହିତ ଆଉ ଛଅଜଣ ଫାଶୀ ପାଇଥିଲେ । କେତେକ ଜେଲ ଯାଇଥିଲେ । ହଜାର ହଜାର ଲୋକ ଗୁଳିମାଡରେ ମରିଥିଲେ । ଅନେକ ଗାଁ ଗଣ୍ଡା ଜଳିପୋଡି ଯାଇଥିଲା । ଲୋକେ ଭୟରେ ରାଜ୍ୟଛାଡି ପଳାଇଥିଲେ । ଅନେକ ଥିଲା ଲୋକ ସର୍ବହରା ପାଲଟି ଯାଇଥିଲେ । କିନ୍ତୁ ଏହି ମେଳିର ଠିକ୍ ତିରିଶ ବର୍ଷପରେ ଯେଉଁ ଗୋଳହେଲା ତାହା ମହାରାଜା ଓ ତାଙ୍କ କର୍ମଚାରୀଙ୍କ ବିରୋଧରେ ହୋଇଥିଲା । ଏହି ମେଳିର ନେତୃତ୍ୱ ନେଇଥିଲେ କୁସୁମିତା ଗାଁର ଧରଣୀଧର ନାଏକ ।

Digitized by PPRACHIN, SOA

ଧରଣୀଧର ନାଏକ ରାଜାଙ୍କ ଖର୍ଚ୍ଚରେ ପାଠ ପଢିଥିଲେ। ପର୍ଦ୍ଦେ ପାଠ ପଢିସାରି ରାଜାଙ୍କ ପାଖରେ ଚାକିରୀ କଲେ। କିଛିଦିନପରେ କେତେକ କାରଣରୁ ଚାକିରୀରୁ ତଡା ଖାଇଲେ। ଅନେକ କାରଣ ଦେଖାଇ ରାଜ୍ୟରେ ମେଳି କଲେ। ସେ ସବୁ କାରଣ ଭିତରୁ ପ୍ରଧାନ କାରଣ ଗୁଡିକ ହେଲା:-

୧) ରାଜା ଶାସନଭାର ନେବାପରେ ଖ୍ରୀ:ଅ: ୧୮୬୯ ଓ ଖ୍ରୀ: ୧୮୮୧ରେ ଦୁଇଥର ଭୂବନ୍ଦୋବସ୍ତ କରାଇଲେ। ରାଜ୍ୟରୁ ଆଗ ଅପେକ୍ଷା ଆଠଗୁଣ କର ଖଜଣା ଆଦାୟହେଲା। ଲୋକେ ଅଧିକ କରଖଜଣା ଦେଇ ଅସନ୍ତୁଷ୍ଟ ହେଲେ।

୨) ରାଜ୍ୟରେ ରାସ୍ତାଘାଟ, କୂଅ ପୋଖରୀ ଓ ମଠ ମନ୍ଦିର ନିର୍ମିତ ହେଲା, ଏଥିପାଇଁ ପ୍ରଜାମାନଙ୍କୁ ବିନା ମଜୁରୀରେ ବେଠି କାମ କରିବାକୁ ହେଲା। ବେଠି କାମରେ ହେଳା କଲେ ବେତମାଡ ଖାଇବାକୁ ପଡୁଥିଲା।

୩) ପୂର୍ବରୁ ଯେଉଁ ଭୂୟାଁମାନେ ନିଜନିଜ ଇଲାକାରେ ସର୍ଦ୍ଦାର ଓ ଗଡନାୟକ ଥିଲେ ରତ୍ନାମେଳି ପରେ ସେମାନଙ୍କ ବଦଳରେ ନୂଆ ସର୍ଦ୍ଦାର, ନୂଆ ଗଡନାୟକ ଓ ନୂଆ ପ୍ରଧାନ ରହିଲେ। ଏପରିକି ଭୂୟାଁମାନଙ୍କ ମୁଖିଆ ପାଉଁତି ଜାତିର ମହାପାତ୍ରଙ୍କୁ ରଖାଗଲା। ରଜା ତାଙ୍କୁ ଭୂୟାଁ ମହାପାତ୍ର ଉପାଧିଦେଲେ।

୪) ରତ୍ନାମେଳି ପାଖରୁ ଲୋକଙ୍କ ହୃଦୟରେ ପ୍ରତିହିଂସାର ବହ୍ନି କୁହୁଳି କୁହୁଳି ଥିଲା। ସେମାନେ ଯେଉଁ ସବୁ କ୍ଷତି ସହିଥିଲେ ତାହା ସହିହେବାଭଳି ନଥିଲା। କାହାର ବଂଶ ବୁନିଆଦି ବୁଡିଯାଇଥିଲା ତ କେହି ଧନ ସମ୍ପତ୍ତି ଆତ୍ମୀୟମାନଙ୍କୁ ହରାଇଥିଲେ। ପୂର୍ବରୁ ପାଉଥିବା ସୁବିଧା ସୁଯୋଗରୁ ବଞ୍ଚିତ ଥିଲେ।

ଏହିଭଳି ଏକ ଉତ୍ତେଜନାମୟ ରାଜ୍ୟର ରାଜା ଧନୁର୍ଜ୍ଜୟଙ୍କ ଶାସନରେ ଧରଣୀଗୋଳ ହେବାର ଆଉ କେତେକ ଘଟଣା ଉପୁଜିଲା। ନିଜିଗଡ (ରାଜବାଟୀ ପାଖ)ରେ ପାଣିର ଅଭାବ ଥିଲା। ରାଜା ମାଛ କାନ୍ଦଣାଯୋର ଖୋଳାଇ ନିଜିଗଡକୁ ପାଣି ଅଣାଇବାକୁ ଚାହିଁଲେ। ମାହାରା ଖୋଳା ପାଇଁ ଭୂୟାଁପୀଡରୁ ବେଠିଆ ଆସିଲେ। ବିନା ମଜୁରୀରେ କାମ ହେଲା। ରାଜା ଯେତିକି ମଜୁରୀ ଦେଉଥିଲେ ସେ ସବୁକୁ ମ୍ୟାନେଜର ବିଚିତ୍ରାନନ୍ଦ ଦାସ ଆତ୍ମସାତ କରିନେଲେ। ବେଠିଆମାନେ କାମରେ ହେଳା କରିବାରୁ ପୋଲିସ କର୍ମଚାରୀ ନାରାୟଣ ପଢି ବେତସଜା ଦେଲା। ଏହି

Digitized by PPRACHIN, SOA

ଘଟଣା ରାଜାଙ୍କୁ ଜଣାଇବାକୁ ବେଠିଆମାନେ ଧରଣୀର ବଡଭାଇ ଗୋପାଳକୁ କହିଲେ। ଗୋପାଳ ରାଜାଙ୍କୁ ଏକଥା କହିଦେଲେ ବିଚିତ୍ରାନନ୍ଦ ଓ ନାରାୟଣ ପହି ଧରାପଡିଯିବେ। ଏମାନେ ଭୟପାଇ ଗୋପାଳକୁ ସ୍କୁଲଘର ଛପର କରିନାହିଁ ବୋଲି ଟଙ୍କଧର ସାମଲ ନାମକ କନେଷ୍ଟବଲ ହାତରେ ଧରିଆଣିଲେ। ଜେଲ୍ ଭିତରେ ସାତଦିନକାଳହରିକାଠରେ ଝୁଲାଇ ଦେଲେ।

ଏହି ସମୟରେ କେନ୍ଦୁଝର ଓ ସିଂହଭୂମି ମଧ୍ୟରେ ପୁନଶ୍ଚ ସୀମା ବିବାଦ ଉପୁକିଥିଲା। ସୀମା ଚିହ୍ନଟ ପାଇଁ ମହାରାଜା ବିଚିତ୍ରାନନ୍ଦ ଦାସ ଓ ଧରଣୀଧରଙ୍କୁ ସିଂହଭୂମକୁ ପଠାଇଥିଲେ। ରାଜ୍ୟର ସ୍ୱାର୍ଥଦୃଷ୍ଟିରୁ ଶାସନ ଅଭିଜ୍ଞ ବିଚିତ୍ରାନନ୍ଦ ଓ ତରୁଣ ଯୁବକ ଧରଣୀଧରଙ୍କୁ ବିବାଦ ଅଞ୍ଚଳକୁ ପଠାଇଥିଲେ। ସୀମା ଚିହ୍ନଟ କରୁଥିବା କାଳରେ ଧରଣୀ ଶୁଣିବାକୁ ପାଇଲେ ଯେ ମହାରାଜା ଗୋପାଳ ନାଏକକୁ ଜେଲରେ ଭର୍ତ୍ତି କରିଛନ୍ତି। ଧରଣୀ ଫେରିଲେ ସେ ମଧ୍ୟ ସେହି ଦଶା ଭୋଗିବ।

ଏହି କଥାରେ ଭୟପାଇ ଧରଣୀ କାଗଜ ପତ୍ରକୁ ବେଣୁଧର ନାମକ ଏକ ପାଇକ ହାତରେ ଦେଇ ସିଂହଭୂମିର ପଦ୍ମପୁର ଗାଁରେ ଥିବା ନିଜ ଭିଣୋଇ ଘରକୁ ପଳାଇଗଲେ। ସିଂହଭୂମି ଓ କେନ୍ଦୁଝରର ଏଇ ସୀମାବିବାଦ ବହୁପୂର୍ବରୁ ଥିଲା। ଖ୍ରୀ:ଅ: ୧୭୫୭ ମସିହାରେ ଏହି ବିବାଦ ହେବାରୁ ସିଂହଭୂମିର ସିଂହବଂଶୀ ଜମିଦାରଙ୍କୁ ପରାଭୂତ କରି କେନ୍ଦୁଝର ରାଜା ଏହି ଅଞ୍ଚଳଟିକୁ ନିଜରାଜ୍ୟଭୁକ୍ତ କରିଥିଲେ। ଖ୍ରୀ: ୧୮୩୭ରେ ଇଂରେଜ ସରକାର ସ୍ୱତନ୍ତ୍ର କୋହ୍ଲାଣ ରାଜ୍ୟ ଗଠନ କରିବାକୁ ଏହି ଅଞ୍ଚଳଟିକୁ କେନ୍ଦୁଝରଠାରୁ ଛଡାଇ ନେବାକୁ ଉଦ୍ୟମ ଆରମ୍ଭ କଲେ। ଖ୍ରୀ:ଅ: ୧୮୫୭ ସିପାହୀ ବିଦ୍ରୋହ ହେବାରୁ ଛୋଟନାଗପୁର ସିପାହୀମାନଙ୍କୁ ସମର୍ଥନ କରି ପୋଡାହାଟର ଜମିଦାର ଅର୍ଜୁନ ସିଂହ ଇଂରେଜମାନଙ୍କ ବିରୁଦ୍ଧରେ ବିଦ୍ରୋହ କରିଥିଲେ। ଏହି ବିଦ୍ରୋହକୁ ଚପାଇ ଦେବାକୁ ଇଂରେଜମାନଙ୍କୁ କେନ୍ଦୁଝର ରାଜା ସାହାଯ୍ୟ କରିଥିଲେ। ସେହିଦିନଠାରୁ ଏହି ଅଞ୍ଚଳଟି ଇଂରେଜ ମାନଙ୍କ ଦ୍ୱାରା ଶାସିତ ହେଲା ସିନା ପ୍ରଜାମାନେ କେନ୍ଦୁଝର ରାଜଶାସନ ବିରୋଧୀ ହୋଇପଡିଲେ। କେନ୍ଦୁଝର ସୀମାନ୍ତ ଅଞ୍ଚଳର ପ୍ରଜାମାନଙ୍କୁ ମତାଇ ଇଂରେଜମାନେ ଅଶାନ୍ତି ସୃଷ୍ଟି କରିବାକୁ ଯୋଜନା କରି ସଫଳ ହେଲେ। କେନ୍ଦୁଝର ଓ ସିଂହଭୂମି ସୀମାବିବାଦ

Digitized by PPRACHIN, SOA

ଅସମ୍ଭାଳ ହେଲା । ଏକ ପକ୍ଷରେ ଇଂରେଜ ସରକାର ଓ ଅନ୍ୟପକ୍ଷରେ କେନ୍ଦୁଝର ରାଜା । ଏହି କାରଣରୁ କେନ୍ଦୁଝର ମହାରାଜା ଖ୍ରୀ: ୧୮୯୦ ନଭେମ୍ବର ମାସରେ ବିଚିତ୍ରାନନ୍ଦ ଓ ଧରଣୀଧରଙ୍କୁ ସୀମା ଚିହ୍ନଟ ପାଇଁ ପଠାଇଥିଲେ। କିନ୍ତୁ ମେଳି ଅଞ୍ଚଳରେ ଧରଣୀଧରଙ୍କ ବନ୍ଧୁ ବିରାଦରଥିଲେ । ପଦ୍ମପୁର ଗାଁରେ ଧରଣୀର ଭିଣୋଇ ନରେନ୍ଦ୍ର ମହାପାତ୍ରଙ୍କ ଘର। ନରେନ୍ଦ୍ର ସିପାହୀ ବିଦ୍ରୋହରେ ସାମିଲ ହୋଇଥିଲା । ସେ କେନ୍ଦୁଝର ରାଜ ଶାସନ ବିରୋଧି ଥିବାରୁ ଧରଣୀଧରଙ୍କୁ ପାଇ ନିଜ ପକ୍ଷକୁ ନେଇ ଯାଇଥିଲା ।

ଏହାଙ୍କ ସହିତ ଭୋଳ ସର୍ଦ୍ଦାର, ଜଗା ନାୟକ, ଅଞ୍ଜନ ପ୍ରଧାନ, ରୋଦନ ସର୍ଦ୍ଦାର, ଶିବ ଦେହୁରୀ, ଡାହାଳିଆ, ଲାଖୁ ଦେହୁରୀ, କାଲୁ ସର୍ଦ୍ଦାର, ଅଭିରାମ, ଲଣ୍ଡା, ପାଣୁ, ନରେନ୍ଦ୍ର ଆଦି ତେରଜଣ ସେନାପତି ଭାବେ ନିଯୁକ୍ତ ହେଲେ । କବିଚନ୍ଦ୍ର ବାସୁଦେବ ମିଶ୍ର ତାଙ୍କ 'ସଂଗ୍ରାମ ଲହରୀ' କାବ୍ୟରେ ଲେଖିଛନ୍ତି ।

'ଅଞ୍ଜନ ପ୍ରଧାନ ପ୍ରଧାନ ସୈନ୍ୟ ସହସ୍ର ଦଶ,
ଶିଖାଇ ଦେଖା କରାଇଲା ଆଣି କାଳିଆ ପାଶ' ।

କବିଙ୍କ ମତରେ ତା ୧୯/୧୨/୧୮୯୦ରିଖ (ପୌଷ ଶୁକ୍ଳ ଅଷ୍ଟମୀ) ବେଳକୁ ଅଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ଦଶ ହଜାର ସୈନ୍ୟଆସି ମୁଖ୍ୟ ସର୍ଦ୍ଦାର କାଳିଆ ନାୟକଙ୍କ ପାଖରେ ପହଞ୍ଚିଥିଲେ। ଉପରୋକ୍ତ ୧୩ ଜଣ ସେନାପତିଙ୍କ ନେତୃତ୍ୱରେ ସମସ୍ତ ମେଳିଆ ଏକତ୍ରିତ ହେଲେ।

ଧରଣୀ ଏହିଠାରୁ ମୟୂରଭଞ୍ଜ ଚାଲିଯାଇ ମୟୂରଭଞ୍ଜର ତତ୍କାଳୀନ ମ୍ୟାନେଜର ଢ଼ାଲିସାହେବଙ୍କ ପରାମର୍ଶରେ ୧୮୯୧ ଜାନୁଆରୀ ୨୩ ତାରିଖରେ ଓଡିଶା କମିଶନର ଟୟନବୀ ସାହେବଙ୍କ ପାଖକୁ ମହାରାଜା ଅତ୍ୟାଚାରୀ ବୋଲି ଏକ ଦରଖାସ୍ତ ଲେଖି ପଠାଇଥିଲେ। ଏହାର ଏକ ନକଲ ବଙ୍ଗ ସରକାର ଓ ମୟୂରଭଞ୍ଜ ମ୍ୟାନେଜର ଢ଼ାଲି ସାହେବଙ୍କୁ ଦେଲେ। ଧରଣୀଙ୍କ ଦରଖାସ୍ତର ତଦନ୍ତପାଇଁ ଟୟନବୀ ଦସ୍ତର ମହାରାଜାଙ୍କ ନିକଟକୁ ପଠାଇଥିଲେ। ଫେବୃଆରୀ ମାସ ୧୨ ତାରିଖରେ ମହାରାଜା ଧରଣୀ ଅଭିଯୋଗକୁ ଅସତ୍ୟ ଓ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ଉଲ୍ଲେଖ କରିବା ସହିତ ଧରଣୀଙ୍କୁ ଚାକିରୀରୁ ବରଖାସ୍ତ କରିଛନ୍ତି ଓ ତାଙ୍କୁ ବନ୍ଦୀକରିବାକୁ ଦେଇଥିବା ନିର୍ଦ୍ଦେଶକୁ ସରକାର ଅନୁମୋଦନ କରିବାକୁ ଅନୁରୋଧ କରିଥିଲେ ।ମାର୍ଚ୍ଚମାସ ୧୭ ତାରିଖ ବେଳକୁ ଟୟନବୀ ଦସ୍ତର ମହାରାଜାଙ୍କ

Digitized by PPRACHIN, SOA

ଅନୁରୋଧକୁ ଗ୍ରହଣ କରିନଥିଲେ। ଅପରନ୍ତୁ ଏ କ୍ଷେତ୍ରରେ ସାବଧାନ ରହିବାକୁ ସତର୍କ କରିଦେଇଥିଲେ। ମହାରାଜା ନିରୂପାୟ ହୋଇ ମେଳିଆମାନଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ କରିପାରିନଥିଲେ। କାରଣ ଏମେଳି କେନ୍ଦୁଝରରେ ହେଉ ନଥିଲା - ହେଉଥିଲା ଇଂରେଜ ଶାସନାଧୀନ ସିଂହଭୂମି ଓ ମୟୂରଭଞ୍ଜ ଇଲାକାରେ।

ତେଣେ ୧୮୯୧ ମସିହା ଜାନୁଆରୀ ୨୩ ତାରିଖରେ ଧରଣୀ କମିଶନରଙ୍କୁ ଦରଖାସ୍ତ ଦେଇ ସିଂହଭୂମି ଓ ମୟୂରଭଞ୍ଜରେ ମେଳି ଆୟୋଜନ କଲେ। ଦୀର୍ଘ ୩ ମାସ ପରେ ଇଂରେଜ ସରକାର କିଛି ଶୁଣିଲେ ନାହିଁ ଭାବି ତା ୨/୫/୧୮୯୧ରେ ମେଳି ଆରମ୍ଭ କରିଦେଲେ। ଚାହୁଁ ଚାହୁଁ ଗୋଳମାଳ ଭୀଷଣ ଆକାର ଧାରଣ କଲା।

ଏହିଦିନ ଅର୍ଥାତ୍ ମେ ମାସ ଦୁଇ ତାରିଖରେ କାଳିକା ପ୍ରସାଦରୁ ଚମକପୁରକୁ ମେଳି ପଟୁଆର ବାହାରିଲା। ଜୟନ୍ତିଗଡର ଦନେଇ ସର୍ଦ୍ଦାର ଓ ସିଂହଭୂମର ନରେନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ସିଂହଭୂମିର କୋହ୍ଲ ଓ ଭୂୟାଁ ମେଳିଆମାନେ ଚମ୍ପୁଆ ଓ ଗୌଡ ଦେଶ ଦଣ୍ଡପାଟରେ ଆତଙ୍କରାଜ ଚଳାଇଲେ। ଅନେକ ଘରଦ୍ୱାର କାଳିପୋଡି ଦେଲେ। ଅନେକ ଲୋକଙ୍କୁ ହତ୍ୟାକଲେ। ସଂହାର ଲୀଳାରେ ଅତିଷ୍ଠ ହୋଇ ଅନେକ ଲୋକ ବାଧ୍ୟ ବାଧକତାରେ ମେଳି ପଟୁଆରରେ ସାମିଲ ହେଲେ। ମେ ମାସ ଚାରି ତାରିଖ ରାତିରେ ମହାରାଜା ହେଡ କନେଷ୍ଟବଳ ହେର୍ଷାସିଂହ ଓ ସିରସ୍ତାଦାର ଗୋପବନ୍ଧୁ ଦାସଙ୍କୁ ଗଡରକ୍ଷାର ଦାୟିତ୍ୱ ଦେଇ ଉଆସଛାଡି ଆନନ୍ଦପୁରକୁ ଚାଲିଗଲେ, ସଙ୍ଗରେ ମାତ୍ର ତିନୋଟି ହାତୀ ଓ ଛଅଜଣ ବିଶ୍ୱସ୍ତ ଅନୁଚର।

ମ୍ୟାନେଜର ଫକୀରମୋହନ:(ଖ୍ରୀ:୧୮୪୩ - ଖ୍ରୀ:୧୯୧୩)

୧୮୮୭ ମସିହାର ଶେଷ ଆଡକୁ ଫକୀର ମୋହନ ସେନାପତି କେନ୍ଦୁଝରରେ ମେନେଜର ଭାବେ ନିଯୁକ୍ତି ପାଇ ଡିସେମ୍ବର ମାସ ଦଶ ତାରିଖରେ ଆନନ୍ଦପୁର ଦାୟିତ୍ୱରେ ରହିଲେ। ତାଙ୍କର ସହକାରୀ ଥିଲେ ବ୍ରଜକିଶୋର ଧଳମହାପାତ୍ର। ଧରଣୀ ମେଳି ହେଲାବେଳକୁ ମହାରାଜା ମେ ମାସ ୫ ତାରିଖରେ ଯାଇ ଆନନ୍ଦପୁରରେ ପହଞ୍ଚି ଫକୀର ମୋହନଙ୍କୁ ମେଳି ସମ୍ପର୍କରେ ଜଣାଇଲେ। ଏଥିସହିତ ବଣାଇ ଓ ସିଂହଭୂମିରୁ ବାରଶହ ଲୋକ ଆସି କେନ୍ଦୁଝର ପ୍ରଜାମାନଙ୍କଠାରୁ ଲୁଟ୍‌ପାଟ କରି ମେଳି ଭିଆଇଛନ୍ତି ବୋଲି ଟୟନବୀ ସାହେବଙ୍କ ପାଖକୁ ଟେଲିଗ୍ରାମ ମଧ୍ୟ କରିଥିଲେ।

Digitized by PPRACHIN, SOA

ତହିଁ ଆରଦିନ ମ୍ୟାନେଜର ଫକୀରମୋହନ ଓ ମହାରାଜା ଟେଲିଗ୍ରାମକରି ମେଳି ଭୟଙ୍କର ବୋଲି ଟୟନବୀଙ୍କୁ ଜଣାଇଲେ।

ପୁନଶ୍ଚ ମେ ୭ ତାରିଖରେ ମହାରାଜା ଟୟନବୀଙ୍କୁ ଟେଲିଗ୍ରାମ କରି ଜଣାଇଥିଲେ ଯେ ମେଳି ଭୟଙ୍କର। ବିସ୍ତୃତ ବିବରଣୀ ଜଣାଇବାକୁ ସେ ଫକୀର ମୋହନଙ୍କୁ ପଠାଉଛନ୍ତି।

ମେ ମାସ ୯ ତାରିଖରେ ଫକୀରମୋହନ ଟୟନବୀ ସାହେବଙ୍କୁ ସାକ୍ଷାତକରି ବିସ୍ତୃତ ବିବରଣୀ ଜଣାଇଥିଲେ। ଟୟନବୀ ସାହେବ ମଧ୍ୟ ବଙ୍ଗ ସରକାରଙ୍କୁ ଟେଲିଗ୍ରାମ ଯୋଗେ ସମସ୍ତ ଘଟଣା ଜଣାଇଦେଲେ।

ମହାରାଜା ଆନନ୍ଦପୁରରେ ଭୟପାଇ କଟକ ଚାଲିଗଲେ ଓ ମେ ମାସ ୧୦ ତାରିଖ ଦିନ ଟାଙ୍ଗୀଠାରେ ଫକୀର ମୋହନଙ୍କ ସହିତ ଭେଟା ଭେଟି ହେଲେ। ମେ ମାସ ୧୨ ତାରିଖରେ ଉଭୟେ ଟୟନବୀଙ୍କୁ ସାକ୍ଷାତକରି ମେଳି ଭୟଙ୍କର ବୋଲି ଜଣାଇଲେ। ଟୟନବୀ ସଙ୍ଗେ ସଙ୍ଗେ ବଙ୍ଗ ସରକାରଙ୍କ ଚିଫ୍ ସେକ୍ରେଟାରୀଙ୍କୁ ଏ ସମ୍ବାଦ ଜଣାଇ ପ୍ରତିକାର ପାଇଁ ଆବେଦନ କଲେ।

ଏହାପରେ ରାଜା ଓ ଫକୀର ମୋହନ କଟକଛାଡି ମେ ମାସ ୧୪ ତାରିଖରେ ଆନନ୍ଦପୁର ପହଞ୍ଚିଲେ। ଏଠାରୁ ଏହି ଦିନ ବିଚିତ୍ରାନନ୍ଦ ଭଦ୍ରକ ଦେଇ ନିଜ ଗାଁକୁ ଚାଲିଗଲେ। ଆନନ୍ଦପୁରରୁ ତିନିଶହ ପାଇକ ଧରି ମେ ମାସ ୧୬ ତାରିଖ ଦିନ କେନ୍ଦୁଝର ଆଡକୁ ଅଗ୍ରସର ହେଲେ। ଏହି ଦିନ ମେଳିଆମାନେ ଗଡ ଆକ୍ରମଣ କରିଥିଲେ। କମାଦାର କବୀର ଖାଁ ଓ ଗଡ ରକ୍ଷକ କ୍ଷତ୍ରୀବର ସିଂହଙ୍କ ପାଲଟା ଆକ୍ରମଣରେ ଗଡ ରକ୍ଷା ପାଇଥିଲା। ତହିଁ ଆରଦିନ ମହାରାଜା ଘଟଗାଁଠାରେ ଏ ଖବର ପାଇ ଆନନ୍ଦପୁର ଫେରିଗଲେ। ଫକୀରମୋହନ ପାଇକ ମାନଙ୍କୁ ଧରି ଗଡ ରକ୍ଷାପାଇଁ କେନ୍ଦୁଝର ଆସିଲେ। ୧୮ ତାରିଖ ଦିନ ଫକୀର ମୋହନ ବସନ୍ତପୁର ଗ୍ରାମରେ ପହଞ୍ଚିଲେ। ତହିଁ ଆରଦିନ ଅର୍ଥାତ ୧୯ ତାରିଖ ଦିନ ମେଳିଆ ମାନଙ୍କ ହାତରେ ବନ୍ଦୀ ହେଲେ। ସେଠାରୁ ଧରାହୋଇ ରାଇସୁଆଁ ଗ୍ରାମରେ ଧରଣୀଧରଙ୍କ ସହିତ ସାକ୍ଷାତ ହେଲାପରେ ତା ୨୧/୦୫/୧୮୯୧ରେ ସାତମାଣ ନିଷ୍କର ଜମି ନେଇ ରାଜ୍ୟର ମନ୍ତ୍ରୀଭାବରେ ନିଯୁକ୍ତି ପାଇଲେ। ଫକୀର ମୋହନ ଧରଣୀଧରଙ୍କୁ ମହାରାଣୀ ପୁତ୍ର/ବା ଟୀକାୟତ ସଜାଇ ଦେଲେ। ଗଡକୁ ସୁରକ୍ଷିତ କରିବାପାଇଁ

Digitized by PPRACHIN, SOA

କୌଶଳ କରି ସଫଳ ହେବା ସହିତ ତିନିଚାରିଦିନ ମଧ୍ୟରେ ଧରଣୀଧରଙ୍କ ବିଶ୍ୱସ୍ତ ମଧ୍ୟ ହୋଇ ଯାଇଥିଲେ । ଧରଣୀଧରଙ୍କ ବିଶ୍ୱାସ ଭାଜନ ହେବାପରେ ମେ ମାସ ୨୬ ତାରିଖରେ ଆନନ୍ଦପୁର କଚେରୀର ସର୍ଭେୟରବାବୁ ଭୋଳାନାଥ ଦେ (ସାମନ୍ତରାୟ) ଙ୍କ ଠିକଣାରେ ଗୋଟିଏ ଚିଠି ଲେଖିଲେ । ସେହି ଚିଠିଟି ଏହିପରି -

ଭୋଳାନାଥ ଖମାରିଆ ଜାଣିବୁ
ମହାରାଣୀ ପୁତ୍ରଙ୍କ ସକାଶେ ନିତ୍ୟାନ୍ତ ଦରକାର ।

ଅତିଶୀଘ୍ର ଶହେ ହେଲେ ପାନ ଦୁଇଶହ ଗୁଆ ପଠାଇବୁ । ଉତ୍ତର ପଟରୁ ମାହାରା କରି ଆଖୁବାଡିକୁ ଶୀଘ୍ର ପାଣି ବୁହାଇବୁ । ନୋହିଲେ ଆଖୁବାଡି ବିନାଶ ଯିବ ବୋଲି ଜାଣିବୁ । ଇତି

କିନ୍ତୁ ଚିଠିଟି ଆନନ୍ଦପୁରରେ ପହଞ୍ଚିଲା ବେଳକୁ ମେଳିକୁ ଦମନ କରିବାପାଇଁ ମହାରାଜା ଓ ଗାଇସ୍ ସାହେବ କେନ୍ଦୁଝର ଆଡକୁ ଅଗ୍ରସର ହୋଇ ସାରିଥିଲେ । ତା ୨୪/ ୦୫/ ୧୮୯୧ ବେଳକୁ ମେଳିଆଙ୍କ ସଂଖ୍ୟା ଦଶହଜାରକୁ ଟପି ଯାଇଥିଲା ।

ଏହି ଗୋଳକୁ ଚପାଇ ଦେବାପାଇଁ ଖବର ପାଇ ଡାଉସନ୍ ସାହେବ ଚକ୍ରଧରପୁର ଠାରୁ ବାହାରି ତା ୨୬/ ୦୫/ ୧୮୯୧ରେ ବୈତରଣୀ ପାରିହୋଇ ଚମ୍ପୁଆରେ ପହଞ୍ଚିଲେ । ଏତେ ବେଳକୁ ଧରଣୀଧର ରାଇସୁଆଁରେ ଡେରା ପକାଇଥିଲେ । ସେ ତା ୨୯/୦୫/ ୧୮୯୧ରେ ଡାଉସନ୍ ସାହେବଙ୍କ ଦ୍ୱାରା ଧରାହେଲେ । ମେଳିଆ ମାନେ ଏକଥା ଶୁଣି ଅଧିକ ରାଗିଗଲେ । ଇଂରେଜ ସୈନ୍ୟ ଜ୍ୟୋତିପୁର, ନୟାଗଡ, ନୟାକୋଟ, ଜାମୁପାଣି ଓ କେନ୍ଦୁଝର ଗଡରେ ରହି ମେଳିକୁ ଦମନ କରିଦେଲେ । ଏଥିପାଇଁ ପ୍ରାୟ ଚାରିବର୍ଷ ସମୟ ଲାଗିଗଲା ।

ଗୋଳମାଳର ପରିଣତି:

ଆନନ୍ଦପୁର କଚେରିଘରେ ବିଚାର ଚାଲିଲା । ଧରଣୀଧର ସାତବର୍ଷ ସଜା ପାଇ କଟକ ଜେଲରେ ରହିଲେ । ୧୯୮୭ ଅକ୍ଟୋବର ମାସରେ ଜେଲରୁ ମୁକୁଳି କଟକ, ପୁରୀ ଏବଂ ପରେ ଆଳିରେ ରହିଲେ । ଆଉ ଜନ୍ମମାଟିକୁ ଫେରିଲେ ନାହିଁ । ଅନ୍ୟମାନଙ୍କ ମଧ୍ୟରୁ ଚିନ୍ତାମଣି ଆଗୁଆନ ସିଂହ, ବନମାଳି ମହାନାୟକ ଓ

Digitized by PPRACHIN, SOA

ମଣିମହାପାତ୍ରଙ୍କୁ କଳାପାଣି, ସାତଜଣଙ୍କୁ ପାଞ୍ଚବର୍ଷ, ଚଉଦଜଣଙ୍କୁ ୨୦ବର୍ଷ ଓ ଜଣଙ୍କୁ ୧ ବର୍ଷ ସଜା ହେଲା ।

ଧରଣୀ ଗୋଳମାଳ ଯୋଗୁଁ ରାଜାଙ୍କୁ ଗାଦୀରୁ ହଟାଇ ଦେବାକୁ ହୁକୁମ୍ ଆସିଲା । ଗଡଜାତ ମହାଲର ସୁପରିଟେଣ୍ଡେଣ୍ଟ ଟୟନବୀ ସାହେବ ତା ୧୬। ୬। ୧୮୯୧ରେ ରାଜାଙ୍କୁ କ୍ଷମତାଚ୍ୟୁତ କରିବା ସହିତ ୱାଲି ସାହେବଙ୍କୁ ରାଜ୍ୟର ଦାୟିତ୍ୱ ଅର୍ପଣ କରିବାକୁ ନିର୍ଦ୍ଦେଶ ଦେଲେ । ୱାଲି ସାହେବ ମୟୂରଭଞ୍ଜରେ ଥିବାରୁ ରାଜା ତା ୦୨/୦୬/୧୮୯୧ରେ ଫକୀର ମୋହନ ସେନାପତିଙ୍କୁ ରାଜ୍ୟର ଦାୟିତ୍ୱ ଅର୍ପଣ କରି କଟକ ଚାଲିଗଲେ । ଫକୀର ମୋହନ ୧୫ ଦିନ କ୍ଷମତାରେ ରହିବାପରେ ୱାଲି ସାହେବ ତା ୧୬/୦୬/୧୮୯୧ରେ ମୟୂରଭଞ୍ଜରୁ ଆସି ଦାୟିତ୍ୱ ଗ୍ରହଣ କଲେ । ଫକିର ମୋହନ ପୂର୍ବପରି ଆନନ୍ଦପୁରର ମ୍ୟାନେଜର ଭାବେ ଅବସ୍ଥାପିତ ହେଲେ। ରାଜା ମଧୁବାରିଷ୍ଟରଙ୍କୁ ଧରି ମକଦ୍ଦମା ଲଢି ରାଜ୍ୟ ଫେରିପାଇଲେ। ତା ୧୮/୦୨/୧୮୯୨ ରେ ରାଜ୍ୟକୁ ଫେରିବାକୁ ଆଦେଶ ପାଇ ତା ୦୨/୦୩/୧୮୯୨ ରେ ପୁନଶ୍ଚ ରାଜ୍ୟଭାର ଗ୍ରହଣ କଲେ। ଏଥର କେତେକ ଭୂୟାଁ ଧରଣୀଧରଙ୍କ ମୁକ୍ତ ଦାବୀ କରି ବିଫଳ ହେବାରୁ ହିଂସାତ୍ମକ କାର୍ଯ୍ୟରେ ଅଗ୍ରସର ହେଲେ । ରାଜା ବାଧ୍ୟହୋଇ ଦମନମୂଳକ କାର୍ଯ୍ୟ ଚଳାଇ ମେଳିଆ ମାନଙ୍କୁ ଦମନ କରିଦେଲେ। ବେଠି ଉଠାଇଦେବାକୁ ରାଜି ହେଲେ। ରାଜା ତାଙ୍କ ଭୁଲ ବୁଝିଲେ। ଫକୀରମୋହନ ଓ ବିଚିତ୍ରାନନ୍ଦ ଦାସଙ୍କୁ ରାଜ୍ୟରୁ ତଡି ଦେଲେ। କିନ୍ତୁ ସିଂହଭୂମି ଅଞ୍ଚଳ ସବୁଦିନପାଇଁ ରାଜ୍ୟରୁ ଚାଲିଗଲା । ସତ୍ୟ କହିବାକୁ ଗଲେ ଏ ମେଳିଥିଲା ଇଂରେଜ ପ୍ରୋତ୍ସାହନରେ ସଗୋତ୍ରୀ ବିଦ୍ରୋହ। ଧନୁର୍ଜ୍ଜୟଙ୍କୁ ଗାଦିରୁ ହଟାଇଦେବାକୁ ଇଂରେଜ ମାନଙ୍କ ଷଡଯନ୍ତ୍ରର ଚରମ ପରିଣତି।

ଧରଣୀଗୋଳରେ ରାଜାଙ୍କୁ ସାହାଯ୍ୟ କରିଥିବାରୁ ଗୋପବନ୍ଧୁ ଦାସଙ୍କୁ ଶ୍ରୀଚନ୍ଦନ ମହାପାତ୍ର, ବୈକୁଣ୍ଠ ନାଥ ଦାସଙ୍କୁ ହରିଚନ୍ଦନ ମହାପାତ୍ର, ହୁଣ୍ଡାର ପାଦାମୁଜ ନାଏକଙ୍କୁ ଦଣ୍ଡସେନା ସଂଗ୍ରାମ ସିଂହ ଓ ଚକ୍ରଧର ଦଣ୍ଡସେନାଙ୍କୁ ବୈରୀ ଗଞ୍ଜନ ଉପାଧି ପ୍ରଦାନ କରିଥିଲେ। ପାଦାମୁଜ ଓ ଚକ୍ରଧର ଉଭୟ ରାଜକୁଳି ଭୂୟାଁ ଥିଲେ।

ମହାରାଜା ରାଜ୍ୟକୁ ଫେରିବା ପରେ ଭୂୟାଁମାନେ ଭୟଙ୍କର ହୋଇଉଠିଲେ। ଧରଣୀଧରଙ୍କ ମୁକ୍ତି ଦାବୀକରି ବିଫଳ ହେବାରୁ ହିଂସାତ୍ମକ କାର୍ଯ୍ୟରେ ଅଗ୍ରସର

Digitized by PPRACHIN, SOA

ହେଲେ । ରାଜା ବାଧ୍ୟହୋଇ ପୁନଶ୍ଚ ଗଡ ଛାଡିଲେ ଓ ବ୍ରିଟିଶ୍ ଫୌଜ ଆସିବାପରେ କୋଠର ହସ୍ତରେ ମେଳିକୁ ଦମନ କଲେ । ୧୯୮୨ ନଭେମ୍ବର ମାସରୁ ଜୁନ୍‌ମାସ ପର୍ଯ୍ୟନ୍ତ ମେଳି ଭୟଙ୍କର ହେଲା । ଓ୍ୱାଲି ସାହେବ ପୁଣି ଦେଓ୍ୱାନ୍ ଭାବେ ନିଯୁକ୍ତି ପାଇ ମେଳିଆଙ୍କ ସହିତ ସୁସମ୍ପର୍କ ସ୍ଥାପନ କରି ମେଳିକୁ ଚପାଇଦେଲେ ।

ତା ୧୯/୦୮/୧୮୯୪ରେ ଧରଣୀଧରଙ୍କ ବଡ଼ଭାଇ ଗୋପାଳ ନାଏକଙ୍କୁ ଧରି ହତ୍ୟାକଲେ । ତା ୨୩/୧୦/୧୮୯୪ରେ ଟିକନ୍ ରଣାଙ୍କୁ ଧରାଗଲା ଓ ରଞ୍ଜୁ ପ୍ରଧାନକୁ ଗୁଳିକରି ହତ୍ୟାକରାଗଲା । ମଦନ ଫନ୍ଦୁକାର ବି ଧରାହେଲେ । ଖ୍ରୀ: ୧୮୯୪ ଶେଷବେଳକୁ ରାଜ୍ୟରେ ଶାନ୍ତିର ବାତାବରଣ ସୃଷ୍ଟି ହୋଇଥିଲା ।

ମେଳିପରବର୍ତ୍ତୀ ଶାସନ ବ୍ୟବସ୍ଥା :

ମେଳିପରେ ମହାରାଜା ଇଂରେଜ ସରକାରଙ୍କର ନିର୍ଦ୍ଦେଶ ଅନୁସାରେ ଜଣେ ପଲିଟିକାଲ ଏଜେଣ୍ଟଙ୍କୁ ରାଜ୍ୟର ସର୍ବଶ୍ରେଷ୍ଠ କର୍ମଚାରୀ ଦେୱାନଭାବେ ନିଯୁକ୍ତ କରିବାକୁ ବାଧ୍ୟ ହୋଇଥିଲେ । ସନ ୧୮୯୨ ମସିହା ମାର୍ଚ୍ଚ ପହିଲାରୁ ମହାରାଜାଙ୍କ ଶେଷ ଜୀବନ ପର୍ଯ୍ୟନ୍ତ ଯଥାକ୍ରମେ ରାୟ୍ ନନ୍ଦ କିଶୋର ଦାସ, ଏଚ୍:ପି:ୱାଲି, (ଦ୍ୱିତୀୟବାର ତା ୦୫/୦୮/୧୮୯୩ ରୁ ୧୮୯୪ ଅକ୍ଟୋବର ପର୍ଯ୍ୟନ୍ତ) ଆର୍:ଟି:ଦଣ୍ଡାସ, ବାବୁ ଦୁର୍ଗାଦାସ ମୁଖାର୍ଜୀ, ବାବୁ ରାସ ବିହାରୀ ନାଏକ, ବାବୁ ଅକୟ୍ ଚନ୍ଦ୍ର ଦାସ ଓ ଡି:ଏ: ମାକମିଲାନ୍ ପ୍ରମୁଖ ଏହି ପଦବୀରେ ରହି ମହାରାଜାଙ୍କୁ ଶାସନ କ୍ଷେତ୍ରରେ ସାହାଯ୍ୟ କରିଥିଲେ ।

ସନ ୧୮୯୨ରେ ଭୂ ବନ୍ଦୋବସ୍ତ କରାଯାଇ ପ୍ରଧାନ ମାନଙ୍କୁ ଗ୍ରାମ ସତ୍ତ୍ୱ ବା ପଧାନୀପଟ୍ଟା ଦେଇ ଗ୍ରାମବାସୀ ଖଜଣା ଉଠାଇଥିଲେ । ଲୋଅର କେନ୍ଦୁଝରରେ ମୋଟ ୧,୪୨,୪୫୧ ଏକର ଓ ଅପର କେନ୍ଦୁଝରରେ ମୋଟ ୭୯,୦୦୨ ଏକର ଜମିରୁ ମୋଟ ଟ ୨,୨୪,୧୧୦ ଙ୍କା ଖଜଣା ଆଦାୟ୍ ହେବାକୁ ଧାର୍ଯ୍ୟଥିଲା । ଏହି ବନ୍ଦୋବସ୍ତରେ ଜାଗିରୀପ୍ରଥା ଉଠିଗଲା । ଜାଗିରୀଦାର ମାନଙ୍କୁ ରୟତି ସ୍ୱତ୍ତ୍ୱ ଦେଇ ଖଜଣା ଅସୁଲ ହେଲା ।

୧୯୦୦ ମସିହା ବନ୍ଦୋବସ୍ତରେ ଆନନ୍ଦପୁରରେ ୪୯୨ ଓ କେନ୍ଦୁଝରରେ ୧୪୩୩ ଟି ରାଜସ୍ୱ ଗ୍ରାମ ବା ମୋଟର ୧୯୨୫ ଟି ରାଜସ୍ୱ ଗ୍ରାମ ରହିଥିଲା । ଏହି

Digitized by PPRACHIN, SOA

ସବୁ ଗ୍ରାମ ମଧ୍ୟରୁ ଅପର କେନ୍ଦୁଝରରୁ ମୋଟ ୯୭ ହଜାର ଆଠଶହ ୩୬ ଟଙ୍କା ଓ ଆନନ୍ଦପୁର ଅଞ୍ଚଳରୁ ମୋଟ ଏକଲକ୍ଷ ୨୫ ହଜାର ଦୁଇଶହ ୭୬ ଟଙ୍କା ଏରୂପେ ମୋଟ ଦୁଇଲକ୍ଷ ୨୩ ହଜାର ଏକଶହ ୧୨ ଟଙ୍କା ଖଜଣା ଆଦାୟ ହେବାକୁ ଧାର୍ଯ୍ୟ ହେଲା । ଏହାବାଦ୍ କେବଳ ତେଙ୍କା ଜମିଦାରୀରୁ ବାର୍ଷିକ ଟ ୬୩୦ ଙ୍କା ଖଜଣା ପାଇଁ ବ୍ୟବସ୍ଥା ରହିଲା ।

ଆନନ୍ଦପୁରର ୨୬ ଗୋଟି ଦଣ୍ଡପାଟକୁ ଭାଙ୍ଗିଦେଇ ଛଅଗୋଟି ଚକଲା ଅଧୀନରେ ଦଣ୍ଡପାଟ ଗୁଡ଼ିକୁ ରଖାଗଲା । ସେଗୁଡ଼ିକ ହେଲା ।

୧) ଆନନ୍ଦପୁର - ଆନନ୍ଦପୁର, ବଞ୍ଚୋ, ପଞ୍ଚୁପଲ୍ଲୀ
୨) ସିଙ୍ଗିଡ଼ି - ସିଙ୍ଗିଡ଼ି, ଓରାଳି, ସଡ଼ା
୩) ବରିପାଳ - ବରିପାଳ, ଛଖମାର, ବଳରାମପୁର, ଖାଳିଆମେଣ୍ଟା ଓ ତ୍ରିଲୋଚନପୁର
୪) ବାନ୍ଦଗୋଡ଼ା - ବାନ୍ଦଗୋଡ଼ା, ଯୁଝୁପଦା, ପଣ୍ଡୁଆ, ନୟାଗଡ଼ ଓ ବରପଦା ।
୫) ଡଅଁର - ଡଅଁର, ଜଳସରପୁର, ଜମ୍ବୀରା, ଷଡଙ୍ଗ ଓ ସମଣା
୬) ବାଲିବରେଇ - ବାଲିବରେଇ, ସୋସୋ ଓ ବାଙ୍ଗୋର

ଏଥିରେ ତହସିଲଦାର, ସର୍ଦ୍ଦାର, ସର୍ବରାକାର, ବିଷୋୟୀ ଓ ପ୍ରଧାନ ସଂଜ୍ଞକ ବ୍ୟକ୍ତିମାନେ ଖଜଣା ଅସୁଲ କରିବାକୁ ନିଯୁକ୍ତ ହେଲେ । କେବଳ ଡଅଁର ଓ ବାଲିବରେଇ ଚକଲାପାଇଁ ନୂତନଭାବେ ତହସିଲଦାର ନିଯୁକ୍ତ ହୋଇଥିଲେ ।

ଏମାନଙ୍କ ଉପରେ ଜଣେ ଉପଖଣ୍ଡ ଅଧିକାରୀ (ଏସ୍:ଡି:ଓ) ରହିଲେ । ପ୍ରଶାସନିକ ଦୃଷ୍ଟିରୁ ସମଗ୍ର କେନ୍ଦୁଝର ଏଥର ତିନିଖଣ୍ଡ ବିଭାଗ ଯଥା ଚମକପୁର (ଚମ୍ପୁଆ), କେନ୍ଦୁଝର ଓ ଆନନ୍ଦପୁରରେ ବିଭକ୍ତ ହେଲା । ଆନନ୍ଦପୁରରେ ପ୍ରଥମକରି ବ୍ରଜ କିଶୋର ମହାପାତ୍ର, କେନ୍ଦୁଝରରେ ଚୈତନ୍ୟ ଚରଣ ରାୟ ଓ ଚମ୍ପୁଆରେ ଡି:ଏ: ମାକ୍ ମିଲାନ୍ ଏସ:ଡି:ଓ ଭାବେ ନିଯୁକ୍ତିପାଇଥିଲେ । ବ୍ରଜକିଶୋର ମହାପାତ୍ର ନନ୍ଦଧଳଙ୍କ ଔରସଜାତ ପୁତ୍ର ଓ ଚନ୍ଦ୍ରଶେଖର ଧଳ ବେବର୍ତ୍ତା ମହାପାତ୍ରଙ୍କ ପାଳିତ ପୁତ୍ର । ଚନ୍ଦ୍ରଶେଖର ଅପୁତ୍ରକ ଥିବାରୁ ସାନଭାଇ ନନ୍ଦ ଧଳଙ୍କ ପୁତ୍ର ବ୍ରଜକିଶୋରଙ୍କୁ ପୋଷ୍ୟପୁତ୍ର ଭାବେ ଗ୍ରହଣ କରିଥିଲେ ।

Digitized by PPRACHIN, SOA

ପୋଲିସ ବିଭାଗ ଗଠନ

ପୋଲିଶ ପ୍ରଶାସନକୁ ସୁଦୃଢ଼ କରାଯାଇଥିଲା । ଏସ୍.ପି. କାହ୍ନୁ ସିଂହଙ୍କ ମୃତ୍ୟୁ (ଖ୍ରୀ ୧୮୮୩) ପରେ ଡି.ଏ. ମାକମିଲାନ୍ ଏସ୍.ପି. ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଏହାଙ୍କ ନେତୃତ୍ୱରେ ଜଣେ ସୁବାଦାର, ଜଣେ ଜମାଦାର, ୨ ଜଣ ହାବିଲଦାର, ୭୬ ଜଣ ସିପାହୀ, ଜଣେ ଇନିସପେକ୍ଟର, ୩ ଜଣ ସବ୍-ଇନିସପେକ୍ଟର, ୧୨ ଜଣ ହେଡ କନେଷ୍ଟବଲ, ୮୫ ଜଣ କନେଷ୍ଟବଲ ଓ ୪୭୦ ଜଣ ଚୌକିଦାର ନିଯୁକ୍ତ ହେଲେ ।

ପୂର୍ବରୁ ଥିବା ପାଇକ ପ୍ରଥାର ସଂସ୍କାର କରାଗଲା । ଅପର କେନ୍ଦୁଝରରୁ ୪୮୧ ଓ ଆନନ୍ଦପୁରରୁ ୪୨୬ ଜଣ ପାଇକଙ୍କୁ ଉଚ୍ଛେଦ କରାଗଲା । ଏମାନଙ୍କ ବଦଳରେ ଅପର କେନ୍ଦୁଝରରେ ୫୯ ଜଣ ଓ ଆନନ୍ଦପୁରରେ ୪୧୧ ଜଣ ମୋଟ ୪୭୦ ଜଣ ଚୌକିଦାରଙ୍କୁ ନିଯୁକ୍ତି ଦିଆଗଲା । କେବଳ ରାଜାଙ୍କ ଅଙ୍ଗରକ୍ଷୀ ବା ଗହଣ ଦଳରେ ୧୩ ଜଣ ପଦସ୍ଥ ଅଧିକାରୀଙ୍କ ଅଧୀନରେ ମୋଟ ୧୩୫ ଜଣ ଦେହରକ୍ଷୀ ୪୮୯ ମାଣ ନିଷ୍କର ଜମି ବୃତ୍ତି ନେଇ ରହିଲେ। ଏହାବ୍ୟତୀତ ଛଅଗଡ ଯଥା - କାଳିକା ପ୍ରସାଦ, ଜ୍ୟୋତିପୁର, ରାଜନଗର ଉଦୟପୁର, ହୁଣ୍ଡା ଓ ଚମକପୁରରେ ଜଣେ ଲେଖାଏଁ ଗଡନାୟକ ଅଧୀନରେ ୧୨ ଜଣ ଲେଖାଏଁ ପାଇକ ମୋଟ ୮୧୭ ମାଣ ନିଷ୍କର ଜମି ପାଇଥିଲେ। ପରେ ଏହାଉପରେ ୫ ଅଣାରୁ ୬ ଅଣା ଖଜଣା ଧାର୍ଯ୍ୟ ହେଲା । କିନ୍ତୁ ଯେଉଁ ସୈନିକମାନେ ଯୁଦ୍ଧରେ ମରିଥିଲେ, କ୍ଷତାକ୍ତ ବା ପଙ୍ଗୁ ହୋଇଥିଲେ ବା ସାହାସିକ କର୍ମ କରିଥିଲେ ସେମାନଙ୍କୁ ରକ୍ତପଟା, ଛେଦପଟା ଓ ପାନପିକ ଜମିବୃତ୍ତି ଖଞ୍ଜା ମିଳିଥିଲା । ଏମାନଙ୍କ ବ୍ୟତୀତ ସାରାରାଜ୍ୟର ବିଭିନ୍ନ ଗ୍ରାମଦେବତୀ ଓ ପୀଠମାନଙ୍କରେ ପୂର୍ବରୁ ଥିବା ପୂଜକ ଦେହୁରୀ/ଡାଙ୍ଗୁଆ/ଜ୍ୟୋତିଷ ମାନଙ୍କୁ ନିଷ୍କର ଜମିବୃତ୍ତି ଖଞ୍ଜିଥିଲେ। ଏମାନଙ୍କ ସଂଖ୍ୟା ୨,୫୮୫ ଥିଲା। ରାଜାଙ୍କ ଉଆସ ଓ ବ୍ୟକ୍ତିଗତ ସେବାକାରୀଭାବେ ବେହେରା ପଧାନ ୨ ଜଣ, ଗୁଲାନ୍ଦାଜ୍ ୧ ଜଣ, ବୈରଖ ୩, ନିଶାଣିଆ ୮ ଜଣ, ବାଦ୍ୟକାର ୮୮ ଜଣ, ସୁଆର ୬ ଜଣ, ମାଳାକାର ୨୩ ଜଣ, ଆପଟ ୨୪ ଜଣ, ସବାରିବାହକ (ସାସମଲ) ୨୪ ଜଣ, ଛତ୍ରୀ ବା ତରାସିଆ ୪ ଜଣ, ବାହୁକ ୨ ଜଣ, ଜଣେ କୋଠିକଗା, ଜଣେ ଡାଙ୍ଗିଆଧରା, ଜଣେ ଘଟୁଆଳ, ଜଣେ ଗରିଆଭାରି, ଜଣେ ବୁଡ, ଜଣେ ପୁରୋହିତ, ଜଣେ ରାଜଗୁରୁ, ଜଣେ ବଲ୍ଲଭଗୁରୁ, ଆଠଜଣ ବିଡିଆ ଖଞ୍ଜା ଆଦି ସେବକ ମଧ୍ୟ ନିଯୁକ୍ତ ଥିଲେ।

Digitized by PPRACHIN, SOA

ମହାରାଜାଙ୍କ ଶେଷ ଜୀବନ:

ମହାରାଜା ଶେଷଜୀବନରେ ମହିମା ଧର୍ମ ଗ୍ରହଣ କରିବା ସହିତ ଦେବବ୍ରାହ୍ମଣ ଭକ୍ତ ପାଲଟି ଯାଇଥିଲେ। କୁଳଗୁରୁ ବଲ୍ଲଭାଚାର୍ଯ୍ୟଙ୍କ ସ୍ୱୀକୃତିରେ ଆନନ୍ଦପୁର ଅଞ୍ଚଳରେ ପାଞ୍ଚଗୋଟି ଓ ଚମ୍ପୁଆରେ ଗୋଟିଏ ମୋଟ ୬ଟି ବ୍ରାହ୍ମଣ ବସ୍ତି ଓ ରାଜ୍ୟରେ ନିଜନାମାନୁସାରେ ୧୫ଟି ଗ୍ରାମ ସ୍ଥାପନ କରିଥିଲେ। ୧୦୩ ଗ୍ରାମରେ ମୋଟ ୨୫ ହଜାର ଚାରିଶହ ଚଉଦ ଏକର ଜମି ଠାକୁରଙ୍କପାଇଁ ଖଞ୍ଜା କରିଦେଇଥିଲେ।

ଧନୁର୍ଜ୍ଜୟଙ୍କ ଶାସନକାଳରେ ମହିମାପନ୍ଥୀ ସନ୍ୟାସୀ ଗୋବିନ୍ଦ ଦାସ ଆନନ୍ଦପୁର ଅତାସାହୀରେ ପ୍ରଥମେ ଟୁଙ୍ଗୀ ସ୍ଥାପନ କରିଥିଲେ। ଏହା ଖ୍ରୀ: ୧୮୭୪ ପୂର୍ବରୁ ସ୍ଥାପିତ ହୋଇ ପରବର୍ତ୍ତୀ କାଳରେ ଏକ ଭବ୍ୟ ମନ୍ଦିର ରୂପନେଇଥିଲା। ଏହାଙ୍କର ପ୍ରଥମ ଶିଷ୍ୟଥିଲେ କାଲୁଚନ୍ଦ୍ର ଓ ଗଣେଶ୍ୱର।

ଏହାଙ୍କପରେ କୃଷ୍ଣଚନ୍ଦ୍ର ଦାସ, ନନ୍ଦ ଦାସ, ଅଭାଗୀ ଦାସ, ଅନେଙ୍କ ଦାସ, ରଘୁବର ଦାସ, ଗଣେଶ୍ୱର, ଚରଣ, ସନାତନ ପ୍ରଭୃତି ସନ୍ୟାସୀମାନେ କେନ୍ଦୁଝରରେ ମହିମା ଧର୍ମ ପ୍ରସାର କରି ଅନେକ ଅଲେଖ ଟୁଙ୍ଗୀ ସ୍ଥାପନ କରିଥିଲେ। ମହାରାଜା ଧନୁର୍ଜ୍ଜୟ ରଘୁବର ଦାସଙ୍କ ଠାରୁ ଦୀକ୍ଷା ଗ୍ରହଣ କରିଥିଲେ। ରଘୁବର ଓ ତାଙ୍କ ସାଥୀ ଚରଣ ଦାସଙ୍କୁ ମହାରାଜା ଅତ୍ୟନ୍ତ ଭକ୍ତି କରୁଥିଲେ। ବିଶ୍ୱନାଥ ବାବାଙ୍କ ଲିଖିତ ମହିମା ଧର୍ମ ଇତିହାସରୁ ଜଣାଯାଏ ଯେ ଧନୁର୍ଜ୍ଜୟ ଏହି ଦୁଇବାବାଙ୍କୁ (ମହିମା ପୁରାଣ ଅନୁସାରେ ୧୩ ଦିନପାଇଁ) କିଛି ଦିନ ପାଇଁ ନିଜ ରାଜ୍ୟର ଶାସନଭାର ଅର୍ପଣ କରିଦେଇଥିଲେ। ରାଜା ଏହି ଧର୍ମ ଗ୍ରହଣ କରିବାପରେ ବନମାଳୀ ଭଞ୍ଜ ସୁବନ୍ତ ପଟ୍ଟନାୟକ, ଗୋବିନ୍ଦ ଚନ୍ଦ୍ର ମହାପାତ୍ର ଓ ତାଙ୍କ ପୁତ୍ର ଅଦ୍ୱୈତ ମଧ୍ୟ ଏହି ଧର୍ମରେ ଦୀକ୍ଷିତ ହୋଇଥିଲେ।

ଆନନ୍ଦପୁର ବାନ୍ଧଗୋଡାର ଦାଶରଥି ପଟ୍ଟନାୟକ, ନୂଆପଡାର ବାସୁ ପହି, ନଦୁଆଁର ହୃଷି ସାହୁ, ପାଟଣାର ଆରତ ସାହୁ, ନବୀନ ପୃଷ୍ଟି, ପାଟରଙ୍ଗୀର ଚକ୍ର ବିହାରୀ, ହୁଣ୍ଡୁ ମଣିପୁର ଗ୍ରାମର ନଟବର ପ୍ରଧାନ, ଘାସି ସ୍ୱାଇଁ, ଭାସ୍କର, ତ୍ରିଲୋଚନ, ନବୀନ, ଚିନ୍ତାମଣି ଗୌରାଙ୍ଗ, ଅର୍ଜ୍ଜୁନ ବ୍ରଜମୋହନ ପୁରର କାଳିଆ ପ୍ରଧାନ, ଚକୁଳିଆର ଭକତ ପ୍ରଧାନ, ଚାରିଗଡ ଶିରିଗିଡାର କମଳ ପ୍ରଧାନ ପ୍ରମୁଖ ଏହି ଧର୍ମ ଗ୍ରହଣ କରିଥିଲେ। ନରଣପୁର ନିକଟସ୍ଥ ଅଲଣାପଦା ଗ୍ରାମର ନାରଣ ଦାସ ଏହି

Digitized by PPRACHIN, SOA

ଧର୍ମ ଗ୍ରହଣ କରି ଭୀମଭୋଇଙ୍କ ପରି ଅନେକ କବିତା ରଚନା କରି ଏହି ଧର୍ମ ପ୍ରସାରରେ ସହାୟକ ହୋଇଥିଲେ ।

ଓଡିଶାର ଉନ୍ନତିପାଇଁ ୧୯୦୩ ମସିହାରେ ଉତ୍କଳ ସମ୍ମିଳନୀରେ ଯୋଗ ଦେଲେ । ସେଠାରେ ସେ ଅଭ୍ୟର୍ଥନା କମିଟିର ସଭାପତି ପଦ ପାଇଥିଲେ । ତାଙ୍କ ଅମଳରେ କେନ୍ଦୁଝରର ବହୁତ ଉନ୍ନତି ହୋଇଥିଲା । କିନ୍ତୁ ଦୁଇଥର ପ୍ରଜାମେଳି ହେତୁ ସେ ଅନେକ କଷଣ ଭୋଗିଥିଲେ । ରାଜ୍ୟ ବାହାରୁ ବହୁ ମାନ ସମ୍ମାନ ଓ ରାଜ୍ୟ ମଧ୍ୟରୁ ବହୁ ଅପମାନ ମୁଣ୍ଡେଇ ୫୫ ବର୍ଷ ବୟସରେ ୧୩୧୩ ସାଲ ତୁଳମାସ ୧୨ ଦିନ ଶୁକ୍ରବାର (ପର୍ଯ୍ୟ ଅମାବାସ୍ୟା) ଇଂରାଜୀ ତା ୨୭/ ୧୦/ ୧୯୦୫ରେ ମୃତ୍ୟୁ ମୁଖରେ ପଡିଲେ ।

ଗୋପିନାଥ ନାରାୟଣ ଭଞ୍ଜ

ମହାରାଜା ଧନୁର୍ଜ୍ଜୟ ଭଞ୍ଜଙ୍କର ଦୁଇରାଣୀ ଥିଲେ । ପାଟରାଣୀ ଖେମିଡିର ରାଜଜେମା ତିଳୋତ୍ତମା ଦେବୀଙ୍କ ଗର୍ଭରୁ ଗୋପିନାଥ ଓ ହରିହର ଜନ୍ମଗ୍ରହଣ କରିଥିଲେ । ଜ୍ୟେଷ୍ଠପୁତ୍ର ଗୋପିନାଥ ୧୨୯୦ ସାଲ ମକର ମାସ ୨୩ ଦିନ ଅର୍ଥାତ ଇଂରାଜୀ ତା ୧୩/୦୨/୧୮୮୩ ଶ୍ରୀପଞ୍ଚମୀରେ ଜନ୍ମଗ୍ରହଣ କରିଥିଲେ । ପିତା ଧନୁର୍ଜ୍ଜୟଙ୍କ ଅନ୍ତେ ସେ ୧୩୧୩ ସାଲ ତୁଳାମାସ ୧୨ ଦିନ ଇଂରାଜୀ ତା ୨୭/ ୧୦/୧୯୦୫ ଶୁକ୍ରବାର ରେ ସିଂହାସନରେ ବସିଲେ । ମାତ୍ର ଦୁଇବର୍ଷ ଶାସନ କରିବା ପରେ ବାଧ୍ୟହୋଇ ସିଂହାସନ ତ୍ୟାଗ କରିଥିଲେ ।

ସେ ଜଣେ ଦେବବ୍ରାହ୍ମଣ ଭକ୍ତ ରାଜା ଥିଲେ । ଗାଦୀରେ ବସିବାପରେ ଶ୍ରୀ ଶ୍ରୀ ବଳଦେବ ଜୀଉଙ୍କ ସେବା ପୂଜାରେ ସଂସ୍କାର ଅଣାଇଲେ । ଅବଶ୍ୟ ଧନୁର୍ଜ୍ଜୟଙ୍କ ଅମଳରୁ ବଡଦେଉଳରେ ନିଳାଦ୍ରୀମହୋଦୟମର ବର୍ଣ୍ଣନା ଅନୁସାରେ ସେବାପୂଜାର ବ୍ୟବସ୍ଥା ହୋଇଥିଲା । ସେହି ଅନୁସାରେ ବଡଦେଉଳର ସଂସ୍କାର ହେବାରୁ ଏହି ସମୟରୁ ଦେବୀ ସୁଭଦ୍ରା ରକ୍ତ (କୁଙ୍କୁମ) ବର୍ଣ୍ଣ ଧାରଣକଲେ । ମାହାରିମାନଙ୍କୁ ଅଣାଇ ଗୀତଗୋବିନ୍ଦ ଓ ଭଜନଗୀତ ବୋଲିବା ବ୍ୟବସ୍ଥା କଲେ । ବଡଦେଉଳ ମନ୍ଦିର ବେଢାରେ ରାମଲକ୍ଷ୍ମଣ ମନ୍ଦିର ନିର୍ମାଣ କଲେ ।

Digitized by PPRACHIN, SOA

ଗମନା ଗମନର ସୁବିଧା ପାଇଁ ତାଙ୍କ ପିତାଙ୍କ ଅମଳରୁ ହୋଇଥିବା ମାଟି ରାସ୍ତାକୁ ପକ୍କା କରିଥିଲେ। କର୍ମଚାରୀମାନଙ୍କ ରହିବା ପାଇଁ କେତେ ଗୁଡିଏ ପକ୍କା ଘର ମଧ୍ୟ ନିର୍ମାଣ କରିଥିଲେ।

ତାଙ୍କ ସମୟରେ ମାକମିଲାନ୍ ନାମକ ଏକ ଇଂରେଜ ସାହେବ ଷ୍ଟେଟର ଦେୱାନ ଓ ପୋଲିସ ସୁପରିଟେଣ୍ଡେଣ୍ଟ୍ ଦାୟିତ୍ୱରେ ଥିଲେ। ସେ ରାଜାଙ୍କ ସହିତ ପଡୁ ନଥିଲେ। ରାଜାଙ୍କର ପ୍ରତ୍ୟେକଟି କାର୍ଯ୍ୟକୁ ବିରୋଧ କରୁଥିଲେ। ରାଜା ମଧ୍ୟ ଗୋଟିଏ ବିଦେଶୀ କର୍ମଚାରୀକୁ ପତରରେ ପକାଉନଥିଲେ।

ସେଦିନ ଥିଲା ୧୩୧୩ ସାଲ ମେଷମାସ ୧୭ ଦିନ ଇଂରାଜୀ ତା ୨/୫/ ୧୯୦୬ ରବିବାର। ଏହି ଦିନ ଚନ୍ଦନ ଯାତ୍ରାପାଇଁ ଉଆସର ଚମ୍ପାମେଲା ଆଗରେ ପୂଜା ହେଉଥାଏ। ପୂଜା ଅଧା ସମୟରେ ମେକମିଲନ ସାହେବ ପୂଜାସ୍ଥଳୀରେ ପଶିଗଲେ। ପୂଜା ମାରାହେଲା। ଠାକୁରଙ୍କୁ ମହାସ୍ନାନ କରାଗଲା। ପୁଣିଥରେ ପୂଜା ଆରମ୍ଭ ହେଲା। ଉଆସରୁ ମହାସ୍ନାନ ଜିନିଷ ରାଜା ଗୋପିନାଥ ଦେଇଥିଲେ। ଏହିପରି ଅନେକ ଘଟଣାରେ ରାଜା ଓ ଦେୱାନଙ୍କର ମତାନ୍ତର ହେଲା। ରାଜା ଦେୱାନଙ୍କୁ ବାହାର କରିଦେବା ପାଇଁ ଚାହିଁଲେ। ଦେୱାନ ମଧ୍ୟ ରାଜାଙ୍କୁ ଗାଦୀରୁ ହଟାଇ ଦେବାକୁ ଚକ୍ରାନ୍ତ କଲେ। ଶେଷକୁ ରାଜା ଦେୱାନଙ୍କୁ ତଡି ଦେଇ ବାବୁ ସୁଦାମ ଚରଣ ନାୟକଙ୍କୁ ଦେୱାନ କଲେ। ମେକମିଲନ୍ ସାହେବ ତଡାଖାଇ ଇଂରେଜ ସରକାରଙ୍କୁ ଜଣାଇଲେ। ରାଜା ଅତ୍ୟାଚାରୀ, ନୃଶଂସ, ନଷ୍ଟଚରିତ୍ର ଓ ଘାତକ ବୋଲି ଲେଖିଦେଲେ। ରାଜା ଇଂରେଜ ସରକାରଙ୍କ ବିରୁଦ୍ଧାଚରଣ କରିବାରୁ ତାଙ୍କୁ ସିଂହାସନରୁ ହଟାଇଦେଲେ।

ସନ ୧୯୦୭ରେ ରାଜାଙ୍କ ପାଖରୁ ରାଜ୍ୟଗଲା। ରାଜା କଟକରେ ରହି ଓକିଲ ମଧୁବାବୁଙ୍କୁ ସବୁକଥା ଜଣାଇଲେ। ମଧୁବାବୁ ରାଜାଙ୍କୁ ପାଗଳର ଅଭିନୟ କରିବାକୁ କହି ମକଦ୍ଦମା ଚଳାଇଲେ। ରାଜା ପାଗଳ ପରି ଅଭିନୟ କଲେ। ଥରେ କଟକ କମିଶନରଙ୍କ ଘୋଡାଗାଡିକୁ ବାଟରେ ଅଟକାଇ ନିସ୍ତୁକ ମାଡ ଦେଲେ। ଏଥିପାଇଁ ସେ ପାଗଳ ବୋଲି ରକ୍ଷାପାଇଗଲେ। ରାଜା ଗାଦୀରୁ ଯିବାପରେ ଇଂରେଜ ମାନଙ୍କ ହାତକୁ ରାଜ୍ୟ ଚାଲିଗଲା। ତା ୧୨/୦୮/୧୯୨୬ ରେ ତାଙ୍କର ଅକାଳ ବିୟୋଗ ହେଲା।

❖❖

Digitized by PPRACHIN, SOA

କେନ୍ଦୁଝରରେ ଇଂରେଜ ଶାସନ
(୧୯୦୭ ରୁ ୧୯୨୮)

ଇଂରେଜମାନେ ୧୮୦୩ ମସିହା ଡିସେମ୍ବର ମାସ ୭ ତାରିଖରେ ଦେଓଗାଁ ନାମକ ସ୍ଥାନରେ ମରହଟ୍ଟାମାନଙ୍କୁ ପରାସ୍ତ କରି ଓଡିଶା ଦଖଲ କଲେ। ତା ୧୬/ ୧୨/୧୮୦୪ ତାରିଖରେ କେନ୍ଦୁଝର ରାଜା ସାମନ୍ତ ସନ୍ଧିରେ ଚୁକ୍ତି କଲେ। ତା ୨୮/୧୨/୧୮୦୪ରେ ରାଜା ଜନାର୍ଦ୍ଦନ ଭଞ୍ଜ ଇଂରେଜ ମାନଙ୍କୁ ବାର୍ଷିକ ଟ ୨୯୭୬ଙ୍କା ଏଗାର ଅଣା ଏଗାର ପାହୁଲା ଟିକସ ଦେବାକୁ ରାଜିହେଲେ। ଏହି କାଳରୁ ଇଂରେଜମାନେ କେନ୍ଦୁଝର ରାଜ୍ୟକୁ ମିତ୍ରରାଜ୍ୟ ଭାବେ ସ୍ୱୀକୃତି ଦେଲେ। ରାଜା ନିଜରାଜ୍ୟକୁ ଶାସନ କଲେ। ଇଂରେଜମାନେ ରାଜ୍ୟର ଆଭ୍ୟନ୍ତରୀଣ ବ୍ୟାପାରରେ କୌଣସି ହସ୍ତକ୍ଷେପ ନକରିବାକୁ କଥାଥିଲା। କିନ୍ତୁ ମହାରାଜା ଗଦାଧର ନାରାୟଣ ଭଞ୍ଜଙ୍କ ଅନ୍ତେ ଇଂରେଜମାନେ କେନ୍ଦୁଝର ଶାସନରେ ହସ୍ତକ୍ଷେପ କଲେ। ପାଟରାଣୀ ଧନୁର୍ଜ୍ଜୟଙ୍କୁ ସିଂହାସନରେ ବସାଇ ଦେଲେ ନାହିଁ। ପ୍ରଜାମାନେ ମଧ୍ୟ ରାଣୀଙ୍କ ସହିତ ଏକମତ ହେଲେ। କିନ୍ତୁ ଇଂରେଜମାନେ କେନ୍ଦୁଝରର ପରମ୍ପରାକୁ ଗ୍ରହଣ କଲେ ନାହିଁ। ଧନୁର୍ଜ୍ଜୟଙ୍କୁ ସିଂହାସନରେ ବସାଇଦେଲେ। ଏହି କାରଣରୁ ପ୍ରଜାମାନେ ଇଂରେଜ ମାନଙ୍କ ବିରୋଧରେ ସଂଗ୍ରାମ କଲେ। ଏହି ସଂଗ୍ରାମରେ ରତ୍ନା ନାଏକ ଓ ଆଉ ଛଅଜଣ ଫାଶୀ ପାଇଲେ। ଫାଶୀ ପାଇବା ପୂର୍ବରୁ ମହାରାଣୀ ଓ ରତ୍ନା ନାଏକ ମକଦ୍ଦମା କରିଥିଲେ। ଇଂରେଜ ମାନଙ୍କ ସର୍ବୋଚ୍ଚ ନ୍ୟାୟାଳୟରେ ମକଦ୍ଦମାଟି ବିଚାରାଧୀନ ଥିବା ବେଳେ ଧନୁର୍ଜ୍ଜୟ ସାବାଳକ ହୋଇଗଲେ। ମକଦ୍ଦମାର ରାୟ ବାହାରିବା ପୂର୍ବରୁ ଇଂରେଜମାନେ ଧନୁର୍ଜ୍ଜୟଙ୍କୁ ଗାଦୀରେ ବସାଇଦେଲେ। ସେମାନେ ଭାବୁଥିଲେ ପ୍ରଜାମାନେ ନୀରବ ରହିଯିବେ। କିନ୍ତୁ ତାହା ହେଲା ନାହିଁ। ଶେଷକୁ ପରଂପରାକୁ ରକ୍ଷା କରିବା ପାଇଁ ଜୀବନ ଦେଲେ। ଧନୁର୍ଜ୍ଜୟ ନାବାଳକ ଥିବା ସମୟରେ ଖ୍ରୀ: ୧୮୬୧ରୁ ଖ୍ରୀ: ୧୮୬୮ ପର୍ଯ୍ୟନ୍ତ ଇଂରେଜ ମାନେ କେନ୍ଦୁଝରକୁ ସିଧାସଳଖ ଶାସନ କଲେ। ଧନୁର୍ଜ୍ଜୟ ଖ୍ରୀ: ୧୮୬୮ରେ ବୟଃପ୍ରାପ୍ତି ହେବାରୁ ସିଂହାସନରେ ବସିଲେ। ଏହି ସମୟଠାରୁ କ୍ୟାପଟେନ୍ ଜନ୍ଷ୍ଟୋନ (ଖ୍ରୀ ୧୮୬୮ - ଖ୍ରୀ ୧୮୭୧) ଆଉ ହଣ୍ଟର (ଖ୍ରୀ ୧୮୭୧ - ଖ୍ରୀ ୧୮୭୩) ଓ କାହ୍ନାସିଂହ (ଖ୍ରୀ

Digitized by PPRACHIN, SOA

୧୮୭୩ - ଖ୍ରୀ ୧୮୭୬) ରାଜାଙ୍କୁ ଶାସନ କ୍ଷେତ୍ରରେ ସାହାଯ୍ୟ କରିବାପାଇଁ ଇଂରେଜ ପ୍ରତିନିଧି ଭାବେ କେନ୍ଦୁଝର ଶାସନ ଦାୟିତ୍ୱ ତୁଲାଇଥିଲେ। ସମୟରେ ବିଭିନ୍ନ କାରଣରୁ ଖ୍ରୀ: ୧୮୯୧ରେ ଆଉ ଏକ ମେଳି ହେଲା। ଏହା 'ଧରଣୀ ମେଳି' ନାମରେ ଜଣାଶୁଣା। ଏହି ମେଳି ୧୮୯୪ ମସିହା ପର୍ଯ୍ୟନ୍ତ ଲାଗିଥିଲା। ଏହି କାଳରେ ଇଂରେଜମାନେ କେନ୍ଦୁଝରର ଶାସନ କାର୍ଯ୍ୟ ନିଜେ ତୁଲାଇ ଥିଲେ କହିଲେ ଭୁଲ ହେବନାହିଁ। ମେଳିପରେ ମହାରାଜା ଧନୁର୍ଜ୍ଜୟଙ୍କୁ ପ୍ରଜାପୀଡକ ବୋଲି କିଛିଦିନ ଗାଦୀରୁ ହଟାଇଦେଲେ। ଇଂରେଜମାନେ ଭାବିଥିଲେ ଯେ ରାଜାଙ୍କୁ ଅତ୍ୟାଚାରୀ ବୋଲି ପ୍ରମାଣିତ କରି କେନ୍ଦୁଝରକୁ ସିଧା ସଳଖ ଶାସନ କରିବେ। ମହାରାଜା ଧନୁର୍ଜ୍ଜୟ କିନ୍ତୁ ନ୍ୟାୟାଳୟର ଆଶ୍ରୟ ନେଲେ। ବାରିଷ୍ଟର ମଧୁସୂଦନ ଦାସ ମକଦ୍ଦମା ଲଢି ଧନୁର୍ଜ୍ଜୟଙ୍କୁ ନିର୍ଦ୍ଦୋଷ ପ୍ରମାଣିତ କଲେ। ଏହି ସମୟରେ ଓଡିଶାର ସୁପରିଟେଣ୍ଡେଣ୍ଟ ଟୟନବୀ ସାହେବ କେନ୍ଦୁଝର ଶାସନ ପରିଚାଳନା ପାଇଁ ୧୮୯୧ ରେ ଢାଲିସାହେବଙ୍କୁ ନିଯୁକ୍ତି ଦେଇଥିଲେ। ଧନୁର୍ଜ୍ଜୟ ମକଦ୍ଦମା ଜିଣି ୧୮୯୨ ରେ ରାଜ୍ୟକୁ ଫେରି ଶାସନଭାର ଗ୍ରହଣ କଲେ। କିନ୍ତୁ ଇଂରେଜମାନେ ଶାସନ କାର୍ଯ୍ୟରେ ହସ୍ତକ୍ଷେପ କରିବାକୁ ବାଟକଲେ। ମାକମିଲନ୍ ନାମକ ଜଣେ ସାହେବଙ୍କୁ କେନ୍ଦୁଝରର ମ୍ୟାନେଜର ଭାବେ ନିଯୁକ୍ତି ଦେବାକୁ ରାଜାଙ୍କୁ ବାଧ୍ୟକଲେ। ମାକମିଲନ୍ ମ୍ୟାନେଜର ଭାବେ ଦାୟିତ୍ୱ ନେବାର ଅଳ୍ପଦିନପରେ ଧନୁର୍ଜ୍ଜୟ ମୃତ୍ୟୁମୁଖରେ ପଡିଲେ। ତାଙ୍କପରେ ଗୋପିନାଥ ଭଞ୍ଜ ସିଂହାସନରେ ବସିଲେ। ସେ ନାନା ଚକ୍ରାନ୍ତ କରି ରାଜା ଗୋପିନାଥଙ୍କୁ ସିଂହାସନରୁ ହଟାଇଦେଲେ। ଖ୍ରୀ: ୧୯୦୭ ମସିହା ଠାରୁ ୧୯୨୯ ମସିହା ପର୍ଯ୍ୟନ୍ତ ଇଂରେଜ ମାନେ କେନ୍ଦୁଝରକୁ ସିଧାସଳଖ ଶାସନ କଲେ।

ଦୀର୍ଘ ୨୧ ବର୍ଷକାଳ ଇଂରେଜ ଶାସନ ମଧ୍ୟରେ ଚାରିଜଣ ସୁପରିଟେଣ୍ଡେଣ୍ଟ ନିଯୁକ୍ତି ପାଇଥିଲେ। ସେମାନେ ହେଲେ ଡି:ଏ: ମ୍ୟାକମିଲାନ୍, ରାୟସାହେବ ବୈକୁଣ୍ଠ ନାଥ ଦାସ, ଜେ:ଏଚ: ପ୍ରାଇସ ଓ ଡବଲ୍ୟୁ:ଜି: କେଲି। କେଲି ସାହେବଙ୍କ ସମୟରେ ରାଜା ବଳଭଦ୍ର ନାରାୟଣ ଭଞ୍ଜ ତା ୧୨/୦୧/୧୯୨୯ରେ କ୍ଷମତା ପାଇ କେନ୍ଦୁଝର ରାଜ୍ୟର ରାଜାହେଲେ।

Digitized by PPRACHIN, SOA

ଡି:ଏ: ମାକମିଲନ୍ - (ଖ୍ରୀ: ୧୯୦୯-୧୯୧୮):

ଡି:ଏ: ମାକମିଲନ୍ ଜଣେ ଇଂରେଜ ଲୋକ ଥିଲେ ମଧ୍ୟ ଓଡିଆ ଭାଷାରେ କଥାବାର୍ତ୍ତା କରିପାରୁଥିଲେ। ରତ୍ନା ମେଳିପରେ ସେ ୧୮୬୧ ରୁ ୧୮୬୨ ପର୍ଯ୍ୟନ୍ତ କେନ୍ଦୁଝରରେ ଥିଲେ। ଏହାପରେ ବିଭିନ୍ନ ଦାୟିତ୍ୱ ତୁଲାଇ ସେ ମୋଟ ୧୬ ବର୍ଷ କାଳ ଅତିବାହିତ କରିଥିଲେ। ସୁପରିଟେଣ୍ଡେଣ୍ଟ ଭାବେ ପ୍ରଥମେ ସେ କେନ୍ଦୁଝରକୁ ଆସି ପ୍ରଜାମାନଙ୍କ ସହିତ ମିଶିବାକୁ ଚେଷ୍ଟା କଲେ। ମହାରାଜା ଧନୁର୍ଜୟଙ୍କ ଶାସନ ବ୍ୟବସ୍ଥାକୁ ଅନୁକରଣ କରି ପ୍ରଜାଙ୍କ ଆସ୍ଥା ଲାଭ କଲେ। ଗମନାଗମନ ଓ ସ୍ୱାସ୍ଥ୍ୟର ଉନ୍ନତି ପାଇଁ ସେ ଯାହା କରିଥିଲେ ତାହାର ଫଳ ଆମେ ଭୋଗ କରୁଛନ୍ତି। ତାଙ୍କ ସମୟରେ ଆଜିର ବଡ ଡାକ୍ତରଖାନା (୧୯୧୨), ଜେଲ୍‌ଖାନା (୧୯୧୬) , ଚମ୍ପୁଆର ଶିବ ମନ୍ଦିର ଓ ବୈତରଣୀ ପୋଲ (୧୯୧୭) ନିର୍ମିତ ହୋଇଥିଲା। ଏହି ପୋଲ ନିର୍ମାଣରେ ମୋଟ ତିନିଲକ୍ଷ ଦଶ ହଜାର ଦୁଇଶହ ଚଉସ୍ତରୀ ଟଙ୍କା ଖର୍ଚ୍ଚ ହୋଇଥିଲା। ଏହି ମୋଟ ଟଙ୍କାରୁ ଇଂରେଜ ସରକାର ଅର୍ଦ୍ଧେକ ଓ ବାକି ଅର୍ଦ୍ଧେକ କେନ୍ଦୁଝର ରାଜକୋଷରୁ ଖର୍ଚ୍ଚ କରାଯାଇଥିଲା। ଏହି ପୋଲକୁ ବିହାର ଓଡିଶା ଗଭର୍ଣ୍ଣର ୧୯୧୭ ମସିହା ମାର୍ଚ୍ଚ ମାସ ଛଅ ତାରିଖରେ ଉଦ୍‌ଘାଟନ କରିଥିଲେ। ଏହାଙ୍କ ସମୟରେ ରାମଚନ୍ଦ୍ରପୁରଠାରୁ ଚମ୍ପୁଆ ପର୍ଯ୍ୟନ୍ତ ଟେଲିଫୋନ ଲାଇନ୍ ଖୋଲାଯାଇଥିଲା। କେନ୍ଦୁଝରଗଡରୁ ସିଂହଭୂମ ପର୍ଯ୍ୟନ୍ତ ଡାକସେବା ସମ୍ପ୍ରସାରିତ ହୋଇଥିଲା। ଷ୍ଟେଟ୍ ମଧ୍ୟରେ ପ୍ରଥମ କରି ମଟର ଗାଡି ଚାଲିଲା। ସେ ସରକାରଙ୍କ ଠାରୁ ଅପରାଧୀ ମାନଙ୍କୁ ଫାଶୀ ଦେବା କ୍ଷମତା ପାଇଥିଲେ। ଏହାଙ୍କ ସମୟରେ ପ୍ରଥମ କରି ଦୁଇଜଣ ଅପରାଧୀ ଫାଶୀ ପାଇଥିଲେ।

ସନ ୧୯୦୭-୦୮ ବେଳକୁ ରାଜ୍ୟରେ ମୋଟ ୨,୯୫୧ ଜଣ ଛାତ୍ରଛାତ୍ରୀ (ଏଥିରୁ ୧୬୨ ଜଣ ଛାତ୍ରୀ) ଅଧ୍ୟୟନ କରୁଥିଲେ। ଶିକ୍ଷାପାଇଁ ବାର୍ଷିକ ଟ ୮,୦୫୫ ଙ୍କା ଖର୍ଚ୍ଚ ମଧ୍ୟରୁ ସରକାର ଟ ୧,୦୭୫ ଙ୍କା ଅନୁଦାନ ଦେଉଥିଲେ।

ମାକମିଲାନ୍ ସନ ୧୯୦୭ ବେଳକୁ ଏକ ବଳିଷ୍ଠ ପୋଲିଶ ବାହିନୀ ଗଠନ କରିଥିଲେ। ଏଥିରେ ଜଣେ ଏସ୍:ପି: ଜଣେ ଇନିସପେକ୍ଟର, ଜଣେ ସହକାରୀ ଇନିସପେକ୍ଟର, ୬ ଜଣ ସବଇନିସ୍ପେକ୍ଟର, ୧୬ ଜଣ ହେଡ୍-କନେଷ୍ଟବଲ, ଜଣେ ଜମାଦାର ଓ ୧୫୩ ଜଣ କନେଷ୍ଟବଲ ନିଯୁକ୍ତ ହୋଇଥିଲେ। ପୂର୍ବରୁ ଥିବା ୪୬୬

Digitized by PPRACHIN, SOA

ଜଣ ଚୌକିଦାର ସ୍ଥାନରେ ଏମାନଙ୍କ ସଂଖ୍ୟା ୧୨୭୨ କୁ ବୃଦ୍ଧି କରିଥିଲେ। ସନ ୧୯୧୬ ରେ କେନ୍ଦୁଝର ଗଡରେ ନୂଆ ଜେଲଖାନା ନିର୍ମାଣ ସରିବାରୁ ପୁରୁଣା ସହରରେ ଥିବା ଜେଲଖାନାଟିକୁ ସ୍ଥାନାନ୍ତରିତ କରିଥିଲେ।

ସେ ଖ୍ରୀ: ୧୯୧୧ ରୁ ଖ୍ରୀ: ୧୯୧୮ ମଧ୍ୟରେ ପ୍ରଥମ କରି ଚେନ୍ ସର୍ଭେ କରାଇଥିଲେ। ଏହାକୁ ୨୨ ସାଲ୍ ଜରୀବ୍ କୁହାଯାଏ। ଏହି ନୂଆ ସର୍ଭେ ଅନୁସାରେ ଷ୍ଟେଟର ଆୟ ପାଞ୍ଚ ଲକ୍ଷ ଦଶ ହଜାର ଆଠଶହ ବୟାନବେ ଟଙ୍କାକୁ ବୃଦ୍ଧି ପାଇଥିଲା। ପୂର୍ବରୁ ଷ୍ଟେଟର (ପୂର୍ବରୁ ୧୯୧୦) ଆୟ ଥିଲା ଦୁଇ ଲକ୍ଷ ଚବିଶ ହଜାର ଏକଶହ ଦଶ ଟଙ୍କା। ପ୍ରଥମକରି ଜମିର ପ୍ରଜାସତ୍ତ୍ୱ ଅର୍ପଣ କରାଯାଇ ପ୍ରଜାଙ୍କୁ ଜମିପଟା ପ୍ରଦାନ କରାଯାଇଥିଲା। ଏହାକୁ ରୟତିପଟା କୁହାଯାଏ। କୋଡିଏ ବର୍ଷପାଇଁ ଏହି ବନ୍ଦୋବସ୍ତ ହୋଇଥିଲା। ଏହି ସର୍ଭେ ଅନୁସାରେ ଅପର କେନ୍ଦୁଝରରେ ୧୫, ଦଣ୍ଡପାଟରେ ୧୪୩୩ ଖଣ୍ଡ ଗ୍ରାମ, ଲୋଅର କେନ୍ଦୁଝରରେ ୨୬, ଦଣ୍ଡପାଟରେ ୪୯୨ ଖଣ୍ଡ - - ମୋଟ ୧୯୨୫ ଖଣ୍ଡ ଗ୍ରାମ ଥିଲା। ଏଥିସହିତ କାଳିଆହତାରେ ୨୭ ଖଣ୍ଡ ଓ ତେଙ୍ଗା ଜମିଦାରୀର ୫ ଖଣ୍ଡ ଗ୍ରାମ ଏଭଳି ସର୍ବୋମୋଟ ୧୯୫୭ ଖଣ୍ଡ ଗ୍ରାମ ଥିଲା। ତାଙ୍କ ଶାସନରେ ପ୍ରଜାମାନେ ଖୁସିରେ ଥିଲେ।

ରାୟସାହେବ ବୈକୁଣ୍ଠ ନାଥ ଦାସ:

ଖ୍ରୀ: ୧୯୦୭ରେ ଡି:ଏ: ମାକମିଲାନ୍ ଷ୍ଟେଟର ସୁପରିଟେଣ୍ଡେଣ୍ଟ ଦାୟିତ୍ୱ ନେବା ପରେ କିଛି ଦିନ ପାଇଁ ଛୁଟିରେ ରହିଲେ। ସେହି ସମୟ ମଧ୍ୟରେ ରାୟ ସାହେବ ବୈକୁଣ୍ଠନାଥ ଦାସ ସୁପରିଟେଣ୍ଡେଣ୍ଟ ଦାୟିତ୍ୱ ତୁଲାଇଥିଲେ। ସେ କେନ୍ଦୁଝରର ମୁଗୁପୁର ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ ଓ ମହାରାଜା ଧନୁର୍ଜୟ ନାରାୟଣ ଭଞ୍ଜଙ୍କ ଅମଳରୁ ପ୍ରଥମେ ଶିକ୍ଷକ ଓ ପରେ ରାଜବାଟିରେ ଚାକିରୀ କରୁଥିଲେ। ଧରଣୀ ଗୋଳମାଳ ସମୟରେ ସେ ରାଜାଙ୍କର ଅନୁଗତ ଭାବେ କେତେକ କାର୍ଯ୍ୟ କରିଥିଲେ। ରାଜା ଖୁସି ହୋଇ ତାଙ୍କୁ ହରିଚନ୍ଦନ ମହାପାତ୍ର ଉପାଧି ପ୍ରଦାନ କରିବା ସହିତ ଉଚ୍ଚ ପଦବୀରେ ରଖିଲେ। ମାକମିଲାନ୍ ସାହେବ ସୁପରିଟେଣ୍ଡେଣ୍ଟ ଦାୟିତ୍ୱ ନେବା ବର୍ଷ ବୈକୁଣ୍ଠ ନାଥ ସହକାରୀ ସୁପରିଟେଣ୍ଡେଣ୍ଟ ଦାୟିତ୍ୱ ପାଇଥିଲେ। ମାକମିଲାନ୍ ଏହାଙ୍କୁ ଦାୟିତ୍ୱ ଦେଇ ଅଳ୍ପ ଦିନ ପାଇଁ ଛୁଟିରେ ଯାଇଥିଲେ। ସେ ଛୁଟିରୁ ଫେରିବା ପରେ ବୈକୁଣ୍ଠନାଥ ଦାସ ଚମ୍ପୁଆର ଏସ୍:ଡି:ଓ: ଭାବେ ନିଯୁକ୍ତି ପାଇଲେ। ସେ

Digitized by PPRACHIN, SOA

ଜଣେ ନିଷ୍ଠାପର ରାଜସେବକ ଥିଲେ। ଏଥିପାଇଁ ଇଂରେଜ ସରକାର ଖୁସି ହୋଇ ତାଙ୍କୁ ରାୟ ସାହେବ ଉପାଧି ଦେଇଥିଲେ। ସେ ୧୯୨୦ ମସିହାରେ ପ୍ରାଣତ୍ୟାଗ କଲେ।

ନୀଳମଣି ଚନ୍ଦ୍ର ଦେ:

ସନ ୧୯୧୮ ବେଳକୁ ମାକମିଲାନ୍ ଅସୁସ୍ଥ ହୋଇ ପଡିଲେ। ଚିକିତ୍ସା ପାଇଁ କଲିକତା ଚାଲିଗଲେ। ସେଠାରେ ତାଙ୍କର ମୃତ୍ୟୁ ହେଲା। ସିନିୟର ଆସିସ୍ଟାଣ୍ଟ, ନୀଳମଣି ଚନ୍ଦ୍ର ଦେ ସୁପରିଟେଣ୍ଡେଣ୍ଟ ଦାୟିତ୍ୱରେ ରହିଲେ। ଏହିକାଳରେ କେନ୍ଦୁଝରର ୩ ଜଣ ଛାତ୍ର ମାଟ୍ରିକ ଓ ଦୁଇଜଣ ଛାତ୍ର ଆଇ:ଏ ପାଶ୍ କରିଥିଲେ। ପୂର୍ବରୁ ଛାତ୍ରବୃତ୍ତି ପାଉଥିବା ଓରାଳିର ଗୌରାଙ୍ଗ ପଟ୍ଟନାୟକଙ୍କ ବୃତ୍ତି କାଟି ଦେଇ ବଂଶୀଧର ରଥଙ୍କୁ ଦେଇଥିଲେ।

କେ:ଏଚ୍:ପ୍ରାଇସ୍ - (୧୯୧୯-୧୯୨୮)

ମାକମିଲାନ୍ ସାହେବଙ୍କ ଅନ୍ତେ ନୀଳମଣି ଚନ୍ଦ୍ର ଦେ ଅସ୍ଥାୟୀ ସୁପରୀଟେଣ୍ଡଣ୍ଟ ଭାବେ କାର୍ଯ୍ୟନିର୍ବାହ କରିଥିଲେ। ତାଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରି ମିଷ୍ଟର କେ:ଏଚ୍: ପ୍ରାଇସ୍ ସାହେବ ୧୯୧୯ ମସିହା ଜାନୁଆରୀ ମାସ ଆଠ ତାରିଖରେ କେନ୍ଦୁଝରର ସୁପରିଟେଣ୍ଡେଣ୍ଟ ଦାୟିତ୍ୱ ଗ୍ରହଣ କଲେ।

ସେ ଜଣେ ଦୃଷ୍ଟ ପ୍ରକୃତିର ଲୋକ ଥିଲେ। ଲୋକେ ଏହାଙ୍କୁ ବାଘ୍ୟ ସାହେବ କହୁଥିଲେ। ଏହାଙ୍କ ସମୟ ଏକ ଘଟଣା ବହୁଳ ସମୟ। ଅବଶ୍ୟ ସେ କେତେକ ଜନ ହିତକର କାର୍ଯ୍ୟ କରିଥିଲେ। ହଜାର ହଜାର ବର୍ଷ ଧରି ଭଞ୍ଜମାନେ ଯାହା କରି ନଥିଲେ ମାତ୍ର ୨୦-୨୨ ବର୍ଷ ଶାସନ କାଳରେ ଇଂରେଜମାନେ ତାହାଠାରୁ ଢେର ଅଧିକ କରିଯାଇଛନ୍ତି। ଏ ସବୁ ଆମରି ଅର୍ଥରେ ହୋଇଥିଲେ ମଧ୍ୟ ଶାସକ ଭାବେ ସେମାନେ ସେମାନଙ୍କ କର୍ତ୍ତବ୍ୟ ରାଜା ମାନଙ୍କ ଠାରୁ ଅଧିକ କରିଛନ୍ତି।

ପ୍ରାଇସ୍ ସାହେବଙ୍କ ସମୟରେ କେନ୍ଦୁଝରଗଡର ବିରାଟ କଚେରୀ ଘର ନିର୍ମିତ ହେଲା। କଲିକତାରୁ ରାଜମିସ୍ତ୍ରୀ ଆସି ଘରକାମ କଲେ। ରାଜକୋଷରୁ ମୋଟ ତିନି ଲକ୍ଷ ଚାରି ହଜାର ଟଙ୍କା ଖର୍ଚ୍ଚ ହେଲା। ଏହାକୁ ଓଡିଶା ଗଡଜାତ ସମୂହର ପଲିଟିକାଲ ଏଜେଣ୍ଟ ଏଲ୍:ଇ:ବି: କବଡନ ରାମସେ ସନ ୧୯୨୦ ମସିହା ମେ ମାସରେ ଶୁଭ ଦେଇଥିଲେ। ସନ ୧୯୨୬ ମସିହାରେ ରାଜା ବଳଭଦ୍ର ଭଞ୍ଜ ଏହିଠାରେ ଦରବାର

Digitized by PPRACHIN, SOA

କାର୍ଯ୍ୟ ଆରମ୍ଭ କରିଥିଲେ। କେନ୍ଦୁଝରରୁ ଚମ୍ପୁଆ ଯିବା ରାସ୍ତାରେ ଅରଡେଇ ନଦୀ ଉପରେ ଯେଉଁ ଲୁହାପୋଲ ତାହା ମଧ୍ୟ ଏହାଙ୍କ କୀର୍ତ୍ତି। ଆଜିର ଟାଉନ୍ ହଲ ଏହାଙ୍କ ସମୟରେ ଜନ ସାଧାରଣଙ୍କ ଚାନ୍ଦାରେ ନିର୍ମିତ ହୋଇଥିଲା। ଶିକ୍ଷା ପାଇଁ ସେ କେତେକ ସୁନ୍ଦର ପଦକ୍ଷେପ ନେଇଥିଲେ। ଚମ୍ପୁଆ ଠାରେ ନିକଲ୍‌ସନ ଫରେଷ୍ଟ ସ୍କୁଲ୍, କାଳିକା ପ୍ରସାଦ ଓ ଦେଓଗାଁଠାରେ ମଧ୍ୟ ଭର୍ଣ୍ଣିକୁଲାର୍ ଟ୍ରେନିଂ ସ୍କୁଲ ଖୋଲିଥିଲେ। ଉଚ୍ଚଶିକ୍ଷାପାଇଁ ଛାତ୍ରବୃତ୍ତି ବ୍ୟବସ୍ଥାକୁ ବୃଦ୍ଧି କରିଥିଲେ, ମାସିକ ୪୦ ଟଙ୍କା ପର୍ଯ୍ୟନ୍ତ ବୃତ୍ତିଧାରୀ ଛାତ୍ର ଅଧ୍ୟୟନରତ ଥିଲେ। ସନ ୧୯୨୦ ମସିହା ବେଳକୁ କେନ୍ଦୁଝର ରାଜ୍ୟରୁ ୪ ଜଣ ମାଟ୍ରିକ ଓ ଦୁଇଜଣ ଆଇ:ଏ:ପାଶ୍ କରିଥିଲେ।



କଚେରୀ ଘର

ଶାସନ କ୍ଷେତ୍ରରେ ସେ ଖୁବ୍ କଠୋର ଥିଲେ। ଅଧସ୍ତନ କର୍ମଚାରୀ ମାନଙ୍କର ତ୍ରୁଟି ଦେଖିଲେ ମାଡମାରି ନିଲମ୍ବିତ କରିପାରୁଥିଲେ। ରାସ୍ତା କାମରେ ଅବହେଳା ପାଇଁ ଇଞ୍ଜିନିୟର ପ୍ରବୋଧ ଚାଟାର୍ଜୀ ଓ ଓଭରସିୟର ଜୟରାମ ବାବୁଙ୍କୁ ମାଡମାରି ରକ୍ତାକ୍ତ କରିଦେଇଥିଲେ। ରାସ୍ତା ଓ ରାସ୍ତାକଡ ଗଛ ଲଗାଇଥିଲେ। ୧୯୨୨ ରେ ଆନନ୍ଦପୁର ଓ ୧୯୨୩ରେ ଚମ୍ପୁଆ ଡାକ୍ତରଖାନା ଗୃହ ନିର୍ମାଣ କରିଥିଲେ। ସନ ୧୯୨୪ ମସିହା ଅକ୍ଟୋବର ପହିଲା ଦିନ ବାର୍ଡ କମ୍ପାନୀକୁ ୩୦ ବର୍ଷପାଇଁ ୨୫ ବର୍ଗମାଇଲ ଖଣି ଲିଜ ଦେଇଥିଲେ। ସନ ୧୯୨୬-୨୭ରେ ଏଥିରୁ ଟ ୩୦୦୦ ଙ୍କା (ତିନିହଜାର ଟଙ୍କା) ରୟାଲଟି ଆଦାୟ ହୋଇଥିଲା।

ଏ ସବୁ ଜନହିତକର କାର୍ଯ୍ୟ କରିବା ପାଇଁ ଅର୍ଥ ଦରକାର। ସେ ଦେଖିଲେ କେତେକ ମଠ ଓ ମନ୍ଦିରରେ ମହନ୍ତ ମାନେ ଠାକୁରଙ୍କ ନାଁରେ ଖୁସିରେ ଅଛନ୍ତି। ସେମାନଙ୍କ ଭିତରୁ କେତେକଙ୍କୁ ବହିଷ୍କାର କରିଦେଲେ।

❖❖

Digitized by PPRACHIN, SOA

ଜାତୀୟ କଂଗ୍ରେସ (୧୮୮୫) ଓ ଅସହଯୋଗ ଆନ୍ଦୋଳନ (୧୯୨୧)

ଇଂରେଜମାନେ ଆମ ଦେଶକୁ ବଣିଜ ବେପାର କରିବାପାଇଁ ଆସିଥିଲେ। ଖ୍ରୀ:ଅ: ୧୭୫୭ ମସିହା ପାଖରୁ ଧୀରେ ଧୀରେ ଭାରତର ରାଜ୍ୟଗୁଡିକୁ ଅଧିକାର କରିନେଲେ। ଏହିଭଳି ଭାବେ ୧୮୦୩ ମସିହାରେ ଓଡିଶା ଆକ୍ରମଣ କଲେ। ମରହଟ୍ଟା ମାନଙ୍କୁ ହଟାଇ ଓଡିଶା ଦଖଲ କଲେ। ବିଦେଶୀ ବଣିକ ମାନଙ୍କର ପ୍ରଜା ହେଲେ ଏ ଦେଶର ମଣିଷ ମାନେ, ଶାସକମାନେ। ବଂଶାନୁକ୍ରମେ ଯେଉଁସବୁ ରାଜାମାନେ ଥିଲେ ସେମାନେ ନାଁକୁ ମାତ୍ର ରାଜା ଥିଲେ ସିନା ଇଂରେଜମାନେ ଯାହା ଚାହୁଁଥିଲେ ତାହା ଅବାଧରେ କରୁଥିଲେ। ଲୋକମାନଙ୍କର ସୁଖ ଦୁଃଖ କେହି ଦେଖିଲେ ନାହିଁ। ଏ ଦେଶର ଶିକ୍ଷା, ସଂସ୍କୃତି, ଧର୍ମ, ଦର୍ଶନ, ଧନ, ସମ୍ପଦ ସବୁ ଇଂରେଜ ମାନଙ୍କର କବଳିତ ହେଲା। ବିଦେଶୀ ଶିକ୍ଷା ଏ ମାଟିକି ଆସିଲା। କେମିତି ଦାବି ହାସଲ ହୁଏ ସେ କଥା ଲୋକେ ଜାଣିଲେ। ଇଂରେଜ ମାନେ ବିଦେଶୀ, ଆମ ଉପରେ ତାଙ୍କର କିଛି ଅଧିକାର ନାହିଁ। ଏ ଦେଶ ଆମର, ଏ ଧନ ସମ୍ପଦ ଆମର। ସବୁ ଥାଇବି ଆମକୁ ସେମାନେ ଶାସନ କରୁଛନ୍ତି। ଏ ସବୁ କାହିଁକି ହେଲା? ଏମାନେ ଆମ ଦେଶରୁ କେମିତି ହଟିଯିବେ? ଆମେ କିଭଳି ଆମ ଦେଶକୁ ନିଜେ ଶାସନ କରିବା ? ଏଭଳି ଅନେକ କଥା କିଛି ଲୋକଙ୍କ ମୁଣ୍ଡରେ ପଶିଲା।

୧୮୮୫ ମସିହାରେ ହ୍ୟୁମ୍ ନାମକ ଏକ ସାହେବ 'କଂଗ୍ରେସ' ନାମକ ଏକ ସଂଗଠନ ଆରମ୍ଭ କଲେ। ଏହି ସଂଗଠନର ଲକ୍ଷ୍ୟଥିଲା ସରକାରଙ୍କ ଠାରେ ଦାବୀ କରି ଲୋକଙ୍କର ଅଭାବ ଅସୁବିଧା ପୂରଣ କରିବା।

ଏହି ସଂଗଠନରେ ଆମ ଦେଶର ଶିକ୍ଷିତ ଲୋକମାନେ ମିଶିଲେ। ପ୍ରଥମେ ପ୍ରଥମେ କିଛି କିଛି ଦାବୀ ପୂରଣ କରିବାରୁ ଲାଭ ହେଲା। କିଛି ଦିନପରେ ଦେଖାଗଲା ଯେ ସଂଗଠନରେ ବହୁତ ଲୋକ ମିଶିଗଲେ। ସାରା ଦେଶରେ ହିତ ପାଇଁ କାମ କଲେ। ଶେଷକୁ ଏହି ଦଳର ନାମ ରଖାଗଲା 'ଭାରତୀୟ ଜାତୀୟ କଂଗ୍ରେସ'। କିଛି ଦିନପରେ ଇଂରେଜ ସରକାର ଏହି ଦଳକୁ ନିଜର ଶତ୍ରୁଭାବେ ଧରିନେଲେ। କଂଗ୍ରେସ

Digitized by PPRACHIN, SOA

ଦଳ ମଧ୍ୟ ଇଂରେଜ ସରକାରଙ୍କର ଅନେକ ଖରାପ କାମକୁ ନିନ୍ଦା କଲେ। ସମୟ ଆସିଲା ଏହି ଦଳର କର୍ମୀମାନେ ଇଂରେଜ ମାନଙ୍କୁ ସବୁକଥାରେ ଅସହଯୋଗ କରିବାକୁ ନିଷ୍ପତ୍ତି ନେଲେ। ତାହାହିଁ ହେଲା। ସାରା ଦେଶରେ ଲୋକମାନଙ୍କୁ ଅସହଯୋଗ କରିବାକୁ ମତାଇଲେ। ଦେଶବାସୀ କଂଗ୍ରେସଦଳର କଥା ବୁଝିଲେ। ଇଂରେଜମାନଙ୍କୁ ଦେଶରୁ ହଟାଇ ଦେବାକୁ ଚିନ୍ତା କଲେ।

ଓଡିଶାର ବାରିଷ୍ଟର ମଧୁସୂଦନ ଦାସ ପ୍ରଥମେ ଏହି କଂଗ୍ରେସ ଦଳରେ ମିଶିଥିଲେ। ସେ କଂଗ୍ରେସ ଦଳରେ ଥାଇ ଦାବୀ କଲେ ଯେ, ପ୍ରଥମେ ଭାଷା ଅନୁସାରେ ପ୍ରଦେଶ ଗଠନ ହେଉ। ତା'ପରେ ଅନ୍ୟଦାବୀ କଥା ଉଠାଇବା। କିନ୍ତୁ ଏ ମତକୁ କଂଗ୍ରେସ ଦଳ ଗ୍ରହଣ କଲେ ନାହିଁ। ତେଣୁ ସେ 'ଉତ୍କଳ ସଭା' ଗଠନ କଲେ। ଏହି ସଭାରେ ଓଡିଶାର ରାଜା ମହାରାଜାମାନେ ସଭ୍ୟ ରହିଲେ। ୧୯୦୩ ମସିହାରେ ଉତ୍କଳ ସଭାର ନାମ ହେଲା 'ଉତ୍କଳ ସମ୍ମିଳନୀ'। ଏହି କାଳରେ ଓଡିଶାର କିଛି ଅଂଶ ବଙ୍ଗରେ, କିଛି ଅଂଶ ବିହାରରେ, କିଛି ଅଂଶ ମଧ୍ୟ ପ୍ରଦେଶରେ ଓ କିଛି ଅଂଶ ଆନ୍ଧ୍ରରେ ମିଶି ଯାଇଥିଲା। ମଧୁବାବୁଙ୍କ 'ଉତ୍କଳ ପ୍ରଦେଶ ଗଠନ' ଦାବୀକୁ ଓଡିଆ ମାନେ ଗ୍ରହଣ କଲେ। ଏହି ସମ୍ମିଳନୀରେ କେନ୍ଦୁଝରର ମହାରାଜା ଧନୁର୍ଜ୍ଜୟ ଭଞ୍ଜ ୧୯୦୩ ମସିହାରୁ ଯୋଗ ଦେଇଥିଲେ। ଏହି ସମ୍ମିଳନୀ ଖାଲି ଉତ୍କଳ ପ୍ରଦେଶ ଗଠନ ପାଇଁ ଦାବୀ କରୁଥିଲା। ଏହାର ଅଧିକାଂଶ ସଭ୍ୟ କେବଳ ରାଜା ଓ ଜମିଦାର ମାନେ ଥିଲେ। କଂଗ୍ରେସର ଲକ୍ଷ୍ୟ ଥିଲା ଯେ ଇଂରେଜ ମାନଙ୍କୁ ପ୍ରଥମେ ଅସହଯୋଗ କରାଯିବ। ତା'ପରେ ସେମାନେ ଆମ ଦେଶରୁ ଚାଲିଯାଆନ୍ତୁ ବୋଲି ଦାବୀ କରାଯିବ। ଇଂରେଜମାନେ ଏ ଦେଶ ଛାଡି ଚାଲିଗଲେ ଦେଶ ସ୍ୱାଧୀନ ହୋଇଯିବ। ରାଜା ଜମିଦାର ଶାସନ ଉଠିଯିବ। କଂଗ୍ରେସର ଏହି ନୀତିକୁ ରାଜା ଜମିଦାର ମାନେ ଗ୍ରହଣ କରିପାରୁ ନଥିଲେ। କିନ୍ତୁ ଲୋକମାନେ କଂଗ୍ରେସ ନୀତିକୁ ପସନ୍ଦ କରୁଥିଲେ। ତେଣୁ ଓଡିଶାର ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ନେତୃତ୍ୱରେ ଅନେକ ଯୁବକ ଏହି କଂଗ୍ରେସ ଦଳରେ ସଭ୍ୟ ହେଲେ। ସନ ୧୯୨୦ ମସିହା ଫେବୃଆରୀ ୨ ତାରିଖରେ ଓଡିଶାରେ ଜାତୀୟ କଂଗ୍ରେସ କମିଟି ଗଠିତ ହେଲା।

ସେତେବେଳେ ମହାତ୍ମାଗାନ୍ଧୀ ସାରା ଦେଶ ଭ୍ରମଣ କରି ଇଂରେଜମାନଙ୍କ କୁଶାସନ କଥା ପ୍ରଚାର କରୁଥିଲେ। ଇଂରେଜମାନଙ୍କୁ ହଟାଇ ଦେବାକୁ ଦେଶସାରା

Digitized by PPRACHIN, SOA

ଜନମତ ସୃଷ୍ଟି କରୁଥିଲେ । ସେ ୧୯୨୧ ମସିହା ମାର୍ଚ୍ଚମାସ ୨୫ ତାରିଖରେ ଭଦ୍ରକ ଆସି ଏକ ସଭାରେ କଂଗ୍ରେସର ବାର୍ତ୍ତା ପ୍ରଚାର କଲେ । ଏହି ସଭାକୁ କେନ୍ଦୁଝରର ଅନେକ ବ୍ୟକ୍ତି ଯାଇଥିଲେ ଓ ଗାନ୍ଧି ଆଦର୍ଶରେ ଅନୁପ୍ରାଣିତ ହୋଇଥିଲେ ।

ଏହା ପୂର୍ବରୁ ୧୯୨୦ ମସିହା ଡିସେମ୍ବର ମାସ ୩୦ ଓ ୩୧ ତାରିଖରେ ସିଂହଭୂମିର ଚକ୍ରଧରପୁର ଠାରେ କଂଗ୍ରେସର ଗୋଟିଏ ବିରାଟ ସଭା ହୋଇଥିଲା । ଏହି ସଭାରେ ଓଡିଶାର ପଣ୍ଡିତ ଗୋଦାବରୀଶ ମିଶ୍ର ନେତୃତ୍ୱ ନେଇଥିଲେ । ଓଡିଶାର ବିଭିନ୍ନ ଅଞ୍ଚଳରୁ ଲୋକ ଯାଇ ଏହି ସଭାରେ ଯୋଗ ଦେଇଥିଲେ । କେନ୍ଦୁଝରର ଅନେକ ଲୋକ ମଧ୍ୟ ଯାଇଥିଲେ । ଏଥିରେ ଯୋଗ ଦେଇ କଂଗ୍ରେସର ନୀତି ଓ ଆଦର୍ଶ କ'ଣ ତାହା ବୁଝିଲେ । କଂଗ୍ରେସର ମୂଳ ଲକ୍ଷ୍ୟ, ଇଂରେଜମାନଙ୍କୁ ଏ ଦେଶରୁ ହଟାଇ ଦେଇ ଆମେ ନିଜ ଦେଶକୁ ନିଜେ ଶାସନ କରିବା । ଏକଥା ସଭାରେ ଯୋଗ ଦେଇଥିବା ସବୁଲୋକ ବୁଝିଗଲେ । ଇଂରେଜ ମାନଙ୍କର ଅତ୍ୟାଚାରୀ ଶାସନର କାହାଣୀ ଶୁଣିଲେ । ଦେଶ ଜାତି ପ୍ରତି ଏମାନଙ୍କ ପ୍ରାଣରେ ମମତା ଜାଗିଲା । ଇଂରେଜ ମାନଙ୍କୁ ଦେଶରୁ ହଟାଇ ଦେବାକୁ ଶପଥ କଲେ । ଅଣ୍ଟା ଭିଡିଲେ । ଏହାପରେ କଂଗ୍ରେସ ଦଳ ୧୯୨୧ ମସିହା ଏପ୍ରିଲ ମାସ ୬ ତାରିଖରୁ ୧୩ ତାରିଖ ଯାଏଁ 'ଅସହଯୋଗ ଜାତୀୟ ସପ୍ତାହ' ପାଳନ କରିବାକୁ ଘୋଷଣା କଲେ ।

କେନ୍ଦୁଝରରେ ଅସହଯୋଗ ଆନ୍ଦୋଳନ (୧୯୨୧)

ଏତେବେଳକୁ କେନ୍ଦୁଝର ଇଂରେଜମାନଙ୍କ ଦ୍ୱାରା ଶାସିତ ହେଉଥାଏ । ସନ ୧୯୦୬ ବେଳକୁ କେନ୍ଦୁଝରର ରାଜା ଗୋପିନାଥ ନାରାୟଣଭଞ୍ଜ ନରହତ୍ୟା ଅଭିଯୋଗରେ ଗାଦିରୁ ବହିଷ୍କୃତ ହୋଇଥିଲେ । ଇଂରେଜ ସରକାର କେନ୍ଦୁଝରରେ ଜଣେ ପ୍ରଶାସନିକ (ସୁପରିଟେଣ୍ଡେଣ୍ଟ)ଙ୍କୁ ନିଯୁକ୍ତ କରି ସିଧାସଳଖ ଶାସନ କଲେ ସନ ୧୯୦୭ରୁ ସନ ୧୯୨୮ ମସିହା ପର୍ଯ୍ୟନ୍ତ । ଏହି କାଳଖଣ୍ଡରେ ଡି.ଏ. ମାକ୍ ମିଲାନ (ସନ ୧୯୦୯-୧୯୧୮) ଓ ଜେ.ଏଚ୍.ପ୍ରାଇସ (ସନ ୧୯୧୯ ରୁ ୧୯୨୮) ପର୍ଯ୍ୟନ୍ତ ଏହି ଦାୟିତ୍ୱ

Digitized by PPRACHIN, SOA

ତୁଲାଇଥିଲେ । ଗୋପିନାଥଙ୍କ ପୁତ୍ର ବଳଭଦ୍ର ଭଞ୍ଜ ବୟଃପ୍ରାପ୍ତି ହେବାପରେ କ୍ଷମତାସୀନ ହେବାରୁ କେନ୍ଦୁଝରରେ ପୁନଶ୍ଚ ରାଜା ଶାସନ ପ୍ରଚଳିତ ହେଲା– କିନ୍ତୁ ଇଂରେଜମାନଙ୍କ ଆଧିପତ୍ୟ ଓ ଦୌରାତ୍ମ୍ୟ ଊଣା ହୋଇ ନଥିଲା ।

କେନ୍ଦୁଝରର ଇଂରେଜମାନଙ୍କ ଶାସନ ହେବାରୁ ଅନେକ କିଛି ପରିବର୍ତ୍ତିତ ହୋଇଥିଲା । ରାଜାନୁଗତ କର୍ମଚାରୀମାନଙ୍କ ଉତ୍ପୀଡ଼ନ ଓ ଶୋଷଣରୁ ପ୍ରଜାମାନଙ୍କୁ ମୁକୁଳାଇବାକୁ ଏମାନେ ଚାହିଁଥିଲେ । ରାଜା-ଜମିଦାରମାନେ ଯେ କିଛି ଅନୁଗତ କର୍ମଚାରୀମାନଙ୍କୁ ହାତ କରି ପ୍ରଜାମାନଙ୍କୁ ଅଣଦେଖା କରୁଥିଲେ, ଏହା ଅସତ୍ୟ ନୁହେଁ । ଏମାନେ ବାଟି ବାଟି ଜମି ହାତେଇ ନେଇଥିଲେ । କେନ୍ଦୁଝରରେ କୌଣସି ପ୍ରଜାଙ୍କର ଜମିରେ ଅଧିକାର ନ ଥିଲା । ଜମିର ମାଲିକ ଥିଲେ ରାଜା । ସେ ଚାହିଁଲେ ଏବଂ ପୂର୍ବ ପ୍ରଚଳିତ ପ୍ରଥାନୁସାରେ ସମଗ୍ର କେନ୍ଦୁଝରକୁ ମୋଟ ୪୪ ଗୋଟି ଦଣ୍ଡପାଟରେ ବିଭକ୍ତ କରିଥିଲେ । ପ୍ରଥମେ ଦଣ୍ଡପାଟର ମୁଖ୍ୟ ଗଡ଼ନାୟକ ଓ ପରେ ପଧାନ ଓ କାନୁନ୍‌ଗୋ (କାନ୍‌ଗୋଇ)ମାନଙ୍କୁ ଗ୍ରାମସତ୍ତ୍ୱ ପ୍ରଦାନ କରାଯାଇଥିଲା । ଅର୍ଥାତ୍ ଏହି କର୍ମଚାରୀମାନେ ଗ୍ରାମର ଅଧିକାରୀ ଥିଲେ । ପ୍ରଜାମାନଙ୍କୁ ଚାଷଜମି ଦେଇ ଖଜଣା (ପାଉଣା) ଅସୁଲ କରୁଥିଲେ ଇଚ୍ଛାନୁସାରେ; ନ ଦେଲେ ଅତ୍ୟାଚାର । ବାସ୍ତବରେ ଶ୍ରମିକ / କୃଷକ ଭୂମିର ଅଧିକାରୀ ନ ଥିଲେ । ମାକ୍‌ମିଲନ୍ ଦାୟିତ୍ୱ ଗ୍ରହଣ କରିବା ପରେ ରାଜ୍ୟରେ ଚେନ୍ ସର୍ଭେ କରାଇ, ଯେଉଁ ପ୍ରଜା ଯେତିକି ଜମି ଚାଷ କରୁଥିଲେ ତାଙ୍କୁ ପଟା ଦେଲେ ଓ ଜମିର ଖଜଣା ଧାର୍ଯ୍ୟ କରିଦେଲେ । ପଧାନମାନଙ୍କ ଅତ୍ୟାଚାରରୁ ପ୍ରଜା ରକ୍ଷା ପାଇଲେ ।

ରାଜାମହାରାଜାମାନେ ଅନେକ ଦେବମନ୍ଦିରକୁ ଭୂମିଦାନ କରି ତା'ର ରକ୍ଷଣାବେକ୍ଷଣ ପାଇଁ ମହନ୍ତ ନିଯୁକ୍ତ କରିଥିଲେ । ବାଟି ବାଟି ଜମିର ମାଲିକାନା ଏମାନେ ଭୋଗକରି ଘିଅମହୁରେ ଜୀବନ ବିତାଉଥିଲେ । ଏମାନଙ୍କୁ ନିୟନ୍ତ୍ରଣରେ ରଖିବାକୁ ମାକ୍‌ମିଲାନ୍ ଚାହିଁ ନ ଥିଲେ । ବରଂ କେତେଜଣଙ୍କୁ ନୂତନ ଭାବେ ନିଯୁକ୍ତ କରିଥିଲେ; କିନ୍ତୁ ପ୍ରାଇସ୍ ସାହେବ କେନ୍ଦୁଝରକୁ ଆସିବା ପରେ ଏହିମାନଙ୍କୁ ହଟାଇଦେଇ ମଠ ମନ୍ଦିରଗୁଡ଼ିକର ସଂସ୍କାର କରିଥିଲେ ।

ଫଳରେ ରାଜାନୁଗତ କିଛି ସ୍ୱଚ୍ଛଳ ବ୍ୟକ୍ତି ଇଂରେଜ ବିରୋଧୀ ହୋଇଗଲେ । ଠିକ୍ ଏହି କାଳରେ ମହାତ୍ମାଗାନ୍ଧୀ ସାରା ଦେଶ ଭ୍ରମଣ କରି ଇଂରେଜ ସରକାରଙ୍କର କୁଶାସନ ବିରୁଦ୍ଧରେ ଜନମତ ସୃଷ୍ଟି କରୁଥିଲେ । ଏଥିପାଇଁ ସେ ୧୯୨୧ ମସିହା ମାର୍ଚ୍ଚ ମାସରେ ପ୍ରଥମ କରି ଓଡ଼ିଶାକୁ ଆସିଲେ ଓ ତା ୨୪/୦୩/୧୯୨୦ରେ ଭଦ୍ରକଠାରେ

Digitized by PPRACHIN, SOA

ଏକ ସଭାରେ ଯୋଗଦେଲେ । ଏକ ଜାତୀୟ ଚେତନା ସମଗ୍ର ଓଡ଼ିଶାକୁ ସିକ୍ତ କଲା । ଏହାପରେ କଂଗ୍ରେସ ଦଳ ସନ ୧୯୨୧ ମସିହା ଏପ୍ରିଲ ମାସ ୬ ତାରିଖରୁ ୧୩ ତାରିଖ ଯାଏ ଅସହଯୋଗ ଜାତୀୟ ସପ୍ତାହ ପାଳନ କରିବାକୁ ଘୋଷଣା କଲେ ।

ଓଡ଼ିଶାରେ ଏହି ଆନ୍ଦୋଳନକୁ ସଂପ୍ରସାରିତ କରିବାକୁ ଉତ୍କଳମଣି ଗୋପବନ୍ଧୁ ଏକ ଜାତୀୟ କର୍ତ୍ତବ୍ୟ ମନେକରିଥିଲେ । ତାଙ୍କ ନେତୃତ୍ୱରେ ପୁରୀ ଜିଲ୍ଲାର ସତ୍ୟବାଦୀ ବନ ବିଦ୍ୟାଳୟ ସ୍ଥାପିତ ହୋଇଥିଲା । ପ୍ରଥମେ 'ସତ୍ୟବାଦୀ' ନାମରେ ଏକ ସମ୍ବାଦପତ୍ର ପ୍ରକାଶ ପାଇଥିଲା ସନ ୧୯୧୫ରେ । ପରେ ଏହାକୁ ବନ୍ଦ କରିଦେଇ ସାପ୍ତାହିକ 'ସମାଜ'ନାମରେ ପ୍ରକାଶ କଲେ ତା.୪/୦୯/୧୯୧୯ରେ । ଏହି 'ସମାଜ' ପତ୍ର ମାଧ୍ୟମରେ ସେ ସମଗ୍ର ଓଡ଼ିଶାରେ ଜାତୀୟ କଂଗ୍ରେସର ବାର୍ତ୍ତା ପ୍ରଚାର କଲେ । ଏତେବେଳକୁ କେନ୍ଦୁଝର ଆନନ୍ଦପୁରର ଭିକାରୀ ପୁହାଣ ଓ ସଦର ନୁସୁରିପଶି ଗ୍ରାମର ବଂଶୀଧର ବେହେରା ଓ ଚମ୍ପୁଆ - କାଳିକାପ୍ରସାଦର ଦାଶରଥି ପଣ୍ଡା ସତ୍ୟବାଦୀ ବନ ବିଦ୍ୟାଳୟରେ ଅଧ୍ୟୟନ କରୁଥିଲେ । ଗୋପବନ୍ଧୁ ଏହି ଛାତ୍ରମାନଙ୍କ ମାଧ୍ୟମରେ କେନ୍ଦୁଝରକୁ 'ସମାଜ' ପଠାଇ ଅସହଯୋଗର ବାର୍ତ୍ତା ସମ୍ପ୍ରସାରଣ କରିଥିଲେ । ଏତେବେଳକୁ କେନ୍ଦୁଝରର ଶିକ୍ଷିତ ଓ ସ୍ୱଚ୍ଛଳ ବ୍ୟକ୍ତି କହିଲେ– ଗ୍ରାମର ପଧାନ, କିଛି ସରକାରୀ କର୍ମଚାରୀ ଓ ମଠ ମନ୍ଦିରର ପୂଜକଙ୍କୁ ବୁଝାଉଥିଲା । ପୂର୍ବରୁ କୁହାଯାଇଛି ଯେ ରାଜା ଗୋପିନାଥ ନାରାୟଣ ରାଜ୍ୟରୁ ବିତାଡ଼ିତ ହେବାପରେ ଇଂରେଜ ପ୍ରଶାସକ, ମାକ୍‌ମିଲାନ ସାହେବ ପ୍ରଜାମାନଙ୍କୁ ଭୂମିର ମାଲିକାନା ଦେବାପରେ ପଧାନମାନଙ୍କ ଅତ୍ୟାଚାରରୁ କୃଷକମାନଙ୍କୁ ଉଦ୍ଧାର କରିଥିଲେ । ପ୍ରାଇସ୍ ସାହେବ ମଠ ମନ୍ଦିରର ସଂସ୍କାର କରି ଦୁର୍ନୀତିଗ୍ରସ୍ତ ମହନ୍ତ ପୂଜକମାନଙ୍କୁ ବହିଷ୍କାର କରିଥିଲେ । ଏମାନଙ୍କ ମଧ୍ୟରେ ଥିଲେ ଆନନ୍ଦପୁର ସବ୍‌ଡିଭିଜନ ଓରାଳିର ହରେକୃଷ୍ଣ ଦାସ, ଖାଳିଆମେଣ୍ଟା ଚକ୍‌ଲାର କାନ୍‌ଗୋଇ, ନନ୍ଦ ପୁହାଣ ଓ ଭୋଳନୂଆଗାଁରେ ମଧୁସୂଦନ ମିଶ୍ର, କେନ୍ଦୁଝର ଦେବୋତ୍ତର ବିଭାଗ ଓ ରାଜବାଟୀର ମେନେଜର ବନମାଳୀ ପଟ୍ଟନାୟକ, ସିଦ୍ଧ-ମଠ ବନ ବିନହାରୀ ଓ ବାରହାଟିପିରା ମନ୍ଦିରର ବିଶୋଇ ଜଗବନ୍ଧୁ ଚକ୍ରବର୍ତ୍ତୀ, ରାଜବୈଦ୍ୟ ବୈକୁଣ୍ଠ ରଣା, ଡେପୁଟି ରେଞ୍ଜର ବୈତ୍ୟାରୀ ସାହୁ ପ୍ରମୁଖ ପ୍ରଧାନ । ଏମାନେ ତହବିଲ ତୋଷରପାତ ଅଭିଯୋଗରେ ଦଣ୍ଡିତ ହୋଇଥିଲେ ମଧ୍ୟ । ରାଜକାର୍ଯ୍ୟକୁ ବିତାଡ଼ିତ ହେବାପରେ ଏମାନେ କଂଗ୍ରେସର ଅସଯୋଗ ଆନ୍ଦୋଳନକୁ କେନ୍ଦୁଝର ମଧ୍ୟରେ ଅବତରଣ କରାଇଥିଲେ । ଓଡ଼ିଶାର ସର୍ବମାନ୍ୟ ନେତା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ସହିତ ସମ୍ପର୍କ ସ୍ଥାପନ କରିଥିଲେ । ମହାତ୍ମାଗାନ୍ଧୀଙ୍କ ଭଦ୍ରକ ଓ କଟକ ସଭାରେ ଯୋଗଦେଇ ଗାନ୍ଧୀ ଆଦର୍ଶକୁ ପ୍ରସାର କରିବାକୁ ଉଦ୍ୟମ କରିଥିଲେ ।

Digitized by PPRACHIN, SOA

କଥ୍ୟମାନ କାଳରେ ହରେକୃଷ୍ଣ ଦାସ କାର୍ଯ୍ୟରୁ ବହିଷ୍କୃତ ହୋଇ କଟକରେ ଅବସ୍ଥାନ କରୁଥିବା ରାଜା ଗୋପିନାଥ ଭଞ୍ଜଙ୍କ ସହିତ ସମ୍ପର୍କ ବୃଦ୍ଧି କରିଥିଲେ । ରାଜା ସିଂହାସନଚ୍ୟୁତ ହୋଇଥିଲେ; କିନ୍ତୁ ରାଣୀଙ୍କର ରାଜ୍ୟ ମଧ୍ୟକୁ ପ୍ରବେଶ ଅଧିକାର ଅକ୍ଷୁଣ୍ଣ ଥିଲା । ରାଣୀଙ୍କ ଭରଣପୋଷଣ ପାଇଁ ଆନନ୍ଦପୁର ଓ କେନ୍ଦୁଝର ମଧ୍ୟରେ କେତେଗୁଡ଼ିଏ ଗ୍ରାମ ଥିଲା । ଏହି ଗ୍ରାମମାନଙ୍କରୁ କର, ଖଜଣା ସରକାରୀ ତହବିଲକୁ ଯାଉଥିଲା । ରାଣୀ ତାଙ୍କର ପ୍ରାପ୍ୟ ତହବିଲରୁ ପାଉଥିଲେ । ଏହି ପ୍ରାପ୍ୟ ପାଇଁ ରାଣୀ ରାଜ୍ୟ ମଧ୍ୟକୁ ପ୍ରବେଶ ଅଧିକାର ପାଇଥିଲେ । ହରେକୃଷ୍ଣ ଦାସ ରାଣୀଙ୍କର ବ୍ୟକ୍ତିଗତ ସହାୟକ ଭାବେ ନିଯୁକ୍ତି ପାଇଗଲେ । ତେଣୁ ରାଣୀଙ୍କ ସହିତ କେନ୍ଦୁଝରକୁ ଆସିବାର କୌଣସି ଅସୁବିଧା ନ ଥିଲା । ହରେକୃଷ୍ଣ କଟକରେ ଥାଇ କଂଗ୍ରେସ ସଂଗଠନ ସହିତ ସମ୍ପର୍କ ରକ୍ଷା କରିଥିଲେ ଓ କେନ୍ଦୁଝରକୁ ଆସି ନନ୍ଦ ପୁହାଣ ଓ ମଧୁସୂଦନ ମିଶ୍ରଙ୍କ ସହିତ ଯୋଗସୂତ୍ର ସ୍ଥାପନ କରିଥିଲେ । ଗୋପବନ୍ଧୁଙ୍କ ସ୍ଥାପିତ ସତ୍ୟବାଦୀ ବନ ବିଦ୍ୟାଳୟରେ ଯେଉଁ ଛାତ୍ରମାନେ ଅଧ୍ୟୟନ କରୁଥିଲେ, ସେମାନେ ଘରକୁ ଯିବାଆସିବା କାଳରେ ସାପ୍ତାହିକୀ ସମାଜରୁ କେନ୍ଦୁଝର ମଧ୍ୟକୁ ଆଣିବାରେ ସାହାଯ୍ୟ କରୁଥିଲେ । ନୁସୁରିପଶିର ଛାତ୍ର ବଂଶୀଧର ବେହେରାଙ୍କ ପିତା ସେ ଅଞ୍ଚଳର ପଧାନ ଥିଲେ । ନୁସୁରିପଶି ନିକଟସ୍ଥ ବାରହାଟିପିରା ମନ୍ଦିରର ବିଷୋୟୀ ଜଗବନ୍ଧୁ ଚକ୍ରବର୍ତ୍ତୀଙ୍କ ସହିତ ଏହାଙ୍କର ପାରିବାରିକ ସମ୍ପର୍କ ଥିଲା । ତେଣୁ ଜଗବନ୍ଧୁ ବଂଶୀଧରଙ୍କ ମାଧ୍ୟମରେ ଗୋପବନ୍ଧୁଙ୍କ ସହିତ ଯୋଗସୂତ୍ର ସ୍ଥାପନ କରିଥିଲେ । ବଂଶୀଧରଙ୍କ ସହପାଠୀ ଭିକାରୀ ପୁହାଣ ଆନନ୍ଦପୁରର ନନ୍ଦପୁହାଣଙ୍କ ସହିତ ଯୋଗାଯୋଗ କରି ଗୋପବନ୍ଧୁଙ୍କ ସହିତ ସମ୍ପର୍କକୁ ସୁଦୃଢ଼ କରିଥିଲେ । କେନ୍ଦୁଝର ସମ୍ପର୍କରେ ଅନେକ ତଥ୍ୟ ଗୋପବନ୍ଧୁ ପାଇବା ପରେ ସେଗୁଡ଼ିକୁ 'ସମାଜ'କାଗଜରେ ଛାପି କେନ୍ଦୁଝରରେ ଇଂରେଜ ଶାସନର ଅତ୍ୟାଚାରକୁ ଲୋକଲୋଚନକୁ ଆଣିପାରୁଥିଲେ । ବିଶେଷକରି ବାୟା ସାହେବ କଥିତ ତତ୍କାଳୀନ ଇଂରେଜ ପ୍ରଶାସକ ପ୍ରାଇସ୍ ସାହେବଙ୍କ ଅତ୍ୟାଚାର ଅସହ୍ୟ ହୋଇଥିଲା । ଶାସନ କ୍ଷେତ୍ରରେ ସେ ଖୁବ୍ କଠୋର ଥିଲେ । ଅଧସ୍ତନ କର୍ମଚାରୀମାନଙ୍କର ସାମାନ୍ୟ ତ୍ରୁଟି ଦେଖିଲେ ବେତ୍ରାଘାତ କରିବା ସହିତ ଚାକିରିରୁ ନିଲମ୍ବନ କରିଦେଉଥିଲେ । ରାସ୍ତା କାମରେ ଅବହେଳା ପାଇଁ ଇଞ୍ଜିନିୟର ପ୍ରବୋଧ ଚାଟାର୍ଜୀ ଓ ଓଭରସିୟର ଜୟରାମବାବୁଙ୍କୁ ମାଡ଼ ମାରି ରକ୍ତାକ୍ତ କରିଦେଇଥିଲେ । ଏମାନେ ଭୟ ପାଇ ଚାକିରି ଛାଡ଼ି ଚାଲିଯାଇଥିଲେ । ଦେବୋତ୍ତର ମ୍ୟାନେଜର ବନମାଳୀ ପଟ୍ଟନାୟକଙ୍କ କାର୍ଯ୍ୟରେ ଅସନ୍ତୁଷ୍ଟ ହୋଇ ତାଙ୍କୁ ଦୀର୍ଘ ଦିନ ଛୁଟିରେ ରହିବାକୁ ବାଧ କରିଥିଲେ । ବନମାଳୀ

Digitized by PPRACHIN, SOA

ବାବୁ ଜଣେ ବିଜ୍ଞ ଓ ବୟସ୍କ ବ୍ୟକ୍ତି ଥିଲେ । ରାଣୀ ତାଙ୍କୁ ପିତୃବତ୍ ଭକ୍ତି କରୁଥିଲେ । ଏହାଜାଣି ମଧ୍ୟ ପ୍ରାଇସ୍ ସାହେବ ତାଙ୍କୁ ପେନସନ୍ ପାଇବା ପୂର୍ବରୁ ଛୁଟିରେ ରହିବାକୁ ବାଧ୍ୟ କଲେ । ଜଗବନ୍ଧୁ ଚକ୍ରବର୍ତ୍ତୀ ତା. ୧୫/୭/୧୯୨୦ରେ ସିଦ୍ଧ ଜଗନ୍ନାଥ ମନ୍ଦିରରୁ, ତା ୨୦/୦୬/୧୯୨୦ରେ ବନବିହାରୀ ମନ୍ଦିରରୁ ଓ ତା ୧୫/୬/୧୯୨୦ ରେ ନୀଳକଣ୍ଠେଶ୍ୱର ମନ୍ଦିର କାର୍ଯ୍ୟରୁ ତହବିଲ ତୋଷରପାତ ଅଭିଯୋଗରେ କର୍ମଚ୍ୟୁତ ହେବା ସହିତ ସଜା ଭୋଗିଥିଲେ । ଦୈତ୍ୟାରୀ ସାହୁ ଡେପୁଟି ରେଞ୍ଜର ଥିଲେ । କର୍ତ୍ତବ୍ୟରେ ଅବହେଳା କାରଣରୁ ଚାକିରିରୁ ବହିଷ୍କୃତ ହୋଇଥିଲେ । ରାଜବୈଦ୍ୟ ବୈକୁଣ୍ଠ ରଣା, ଗୋପାଳଜୀଉ ମଠର ମହନ୍ତ ଚେମା ତ୍ରିପାଠୀ, ପଧାନ ବଳରାମ ଦାସଙ୍କ ପରି ଅନେକ ଜଣାଶୁଣା ବ୍ୟକ୍ତି ପ୍ରାଇସ୍ ସାହେବଙ୍କ ବିଷଦୃଷ୍ଟିରେ ପଡ଼ିଥିଲେ ।

ଏମାନେ ସନ ୧୯୨୦ ମସିହା ଡିସେମ୍ବର ମାସରେ ବନମାଳୀବାବୁଙ୍କ ଘରେ ଏକତ୍ରିତ ହୋଇ ମହାତ୍ମାଗାନ୍ଧୀଙ୍କ କଂଗ୍ରେସ ଆନ୍ଦୋଳନରେ ସାମିଲ ହେବାକୁ ନିଷ୍ପତ୍ତି ହୋଇଥିଲେ । କେନ୍ଦୁଝରରୁ ଇଂରେଜ ପ୍ରଶାସକମାନଙ୍କୁ ହଟାଇ କେନ୍ଦୁଝର ରାଜ୍ୟର ବହିଷ୍କୃତ ରାଜାଙ୍କୁ ଫେରାଇ ଆଣିବାକୁ ଗାନ୍ଧୀଙ୍କ ନିକଟକୁ ପତ୍ର ଲେଖିବାକୁ ସ୍ଥିର କଲେ । ଏଥିସହିତ ଗୋପବନ୍ଧୁଙ୍କ ନିକଟକୁ ଇଂରେଜ ପ୍ରଶାସକଙ୍କ ଜଘନ୍ୟ ଶାସନର ବିବରଣୀ ଲେଖି ପଠାଇଥିଲେ । ତା ୧୬/୦୪/୧୯୨୧ରେ 'ଉତ୍କଳ ଦୀପିକା'ରେ କେଉଁଝର ଶୀର୍ଷକ ପ୍ରବନ୍ଧରେ ସୁପରିଟେଣ୍ଡେଣ୍ଟ ପ୍ରାଇସ୍ ସାହେବଙ୍କ ବିରୁଦ୍ଧରେ ଏକ ବିସ୍ତୃତ ବିବରଣୀ ପ୍ରକାଶ ପାଇଥିଲା । ତା. ୨୩/୦୪/୧୯୨୧ ରେ 'ସମାଜ' କାଗଜରେ "ଅସହଯୋଗ ନୀତି ଓ କେନ୍ଦୁଝର ଷ୍ଟେଟ୍‌ର ଆଶ୍ଚର୍ଯ୍ୟ ହୁକୁମ୍" ଶୀର୍ଷକର ଏକ ପ୍ରବନ୍ଧ ପ୍ରକାଶ ପାଇ ଇଂରେଜ ପ୍ରଶାସକଙ୍କୁ ବିଚଳିତ କରିପକାଇଥିଲା ।

କେନ୍ଦୁଝର ଅବସ୍ଥାକୁ ଅନୁଧ୍ୟାନ କରିବା ପାଇଁ ତତ୍କାଳୀନ ପଲିଟିକାଲ ଏଜେଣ୍ଟ ସମ୍ବଲପୁରରୁ ଆସି କେନ୍ଦୁଝରରେ ତା ୧୬/୫/୧୯୨୧ରେ ପହଞ୍ଚିବା ଖବର ପ୍ରଚାରିତ ହେଲା । ପ୍ରଥା ଅନୁସାରେ ଏଜେଣ୍ଟଙ୍କୁ ସମ୍ବର୍ଦ୍ଧନା ଦେବା ପାଇଁ ପ୍ରଜାମାନଙ୍କୁ ଜଣାଇଦିଆଗଲା । ଭୂୟାଁ ଓ ଜୁଆଙ୍ଗ ପୀଢ଼ର ସର୍ଦ୍ଦାର ସମସ୍ତ ଗଡ଼ନାୟକମାନେ ଏଥିରେ ଉପସ୍ଥିତ ରହି ରାଜ୍ୟର ସୁଶାସନ ସମ୍ପର୍କରେ କହିବାକୁ କୁହାଗଲା; କିନ୍ତୁ ପଲିଟିକାଲ ଏଜେଣ୍ଟଙ୍କ ଏହି ଗସ୍ତକୁ ସମ୍ପୂର୍ଣ୍ଣ ଭାବେ ଅସହଯୋଗ କରିବାକୁ ଯୋଜନା ପ୍ରସ୍ତୁତ କରି କେନ୍ଦୁଝର ଇତିହାସରେ ଯେଉଁ ନୂତନ ଅଧ୍ୟାୟ ସୃଷ୍ଟି କରାଗଲା, ତାହା

Digitized by PPRACHIN, SOA

ଅସହଯୋଗ ଆନ୍ଦୋଳନ ଭାବେ ଗୃହୀତ ଓ ସମ୍ମାନିତ । ଆମ ଜାତୀୟ ଆନ୍ଦୋଳନର ଇତିହାସରେ ତାହା ସ୍ୱତନ୍ତ୍ର ମାନ୍ୟତାପ୍ରାପ୍ତ ।

ପି.ଏ. ସାହେବଙ୍କ କେନ୍ଦୁଝର ଗସ୍ତ କାର୍ଯ୍ୟକ୍ରମକୁ ଭଣ୍ଡୁର କରିବା ପାଇଁ ତା ୧୫/୫/୨୧ରେ ବନମାଳୀ ପଟ୍ଟନାୟକଙ୍କ ଘରେ ଆଲୋଚନା କରି ରାତିରେ ରାଜବୈଦ୍ୟ ବୈକୁଣ୍ଠ ରଣାଙ୍କ ଘରେ ଗୁପ୍ତ ବୈଠକ ବସିଲା । ଏଥିରେ ବଳରାମ ଦାସ, ନିଶାକର ମିଶ୍ର, ଦୈତ୍ୟାରୀ ସାହୁ ଓ ରାମଚନ୍ଦ୍ର ପାଣିଗ୍ରାହୀ ଯୋଗଦେଇ ଆଗାମୀକାଲିର କାର୍ଯ୍ୟପନ୍ଥା ସ୍ଥିର ହେଲା । ଯୋଜନା ଅନୁସାରେ ୧୬ତାରିଖ ସକାଳଠାରୁ କେନ୍ଦୁଝର ବଜାରର ସମସ୍ତ ଦୋକାନ ବନ୍ଦ ରହିଲା ।

ପି.ଏ. ସାହେବଙ୍କ ଦରବାରୀ ବୈଠକ ଆୟୋଜନ ହେଲା; କିନ୍ତୁ ଏଥିରେ କୌଣସି ପ୍ରଜା ଯୋଗଦେଲେ ନାହିଁ । କେନ୍ଦୁଝର ସହର କହିଲେ ପୁରୁଣା ବଜାରକୁ ବୁଝାଉଥିଲା । ପୁରୁଣା ସହର ତାଟିକିଲା ଦୋକାନ ବଜାର ବନ୍ଦ ଥିବା ହେତୁ କାହିଁ ପାଣି ଗିଲାସେ ମିଳିଲ ନାହିଁ । ପି.ଏ. ସାହେବଙ୍କ ଖାଇବା ପ୍ରସ୍ତୁତ ପାଇଁ ନିୟୋଜିତ କର୍ମଚାରୀ କିଛି ଦୋକାନ ଜିନିଷ ନ ପାଇ ରୋଷେଇ କରିପାରିଲେ ନାହିଁ । ଏହି ଦାୟିତ୍ୱରେ ଥିଲେ ଗଣ୍ଡିବେଢ଼ ଦଣ୍ଡପାଟର ଗଡ଼ନାୟକ ପାଣ୍ଡବ ନାୟକ । ସେ ତତ୍କାଳୀନ ଏସ୍.ଡି.ଓ. ନୀଳମଣି ଚାନ୍ଦ୍‌ଦେଙ୍କୁ ସହର ବନ୍ଦ ଥିବା ଜଣାଇଥିଲେ । ଏସ୍.ଡି.ଓ.ଙ୍କର ସନ୍ଦେହ ହେଲା । ସେ ଏସ୍.ପି., ସେକେଣ୍ଡ ଅଫିସର ଓ ଥାନାବାବୁଙ୍କୁ ସଙ୍ଗରେ ଧରି ବଜାରରେ ପହଞ୍ଚିଲେ । ଦୋକାନ ବଜାର ବନ୍ଦ ଥିବାରୁ ରାଗରେ ପାଚି ଲାଲ୍ ହୋଇଗଲେ । କହ୍ନେଇଲାଲ ନାମକ ଜଣେ ଦୋକାନୀର ଦୋକାନ କବାଟ ଭାଙ୍ଗି ଭିତରେ ପଶିଲେ । ପୋଲିସ ଅଫିସର ଦିଟାପୁଡ଼ା କସି ଦେବାରୁ କହ୍ନେଇ କହିଲେ– ପି.ଏ.ସାହେବଙ୍କ ଆଗମନକୁ ବର୍ଜନ କରିବା ପାଇଁ ଜଗବନ୍ଧୁ ଚକ୍ରବର୍ତ୍ତୀ ଦୋକାନ ବଜାର ବନ୍ଦ କରିବାକୁ କହିବାରୁ ସମସ୍ତ ଦୋକାନ ବନ୍ଦ ଅଛି । ଦୋକାନୀ ଦାମୋଦର ପୃଷ୍ଟି କହିଲେ– ରାମଚନ୍ଦ୍ର ପାଣିଗ୍ରାହୀଙ୍କ ପରାମର୍ଶରେ ସେ ଦୋକାନ ବନ୍ଦ କରିଛି । ଏମାନଙ୍କ ସହିତ ଅନ୍ୟ ଦୋକାନୀମାନେ ମାଡ଼ ଖାଇ ଦୋକାନ ଖୋଲି ପକାଇଲେ । କିନ୍ତୁ ପୋଲିସ ଜଗବନ୍ଧୁ ଚକ୍ରବର୍ତ୍ତୀ ଓ ରାମଚନ୍ଦ୍ର ପାଣିଗ୍ରାହୀଙ୍କୁ ଧରିନେଇ ପଚାରିବାରୁ ସେମାନେ କହିଲେ– ପି.ଏ. ସାହେବଙ୍କ ଆଗମନ ପାଇଁ ଏହା ଆମର ମୌନ ପ୍ରତିବାଦ – ଏହା ଗାନ୍ଧିଜୀଙ୍କ ପୂର୍ଣ୍ଣ ଅସହଯୋଗ ।

Digitized by PPRACHIN, SOA

ଏ ଖବର ବିଜୁଳି ବେଗରେ ପ୍ରଚାର ହୋଇଗଲା । ଅନ୍ୟ ସଂଗ୍ରାମୀମାନେ ଏହାର ଜବାବ ଦେବାକୁ ନିଷ୍ପତ୍ତି ନେଲେ । ପୂର୍ବାହ୍ଣରେ ଘଟିଥିବା ଏହି ଘଟଣାକୁ ନିନ୍ଦା କରାଗଲା । ସହର ପାଖ ଗ୍ରାମ ଠାକୁରପାଟଣା, ରାଙ୍କି ଓ ସରାସ ଗ୍ରାମର କୀର୍ତ୍ତନ ଦଳକୁ ଡକାଯାଇ ଗୋପାଳଜୀଉ ମଠରେ ଏକାଠି କରାଗଲା । ପ୍ରାୟ ୩୦୦ଲୋକ ଏକତ୍ରିତ ହୋଇ ଗୋପାଳଜୀଉ ମଠର ମହନ୍ତ ଚେମା ତ୍ରିପାଠୀଙ୍କ ନେତୃତ୍ୱରେ ହରେକୃଷ୍ଣ ମହାମନ୍ତ୍ର ଗାଇ ଗାଇ ପି.ଏ. ସାହେବଙ୍କ ଦରବାର ଆଡ଼କୁ ଅଗ୍ରସର ହେଲେ । ମଝିରେ ମଝିରେ ଭାରତ ମାତାକୀ ଜୟ, ମହାତ୍ମାଗାନ୍ଧୀ କି ଜୟ ଧ୍ୱନି ଦିଆଯାଉଥାଏ । କୀର୍ତ୍ତନ ଦଳ ସହିତ ବଳରାମ ଦାସ ପ୍ରମୁଖ ସହରରର କେତେକ ବିଶିଷ୍ଟ ବ୍ୟକ୍ତି କୀର୍ତ୍ତନ ପଟୁଆରରେ ସାମିଲ ହେଲେ । ଏମାନେ ପି.ଏ.ସାହେବଙ୍କୁ ସାକ୍ଷାତ କରି ୧୨ ଦଫା ଦାବିପତ୍ର ଦେବାକୁ ନିଷ୍ପତ୍ତି ନେଇଥିଲେ । ପଟୁଆର କଂସାରି ସାହି, ଆଟୋପୁର ଓ ଡାକ୍ତରଖାନା ଅତିକ୍ରମ କଲାବେଳକୁ ଏଥିରେ ସହସ୍ର ସଂଖ୍ୟାରେ ଲୋକ ସାମିଲ ହୋଇଯାଇଥିଲେ । ଏ ଖବର ସୁପରିଟେଣ୍ଡେଣ୍ଟ୍ ପ୍ରାଇସ୍ ସାହେବ ସହରରେ ୧୪୪ ଧାରା ଜାରି କଲେ । ପୋଲିସବାହିନୀକୁ ନିର୍ଦ୍ଦେଶ ଦିଆଗଲା ମେଳିପଟୁଆରକୁ ବେଆଇନ୍ ଘୋଷଣା କରିବାକୁ । ପୋଲିସବାହିନୀ ପଟୁଆର ଆଡ଼କୁ ମାଡ଼ିଆସିଲେ । ଜେଲଛକରେ ଉଭୟ ଦଳ ଭେଟାଭେଟି ହେଲେ । ପଟୁଆରକୁ ପୋଲିସ ଘେରାଉ କଲା । ଚେମା ତ୍ରିପାଠୀ ଓ ବଳରାମ ଦାସଙ୍କୁ ଗିରଫ କଲା । ଅନ୍ୟମାନେ ପ୍ରତିବାଦ କରିବାରୁ ପୋଲିସର ନିର୍ଦ୍ଦୟ ଦମନଲୀଳା ଆରମ୍ଭ ହୋଇଗଲା । ଲହୁଲୁହାଣ ହୋଇ ଯିଏ ଯେଉଁଆଡ଼େ ଧାଇଁଲେ । ପଟୁଆର ଭାଙ୍ଗିଗଲା । ପୋଲିସ ସମସ୍ତ ବ୍ୟବସାୟୀଙ୍କୁ ଧରିଆଣିଲା । ସନ୍ଧ୍ୟାବେଳକୁ ନିଜେ ପ୍ରାଇସ୍ ସାହେବ ବଡ଼ଶାସନର ନିଶାକର ମିଶ୍ରଙ୍କୁ ପାଇଯିବାରୁ ତାଙ୍କ ହାତ ମୋଡ଼ି ଭାଙ୍ଗିଦେଲା । ଥାନାକୁ ଯାଇ ଗିରଫ ହୋଇଥିବା ଚେମା ତ୍ରିପାଠୀ,ବଳରାମ ଦାସ ଓ ରାମଚନ୍ଦ୍ର ପାଣିଗ୍ରାହୀଙ୍କୁ ରକ୍ତାକ୍ତ ହେବା ପର୍ଯ୍ୟନ୍ତ ପ୍ରହାର କଲା । ଦୁଇଦିନ ପରେ(ତା୧୯/୫/୧୯୨୧ରେ) ବୈକୁଣ୍ଠ ରଣା ଓ ଦୈତ୍ୟାରୀ ସାହୁଙ୍କୁ ଏମାନଙ୍କ ବାସଭବନ ବୀରବରପୁର ପାଟଣାରୁ ଗିରଫ କଲା । ଏହି ଖବର ଗୋପବନ୍ଧୁଙ୍କ ନିକଟକୁ ଦେବାକୁ ଯାଉଥିବା ସତ୍ୟବାଦୀ ବନବିଦ୍ୟାଳୟର ଛାତ୍ର ପଦ୍ମଚରଣ ନାୟକ ଓ ଦାମୋଦର ସାହୁଙ୍କୁ ପୋଲିସ ଗିରଫ କରି ନିସ୍ତୁକ ମାଡ଼ଦେଲା । ତେଣେ ସଂଗ୍ରାମୀମାନଙ୍କୁ ଉତ୍ସାହିତ କରିବାକୁ ଗୋପବନ୍ଧୁ ସତ୍ୟବାଦୀର ଛାତ୍ର ଭିକାରୀ ପୁହାଣ ଓ ବଂଶୀଧର ପ୍ରଧାନଙ୍କୁ କେନ୍ଦୁଝର ପଠାଇଥିଲେ; କିନ୍ତୁ ଏମାନେ ମଧ୍ୟ ପୋଲିସ ହାବୁଡ଼ରେ ପଡ଼ିଗଲେ । ୨୪ ତାରିଖ ଦିନ ଏମାନଙ୍କୁ

Digitized by PPRACHIN, SOA

ଅଭିଭାବକମାନେ ଜାମିନରେ ନେଇଗଲେ । ଠିକ୍ ଏହିଦିନ ଆନନ୍ଦପୁରରୁ ନନ୍ଦ ପୁହାଣ ଓ ମଧୁ ମିଶ୍ରଙ୍କୁ ଆଣି କେନ୍ଦୁଝରଗଡ଼ ଜେଲଖାନାରେ ଭର୍ତ୍ତି କରାଗଲା । ଏହାପରେ ଏମାନଙ୍କୁ ଦଣ୍ଡିତ କରିବାକୁ ବିଭିନ୍ନ ପ୍ରମାଣ ଯୋଗାଡ଼ ଚାଲିଲା । ଧାରା ୧୨୪ (କ) ଦଫାରେ ଅଭିଯୁକ୍ତ କରାଯାଇ ଓଡ଼ିଶା କମିଶନରଙ୍କୁ ଜଣାଇ ଦିଆଗଲା । କମିଶନରଙ୍କ ନିର୍ଦ୍ଦେଶକ୍ରମେ ଅନୁଗୁଳର ଡେପୁଟି କମିଶନର ଏଲ୍.ବି. ଲୁକସ୍ କେନ୍ଦୁଝର ଆସି ବିଚାର ଆରମ୍ଭ କଲେ । ସନ ୧୯୨୧ ମସିହା ଅଗଷ୍ଟ ମାସ ୪ ତାରିଖରୁ ୨୦ ତାରିଖ ଯାଏଁ ବିଚାର ଚାଲିଲା । ସଂଗ୍ରାମୀ ନେତା ଜଗବନ୍ଧୁ ଚକ୍ରବର୍ତ୍ତୀ ଓ ନନ୍ଦ ପୁହାଣଙ୍କୁ କଳାପାଣି ସଜା ହେଲା ବୋଲି ପ୍ରଚାରିତ ହେଲା । ଏମାନେ ଅପିଲ କରିବାରୁ ଜଗବନ୍ଧୁ ଓ ନନ୍ଦ ପୁହାଣଙ୍କୁ ୭ ବର୍ଷ, ବଳରାମ ଦାଶଙ୍କୁ ୫ବର୍ଷ, ଚେମା ତ୍ରିପାଠୀଙ୍କୁ ତିନି ବର୍ଷ, ରାମଚନ୍ଦ୍ର ପାଣିଗ୍ରାହୀ ଓ ନିଶାକର ମିଶ୍ରଙ୍କୁ ୨ ବର୍ଷ ଓ ବୈକୁଣ୍ଠ ରଣା, ଦୈତ୍ୟାରୀ ସାହୁ ଓ ମଧୁସୂଦନ ମିଶ୍ରଙ୍କୁ ଏକବର୍ଷ ଲେଖାଏଁ ସଜା ହେଲା । ଏ ସମ୍ବାଦ ସମଗ୍ର ଭାରତବର୍ଷରେ ଚର୍ଚ୍ଚିତ ହେଲା । ଗୋପବନ୍ଧୁ ତାଙ୍କ ସମ୍ବାଦପତ୍ର 'ସମାଜ' ରେ ଏହାକୁ ଅମାନୁଷିକ ବୋଲି ବର୍ଣ୍ଣନା କଲେ । ୧୯୨୨ ମସିହା ନିଖିଳ ଭାରତ କଂଗ୍ରେସ ଅଧିବେଶନରେ ସଭାପତି ପଣ୍ଡିତ ମୋତିଲାଲ ନେହେରୁ କେନ୍ଦୁଝର ଅସଯୋଗୀମାନଙ୍କୁ ଧନ୍ୟବାଦ ଜଣାଇ ଏକ ପ୍ରସ୍ତାବ ଗ୍ରହଣ କରିଥିଲେ । ମହାତ୍ମାଗାନ୍ଧୀ ଭାରତର ବଡ଼ଲାଟ୍ ଲର୍ଡ ଇରଉଇନ୍‌ଙ୍କୁ ପତ୍ର ଲେଖି କେନ୍ଦୁଝର ଅସହଯୋଗୀମାନଙ୍କ ଉପରେ ହୋଇଥିବା ଅମାନୁଷିକ ଅତ୍ୟାଚାର ସମ୍ପର୍କରେ ଅବଗତ କରାଇଥିଲେ । ପରବର୍ତ୍ତୀ କାଳରେ କାରାମୁକ୍ତ ହୋଇ ଏହି ସଂଗ୍ରାମୀମାନେ କେନ୍ଦୁଝରରେ ସ୍ୱାଧୀନତା ସଂଗ୍ରାମକୁ ଜାରି ରଖିଥିଲେ । ଦେଶ ସ୍ୱାଧୀନ ହେବା ପର୍ଯ୍ୟନ୍ତ ଏମାନେ ବହୁବାର କାରାବରଣ କରି ବିପୁଳ ସାହସିକତାର ପରିଚୟ ଦେଇଥିଲେ । ଭାରତବର୍ଷର ଏଇ ସଂଗ୍ରାମ ଇତିହାସରେ ଏମାନେ ଅବଶ୍ୟ ମ୍ଳାନିତ ହୋଇନାହାନ୍ତି– କିନ୍ତୁ ଓଡ଼ିଶାରେ ଗାନ୍ଧୀ ଆଦର୍ଶରେ ଅନୁପ୍ରାଣିତ ହୋଇ ଅସହଯୋଗ ଆନ୍ଦୋଳନର ଏମାନେ ଯେ ଅଗ୍ରଦୂତ ଥିଲେ, ଏହା ନିଃସନ୍ଦେହ ।

ସଂଗ୍ରାମୀମାନେ ଏହିଭଳି ସଜା ପାଇବା ପରେ ଜେଲ୍ ଗଲେ । ଜେଲ୍ ଭିତରେ ଲୁହା ଥାଳିଆରେ ଖାଇଲେ । ଘଣା ପେଲିଲେ । ଦଉଡ଼ି ବଳିଲେ । ଜେଲରୁ ମୁକୁଳିବା ପରେ ଜାତିଭାଇ ବାରଣ କଲେ । ଏମାନଙ୍କ ଭିତରୁ କେତେକ ଗୋବର ପାଣି ପିଇ ଲଣ୍ଡା ହେଲେ । ଜାତିରେ ମିଶିଲେ । କିନ୍ତୁ ସ୍ୱାଧୀନ ହେବା ପର୍ଯ୍ୟନ୍ତ ଇଂରେଜମାନଙ୍କ ବିରୋଧରେ ଆନ୍ଦୋଳନ ଚାଲୁ ରଖିଲେ ।

Digitized by PPRACHIN, SOA

ଓଡିଶା ବିହାର ଗଭର୍ଣ୍ଣରଙ୍କ କେନ୍ଦୁଝର ଆଗମନ

କେନ୍ଦୁଝରରେ ଏହିଭଳି ଏକ ବିରାଟ ଆନ୍ଦୋଳନକୁ ଇଂରେଜ ସରକାର ଚପାଇଦେଲେ। କିନ୍ତୁ ସମସ୍ତ ପ୍ରଜା ଏଣିକି ଗୋଟିଏ କଥା ଚାହିଁଲେ- ରାଜା ଗାଦିରେ ବସି ଶାସନ କରନ୍ତୁ - ଇଂରେଜ ମାନେ ହଟି ଯାଆନ୍ତୁ।

ଏହି ଘଟଣାରେ ବିହାର ଓଡିଶାର ଗଭର୍ଣ୍ଣର ହୁଇଲର ସାହେବ ୧୯୨୫ ମସିହାରେ କେନ୍ଦୁଝର ଆସିଥିଲେ। କେତେକ ପ୍ରଜା ହୁଇଲର ସାହେବଙ୍କୁ ଦେଖାକରି ରାଜାଙ୍କୁ ଗାଦି ଫେରାଇ ଦେବାକୁ ଦାବୀ କଲେ। ସେ ଘୋଷଣା କଲେ ଯେ, ଅଳ୍ପ ଦିନ ପରେ ସେମାନେ ସେମାନଙ୍କ ରାଜାଙ୍କୁ ଫେରି ପାଇବେ।ରାଜା ଗାଦିରେ ବସି ପୁଣି ଥରେ ଶାସନ କରିବେ।

❖❖

ବଳଭଦ୍ର ଭଞ୍ଜ (ଦ୍ୱିତୀୟ)

ମହାରାଜା ଧନୁର୍ଜ୍ଜୟ ଭଞ୍ଜଙ୍କ ମୃତ୍ୟୁର ଠିକ୍ ଦୁଇ ମାସ ପରେ ସନ ୧୯୦୫ ମସିହା ଡିସେମ୍ବର ମାସ ୨୬ ତାରିଖରେ ବଳଭଦ୍ର ଭଞ୍ଜ ଆନନ୍ଦପୁର ଠାରେ ଜନ୍ମ ଗ୍ରହଣ କରିଥିଲେ। ବଳଭଦ୍ର ଭଞ୍ଜଙ୍କ ପିତା ଗୋପିନାଥ ଭଞ୍ଜ ୧୯୦୭ ମସିହାରେ ରାଜ୍ୟ ହରାଇଲେ। ସେହି ଦିନ ଠାରୁ କେନ୍ଦୁଝର ଇଂରେଜ ମାନଙ୍କ ଦ୍ୱାରା ଶାସିତ ହେଲା। ଗୋପିନାଥ ଭଞ୍ଜ ୧୯୨୬ ମସିହା ଅଗଷ୍ଟ ମାସ ୧୨ ତାରିଖ ଶ୍ରାବଣ ଶୁକ୍ଳ ଚତୁର୍ଦ୍ଦଶୀରେ କଟକରେ ପ୍ରାଣତ୍ୟାଗ କଲେ। ତାଙ୍କ ମୃତ୍ୟୁପରେ ବଳଭଦ୍ର ଭଞ୍ଜ କେନ୍ଦୁଝରର ରାଜା ହେଲେ। କିନ୍ତୁ କୌଣସି କ୍ଷମତା ପାଇଲେ ନାହିଁ। ସୁପରିଟେଣ୍ଡେଣ୍ଟ ପ୍ରାଇସ୍ ସାହେବ ପୂର୍ବ ଭଳି ଅଖଣ୍ଡ କ୍ଷମତାର ଅଧିକାରୀ ହେଲେ। କିନ୍ତୁ ପ୍ରଜାମାନେ ତାଙ୍କର ନୂଆ ରାଜାଙ୍କୁ ପାଇ ଅତ୍ୟନ୍ତ ଆନନ୍ଦ ଅନୁଭବ କଲେ। ଇଂରେଜ ମାନେ କିଭଳି ଏ ଦେଶରୁ ସମ୍ପୂର୍ଣ୍ଣ ହଟିଯିବେ ସେହି ଚିନ୍ତାରେ ରହିଲେ। ପ୍ରାଇସ୍ ସାହେବ ୧୯୨୮ ମସିହାରେ ବଦଳି ହୋଇଗଲେ। ତାଙ୍କ ପରେ ଡବଲ୍ୟୁ ଜି:କେଲି ସାହେବ ଷ୍ଟେଟର ସୁପରିଟେଣ୍ଡେଣ୍ଟ ହେଲେ।

Digitized by PPRACHIN, SOA

ଇତି ମଧ୍ୟରେ ରାଜା ବଳଭଦ୍ର ଭଞ୍ଜ ପୂର୍ଣ୍ଣ କ୍ଷମତା ପାଇଲେ । ତା ୧୨/୦୧/୧୯୨୯ ରେ ବିହାର ଓଡିଶାର ଗଭର୍ଣ୍ଣର ମିଃ ଷ୍ଟିଫେନ୍ ସାହେବ ସସ୍ତ୍ରୀକ କେନ୍ଦୁଝର ଆସିଲେ । ଏହିଦିନ ରାଜା ବଳଭଦ୍ର ଭଞ୍ଜଙ୍କୁ ଅଭିଷିକ୍ତ କରାଗଲା । ରାଜା ସମ୍ପୂର୍ଣ୍ଣ ଯୋଗ୍ୟ ହେବାରୁ ତା ୧/୪/୧୯୩୪ରେ ପୂର୍ଣ୍ଣ ଶାସନ କ୍ଷମତା ପାଇଲେ ।

ଦେୱାନ୍ ନିଯୁକ୍ତି:

ରାଜା ବଳଭଦ୍ର ଭଞ୍ଜ ରାଜ୍ୟ ଶାସନ ଭାର ପାଇବାରୁ ସୁପରିଟେଣ୍ଡେଣ୍ଟ ପଦବୀ ଉଠିଗଲା । ରାଜା ତା ୧୨/୦୧/୧୯୨୯ରେ ପୂର୍ବରୁ ସୁପରିଟେଣ୍ଡେଣ୍ଟ ଥିବା କେଲି ସାହେବଙ୍କୁ ଦେୱାନ୍ ପଦରେ ନିଯୁକ୍ତ କଲେ । କେଲି ସାହେବ ଅତ୍ୟନ୍ତ ସ୍ନେହୀ ଓ ମେଳାପୀ ଥିଲେ । ସେ ଅନେକ ଆଦିବାସୀ ଭାଷା ଜାଣିଥିବାରୁ ଲୋକମାନଙ୍କ ସହିତ ସଙ୍ଗେ ସଙ୍ଗେ ମିଶି ଯାଉଥିଲେ ।

ଏହାଙ୍କ ସମୟରେ ୧୯୨୮ରେ କେନ୍ଦୁଝର ସହରରେ ବିଜୁଳି ଆଲୁଅ ଜଳିଲା । ନୂଆ ବଜାରରେ ଥିବା ପାୱାର ହାଉସ୍ ପୋଖରୀ ବା କେଲି ଟ୍ୟାଙ୍କ୍ ଏହାଙ୍କ କୀର୍ତ୍ତି । ଏହାଙ୍କ ସମୟରେ ନୂଆ ରାଜବାଟୀ ତିଆରି ହେଲା । କେଲିସାହେବଙ୍କ ପରାମର୍ଶରେ ରାଜା ୧୯୩୦ ମସିହା ମାର୍ଚ୍ଚ ୨୫ ତାରିଖରେ ଏକ ଶିକ୍ଷାନୀତି ପ୍ରଚଳନ କରିଥିଲେ । ନୂତନ ଶିକ୍ଷାନୀତି ଅନୁସାରେ ୮ ବର୍ଷ ପର୍ଯ୍ୟନ୍ତ ସ୍କୁଲ ଛାତ୍ର ଏକାଦିକ୍ରମେ ୩ଦିନ ଅନୁପସ୍ଥିତ ରହିଲେ ଦିନକୁ ୧ ଅଣା ଓ ଖିଲାପ କଲେ ଅଧିକ ୪ ଅଣା ଦେବାକୁ ବାଧ୍ୟ କରାଗଲା । ବିନା ମଞ୍ଜୁରୀରେ ୭ ଦିନରୁ ଊର୍ଦ୍ଧ୍ୱ ଅନୁପସ୍ଥିତ ରହିଲେ ୧୦ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ବ୍ୟବସ୍ଥା ଲାଗୁ କରାଯାଇଥିଲା ।

ସେ କୃଷି ଓ ସ୍ୱାସ୍ଥ୍ୟ ସେବାର ଯତ୍ନ ନେଇଥିଲେ । ତା ୧୧/୦୪/୧୯୩୨ରେ ସେ ଷ୍ଟେଟରୁ ବିଦାୟ ନେଲେ । ଏହାଙ୍କ ପରେ ରାୟ ବାହାଦୁର ଯୁଗଳ କିଶୋର ତ୍ରିପାଠୀ ଷ୍ଟେଟର ଦେୱାନ୍ ହେଲେ । ତାଙ୍କ ପରେ ଭବଦେବ ସରକାର, କର୍ତ୍ତା କିଶନ୍ ସିଂହ ଓ ଉଡ୍ ହାଉସ୍ ଏହି ଦାୟିତ୍ୱ ତୁଲାଇଥିଲେ । ଦେୱାନ୍‌ଙ୍କ ଅଧୀନରେ ଜଣେ ଆସିସ୍ଟାଣ୍ଟ କଲେକଟର, ତାଙ୍କ ତଳକୁ ତିନି ସବଡିଭିଜନରେ ୩ ଜଣ ଏସ୍:ଡି:ଓ, ଏମାନଙ୍କ ଅଧୀନରେ ଜଣେ ଜଣେ ସେକେଣ୍ଟ ଅଫିସର, ଏମାନଙ୍କ ତଳକୁ ତହସିଲଦାର ଓ ଏମାନଙ୍କ ତଳକୁ ପଧାନ ବା କାନୁନ୍‌ଗୋ ନିଯୁକ୍ତ ହୋଇଥିଲେ ।

Digitized by PPRACHIN, SOA

ଲୋକହିତକର କାର୍ଯ୍ୟ:

ରାଜା ବଳଭଦ୍ର ଭଞ୍ଜ ରାଜ୍ୟରେ ସବୁ ପ୍ରକାର ଉନ୍ନତି ପାଇଁ ଚିନ୍ତିତ ଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, କ୍ରୀଡା ଦେବ ବ୍ରାହ୍ମଣ ସେବା ଆଦି ବିଭିନ୍ନ ପ୍ରକାର ଉନ୍ନତି ମୂଳକ କାର୍ଯ୍ୟ କରିଥିଲେ।

ଏହାଙ୍କ ସମୟରେ କେନ୍ଦୁଝରଗଡରେ ଗିବ୍‌ସନ ହାଇସ୍କୁଲ (୧୯୩୪) ଓ ଆନନ୍ଦପୁର ବି:ଏନ୍: ହାଇସ୍କୁଲ (୧୯୪୫) ସ୍ଥାପିତ ହୋଇଥିଲା। ୧୦ଟି ମଧ୍ୟ ଇଂରାଜୀ ବିଦ୍ୟାଳୟ ଓ ୧୩୩ ଟି ପ୍ରାଥମିକ ବିଦ୍ୟାଳୟ ଦୁଇଟି ମକ୍ତବ ଓ ଗୋଟିଏ ସଂସ୍କୃତ ଟୋଲ ମଧ୍ୟ ଥିଲା। ଭୂୟାଁ ପୀଡରେ ଶିକ୍ଷାର ବିକାଶପାଇଁ ଶୁଆକାଠୀ ଠାରେ ଏକ ଆବାସିକ ଆଶ୍ରମ ବିଦ୍ୟାଳୟ ସ୍ଥାପନ କରାଯାଇଥିଲା। ସନ ୧୯୩୪-୩୫ ବେଳକୁ ରାଜ୍ୟରେ ମୋଟ ଛାତ୍ର ସଂଖ୍ୟା ଆଠହଜାର ସତର ଜଣ ମଧ୍ୟରୁ ଏକହଜାର ଏକଶହ ଶତାବନ ଜଣ ଛାତ୍ରୀଥିଲେ। ୧୯୩୪-୩୫ ମସିହା ଶିକ୍ଷା ପାଇଁ ବାର୍ଷିକ ଟ ୩୮,୦୦୦ ଖର୍ଚ୍ଚ ବ୍ୟବସ୍ଥା କରିଥିଲେ। ଦଶବର୍ଷ ବେଳକୁ ଏହା ୩ ଗୁଣକୁ ବଢିଯାଇଥିଲା।

କେନ୍ଦୁଝରଗଡ ଡାକ୍ତରଖାନାରେ ଏକ୍ସରେ ମେସିନ୍, ଘଟଗାଁ, ପାଟଣା, ତେଲକୋଇ, ହରିଚନ୍ଦନପୁର, ବାଂଶପାଳ, ରାଜନଗର, ଉଦୟପୁର, ଗୟଳମୁଣ୍ଡା ଠାରେ ସ୍ୱାସ୍ଥ୍ୟ କେନ୍ଦ୍ର, ସୋସଠାରେ କୁଷ୍ଠ ରୋଗୀ ସେବା କେନ୍ଦ୍ର ସ୍ଥାପନ କରିଥିଲେ। ସ୍ୱାସ୍ଥ୍ୟ ସେବାପାଇଁ ତାଙ୍କ ଶାସନରେ ବାର୍ଷିକ ପଚାଷ ହଜାରରୁ ସତୁରି ହଜାର ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ ଅଟକଳ ହୋଇଥିଲା।

କୃଷକ ମାନଙ୍କ ଉନ୍ନତିପାଇଁ ସମବାୟ ଋଣ ସମିତି ଗଠନ କରିଥିଲେ। କ୍ରୀଡାର ଉନ୍ନତିପାଇଁ ବିଭିନ୍ନ ପ୍ରକାର ବ୍ୟବସ୍ଥା କରିଥିଲେ। ଫୁଟବଲ୍ ଖେଳାଳୀ ମାନଙ୍କୁ ଆର୍ଥିକ ସାହାଯ୍ୟଦେଇ ମଜଭୁତ ଦଳଟିଏ ଗଢିଥିଲେ।

ଏହାଙ୍କ ସମୟରେ ଷ୍ଟେଟରେ ଖଣି ଖାଦାନ କାର୍ଯ୍ୟର ଉନ୍ନତି ହୋଇଥିଲା। ଅନେକ ଗୁଡିଏ ପୋଲ ମଧ୍ୟରୁ ବେଲବାହାଳି ପୋଲରେ ସବୁଠାରୁ ଅଧିକ ଖର୍ଚ୍ଚ କରିଥିଲେ। ଏହି ପୋଲ ନିର୍ମାଣରେ ଚାରିଲକ୍ଷ ଅଣାଅଶୀ ହଜାର ଏକଶହ ସଇଁତିରିଶ ଟଙ୍କା ବ୍ୟୟ କରିଥିଲେ। ଏଥି ମଧ୍ୟରୁ ଇଂରେଜ ସରକାରଙ୍କ ଠାରୁ ମାତ୍ର ଏକ ହଜାର ଟଙ୍କା ସାହାଯ୍ୟ ମିଳିଥିଲା।

Digitized by PPRACHIN, SOA

ଷ୍ଟେଟର ଅଧିକ ଉନ୍ନତି ପାଇଁ ପ୍ରଥମ କରି ୧୯୪୫ ମସିହାରେ ତିନିଜଣ ମନ୍ତ୍ରୀଙ୍କୁ ନେଇ ଏକ ଷ୍ଟେଟ୍ କାଉନସିଲର ବା ମନ୍ତ୍ରିମଣ୍ଡଳ ଗଠନ କରିଥିଲେ। ଏଥିରେ ଜଣେ ମୁଖ୍ୟମନ୍ତ୍ରୀ, ଜଣେ ଉନ୍ନୟନ ମନ୍ତ୍ରୀ ଓ ଜଣେ ରାଜସ୍ୱ ମନ୍ତ୍ରୀ ଥିଲେ। ତା ୦୭/୦୮/୧୯୪୫ ବେଳକୁ ଏହି ସବୁ ପଦବୀରେ ଯଥାକ୍ରମେ ଉଡ୍‌ହାଉସ୍, ଲାଲ ଡୁଙ୍ଗର୍ ସିଂହ ଓ କୃଷ୍ଣଚନ୍ଦ୍ର ମହାନ୍ତି ଥିଲେ। ପରେ ଲାଲଡୁଙ୍ଗର୍ ପ୍ରଧାନମନ୍ତ୍ରୀ, ଲକ୍ଷ୍ମୀନାରାୟଣ ଭଞ୍ଜ ରାଜସ୍ୱ ଓ ଉନ୍ନୟନ ମନ୍ତ୍ରୀ ଭାବେ ଯୁଗଳ କିଶୋର ତ୍ରିପାଠୀ ନିଯୁକ୍ତ ହୋଇଥିଲେ। ଲାଲଡୁଙ୍ଗର୍ ବହିଷ୍କୃତ (୧୯୪୬) ହେବା ପରେ ଛୋଟରାୟ୍ ଲକ୍ଷ୍ମୀନାରାୟଣ, ଭଞ୍ଜ ଏହି ପଦବୀକୁ ଉନ୍ନୀତ ହେଲେ। ବିନୋଦ ଚନ୍ଦ୍ର ତ୍ରିପାଠୀ ଉନ୍ନୟନ ମନ୍ତ୍ରୀ ଭାବେ ନିଯୁକ୍ତି ପାଇଲେ। ରାଜାଙ୍କ ତଳକୁ ଦେୱାନ୍ ଓ ତାଙ୍କ ତଳକୁ ଆସିସ୍ଟାଣ୍ଟ କଲେକ୍ଟରଙ୍କ ଅଧୀନରେ ସବ-ଡିଭିଜନାଲ ଅଫିସର ଓ ତା ତଳକୁ ତହସିଲଦାର ଓ ତାଙ୍କ ତଳକୁ କାନୁନଗୋ ଓ ପ୍ରଧାନ ପ୍ରଶାସନିକ ବ୍ୟବସ୍ଥାକୁ ସୂଚାରୁରୂପେ ସମ୍ପାଦନ କରୁଥିଲେ। ସନ ୧୯୪୫ ବେଳକୁ କେନ୍ଦୁଝରରେ କୁମାର ଜନାର୍ଦ୍ଦନ ଭଞ୍ଜ, ଚମ୍ପୁଆରେ ବଂଶୀଧର ରଥ ଓ ଆନନ୍ଦପୁରରେ ବାମଦେବ ରଥ ସବ୍‌ଡିଭିଜନାଲ ଅଫିସର ଦାୟିତ୍ୱରେ ଥିଲେ। ଏମାନଙ୍କୁ ସାହାଯ୍ୟ କରିବାକୁ ଜଣେ ଜଣେ ସେକେଣ୍ଡ ଅଫିସର ନିଯୁକ୍ତ ହୋଇଥିଲେ। ସନ ୧୯୩୨ ମସିହା ପର୍ଯ୍ୟନ୍ତ ରାଜ୍ୟର ଦେୱାନ୍ ଓ ରାଜା ବିଚାର ବିଭାଗର ମୁଖ୍ୟ ଥିଲେ। ସନ ୧୯୩୩ ଠାରୁ ରାଜ୍ୟରେ ସ୍ୱତନ୍ତ୍ର ବିଚାର ବିଭାଗ ଖୋଲିଲା। ସ୍ୱତନ୍ତ୍ର ବିଚାରପତି ନିଯୁକ୍ତି ହେଲେ। ତା ୧୨/୦୯/୧୯୪୦ ରିଖରେ ଏକ ହାଇକୋର୍ଟ ସ୍ଥାପିତ ହେଲା। ଏଥିରେ ଉପେନ୍ଦ୍ରନାଥ ଚାଟାର୍ଜୀ ମୁଖ୍ୟ ବିଚାରପତି ଓ ଶ୍ରୀଯୁକ୍ତ ଟି:ସି: ମୁଖାର୍ଜୀ ଓ ଏସ୍:ଏମ୍: ଦାସ ଦୁଇଜଣ ସ୍ୱତନ୍ତ୍ର ବିଚାରପତି ନିଯୁକ୍ତି ପାଇଥିଲେ। ତା ୦୩/୦୭/୧୯୪୫ ପର୍ଯ୍ୟନ୍ତ ଏହା ଚଳିବାପରେ ଏହି ହାଇକୋର୍ଟ ଷଡେଇକଳା, ଖରସୁଆଁ, ବଣାଇ, ପାଲଲହଡା ଓ କେନ୍ଦୁଝର ରାଜ୍ୟର ମୁଖ୍ୟ ସିଭିଲ ଓ ସେସନ କୋର୍ଟ ଭାବେ ପରିଚାଳିତ ହେଲା, ହାଇକୋର୍ଟ ରାୟଗଡକୁ ଉଠିଗଲା।

ତାଙ୍କ ଶାସନ କାଳରେ ବୀର ଗୋବିନ୍ଦପୁର ରଘୁନାଥଜୀଉ ମନ୍ଦିର ନିର୍ମିତ ହେଲା। ଏହି ମନ୍ଦିରଟି ତା ୦୪/୦୫/୧୯୨୯ ତାରିଖ ଶନିବାର ବୈଶାଖ ସଂକ୍ରାନ୍ତି କୃଷ୍ଣ ଏକାଦଶୀ ଇନ୍ଦ୍ରଯୋଗରେ ଶୁଭ.ପଡି ୧୯୩୩ ମସିହା ଜାନୁଆରୀ ମାସ ୨୫

Digitized by PPRACHIN, SOA

ତାରିଖ ମାଘ କୃଷ୍ଣ ଅମାବାସ୍ୟା ବୁଧବାର ସିଦ୍ଧଯୋଗରେ ପ୍ରତିଷ୍ଠିତ ହେଲା । ଏହାସହିତ ରାଜନଗର ଦଧିବାମନ ଜୀଉ ମନ୍ଦିର ନିର୍ମାଣ ଓ ଆନନ୍ଦପୁରର ଝାଡେଶ୍ୱର ମନ୍ଦିର ମରାମତି କରାଯାଇଥିଲା । ସେ କେନ୍ଦୁଝରଗଡ ବଡ ଯାତ୍ରାରେ ବ୍ୟବହୃତ ରଥରେ ସନ ୧୯୩୨ରୁ କାଲି ଚକ କରାଇଥିଲେ । ଫଳରେ ରଥର ଉଚ୍ଚତା ୪୦ ହାତରୁ ଊର୍ଦ୍ଧ୍ୱହୋଇ ରାଜ୍ୟର ବୃହତ୍ତମ ରଥର ମାନ୍ୟତା ପାଇଲା ।

ସେ ଜଣେ କଳା ସାହିତ୍ୟ ଅନୁରାଗୀ ଗୁଣୀ ବ୍ୟକ୍ତି ଥିଲେ । ଏହାଙ୍କ ଦ୍ୱାରା ବଳଭଦ୍ର ନାଟ୍ୟ ସଂସ୍ଥା , ବଳଭଦ୍ର ସାହିତ୍ୟ ସଂସଦ ଗଠିତ ହୋଇଥିଲା । ବହୁ ପ୍ରାଚୀନ କବିଙ୍କର ଲେଖାକୁ ପୁସ୍ତକ ଆକାରରେ ଛପାଇ ଥିଲେ । ନୂତନ ଲେଖକମାନଙ୍କୁ ଉତ୍ସାହିତ କରୁଥିଲେ । 'ବନବୀଣା' ନାମକ ଏକ ପତ୍ରିକା ଖ୍ରୀ:୧୯୩୬ରେ ପ୍ରକାଶ କରି ସେ ଏକ ନୂଆ କାମ କରିଥିଲେ । ଭଞ୍ଜ ପ୍ରକାଶନୀ ଟ୍ରଷ୍ଟ ସ୍ଥାପନ କରି ପଣ୍ଡିତ ବାନାମ୍ବର ଆଚାର୍ଯ୍ୟଙ୍କ ସମ୍ପାଦନାରେ ଅନେକ ଗୁଡିଏ ପୁସ୍ତକ ମୁଦ୍ରଣ କରିଥିଲେ ।

ବୀରଗୋବିନ୍ଦପୁର ଶ୍ରୀରଘୁନାଥଜୀଉ ମନ୍ଦିର ଅଭିଲେଖ ଓ ବୀରଗୋବିନ୍ଦପୁର ଶ୍ରୀରଘୁନାଥଜୀଉ ମନ୍ଦିର

Digitized by PPRACHIN, SOA

ସେ ଖ୍ରୀ:ଅ: ୧୯୩୬ରେ ବିଲାତ ଯାଇ ସମ୍ରାଟ ଷଷ୍ଠ ଜର୍ଜଙ୍କ ଅଭିଷେକ ଉତ୍ସବରେ ଯୋଗ ଦେଇଥିଲେ। ରାଜାଙ୍କ ସହିତ ପୋଲିଶ ମୁଖ୍ୟ ପ୍ରଦ୍ୟୁମ୍ନ କୁମାର ବାନାର୍ଜୀ, ଡାକ୍ତର ଗୌରାଙ୍ଗ ଚରଣ ପଟ୍ଟନାୟକ ଓ ଦେହରକ୍ଷୀ ବଂଶୀଧର ପଟ୍ଟନାୟକ ୟୁରୋପ ଭ୍ରମଣ କରିଥିଲେ। ମାର୍ଚ୍ଚ ୨୩ ତାରିଖରେ ଚକ୍ରଧରପୁରରୁ ବାହାରି ୨୫ ତାରିଖରେ ବମ୍ବେ, ସେଠାରୁ ୨୭ ତାରିଖରେ ଜଳଜାହାଜରେ ଲଣ୍ଡନ ଯାତ୍ରା। ଭଡା ଜଣପିଛା ଛଅଶହ ପଚାଶ ଟଙ୍କା। ମାର୍ଚ୍ଚ ୩୧ ତାରିଖ ଦିନ ୧/୩୦ ମିନିଟରେ ଏଡେନରେ ପହଞ୍ଚିଲେ। ଏପ୍ରିଲ ୬ ତାରିଖ ଦିନ ୨ଟା ବେଳେ ମାଲଟାରେ ପହଞ୍ଚିଲେ। ଏପ୍ରିଲ ୯ ତାରିଖରେ ମାର୍ଶେଲସ ବନ୍ଦର, ଏପ୍ରିଲ ୧୦ ତାରିଖ ଦିନ ୩ ଟାରେ ଲଣ୍ଡନର ଭିକ୍ଟୋରିଆ ଷ୍ଟେସନରେ ପହଞ୍ଚିଲେ। ମେ ମାସ ୨୦ ତାରିଖରେ ସମ୍ରାଟ ଓ ସାମ୍ରାଜ୍ଞିକୁ ଅଭିନନ୍ଦନ ଜଣାଇଲେ। ପାଞ୍ଚମାସ ପରେ ଫେରି ଅଗଷ୍ଟ ମାସ ୧ ତାରିଖ ସନ୍ଧ୍ୟା ୫ ଟାରେ କେନ୍ଦୁଝରଗଡରେ ପହଞ୍ଚିଥିଲେ।

ଏହାଙ୍କ ଶାସନ କାଳରେ କେନ୍ଦୁଝରରେ ଚାରିଲକ୍ଷ ଷାଠିଏ ହଜାର ଛଅଶହ ସତଚାଳିଶ ଜଣ ଲୋକ ବାସ କରୁଥିଲେ। ଷ୍ଟେଟ୍ ମଧ୍ୟରୁ ୧୬ ଲକ୍ଷ ଟଙ୍କା ଖଜଣା ଆଦାୟ ହେଉଥିଲା।

ଏହାଙ୍କ ଶାସନ କାଳରେ ଦେଶରେ କଂଗ୍ରେସ ଆନ୍ଦୋଳନ ଚାଲିଥିଲା। କେନ୍ଦୁଝରରେ ମଧ୍ୟ ଏହି ଆନ୍ଦୋଳନ ଚାଲିଲା। ଏହାକୁ ପ୍ରଜାମଣ୍ଡଳ ଆନ୍ଦୋଳନ କୁହାଯାଏ। ଏହା ଫଳରେ ଦେଶରୁ ବିଦେଶୀ ଶାସନ ହଟିଲା - ରଜା ଶାସନ ଉଠିଲା - ଦେଶ ସ୍ୱାଧୀନ ହେଲା।

ପ୍ରଜାମଣ୍ଡଳ ସଂଗଠନ (୧୯୩୩):

୧୯୨୧ ମସିହାରୁ ସମଗ୍ର ଦେଶରେ କଂଗ୍ରେସ ଆନ୍ଦୋଳନ ଦ୍ରୁତ ଗତିରେ ଆଗେଇ ଚାଲିଲା। କିନ୍ତୁ କଂଗ୍ରେସ ନେତାମାନେ ଦେଖିଲେ ଯେ ଇଂରେଜ ମାନେ ଦୁଇପ୍ରକାର ଶାସନ କରୁଛନ୍ତି। କେତେକ ଅଞ୍ଚଳକୁ ସିଧାସଳଖ ଶାସନ କରୁଛନ୍ତି ଓ ଅନ୍ୟ କେତେକ ଅଞ୍ଚଳକୁ ଦେଶୀୟ ରାଜା ମାନଙ୍କୁ ସଖୀ କରେଇ କରି ପରୋକ୍ଷରେ ଶାସନ ପରିଚାଳନା କରୁଛନ୍ତି। ଯେଉଁଠାରେ ଦେଶୀୟ ରାଜାମାନେ ଶାସନ କରୁଛନ୍ତି ସେଠାକାର ପ୍ରଜାମାନେ ଅଧିକ ଦୁଃଖରେ ଅଛନ୍ତି। ସେ ସବୁ ଅଞ୍ଚଳରେ ଶିକ୍ଷା ନାହିଁ,

Digitized by PPRACHIN, SOA

ସ୍ୱାସ୍ଥ୍ୟ ସେବା ପାଇଁ ଡାକ୍ତରଖାନା ନାହିଁ, ପାନୀୟ ଜଳ ପାଇଁ କୂଅ ନାହିଁ, ରାସ୍ତା ଘାଟ ନାହିଁ, ବେଠି, ଭେଟି ଆଉ ରାଜ କର୍ମଚାରୀ ମାନଙ୍କର ଜୁଲମରେ ପ୍ରଜାମାନେ ଅନେକ ଦୁଃଖରେ ଅଛନ୍ତି । ତେଣୁ ମହାତ୍ମାଗାନ୍ଧୀଙ୍କ ନିର୍ଦ୍ଦେଶରେ ୧୯୩୩ ମସିହାରେ ଗଡଜାତ ପ୍ରଜାମଣ୍ଡଳ ଗଠିତ ହେଲା । ଏହି କମିଟିରେ ପଣ୍ଡିତ ଜବାହରଲାଲ୍ ନେହେରୁ, ପଟ୍ଟାଭି ସୀତା ରାମେୟା ସଭ୍ୟ ରହିଲେ । ଓଡିଶାରେ ମଧ୍ୟ ୨୬ ଗୋଟି ଗଡଜାତକୁ ନେଇ ଗୋଟିଏ ଗଡଜାତ ପ୍ରଜାମଣ୍ଡଳ କମିଟି ଗଠିତ ହେଲା । ଏହି କମିଟିରେ ହରେକୃଷ୍ଣ ମହତାବ ସଭାପତି ଓ ସାରଙ୍ଗଧର ଦାସ ସମ୍ପାଦକ ଥିଲେ । ଏହି କମିଟି ପ୍ରଥମେ 'ଗଡଜାତ ଅଞ୍ଚଳରେ ଶାସନ କରୁଥିବା ରାଜା ମାନଙ୍କ କୁଶାସନକୁ ତଦନ୍ତ କରିବାକୁ ଏକ ତଦନ୍ତ କମିଟି ଗଠନ କଲେ । ସବୁ ଗଡଜାତରେ ଏକ ଏକ ପ୍ରଜାମଣ୍ଡଳ କମିଟି ଗଠନ କରି ରାଜାଙ୍କ କୁଶାସନ ବିରୋଧରେ ଆନ୍ଦୋଳନ କରିବାକୁ ନିର୍ଦ୍ଦେଶ ଦେଲେ । ଏହି ପ୍ରଜାମଣ୍ଡଳ କର୍ମୀମାନେ ମୂଳତଃ କଂଗ୍ରେସ ଦଳର ସଭ୍ୟ ଥିଲେ । ଗଡଜାତ ଅଞ୍ଚଳରେ ଏମାନେ ଯେଉଁ ଆନ୍ଦୋଳନ କଲେ ତାକୁ ପ୍ରଜାମଣ୍ଡଳ ଆନ୍ଦୋଳନ କୁହାଯାଏ ।

ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ (୧୯୩୬):

୧୯୦୩ ମସିହା ଠାରୁ ଓଡିଶାରେ ସ୍ୱତନ୍ତ୍ର ପ୍ରଦେଶ ଗଠିତ କରିବାକୁ ଦାବୀ କରାଯାଇଥିଲା । ଏହାର ନେତୃତ୍ୱ ନେଇଥିଲେ ଉତ୍କଳ ଗୌରବ ମଧୁସୂଦନ ଦାସ । ପରେ ଦେଖାଗଲା ଯେ ଏହି କମିଟିରେ କେବଳ ରାଜା ଜମିଦାର ମାନେ ସଭ୍ୟ ଅଛନ୍ତି । ତେଣୁ ଉତ୍କଳ ମଣି ଗୋପୋବନ୍ଧୁ ଦାସ ୧୯୨୧ ମସିହାରେ ଓଡିଶା କଂଗ୍ରେସ କମିଟି ଗଠନ କଲେ । କଂଗ୍ରେସର ଲକ୍ଷ୍ୟଥିଲା ଇଂରେଜ ମାନଙ୍କୁ ଦେଶରୁ ହଟାଇ ଦେବା । ତା ସହିତ ଏକମତ ହୋଇ ଓଡିଶାରେ କଂଗ୍ରେସ କର୍ମୀମାନେ ୧୯୨୧ ମସିହାରେ ଆନ୍ଦୋଳନ କରିଥିଲେ । ପରେ ଭାଷା ସୂତ୍ରରେ ପ୍ରଦେଶ ଗଠନ ଦାବୀ ଆରମ୍ଭ ହେଲା । ବହୁ ଦିନର ସଂଗ୍ରାମ ପରେ ୧୯୩୬ ମସିହାରେ ଓଡିଶା ଭାଷାଭାଷୀ ଅଞ୍ଚଳକୁ ନେଇ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠିତ ହେଲା । କିନ୍ତୁ କେତେକ ଓଡିଆ ଅଞ୍ଚଳ ଓଡିଶାରେ ମିଶି ପାରିଲା ନାହିଁ । ଏହି କାରଣରୁ ପୁଣିଥରେ ଆନ୍ଦୋଳନ ଚାଲିଲା ।

Digitized by PPRACHIN, SOA

ସିଂହଭୂମିକୁ କେନ୍ଦ୍ରସ୍ଥଳ କରାଯାଇ ଏହି ଆନ୍ଦୋଳନ ୧୯୪୮ ମସିହା ପର୍ଯ୍ୟନ୍ତ ଚାଲିଥିଲା । ଏହି ଆନ୍ଦୋଳନରେ କେନ୍ଦୁଝର ଚମ୍ପୁଆ ଅଞ୍ଚଳର ଶିକ୍ଷକ, କବି, ସଂଗ୍ରାମୀ ରାମଚନ୍ଦ୍ର ମହାକୂଳ (ଟିଆଁସି ପଶି) ରଜିଆ ଗ୍ରାମର କରୁଣାକର ଗିରି ଓ ପରେ ଚମ୍ପୁଆର ରାଜ ବଲ୍ଲଭ ମିଶ୍ର ଯୋଗ ଦେଇଥିଲେ । କିନ୍ତୁ ଏହି ଆନ୍ଦୋଳନ ଧିମେଇ ଗଲା । ଷଢେଇକଳା ଓ ଖର୍ସୁଆଁ ସବୁଦିନ ପାଇଁ ଓଡିଶାରୁ ଯାଇ ବିହାରରେ ମିଶିଗଲା ।

ଓଡିଶା ବିଧାନ ସଭା ଓ ମନ୍ତ୍ରୀମଣ୍ଡଳ ଗଠନ:

ସ୍ୱତନ୍ତ୍ର ପ୍ରଦେଶ ଗଠନ ହେବାପରେ 'ଓଡିଶା ବିଧାନ ସଭା' ଗଠିତ ହେଲା । ଏଥିରେ ଷାଠିଏ ଗୋଟି ସ୍ଥାନ ପାଇଁ ନିର୍ବାଚନ ହେଲା । କଂଗ୍ରେସ ଦଳରୁ ଛତିଶ ଜଣ ସଭ୍ୟ ନିର୍ବାଚିତ ହେଲେ । କଂଗ୍ରେସ ଦଳର ନେତା ବିଶ୍ୱନାଥ ଦାଶଙ୍କୁ ପ୍ରଧାନମନ୍ତ୍ରୀ ହେବାକୁ କୁହାଗଲା । କିନ୍ତୁ ସେ କେତେକ କାରଣରୁ ଅରାଜି ହେଲେ । ତେଣୁ ପାରଳାର ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଏକ ଅସ୍ଥାୟୀ ସରକାର ଗଠନ କଲେ । ଏହି ସରକାର ୧୯୩୭ ମସିହା ଏପ୍ରିଲ୍ ମାସ ୧ ତାରିଖ ଠାରୁ ଜୁଲାଇ ମାସ ୧୭ ତାରିଖ ପର୍ଯ୍ୟନ୍ତ କ୍ଷମତାରେ ରହିଲେ । ଏହିବର୍ଷ ଜୁଲାଇମାସ ୧୯ ତାରିଖ ଦିନ ବିଶ୍ୱନାଥ ଦାସ ମନ୍ତ୍ରୀ ମଣ୍ଡଳ ଗଠନ କଲେ । ଏହି ସରକାର ୨୫ ମାସ ପର୍ଯ୍ୟନ୍ତ ଓଡିଶାର ଶାସନ ଦାୟିତ୍ୱ ତୁଲାଇଥିଲେ ।

ବିଶ୍ୱନାଥ ଦାଶ ମନ୍ତ୍ରିମଣ୍ଡଳ ୧୯୩୯ ମସିହା ନଭେମ୍ବର ମାସ ୪ ତାରିଖରେ ଇସ୍ତଫା ଦେଲେ । ପାରଳାର ରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ନେତୃତ୍ୱରେ ଏକ ମିଳିତ ମନ୍ତ୍ରିମଣ୍ଡଳ ଗଠିତ ହେଲା । ଏହି ମନ୍ତ୍ରିମଣ୍ଡଳ ୧୯୪୧ ମସିହାରୁ ୧୯୪୪ ମସିହା ଜୁନ୍ ମାସ ୨୯ ତାରିଖ ପର୍ଯ୍ୟନ୍ତ ଓଡିଶା ଶାସନ ଦାୟିତ୍ୱ ତୁଲାଇଲେ । ୧୯୪୬ ଏପ୍ରିଲରେ ପୁଣି ନିର୍ବାଚନ ହେଲା । ଷାଠିଏ ସଦସ୍ୟରୁ କଂଗ୍ରେସ ୪୭ରେ ବିଜୟଲାଭ କଲା । ହରେକୃଷ୍ଣ ମହତାବ ପ୍ରଧାନମନ୍ତ୍ରୀ ହେଲେ ଏପ୍ରିଲ୍ ୨୨ ତାରିଖରେ । ସେ ୧୯୫୦ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ପଦରେ ରହିଲେ । ଇସ୍ତଫା ଦେଇ କେନ୍ଦ୍ରକୁ ଚାଲିଯିବାରୁ ତା ୧୨/୧/୧୯୫୨ରେ ନବକୃଷ୍ଣ ଚଉଧୁରୀ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇ ୧୯୫୨ ନିର୍ବାଚନ ପର୍ଯ୍ୟନ୍ତ ଦାୟିତ୍ୱରେ ରହିଲେ ।

Digitized by PPRACHIN, SOA

ଓଡିଶାରେ ଏହିଭଳି ଭଙ୍ଗାଗଡା ମନ୍ତ୍ରିମଣ୍ଡଳର ଶାସନ ଚାଲିଥିବାବେଳେ କେନ୍ଦୁଝରରେ ରାଜା ବଳଭଦ୍ର ଭଞ୍ଜଙ୍କର ଶାସନ ଚାଲିଥାଏ। ପ୍ରଜାମାନେ ମନ୍ତ୍ରୀମଣ୍ଡଳ ଶାସନ ବା ରାଜାଙ୍କୁ ହଟାଇ ଗଣତନ୍ତ୍ର ଶାସନରେ ଭାଗ ନେବାକୁ ଚାହିଁଲେ।

ପ୍ରଜାମଣ୍ଡଳ ଆନ୍ଦୋଳନ (୧୯୩୮):

କେନ୍ଦୁଝରର ପ୍ରଜାମାନେ ସ୍ୱାଧୀନତା ପାଇଁ ୧୯୨୧ ମସିହାରେ ଆନ୍ଦୋଳନ କରିଥିଲେ। ଆନ୍ଦୋଳନକାରୀ ନେତା ମାନେ ଜେଲ୍ ଯାଇ ଅକଥନୀୟ ଅତ୍ୟାଚାର ସହିଲେ। ସେମାନେ ଧୀରେ ଧୀରେ ଜେଲରୁ ମୁକ୍ତି ପାଇଲେ। ଏହି ସମୟ ବେଳକୁ ଓଡିଶାରେ 'ପ୍ରଜା ମଣ୍ଡଳ କମିଟି' ୧୯୩୩ ମସିହାରେ ଗଠିତ ହୋଇଥାଏ। ୧୯୩୬ ମସିହାରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ କରାଯାଇ ମନ୍ତ୍ରୀମଣ୍ଡଳ ଶାସନ ବ୍ୟବସ୍ଥା ଆରମ୍ଭ ହୋଇଯାଇଥାଏ।

୧୯୩୭ ମସିହାରେ ଓଡିଶା ଗଡଜାତ ପ୍ରଜାମଣ୍ଡଳ କମିଟି ଗଡଜାତର ଶାସନ ବିଷୟରେ ତଦନ୍ତ ଆରମ୍ଭ କଲେ। କେନ୍ଦୁଝରର କଂଗ୍ରେସ କର୍ମୀମାନେ ପ୍ରଜାମଣ୍ଡଳର ସଭ୍ୟ ହୋଇଗଲେ। ସେମାନଙ୍କ ମଧ୍ୟରୁ ଜଗବନ୍ଧୁ ଚକ୍ରବର୍ତ୍ତୀ, ହରେକୃଷ୍ଣ ମହାନ୍ତ, କାଙ୍ଗାଳି ଚରଣ ପଣ୍ଡା, ଭିକାରୀ ଚରଣ ପଣ୍ଡା ପ୍ରମୁଖ ଡୋଲିପୁର (ଯାଜପୁର ରୋଡ) ଠାରେ ପହଞ୍ଚି ପ୍ରଜାମଣ୍ଡଳ ତଦନ୍ତ କମିଟି ନିକଟରେ କେନ୍ଦୁଝରର ଶାସନ ବ୍ୟବସ୍ଥା ବିଷୟରେ ଅନେକ କଥା କହିଲେ। ୧୫୦ଟି ପ୍ରଶ୍ନର ଉତ୍ତର ଦେଇ ଅନ୍ଧାରୀ ଶାସନର ନିନ୍ଦା କରିଥିଲେ।

ତା ୧୫/୦୭/୧୯୩୮ ମସିହାରେ ପ୍ରଜାମଣ୍ଡଳ କର୍ମୀମାନେ ପଣ୍ଡାପଡାର ବଳଭଦ୍ରପୁର ଗାଁରେ ଏକାଠି ହୋଇ ନଅଦଫା ଦାବୀ କରିବାକୁ ଚିନ୍ତା କଲେ। ଏହି ନଅ ଦଫାଦାବୀକୁ ରାଜ ସରକାରଙ୍କ ନିକଟରେ ଆନ୍ଦୋଳନ କରିଆରେ ଜଣାଇବାକୁ ସଜବାଜ ହେଲେ। ରାଜ ସରକାର ଏ ଖବର ପାଇଗଲେ। ଆନ୍ଦୋଳନ କରିବା ପୂର୍ବରୁ ପ୍ରଜାମଣ୍ଡଳର ନେତା ଓ କର୍ମୀ ମାନଙ୍କୁ ୧୯୩୮ ମସିହା ଜୁଲାଇ ମାସ ୧୬ ତାରିଖ ସନ୍ଧ୍ୟା ସୁଦ୍ଧା ବନ୍ଦୀ କଲେ। ଏମାନଙ୍କ ମଧ୍ୟରେ ଶ୍ରୀ ଜଗବନ୍ଧୁ ଚକ୍ରବର୍ତ୍ତୀ, ବଳରାମ ଦାସ, ବଂଶୀଧର ମିଶ୍ର (କେନ୍ଦୁଝରଗଡ), ନନ୍ଦରା ଗ୍ରାମର ନାରାୟଣ ମହାପାତ୍ର, ରକ୍ଷାକୋଟର ନାରାୟଣ ପ୍ରଧାନ, ଶଗଡପଙ୍ଗାର ନଟବର ମହାପାତ୍ର,

Digitized by PPRACHIN, SOA

କାମୁପଶିର ଶ୍ରୀରାମ ମୁଣ୍ଡା, ଆନନ୍ଦ ଦଣ୍ଡପାଟ, ଧୁରୁଡି ଆମ୍ବୋର ଦେବରାମ୍ ମୁଣ୍ଡା, ବିଭୀଷଣ ମୁଣ୍ଡା, ଓରାଳିର କୀର୍ତ୍ତନ ବିହାରୀ ମହାନ୍ତି, ଜନାର୍ଦ୍ଦନପୁରର ରଙ୍ଗାଧର ଦାଶ୍, ପଣ୍ଡୁଆର ନାରାୟଣ ଚକ୍ର, ପୂର୍ଣ୍ଣଚନ୍ଦ୍ର ମିଶ୍ର ଆଦି ୫୭ ଜଣ ଧରାହୋଇ ବିଭିନ୍ନ ସମୟ ପାଇଁ ଜେଲ୍ ଗଲେ। ନେତା ଜଗବନ୍ଧୁ ଚକ୍ରବର୍ତ୍ତୀ ସର୍ବାଧିକ ୪ ବର୍ଷ ପାଇଁ ଜେଲ୍ ଯାଇଥିଲେ। ବଳରାମ ଦାସ, କୀର୍ତ୍ତନ ମହାନ୍ତି, ରଙ୍ଗାଧର ଦାଶ, ନାରାୟଣ ଚକ୍ର ୨ ବର୍ଷ ଓ ଅନ୍ୟମାନଙ୍କୁ ୬ ମାସ ଲେଖାଏଁ ଜେଲ ଦଣ୍ଡ ଭୋଗିଥିଲେ। ପ୍ରଫୁଲ୍ଲ ଚକ୍ରବର୍ତ୍ତୀ କ୍ଷମା ଚାହିଁବାରୁ ତତ୍କାଳୀନ ସେସନସ୍ ଜଜ୍ ଶଶୀଭୂଷଣ ସର୍କାର ତାଙ୍କୁ ଖଲାସ କରିଦେଇଥିଲେ।

ଏହି ଆନ୍ଦୋଳନରେ ଗିବ୍‌ସନ ହାଇସ୍କୁଲର ଛାତ୍ର ଭିକାରୀ ଚରଣ ପଣ୍ଡା ଓ କାଙ୍ଗାଳି ଚରଣ ପଣ୍ଡା ତା ୧୬/୦୭/୧୯୩୮ରେ ଧରା ହୋଇ ଦୁଇବର୍ଷ ଲେଖାଏଁ ଜେଲ୍ ଯାଇଥିଲେ। ଏମାନେ ତା ୦୧/୦୭/୧୯୪୦ ରେ ଜେଲରୁ ଖଲାସ ହୋଇଥିଲେ।

ଏହି ସବୁ କର୍ମୀମାନଙ୍କୁ ସ୍ଥାନୀୟ ସରକାରୀ ଡି:ଏଫ୍:ଓ ସ୍ୱର୍ଗତ ଜନାର୍ଦ୍ଦନ ଦ୍ୱିବେଦୀ ଓ ଗିବ୍‌ସନ ହାଇସ୍କୁଲର ସହକାରୀ ପ୍ରଧାନ ଶିକ୍ଷକ ସ୍ୱର୍ଗତ ଜଗବନ୍ଧୁ ତ୍ରିପାଠୀ ଆନ୍ଦୋଳନର ରୂପରେଖ ଓ ଖସଡା ପ୍ରସ୍ତୁତ କରି ଯୋଗାଇ ଦେଇଥିଲେ ଓ ରାଜନୈତିକ ସାହାଯ୍ୟ ଉପଦେଶ ଦେଉଥିଲେ ବୋଲି ସଂଗ୍ରାମୀ ସ୍ୱର୍ଗତ କାଙ୍ଗାଳିଚରଣ ପଣ୍ଡାଙ୍କ ଅପ୍ରକାଶିତ ହାତଲେଖା ବିବରଣୀରୁ ଜଣାପଡେ।

ଭାରତଛାଡ ଆନ୍ଦୋଳନ (୧୯୪୨):

୧୯୪୨ ମସିହା ଜୁଲାଇ ମାସ ୧୪ ତାରିଖ। ଏହି ଦିନ ଜାତୀୟ କଂଗ୍ରେସ କାର୍ଯ୍ୟକାରୀ କମିଟି ଖୋଲାଖୋଲି ଅହିଂସା ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଲେ। 'ଭାରତରୁ ବ୍ରିଟିଶ୍ ଶାସନର ତୁରନ୍ତ ଅବସାନ ହେଉଛି ଏକ ଜରୁରୀ ଆବଶ୍ୟକତା' ବୋଲି ଘୋଷଣା କରାଗଲା। ଏଥିପାଇଁ ଯେଉଁ ଆନ୍ଦୋଳନ ଚାଲିଲା ତାକୁ କୁହାଯାଏ 'ଭାରତଛାଡ ଆନ୍ଦୋଳନ'।

୧୯୪୨ ମସିହା ଅଗଷ୍ଟ ଆଠ ତାରିଖ ଦିନ ବମ୍ବେଠାରେ ଅଖିଳ ଭାରତ କଂଗ୍ରେସ କମିଟିର ବୈଠକ ବସିଲା। ଏହି ବୈଠକରେ ସାରା ଦେଶରେ କଂଗ୍ରେସ ତରଫରୁ ଭାରତଛାଡ ଆନ୍ଦୋଳନ କରିବାକୁ ଅନୁମୋଦନ କରାଗଲା। ଜାତିର

Digitized by PPRACHIN, SOA

ପିତା ମହାତ୍ମାଗାନ୍ଧୀ ଏଥର ଆହ୍ୱାନ ଦେଲେ 'କର ଅବା ମର'। ଅର୍ଥାତ୍ ଇଂରେଜମାନଙ୍କୁ ଏ ଦେଶରୁ ହଟାଇ ଦେବା ପାଇଁ ଭାରତଛାଡ ଆନ୍ଦୋଳନ କର ନଚେତ୍ ମରିଯାଅ। ଏ ଘୋଷଣା ପରେ ତହିଁ ଆର ଦିନ ଅର୍ଥାତ୍ ୧୯୪୨ ମସିହା ଅଗଷ୍ଟ ନଅ ତାରିଖ ବଡି ଭୋରରୁ ମହାତ୍ମାଗାନ୍ଧୀ, ଜବାହରଲାଲ୍ ନେହେରୁ, ମୌଲାନା ଆଜାଦ୍ ଆଦି କଂଗ୍ରେସର ନେତାମାନଙ୍କୁ ଇଂରେଜ ସରକାର ଗିରଫ କଲେ। ଏ ସମ୍ବାଦ ଆଖି ପିଛୁଳାକେ ସାରା ଦେଶରେ ପ୍ରଚାର ହୋଇଗଲା। ସ୍ୱାଧୀନତା ପାଇଁ ଗାନ୍ଧୀଜୀଙ୍କ 'କର ଅବା ମର' କଥା ପଦିକ ଲୋକଙ୍କ ହୃଦୟକୁ ଛୁଇଁଲା। ସାରା ଦେଶ 'ଇଂରେଜ ମାନେ ଏ ଦେଶ ଛାଡି ଚାଲିଯାଅ' ଧ୍ୱନୀରେ କମ୍ପି ଉଠିଲା। ଏହି ଆନ୍ଦୋଳନକୁ ଚପାଇ ଦେବାକୁ ଇଂରେଜ ସରକାର ଗୁଳି ଚଳାଇ ପ୍ରାୟ ଦଶ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ମାରି ପକାଇଲେ। ଷାଠିଏ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ବନ୍ଦୀ କଲେ। ଏହି ଆନ୍ଦୋଳନରେ କେନ୍ଦୁଝରରେ ଶହେରୁ ଊର୍ଦ୍ଧ୍ୱ ଲୋକ ବନ୍ଦୀ ହେଲେ ଓ ଶହେରୁ ଊର୍ଦ୍ଧ୍ୱ ବ୍ୟକ୍ତି ଗିରଫ ହୋଇଥିଲେ। ସେମାନଙ୍କ ଭିତରୁ ଅନେକଙ୍କୁ ଜଙ୍ଗଲ କଟା ଓ ବିଭିନ୍ନ ଚୋରୀ ମାମଲାରେ ଦୋଷୀ କରି ଜେଲ୍ ଦିଆ ଯାଇଥିଲା।

ପ୍ରଜାମଣ୍ଡଳ ଆନ୍ଦୋଳନ (୧୯୪୬):

ଆଗରୁ କୁହାଯାଇଛି ଯେ, ଅଖିଳ ଭାରତ କଂଗ୍ରେସ କମିଟି ଦେଶୀୟ ରାଜ୍ୟ ମାନଙ୍କରେ ପ୍ରଜାମଣ୍ଡଳ ସଂଗଠନ ଆରମ୍ଭ କରିଥିଲେ। ୧୯୩୩ ମସିହାରେ ଏହି ସଙ୍ଗଠନ ସାରା ଦେଶର ଗଡଜାତ ମାନଙ୍କରେ କାର୍ଯ୍ୟ ଆରମ୍ଭ କଲେ।

୧୯୨୧ ମସିହାରେ ଯେଉଁ କଂଗ୍ରେସ କର୍ମୀମାନେ ଜେଲ୍ ଯାଇଥିଲେ ସେମାନେ ଏହି ସମୟ ବେଳକୁ ଜେଲରୁ ମୁକ୍ତି ପାଇଥିଲେ। ତେଣୁ ପ୍ରଜାମଣ୍ଡଳ କମିଟି ଗଠନ କରି ଆନ୍ଦୋଳନ ଚାଲୁ ରଖିଲେ। ୧୯୪୨ ମସିହା ଭାରତ ଛାଡ ଆନ୍ଦୋଳନରେ ଭାଗ ନେଇ ଏମାନଙ୍କ ଭିତରୁ କେତେଜଣ ପୁଣି ଜେଲ ଯାଇ ଅଳ୍ପ ଦିନ ପରେ ଛାଡ ପାଇଲେ।

୧୯୪୬ ମସିହା ଫେବୃଆରୀ ମାସ ୯ ତାରିଖ ଦିନ ଓଡିଶା ପ୍ରଜାମଣ୍ଡଳ କମିଟିର ସାଧାରଣ ସମ୍ପାଦକ ସାରଙ୍ଗଧର ଦାସ କେନ୍ଦୁଝର ଆସି ଶ୍ରୀ ବଳଦେବଜୀଉ ମନ୍ଦିର ସମ୍ମୁଖରେ ଏକ ନାଗରିକ ସଭାରେ ଉଦବୋଧନ ଦେଲେ।। ପ୍ରଜାମଣ୍ଡଳର କର୍ମୀ ମାନଙ୍କୁ ଏକାଠି କରି ତା ୧୦/୦୨/୪୬ ରେ ଏକ ସ୍ଥାୟୀ କମିଟି ଗଠନ

Digitized by PPRACHIN, SOA

କଲେ। ଏହି କମିଟିରେ ସଭାପତି ଥିଲେ ବଂଶୀଧର ପ୍ରଧାନ, କୋଷାଧ୍ୟକ୍ଷ ନାରାୟଣ ଚକ୍ର ଓ ଆବାହକ ଥିଲେ କୀର୍ତ୍ତନ ବିହାରୀ ମହାନ୍ତି। ଏହି କମିଟିରେ ଆନନ୍ଦପୁର ଅଞ୍ଚଳରୁ କୀର୍ତ୍ତନ ବିହାରୀ ମହାନ୍ତି (ଓରାଳି), ନାରାୟଣ ଚକ୍ର (ପଣ୍ଡୁଆ) ରଙ୍ଗାଧର ଦାଶ (ଜନାର୍ଦ୍ଦନପୁର), କେନ୍ଦୁଝର ଗଡରୁ ଜଗବନ୍ଧୁ ଚକ୍ରବର୍ତ୍ତୀ, ବଳରାମ ଦାସ, ଭିକାରୀ ଚରଣ ପଣ୍ଡା, କାଙ୍ଗାଳି ଚରଣ ପଣ୍ଡା ଏବଂ ଚମ୍ପୁଆରୁ ବଂଶୀଧର ପ୍ରଧାନ (ନହବେଡା) ହରେକୃଷ୍ଣ ମହାନ୍ତ ଓ ସ୍ୱପ୍ନେଶ୍ୱର ବେହେରାଙ୍କୁ ଗ୍ରହଣ କରାଗଲା। ଏହିଦିନ କେନ୍ଦୁଝରଗଡ ବଡ ଦେଉଳ ନିକଟରେ ପ୍ରଥମ ନାଗରିକ ସଭା ବସିଲା। ଏହି ସଭାରେ ଗଡଜାତ ସର୍କାରଙ୍କ ଅତ୍ୟାଚାର ଏବଂ ମହାତ୍ମାଗାନ୍ଧୀଙ୍କ ନୀତି, ଆଦର୍ଶ ତଥା କଂଗ୍ରେସର ଲକ୍ଷ୍ୟ ବିଷୟରେ ଲୋକଙ୍କୁ ବୁଝାଗଲା। ସଭାରେ ହଜାର ହଜାର ଲୋକ ରୁଣ୍ଡ ହୋଇ ସ୍ୱାଧୀନତା ସଂଗ୍ରାମରେ ଝାସ ଦେବାକୁ ଶପଥ କଲେ। ସୌଭାଗ୍ୟକୁ ତା ୦୫/୦୯/୧୯୪୬ ରେ ଇଂରେଜ ସରକାର ଭାରତର ଶାସନଭାର କଂଗ୍ରେସ ହାତରେ ଅର୍ପଣ କଲେ। ଲୋକ ପ୍ରତିନିଧିମୂଳକ·ଶାସନ ବ୍ୟବସ୍ଥା ଆରମ୍ଭ ହେଲା। ପଣ୍ଡିତ ଜବାହରଲାଲ ନେହେରୁ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ହେଲେ। ତା ୫/୧୦/୪୬ରେ କେନ୍ଦୁଝର ପ୍ରଜାମଣ୍ଡଳ ଏକ କାର୍ଯ୍ୟନିର୍ବାହୀ କମିଟି ଗଠନ କଲେ। ଏହାର ସଭାପତି ହେଲେ ଜଗବନ୍ଧୁ ଚକ୍ରବର୍ତ୍ତୀ, କୋଷାଧ୍ୟକ୍ଷ ନାରାୟଣ ଚନ୍ଦ୍ର ଯାଦବ, ସଂପାଦକ ନାରାୟଣ ଚକ୍ର ଓ କାର୍ଯ୍ୟକାରୀ ସଦସ୍ୟ ଭାବେ ରଙ୍ଗାଧର ଦାଶ, ହରେକୃଷ୍ଣ ମହାନ୍ତ, ସ୍ୱପ୍ନେଶ୍ୱର ବେହେରା, ନରହରି ମହାନ୍ତ, ଗୌରଚନ୍ଦ୍ର ଭଞ୍ଜ, ଉମାକାନ୍ତ ଚକ୍ର, ଭାସ୍କର ଚକ୍ର, ଅଗୁନଚରଣ ମହାନ୍ତ ଏବଂ ପରାମର୍ଶଦାତା ଭାବେ ଜଗବନ୍ଧୁ ଚକ୍ରବର୍ତ୍ତୀ, ଦିଗମ୍ବର ରାଉତ (ରାଜନଗର), ରାଧାକାନ୍ତ ମିଶ୍ର (ଦଳବଙ୍ଗ) ଓ ରଙ୍ଗାଧର ସାହୁ (ପଦ୍ମପୁର) ନିର୍ବାଚିତ ହୋଇଥିଲେ। ତା ୬/ ୧୦/୧୯୪୬ ସୁଦ୍ଧା ୩୦୦ ରୁ ଉର୍ଦ୍ଧ୍ୱ ଚାରିଅଣିଆ କର୍ମୀ ସଭ୍ୟ ହୋଇଥିଲେ।

ସଂଗ୍ରାମୀମାନେ ଗ୍ରାମେ ଗ୍ରାମେ ବୁଲି ମହାତ୍ମାଗାନ୍ଧୀଙ୍କ ବାର୍ତ୍ତା ପ୍ରଚାର କଲେ। ଏହି ସମୟ ବେଳକୁ ସଂଗ୍ରାମୀ ମାନଙ୍କର ଅନେକ ଦାବୀ ଇଂରେଜ ସରକାର ମାନି ନେଇଥିଲେ। ଏପରିକି ସଂଗ୍ରାମୀମାନଙ୍କୁ ଆଉ ସମ୍ଭାଳି ନପାରି ଦେଶ ଛାଡି ଚାଲିଯିବାକୁ ଚିନ୍ତା କଲେ। ଦେଶୀୟ ରାଜା ଜମିଦାର ମାନେ ମଧ୍ୟ ପ୍ରମାଦ ଗଣିଲେ। ଏହି ସୁଯୋଗରେ ସଂଗ୍ରାମୀ ମାନେ ନିର୍ଭୟରେ ସମାଜସେବା ପରି କାର୍ଯ୍ୟରେ ଲାଗିପଡିଲେ।

Digitized by PPRACHIN, SOA

କେନ୍ଦୁଝରର ସଂଗ୍ରାମୀ ମାନଙ୍କ ତରଫରୁ ୧୯୪୭ ମସିହା ଜୁନ୍ ମାସ ଚାରି ତାରିଖ ଦିନ ହରିଜନ ପଙ୍‌କ୍ତି ଭୋଜନ ହେଲା । ଆଗରୁ ହରିଜନମାନଙ୍କ ଛୁଆଇ ବାଜିଲେ ଦେହ ମାରା ହେଲା ବୋଲି ଅନ୍ଧ ବିଶ୍ୱାସ ଥିଲା । ଏବେ ହରିଜନମାନେ ଅଛୁଆ ନୁହଁନ୍ତି ବୋଲି ସଂଗ୍ରାମୀମାନେ ପ୍ରମାଣ କରିଦେଲେ ।

ଗ୍ରାମେ ଗ୍ରାମେ ବୁଲି ଚରଖା ସଂଘ କଲେ । ସୂତାକାଟି ଲୁଗାବୁଣି ବ୍ୟବହାର କରିବାକୁ କହିଲେ । ବିଦେଶୀ ଜିନିଷ ବର୍ଜନ କରାଗଲା । ହୋମିଓପାଥୀ ଔଷଧରେ ଗରିବ ଓ ପୀଡିତ ଲୋକଙ୍କର ସେବା କରାଗଲା । ସମାଜରୁ ବାଲ୍ୟ ବିବାହ ଉଠାଇ ଦେବା ସହିତ ବିଧବା ବିବାହ କରିବା ପାପ ନୁହେଁ ବୋଲି କୁହାଗଲା । ବଳି ପ୍ରଥା ଏକ ଅନ୍ଧ ବିଶ୍ୱାସ ଓ ଏହା କରିବା ଦ୍ୱାରା କ୍ଷତି ଛଡା ଲାଭ ନୁହେଁ ବୋଲି ବୁଝାଇ ଦିଆଗଲା । ବେଠି, ଭେଟି, ଓ ମାଗଣ ନ ଦେବାକୁ ଲୋକଙ୍କୁ ସାହସ ଦେଲେ । ଅଳ୍ପ ଦିନ ପରେ ଦେଶ ସ୍ୱାଧୀନ ହେବ - ଇଂରେଜ ମାନେ ଏ ଦେଶରୁ ଚାଲିଯିବାକୁ ସଜବାଜ ହେଲେଣି - ରାଜା ଶାସନ ଉଠିଯିବ - ଏହି କଥା କହି ଲୋକଙ୍କ ମନରେ ସାହସ ବାନ୍ଧିଲେ । ଲୋକେ ଭରସା ପାଇ ସଂଗ୍ରାମୀ ମାନଙ୍କ କଥାରେ ମାତି ଉଠିଲେ ।

ପ୍ରଜାମଣ୍ଡଳ ଦୁଇଭାଗ ହେଲା:

ଯୁଗ ଯୁଗ ଧରି ପ୍ରଜାମାନେ ରାଜାନୁଗତ ଥିଲେ । ମହାତ୍ମାଗାନ୍ଧୀଙ୍କ ଅସହଯୋଗ ଆନ୍ଦୋଳନ ଆରମ୍ଭ ହେବାରୁ ହେଉଁ ପ୍ରଜାମାନେ ରାଜା ଓ ରାଜ କର୍ମଚାରୀଙ୍କ ଦ୍ୱାରା ଅତ୍ୟାଚାରିତ ହେଲେ ସେମାନେ କଂଗ୍ରେସ ଓ ମହାତ୍ମାଗାନ୍ଧୀଙ୍କ ପକ୍ଷରେ ରହିଲେ । ଯେଉଁମାନେ ରାଜାଙ୍କ ଠାରୁ ସାହାଯ୍ୟ ସହାନୁଭୂତି ପାଉଥିଲେ ସେମାନେ ରଜାଙ୍କ ବିପକ୍ଷରେ ଯିବାକୁ ରାଜିହେଉ ନଥିଲେ ।

କଂଗ୍ରେସ ଆନ୍ଦୋଳନ ତୀବ୍ର ହେବାରୁ ଇଂରେଜମାନେ ଦେଶଛାଡି ଚାଲିଯିବାକୁ ଚାହୁଁଥାନ୍ତି । ଏହି କାଳରେ ରାଜା ଜମିଦାରମାନେ ଚିନ୍ତାକଲେ ଇଂରେଜମାନେ ଏ ଦେଶରୁ ଚାଲିଯିବା ପରେ ସେମାନଙ୍କ ପାଳି ପଡିବ । କଂଗ୍ରେସ ଦଳ ରାଜାମାନଙ୍କୁ ହଟାଇ ଦେଇ ନିଜଦେଶକୁ ନିଜେ ଶାସନ ବା ପ୍ରଜାଶାସନ ଚଳାଇବାକୁ ପ୍ରଚାର କରୁଥିଲେ । ଏହି ଭୟରେ ଏ ଦେଶର ରାଜାମାନେ ଏକଜୁଟ ହେଲେ । ସେମାନେ କିଛି ଅନୁଗତ ପ୍ରଜାଙ୍କୁ ହାତକରି ଶାସନ ଗାଦୀରେ ଚିରକାଳ ବସିବାକୁ ଯୋଜନା କଲେ । ଇଂରେଜ ସରକାର୍ ୧୯୩୩ ମସିହାରେ ଓଡିଶାର ଗଡଜାତ ରାଜ୍ୟଗୁଡିକୁ

Digitized by PPRACHIN, SOA

ନେଇ ପୂର୍ବାଞ୍ଚଳ ରାଜ୍ୟଗୋଷ୍ଠୀ (ଇଷ୍ଟର୍ଣ୍ଣ ଷ୍ଟେଟ୍ ଏଜେନ୍‌ସି) ଗଠନ କଲେ। କେନ୍ଦୁଝରର ରାଜା ମଧ୍ୟ ଏହି ରାଜ୍ୟ ଗୋଷ୍ଠିର ସଭ୍ୟ ରହିଲେ। ତାପରେ ପ୍ରଜାମଣ୍ଡଳର କିଛି କର୍ମୀଙ୍କୁ ଲୋଭ ଦେଖାଇ ତାଙ୍କ ଆଡକୁ ଟାଣିନେଲେ।

୧୯୩୩ ମସିହାରେ ପ୍ରଜାମଣ୍ଡଳ ଗଠିତ ହେବାପରେ କଂଗ୍ରେସ କର୍ମୀମାନେ ୧୯୪୭ ମସିହା ପର୍ଯ୍ୟନ୍ତ ଇଂରେଜ ସରକାରଙ୍କ ବିରୋଧରେ ଆନ୍ଦୋଳନ ଚଳାଇଥିଲେ। କିନ୍ତୁ ରାଜାମାନେ ପୂର୍ବାଞ୍ଚଳ ରାଜ୍ୟଗୋଷ୍ଠୀ ଗଠନ କରିବାପରେ ୧୯୪୭ ଅଗଷ୍ଟ ମାସ ପହିଲାରୁ ନିଜ ରାଜ୍ୟରେ ପ୍ରଜାପ୍ରତିନିଧି ମନ୍ତ୍ରୀପରିଷଦ ଗଠନ କରିବାକୁ ନିଷ୍ପତ୍ତି ନେଲେ। ଏହି କର୍ମୀମାନଙ୍କ ଭିତରୁ କେତେକଙ୍କୁ ରାଜା ବଳଭଦ୍ର ଭଞ୍ଜ ଲୋଭ ଦେଖାଇଲେ। ସେ କହିଲେ ଯେ, ଇଂରେଜମାନେ ଏ ଦେଶରୁ ଚାଲିଗଲା ପରେ ଏଠି ମଧ୍ୟ ପ୍ରଜାଶାସନ ରହିବ, ରଜା ରହିବେ, ୩ ଜଣ ପ୍ରଜା ପ୍ରତିନିଧି ମନ୍ତ୍ରୀପଦ ପାଇବେ।

ଏହା ପୂର୍ବରୁ ସାରା ଦେଶରେ କଂଗ୍ରେସର ସଂଗଠନ ଦୃଢ ହୋଇଥିଲା। କଂଗ୍ରେସ ଆନ୍ଦୋଳନକୁ ଚପାଇବାକୁ ଇଂରେଜ ସରକାରଙ୍କ ବୁଦ୍ଧି ହଜିଯିବାରୁ ତା ୧୫/୦୮/୧୯୪୭ ରିଖରେ ଇଂରେଜମାନେ ଆମ ଦେଶ ଛାଡି ଚାଲିଗଲେ। ଦେଶ ସ୍ୱାଧୀନ ହେଲା। କଂଗ୍ରେସ ଦଳ ସରକାର ଗଠନ କଲେ। ଜବାହରଲାଲ ନେହେରୁ ଆମ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ହେଲେ ଓ ଓଡିଶାରେ ଡକ୍ଟର ହରେକୃଷ୍ଣ ମହତାବ ମୁଖ୍ୟମନ୍ତ୍ରୀ (ସେତେବେଳକୁ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଧାନମନ୍ତ୍ରୀ କୁହାଯାଉଥିଲା) ହେଲେ ଆମ ଦେଶର ଶାସନ ଆମ ହାତରେ ରହିଲା।

ଏହି ଦିନ ଦେଶରେ ସ୍ୱାଧୀନତା ଉତ୍ସବ ପାଳନ କରାଯାଇଥିବାରୁ ରାଜା ଏହି କର୍ମୀମାନଙ୍କୁ ନେଇ କଚେରୀରେ ଜାତୀୟ ପତାକା ସହିତ ଷ୍ଟେଟ ପତାକା ଉତ୍ତୋଳନ କରାଇଥିଲେ। ଏଥିରେ କ୍ଷୁବ୍ଧ ହୋଇ ପ୍ରଜାମଣ୍ଡଳର କର୍ମୀମାନେ ଉପରବେଳା ଟାଉନହଲଠାରେ ଏକ ବିରାଟ ସାଧାରଣସଭାର ଆୟୋଜନ କଲେ। ସଂଗ୍ରାମୀ ହରେକୃଷ୍ଣ ମହାନ୍ତଙ୍କ ସଭାପତିତ୍ୱରେ ସଭା ଆରମ୍ଭ ହେଲା। ଚାରି ହଜାରରୁ ଉର୍ଦ୍ଧ୍ୱ ଲୋକ ଉପସ୍ଥିତ ରହି ସ୍ୱାଧୀନତା ଉତ୍ସବ ପାଳନ କରିଥିଲେ। ଏଥିରେ ନାରାୟଣ ଚକ୍ର, ବଂଶୀଧର ପ୍ରଧାନ, ରଙ୍ଗାଧର ଦାସ, ରତ୍ନାକର ବ୍ରହ୍ମ, ରାଜବଲ୍ଲଭ ମିଶ୍ର, କୁନ୍ତଳା କୁମାରୀ ଦେଇ, କାଙ୍ଗାଳି ଚରଣ ପଣ୍ଡା ପ୍ରମୁଖ ୧୫ ଜଣ ବକ୍ତା ଭାଷଣ ଦେଇଥିଲେ।

Digitized by PPRACHIN, SOA

ଏହି ସଭାରେ ନିଷ୍ପତ୍ତି ନିଆଗଲା ଯେ, ଆସନ୍ତା ଡିସେମ୍ବର ମାସ ୭ ତାରିଖ ସୁଦ୍ଧା ରାଜ ସରକାର ଦାୟିତ୍ୱମୂଳକ ଶାସନ ପ୍ରଜାମଣ୍ଡଳକୁ ହସ୍ତାନ୍ତର ନ କଲେ ଆନ୍ଦୋଳନ ହେବ । ଡିସେମ୍ବର ମାସ ୫ ତାରିଖରେ ରାଜ ସରକାର ପ୍ରଜାମଣ୍ଡଳର କର୍ମୀ ବଂଶୀଧର ପ୍ରଧାନ, ରାଜବଲ୍ଲଭ ମିଶ୍ର ଓ ନାରାୟଣ ଚକ୍ରଙ୍କୁ ଡକାଇ ତା ୯/୧୨/୧୯୪୭ରେ କ୍ଷମତା ହସ୍ତାନ୍ତର ସମ୍ପର୍କରେ ଆଲୋଚନା କରିବାକୁ ଲିଖିତ ପ୍ରତିଶ୍ରୁତି ଦେଲେ; କିନ୍ତୁ ଏହିଦିନ ବୈଠକ ବସି ନ ଥିଲା । ତା ୧୦/୧୨/୧୯୪୭ରେ ଏମାନେ ତତ୍କାଳୀନ କେନ୍ଦୁଝର ରାଜ୍ୟର ପ୍ରଧାନମନ୍ତ୍ରୀ ଛୋଟରାୟ ଲକ୍ଷ୍ମୀନାରାୟଣ ଭଞ୍ଜଙ୍କ ସହିତ ଆଲୋଚନା କଲେ । ଏଥିରେ ସ୍ଥିର ହେଲା, ଗଡ଼ଜାତ ମିଶ୍ରଣ ସମ୍ପର୍କରେ ଭାରତର ଗୃହମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଅଳ୍ପଦିନ ପରେ ଓଡ଼ିଶା ଆସିବେ । ସେହିଠାରେ ମିଶ୍ରଣ ସମ୍ପର୍କରେ ସମସ୍ତ ଗଡ଼ଜାତର ପ୍ରତିନିଧିମାନଙ୍କ ସହିତ ଆଲୋଚନା ହେବାପରେ କ୍ଷମତା ହସ୍ତାନ୍ତର ସମ୍ପର୍କରେ ଆଲୋଚନା ହେବ । ପ୍ରଜାମଣ୍ଡଳର ଏହି ପ୍ରତିନିଧିତ୍ରୟ ଫେରିଆସିବା ପରେ ଘଟଣା ଭିନ୍ନ ମୋଡ଼ ନେଲା । ଏହି ତିନିଜଣଙ୍କୁ ପ୍ରଜାପ୍ରତିନିଧିଭାବେ ରାଜ ସରକାର ଗ୍ରହଣ କରି ମନ୍ତ୍ରୀ ପଦରେ ନିଯୁକ୍ତ କରିବାକୁ ପ୍ରଚାର ହେଲା । ରାଜପକ୍ଷ ସହିତ ଏମାନଙ୍କ ଗୁପ୍ତ ମନ୍ତ୍ରଣା ଧୀରେ ଧୀରେ ପଦାକୁ ଆସିଲା । ଏମାନେ ୟୁନିୟନ କ୍ଷମତା ଲୋଭରେ ୟୁନିୟନ୍ ଆନ୍ଦୋଳନ ସହିତ ସାମିଲ ହୋଇଥିବା ପ୍ରଜାମଣ୍ଡଳର କର୍ମୀମାନେ ଅନୁଭବ କଲେ ।

ଅସଲରେ କିନ୍ତୁ ଦେଶ ସ୍ୱାଧୀନ ହେବାର ମାସକ ପରେ ତା ୧୫/୯/୧୯୪୭ ବେଳକୁ କେନ୍ଦୁଝରରେ ୟୁନିୟନ୍‌ର ବୀଜ ଅଙ୍କୁରିତ ହୋଇଥିଲା । ପ୍ରଜାମଣ୍ଡଳର ଚାରିଜଣ ପ୍ରତିନିଧି ରାଜବଲ୍ଲଭ, ନାରାୟଣ, ବାଞ୍ଛାନିଧି ଓ ଉପେନ୍ଦ୍ରଙ୍କୁ ରାଜ ସରକାର ପ୍ରଜାପ୍ରତିନିଧି (ମନ୍ତ୍ରୀ) କରିବାକୁ କଥା ଦେଇ ୟୁନିୟନ୍ ଆନ୍ଦୋଳନକୁ ସମର୍ଥନ କରିବାକୁ ମନ୍ତ୍ରଣା ଦେଲେ । ଏକଥା ପ୍ରଘଟ ହୋଇଗଲା । ଏମାନଙ୍କୁ ପ୍ରଜାମଣ୍ଡଳରୁ ବହିଷ୍କାର କରାଗଲା । ଏମାନେ କିନ୍ତୁ ଏହିଠାରୁ ଖୋଲାଖୋଲି ନିଜକୁ ପ୍ରଜାମଣ୍ଡଳର କର୍ମୀ କହି ୟୁନିୟନ ଆନ୍ଦୋଳନରେ ସାମିଲ ହୋଇଗଲେ । ଏମାନଙ୍କୁ ରାଜ ସରକାର ସମସ୍ତ ପ୍ରକାର ଭିତିରି ସହଯୋଗ ଦେବାରୁ ମୂଳ ସଂଗଠନ ଅପେକ୍ଷା ଏମାନଙ୍କ ଶିବିରରେ ବହୁ କର୍ମୀ ଯୋଗଦେଲେ ।

ସ୍ୱାଧୀନତାର ମାସକ ପରେ ଲୋଭରେ ପଡି ପ୍ରଜାମଣ୍ଡଳର କେତେକ କର୍ମୀ ତା ୧୫/୦୯/୧୯୪୭ ବେଳକୁ ରାଜାଙ୍କ ପକ୍ଷକୁ ଚାଲିଗଲେ । ଏମାନଙ୍କ ମଧ୍ୟରୁ

Digitized by PPRACHIN, SOA

ଚମ୍ପୁଆର ରାଜବଲ୍ଲଭ ମିଶ୍ର, ରକିଆର କରୁଣାକର ଗିରି, ନହବେଡାର ବଂଶୀଧର ପ୍ରଧାନ, ପଣ୍ଡୁଆର ନାରାୟଣ ଚକ୍ର, ବାଞ୍ଛାନିଧି ଜେନା ଓ ଉପେନ୍ଦ୍ର ଜେନା ପ୍ରମୁଖ ପ୍ରଧାନ । ଏମାନଙ୍କୁ ରାଜା ସାହେବ ପ୍ରଜା ପ୍ରତିନିଧିଭାବେ ତାଙ୍କ ମନ୍ତ୍ରୀ ମଣ୍ଡଳରେ ମନ୍ତ୍ରୀ କରିବାକୁ କଥାଦେଲେ ।

ଏହା ପରେ ପ୍ରଜାମଣ୍ଡଳର କର୍ମୀମାନେ ବା କଂଗ୍ରେସ ସଭ୍ୟମାନେ ତା ୧୬/୦୯/୧୯୪୭ ରିଖ ଦିନ ସଭାକରି ରାଜପକ୍ଷକୁ ଯାଇଥିବା କର୍ମୀମାନଙ୍କୁ ଦଳରୁ ବାହାର କରିଦେଲେ । ଏହି କର୍ମୀମାନଙ୍କ ବିରୋଧରେ ପ୍ରଚାର କରି ଏମାନଙ୍କୁ ସ୍ୱାର୍ଥପର ବୋଲି କୁହାଗଲା । ସଂଗ୍ରାମୀ ସ୍ୱର୍ଗତ କାଙ୍ଗାଳି ଚରଣ ପଣ୍ଡାଙ୍କ ହସ୍ତଲିଖିତ ବିବରଣୀରେ ଉଲ୍ଲେଖ ଅଛି - 'ଶ୍ରୀ ରାଜ ବଲ୍ଲଭ ମିଶ୍ର, ବଂଶୀଧର ପ୍ରଧାନ ଓ ନାରାୟଣ ଚକ୍ର କେତେକ ଆପତ୍ତିଜନକ ନିନ୍ଦନୀୟ ବିଶୃଙ୍ଖଳା ଘଟାଇଥିବାରୁ ଅନାସ୍ଥା ପ୍ରସ୍ତାବ ଦ୍ୱାରା ତାଙ୍କୁ ବାଦଦେଇ ତା ୧୬/୦୯/୧୯୪୭ ରେ ୨ୟ ବାର ପ୍ରଜାମଣ୍ଡଳ ଗଠନ କରାଗଲା । ସେଥିରେ ଦାମୋଦର ମିଶ୍ର, ବଂଶୀ ପଟ୍ଟନାୟକ, ଶଙ୍କର୍ଷଣ ପଟ୍ଟନାୟକ, ବୀରଭଦ୍ର ପଟ୍ଟନାୟକ ପ୍ରଜାମଣ୍ଡଳରେ ସକ୍ରିୟ କର୍ମୀ ହିସାବରେ ରହିଲେ । ପୁରୁଣା ରାଜବାଟୀର ଉତ୍ତଦ୍ୱାର ବୈଠକରେ ଉପସ୍ଥିତ ରାଜା ବଳଭଦ୍ର, ମନ୍ତ୍ରୀ ଲକ୍ଷ୍ମୀନାରାୟଣ ଭଞ୍ଜ, ଦେୱାନ ଡୁଙ୍ଗର ସିଂହଙ୍କ ସହିତ ବହିଷ୍କୃତ କର୍ମୀଙ୍କର ବୈଠକ ଚାଲିଥିବା କାଳରେ ଶତାଧିକ ପ୍ରଜାମଣ୍ଡଳ କର୍ମୀ ଜଗବନ୍ଧୁ ଚକ୍ରବର୍ତ୍ତୀଙ୍କ ନେତୃତ୍ୱରେ ସେଠାକୁ ଯାଇ ପୋଲିସ ପହରାଭାଙ୍ଗି ପ୍ରତିବାଦ ଜଣାଇ ଫେରି ଆସିଥିଲେ । ଏହାପରେ ଏହି ବହିଷ୍କୃତ କର୍ମୀମାନେ ୟୁନିୟନ ଆନ୍ଦୋଳନରେ ସାମିଲ ହୋଇଥିଲେ । ଏଥର ମୂଳ ପ୍ରଜାମଣ୍ଡଳ ସଙ୍ଗଠନର ଯେଉଁ ମୁଖ୍ୟ କର୍ମୀମାନେ ରହିଲେ, ସେମାନଙ୍କ ମଧ୍ୟରୁ ଜଗବନ୍ଧୁ ଚକ୍ରବର୍ତ୍ତୀ, କୀର୍ତ୍ତନ ବିହାରୀ ମହାନ୍ତି, ଶଙ୍କର୍ଷଣ ପଟ୍ଟନାୟକ, ଭିକାରୀ ଚରଣ ପଣ୍ଡା ଓ କାଙ୍ଗାଳି ଚରଣ ପଣ୍ଡା ପ୍ରମୁଖ ପ୍ରଧାନ ଅଟନ୍ତି । ଏମାନଙ୍କ ସହିତ କାଳିଆହତାର ଚକ୍ରଧର ଦାସ ସାମନ୍ତ, ଶଗଡପଟ୍ଟାର ନଟବର ପାତ୍ର ଆଦି ବାରଶହ କର୍ମୀ ଯୋଗଦେଇ କଂଗ୍ରେସ ଆନ୍ଦୋଳନକୁ ଆଗେଇ ନେଲେ । ଲୋକେ କଂଗ୍ରେସର ଚାରିଅଣିଆ ସଭ୍ୟହୋଇ କଂଗ୍ରେସ ଆନ୍ଦୋଳନରେ ସାମିଲ ହେଲେ । କିନ୍ତୁ ପ୍ରଜାମଣ୍ଡଳର କର୍ମୀଭାବେ ବହିଷ୍କୃତ ନାରାୟଣ ଚକ୍ର, ରାଜବଲ୍ଲଭ ମିଶ୍ର, ବଂଶୀଧର ପ୍ରଧାନ, ବାଞ୍ଛାନିଧି ଯେନା ଓ ଉପେନ୍ଦ୍ର ଯେନା ରାଜ୍ୟସରକାରଙ୍କ ଦ୍ୱାରା ନିମନ୍ତ୍ରିତ

Digitized by PPRACHIN, SOA

ହୋଇ ତା ୨୬/୧୧/୧୯୪୭ ରେ ରାଜାଙ୍କର ପରାମର୍ଶଦାତା ବୈଠକରେ ଯୋଗ ଦେଇଥିଲେ। ଏହି ବୈଠକରେ ରାଜା ବଳଭଦ୍ର ନାରାୟଣ ଭଞ୍ଜ, ଲକ୍ଷ୍ମୀ ନାରାୟଣ ଭଞ୍ଜ ଓ ଦେଓ୍ୱାନ୍ ଡୁଙ୍ଗରସିଂହ ଉପସ୍ଥିତ ଥିଲେ। ପୁରୁଣା ରାଜବାଟୀ ରୁଦ୍ଧଦ୍ୱାର ବୈଠକ ଚାଲିଥିବା ସମୟରେ ମୂଳ ପ୍ରଜାମଣ୍ଡଳର ସଦସ୍ୟମାନେ ଜଗବନ୍ଧୁ ଚକ୍ରବର୍ତ୍ତୀଙ୍କ ନେତୃତ୍ୱରେ ଏହି ବୈଠକକୁ ପୋଲିସ୍ ପହରା ଭାଙ୍ଗି ଧସେଇ ପଶିଲେ। ବହିଷ୍କୃତ କର୍ମୀଙ୍କୁ ନେଇ ଚାଲିଥିବା ଏହି ବୈଠକକୁ ନିନ୍ଦା କରି କର୍ମୀମାନେ ଫେରିଆସିଲେ। ଏହା ପରେ ରାଜପକ୍ଷକୁ ଯାଇଥିବା କର୍ମୀମାନେ ୟୁନିୟନ ଆନ୍ଦୋଳନ କରିବାକୁ ଯୋଜନା କଲେ। ଏହି ଆନ୍ଦେଳନ ସନ ୧୯୪୭ ସେପ୍‌ଟେମ୍ବର ମାସରୁ ୧୯୪୮ ଅଗଷ୍ଟ ମାସ ପର୍ଯ୍ୟନ୍ତ ଚାଲିଥିଲା।

ଦେଶୀୟ ରାଜ୍ୟ ମିଶ୍ରଣ:

ଦେଶରୁ ସିନା ଇଂରେଜମାନେ ଚାଲିଗଲେ, କିନ୍ତୁ ଅନେକ ରାଜା ନିଜେ ଶାସନ କରିବାକୁ ଚାହିଁଲେ। ଆମ ଓଡିଶାରେ ୨୬ଟି ଗଡଜାତରେ ୨୬ ଜଣ ରାଜା ଥିଲେ। ଏମାନଙ୍କୁ ଧରି ଇଂରେଜମାନେ ଶାସନ ଚଳାଉଥିଲେ। ଏହି ସବୁ ଅଞ୍ଚଳକୁ ଗଡଜାତ କୁହାଯାଉଥିଲା। ବାକି କଟକ, ପୁରୀ ଓ ବାଲେଶ୍ୱର ଭଳି କେତେକ ସ୍ଥାନରେ ଇଂରେଜମାନେ ସିଧାସଳଖ ଶାସନ କରୁଥିଲେ। ଏସବୁ ଅଞ୍ଚଳକୁ ମୋଗଲବନ୍ଦୀ ଅଞ୍ଚଳ ବୋଲି କୁହାଯାଉଥିଲା। ମୋଗଲବନ୍ଦୀରେ ଓଡିଶାର କଂଗ୍ରେସ ସରକାର ଶାସନ କଲେ। ଏଠାରେ ଦେଶ ସ୍ୱାଧୀନ ହୋଇ ପ୍ରଜାମାନେ ନିଜହାତରେ ନିଜକୁ ଶାସନ କରିବାର ଆନନ୍ଦପାଇଲେ। କିନ୍ତୁ ଅନ୍ୟାନ୍ୟ ଗଡଜାତ ପରି କେନ୍ଦୁଝର ଗଡଜାତର ରାଜା ବଳଭଦ୍ର ଭଞ୍ଜଙ୍କ ଶାସନ ଚାଲିଲା। ୧୯୪୭ ମସିହା ଅଗଷ୍ଟମାସ ୧୫ ତାରିଖ ଦିନ ଦେଶ ସ୍ୱାଧୀନ ହେଲା ବୋଲି ଚାରିଆଡେ ଆନନ୍ଦର ଢେଉ ଖେଳିଗଲା। ଚାରିଆଡେ ଆମଦେଶର ତ୍ରିରଙ୍ଗୀ ଜାତୀୟ ପତାକା ଉଡାଇଲେ। କିନ୍ତୁ କେନ୍ଦୁଝର ଷ୍ଟେଟ ମଧ୍ୟରେ ତ୍ରିରଙ୍ଗୀ ପତାକା ଉଡାଇବାକୁ ବାରଣ କରାଗଲା। କିନ୍ତୁ କେତେକ ସଂଗ୍ରାମୀ ରାଜାଙ୍କର ଏ ଆଦେଶକୁ ମାନିଲେ ନାହିଁ। ମନଇଚ୍ଛା ପତାକା ଧରି ବୁଲିଲେ, ନାଚିଲେ, ମିଠେଇ ବାଣ୍ଟି ଖୁସିହେଲେ।

ଦେଶ ସ୍ୱାଧୀନ ହେଲା, କିନ୍ତୁ କେନ୍ଦୁଝରର ପ୍ରଜାମାନେ ସେହି ଅନ୍ଧାରୀ ରାଜୁତା ଶାସନରେ ରହିଲେ। ପୁଣି ଆନ୍ଦୋଳନ କରିବାକୁ ଯୋଜନା କଲେ। ଇତିମଧ୍ୟରେ

Digitized by PPRACHIN, SOA

ସ୍ୱାଧୀନ ଭାର୍ତ ସରକାର ଏହି ଦେଶୀୟ ରାଜ୍ୟଗୁଡିକରୁ ରାଜାମାନଙ୍କୁ ହଟାଇବାକୁ ଚିନ୍ତାକଲେ। ରାଜାମାନଙ୍କୁ ବୁଝାଇ ଭାରତର ଶାସନ ସହିତ ସାମିଲ ହେବାକୁ ସରକାର ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କୁ ଦାୟିତ୍ୱ ଦେଲେ। ଓଡିଶାର ଗଡଜାତର ରାଜାମାନଙ୍କୁ ଦେଶ ମିଶ୍ରଣ ପାଇଁ ଅନୁରୋଧ କରିବାକୁ ସର୍ଦ୍ଦାର ପଟେଲ ଓଡିଶା ଆସିଲେ। ତା ୧୩/୧୨/୧୯୪୭ ରେ କେନ୍ଦୁଝରରୁ ୩୦୦ ପର୍ଯ୍ୟନ୍ତ କଂଗ୍ରେସ କର୍ମୀ କଟକ ଯାଇ ଓଡିଶା ସହିତ କେନ୍ଦୁଝର ମିଶାଅ ଧ୍ୱନୀଦେଇ ଶୋଭାଯାତ୍ରା କରିଥିଲେ। ୧୯୪୭ ମସିହା ଡିସେମ୍ବର ମାସ ଚଉଦ ତାରିଖରେ ସବୁ ରାଜାମାନଙ୍କୁ ଡକାଇ କଟକ ଠାରେ ସଭାକଲେ।

ଏ ସଭା ତିନିଦିନ ପର୍ଯ୍ୟନ୍ତ ଚାଲିଲା। ଏହି ସଭାରେ ରାଜାମାନେ ସେମାନଙ୍କର କିଛି ଅନୁଗତ ପ୍ରଜାଙ୍କୁ ସାଙ୍ଗରେ ଧରି ଯାଇଥିଲେ। ସେମାନେ ପଟେଲଙ୍କ ଦେଶମିଶ୍ରଣ ପ୍ରସ୍ତାବରେ ରାଜିହେଲେ ନାହିଁ। ଯଦି ଗଡଜାତ ପାଇଁ ଅଲଗା ନିୟମ ଓ ଆଇନକାନୁନ୍ ରହିବ ତେବେ ଯାଇ ଭାରତର ଶାସନ ସହିତ ମିଶିବାକୁ ଯୁକ୍ତି କଲେ। ସର୍ଦ୍ଦାର ପଟେଲ ଏ ପ୍ରସ୍ତାବରେ ରାଜିହେଲେ ନାହିଁ।

ଶେଷକୁ ଉପାୟ ନପାଇ ଓଡିଶାର ସମସ୍ତ ଗଡଜାତର ରାଜାମାନେ ଶାସନଭାର ସରକାରଙ୍କୁ ଅର୍ପଣ କରିବାକୁ ବାଧ୍ୟ ହେଲେ। ୧୯୪୭ ମସିହା ଡିସେମ୍ବର ମାସ ଷୋହଳ ତାରିଖ ଦିନ କେନ୍ଦୁଝରର ରାଜା ବଳଭଦ୍ର ଭଞ୍ଜ ଲେଖିଦେଲେ ଯେ, 'କେନ୍ଦୁଝର ରାଜ୍ୟର ରାଜା ତାଙ୍କ ରାଜ୍ୟ ଶାସନର ସମସ୍ତ ପ୍ରକାର କ୍ଷମତା ୧୯୪୮ ସାଲ କାନୁୟାରୀ ୧ ତାରିଖ ଠାରୁ ଭାରତ ସରକାରଙ୍କୁ ଛାଡି ଦେଇଛନ୍ତି ଓ ସେହି ତାରିଖଠାରୁ ଭାରତ ସରକାର ସମସ୍ତ କ୍ଷମତା ଯେ କୌଣସି ମାର୍ଫତରେ ଉକ୍ତ ରାଜ୍ୟରେ ଜାରି କରିପାରିବେ'।

ସୁତରାଂ, ଏହି ଦିନଠାରୁ କେନ୍ଦୁଝର ସ୍ୱାଧୀନ ଭାରତର ଏକ ଅଂଶରେ ପରିଣତ ହେଲା। କେନ୍ଦୁଝର ଓଡିଶା ପ୍ରଦେଶର ଏକ ଜିଲ୍ଲା ଭାବେ ସ୍ଥାନ ପାଇଲା।

Digitized by PPRACHIN, SOA

ମିଶ୍ରଣ ପରବର୍ତ୍ତୀ ରାଜନୈତିକ ଅବସ୍ଥା

୧୯୪୮ ମସିହା ଜାନୁଆରୀ ମାସରୁ କ୍ଷମତା ହସ୍ତାନ୍ତର ପର୍ବ ଆରମ୍ଭ ହେଲା । ଓଡ଼ିଶାର ପ୍ରବୀଣ ପ୍ରଧାନମନ୍ତ୍ରୀ ହରେକୃଷ୍ଣ ମହତାବ ରାଜାମାନଙ୍କଠାରୁ କ୍ଷମତା ଛଡ଼ାଇନେବାକୁ ବ୍ୟଗ୍ର ହେଲେ । ଜଣେ ପ୍ରଶାସକ ବା ଆଡମିନିଷ୍ଟ୍ରେଟ୍‌ର ମୂଷାହେବ ଖାଁଙ୍କୁ ଓଡ଼ିଶା ସରକାରଙ୍କର ପ୍ରତିନିଧି ଭାବେ କେନ୍ଦୁଝର ପଠାଇଲେ । ଓଡ଼ିଶାର ତତ୍କାଳୀନ ରାଜସ୍ୱ, ଯୋଗାଣ ଓ ପରିବହନ ମନ୍ତ୍ରୀ ନବକୃଷ୍ଣ ଚୌଧୁରୀ କେନ୍ଦୁଝର ଆସିଲେ । କେନ୍ଦୁଝର ରାଜ୍ୟକୁ ଓଡ଼ିଶା ପ୍ରଦେଶର ଏକ ଜିଲ୍ଲା ଭାବେ ଗ୍ରହଣ କରି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ତତ୍କାଳୀନ ଉନ୍ନୟନ ମନ୍ତ୍ରୀ ମୂଷାହେବ ଖାଁଙ୍କୁ ଦାୟିତ୍ୱ ହସ୍ତାନ୍ତର କଲେ । ତାଙ୍କର ନୂତନ ପଦବୀ ହେଲା ଆଡ୍‌ମିନିଷ୍ଟ୍ରେଟର୍ । ଏତେବେଳକୁ ଗଡ଼ଜାତରୁ ରାଜାମାନଙ୍କୁ ସମ୍ପୂର୍ଣ୍ଣ ହଟାଇ ଦେବାକୁ ଓଡ଼ିଶା ସରକାରଙ୍କ ନୀତିକୁ ଗଡ଼ଜାତର ରାଜାମାନେ ବିରୋଧ କରି ପ୍ରଜାମଣ୍ଡଳର ଅନେକ କର୍ମୀଙ୍କୁ ହାତ କରିଥିବା ପୂର୍ବେ କୁହାଯାଇଛି ।

ଏମାନେ ପ୍ରଜାପ୍ରତିନିଧିମୂଳକ ସ୍ୱତନ୍ତ୍ର ଶାସନ ବ୍ୟବସ୍ଥା ସପକ୍ଷରେ ଥିଲେ । ଗଡ଼ଜାତଗୁଡ଼ିକ ମୋଗଲବନ୍ଦୀ କଥିତ ଓଡ଼ିଶା ତୁଳନାରେ ବହୁ କ୍ଷେତ୍ରରେ ପଛୁଆ ଥିଲେ । ସେହି ଉନ୍ନତମାନଙ୍କ ସହିତ ସମକକ୍ଷ ହେବା ନିମିତ୍ତ ସ୍ୱତନ୍ତ୍ର ଶାସନ ବ୍ୟବସ୍ଥା ପାଇଁ ଦାବୀ କରୁଥିଲେ । ଏମାନଙ୍କ ଦାବି ପ୍ରତି କେହି ସହାନୁଭୂତିଶୀଳ ନ ହେବାରୁ ଏମାନେ ସ୍ୱାଧୀନତା ଆନ୍ଦୋଳନର ମୁଖ୍ୟସ୍ରୋତରୁ ଓହରିଯାଇ ସ୍ୱତନ୍ତ୍ର ଆନ୍ଦୋଳନ କରିବାକୁ ବାଧ୍ୟ ହୋଇଥିଲେ । ଏ ସମ୍ପର୍କରେ ମହାତ୍ମାଗାନ୍ଧୀଙ୍କ ସହିତ ଆଲୋଚନା କରିବାକୁ ଚିନ୍ତା କଲେ । କେନ୍ଦୁଝରରୁ ବଂଶୀଧର ପ୍ରଧାନଙ୍କ ନେତୃତ୍ୱରେ ଚମ୍ପୁଆର ରାଜବଲ୍ଲଭ ମିଶ୍ର ଓ ଆନନ୍ଦପୁରର ନାରାୟଣ ଚକ୍ର ପ୍ରମୁଖ ୧୯୪୮ ମସିହା ଜାନୁଆରୀ ମାସ ୨୮ ତାରିଖରେ ବେଳକୁ ଦିଲ୍ଲୀ ଗଲେ । ସେଠାରେ ତା ୩୧/୧/୧୯୪୮ ମସିହାରେ ପହଞ୍ଚିଲେ । ସେତେବେଳକୁ ସମଗ୍ର ଦେଶରେ ଶୋକର ଛାୟା ଖେଳି ଯାଇଥାଏ । ତା ୩୦/୧/୪୮ରେ ନାଥୁରାମ ବିନାୟକ ଗଡ୍‌ସେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କୁ ହତ୍ୟାକଲା । ଏହି ଶୋକାକୁଳ ଅବସ୍ଥା ଭିତରେ ସଂଗ୍ରାମୀମାନେ ଭଗ୍ନ ମନୋରଥରେ ପ୍ରତ୍ୟାବର୍ତ୍ତନ କଲେ । କିଛିଦିନ ପାଇଁ ଏ ଆନ୍ଦୋଳନ ସ୍ଥଗିତ ରହିଲା ।

Digitized by PPRACHIN, SOA

ଇତିମଧ୍ୟରେ ରାଜପକ୍ଷକୁ ଯାଇଥିବା ନେତାମାନଙ୍କୁ ପୁନଶ୍ଚ ମୁଖ୍ୟସ୍ରୋତକୁ ଫେରାଇ ଆଣି ରାଜପକ୍ଷ ସଂଗଠନକୁ ଅକାମୀ କରିଦେବାକୁ ମହତାବ ଚିନ୍ତା କଲେ । କେନ୍ଦୁଝରରେ ରାଜପକ୍ଷକୁ ଯାଇ ଯେଉଁ ୟୁନିୟନ ଆନ୍ଦୋଳନ ସୂତ୍ରପାତ ହୋଇଥିଲା, ତା'ର ନେତୃତ୍ୱ ନେଉଥିଲେ ଯୁବ ସଂଗ୍ରାମୀ ବଂଶଧୀର ପ୍ରଧାନ । ତା ୬/୨/୧୯୪୮ ମସିହାରେ ଓଡ଼ିଶାର ଗୃହ ବିଭାଗ ଏକ ବିଜ୍ଞପ୍ତି ପ୍ରକାଶ କରି ବଂଶୀଧର ପ୍ରଧାନଙ୍କୁ ଓଡ଼ିଶା ବିଧାନସଭାକୁ ମନୋନୀତ ସଦସ୍ୟ ଭାବେ ଗ୍ରହଣ କଲେ । ଏଥିରେ ପ୍ରଜାମଣ୍ଡଳର ପ୍ରଥମ ଗୋଷ୍ଠୀ ବ୍ୟଥିତ ହେଲେ । ଏତେବେଳକୁ ଓଡ଼ିଶା ବିଧାନସଭାର ନିର୍ବାଚିତ ସଦସ୍ୟ ସଂଖ୍ୟା ୬୦ ଓ ମନୋନୀତ ସଦସ୍ୟ ସଂଖ୍ୟା ୩୬ ଥିଲା । ବଂଶୀବାବୁଙ୍କୁ ବିଧାନସଭାକୁ ମନୋନୀତ କରାଯିବା ପରେ ଆଶା କରାଯାଉଥିଲା ଯେ ଅନ୍ତତଃ କେନ୍ଦୁଝରରେ ଆଉ ୟୁନିୟନ୍ ଆନ୍ଦୋଳନ ହେବନାହିଁ । ବଂଶୀବାବୁ ଏହାକୁ ଓଡ଼ିଶା ସରକାରଙ୍କର ଏକ ଥୋପ ବା ପ୍ରଲୋଭନ ବୋଲି ବୁଝିନେଲେ ।

ଏହି ସନ୍ଧିକ୍ଷଣରେ ପୂର୍ବାଞ୍ଚଳ ରାଜ୍ୟଗୋଷ୍ଠୀର ସଦସ୍ୟ ଥିବା ରାଜାମାନେ କଲିକତାରେ ଏକ ଅଫିସ ଖୋଲି ସମଗ୍ର ଗଡ଼ଜାତ ପ୍ରଜା ପ୍ରତିନିଧିମାନଙ୍କୁ ସମସ୍ତ ପ୍ରକାର ମନ୍ତ୍ରଣା ଯୋଗାଉଥିଲେ । ଗାନ୍ଧିଜୀଙ୍କ ମୃତ୍ୟୁ ପରେ ପରେ ଏକ ପ୍ରତିନିଧିଦଳ କଲିକତା ଯାଇ ପରବର୍ତ୍ତୀ କାର୍ଯ୍ୟପନ୍ଥା ସମ୍ପର୍କରେ ବିସ୍ତୃତ ଆଲୋଚନା କଲେ । ଏହି ପ୍ରତିନିଧି ଦଳରେ ସଂଗ୍ରାମୀ ବଂଶୀଧର, ରାଜବଲ୍ଲଭ ଓ ନାରାୟଣ ଥିଲେ । ସେଠାରେ ନିଷ୍ପତ୍ତି ଅନୁସାରେ କେନ୍ଦୁଝର ଗଡ଼ଜାତ ଆନ୍ଦୋଳନ ପାଇଁ ଏକ କର୍ମୀ ସମ୍ମିଳନୀ ଟାଟାରେ କରିବା ପାଇଁ ସ୍ଥିର ହେଲା । ଏପ୍ରିଲ ମାସରେ ଅନୁଷ୍ଠିତ ଏହି ବୈଠକ ପରେ ମେ' ମାସରେ ଚମ୍ପୁଆରେ ଏକ ସ୍ୱତନ୍ତ୍ର ବୈଠକ ହେବାକୁ ନିଷ୍ପତ୍ତି ନିଆଗଲା । ଚମ୍ପୁଆ ବୈଠକରେ ଶହ ଶହ କର୍ମୀ ଏକତ୍ରିତ ହୋଇ ଏକ ସ୍ୱତନ୍ତ୍ର ଅସହଯୋଗ ଆନ୍ଦୋଳନ ପାଇଁ ଡାକରା ଦିଆଗଲା । ଏହାପରେ ଏହି ମାସ ଶେଷ ସୁଦ୍ଧା ଘଟଗାଁର ବାଟ ହରିଚନ୍ଦନପୁର ଓ ଆନନ୍ଦପୁରରେ ସାଧାରଣ ସଭାମାନ କରାଗଲା । ଏଥିରେ ହଜାର ହଜାର ଲୋକ ଏକତ୍ରିତ ହେଲେ ।

ଚମ୍ପୁଆ ବୈଠକର ନିଷ୍ପତ୍ତି ବିରୁଦ୍ଧରେ ମୂଳ ପ୍ରଜାମଣ୍ଡଳର କର୍ମୀମାନେ ମେ ମାସ ୧ ତାରିଖରେ ଟାଉନ୍‌ହଲରେ ଏକ ସଭା କରି ୟୁନିଅନ୍ ଆନ୍ଦୋଳନରେ ସାମିଲ

Digitized by PPRACHIN, SOA

ନ ହେବାକୁ ନିଷ୍ପତ୍ତି ନେଲେ । ଏହି ନିଷ୍ପତ୍ତିକୁ ସମଗ୍ର କେନ୍ଦୁଝରରେ ପ୍ରଚାର କରି ଜନସାଧାରଣଙ୍କୁ ଏମାନଙ୍କ ହୀନ ଉଦ୍ଦେଶ୍ୟ ଅବଗତ କରାଇବାକୁ ସ୍ଥିର ହେଲା ।

କିନ୍ତୁ ଉଭୟଗୋଷ୍ଠୀ ନିଜକୁ ପ୍ରଜାମଣ୍ଡଳର କର୍ମୀ ବୋଲି ଦାବୀ କରୁଥିବାରୁ ଏବଂ ଉଭୟ ଗୋଷ୍ଠୀଙ୍କର ସଦସ୍ୟମାନଙ୍କୁ ସ୍ୱାଧୀନତା ସଂଗ୍ରାମୀ ଭାବେ ଲୋକେ ଜାଣିଥିବାରୁ ଦ୍ୱନ୍ଦ୍ୱରେ ପଡ଼ିଲେ । ଦ୍ୱିତୀୟ ଗୋଷ୍ଠୀ ବା ରାଜପକ୍ଷକୁ ଯାଇଥିବା ୟୁନିଅନ୍ କର୍ମୀମାନେ ଅଧିକ ସକ୍ରିୟ ଓ କ୍ରିୟାଶୀଳ ଥିଲେ; ସୁତରାଂ ଏମାନଙ୍କ ଶିବିର ଅଧିକମାତ୍ରାରେ ଚଳଚଞ୍ଚଳ ହେଲା । ଏଇ ଶିବିରର ନାୟକମାନେ ଅତୀତରେ ରାଜାନୁଗତ କିମ୍ବା ରାଜକର୍ମଚାରୀ ନ ଥିଲେ । ଏମାନେ ନବାଗତ ଯୁବକ ଓ ଆପାତତଃ ଶିକ୍ଷିତ ଥିବାରୁ ମୁଖ୍ୟ ଗୋଷ୍ଠୀ ଅପେକ୍ଷା ଜନସାଧାରଣ ଏହିମାନଙ୍କୁ ହିଁ ଅସଲ ସ୍ୱାଧୀନତା ସଂଗ୍ରାମୀ ବୋଲି ଧରି ନେଇଥିଲେ । ଅପରନ୍ତୁ ମୂଳ ଗୋଷ୍ଠୀର ଛାମୁଆ ସଂଗ୍ରାମୀମାନେ ଏକଦା ରାଜକର୍ମଚାରୀ ଓ ବୃତ୍ତିଭୋଗୀ ଥିବାରୁ ଏମାନେ ସର୍ବସାଧାରଣଙ୍କର ବିଶ୍ୱାସଭାଜନ ହୋଇପାରି ନ ଥିଲେ; କିନ୍ତୁ ଏମାନେ ନିଜକୁ ଜାତୀୟ କଂଗ୍ରେସ ଓ ମହାତ୍ମାଗାନ୍ଧୀଙ୍କ ଅସଲ ଦାୟାଦ ବୋଲି ଦାବୀ କରୁଥିଲେ । ଏମାନଙ୍କ ସ୍ୱତନ୍ତ୍ର ପରିଚିତି ପାଇ ତା ୨୧/୬/୪୮ ରେ ପ୍ରଜାମଣ୍ଡଳ କମିଟିକୁ କଂଗ୍ରେସ କମିଟିରେ ପରିଣତ କଲେ ଓ ନିଜକୁ ଏଥର କଂଗ୍ରେସ କର୍ମୀ ଭାବେ ପ୍ରତିପାଦିତ କଲେ ।

ଏତେବେଳକୁ ୟୁନିୟନ୍ ଆନ୍ଦୋଳନ ଭୟଙ୍କର ଭାବେ ସମଗ୍ର ଜିଲ୍ଲାକୁ ସଂପ୍ରସାରିତ ହେଲା । ନୂତନ ସଦସ୍ୟ ଭାବେ ବହୁ ଯୁବକ ଏହାକୁ ସକ୍ରିୟ କଲେ । ଚମ୍ପୁଆ ସବ୍‌ଡିଭିଜନ୍‌ର ରଜିଆର କରୁଣାକର ଗିରି, ଚମ୍ପୁଆର ସୁର ମିଶ୍ର, ନହବେଡ଼ାର ଗୌରଭଞ୍ଜ, ନାଣ୍ଟୁ ଭଞ୍ଜ, ବାରଟୁଣିଆଁର ଜଗନ୍ନାଥ ମହାନ୍ତ, ଦେଓଝରର ଗୁରୁ ଚରଣ ନାଏକ, ସାହାରପଡ଼ାର ଚନ୍ଦ୍ରଭାନୁ ମହାନ୍ତ, ସ୍ୱାମପାଟଣାର ବଳରାମ ଦାଶ, ଟାଙ୍ଗରପଡ଼ାର ମାଗୁଣି ବେହେରା, ରାଜନଗରର ଦୁର୍ଲ୍ଲଭ ଚନ୍ଦ୍ର ମିଶ୍ର, ଘଟଗାଁ ଅଞ୍ଚଳର ସୁନାରିପଶି ଗ୍ରାମର ରଙ୍ଗାଧର ବେହେରା, ଗଦାଧରପୁରର କାଳିନ୍ଦୀ ବେହେରା, ମସିଣାଯୋଡ଼ିର ଚନ୍ଦ୍ରଶେଖର ମହାନ୍ତ, ଜଙ୍ଘିରାର ମୁରଲୀଧର ଭିତିରିଆ, ବଡ଼ ନୂଆଗାଁର ଲକ୍ଷ୍ମୀଧର ବିଦ୍ୟାଧର, ତରା ଗ୍ରାମର ଭୀମସେନ ରାଉତ, ଆନନ୍ଦପୁରର ନାରାୟଣ ଚକ୍ର (ପଣ୍ଡୁଆ)ଙ୍କ ନେତୃତ୍ୱରେ ସାଇଁକୁଳର ଉପେନ୍ଦ୍ରନାଥ ଜେନା, ଖପରାଖାଇର ରଙ୍ଗାଧର ଦାଶ, ଓରାଳିର କୀର୍ତ୍ତନ ବିହାରୀ ମହାନ୍ତି, ପଣ୍ଡୁଆର ବାଞ୍ଛାନିଧି ଜେନା, ଉମାଚରଣ ପଟ୍ଟନାୟକ, ବୀର

Digitized by PPRACHIN, SOA

ଗୋବିନ୍ଦପୁରର ମାର୍କଣ୍ଡ ମହାପାତ୍ର ପ୍ରମୁଖ ୯୦୦ରୁ ଊର୍ଦ୍ଧ୍ୱ ସଭ୍ୟ ସକ୍ରିୟ କର୍ମୀ ଭାବେ ଅଂଶଗ୍ରହଣ କରିଥିଲେ । ପ୍ରଥମେ ଏପ୍ରିଲ ମାସରେ ରାଜବଲ୍ଲଭ ମିଶ୍ରଙ୍କ ନେତୃତ୍ୱରେ ଚମ୍ପୁଆରେ ବୈଠକ ବସି ସମଗ୍ର ଜିଲ୍ଲାରେ ଜନମତ ସୃଷ୍ଟି କରିବାକୁ ପ୍ରସ୍ତାବ ଉଠିଲା । ଜୁନ୍ ମାସ ୨୬ ତାରିଖରେ କେନ୍ଦୁଝର ପ୍ରଜାମଣ୍ଡଳର କେତେକ କର୍ମୀ ମୂଳ ଅସଲ କର୍ମୀ ଭାବେ ସ୍ୱତନ୍ତ୍ର କଂଗ୍ରେସ ଦଳ ଘୋଷିତ ହେବାପରେ ୟୁନିୟନ୍ କର୍ମୀମାନେ ଉଗ୍ର ହୋଇଉଠିଲେ । ଜୁଲାଇ ମାସରେ ୟୁନିୟନ୍ କର୍ମୀମାନଙ୍କୁ ନେଇ ଏକ ବିରାଟ ସଭାର ଆୟୋଜନ ପାଇଁ କର୍ମୀମାନେ ତତ୍ପର ହୋଇପଡ଼ିଲେ । ଓଡ଼ିଶା ସରକାର ୟୁନିୟନ୍ କର୍ମୀମାନଙ୍କୁ ଗିରଫ କରିବାକୁ ନିର୍ଦ୍ଦେଶ ଦେଲେ । ଜୁନ୍ ମାସ ୧୦ ତାରିଖରେ ପ୍ରଥମ ଦଫାରେ ଯୁବସଂଗ୍ରାମୀ ବଂଶୀଧର ପ୍ରଧାନ ଓ ଆନନ୍ଦପୁର ସାଇଁକୂଳର ଉପେନ୍ଦ୍ର ଜେନା ଗିରଫ ହେଲେ । ରାଜବଲ୍ଲଭ ମିଶ୍ର, ଭୀମସେନ ରାଉତ, ରଜିଆର କରୁଣାକର ଗିରି, ନହବେଡ଼ାର ଗୌରଭଞ୍ଜ ପ୍ରମୁଖ ଅନେକ ସଂଗ୍ରାମୀ ଗିରଫଦାରୀକୁ ଏଡ଼ାଇବା ପାଇଁ ଚାଇଁବସା ଚାଲିଗଲେ । ସେଠାରେ ଆନ୍ଦୋଳନକୁ ତୀବ୍ର କରିବାକୁ ନିଷ୍ପତ୍ତି ନେଇ କେନ୍ଦୁଝର ପ୍ରତ୍ୟାବର୍ତ୍ତନ କଲେ । କେନ୍ଦୁଝରରେ ୧୪୪ ଧାରା ଜାରି ହେଲା । ଜୁଲାଇ ମାସ ୧ ତାରିଖରେ ଅନେକ କର୍ମୀ ଗିରଫ ହେଲେ । ଏହି ଗିରଫ ବ୍ୟକ୍ତିମାନଙ୍କ ମଧ୍ୟରେ ଥିଲେ ଉପରବର୍ଣ୍ଣିତ ସଂଗ୍ରାମୀମାନଙ୍କ ସହିତ ଅର୍ଦ୍ଧ ସହସ୍ରାଧିକ କର୍ମୀ । ପୋଲିସ ଏମାନଙ୍କୁ ଗିରଫ କରି ସେହିଦିନ ସନ୍ଧ୍ୟାବେଳକୁ ଖଲାସ କରିଦେଲା । ସଂଗ୍ରାମୀମାନେ ଉଲ୍ଲସିତ ହୋଇଉଠିଲେ । ଏହି ଗିରଫଦାରୀ ଓ ମୁକ୍ତି ପରେ ସେମାନେ ଅଧିକ ଉତ୍ସାହିତ ହୋଇ ଜୁଲାଇ ମାସ ୧୫ ତାରିଖରେ ଜିଲ୍ଲାବ୍ୟାପୀ ହରତାଳ ପାଳନ କଲେ । ଏଥିପୂର୍ବରୁ ଗଡ଼ଜାତସମୂହର ନେତୃବୃନ୍ଦଙ୍କ ସହିତ ଓଡ଼ିଶା ସରକାରଙ୍କ ତରଫରୁ ପ୍ରତିନିଧିଭାବେ ବିଶ୍ୱନାଥ ଦାଶ ଓ ପବିତ୍ର ମୋହନ ପ୍ରଧାନଙ୍କ ସହିତ ଏ ସମ୍ପର୍କରେ ଆଲୋଚନା ପାଇଁ କଲିକତାରେ ସ୍ଥାନ ନିରୂପିତ ହେଲା । ଜୁଲାଇ ମାସ ୧୬, ୧୭ ଓ ୧୮ ତାରିଖ ତିନିଦିନ ଧରି ଏ ଆଲୋଚନା ଚାଲୁରହିଲା । ୟୁନିୟନ୍ କର୍ମୀ ଓ ଓଡ଼ିଶା ସରକାରଙ୍କର ପ୍ରତିନିଧି ନିଜ ନିଜ ଜିଦ୍‌ରେ ଅଟଳ ରହିବାରୁ ଆଲୋଚନା ବିଫଳ ହେଲା । ଏକତ୍ର ଏହି କଲିକତା ଅଧିବେଶନରେ ଭାଗ ନେବାପାଇଁ କେନ୍ଦୁଝରରୁ ପ୍ରତିନିଧିଭାବେ ରାଜବଲ୍ଲଭ ମିଶ୍ର, ବଂଶୀଧର ପ୍ରଧାନ ଓ ନାରାୟଣ ଚକ୍ର ଯାଇଥିଲେ ।

Digitized by PPRACHIN, SOA

କଲିକତା ଅଧିବେଶନ ବିଫଳ ହେବାରୁ ଓଡ଼ିଶା ସରକାର କଠୋର ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉଚିତ ମନେକଲେ । ଅଗଷ୍ଟ ୮ ତାରିଖରେ ବ୍ୟାପକ ଗିରଫଦାରୀ ହେଲା । ଗିରଫଦାରୀ ଓ ଜେଲ ଭର୍ତ୍ତି ଆନ୍ଦୋଳନ ତୀବ୍ର ହେଲା । ଗିରଫ ଭୟରେ ଏତେବେଳକୁ ବହୁକର୍ମୀ ଚାଇଁବସା ଚାଲିଯାଇଥିଲେ । ସେମାନଙ୍କ ମଧ୍ୟରେ ଥିଲେ ନହବେଡ଼ାର ଗୌରଭଞ୍ଜ, ରଜିଆର କରୁଣାକର ଗିରି, ବାରଟୁଣିଆର ଜଗନ୍ନାଥ ମହାନ୍ତ, ସାହାରପଡ଼ାର ଚନ୍ଦ୍ରଭାନୁ ମହାନ୍ତ, ଚମ୍ପୁଆର ସୁର ମିଶ୍ର, ଗଦାଧରପୁରର କାଳିନ୍ଦୀ ବେହେରା, ତରାର ଭୀମସେନ ରାଉତ, ବଡ଼ ନୂଆଗାଁର ଲକ୍ଷ୍ମୀଧର ବିଦ୍ୟାଧର, ମସିଣାଯୋଡ଼ିର ଚନ୍ଦ୍ରଶେଖର ମହାନ୍ତ, ଉଦୟପୁରର ସନାତନ ମହାନ୍ତ, ବଡ଼ବିଲର ଶଶୀ ମହାନ୍ତ ପ୍ରମୁଖ । ଚାଇଁବସାରେ ଥିବା କାଳରେ ଅଗଷ୍ଟ ମାସ ୧୨ ତାରିଖରେ ବିହାର ପୋଲିସ ଗିରଫ କରିବାରୁ ଏମାନଙ୍କୁ ଚାଇଁବସା କୋର୍ଟରେ ହାଜର କରାଇଲା । କୋର୍ଟ ଆଦେଶ ଅନୁସାରେ ଚାଇଁବସା ଜେଲକୁ ପଠାଇ ଦିଆଗଲା । ଅଗଷ୍ଟ ମାସ ୧୬ ତାରିଖ ଦିନ ଓଡ଼ିଶା ପୋଲିସ ସେଠାରୁ ଆଣି କେନ୍ଦୁଝର ହାଜତରେ ରଖିଲେ । ଆନନ୍ଦପୁରଠାରୁ ଚମ୍ପୁଆ ପର୍ଯ୍ୟନ୍ତ ଏହି ଗିରଫଦାରୀରେ ୯୦୦ରୁ ଊର୍ଦ୍ଧ୍ୱ କର୍ମୀ ଗିରଫ ହୋଇ ୨୦/୨୫ ଦିନ ପରେ ଖଲାସ ହୋଇଥିଲେ ।

ଏହି ଗିରଫଦାରୀ ପରେ ଅନେକ କାରଣରୁ ୟୁନିୟନ୍ ଆନ୍ଦୋଳନ ଭଣ୍ଡୁର ହୋଇଯାଇଥିଲା । ମୋଟାମୋଟି ୧୯୪୮ ମସିହା ଅଗଷ୍ଟ ମାସ ୧୫ ତାରିଖ ଅର୍ଥାତ୍ ପ୍ରଥମ ସ୍ୱାଧୀନତା ଦିବସ ପାଳନ ବେଳକୁ ଏହି ଆନ୍ଦୋଳନ ଆକସ୍ମିକ ଭାବରେ ବିଲୀନ ହୋଇଯାଇଥିଲା । କେନ୍ଦୁଝର ସହରରେ ପ୍ରଥମ ସ୍ୱାଧୀନତା ଦିବସ ମହାସମାରୋହରେ ପାଳିତ ହେଲା । ଓଡ଼ିଶାର ତତ୍କାଳୀନ ଆଦିବାସୀ ଓ ଗ୍ରାମମଙ୍ଗଳ ବିଭାଗ ମନ୍ତ୍ରୀ ଶ୍ରୀଯୁକ୍ତ ଲାଲ ରଣଜିତ ସିଂ ବରିହା ପୁରୁଣା ସହରସ୍ଥ ମାଧ୍ୟମିକ ପ୍ରଶିକ୍ଷଣ ବିଦ୍ୟାଳୟ ପ୍ରାଙ୍ଗଣରେ ତ୍ରିରଙ୍ଗା ପତାକା ଉତ୍ତୋଳନ କରି ଅଭିବାଦନ ଗ୍ରହଣ କରିଥିଲେ । ତାଙ୍କ ସଂକ୍ଷିପ୍ତ ଭାଷଣରେ ସ୍ୱାଧୀନ ଭାରତର ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ଦେଶବାସୀଙ୍କର ଏକତା କାମନା କରିଥିଲେ । ଅପରାହ୍ନ ୪ ଘଟିକାରେ ଏକହଜାରରୁ ଊର୍ଦ୍ଧ୍ୱ ଗରିବଙ୍କୁ ଅନ୍ନଭୋଜନରେ ଆପ୍ୟାୟିତ କରାଯାଇଥିଲା । ସନ୍ଧ୍ୟାରେ ଏହି ପ୍ରଶିକ୍ଷଣି ହତାରେ ଏକ ସାଧାରଣ ସଭାରେ ମନ୍ତ୍ରୀ ପୌରୋହିତ୍ୟ କରି ସଂକ୍ଷିପ୍ତ ଉଦ୍‌ବୋଧନ ଦେଇଥିଲେ ।

Digitized by PPRACHIN, SOA

ଓଡ଼ିଶା ସରକାର ୟୁନିୟନ୍ ଆନ୍ଦୋଳନକୁ ନିଷେଧ କରିଦେଲେ । ଏହି ଆନ୍ଦୋଳନର ନେତୃତ୍ୱ ନେଇଥିବା ରାଜାମାନେ ଏକ ନୂତନ ରାଜନୈତିକ ଦଳ ଗଠନ କଲେ । ବଲାଙ୍ଗିର ମହାରାଜା ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ନେତୃତ୍ୱରେ ଗଠିତ ଏହି ରାଜନୈତିକ ଦଳର ନାମ ଥିଲା, 'କୋଶଳ ଉତ୍କଳ ପ୍ରଜା ପରିଷଦ' । ତା ୧୬/୧୨/୧୯୪୮ ରିଖ ଶ୍ରୀଯୁକ୍ତ ରାଜେନ୍ଦ୍ର ନାରାୟଣ ସିଂହଦେଓ, କଳାହାଣ୍ଡି ମହାରାଜା ପ୍ରତାପ କିଶୋର ଦେଓ, ମହତାବଙ୍କ ଦ୍ୱାରା ଉତ୍ପୀଡ଼ିତ ହୋଇ କଂଗ୍ରେସ ଛାଡ଼ିଥିବା ପଣ୍ଡିତ ନୀଳକଣ୍ଠ ଦାଶ, ଗୋଦାବରୀଶ ମିଶ୍ର, ଯଦୁମଣି ମଙ୍ଗରାଜ ପ୍ରମୁଖ କେନ୍ଦୁଝର ଆସି ଟାଉନ୍ ହଲ୍‌ରେ ଏକ ବିରାଟ ସଭାରେ ଉଦ୍‌ବୋଧନ ଦେଇଥିଲେ । କେନ୍ଦୁଝରର ରାଜବଲ୍ଲଭ ମିଶ୍ର ଓ ନାରାୟଣ ଚକ୍ର ପ୍ରମୁଖ ଏହି ସଭାର ଆୟୋଯୋକ ଥିଲେ । ଦୁର୍ଭାଗ୍ୟର କଥା, ସଭା ଆରମ୍ଭର ଅଳ୍ପ ସମୟ ପରେ ଭୟଙ୍କର ଗଣ୍ଡଗୋଳ ହେଲା । ପୋଲିସ ବାଧହୋଇ ୧୪୪ ଧାରା ଜାରି କଲେ । ମଞ୍ଚ ଶୂନ୍‌ଶାନ୍ ହୋଇଗଲା । ଅପରାହ୍ନରେ ସେହି ମଞ୍ଚରେ କଂଗ୍ରେସ କର୍ମୀମାନେ ମହାଆନନ୍ଦରେ ଏକ ସାଧାରଣ ସଭା କରି ୟୁନିଅନ୍ ଆନ୍ଦୋଳନରେ ବିଫଳ ହୋଇ, କୋଶଳ ଉତ୍କଳ ପ୍ରଜାପରିଷଦ ଗଠନ କରିଥିବା ରାଜା ଓ ତାଙ୍କ ଅନୁଗତମାନଙ୍କୁ ତୀବ୍ର ଭର୍ତ୍ସନା କରିଥିଲେ ।

ସନ ୧୯୪୬ ମସିହା ଠାରୁ ୧୯୪୭ମସିହା ଅଗଷ୍ଟ ମାସ ମଧ୍ୟରେ କଂଗ୍ରେସର କମିଟିର ସଭାପତି ବଂଶୀଧର ପ୍ରଧାନଙ୍କ ନେତୃତ୍ୱରେ କେନ୍ଦୁଝରର ଅନ୍ଧାରୀ ମୂଳକ ମଧ୍ୟରେ କଂଗ୍ରେସ ସଂଗଠନ ପ୍ରବେଶ କରିଥିଲା । ଅବଶ୍ୟ ସେତେବେଳେ ଏହି ସୁଦୃଢ଼ ସଂଗଠନର ନାମ ଥିଲା ପ୍ରଜାମଣ୍ଡଳ । ଏଥିରେ ସଭ୍ୟ ହେବାପାଇଁ ଯେଉଁ ଚାରିଅଣିଆଁ ରସିଦ୍ ଛପା ହୋଇଥିଲା, ସେଥିରେ ସଭ୍ୟମାନଙ୍କ ପାଇଁ ସ୍ୱୀକାରୋକ୍ତି ଏହିଭଳି ଥିଲା– "ମୁଁ ଜଣେ କେନ୍ଦୁଝରର ସାବାଳକ ପ୍ରଜା । ପ୍ରଜା ହିସାବରେ ପ୍ରଜାମଣ୍ଡଳରେ ମୋର ସ୍ଥାନ ଥିବାରୁ କେନ୍ଦୁଝର ପ୍ରଜାମଣ୍ଡଳରେ ସହଯୋଗ କରିବାକୁ ମୁଁ ସ୍ୱଇଚ୍ଛାରେ ସଭ୍ୟଶ୍ରେଣୀଭୁକ୍ତ ହେଲି । ମୁଁ ପ୍ରଜାମଣ୍ଡଳର ସମସ୍ତ ନିୟମ ମାନି ଚଳିବି ।" ସବୁଠାରୁ ଆଶ୍ଚର୍ଯ୍ୟର କଥା, ଏହି ସଭ୍ୟମାନଙ୍କ ମଧ୍ୟରେ ଥିଲେ କାଳିଆହତା ଦଣ୍ଡପାଟର ହାଡ଼ିବନ୍ଧୁ ମୁଣ୍ଡା (ଟେଙ୍କୁଲେଇ) ପୁରୁଯୋଡ଼ାର ବାଉରୀବନ୍ଧୁ ମହାନ୍ତ, କଳାକର ନାଏକ, ଭିକାରୀ ଚରଣ ନାଏକ, କଳାକର ପାତ୍ର, ନରହରି ପାତ୍ର, ଗୋବିନ୍ଦ ପାତ୍ର (ବଲିଆଣିପଶି), ସାନ୍ତୁଣୁ ମାଝୀ (କାଟିଣିପଶି), ବିରିପାଳର ଦୟାନିଧି ନାଏକ, ଅର୍ଜ୍ଜୁନ

Digitized by PPRACHIN, SOA

ନାଏକ, ମାୟାଧର ମହାପାତ୍ର, ଦୀନବନ୍ଧୁ ନାଏକ, ବୈରାଗୀ ନାଏକ, ଅଜେୟପୁରର ଚମ୍ପେଇ ମାଝୀ, ଗାନେ ମାଝି, କାଟିଣିପଶିର ପିନାସ ମୁଣ୍ଡା, ଦରଶନା ମୁଣ୍ଡା, ରାମଚନ୍ଦ୍ର ମାଝି, ରେକୁଟିର ଦିବଧନ ଦେହୁରୀ, ଗଳଦାର ଜୁଗ୍ନେ ମୁଣ୍ଡା, ଲକ୍ଷ୍ମୀନାରାୟଣପୁରର ସାଙ୍ଗର ମୁଣ୍ଡ, କାଟେଣିପଶିର ଧୁବେଇ ଦେହୁରୀ, ଖଣ୍ଡବନ୍ଧର ଭାବଦେହୁରୀ, ନୂଆଗାଁର ଲକ୍ଷ୍ମୀଧର ମହାନ୍ତ, ରଇଦୁ ମହାନ୍ତ, ନବୀନ ଚନ୍ଦ୍ର ମହାନ୍ତ, ରଥୁ ମହାନ୍ତ, ଝାଟିକିପଶିର ଜଗନ୍ନାଥ ମହାନ୍ତ, ଗୁରୁଚରଣ ମହାନ୍ତ, ଚେମୁଟୁ ମହାନ୍ତ, ବାଂଶପାଣି ବ୍ଲକ୍ ଗୋପପୁରର ପରମାନନ୍ଦ ଦାସ, ପଣ୍ଡାପଡ଼ାର କୈଳାସ ଚନ୍ଦ୍ର ରଣା ପ୍ରମୁଖ । ଏମାନଙ୍କୁ କାଳିଆହତାର ସଂଗ୍ରାମୀ ଚକ୍ରଧର ଦାସ ସାମନ୍ତ ସଂଗ୍ରାହକ ଭାବେ ସଭାଶ୍ରେଣୀଭୁକ୍ତ କରାଇଥିଲେ । ଆନନ୍ଦପୁର ଅଞ୍ଚଳରେ ଓରାଳିର କୀର୍ତ୍ତନ ବିହାରୀ ମହାନ୍ତି ଓ ନାରାୟଣ ଚକ୍ର ଶତାଧିକ ସଭ୍ୟ ସଂଗ୍ରହ କରିଥିଲେ । ଚମ୍ପୁଆ ଅଞ୍ଚଳରେ ବଂଶୀଧର ପ୍ରଧାନ ଓ ରାଜବଲ୍ଲଭ ମିଶ୍ର ଶତାଧିକ ସଭ୍ୟ ସଂଗ୍ରହ କରିଥିଲେ । ଘଟଗାଁ ଅଞ୍ଚଳରେ ଭୀମସେନ ରାଉତ ଓ ତାଙ୍କ ଅଗ୍ରଦୂତ ରଙ୍ଗାଧର ବେହେରା ଓ ଅନ୍ତରଙ୍ଗ କାଳିନ୍ଦୀ ଚରଣ ବେହେରା (ଗଦାଧରପୁର) ମଧ୍ୟ ୨୫ଜଣ ସଭ୍ୟଶ୍ରେଣୀଭୁକ୍ତ କରାଇଥିଲେ । ସଭାପତି ବଂଶୀଧର ପ୍ରଧାନଙ୍କ ସ୍ୱାକ୍ଷରରେ ସଭ୍ୟ ରସିଦ୍ ଦିଆଯାଇଥିଲା ।

ସ୍ୱାଧୀନତା ପରବର୍ତ୍ତୀ କଂଗ୍ରେସ ସଂଗଠନ :

କିନ୍ତୁ ପ୍ରଜାମଣ୍ଡଳର ସଂଗଠନ ୧୯୪୭ ମସିହା ସେପ୍ଟେମ୍ବର ମାସ ବେଳକୁ ଭିନ୍ନ ମୋଡ଼ ନେଲା । ବଂଶୀବାବୁ ପ୍ରମୁଖ ଦଳରୁ ବହିଷ୍କୃତ ହେଲେ । କେନ୍ଦୁଝର ସହରର କର୍ମୀମାନେ ବଂଶୀଧର ପ୍ରଧାନ, ରାଜବଲ୍ଲଭ ମିଶ୍ର, ନାରାୟଣ ଚନ୍ଦ୍ର ଓଗେରଙ୍କୁ ଦଳରୁ ବହିଷ୍କାର କରି ଜଗବନ୍ଧୁ ଚକ୍ରବର୍ତ୍ତୀଙ୍କ ନେତୃତ୍ୱରେ ନିଜକୁ ଅସଲ ପ୍ରଜାମଣ୍ଡଳ କର୍ମୀ ଭାବେ ଦାବୀ କଲେ । ଏହି ଗୋଷ୍ଠୀ ତତ୍କାଳୀନ ଓଡ଼ିଶାର କଂଗ୍ରେସ ସଂଗଠନ ସହିତ ସାମିଲ ହେଲେ ମଧ୍ୟ ତା ୨୦/୦୬/୪୮ ରିଖ ଦିନ ଏହି ସଂଗଠନ କେନ୍ଦୁଝର କଂଗ୍ରେସ କମିଟି ଭାବେ ନାମିତ ହେଲା । କଂଗ୍ରେସ ସଂଗଠନରେ ସାମିଲ ହୋଇଥିବା ଯୁବକର୍ମୀ କାଙ୍ଗାଳି ଚରଣ ପଣ୍ଡା ଓ ରତ୍ନାକର ବ୍ରହ୍ମଙ୍କ ନେତୃତ୍ୱରେ ତା ୨/୧୨/୫୭ରିଖରେ ରତ୍ନାକର ବ୍ରହ୍ମଙ୍କ ଘରେ ଏକ ଅନାଥାଶ୍ରମ ଖୋଲାଗଲା । ତା୨୬/୧/୪୮ ରିଖରେ ଓଡ଼ିଶା କଂଗ୍ରେସରୁ ଗୋପବନ୍ଧୁ ଚୌଧୁରୀ ଓ ଆଚାର୍ଯ୍ୟ ହରିହର ଅନାଥାଶ୍ରମକୁ ଆସି ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ତା୨୨/୩/୪୮ ରିଖରେ

Digitized by PPRACHIN, SOA

ତତ୍କାଳୀନ ପ୍ରଶାସକ ମୂଷା ହେବା ଖାଁଙ୍କ ସଭାପତିତ୍ୱରେ ୩୬ ସଭା କରାଇ 'ସମାନ ପଞ୍ଚାୟତ' ଗଠନ କରାଗଲା । ଏହାଦ୍ୱାରା ଜାତିଶ୍ରେଷ୍ଠ 'ବ୍ରହ୍ମ' ଏକଚାଟିଆ ଆଧିପତ୍ୟକୁ ଅସ୍ୱୀକାର କରାଗଲା । ଏହି ସଭାରେ କେନ୍ଦୁଝରର ହରିଜନମାନେ ମନ୍ଦିର ପ୍ରବେଶ କରିବାକୁ ନିଷ୍ପତ୍ତି ନିଆଗଲା । ଫଳରେ ତା ୨୫/୩/୪୮ ରିଖ ପବିତ୍ର ଦୋଳପୂର୍ଣ୍ଣମୀ ଦିନ ରାଙ୍ଗ ମୌଜାର ହରିଜନ କୀର୍ତ୍ତନିଆ ଦଳ କୀର୍ତ୍ତନ ପଟୁଆର ଧରି ଗୁଣ୍ଡିଚା ସାହି ନିକଟରେ ପହଞ୍ଚିଲେ । ସେଠାରୁ ବୋଦାପଳସାର ହରିଜନ ନେତା ଉଦୟନାଥ ପାତ୍ରଙ୍କୁ କାନ୍ଧରେ ବୋହି କେନ୍ଦୁଝରର ଶ୍ରୀଶ୍ରୀ ବଳଦେବଜୀଉଙ୍କ ମନ୍ଦିରରେ ହରିଜନମାନେ ପ୍ରଥମ କରି ପ୍ରବେଶ କଲେ । ଏଥିପାଇଁ ଉଚ୍ଚବର୍ଗଙ୍କ ଭୟରେ କଂଗ୍ରେସ କର୍ମୀମାନେ ପୋଲିସର ସାହାଯ୍ୟ ନେଇଥିଲେ । ତା୨୮/୩/୪୮ରେ ଆଦିବାସୀ ମଣ୍ଡଳ ଗଠନ କରାଗଲା । ତା ୩୦/୪/୪୮ରେ ଓଡ଼ିଶାର କଂଗ୍ରେସ ନେତା ପ୍ରାଣକୃଷ୍ଣ ପଡ଼ିଆରୀଙ୍କ ସଭାପତିତ୍ୱରେ ଆଦିବାସୀ ଓ ହରିଜନ ସଭା କରାଗଲା । ଆଦିବାସୀ ଓ ହରିଜନ ବସ୍ତିମାନଙ୍କରେ 'ଚରଖା ସଂଘ' ଗଠନ କରି ଚରଖା ତୁଳା ଓ ସୂତାକଟା ଶିକ୍ଷା ପାଇଁ ଶିକ୍ଷକ ନିଯୁକ୍ତ ହେଲେ । ଏଥିସହିତ ପ୍ରୌଢ଼ଶିକ୍ଷା ପାଇଁ କେତେକ ନୈଶ୍ୟ ବିଦ୍ୟାଳୟ ମଧ୍ୟ ସ୍ଥାପନ କରାଗଲା । ଏହାପରେ ବିଧିବଦ୍ଧଭାବେ ଏହି ପ୍ରଜାମଣ୍ଡଳ ସଂଗଠନକୁ ତା ୨୧/୬/୪୮ ରିଖରେ 'କଂଗ୍ରେସ କମିଟି' ନାମରେ ନାମିତ କରାଗଲା । ଇତିମଧ୍ୟରେ (୧୯୪୮) ଓଡ଼ିଶା ସରକାରଙ୍କର ଏକ 'ପ୍ରଚାର ବିଭାଗ' ଖୋଲାଯାଇଥିଲା । କଂଗ୍ରେସ ସଂଗଠନ ଏହି ପ୍ରଚାର ବିଭାଗ ସହିତ ମିଶି 'କୃଷି ସମିତି' ଗଠନ କରି କୃଷକମାନଙ୍କୁ ଉତ୍ସାହିତ କଲେ । ଏହାପରେ ମଧ୍ୟ କଂଗ୍ରେସ ସଂଗଠନ ଅଳ୍ପକାଳ ମଧ୍ୟରେ ଜନସମର୍ଥନ ହରାଇଲା । ସଂଗ୍ରାମୀ କାଙ୍ଗାଳି ଚରଣ ପଣ୍ଡାଙ୍କ ହସ୍ତଲିଖିତ ବିବରଣୀରେ ଉଲ୍ଲେଖ ଅଛି– "୧୯୪୭ ପରେ କଂଗ୍ରେସ କର୍ମୀ ସଂଖ୍ୟା ଅଧିକ ହେଲେ । ପୂର୍ବରୁ ରାଜ୍ୟ ସରକାରଙ୍କଠାରୁ ବିତାଡ଼ିତ ବ୍ୟକ୍ତି କଂଗ୍ରେସ କମିଟିକୁ ବ୍ୟକ୍ତିଗତ ଅନୁଷ୍ଠାନ ସୃଷ୍ଟି କରିବା ଫଳରେ କ୍ରମେ ପୂର୍ବରୁ ଗଠିତ ହୋଇଥିବା ଚରଖା ସଂଘ, ନୈଶ୍ୟ ବିଦ୍ୟାଳୟ, ଯୁବକ ସଂଘ, ହରିଜନ-ଆଦିବାସୀ ସଂଘ, ଅନାଥାଶ୍ରମ ପ୍ରଭୃତି ବିଭିନ୍ନ ଅନୁଷ୍ଠାନଗୁଡ଼ିକ କ୍ରମେ ଅଚଳ ଅବସ୍ଥାକୁ ଆସିଲା, ଫଳରେ ଭାଙ୍ଗିଗଲା । ସୋସିଆଲିଷ୍ଟ ପାର୍ଟି ମୁଣ୍ଡ ଟେକିବାକୁ ଆରମ୍ଭ କଲା ।" ସନ ୧୯୪୯ ମସିହାରେ ଜାତୀୟକବି ରତ୍ନାକର ବ୍ରହ୍ମ (ବଡ଼ଚାଟ) ଙ୍କ ପ୍ରଜାବାଣୀ ପୁସ୍ତକରେ ଏହି କଂଗ୍ରେସ ନେତାଙ୍କ ସମ୍ପର୍କରେ କଟୁଡିକ୍ତ ମନ୍ତବ୍ୟ ବର୍ଣ୍ଣିତ ହୋଇଛି ।

Digitized by PPRACHIN, SOA

ସନ ୧୯୪୯ ବେଳକୁ କଂଗ୍ରେସ ଦଳ ମଧ୍ୟରେ ଅନ୍ତର୍ଦ୍ୱନ୍ଦ୍ୱ ସୃଷ୍ଟି ହେଲା । ନୂତନ ଭାବେ ପ୍ରବେଶ କରିଥିବା କିଛି କର୍ମୀ ସଂଗଠନକୁ କବ୍ଜା କରିବାକୁ ଉଦ୍ୟମ କଲେ । ଓଡ଼ିଶା କଂଗ୍ରେସ ଟ୍ରିବ୍ୟୁନାଲ୍ ଓ ଅଖିଳ ଭାରତ କଂଗ୍ରେସ କମିଟି ପର୍ଯ୍ୟନ୍ତ କଥା ଗଲା । ଅଖିଳ ଭାରତ କଂଗ୍ରେସ କମିଟିର ସୁପାରିଶକ୍ରମେ ତତ୍କାଳୀନ ଓଡ଼ିଶା କଂଗ୍ରେସର ସଭାପତି ବିଶ୍ୱନାଥ ଦାଶ ତା.୧୩/୧୦/୪୯ ରିଖରେ କେନ୍ଦୁଝର କଂଗ୍ରେସ ସଂଗଠନକୁ ଦୁଇଭାଗରେ ବିଭକ୍ତ କରିଦେଇ ଦୁଇଜଣ ସମ୍ପାଦକ ନିଯୁକ୍ତ କଲେ । ଆନନ୍ଦପୁର ଖଣ୍ଡରେ କୀର୍ତ୍ତନ ବିହାରୀ ମହାନ୍ତି ଓ କେନ୍ଦୁଝର ଖଣ୍ଡରେ ବଂଶୀଧର ପଟ୍ଟନାୟକଙ୍କୁ ସଂପାଦକ ଭାବେ ନିଯୁକ୍ତ କରି ପ୍ରାଥମିକ ସଭ୍ୟ ସଂଗ୍ରହ କରିବାକୁ ନିର୍ଦ୍ଦେଶ ଆସିଲା । ଏଥିରେ କଥା ଥିଲା ଯେ, ଉଭୟ ସଂପାଦକଙ୍କ ଦାୟିତ୍ୱରେ ପ୍ରାଥମିକ ସଦସ୍ୟ ସଂଗୃହୀତ ହେବେ । ଯାହାଙ୍କର ସଭ୍ୟ ସଂଗ୍ରହ ଅଧିକ ହେବ, ସେ ହିଁ ସଂପାଦକ ହେବେ । ଏହି ସର୍ତ୍ତରେ ସଭ୍ୟ ସଂଗ୍ରହ ଅଭିଯାନ ଚାଲିଲା । ଶେଷକୁ ଦେଖାଗଲା ଯେ, "କୀର୍ତ୍ତନ ବିହାରୀ ମହାନ୍ତିଙ୍କ ସଂଗ୍ରହରେ ସଭ୍ୟ ସଂଖ୍ୟା ବଂଶୀବାବୁଙ୍କ ସଂଗ୍ରହର ଚାରିଗୁଣ ବେଶୀ ।" ସର୍ତ୍ତ ଅନୁସାରେ କୀର୍ତ୍ତନବାବୁ ଜିଲ୍ଲା କଂଗ୍ରେସର ସମ୍ପାଦକ ହେବା କଥା । କିନ୍ତୁ ପ୍ରାଦେଶିକ କଂଗ୍ରେସ କମିଟି ନିଜ ସର୍ତ୍ତକୁ ରଖିଲେ ନାହିଁ । ବଂଶୀବାବୁଙ୍କୁ ସମ୍ପାଦକ ଭାବେ ଘୋଷଣା କରିଦେଲେ । ଏଥିପାଇଁ କେନ୍ଦ୍ରୀୟ କମିଟିକୁ ଅଭିଯୋଗ ପଠାଗଲା । କେନ୍ଦ୍ରୀୟ ନିଖିଳ ଭାରତ କଂଗ୍ରେସ କମିଟି କୀର୍ତ୍ତନ ବିହାରୀ ମହାନ୍ତିଙ୍କୁ ସମ୍ପାଦକ ଭାବେ ସ୍ୱୀକୃତି ଦେଲେ । ଫଳରେ ପ୍ରାଦେଶିକ କଂଗ୍ରେସ କମିଟି କେନ୍ଦୁଝର ସଂଗଠନ ମଧ୍ୟରେ ଥିବା ଅସନ୍ତୋଷକୁ ସମାଧାନ ତ କଲେ ନାହିଁ; ବରଂ ଉଦାସୀନ ରହିବାରୁ ସଂଗଠନ ଦୁର୍ବଳ ହୋଇଗଲା । ପରବର୍ତ୍ତୀ କାଳରେ ତା'ର ପରିଣାମ ମଧ୍ୟ ଭୋଗ କରିବାକୁ ପଡ଼ିଲା । ଫଳତଃ ସନ ୧୯୫୧-୫୨ ସନ ଓ ୧୯୫୭ ନିର୍ବାଚନରେ କଂଗ୍ରେସ କେନ୍ଦୁଝରରେ ଖାତା ଖୋଲିପାରିଲା ନାହିଁ । ବିରୋଧୀ ଗଣପରିଷଦ ଓ ସ୍ୱାଧୀନ ସଭ୍ୟମାନେ ଦୁଇଟିଯାକ ନିର୍ବାଚନରେ କଂଗ୍ରେସ ସଦସ୍ୟମାନଙ୍କୁ ଧରାଶାୟୀ କରିଦେଇ ନିର୍ବାଚନରେ ବିପୁଳ ବିଜୟୀ ହୋଇଥିଲେ ।

କେନ୍ଦୁଝର କଂଗ୍ରେସ ସଂଗଠନରେ ଏଭଳି ଅନ୍ତର୍ଦ୍ୱନ୍ଦ୍ୱ ଲାଗି ରହିଥିବାବେଳେ ତା. ୨୭/୭/୧୯୪୯ ରିଖରେ ଭାରତ ସରକାର ରାଜ୍ୟ ମିଶ୍ରଣ ବିଜ୍ଞପ୍ତି ପ୍ରକାଶ କଲେ । ଏହି ବିଜ୍ଞପ୍ତି ଭାରତର ମାନ୍ୟବର ଗଭର୍ଣ୍ଣର ଜେନେରାଲ୍ ଚକ୍ରବର୍ତ୍ତୀ, ରାଜଗୋପାଳଚାରୀ

Digitized by PPRACHIN, SOA

ଓ ଶାସନ ସଚିବ ମିଃ କେ. ଭି.କେ. ସୁନ୍ଦରମ୍‌ଙ୍କ ସ୍ୱାକ୍ଷରରେ ପ୍ରକାଶ ପାଇଥିଲା । ଏହି ବିଜ୍ଞପ୍ତିର ଉଲ୍ଲେଖ ଅନୁସାରେ କେନ୍ଦୁଝର ରାଜ୍ୟ ଓଡ଼ିଶା ପ୍ରଦେଶର ଏକ ଜିଲ୍ଲା ଭାବେ ସ୍ୱୀକୃତି ପାଇଲା । ଓଡ଼ିଶା ବିଧାନସଭାକୁ ଦୁଇଜଣ ସଦସ୍ୟ ମନୋନୀତ ହୋଇ ପରବର୍ତ୍ତୀ ନିର୍ବାଚନ ପର୍ଯ୍ୟନ୍ତ ସ୍ୱତନ୍ତ୍ର ଆସେମ୍ବ୍ଲିରେ ସଭ୍ୟ ଭାବେ ରହିବାକୁ ନିର୍ଦ୍ଦେଶ ଥିଲା । ଏହି ନିର୍ଦ୍ଦେଶ ଅନୁସାରେ ଓଡ଼ିଶା ସରକାର କେନ୍ଦୁଝରରୁ ଦୁଇଜଣ ବ୍ୟକ୍ତିଙ୍କୁ ମନୋନୀତ କଲେ । ସେହି ଦୁଇଜଣ ବ୍ୟକ୍ତି ହେଲେ– ମାଣିକରାମ ମହାନ୍ତ ଓ ଲକ୍ଷ୍ମୀନାରାୟଣ ଭଞ୍ଜଦେଓ । ଏ ଦୁଇଜଣଙ୍କ ମଧ୍ୟରୁ ଜଣେ ଥିଲେ ସମ୍ପୂର୍ଣ୍ଣ ରାଜାନୁଗତ ଓ ଆଉ ଜଣେ ଥିଲେ ଶେଷରାଜା ବଳଭଦ୍ର ନାରାୟଣ ଭଞ୍ଜଦେଓଙ୍କର ଅନୁଜ-ସହୋଦର । ଦୁର୍ଭାଗ୍ୟର କଥା ଏହା ଯେ, ଏତେବେଳକୁ ଓଡ଼ିଶାରେ କଂଗ୍ରେସ ଦଳ ଶାସନ କ୍ଷମତାରେ ଥାଇ ମଧ୍ୟ ଦଳ ତରଫରୁ କାହାରିକୁ ମନୋନୀତ କରି ଓଡ଼ିଶା ବିଧାନସଭାକୁ ଦେଇପାରି ନ ଥିଲେ । ଫଳରେ କଂଗ୍ରେସ ଦଳରେ ନୈରାଶ୍ୟର ଛାଇ ଖେଳିଗଲା ।

Digitized by PPRACHIN, SOA

ଦେଶର ସାଧାରଣ ନିର୍ବାଚନରେ କେନ୍ଦୁଝର

ସନ ୧୯୫୦ ମସିହା ଜାନୁଆରୀ ୨୬ ତାରିଖ ଦିନ ଠାରୁ ଆମ ଦେଶର ସମ୍ବିଧାନ କାର୍ଯ୍ୟକାରୀ ହେଲା । ଭାରତ 'ସାର୍ବଭୌମ ସମାଜବାଦୀ ଧର୍ମନିରପେକ୍ଷ ଗଣତାନ୍ତ୍ରିକ ସାଧାରଣତନ୍ତ୍ର' ରାଷ୍ଟ୍ର ଭାବେ ସାରାବିଶ୍ୱରେ ପରିଚିତ ହେଲା ।

ଆମ ସମ୍ବିଧାନ ଅନୁସାରେ ୨୧ ବର୍ଷ ଓ ତହିଁରୁ ଉର୍ଦ୍ଧ୍ୱ ବୟସ୍କମାନେ ଭୋଟ ଦେବାର ଅଧିକାର ପାଇଲେ । ଏହା ସାବାଳକମାନେ ଭୋଟଦେଇ ସେମାନଙ୍କ ପ୍ରତିନିଧି ନିର୍ବାଚନ କରିବାର ଅଧିକାର ରହିଲା । କେନ୍ଦ୍ର, ରାଜ୍ୟ ଓ ସ୍ୱାୟତ୍ତଶାସନ (ପଞ୍ଚାୟତ/ ମ୍ୟୁନିସିପାଲିଟି) ସଂସ୍ଥାରେ ପ୍ରଜାପ୍ରତିନିଧିମାନଙ୍କ ଦ୍ୱାରା ସରକାର ଗଠିତ ହେଲା । ଏଥିପାଇଁ କେନ୍ଦ୍ରରେ ଲୋକସଭା, ରାଜ୍ୟରେ ବିଧାନସଭା ଓ ସ୍ଥାନୀୟ ସ୍ତରରେ ଗ୍ରାମପଞ୍ଚାୟତ ପାଇଁ ଯଥାକ୍ରମେ ଲୋକସଭା ସଦସ୍ୟ, ବିଧାନସଭା ସଦସ୍ୟ ଓ ମେମ୍ବରମାନଙ୍କୁ ସାବାଳକମାନେ ନିର୍ବାଚନ କରିବା ବ୍ୟବସ୍ଥା ପ୍ରଚଳିତ ହେଲା । ଓଡ଼ିଶାରେ ଲୋକସଂଖ୍ୟା ଅନୁସାରେ ବିଧାନସଭା ପାଇଁ ୧୪୦ ଓ ଲୋକସଭା ପାଇଁ ୨୦ଟି ଆସନ ପାଇଁ ନିର୍ବାଚନ ହେବାକୁ ସ୍ଥିର ହେଲା ।

ଲୋକସଭା କ୍ଷେତ୍ର ପାଇଁ କେନ୍ଦୁଝର ଓ ଯାଜପୁରକୁ ଗୋଟିଏ କ୍ଷେତ୍ର କରାଯାଇ ଜଣେ ସାଧାରଣ ଓ ଅନ୍ୟ ଜଣେ ସଂରକ୍ଷିତ ହରିଜନବର୍ଗରୁ ନିର୍ବାଚିତ ହେବାକୁ ଧାର୍ଯ୍ୟ ଥିଲା । ବିଧାନସଭା ପାଇଁ ଚମ୍ପୁଆ, କେନ୍ଦୁଝର ଓ ଆନନ୍ଦପୁର– ମୋଟ ତିନିଗୋଟି କ୍ଷେତ୍ରରେ ବିଭକ୍ତ ଥିଲା । ଚମ୍ପୁଆ କ୍ଷେତ୍ରରୁ ଜଣେ ଆଦିବାସୀ, କେନ୍ଦୁଝର କ୍ଷେତ୍ରରୁ ଜଣେ ସାଧାରଣ ବର୍ଗରୁ ଓ ଆଉ ଜଣେ ଆଦିବାସୀ ବର୍ଗରୁ ମୋଟ ଦୁଇଜଣ; ଆନନ୍ଦପୁରରୁ ଜଣେ ସାଧାରଣ ଓ ଜଣେ ହରିଜନବର୍ଗରୁ– ଏଭଳି ମୋଟ ୫ ଜଣଙ୍କୁ ବିଧାୟକ ଭାବେ ନିର୍ବାଚିତ କରିବାକୁ ବ୍ୟବସ୍ଥା ଥିଲା ।

ଓଡ଼ିଶାରେ ସନ ୧୯୫୧ ମସିହା ଡିସେମ୍ବର ମାସ ୨୦ ତାରିଖରୁ ୧୯୫୨ ମସିହା ଜାନୁଆରୀ ୧୫ ତାରିଖ ଯାଏଁ ଉଭୟ ଲୋକସଭା ଓ ବିଧାନସଭା ପାଇଁ ନିର୍ବାଚନ ଅନୁଷ୍ଠିତ ହେଲା । ଏହି ନିର୍ବାଚନରେ ଅନେକ ରାଜନୈତିକ ଦଳ ଭାଗନେଇ ସେମାନଙ୍କ

Digitized by PPRACHIN, SOA

ପ୍ରାର୍ଥୀ ଦେଇଥିଲେ । ମୁଖ୍ୟତଃ କଂଗ୍ରେସ ଓ କଳାହାଣ୍ଡି ମହାରାଜା ପ୍ରତାପ କେଶରୀ ଦେଓଙ୍କ ନେତୃତ୍ୱରେ ଗଠିତ 'ଗଣ ପରିଷଦ' ଦଳ ମଧ୍ୟରେ ଲଢ଼େଇ ହୋଇଥିଲା । ଏହି ଦୁଇ ଦଳ ବ୍ୟତୀତ ନୂତନ ଭାବେ ଗଠିତ ଭାରତୀୟ କମ୍ୟୁନିଷ୍ଟ ପାର୍ଟି, ସୋସାଲିଷ୍ଟ ପାର୍ଟି ଓ ସ୍ୱାଧୀନ ସଦସ୍ୟମାନେ ମଧ୍ୟ ନିର୍ବାଚନରେ ଭାଗ ନେଇଥିଲେ । ଏହି ନିର୍ବାଚନରେ କଂଗ୍ରେସ ଦଳ ମୋଟ ୬୭ଟି ଆସନ ଲାଭ କରି ସରକାର ଗଠନ କରିଥିଲା । ଏହି ଦଳର ନେତା ନବକୃଷ୍ଣ ଚୌଧୁରୀ ୧୯୫୨ ମସିହା ଫେବୃଆରୀ ମାସ ୨୦ ତାରିଖରେ ଓଡ଼ିଶାର ମୁଖ୍ୟମନ୍ତ୍ରୀଭାବେ ଶପଥ ଗ୍ରହଣ କଲେ । ଏହି ନିର୍ବାଚନରେ କେନ୍ଦୁଝରରେ ଲୋକସଭା କ୍ଷେତ୍ରରୁ ଆନନ୍ଦପୁର (ମଦନପୁର)ର ଲକ୍ଷ୍ମୀଧର ଯେନା (ହରିଜନବର୍ଗ) ଗଣପରିଷଦରୁ ପ୍ରାର୍ଥୀ ହୋଇ ନିର୍ବାଚିତ ହୋଇଥିଲେ ।

ଚମ୍ପୁଆ ବିଧାନସଭା କ୍ଷେତ୍ରରୁ ଗଣପରିଷଦ ପ୍ରାର୍ଥୀ ଗୁରୁଚରଣ ନାୟକ, ଯୁଗ୍ମ କ୍ଷେତ୍ର କେନ୍ଦୁଝରରୁ ସ୍ୱାଧୀନ ପ୍ରାର୍ଥୀ ଲକ୍ଷ୍ମୀନାରାୟଣ ଭଞ୍ଜଦେଓ ଓ ଗଣପରିଷଦ ପ୍ରାର୍ଥୀ ଗୋବିନ୍ଦ ମୁଣ୍ଡା, ଯୁଗ୍ମ କ୍ଷେତ୍ର ଆନନ୍ଦପୁରରୁ ସ୍ୱାଧୀନ ପ୍ରାର୍ଥୀ ଜନାର୍ଦ୍ଦନ ଭଞ୍ଜ ଓ ଭାଗିରଥୀ ସେଠୀ ନିର୍ବାଚିତ ହୋଇଥିଲେ । ଏହି ନିର୍ବାଚନରେ କଂଗ୍ରେସ ଶୋଚନୀୟ ଭାବେ ପରାଜିତ ହୋଇଥିଲା ।

ଇତିମଧ୍ୟରେ ୧୯୫୫ ମସିହା ନଭେମ୍ବର ମାସରେ ସୀମା କମିଶନ ରିପୋର୍ଟ ପ୍ରକାଶ ପାଇ ଷଢ଼େଇକଳା ଓ ଖର୍ସୁଆଁ ବିହାରରେ ମିଶିଗଲା । ଫଳରେ ଓଡ଼ିଶାରେ ଭୟଙ୍କର ଆନ୍ଦୋଳନ ହେଲା । ଚାରିଆଡ଼େ କଂଗ୍ରେସ ବିରୋଧରେ ଜନମତ ପ୍ରବଳ ହେବାରୁ ଏହା କେନ୍ଦ୍ରର କଂଗ୍ରେସ ନେତୃବୃନ୍ଦଙ୍କ ଅବିଚାର ବୋଲି ଚିନ୍ତାକରି ନବକୃଷ୍ଣ ଚୌଧୁରୀ ୧୯୫୬ ମସିହା ଅକ୍ଟୋବର ମାସ ୧୯ ତାରିଖରେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଲେ । ଏହିଦିନ ତତ୍କାଳୀନ ବମ୍ବେ ରାଜ୍ୟପାଳ ପଦବୀରୁ ଇସ୍ତଫା ଦେଇ ହରେକୃଷ୍ଣ ମହତାବ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଗ୍ରହଣ କଲେ ।

୧୯୫୭ ମସିହା ଫେବୃଆରୀ ୨୪ ତାରିଖରୁ ମାର୍ଚ୍ଚ ୧୨ ତାରିଖ ମଧ୍ୟରେ ଓଡ଼ିଶାରେ ଦ୍ୱିତୀୟ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେଲା । ଏଥର ଲୋକସଂଖ୍ୟା ଅନୁପାତରେ ଓ ନୂତନ ବ୍ୟବସ୍ଥା ଅନୁସାରେ କେନ୍ଦୁଝରର ଲୋକସଭା କ୍ଷେତ୍ର ସାଧାରଣ ବର୍ଗ ପାଇଁ ରହିଲା । ଚମ୍ପୁଆ, କେନ୍ଦୁଝର ଓ ଆନନ୍ଦପୁର ବିଧାନକ୍ଷେତ୍ରଗୁଡ଼ିକ ଯୁଗ୍ମ ରହିବାରୁ ଏଥର ଛଅଜଣ ବିଧାୟକ ନିର୍ବାଚିତ ହେଲେ । ଚମ୍ପୁଆ ଓ କେନ୍ଦୁଝରରେ

Digitized by PPRACHIN, SOA

ଜଣେ ସାଧାରଣ ବର୍ଗରୁ ଓ ଜଣେ ଆଦିବାସୀ ବର୍ଗରୁ ନିର୍ବାଚିତ ହେବାପାଇଁ ବ୍ୟବସ୍ଥା ରହିଥିଲା; କିନ୍ତୁ ଆନନ୍ଦପୁର କ୍ଷେତ୍ର ପାଇଁ ହରିଜନ ବର୍ଗରୁ ନିର୍ବାଚିତ ହେବାକୁ ବ୍ୟବସ୍ଥା ଥିଲା । ଚମ୍ପୁଆର ରାଜବଲ୍ଲଭ ମିଶ୍ର ଓ ଗୁରୁଚରଣ ନାୟକ, କେନ୍ଦୁଝରରୁ ଜନାର୍ଦ୍ଦନ ଭଞ୍ଜ ଓ କୃଷ୍ଣଚନ୍ଦ୍ର ମହାପାତ୍ର, ଆନନ୍ଦପୁରରୁ ଉପେନ୍ଦ୍ରନାଥ ଜେନା ଓ ବୀରକିଶୋର ଜେନା ନିର୍ବାଚିତ ହୋଇଥିଲେ । କେବଳ ସ୍ୱାଧୀନ ସଦସ୍ୟ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ଛାଡ଼ିଦେଲେ ଅନ୍ୟ ସମସ୍ତ ବିଜୟୀ ପ୍ରାର୍ଥୀ ଗଣପରିଷଦର ସଦସ୍ୟ ଥିଲେ ।

ଏଥର ଡଃ ହରେକୃଷ୍ଣ ମହତାବ ମୁଖ୍ୟମନ୍ତ୍ରୀଭାବେ ତା ୬/୪/୧୯୫୭ ରିଖରେ ଶପଥ ଗ୍ରହଣ କଲେ । କଂଗ୍ରେସର ମୋଟ ୫୬ ଜଣ ବିଧାୟକ ଥିବାରୁ ଚତୁର ମହତାବବାବୁ ୧୦ ଜଣ ସ୍ୱାଧୀନ ବିଧାୟକ, ୫ ଜଣ ଗଣପରିଷଦ ବିଧାୟକ ଓ ୫ ଜଣ ଝାଡ଼ଖଣ୍ଡ ଦଳର ବିଧାୟକଙ୍କ ସମର୍ଥନରେ ମିଳିତ ମନ୍ତ୍ରିମଣ୍ଡଳ ଗଠନ କରିଥିଲେ । ସନ ୧୯୫୯ ମସିହା ବେଳକୁ କଂଗ୍ରେସ ମନ୍ତ୍ରିମଣ୍ଡଳ ଭାଙ୍ଗିଗଲା । ଏଥର କଂଗ୍ରେସ ଦଳ ଓ ଗଣତନ୍ତ୍ର ପରିଷଦ ମିଳିତ ଭାବେ ମନ୍ତ୍ରିମଣ୍ଡଳ ଗଢ଼ିବାକୁ ସ୍ଥିର ହେଲା । ଡଃ ମହତାବ ପୁନଶ୍ଚ ମୁଖ୍ୟମନ୍ତ୍ରୀ ହେଲେ ତା ୨୨/୫/୧୯୫୯ ରେ । କିଛିଦିନ ପରେ ତାଙ୍କ ନୂତନ ମନ୍ତ୍ରିମଣ୍ଡଳ ଗଠନ କଲେ । ଏହି ମିଳିତ ମନ୍ତ୍ରିମଣ୍ଡଳ ତା ୧୪/୬/ ୧୯୫୯ ରିଖରେ ସଂପ୍ରସାରିତ ହେବାରୁ କେନ୍ଦୁଝର ଜିଲ୍ଲାରୁ ଗଣତନ୍ତ୍ର ପରିଷଦ ବିଧାୟକ ରାଜବଲ୍ଲଭ ମିଶ୍ର ଆଦିବାସୀ, ଗ୍ରାମମଙ୍ଗଳ ଶ୍ରମ ବିଭାଗର କ୍ୟାବିନେଟ୍ ପାହ୍ୟା ମନ୍ତ୍ରୀ ହେବାର ଗୌରବ ଅର୍ଜନ କରିଥିଲେ ।

ଇତିମଧ୍ୟରେ କଂଗ୍ରେସ ଦଳର ଯୁବନେତା ବିଜୁ ପଟ୍ଟନାୟକ ଓ ତାଙ୍କ ସାଥୀମାନେ ମନ୍ତ୍ରିମଣ୍ଡଳକୁ ଭାଙ୍ଗିଦେବା ସହିତ କଂଗ୍ରେସ ସଂଗଠନକୁ ନିଜ ହାତକୁ ନେବାପାଇଁ ଉଦ୍ୟମ କଲେ । ଶେଷକୁ ବିଜୁବାବୁ ବଳ ପ୍ରୟୋଗ କରି କଂଗ୍ରେସ ସଂଗଠନର ସଭାପତି ହେଲେ । ସେ ଏଥର ମିଳିତ ମନ୍ତ୍ରିମଣ୍ଡଳକୁ ଭାଙ୍ଗିଦେବାକୁ ଚାହିଁଲେ । ଫଳରେ କଂଗ୍ରେସ ଦଳ ଦୁଇଟି ଗୋଷ୍ଠୀରେ ପରିଣତ ହୋଇଗଲା । ଶେଷକୁ ମହତାବବାବୁ ତା ୨୪/୧/୧୯୬୧ରେ ଇସ୍ତଫା ଦେଲେ । ମନ୍ତ୍ରିମଣ୍ଡଳ ଭାଙ୍ଗିଗଲା । ରାଜ୍ୟରେ ପ୍ରଥମଥର ପାଇଁ ରାଷ୍ଟ୍ରପତି ଶାସନ ଜାରି ହେଲା । ଏହାପରେ ୧୯୬୧ ମସିହା ଜୁନ୍ ମାସରେ ମଧ୍ୟବର୍ତ୍ତୀ ନିର୍ବାଚନ ଅନୁଷ୍ଠିତ ହେଲା । ଏହି ନିର୍ବାଚନ ବେଳକୁ ଯୁଗ୍ମ ନିର୍ବାଚନମଣ୍ଡଳୀଗୁଡ଼ିକୁ ଜଣକିଆ ଆସନ କରାଗଲା । ପ୍ରଥମ କରି ବାଲଟ୍

Digitized by PPRACHIN, SOA

ପେପରରେ ମୋହର ମାରି ପ୍ରାର୍ଥୀ ଚୟନ କରିବାର ପନ୍ଥା ଅନୁସୃତ ହେଲା । ଏହି ନୂତନ ନିୟମ ଅନୁସାରେ ଚମ୍ପୁଆ, କେନ୍ଦୁଝର, ତେଲକୋଇ, ରାମଚନ୍ଦ୍ରପୁର ଓ ଆନନ୍ଦପୁର ନିର୍ବାଚନମଣ୍ଡଳୀ ସୃଷ୍ଟି ହୋଇ କେନ୍ଦୁଝର ଓ ରାମଚନ୍ଦ୍ରପୁର ଆସନଦ୍ୱୟ ସାଧାରଣ ବର୍ଗ ପାଇଁ, ଚମ୍ପୁଆ ଓ ତେଲକୋଇ ଆଦିବାସୀ ବର୍ଗ ପାଇଁ ଓ ଆନନ୍ଦପୁର ହରିଜନ ବର୍ଗ ପାଇଁ ସଂରକ୍ଷିତ ରହିଲା । ଏହି ନିର୍ବାଚନରେ ଚମ୍ପୁଆ, କେନ୍ଦୁଝର ଓ ତେଲକୋଇରୁ ଯଥାକ୍ରମେ ଗଣତନ୍ତ୍ର ପରିଷଦ ପ୍ରାର୍ଥୀ ଗୁରୁଚରଣ ନାୟକ, ଜନାର୍ଦ୍ଦନ ଭଞ୍ଜଦେଓ ଓ ଗୋବିନ୍ଦ ମୁଣ୍ଡା ଏବଂ କଂଗ୍ରେସ ଦଳରୁ ରାମଚନ୍ଦ୍ରପୁରର ମୁରଲିଧର କୁଅଁର ଓ ଆନନ୍ଦପୁରରୁ ମକର ସେଠୀ ନିର୍ବାଚିତ ହେଲେ । ମୁରଲୀମକର କେନ୍ଦୁଝରରେ କଂଗ୍ରେସ ଦଳର ଖାତା ଖୋଲି ରେକର୍ଡ ସୃଷ୍ଟି କଲେ ।

ଓଡ଼ିଶାରେ କଂଗ୍ରେସ ଦଳ ବିଜୁବାବୁଙ୍କ ନେତୃତ୍ୱରେ ୧୪୦ଟି ଆସନ ମଧ୍ୟରୁ ୮୨ଟି ଆସନରେ ବିଜୟୀ ହୋଇ ବିଜୁବାବୁଙ୍କ ମନ୍ତ୍ରିମଣ୍ଡଳ ତା୨୩ । ୬ । ୧୯୬୧ରେ ଗଠିତ ହେଲା । ବିଜୁବାବୁଙ୍କ ମନ୍ତ୍ରିମଣ୍ଡଳରେ କେନ୍ଦୁଝର ଉପେକ୍ଷିତ ହେଲା । ଦୁଇବର୍ଷ ପରେ (୨୭ମାସ) ବିଜୁବାବୁ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଲେ । ଏଥର ତା ୨/୧୦/୧୯୬୩ରେ ବିଜୁଅନୁଗତ ବୀରେନ୍ ମିତ୍ର ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ । ଏଥିରେ ମଧ୍ୟ କେନ୍ଦୁଝରରୁ କେହି ମନ୍ତ୍ରୀ ହୋଇପାରିଲେ ନାହିଁ । ବୀରେନ୍ ମିତ୍ର ମୁଖ୍ୟମନ୍ତ୍ରୀ ହେବା ପରେ କେନ୍ଦୁଝର ପ୍ରଖ୍ୟାତ ଖଣିମାଲିକ ମହମ୍ମଦ ସିରାଜଉଦ୍ଦିନଙ୍କଠାରୁ ଦେଢ଼ଲକ୍ଷ ଟଙ୍କା ଚାନ୍ଦା ଦେଇଥିବା କାରଣରୁ ସମାଲୋଚିତ ହେଲେ । କଂଗ୍ରେସରେ ଫାଟ ସୃଷ୍ଟି ହେଲା । ଦଳରେ ବିଭାଜନ ପ୍ରକ୍ରିୟା ଆରମ୍ଭ ହେଲା । ଏଣେ ରାଜ୍ୟରେ ଦୁଇଦୁଇଟି ଛାତ୍ର ଆନ୍ଦୋଳନ ମଧ୍ୟ ସଂଘଟିତ ହୋଇଗଲା; ବିଜୁ-ବୀରେନ୍ ଯୋଡ଼ି ସମଗ୍ର ରାଜ୍ୟରେ ନିନ୍ଦିତ ହେଲେ । ବାଧ୍ୟ ହୋଇ ତା୨୦/୨/ ୧୯୬୫ରେ ବୀରେନ୍‌ବାବୁ ଇସ୍ତଫା ଦେଲେ । ତହିଁ ଆରଦିନ (ଫେବୃଆରି ୨୧ ତାରିଖ) ସଦାଶିବ ତ୍ରିପାଠୀ ମୁଖ୍ୟମନ୍ତ୍ରୀ ଭାବେ ନିର୍ବାଚିତ ହେଲେ । ଏଥିରେ ମଧ୍ୟ କେନ୍ଦୁଝର ଉପେକ୍ଷିତ ହେଲା– ଯଦିଓ କଂଗ୍ରେସର ଦୁଇଜଣ ବିଧାୟକ ଥିଲେ । ସଦାଶିବ ତ୍ରିପାଠୀଙ୍କ ମନ୍ତ୍ରିମଣ୍ଡଳ ପରବର୍ତ୍ତୀ ନିର୍ବାଚନ ପର୍ଯ୍ୟନ୍ତ ତିଷ୍ଠି ରହିଲା ।

୧୯୬୧ ମସିହା ଓଡ଼ିଶା ରାଜ୍ୟ ବିଧାନସଭା ନିର୍ବାଚନର ଠିକ୍ ବର୍ଷକ ପରେ ୧୯୬୨ରେ ଲୋକସଭା ନିର୍ବାଚନ ଅନୁଷ୍ଠିତ ହେଲା । ଓଡ଼ିଶାର ମୋଟ ୨୦ଟି ଆସନରୁ

Digitized by PPRACHIN, SOA

କଂଗ୍ରେସ ଦଳ ମୋଟ ୧୪ଟି ଆସନରେ ବିଜୟୀ ହୋଇଥିଲା । ଏତେବେଳକୁ ସ୍ୱାଧୀନ ଭାବେ ପ୍ରାର୍ଥୀ ହୋଇ ସନ ୧୯୫୭ ରେ କେନ୍ଦୁଝରକୁ ଛୋଟରାୟ ଲକ୍ଷ୍ମୀନାରାୟଣ ଭଞ୍ଜଦେଓ ଲୋକସଭାର ସଦସ୍ୟ ଥିଲେ । ଏଥର କିନ୍ତୁ କଂଗ୍ରେସ ଦଳରେ ସାମିଲ୍ ହୋଇ ନିର୍ବାଚିତ ହେଲେ ।

ଏହି ବର୍ଷ (୧୯୬୫) କଂଗ୍ରେସ ଦଳ ବିଭାଜିତ ହୋଇଗଲା । ତା ୫/୫/୧୯୬୫ ରେ ଡ. ହରେକୃଷ୍ଣ ମହତାବ କଂଗ୍ରେସ ଛାଡ଼ି ନୂତନ ରାଜନୈତିକ ଦଳ 'ଓଡ଼ିଶା ଜନ କଂଗ୍ରେସ ଦଳ' ଗଠନ କଲେ । ଏତେବେଳକୁ ଓଡ଼ିଶାର ଗଣତନ୍ତ୍ର ପରିଷଦ ଦଳ ରାଜଗୋପାଳଚାରୀଙ୍କ 'ସ୍ୱତନ୍ତ୍ର ପାର୍ଟି' ସହିତ ମିଶିଯାଇଥିଲା । ଓଡ଼ିଶାରେ ଏହାର ନେତୃତ୍ୱ ନେଇଥିଲେ ବଲାଙ୍ଗୀରର ପୂର୍ବତନ ରାଜା ରାଜେନ୍ଦ୍ର ନାରାୟଣ ସିଂହଦେଓ ।

ସଦାଶିବ ତ୍ରିପାଠୀ ମୁଖ୍ୟମନ୍ତ୍ରୀ ଥିବା କାଳରେ କେନ୍ଦୁଝର ବିଧାନସଭା ସଦସ୍ୟ ଜନାର୍ଦ୍ଦନ ଭଞ୍ଜଦେଓଙ୍କର ଅକାଳ ବିୟୋଗ ହେଲା । ଫଳରେ ଏଥିପାଇଁ ୨୯/୬/୧୯୬୫ରେ ନିର୍ବାଚନ ହେଲା । ସ୍ୱତନ୍ତ୍ର ଦଳର ପ୍ରାର୍ଥୀ ଭାବେ କରୁଣାକର ପ୍ରଧାନ ବିଜୟୀ ହେଲେ ।

ଚତୁର୍ଥ ସାଧାରଣ ନିର୍ବାଚନ

ସନ ୧୯୬୭ ମସିହା ଫେବୃଆରୀ ମାସ ୨୧ ତାରିଖରେ ଚତୁର୍ଥ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେଲା । ଏହି ନିର୍ବାଚନରେ ହରେକୃଷ୍ଣ ମହାତାବଙ୍କ ଓଡ଼ିଶା ଜନ କଂଗ୍ରେସ ଦଳ ଓ ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ 'ସ୍ୱତନ୍ତ୍ର' ଦଳର ମେଣ୍ଟ ହେଲା । କଂଗ୍ରେସ ଦଳ ବିଜୁବାବୁଙ୍କ ନେତୃତ୍ୱରେ ନିର୍ବାଚନ ଲଢ଼ିଲା । କଂଗ୍ରେସର ଶୋଚନୀୟ ପରାଜୟ ହେଲା । ମୋଟ ୧୪୦ ଆସନରୁ ୩୧ଟି ଆସନରେ ବିଜୟୀ ହେଲା; କିନ୍ତୁ ସ୍ୱତନ୍ତ୍ର ପାର୍ଟି ୪୯ ଓ ଜନ କଂଗ୍ରେସ ୨୬ ଆସନରେ ବଜୟୀ ହେଲା । ଅର୍ଥାତ୍ ମିଳିତ ଦଳ ମୋଟ ୭୫ଟି ଆସନରେ ବିଜୟୀ ହୋଇ ସରକାର ଗଠନ କଲେ । ରାଜେନ୍ଦ୍ର ନାରାୟଣ ସିଂହଦେଓ ମୁଖ୍ୟମନ୍ତ୍ରୀ ହେଲେ । ଏଥରକୁ ନିର୍ବାଚନରେ ସ୍ୱତନ୍ତ୍ର ଦଳରୁ ଉଠିଥିବା ସମସ୍ତ ପ୍ରାର୍ଥୀ ବିଜୟୀ ହେଲେ । ଚମ୍ପୁଆରୁ କ୍ଷେତ୍ରମୋହନ ନାୟକ, ପାଟଣାରୁ ରାମରାୟ ମୁଣ୍ଡା, କେନ୍ଦୁଝରରୁ ଗୋବିନ୍ଦ ମୁଣ୍ଡା, ତେଲକୋଇରୁ ଭାଗିରଥୀ ମହାପାତ୍ର, ରାମଚନ୍ଦ୍ରପୁରରୁ ରାଜବଲ୍ଲଭ ମିଶ୍ର ଓ କେବଳ ଆନନ୍ଦପୁରରୁ ଜନକଂଗ୍ରେସ ପ୍ରାର୍ଥୀ

Digitized by PPRACHIN, SOA

ଭୁବନାନନ୍ଦ ଜେନା ନିର୍ବାଚିତ ହୋଇଥିଲେ । ତା ୮/୩/୧୯୬୭ ରେ ରାଜେନ୍ଦ୍ର ନାରାୟଣ ସିଂହଦେଓ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କଲେ ଓ ତାଙ୍କ ମନ୍ତ୍ରିମଣ୍ଡଳର ନାମ ଘୋଷଣା କଲେ । ଏଥର ଏହି ମନ୍ତ୍ରିମଣ୍ଡଳରେ କେନ୍ଦୁଝରରୁ ଦୁଇଜଣ ସ୍ଥାନିତ ହୋଇଥିଲେ । କ୍ୟାବିନେଟ୍ ମନ୍ତ୍ରୀ ଭାବେ ରାଜବଲ୍ଲଭ ମିଶ୍ର– କୃଷି, ଶ୍ରମ ନିୟୋଜନ ଓ ଗୃହନିର୍ମାଣ ବିଭାଗ ପାଇଲେ । ଗୋବିନ୍ଦ ମୁଣ୍ଡା କୃଷି, ଶ୍ରମ ଓ ଗୃହନିର୍ମାଣ ବିଭାଗର ଉପମନ୍ତ୍ରୀ ହେଲେ । ଲୋକସଭା କ୍ଷେତ୍ରକୁ ମଧ୍ୟ ସ୍ୱତନ୍ତ୍ରଦଳର ପ୍ରାର୍ଥୀ ଗୁରୁଚରଣ ନାୟକ ନିର୍ବାଚିତ ହେଲେ । କେନ୍ଦୁଝରରେ 'ସ୍ୱତନ୍ତ୍ରଦଳ' ଏକ ସୁଦୃଢ଼ ସଂଗଠନ ନିର୍ମାଣ କରି ସଫଳ ହେଲା ।

ସନ ୧୯୬୯ରେ ଜାତୀୟ ସ୍ତରରେ କଂଗ୍ରେସ ଦୁଇଭାଗ ହୋଇ 'ଇନ୍ଦିରା କଂଗ୍ରେସ' ଓ 'ଜନକଂଗ୍ରେସ' ନାମରେ ଦୁଇଦଳରେ ବିଭକ୍ତ ହେଲା । ସନ ୧୯୭୦ରେ ବିଜୁବାବୁ କଂଗ୍ରେସ ଦଳ ତ୍ୟାଗ କରି 'ଉତ୍କଳ କଂଗ୍ରେସ ଦଳ' ଗଠନ କଲେ । ସନ ୧୯୭୧ରେ ଜାନୁଆରୀ ୫ ତାରିଖରେ ଓଡ଼ିଶାର ମିଳିତ ମନ୍ତ୍ରିମଣ୍ଡଳ ଭାଙ୍ଗିଯିବାରୁ ରାଷ୍ଟ୍ରପତି ଶାସନ ଜାରି ହେଲା । ଏହି ବର୍ଷ ମାର୍ଚ୍ଚମାସ ୫ ତାରିଖରେ ୫ମ ବିଧାନସଭା ଓ ଲୋକସଭା ପାଇଁ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ଅନୁଷ୍ଠିତ ହେଲା ।

ପଞ୍ଚମ ବିଧାନସଭା ଓ ଲୋକସଭା ନିର୍ବାଚନ

ସନ ୧୯୭୧ ମସିହାର ନିର୍ବାଚନ ବହୁ ଘଟଣାବହୁଳ ଥିଲା । ଭାରତୀୟ ରାଜନୀତି ଯେଉଁଳି କଣ୍ଟକିତ, ଓଡ଼ିଶାର ରାଜନୈତିକ ଦୃଶ୍ୟପଟ ତା'ଠାରୁ ଅଧିକ ଜଟିଳ ହୋଇପଡ଼ିଲା । ଏକପକ୍ଷରେ ପ୍ରବୀଣ ରାଜନୈତିକ ଡ. ହରେକୃଷ୍ଣ ମହତାବ ତାଙ୍କ ନିଜ ଦଳ ଜନକଂଗ୍ରେସରୁ ୧୦ ଜଣ ବିଧାୟକଙ୍କୁ ନେଇ କଂଗ୍ରେସରେ ମିଶିଲେ । ତାଙ୍କ ସାଥୀ ପବିତ୍ର ମୋହନ ପ୍ରଧାନ ମୂଳ ଦଳରେ ରହିଲେ । ତେଣେ ବିଜୁବାବୁ କଂଗ୍ରେସ ଛାଡ଼ି ଉତ୍କଳ କଂଗ୍ରେସ ଗଠନ କଲେ । ଜାତୀୟ ସ୍ତରରେ କଂଗ୍ରେସ ଜଗଜ୍ଜୀବନ ରାମ ଓ ନିଜଲିଙ୍ଗପାଙ୍କ ମଧ୍ୟରେ ଦ୍ୱିଧା ବିଭକ୍ତ ହୋଇଗଲା । ସମଗ୍ର ଦେଶର ରାଜନୈତିକ ବ୍ୟକ୍ତିମାନେ ଦଳବଦଳରେ ଲିପ୍ତ ରହିଲେ । ଓଡ଼ିଶା ନିର୍ବାଚନରେ ୧୦ ଦଳିଆ ଲଢ଼େଇ ହେଲା; କିନ୍ତୁ କେନ୍ଦୁଝରରେ ତ୍ରିମୁଖୀ ଲଢ଼େଇ ହେଲା । ଏଥିରେ ସ୍ୱତନ୍ତ୍ର, ଉତ୍କଳ କଂଗ୍ରେସ ଓ କଂଗ୍ରେସ ଦଳ ମଧ୍ୟରେ ଛକାପଞ୍ଝା ଲାଗିଲା । ଶେଷକୁ ଉତ୍କଳ କଂଗ୍ରେସ ଓ କଂଗ୍ରେସ

Digitized by PPRACHIN, SOA

ମଧ୍ୟରେ ସିଧା ଲଢ଼େଇ ହେଲା । ସ୍ୱତନ୍ତ୍ର ଦଳର ଅଭେଦ୍ୟ ଦୁର୍ଗ କେନ୍ଦୁଝରରୁ ଜଣେ ବି ପ୍ରାର୍ଥୀ ଜିତିପାରିଲେ ନାହିଁ । ଏଥର ଉତ୍କଳ କଂଗ୍ରେସ ପ୍ରାର୍ଥୀ ଭାବେ ଚମ୍ପୁଆରୁ ସହରାଇ ଓରାମ, ପାଟଣାରୁ ମହେଶ୍ୱର ମାଝି, କେନ୍ଦୁଝରରୁ ଛୋଟରାୟ ମାଝି, ତେଲକୋଇରୁ ନିଳାଦ୍ରୀ ନାୟକ ନିର୍ବାଚିତ ହେଲେ । ଅପରନ୍ତୁ ଆନନ୍ଦପୁରରୁ ମକର ସେଠୀ ଓ ରାମଚନ୍ଦ୍ରପୁରରୁ ମୁରଲୀଧର କୁଅଁର କଂଗ୍ରେସ ପ୍ରାର୍ଥୀ ଭାବେ ନିର୍ବାର୍ଚନ ଲଢ଼ି ଦ୍ୱିତୀୟଥର ପାଇଁ ବିଧାୟକ ହେବାର ସୌଭାଗ୍ୟ ଅର୍ଜନ କଲେ । ଲୋକସଭା କ୍ଷେତ୍ରରୁ କଂଗ୍ରେସ ପ୍ରାର୍ଥୀ କୁମାର ମାଝି ବିଜୟୀ ହୋଇଥିଲେ । ଏହି ନିର୍ବାଚନରେ ଉତ୍କଳ କଂଗ୍ରେସକୁ ଅଭୂତପୂର୍ବ ସଫଳତା ମିଳିଥିଲା; କିନ୍ତୁ ଏହି ଦଳର ନେତା ବିଜୁବାବୁ ପାଞ୍ଚଟି ନିର୍ବାଚନ ମଣ୍ଡଳୀରେ ପ୍ରାର୍ଥୀ ହୋଇ ସବୁଥିରେ ପରାଜିତ ହେବାର ଗ୍ଲାନି ଲାଭ କଲେ । ଓଡ଼ିଶାରେ କୌଣସି ଦଳ ସଂଖ୍ୟାଗରିଷ୍ଠ ଦଳର ମର୍ଯ୍ୟାଦା ପାଇଲେ ନାହିଁ । ବହୁ ଆଲୋଚନା ପରେ ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ସ୍ୱତନ୍ତ୍ର ଦଳ ଓ ବିଜୁବାବୁଙ୍କ ଉତ୍କଳ କଂଗ୍ରେସ ଦଳର ମିଳିତ ମନ୍ତ୍ରିମଣ୍ଡଳ ଗଠିତ ହେଲା । ବିଶିଷ୍ଟ କଂଗ୍ରେସ ନେତା ୮୦ ବର୍ଷ ବୟସ୍କ ବିଶ୍ୱନାଥ ଦାସ ଏହି ମିଳିତ ସାମ୍ମୁଖ୍ୟର ନେତୃତ୍ୱ ଗ୍ରହଣ କରି ସନ ୧୯୭୧ ମସିହା, ଏପ୍ରିଲ ମାସ ୩ ତାରିଖରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କଲେ । ତାଙ୍କ ୧୭ ଜଣିଆ ମନ୍ତ୍ରିମଣ୍ଡଳରେ ଚମ୍ପୁଆ ବିଧାୟକ ସହରାଇ ଓରାମ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ବିକାଶ, ଖଣି ଓ ଭୂତତ୍ତ୍ୱ ବିଭାଗର ଉପମନ୍ତ୍ରୀ ହେଲେ ।

ଅଳ୍ପକାଳ ପରେ ମିଳିତ ସାମ୍ମୁଖ୍ୟର ଅନେକ ସଦସ୍ୟ ଦଳବଦଳରେ ଲିପ୍ତ ରହିଲେ । ବୟୋବୃଦ୍ଧ ବିଶ୍ୱନାଥ ଦାସ ଏକ ଜଟିଳ ପରିସ୍ଥିତିର ଚାପ ସମ୍ଭାଳି ନ ପାରି ତା ୧୪/୬/୧୯୭୨ରେ ଇସ୍ତଫା ଦେଲେ । ମନ୍ତ୍ରିମଣ୍ଡଳ ଭାଙ୍ଗିଗଲା । ଏ ପରିସ୍ଥିତିରୁ କଂଗ୍ରେସ ଫାଇଦା ଉଠାଇଲା । ଏହିଦିନ କଂଗ୍ରେସ ଦଳରୁ ନିର୍ବାଚିତ ହୋଇ କେନ୍ଦ୍ରରେ ଇନ୍ଦିରା ଗାନ୍ଧୀଙ୍କ ମନ୍ତ୍ରିମଣ୍ଡଳରେ ରାଷ୍ଟ୍ରମନ୍ତ୍ରୀ ଥିବା ଶ୍ରୀମତୀ ନନ୍ଦିନୀ ଶତପଥୀ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେଲେ । ଏଥିରେ ଉତ୍ତେଜିତ ହୋଇ ଆନନ୍ଦପୁର ବିଧାୟକ ମୁରଲୀଧର କୁଅଁର ବିଦ୍ରୋହ କଲେ । ତାଙ୍କର ଯୁକ୍ତି ଥିଲା, ନିର୍ବାଚିତ ବିଧାୟକମାନଙ୍କ ମଧ୍ୟରୁ କେହି ଜଣେ ମୁଖ୍ୟମନ୍ତ୍ରୀ ହୁଅନ୍ତୁ । ତାଙ୍କର ଏଭଳି ଯୁକ୍ତି ପକ୍ଷରେ ମହତାବବାବୁଙ୍କ ଭୂମିକା ରହିଥିଲା । ଇନ୍ଦିରା ଗାନ୍ଧୀଙ୍କ ପରାମର୍ଶରେ ମୁରଲୀ କୁଅଁରଙ୍କୁ ମନ୍ତ୍ରୀପଦ ଯଚା ଯାଇଥିଲା; କିନ୍ତୁ ସେ ଗ୍ରହଣ କରି ନ ଥିଲେ କି ନିଜ ମତରୁ ଓହରି ନ ଥିଲେ । ଫଳରେ ନନ୍ଦିନୀଦେବୀଙ୍କ ଶପଥ ଗ୍ରହଣ ସମୟ ଚାରି ଘଣ୍ଟା ପର୍ଯ୍ୟନ୍ତ ବିଳମ୍ବିତ ହୋଇଥିଲା ।

Digitized by PPRACHIN, SOA

ଆଶାବାଦୀ ହରେକୃଷ୍ଣ ମହତାବଙ୍କ ସ୍ୱପ୍ନ ଧୂଳିସାତ ହୋଇଗଲା । କେନ୍ଦୁଝରବାସୀ ଆଶା କରିଥିଲେ କଂଗ୍ରେସ ପ୍ରାର୍ଥୀ ତରୁଣତୁର୍କୀ ମୁରଲୀଧର କୁଅଁର ମନ୍ତ୍ରୀପଦ ପାଇବେ– ତାହା ମଧ୍ୟ ବ୍ୟର୍ଥ ହେଲା । କଂଗ୍ରେସ ଶିବିରରେ ମଧ୍ୟ ବେଶି ଦିନ ଆନନ୍ଦ ରହିଲା ନାହିଁ । ଅନେକ ବିଧାୟକ ଓ ମନ୍ତ୍ରୀ ଦଳ ତ୍ୟାଗ କଲେ । ଅନେକ ଦଳର ଡିଆଁଡେଇଁ ଧୂରୀଣମାନଙ୍କୁ ଧରି ଡିଆଁରେ ଓସ୍ତାତ ବିଜୁବାବୁ ଆଉ ଏକ ନୂତନ ଦଳ ଗଠନ କଲେ । ତା୯/୨/୧୯୭୩ରେ ବିଜୁବାବୁଙ୍କ ନୂତନ ଦଳ 'ପ୍ରଗତି ବିଧାୟକ ଦଳ' ନାମରେ ଜନ୍ମ ହେଲା । କଂଗ୍ରେସ ଦରିଦ୍ର ହୋଇଗଲା । ନନ୍ଦିନୀଦେବୀ ନିରୁପାୟ ହୋଇ ସନ ୧୯୭୩ ମାର୍ଚ୍ଚ ୧ ତାରିଖ ଦିନ ଇସ୍ତଫା ପ୍ରଦାନ କଲେ । ମାର୍ଚ୍ଚ ୩ ତାରିଖ ଦିନ ଓଡ଼ିଶାରେ ତୃତୀୟ ଥର ପାଇଁ ରାଷ୍ଟ୍ରପତି ଶାସନ ଜାରି ହେଲା । ସନ ୧୯୭୪ ମସିହା ଫେବୃଆରୀ ଶେଷ ସପ୍ତାହରେ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ହେଲା ।

ଏହି ନିର୍ବାଚନରେ ଉତ୍କଳ କଂଗ୍ରେସରୁ ୩ ଜଣ, କଂଗ୍ରେସ ଦଳରୁ ୨ ଜଣ ଓ ସ୍ୱତନ୍ତ୍ର ଦଳରୁ ଜଣେ ବିଧାୟକ ନିର୍ବାଚିତ ହୋଇଥିଲେ । ମହେଶ୍ୱର ମାଝି, ତେଲକୋଇରୁ ନୀଳାଦ୍ରି ନାୟକ, ରାମଚନ୍ଦ୍ରପୁରରୁ ମୁରଲିଧର କୁଅଁର ଉତ୍କଳ କଂଗ୍ରେସର ପ୍ରାର୍ଥୀ ଥିଲେ । କଂଗ୍ରେସ ଦଳର ଗୁରୁଚରଣ ନାୟକ ଚମ୍ପୁଆରୁ ଓ ଭୁବନାନନ୍ଦ ଜେନା ଆନନ୍ଦପୁରରୁ ଏବଂ କେନ୍ଦୁଝର ଆସନରୁ ସ୍ୱତନ୍ତ୍ର ଦଳର ଗୋବିନ୍ଦ ମୁଣ୍ଡା ନିର୍ବାଚିତ ହୋଇଥିଲେ ।

ନନ୍ଦିନୀଦେବୀ କମ୍ୟୁନିଷ୍ଟମାନଙ୍କ ସହାୟତାରେ ତା ୬/୩/୧୯୭୪ରେ ଦ୍ୱିତୀୟ ବାର୍ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେଲେ । ଏହି ମନ୍ତ୍ରିମଣ୍ଡଳରେ କେନ୍ଦୁଝରରୁ କେହି ସ୍ଥାନିତ ହେବାର ସୁଯୋଗ ପାଇଲେ ନାହିଁ । ଅନେକ କାରଣରୁ ତା ୧୬/୧୨/୧୯୭୬ରେ ନନ୍ଦିନୀ ଦେବୀ ଇସ୍ତଫା ଦେଲେ । ଫଳରେ ୨୯/୧୨/୧୯୭୬ ପର୍ଯ୍ୟନ୍ତ ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରି ହେଲା । ତା ୨୯/୧୨/୧୯୭୬ ରେ ବିନାୟକ ଆଚାର୍ଯ୍ୟ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କଲେ । ଅଳ୍ପକାଳ ପରେ ଆଭ୍ୟନ୍ତରୀଣ କନ୍ଦଳ ହେତୁ ସେ ବାଧ୍ୟ ହୋଇ ତା ୩୦/୪/୧୯୭୭ରେ ଇସ୍ତଫା ପ୍ରଦାନ କଲେ । ରାଜ୍ୟରେ ପୁନର୍ବାର ରାଷ୍ଟ୍ରପତି ଶାସନ ଜାରି ହେଲା ତା ୨୭/୬/୧୯୭୭ ଯାଏଁ; ଅର୍ଥାତ୍ ୭ମ ବିଧାନସଭା ଗଠିତ ହେବା ଯାଏଁ ।

ଏହି ସମୟ ମଧ୍ୟରେ ବିଜୁବାବୁ ବିରୋଧୀ ଦଳର ନେତା ଥିଲେ । ସନ ୧୯୭୪ ମସିହା ଡିସେମ୍ବର ମାସ ୧୦ ତାରିଖ ଦିନ କେନ୍ଦ୍ରରେ ଥିବା ଭାରତୀୟ

Digitized by PPRACHIN, SOA

ଲୋକଦଳରେ ସାମିଲ୍ ହେଲେ; ଅର୍ଥାତ୍ ତାଙ୍କ ନିଜ ହାତଗଢ଼ା ରାଜନୈତିକ ଦଳ 'ପ୍ରଗତି ବିଧାୟକ ଦଳ' ଲୋପ ପାଇ ଭାରତୀୟ ଲୋକଦଳରେ ନିଜ ଅସ୍ତିତ୍ୱ ହରାଇଲା । ଇତିମଧ୍ୟରେ କେନ୍ଦ୍ରରେ ଶାସନ କରୁଥିବା କଂଗ୍ରେସ ଦଳରେ ଆଭ୍ୟନ୍ତରୀଣ କନ୍ଦଳ ହେତୁ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଦେଶରେ ଜରୁରିକାଳୀନ ଅବସ୍ଥା ଜାରି କଲେ । ରାଷ୍ଟ୍ରପତି ଶାସନ ଜାରି ହେଲା ସମଗ୍ର ଦେଶରେ । ସନ ୧୯୭୭ ମସିହା ଜାନୁଆରୀ ମାସରେ ନିର୍ବାଚନ ହେବାକୁ ଧାର୍ଯ୍ୟ ହେଲା । କେନ୍ଦ୍ରରେ ଜୟପ୍ରକାଶ ନାରାୟଣଙ୍କ ନେତୃତ୍ୱରେ ନୂତନ ରାଜନୈତିକ ଦଳ 'ଜନତା ଦଳ' ନାମରେ ଜନ୍ମ ନେଲା । ଓଡ଼ିଶାରେ ଜନତା ଦଳର ନେତୃତ୍ୱ ନେଲେ ବିଜୁ ପଟ୍ଟନାୟକ । ଏହି ଲୋକସଭା ନିର୍ବାଚନରେ ସଦସ୍ୟ ଭାବେ ଜନତା ଦଳରୁ ଗୋବିନ୍ଦ ମୁଣ୍ଡା ନିର୍ବାଚିତ ହେଲେ । ଏହା ପରେ ତା ୧୦/୭/୧୯୭୭ ରେ ଓଡ଼ିଶା ବିଧାନସଭା ପାଇଁ ନିର୍ବାଚନ ହେଲା । ଏହି ନିର୍ବାଚନରେ କେନ୍ଦୁଝରରେ କଂଗ୍ରେସ ମୂଳପୋଛ ହୋଇଗଲା । ସମସ୍ତ ଆସନରେ 'ଜନତା ଦଳ' ପ୍ରାର୍ଥୀ ବିଜୟୀ ହେଲେ । ସେମାନେ ହେଲେ ଚମ୍ପୁଆରୁ ସହରାଇ ଓରାମ, ପାଟଣାରୁ ମହେଶ୍ୱର ମାଝି, କେନ୍ଦୁଝରରୁ କୁମର ମାଝି, ତେଲକୋଇରୁ ନୀଳାଦ୍ରି ନାୟକ, ରାମଚନ୍ଦ୍ରପୁରରୁ କ୍ଷୀରୋଦ ପ୍ରସାଦ ସ୍ୱାଇଁ ଓ ଆନନ୍ଦପୁରରୁ ମକର ସେଠୀ, ଏଥର ଓଡ଼ିଶାରେ ନୀଳମଣି ରାଉତରାୟ ମୁଖ୍ୟମନ୍ତ୍ରୀ ଭାବେ ତା ୨୬/୭/୧୯୭୭ରେ ଶପଥ ନେଇ ନୂତନ ମନ୍ତ୍ରିମଣ୍ଡଳ ଗଠନ କଲେ । ଏଥିରେ କେନ୍ଦୁଝର ଚମ୍ପୁଆ ବିଧାୟକ ସହରାଇ ଓରାମ ଗ୍ରାମ ଉନ୍ନୟନ ଓ ମତ୍ସ୍ୟସମ୍ପଦ ରାଷ୍ଟ୍ରମନ୍ତ୍ରୀ ଭାବେ ଯୋଗଦେଇଥିଲେ ।

ବିଭାଜନର ପର୍ବ : ୧୯୭୮-୧୯୮୦

ସନ ୧୯୭୮ ମସିହାରେ ଜାତୀୟ ସ୍ତରରେ କଂଗ୍ରେସ ଦ୍ୱିତୀୟ ଥର ବିଭାଜିତ ହେଲା । ଇନ୍ଦିରା ଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସ (ଆଇ) ଓ ନୀଲମ୍ ସଞ୍ଜୀବ ରେଡ଼ିଙ୍କ ନେତୃତ୍ୱରେ କଂଗ୍ରେସ (ୟୁ) ନାମରେ ଦ୍ୱିଧା ବିଭକ୍ତ ହୋଇ ଯଥାକ୍ରମେ 'ହାତ' ଓ 'ଗାଈବାଛୁରୀ' ଦଳୀୟ ଚିହ୍ନ ଲାଭ କଲେ । ଏଣେ ଛଅଦଳିଆ ଜନତା ଦଳ ମଧ୍ୟ ବିଭାଜିତ ହେଲା । ରାଜନାରାୟଣ ଜନତା (ଏସ୍) ଦଳ ଗଠନ କଲେ । କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ଥିବା ମୋରାରଜୀ ଭାଇ ଦେଶାଇ ଇସ୍ତଫା ଦେଲେ । ଚୌଧୁରୀ ଚରଣ

Digitized by PPRACHIN, SOA

ସିଂହ ତା ୨୮/୭/୧୯୭୯ରେ କେନ୍ଦ୍ରରେ ନୂତନ ମନ୍ତ୍ରିମଣ୍ଡଳ ଗଠନ କଲେ । ଏଥିରେ ଓଡ଼ିଶାର ବିଜୁବାବୁ ଓ ରବି ରାୟ ସ୍ଥାନିତ ହେଲେ । ମାତ୍ର ୨୨ ଦିନର ଶାସନ ପରେ ଗାଦି ଭୁଷୁଡ଼ି ପଡ଼ିଲା । ଦେଶରେ ତା ୨୦/୮/୧୯୭୯ ରେ ରାଷ୍ଟ୍ରପତି ଶାସନ ଜାରି ହେଲା ।

ଏହି ଭାଙ୍ଗଣ ଅବସ୍ଥା ଓଡ଼ିଶାରେ ମଧ୍ୟ ହେଲା । ଜନତା ଦଳରୁ ବିଚ୍ଛିନ୍ନ ହୋଇ ଜନତା (ଏସ୍) ଓ ଜନତା ଦଳ (ଓ) ଗଠିତ ହେଲା । ସନ ୧୯୮୦ ସପ୍ତମ ଲୋକସଭା ନିର୍ବାଚନ ପୂର୍ବରୁ ଜନତା ଦଳରେ ଥିବା 'ଜନସଂଘ' ସଦସ୍ୟମାନେ 'ଭାରତୀୟ ଜନତା ପାର୍ଟି' (ବି.ଜେ.ପି.) ନାମରେ ନୂତନ ରାଜନୈତିକ ଦଳ ଗଠନ କଲେ ।

ଏହା ପରେ ସପ୍ତମ ଲୋକସଭା ନିର୍ବାଚନ ଅନୁଷ୍ଠିତ ହେଲା । ଏଥର ଓଡ଼ିଶାରେ କଂଗ୍ରେସ (ଇ) ଦଳର ନେତୃତ୍ୱ ନେଲେ ଜାନକୀ ବଲ୍ଲଭ ପଟ୍ଟନାୟକ । ମୋଟ ୨୧ ଆସନରୁ କଂଗ୍ରେସ ୨୦ଟି ଆସନରେ ବିଜୟୀ ହେଲା । କଂଗ୍ରେସ (ଇ) ଦଳରୁ ହରିହର ସୋରେନ୍ ନିର୍ବାଚିତ ହେଲେ । କେନ୍ଦ୍ରରେ ଇନ୍ଦିରା ଗାନ୍ଧୀ ପ୍ରଧାନମନ୍ତ୍ରୀ ହେଲେ । ଏତେବେଳକୁ ଓଡ଼ିଶାରେ ଶାସନ କ୍ଷମତାରେ ଥିବା ନୀଳମଣି ରାଉତରାୟଙ୍କ ଜନତା ଦଳ ତା ୧୩/୨/୧୯୮୦ ବେଳକୁ 'ଲୋକଦଳ' ନାମରେ ନାମିତ ହୋଇଥିଲା । ଇନ୍ଦିରା ପ୍ରଧାନମନ୍ତ୍ରୀ ହେବା ପରେ ତା ୧୭/୨/୧୯୮୦ ରେ ଓଡ଼ିଶାର ମନ୍ତ୍ରିମଣ୍ଡଳକୁ ଭାଙ୍ଗିଦେଇ ରାଷ୍ଟ୍ରପତି ଶାସନ ଲାଗୁ କଲେ ଓ ଅଷ୍ଟମ ବିଧାନସଭା ପାଇଁ ତା ୩୧/୫/ ୧୯୮୦ କୁ ଧାର୍ଯ୍ୟ କଲେ ।

ଅଷ୍ଟମ ବିଧାନସଭା ନିର୍ବାଚନ ଓ ଓଡ଼ିଶାରେ ସ୍ଥାୟୀ ସରକାର-୧୯୮୦

ଏହି ନିର୍ବାଚନରେ ଓଡ଼ିଶାରେ କଂଗ୍ରେସ (ଇ) ଦଳ ଆଶାତୀତ ସଫଳତା ପାଇଲା । ମୋଟ୍ ୧୪୭ ଆସନରୁ କଂଗ୍ରେସ ୧୧୭ଟି ଆସନରେ ବିଜୟୀ ହେଲା । କେନ୍ଦ୍ରରେ ମନ୍ତ୍ରୀ ଥିବା ଜାନକୀ ବଲ୍ଲଭ ପଟ୍ଟନାୟକ ୧୯୮୦ ଜୁନ୍ ମାସ ୯ ତାରିଖରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କଲେ । ଏହି ଉତ୍ସବରେ ତାଙ୍କର ୧୮ ଜଣିଆ

Digitized by PPRACHIN, SOA

ମନ୍ତ୍ରିମଣ୍ଡଳ ମଧ୍ୟ ଶପଥ ଗ୍ରହଣରେ ଅଂଶଗ୍ରହଣ କଲେ । ରାମଚନ୍ଦ୍ରପୁର ବିଧାୟକ ନିରଞ୍ଜନ ପଟ୍ଟନାୟକ ଜଳସେଚନ ଓ ବିଦ୍ୟୁତ ବିଭାଗ ନେଇ ରାଷ୍ଟ୍ରମନ୍ତ୍ରୀ ଭାବେ ସ୍ଥାନିତ ହେଲେ । ଏଥରକ ନିର୍ବାଚନରେ କେନ୍ଦୁଝରରେ କଂଗ୍ରେସ (ଇ) ଓ ଜନତା (ଏସ୍) ମଧ୍ୟରେ ଲଢ଼େଇ ହୋଇଥିଲା । ମୋଟ ଛଅଜଣ ବିଧାୟକଙ୍କ ମଧ୍ୟରୁ କଂଗ୍ରେସ ଦଳରୁ କେନ୍ଦୁଝର ଆସନରେ ଯୋଗେନ୍ଦ୍ର ନାୟକ, ତେଲକୋଇରୁ ଚନ୍ଦ୍ରସେନ ନାୟକ, ଆନନ୍ଦପୁରରୁ ଜୟଦେବ ଯେନା, ରାମଚନ୍ଦ୍ରପୁରରୁ ନିରଞ୍ଜନ ପଟ୍ଟନାୟକ ନିର୍ବାଚିତ ହୋଇଥିଲେ । ଜନତା (ଏସ୍) ଦଳରୁ ଚମ୍ପୁଆର ଆସନରୁ ସହରାଇ ଓରାମ୍ ଓ ପାଟଣା ଆସନରୁ ହୃଷୀକେଶ ନାୟକ ନିର୍ବାଚିତ ହୋଇ ଓଡ଼ିଶାରେ ବିପର୍ଯ୍ୟସ୍ତ ବିରୋଧୀ ଶିବିରରେ ସାମାନ୍ୟ ଶକ୍ତି ସଞ୍ଚାର କରିଥିଲେ ।

ଅଷ୍ଟମ ବିଧାନସଭା କାଳରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଘଟଣା ଘଟିଥିଲା । ତା ୩୦/୧୦/୧୯୮୪ ରିଖ ଦିନ ଭାରତର ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଆତତାୟୀର ଗୁଳିମାଡ଼ରେ ନିହତ ହେଲେ । ଏହି ବର୍ଷ ଡିସେମ୍ବର ମାସ ୧୪ ତାରିଖରେ ଅଷ୍ଟମ ଲୋକସଭା ନିର୍ବାଚନ ଅନୁଷ୍ଠିତ ହେଲା । ଓଡ଼ିଶାର ମୋଟ ୨୧ ଆସନ ମଧ୍ୟରୁ କଂଗ୍ରେସ ୨୦ଟି ଆସନରୁ ବିଜୟୀ ହୋଇଥିଲା । କେନ୍ଦୁଝରରୁ ହରିହର ସୋରେନ୍ ପୁନର୍ବାର ନିର୍ବାଚିତ ହୋଇ କଂଗ୍ରେସ ଶିବିରକୁ ଉଲ୍ଲସିତ କରିଥିଲେ ।

ନବମ ବିଧାନସଭା : ୧୯୮୫ ମସିହା ମାର୍ଚ୍ଚ ମାସ ୫ ତାରିଖରେ ନବମ ବିଧାନସଭା ପାଇଁ ନିର୍ବାଚନ ଅନୁଷ୍ଠିତ ହେଲା । ଏଥର ମଧ୍ୟ କଂଗ୍ରେସ ପୂର୍ବ ଭଳି ବିପୁଳ ସଂଖ୍ୟାରେ ବିଜୟୀ ହେଲା । ଜାନକୀ ପଟ୍ଟନାୟକ ପୁନର୍ବାର ମୁଖ୍ୟମନ୍ତ୍ରୀ ହେଲେ ଓ ମାର୍ଚ୍ଚମାସ ୧୦ ତାରିଖ ଦିନ ଶପଥ ଗ୍ରହଣ କଲେ । ଏଥରକ ମନ୍ତ୍ରିମଣ୍ଡଳରେ ନିରଞ୍ଜନ ପଟ୍ଟନାୟକ କ୍ୟାବିନେଟ୍ ମନ୍ତ୍ରୀ ହେବାର ସୌଭାଗ୍ୟ ଅର୍ଜନ କଲେ ଓ ଗୁରୁତ୍ୱପୂର୍ଣ୍ଣ 'ରାଜସ୍ୱ ବିଭାଗ' ପାଇଲେ ।

ଏହି ନିର୍ବାଚନରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଘଟଣା ଘଟିଥିଲା । ଏତେବେଳକୁ ପାଟଣା ବିଧାୟକ ହୃଷୀକେଶ ନାୟକ ଜନତା ଦଳ ପରିତ୍ୟାଗ କରି କଂଗ୍ରେସ ଦଳରେ ସାମିଲ୍ ହୋଇଥିଲେ । ନିର୍ବାଚନ ପୂର୍ବରୁ କେନ୍ଦୁଝର ଆସନରୁ ଜଣେ ପ୍ରାର୍ଥୀ ରାଧାଶ୍ୟାମ ନାଏକଙ୍କ ଅକାଳ ବିୟୋଗ ହେତୁ କେନ୍ଦୁଝର ଆସନରେ ନିର୍ବାଚନ ସ୍ଥଗିତ ରହିଲା । ଏହି ନିର୍ବାଚନରେ ପାଞ୍ଚଟି ଯାକ ଆସନରେ କଂଗ୍ରେସ ପ୍ରାର୍ଥୀ ବିଜୟୀ ହୋଇଥିଲେ ।

Digitized by PPRACHIN, SOA

ଚମ୍ପୁଆରୁ ଧନୁର୍ଜୟ ଲାଗୁରୀ, ପାଟଣାରୁ ହୃଷୀକେଶ ନାୟକ, ତେଲକୋଇରୁ ପ୍ରାଣବଲ୍ଲଭ ନାଏକ, ରାମଚନ୍ଦ୍ରପୁରରୁ ନିରଞ୍ଜନ ନାୟକ ଓ ଆନନ୍ଦପୁରରୁ ଜୟଦେବ ଯେନା ବିଜୟୀ ହୋଇଥିଲେ । ପରବର୍ତ୍ତୀ କାଳରେ ତା ୨୪/୪/୧୯୮୫ ରେ କେନ୍ଦୁଝର ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହେଲା । ଏଥିରେ କିନ୍ତୁ କଂଗ୍ରେସ ପ୍ରାର୍ଥୀ ଡମ୍ବରୁଧର ନାୟକ ଜନତାଦଳ ପ୍ରାର୍ଥୀ ଛୋଟରାୟ ମାଝିଙ୍କଠାରୁ ପରାଜିତ ହେଲେ ।

ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ହେଲା, ରାଜସ୍ୱ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ ଲାଞ୍ଚ ଦେବା ଅଭିଯୋଗରେ ହାଇକୋର୍ଟ୍ ଦ୍ୱାରା ଭର୍ତ୍ସିତ ହୋଇ ତା ୩୦/୪/୧୯୮୫ ରେ ମନ୍ତ୍ରୀପଦରୁ ଇସ୍ତଫା ଦେଲେ । ନୈତିକତା ଦୃଷ୍ଟିରୁ ଇସ୍ତଫା ଦେଇ ସେ ଦୋଷମୁକ୍ତ ହେବାକୁ ସୁପ୍ରିମ କୋର୍ଟ୍‌ରେ ଅପିଲ୍ କଲେ । ସେଠାରେ ନିର୍ଦ୍ଦୋଷ ପ୍ରମାଣିତ ହେବାରୁ ପୁନର୍ବାର ତା ୨୨/୭/୧୯୮୬ ରେ ଜାନକୀବାବୁଙ୍କ ସଂପ୍ରସାରିତ ମନ୍ତ୍ରିମଣ୍ଡଳରେ କ୍ୟାବିନେଟ୍ ମନ୍ତ୍ରୀ ଭାବେ ସ୍ଥାନିତ ହେଲେ । ସେ ଏଥର ଶିଳ୍ପ, ବିଜ୍ଞାନ ଓ କାରିଗରୀ କୌଶଳ ବିଭାଗ ପାଇଲେ । ଏହି କାଳରେ କେନ୍ଦୁଝର ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ଥିଲା ବୈକୁଣ୍ଠନାଥ ସାହୁଙ୍କୁ ପ୍ରଥମ କରି ରାଜ୍ୟସଭାକୁ ନିର୍ବାଚିତ କରିବା ।

ସନ ୧୯୮୯ ମସିହା ନଭେମ୍ବର ମାସ ୨୪ ତାରିଖରେ ନବମ ଲୋକସଭା ପାଇଁ ନିର୍ବାଚନ ହେଲା । ଏତେବେଳକୁ କେନ୍ଦ୍ରରେ ରାଜିବ ଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସ ଦଳ ଭୋଟ ଦେବାର ସର୍ବନିମ୍ନ ବୟସ ୨୧ ବଦଳରେ ୧୮ ବର୍ଷକୁ କମାଇଦେଲେ । ଏଥର ଓଡ଼ିଶାରେ କଂଗ୍ରେସ ଦଳର ବିପୁଳ ବିପର୍ଯ୍ୟୟ ହେଲା । ମୋଟ ୨୧ ଆସନ ମଧ୍ୟରୁ ଜନତା ଦଳ ୧୬, କଂଗ୍ରେସ ୩, କମ୍ୟୁନିଷ୍ଟ ୧ ଓ ମାର୍କ୍ସବାଦୀ କମ୍ୟୁନିଷ୍ଟ ୧ ଆସନ ଲାଭ କଲେ । କେନ୍ଦୁଝରରୁ ଜନତା ଦଳ ପ୍ରାର୍ଥୀ ଗୋବିନ୍ଦ ମୁଣ୍ଡା ବିଜୟୀ ହୋଇଥିଲେ । ସେ ତା ୩/ ୧୦/୧୯୮୮ରେ ରାଜସଭାକୁ ନିର୍ବାଚିତ ହୋଇଥିଲେ । ତାଙ୍କର କାର୍ଯ୍ୟକାଳ ୧୯୯୦ରେ ପୂରିଯାଇଥିଲା । କଂଗ୍ରେସର ବିପର୍ଯ୍ୟୟ ପାଇଁ ନୈତିକତା ଦୃଷ୍ଟିରୁ ଜାନକୀବାବୁ ତା ୭/୧୨/୧୯୮୯ ରେ ଇସ୍ତଫା ଦେଲେ । ଏହିଦିନ ଆଦିବାସୀ ନେତା ହେମାନନ୍ଦ ବିଶ୍ୱାଳ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କଲେ । ତାଙ୍କ ମନ୍ତ୍ରୀମଣ୍ଡଳରେ ଆନନ୍ଦପୁର ବିଧାୟକ ଜୟଦେବା ଯେନା ଖଣି, ଭୂତତ୍ତ୍ୱ, ବିଜ୍ଞାନ ଓ କାରିଗରୀ ବିଭାଗର ରାଷ୍ଟ୍ରମନ୍ତ୍ରୀ ଭାବେ ସ୍ଥାନିତ ହେଲେ । ହେମାନନ୍ଦଙ୍କ ମନ୍ତ୍ରିମଣ୍ଡଳର ପରମାୟୁ ଅଳ୍ପକାଳ ଥିଲା । ତା ୩/୪/୧୯୯୦ ରେ ଏହାର କାର୍ଯ୍ୟକାଳ ପୂରିଯାଇଥିଲା ।

Digitized by PPRACHIN, SOA

ଦଶମ ବିଧାନସଭା ନିର୍ବାଚନ : ୨୭ ବର୍ଷ ଅପେକ୍ଷାର ଅନ୍ତ-୧୯୯୦

ଦଶମ ବିଧାନସଭା ନିର୍ବାଚନ ତା ୨୭/୨/୧୯୯୦ ରେ ଅନୁଷ୍ଠିତ ହେଲା । ଏତେବେଳକୁ କଂଗ୍ରେସ ଦଳ ସଂପୂର୍ଣ୍ଣ ଭାବେ ସାମର୍ଥ୍ୟ ହରାଇ ସାରିଥିଲା । ଦଳ ମଧ୍ୟରେ କନ୍ଦଳ, ଦୁର୍ବଳ ନେତୃତ୍ୱ; ଅପରପକ୍ଷେ ବାରମ୍ବାର ଦଳ ବଦଳ କରି ବହୁ ଧୈର୍ଯ୍ୟର ସହିତ ରାଜନୀତିରେ ସଂପୃକ୍ତ ଥିବା ବିଜୁବାବୁଙ୍କ ଉତ୍‌ଥାନ ଓ ସଫଳତା– ଏହି ନିର୍ବାଚନର ପରିଣାମ ଥିଲା । ବିଜୁବାବୁଙ୍କ ନେତୃତ୍ୱରେ ଜନତା ଦଳ ୧୨୩ ଆସନରେ ବିଜୟୀ ହେଲା । ଅପରନ୍ତୁ କଂଗ୍ରେସ ମାତ୍ର ୧୦ଟି ଆସନ ପାଇ କୃତକର୍ମର ଫଳ ଭୋଗ କଲା । ଏହି ନିର୍ବାଚନରେ କେନ୍ଦୁଝରରେ କଂଗ୍ରେସ ଦଳ ଗୋଟିଏ ହେଲେ ଆସନ ପାଇଲା ନାହିଁ । ସମସ୍ତ ଜନତା ଦଳ ପ୍ରାର୍ଥୀ ବିଜୟୀ ହେଲେ । ଚମ୍ପୁଆରୁ ସହରାଇ ଓରାମ, ପାଟଣାରୁ କାହ୍ନୁଚରଣ ନାୟକ, କେନ୍ଦୁଝରରୁ ଛୋଟରାୟ ମାଝି, ତେଲକୋଇରୁ ନୀଳାଦ୍ରି ନାୟକ, ରାମଚନ୍ଦ୍ରପୁରରୁ ବଦ୍ରିନାରାୟଣ ପାତ୍ର ଓ ଆନନ୍ଦପୁରରୁ ଦାଶରଥୀ ଜେନା ନିର୍ବାଚିତ ହୋଇଥିଲେ । ବିଜୁ ପଟ୍ଟନାୟକ ତା ୧୪/୩/୧୯୯୦ ରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ଓ ତାଙ୍କ ମନ୍ତ୍ରିମଣ୍ଡଳର ନାମ ଘୋଷଣା କଲେ । ଏଥର କେନ୍ଦୁଝର ବିଧାୟକ ଛୋଟରାୟ ମାଝି ହରିଜନ ଓ ଆଦିବାସୀ କଲ୍ୟାଣ ବିଭାଗର ରାଷ୍ଟ୍ରମନ୍ତ୍ରୀ ଭାବେ ଶପଥ ଗ୍ରହଣ କଲେ । ତା ୨୪/୭/୧୯୯୦ ରେ ବିଜୁବାବୁ ତାଙ୍କ ମନ୍ତ୍ରିମଣ୍ଡଳର ସଂପ୍ରସାରଣ କଲେ । ଏଥିରେ ଚମ୍ପୁଆ ବିଧାୟକ ସହରାଇ ଓରାମ ରାଷ୍ଟ୍ରମନ୍ତ୍ରୀ ଭାବେ ସ୍ଥାନିତ ହୋଇ ଗ୍ରାମାଞ୍ଚଳ ବିକାଶ ବିଭାଗ ପାଇଥିଲେ । ପୁନଶ୍ଚ ସନ ୧୯୯୧ ଜାନୁଆରୀ ମାସ ୧ ତାରିଖ ଦିନ ବିଜୁବାବୁଙ୍କ ମନ୍ତ୍ରୀମଣ୍ଡଳ ପୁନର୍ଗଠିତ ହେଲା । ଏଥିରେ ଉଭୟଙ୍କ ବିଭାଗ ଅପରିବର୍ତ୍ତିତ ରହିଲା । ସନ ୧୯୯୩ ଜାନୁଆରୀ ମାସ ୪ ତାରିଖରେ ପୁନଶ୍ଚ ମନ୍ତ୍ରିମଣ୍ଡଳର ପୁନର୍ଗଠନ କରାଯିବାରୁ ସହରାଇ ଓରାମ କ୍ୟାବିନେଟ୍ ମନ୍ତ୍ରୀ ହେଲେ ଓ ତାଙ୍କ ପୂର୍ବ ବିଭାଗ ସହିତ ଜଳସେଚନ ବିଭାଗ ମଧ୍ୟ ପାଇଲେ । ଛୋଟରାୟ ମାଝିଙ୍କ ବିଭାଗ ବଦଳିଗଲା । ସ୍ୱାଧୀନ ଦାୟିତ୍ୱ ସହିତ କ୍ଷୁଦ୍ର କୁଟୀର ଶିଳ୍ପ ବିଭାଗର ରାଷ୍ଟ୍ରମନ୍ତ୍ରୀ ହେଲେ । ଏହି ବର୍ଷ ରାହାସ ବିହାରୀ ବାରିକ ରାଜ୍ୟସଭାକୁ ନିର୍ବାଚିତ ହେବାର ସୌଭାଗ୍ୟ ଲାଭ କରିଥିଲେ ।

Digitized by PPRACHIN, SOA

ଏତେବେଳକୁ ଜନତା ଦଳରେ ଗୋଷ୍ଠୀକନ୍ଦଳ ସୃଷ୍ଟି ହେଲା । ତେଣେ ଦଶମ ଲୋକସଭା ନିର୍ବାଚନ (୧୯୯୧) ପାଇଁ ପ୍ରସ୍ତୁତି ଚାଲିଲା । ମେ ମାସରେ ହେବାକୁ ଥିବା ଏହି ନିର୍ବାଚନ ପ୍ରଚାର କରିବାକୁ ଯାଇ ଭାରତର ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧି ତାମିଲନାଡୁରେ ମାନବ ବୋମା ବିସ୍ଫୋରଣରେ ପ୍ରାଣ ହରାଇଲେ । ଦେଶରେ ଶୋକର ଛାୟା ଖେଳିଗଲା । କଂଗ୍ରେସ ଦଳ ସହାନୁଭୂତି ଭୋଟ ପାଇ ମୋଟ ୨୧ ଆସନରୁ ୧୨ଟିରେ ବିଜୟୀ ହେଲା । ଜନତା ଦଳ ମାତ୍ର ୬ଟି ଆସନ ପାଇ ଦ୍ୱିତୀୟ ସ୍ଥାନକୁ ଖସିଗଲା । କେନ୍ଦୁଝରରୁ ଜନତା ଦଳ ପ୍ରାର୍ଥୀ ଗୋବିନ୍ଦ ମୁଣ୍ଡା ତୃତୀୟ ବାର ପାଇଁ କେନ୍ଦୁଝର ଲୋକସଭା ସଦସ୍ୟ ହେବାର ସୌଭାଗ୍ୟ ଅର୍ଜନ କଲେ ।

ଏକାଦଶ ଓଡ଼ିଶା ବିଧାନସଭା ଓ କଂଗ୍ରେସ ଶାସନ-୧୯୯୫

୧୯୯୫ ମସିହା ମାର୍ଚ୍ଚ ମାସରେ ଏକାଦଶ ବିଧାନସଭା ନିର୍ବାଚନ ହେଲା । ଏହି ନିର୍ବାଚନରେ କଂଗ୍ରେସ ୮୦ଟି ଆସନରେ ବିଜୟୀ ହୋଇଥିବାବେଳେ ବିଜୁବାବୁଙ୍କ ନେତୃତ୍ୱରେ ଜନତା ଦଳ ୪୬ଟି ଆସନ ପାଇଲା । ଜାନକୀବଲ୍ଲଭ ପଟ୍ଟନାୟକ ୩ୟ ଥର ପାଇଁ ମୁଖ୍ୟମନ୍ତ୍ରୀ ହେଲେ । ତା ୧୫/୩/୧୯୯୫ ରେ ଶପଥ ଗ୍ରହଣ କଲେ । ମାର୍ଚ୍ଚମାସ ୨୦ ତାରିଖରେ ତାଙ୍କ ମନ୍ତ୍ରିମଣ୍ଡଳ ଶପଥ ଗ୍ରହଣ କଲେ । ତାଙ୍କର ଏହି ମନ୍ତ୍ରିମଣ୍ଡଳରେ ନିରଞ୍ଜନ ପଟ୍ଟନାୟକ ଶିଳ୍ପ, ହସ୍ତତନ୍ତ ଓ ବୟନଶିଳ୍ପ, ହସ୍ତ ଓ କୁଟୀର ଶିଳ୍ପ ବିଭାଗ ପାଇ କ୍ୟାବିନେଟ୍ ମନ୍ତ୍ରୀ ହେଲେ । ଏହି ନିର୍ବାଚନରେ କେନ୍ଦୁଝରର ୫ଟି ଆସନରେ କଂଗ୍ରେସ ବିଜୟୀ ହୋଇଥିଲା । ଚମ୍ପୁଆରୁ ଧନୁର୍ଜୟ ଲାଗୁରି, ପାଟଣାରୁ ହୃଷୀକେଶ ନାୟକ, ତେଲକୋଇରୁ ଚନ୍ଦ୍ରସେଣା ନାଏକ, ରାମଚନ୍ଦ୍ରପୁରରୁ ନିରଞ୍ଜନ ପଟ୍ଟନାୟକ ଓ ଆନନ୍ଦପୁରରୁ ଜୟଦେବ ଜେନା ନିର୍ବାଚିତ ହେବାର ଗୌରବ ଅର୍ଜନ କରିଥିଲେ । କେନ୍ଦୁଝର ଆସନରୁ ଯୋଗେନ୍ଦ୍ର ନାଏକ ବିଜେପି ଦଳର ପ୍ରାର୍ଥୀ ହୋଇ ନିର୍ବାଚିତ ହେଲେ । ଯୋଗେନ୍ଦ୍ରବାବୁ କେନ୍ଦୁଝର ବିଜେପି ଦଳର ସର୍ବପ୍ରଥମ ବିଧାୟକ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ ।

Digitized by PPRACHIN, SOA

ସନ ୧୯୯୫ରୁ ସନ ୨୦୦୦ ମସିହା ଓଡ଼ିଶା ରାଜନୈତିକ ଇତିହାସର ଏକ ଘଟଣାବହୁଳ ସମୟ । ଏହି କାଳଖଣ୍ଡରେ ବିଜୁବାବୁଙ୍କ ଦେହାନ୍ତ, ଜାନକୀବାବୁଙ୍କ ଇସ୍ତଫା ଓ ଗିରିଧର ଗମାଙ୍ଗଙ୍କ ମୁଖ୍ୟମନ୍ତ୍ରୀ ପଦ ଲାଭ, ଜନତା ଦଳର ବିଭାଜନ, ବିଜୁ ଜନତାଦଳ ଗଠନ, ବିଜେପି ବିଜେଡ଼ି ମେଣ୍ଟ ଆଦି ଅନେକ ଘଟଣା ଘଟିଥିଲା । ସବୁଠାରୁ ଦୁଃଖାବହ ଘଟଣା ଥିଲା ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ବିୟୋଗ । ସେଦିନ ଥିଲା ୧୯୯୭ ମସିହା ଏପ୍ରିଲ ମାସ ୧୭ ତାରିଖ । ବିଜୁବାବୁଙ୍କ ଅକାଳ ବିୟୋଗରେ ଓଡ଼ିଶା ଜଣେ ଅଦମନୀୟ ଦୁର୍ବାର ବ୍ୟକ୍ତିତ୍ୱଙ୍କୁ ହରାଇଲା । ବିଜୁପ୍ରେମୀମାନେ ୨୮ ଜଣ ବିଧାୟକଙ୍କୁ ନେଇ ଜନତା ଦଳରୁ ଅଲଗା ହୋଇ ତା ୨୬/୧୨/୧୯୯୭ ରେ ବିଜୁ ଜନତାଦଳ ଗଠନ କଲେ । ଡିସେମ୍ବର ମାସ ୨୮ ତାରିଖରେ ଓଡ଼ିଶା ବିଧାନସଭାର ବାଚସ୍ପତି ଚିନ୍ତାମଣି ଦ୍ୟାନ ସାମନ୍ତରାୟ ବିଜୁ ଜନତାଦଳକୁ ଏକ ରାଜନୈତିକ ଦଳ ଭାବେ ସ୍ୱୀକୃତି ଦେଲେ ।

ସନ ୧୯୯୬ ମେ ମାସରେ ଏକାଦଶ ଲୋକସଭା ନିର୍ବାଚନ ଅନୁଷ୍ଠିତ ହେଲା । ଏହି ନିର୍ବାଚନରେ କଂଗ୍ରେସ ୧୬ଟି ଓ ଜନତା ଦଳ ୪ଟି ଆସନ ପାଇଥିଲା । କେନ୍ଦୁଝରରେ କଂଗ୍ରେସ ପ୍ରାର୍ଥୀ ମାଧବ ସର୍ଦ୍ଦାର ବିଜୟୀ ହୋଇଥିଲେ ।

ଇତିମଧ୍ୟରେ କଂଗ୍ରେସରେ ଗୋଷ୍ଠୀକନ୍ଦଳ ବୃଦ୍ଧି ପାଇଥିଲା । ଜାନକୀବାବୁ ବାଧ୍ୟ ହୋଇ ତାଙ୍କ ମନ୍ତ୍ରିମଣ୍ଡଳର ସମ୍ପ୍ରସାରଣ କରିଥିଲେ ତା ୨୪/୮/୧୯୯୮ ରେ । ଏଥିରେ ଆନନ୍ଦପୁର ବିଧାୟକ ଜୟଦେବ ଜେନା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସ୍ୱାଧୀନ ରାଷ୍ଟ୍ରମନ୍ତ୍ରୀ ଭାବେ ସ୍ଥାନିତ ହୋଇଥିଲେ ।

ସନ ୧୯୯୮ ମସିହାରେ ଦ୍ୱାଦଶ ଲୋକସଭା ନିର୍ବାଚନ ହେଲା । ଏଥର ଓଡ଼ିଶାରେ ବି.ଜେ.ପି. ଓ ବି.ଜେ.ଡି. ଦଳର ମେଣ୍ଟ ହେଲା । କଂଗ୍ରେସ ଏକାକୀ ନିର୍ବାଚନ ଲଢ଼ି ୨୧ ଆସନରୁ ମାତ୍ର ୪ଟି ଆସନ ପାଇଲା । ବି.ଜେ.ପି. ୭ ଓ ବି.ଜେ.ଡି. ୧୦ ଆସନ ପାଇବାକୁ ମେଣ୍ଟ ସଂଖ୍ୟା ୧୭ ହେଲା । କେନ୍ଦୁଝରରୁ ବି.ଜେ.ପି. ଦଳର ମେଣ୍ଟ ପ୍ରାର୍ଥୀ ଉପେନ୍ଦ୍ରନାଥ ନାୟକ ନିର୍ବାଚିତ ହେଲେ । ଓଡ଼ିଶାରେ କଂଗ୍ରେସର ବିପର୍ଯ୍ୟୟ ହେତୁ ଜାନକୀବାବୁ ତା ୧୨/୨/୧୯୯୯ରେ ଇସ୍ତଫା ଦେଲେ । ମାର୍ଚ୍ଚ ୧୭ ତାରିଖରେ ଡ. ଗିରିଧର ଗମାଙ୍ଗ ମୁଖ୍ୟମନ୍ତ୍ରୀ ହେଲେ । ତାଙ୍କ ମନ୍ତ୍ରୀମଣ୍ଡଳରେ ନିରଞ୍ଜନ ପଟ୍ଟନାୟକ ଶକ୍ତି ଓ ସ୍ୱାସ୍ଥ୍ୟ ବିଭାଗ ପାଇ କ୍ୟାବିନେଟ୍ ମନ୍ତ୍ରୀ ହେଲେ ।

Digitized by PPRACHIN, SOA

ଇତିମଧ୍ୟରେ କେନ୍ଦ୍ରରେ ବାଜପେୟୀ ମାତ୍ର ୧୩ ମାସ ପ୍ରଧାନମନ୍ତ୍ରୀ ପଦରେ ରହିବା ପରେ ଆସ୍ଥା ଭୋଟ୍‌ର ସମ୍ମୁଖୀନ ହେଲେ । ମାତ୍ର ଗୋଟିଏ ଭୋଟ୍‌ରେ ହାରି ପୁଣି ଥରେ ଲୋକସଭା ନିର୍ବାଚନର ସମ୍ମୁଖୀନ ହେଲେ । ୧୯୯୯ ରେ ତ୍ରୟୋଦଶ ଲୋକସଭା ନିର୍ବାଚନ ହେଲା । ଏହି ନିର୍ବାଚନରେ କଂଗ୍ରେସ ମାତ୍ର ୨ଟି ଆସନରେ ବିଜୟୀ ହେଲେ । ବି.ଜେ.ପି. ୧୦ଟି ଆସନ ପାଇବାରୁ ମେଣ୍ଟ ସଂଖ୍ୟା ୧୯ ହେଲା । ଏଥର ନିର୍ବାଚନ ପ୍ରଚାର ପାଇଁ କେନ୍ଦୁଝରକୁ କେନ୍ଦ୍ରର ବି.ଜେ.ପି. ସଭାପତି ଲାଲକୃଷ୍ଣ ଆଡଭାନୀ କେନ୍ଦୁଝର ଆସିଥିଲେ । ମେଣ୍ଟ ପ୍ରାର୍ଥୀଙ୍କୁ ଜୟଯୁକ୍ତ କରିବାକୁ ବିରାଟ ଜନସଭାକୁ ଆହ୍ୱାନ କଲେ । ମେଣ୍ଟ ପ୍ରାର୍ଥୀ ଅନନ୍ତ ନାୟକ ବିପୁଳ ସଂଖ୍ୟାରେ ବିଜୟୀ ହେଲେ । ଏଣେ ଓଡ଼ିଶାରେ ଗିରିଧର ଗମାଙ୍ଗଙ୍କ ଆସନ ଦୋହଲିଗଲା । ମହାବାତ୍ୟାରେ ଓଡ଼ିଶାରେ ଅନେକ କ୍ଷୟକ୍ଷତି ହେଲା । ସରକାର ଉଚିତ ପଦକ୍ଷେପ ନେବା ଅସମ୍ଭବ ହେଲା । ବାଧହୋଇ ତା ୬/୧୨/୧୯୯୯ ରେ ଇସ୍ତଫା ଦେଲେ । ଏହିଦିନ ହେମାନନ୍ଦ ବିଶ୍ୱାଳଙ୍କ ଦ୍ୱିତୀୟ ଥର ପାଇଁ ମୁଖ୍ୟମନ୍ତ୍ରୀ ଆସନ ଅଳଙ୍କୃତ କଲେ । ତା ୧୦/୧୨/୧୯୯୯ରେ ତାଙ୍କ ମନ୍ତ୍ରୀମଣ୍ଡଳ ଗଠନ କଲେ । ଏଥିରେ ନିରଞ୍ଜନ ପଟ୍ଟନାୟକ କ୍ୟାବିନେଟ୍ ପାହ୍ୟାରେ ରହି ଶକ୍ତି ମନ୍ତ୍ରୀ ହେଲେ । ଜୟଦେବ ଯେନା ସ୍ୱାଧୀନ ରାଷ୍ଟ୍ରମନ୍ତ୍ରୀ ପାହ୍ୟାରେ ଗୃହନିର୍ମାଣ ବିଭାଗ ପାଇଲେ । ତା ୨୯/୨/୨୦୦୨ ରେ ବିଧାନସଭା ଭାଙ୍ଗିବାରୁ ଏହି ମନ୍ତ୍ରୀମଣ୍ଡଳର କାର୍ଯ୍ୟକାଳ ପୂରିଗଲା ।

ଦ୍ୱାଦଶ ଓ ତ୍ରୟୋଦଶ ବିଧାନସଭା ମେଣ୍ଟ ନେତା ନବୀନ/ନିରଙ୍କୁଶ ଶାସନ

ସନ ୨୦୦୦ରେ ଦ୍ୱାଦଶ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେଲା । ଏହି ନିର୍ବାଚନ ହେବା ପୂର୍ବରୁ କେନ୍ଦ୍ରର ତ୍ରୟୋଦଶ ଲୋକସଭା ନିର୍ବାଚନ ସରିଯାଇଥାଏ । ବି.ଜେ.ଡି. ବି.ଜେ.ପି. ମେଣ୍ଟ ହେବାରୁ ଉଭୟ ଦଳର ପ୍ରାର୍ଥୀମାନେ ବହୁ ଭୋଟ ବ୍ୟବଧାନରେ ଜିଣିସାରିଥିଲେ । ଏଥର ମଧ୍ୟ ଓଡ଼ିଶା ବିଧାନସଭା ପାଇଁ ସେମାନଙ୍କ ପ୍ରାର୍ଥୀ ଅକ୍ଳେଶରେ ଜିଣିଯିବାର ବାଟ ପରିଷ୍କାର ଜଣାପଡୁଥାଏ । ବି.ଜେ.ଡି. ବି.ଜେ.ପି. ମେଣ୍ଟ ହେବା ଏବଂ ବିଜୁବାବୁଙ୍କ ଦେହାନ୍ତ ପରେ ତାଙ୍କ ପୁତ୍ର ନବୀନବାବୁଙ୍କ ନୂତନ

Digitized by PPRACHIN, SOA

କରି ରାଜନୀତିକୁ ପ୍ରବେଶ– ଓଡ଼ିଶାବାସୀଙ୍କ ମନରେ ନୂତନ ଆଶା ସଞ୍ଚାର କରିଥିଲା । ବିଶେଷ କରି କେନ୍ଦୁଝରବାସୀଙ୍କୁ କଂଗ୍ରେସର ବାରମ୍ବାର ପ୍ରତାରଣା ନୂତନ ସରକାର ଗଠନ ପାଇଁ ପ୍ରେରଣା ଥିଲା । ରାଜନୀତି ଅନଭିଜ୍ଞ ନବୀନବାବୁଙ୍କଠାରୁ କେନ୍ଦୁଝର ଅନେକ କିଛି ଆଶା କରୁଥିଲା । ଖାଲି କେନ୍ଦୁଝର ନୁହେଁ– ସମଗ୍ର ଓଡ଼ିଶାବାସୀ ଆଶାବାଦୀ ଥିଲେ । କେନ୍ଦ୍ରରେ ବାଜପେୟୀ ସରକାର ଗଠନ କରିବା ପରେ ଓଡ଼ିଶାରେ ନବୀନବାବୁଙ୍କ ନେତୃତ୍ୱକୁ ଆଶାତୀତ ସଫଳତା ମିଳିଲା । ଫଳରେ ୧୪୭ ଆସନରୁ ବି.ଜେ.ଡି.ର ୮୪ ଜଣ ନିର୍ବାଚନ ଲଢ଼ି ୬୮ ଜଣ ନିର୍ବାଚିତ ଓ ବି.ଜେ.ପି.ରୁ ୬୩ ଜଣ ନିର୍ବାଚନ ଲଢ଼ି ୩୮ ଜଣ ନିର୍ବାଚିତ ହେଲେ । ଫଳରେ ମେଣ୍ଟପ୍ରାର୍ଥୀଙ୍କ ସଂଖ୍ୟା ୮୬ ହେଲା; କିନ୍ତୁ କଂଗ୍ରେସରୁ ମାତ୍ର ୨୬ ଜଣ ନିର୍ବାଚିତ ହୋଇ ପରାଜୟର ଗ୍ଲାନି ଭୋଗ କଲେ । ଏହି ନିର୍ବାଚନରେ ଆସନ ବୁଝାମଣା ହେତୁ କେବଳ ତେଲକୋଇ ଆସନଟି ବି.ଜେ.ଡି. ଭାଗ୍ୟରେ ପଡ଼ିଲା । ଚମ୍ପୁଆ ଆସନଟିକୁ କମ୍ୟୁନିଷ୍ଟ ଓ ବାକି ଚାରିଗୋଟି ଆସନ ବି.ଜେ.ପି. ଭାଗ୍ୟରେ ପଡ଼ିଥିଲା । ଏଥିରେ ଅସନ୍ତୁଷ୍ଟ ହୋଇ ଚମ୍ପୁଆରୁ ସହରାଇ ଓରାମ ଓ ରାମଚନ୍ଦ୍ରପୁରରୁ ବଦ୍ରିନାରାୟଣ ପାତ୍ର ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ି ଜୟଯୁକ୍ତ ହେଲେ । ବାକି ପାଟଣାରୁ ଗୌରହରି ନାୟକ, କେନ୍ଦୁଝରରୁ ମୋହନ ଚରଣ ମାଝି, ଆନନ୍ଦପୁରରୁ ମାୟାଧର ଯେନା ବି.ଜେ.ପି. ପ୍ରାର୍ଥୀ ଭାବେ ବିଜୟୀ ହେଲେ । ତେଲକୋଇର ବି.ଜେ.ଡି. ପ୍ରାର୍ଥୀ ନୀଳାଦ୍ରି ନାୟକ ମଧ୍ୟ ବିଜୟୀ ହେଲେ । କଂଗ୍ରେସ ମୂଳପୋଛ ହୋଇଗଲା ।

ସ୍ୱର୍ଗତ ବିଜୁବାବୁଙ୍କ ଜନ୍ମଦିବସ ମାର୍ଚ୍ଚ ୫ ତାରିଖରେ ନବୀନାବାବୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ତାଙ୍କ ମନ୍ତ୍ରିମଣ୍ଡଳ ସହିତ ଶପଥ ଗ୍ରହଣ କଲେ । ତାଙ୍କର ଏହି ମିଳିତ ମନ୍ତ୍ରିମଣ୍ଡଳରେ କେନ୍ଦୁଝରରୁ କେହି ସ୍ଥାନିତ ହୋଇପାରିଲେ ନାହିଁ ।

Digitized by PPRACHIN, SOA

ତ୍ରୟୋଦଶ ବିଧାନସଭା ଓ ଚତୁର୍ଦ୍ଦଶ ଲୋକସଭା ନିର୍ବାଚନ-୨୦୦୪

ସନ ୨୦୦୪ରେ ଚତୁର୍ଦ୍ଦଶ ଲୋକସଭା ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଲା । ଓଡ଼ିଶାର ଏକାଦଶ ବିଧାନସଭାର କାର୍ଯ୍ୟକାଳ ଆଉ ଏକବର୍ଷ ବାକି ଥାଏ । ନବୀନାବାବୁ ଚାହିଁଲେ ଲୋକସଭା ସହିତ ବିଧାନସଭା ନିର୍ବାଚନ ହେଉ । ସେ ଭାବୁଥିଲେ ଯେ କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ଥିବା ଅଟଳ ବିହାରୀ ବାଜପେୟୀଙ୍କ ଭାବମୂର୍ତ୍ତି ଖୁବ୍ ଭଲ ଅଛି । ସେ ଏଥର ନିଶ୍ଚୟ ପୁନର୍ବାର ପ୍ରଧାନମନ୍ତ୍ରୀ ହେବେ– ତାଙ୍କ ଦଳ ଖୁବ୍ ଭଲ ଫଳ ପାଇବ । ଏହି ଅଭିପ୍ରାୟରେ ସେ ଓଡ଼ିଶା ବିଧାନସଭାକୁ ଭାଙ୍ଗିଦେବାକୁ ସୁପାରିଶ କଲେ । ଓଡ଼ିଶାରେ ମୋଟ ୨୧ ଆସନରୁ ବି.ଜେ.ଡି. ୧୧ ଓ ବି.ଜେ.ପି. ୭ ଆସନରେ ବିଜୟୀ ହେଲା । କେନ୍ଦୁଝର ଆସନରୁ ମେଣ୍ଟ ପ୍ରାର୍ଥୀ ତଥା ବି.ଜେ.ପି. ଦଳର ସଦସ୍ୟ ଅନନ୍ତ ନାୟକ ପୁନର୍ବାର ଜୟଯୁକ୍ତ ହେଲେ । କଂଗ୍ରେସ ମାତ୍ର ୨ଟି ଆସନ ପାଇଲା; କିନ୍ତୁ କେନ୍ଦ୍ରରେ ବାଜପେୟୀଙ୍କ ବି.ଜେ.ପି. ମେଣ୍ଟ ସଫଳତା ପାଇଲା ନାହିଁ । କଂଗ୍ରେସର ମେଣ୍ଟ ଦଳ କେନ୍ଦ୍ରରେ ସରକାର ଗଢ଼ିଲା । ମନମୋହନ ସିଂହ ଭାରତର ପ୍ରଧାନମନ୍ତ୍ରୀ ହେଲେ ।

ନବୀନବାବୁଙ୍କ ସୁପାରିଶକ୍ରମେ ଓଡ଼ିଶାର ତ୍ରୟୋଦଶ ବିଧାନସଭା ନିର୍ବାଚନ ଏକସମୟରେ ହେଲା । ଏଥିରେ ବି.ଜେ.ଡି. ୬୧, ବି.ଜେ.ପି. ୩୨ ଓ କଂଗ୍ରେସ ୩୮ଟି ଆସନରେ ବିଜୟୀ ହେଲେ । କଂଗ୍ରେସ ଦଳର ଚମ୍ପୁଆ ନିର୍ବାଚନ ମଣ୍ଡଳୀରୁ ଧନୁର୍ଜୟ ସିଦ୍ଧୁ, ରାମଚନ୍ଦ୍ରପୁରରୁ ନିରଞ୍ଜନ ପଟ୍ଟନାୟକ ଓ ଆନନ୍ଦପୁରରୁ ଜୟଦେବ ଯେନା କଂଗ୍ରେସ ଦଳର ପ୍ରାର୍ଥୀ ଭାବେ ବିଜୟୀ ହେଲେ । କେନ୍ଦୁଝରରୁ ମୋହନ ଚରଣ ମାଝି ଓ ପାଟଣାରୁ ଗୌରହରି ନାୟକ ବି.ଜେ.ପି.ର ପ୍ରାର୍ଥୀ ଭାବେ ଓ ତେଲକୋଇରୁ ନୀଳାଦ୍ରି ନାୟକ ବିଜେଡିର ପ୍ରାର୍ଥୀ ଭାବେ ନିର୍ବାଚିତ ହେଲେ । ଏହି ନିର୍ବାଚନରେ କଂଗ୍ରେସ ଦଳ ଓଡ଼ିଶାରେ ବିଫଳ ହୋଇଥିଲେ ହେଁ କେନ୍ଦୁଝରରେ କଂଗ୍ରେସ ଦଳ ଆଶାତୀତ ସଫଳତା ପାଇଥିଲା । କାରଣ ଏତେବେଳକୁ ମେଣ୍ଟଦଳ କେନ୍ଦୁଝର ସମସ୍ୟାକୁ ବିଚାରକୁ ନେଇ ନ ଥିଲା । ପରିସ୍ଥିତି ଏଭଳି ଥିଲା ଯେ ସାମାନ୍ୟ ଉଦ୍ୟମ କରିଥିଲେ, କଂଗ୍ରେସ ପ୍ରାର୍ଥୀମାନେ ସମସ୍ତ ନିର୍ବାଚନ ମଣ୍ଡଳୀରେ ବିଜୟୀ ହୋଇପାରିଥା'ନ୍ତେ; କିନ୍ତୁ

Digitized by PPRACHIN, SOA

ନେତୃତ୍ୱର ଦାରୁଣ ଦୁର୍ବଳତା ଓ ଗୋଷ୍ଠୀକନ୍ଦଳ ପାଇଁ ଏହି ତିନୋଟି ଆସନ କଂଗ୍ରେସ ହାତରୁ ହାତଛଡ଼ା ହୋଇଯାଇଥିଲା ।

ସନ ୨୦୦୪ ମସିହା ମଇ ମାସ ୧୬ ତାରିଖରେ ନବୀନବାବୁ ତାଙ୍କ ନୂତନ ମନ୍ତ୍ରିମଣ୍ଡଳ ଗଠନ କଲେ । ଏହାପରେ ମଧ୍ୟ ତା୧୭.୫.୨୦୦୬ / ତା୧୯.୬.୨୦୦୬/ ତା୫.୨.୨୦୦୮/ ତା୫.୫.୨୦୦୮ ଓ ୧୭.୫.୨୦୦୮– ଏଭଳି ମୋଟ ୫ ଥର ମନ୍ତ୍ରୀମଣ୍ଡଳର ପୁନର୍ବିନ୍ୟାସ କରିଥିଲେ; କିନ୍ତୁ କେନ୍ଦୁଝରରେ ତାଙ୍କ ନିଜ ଦଳର ନୀଳାଦ୍ରିବାବୁ ଓ ବି.ଜେ.ପି.ର ଦୁଇଜଣ ସଦସ୍ୟ ଥିଲେ ମଧ୍ୟ କାହାରିକୁ ତାଙ୍କ ମନ୍ତ୍ରୀମଣ୍ଡଳରେ ସ୍ଥାନିତ କରି ନ ଥିଲେ । କେବଳ ସାମାନ୍ୟରେ ସନ୍ତୁଷ୍ଟ କରିବାକୁ ବି.ଜେ.ପି. ସଦସ୍ୟ ମୋହନ ଚରଣ ମାଝିଙ୍କୁ ସରକାରୀ ଉପମୁଖ୍ୟ ସଚେତକ ପଦବୀ ଅର୍ପଣ କରାଯାଇଥିଲା ।

ଚତୁର୍ଦ୍ଦଶ ବିଧାନସଭା ଓ ପଞ୍ଚଦଶ ଲୋକସଭା ନିର୍ବାଚନ ନିରଙ୍କୁଶ ଶାସନ–୨୦୦୯

ଏହି ନିର୍ବାଚନ ହେବା ବେଳକୁ ବିଜେଡି ଓ ବିଜେପି ମଧ୍ୟରେ ଶୀତଳ ଯୁଦ୍ଧର ଆରମ୍ଭ ହୋଇଯାଇଥାଏ । ବିଜେଡି ହାତ ଛାଡ଼ିବାକୁ ବିଜେପି ଚାହୁଁ ନ ଥିଲା । ଅପରନ୍ତୁ ବିଜେପିର କେନ୍ଦ୍ରରେ କକ୍ଷଚ୍ୟୁତ ଅବସ୍ଥା ଓ ସାଂଗଠନିକ ଦୁର୍ବଳତା ବଢ଼ି ବଢ଼ି ଚାଲିଥିଲା । ଏହି ଦୁର୍ଦ୍ଦିନରେ ସୁବିଧାବାଦୀ ବିଜେଡି ଦଳ ବିଜେପି ହାତ ଛାଡ଼ିଦେଲା ।

ସନ ୨୦୦୯ ଏପ୍ରିଲ ମାସରେ ନିର୍ବାଚନ ହେଲା । ଲୋକସଭା ନିର୍ବାଚନରେ ବିଜେଡି ୧୪ଟି କଂଗ୍ରେସ ୬ଟି ଓ କମ୍ୟୁନିଷ୍ଟ ଦଳ ଗୋଟିଏ ଆସନ ପାଇଲେ । ବିଜେପି ଗୋଟିଏ ବି ଆସନ ପାଇଲେ ନାହିଁ । କେନ୍ଦୁଝରରରେ ଯଶୋବନ୍ତ ନାରାୟଣ ସିଂ ଲାଗୁରି ବିଜେଡି ପ୍ରାର୍ଥୀ ଭାବେ ଲୋକସଭାକୁ ନିର୍ବାଚିତ ହୋଇଥିଲେ । କେନ୍ଦ୍ରରେ କଂଗ୍ରେସର ମିଳିତ ସରକାର ହେଲା । ଏଣେ କିନ୍ତୁ ଓଡ଼ିଶାରେ ନବୀନବାବୁ ସଫଳ ହେଲେ । ୧୪୭ଟି ଆସନରୁ ତାଙ୍କ ଦଳ ୧୦୩ ଆସନରେ ବିଜୟୀ ହେଲା । କଂଗ୍ରେସ ୨୭ଟି ଆସନ ଦଖଲ କଲା । ବିଜେପି ମାତ୍ର ୬ଟି ଆସନ ପାଇ ଦୟନୀୟ ସ୍ଥିତିରେ ରହିଲା । କେନ୍ଦୁଝରରେ ମାତ୍ର ଚମ୍ପୁଆ ଆସନଟିକୁ ଛାଡ଼ିଦେଲେ, ସମସ୍ତ ଆସନରେ

Digitized by PPRACHIN, SOA

ବିଜେଡିର ପ୍ରାର୍ଥୀମାନେ ବିଜୟ ଧ୍ୱଜା ଉଡ଼ାଇଲେ । ତେଲକୋଇରୁ ପ୍ରେମାନନ୍ଦ ନାୟକ, ଘଷିପୁରାରୁ ବଦ୍ରିନାରାୟଣ ପାତ୍ର ଓ ଆନନ୍ଦପୁରରୁ ଭାଗିରଥୀ ସେଠୀ ନିର୍ବାଚିତ ହୋଇଥିଲେ । ଚମ୍ପୁଆରେ କଂଗ୍ରେସ ପ୍ରାର୍ଥୀ ସନାତନ ମହାକୁଡ଼ ଜିଣୁ ଜିଣୁ ହାରିଗଲେ ବୋଲି ବିଳମ୍ବରେ ଜଣାପଡ଼ିଲା । ଶେଷରେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସ୍ୱାଧୀନ ପ୍ରାର୍ଥୀ ଜିତୁ ପଟ୍ଟନାୟକ ବିଜୟୀ ଘୋଷିତ ହେଲେ । ସନାତନ ହାଇକୋର୍ଟ୍ ଗଲେ । ଜିତୁବାବୁ ସୁପ୍ରିମକୋର୍ଟ୍‌ରେ ସନାତନଙ୍କ ମକଦ୍ଦମା ରଦ୍ଦ କରାଇଲେ । ଏଣେ ବିଜୁବାବୁଙ୍କ ଜନତା ଦଳ ଛାଡ଼ି କଂଗ୍ରେସକୁ ଡେଇଁଥିବା ହୃଷୀକେଶ ନାୟକ ୨୫ ବର୍ଷ ପରେ ବିଜୁଜନତା ଦଳରେ ସାମିଲ୍ ହେଲେ । ତା୨୨/୫/୨୦୦୯ ରେ ନବୀନ ପଟ୍ଟନାୟକ କ୍ରମାଗତ ଭାବେ ତୃତୀୟ ଥର ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେଲେ । ପୂର୍ବରୁ ଥିବା ରାମଚନ୍ଦ୍ରପୁର ନିର୍ବାଚନମଣ୍ଡଳୀର ନାମ ଇତିମଧ୍ୟରେ ଘଷିପୁରା ନିର୍ବାଚନ ମଣ୍ଡଳୀ ନାମରେ ନାମିତ ହୋଇଯାଇଥିଲା । ଏହାର ବିଧାୟକ ବଦ୍ରିନାରାୟଣ ପାତ୍ର ନବୀନବାବୁଙ୍କ ମନ୍ତ୍ରିମଣ୍ଡଳରେ ଗୃହନିର୍ମାଣ ଓ ନଗର ଉନ୍ନୟନ ସ୍ୱାଧୀନ ରାଷ୍ଟ୍ରମନ୍ତ୍ରୀ ଭାବେ ସ୍ଥାନିତ ହେବାର ସୌଭାଗ୍ୟ ଅର୍ଜନ କଲେ ।

ସନ ୨୦୦୪ ରେ ମାତ୍ର ୬୧ ଆସନରେ ଜିଣିଥିବା ବିଜେଡିର ନବୀନ ସରକାର ସନ ୨୦୦୯ ବେଳକୁ ୧୦୩ ଆସନ ପାଇବା ଦଳ ପାଇଁ ଏକ ଐତିହାସିକ ଘଟଣା ଥିଲା । ସମକାଳୀନ ଭାରତୀୟ ରାଜନୀତି ଓ ଓଡ଼ିଶାରେ କଂଗ୍ରେସ ମଧ୍ୟରେ ତୀବ୍ର ଗୋଷ୍ଠୀକନ୍ଦଳ ହେତୁ ଓଡ଼ିଶାବାସୀ ଅନନ୍ୟୋପାୟ ହୋଇ ବିଜେଡି ଦଳକୁ ସମର୍ଥନ କରିଥିଲେ, ଯାହାର ପରିଣାମରେ ସାରା ରାଜ୍ୟ କଥା ଛାଡ଼ନ୍ତୁ, କେନ୍ଦୁଝରବାସୀ ଅନେକ କ୍ଷତି ସହିଲେ । ଆସେଲର ମିତ୍ତଲ ଭଳି ଏକ ବହୁଦେଶୀୟ କମ୍ପାନୀ କେନ୍ଦୁଝରରେ ଏକ ମେଗାଷ୍ଟିଲ ପ୍ଲାଣ୍ଟ କରିବାକୁ ଓଡ଼ିଶା ସରକାରଙ୍କ ସହିତ ଚୁକ୍ତି କରିଥିଲା । ସରକାରୀ ଉଦାସୀନତା ହେତୁ ଚୁକ୍ତିରୁ ଓହରିଗଲା । କେନ୍ଦୁଝରର ବହୁଦିନର ସ୍ୱପ୍ନ ଧୂଳିସାତ୍ ହୋଇଗଲା । ବିଶ୍ୱର ସର୍ବବୃହତ୍ ଖଣି ଦୁର୍ନୀତିରେ କେନ୍ଦୁଝର ବିସ୍ତୃତ ଅଞ୍ଚଳ ଖଣି ଖଣ୍ଟଙ୍କ ଦ୍ୱାରା ଲୁଟି ହୋଇଗଲା । ଗାଁ'ଗହଳିରେ କୁସର ବସି ସାଧାରଣ ଜୀବନକୁ ଅତିଷ୍ଠ କରିଦେଲା । ରାସ୍ତାଘାଟ ଖାଲଖମଣରେ ପରିଣତ ହୋଇଗଲା । ଗୋଟିଏ ମେଡିକାଲ୍ କଲେଜ ସ୍ଥାପନ କରିବାକୁ ଏକ ବେସରକାରୀ ସଂସ୍ଥାକୁ ଜମି ଯୋଗାଇ ଦିଆଗଲା; କିନ୍ତୁ ଏହା ଦୁଃସ୍ୱପ୍ନ ପାଲଟିଗଲା । ବୈତରଣୀ ନଦୀର ପାଣିକୁ କମ୍ପାନୀମାନେ ଲୁଟିନେବାର

Digitized by PPRACHIN, SOA

ବ୍ୟବସ୍ଥା ହେଲା । ଦୁଇଦୁଇଟି କମ୍ପାନୀ ଲୁହାନଳ ବିଛାଇ କେନ୍ଦୁଝରର ଖଣି ଆଉ ପାଣିକୁ ଅପହରଣ କରିବାର ସୁଯୋଗ ସୃଷ୍ଟି କରାଗଲା । ରାସ୍ତାଘାଟ ଅଗମ୍ୟ, ଧନଜୀବନ ବିପର୍ଯ୍ୟସ୍ତ ହୋଇପଡ଼ିଲା । ରାଜନୈତିକ ଦଳଗୁଡ଼ିକ ପ୍ରତିବାଦ କରିବା ଦୂରେ ଥାଉ, ମୁହଁ ବି ଖୋଲିଲେ ନାହିଁ । ଚାରିଆଡ଼େ ଅରାଜକତାର ରାଜପଣ– ଲୋକେ ଭୟଭୀତ ଏବଂ କାକୁସ୍ଥ ହୋଇପଡ଼ିଲେ । ବିଗତ ପଚାଶ ବର୍ଷର ସମୃଦ୍ଧି; ଲୁହାଗୁଣ୍ଡର ଆସ୍ତରଣରେ ଘୋଡ଼େଇ ହୋଇଗଲା । କେନ୍ଦୁଝରରୁ ଚାଇନା ପର୍ଯ୍ୟନ୍ତ ଖଣିଖଣ୍ଡଙ୍କ ପ୍ରାଦୁର୍ଭାବରେ କେନ୍ଦୁଝର ଅତିଷ୍ଠ ହୋଇପଡ଼ିଲା । ଗଣମାଧ୍ୟମମାନଙ୍କରେ ଏହା ମୁଖ୍ୟ ସମ୍ବାଦ ରୂପେ ପ୍ରକାଶ ପାଇଲା । କେନ୍ଦ୍ର ସରକାର ଓ ଭାରତର ସୁପ୍ରିମକୋର୍ଟ୍ ହସ୍ତକ୍ଷେପରୁ ଶାହାକମିଶନ କେନ୍ଦୁଝର ଆସିଲେ । ତଦନ୍ତ କରି କେନ୍ଦ୍ର ସରକାରଙ୍କୁ ଜଣାଇଲେ । ଅନେକ ଖଣିରେ ଦୁର୍ନୀତି ହୋଇଥିବା ଜଣାପଡ଼ିଲା । ଅନେକ ଖଣିଖାଦନ ବନ୍ଦ କରିବାକୁ ସରକାର ବାଧ୍ୟ ହେଲେ ।

ଖଣି ଦୁର୍ନୀତିରେ ଅନେକ ନେତା କୋଟି କୋଟି ଟଙ୍କା କମାଇଦେଲେ । ସେମାନଙ୍କ କ୍ଷମତାନିଶା ଉଗ୍ର ହେଲା । ଇତିମଧ୍ୟରେ ବିଜେଡି ସରକାରରେ ଗୋଷ୍ଠୀକନ୍ଦଳ ସୃଷ୍ଟି ହେଲା । ମୁଖ୍ୟମନ୍ତ୍ରୀ ନବୀନବାବୁଙ୍କ ସହିତ ତାଙ୍କ ରାଜନୈତିକ ଚାଣକ୍ୟ କଥିତ ଅଙ୍କଲ ପ୍ୟାରୀମୋହନ ମହାପାତ୍ରଙ୍କ ମଧ୍ୟରେ କ୍ଷମତାକୁ ନେଇ ଶୀତଳ ଯୁଦ୍ଧ ଆରମ୍ଭ ହେଲା । ତା ୨୯/୫/୨୦୧୨ ମଧ୍ୟରାତ୍ରରେ ପ୍ୟାରୀମୋହନ ମହାପାତ୍ର କେତେକ ବିଧାୟକଙ୍କୁ ନେଇ କ୍ଷମତା ହଡ଼ପ ଯୋଜନା କରିଥିଲେ । କେନ୍ଦୁଝରର ବିଧାୟକ ସୁବର୍ଣ୍ଣ ନାୟକ ଏହା ପ୍ରଘଟ କରିଦେବାରୁ ଗୁପ୍ତ ମନ୍ତ୍ରଣା ଧରାପଡ଼ିଗଲା । ନବୀନବାବୁ ବିଦେଶ ଗସ୍ତରୁ ଫେରି ତା ୩୧/୫/୨୦୧୨ ରିଖରେ ପ୍ୟାରୀମୋହନଙ୍କୁ ଦଳରୁ ବହିଷ୍କାର କରିଦେଲେ । ପ୍ୟାରୀବାବୁ ତା ୯/୪/୨୦୧୩ରେ ଏକ ନୂତନ ରାଜନୈତିକ ଦଳ 'ଓଡ଼ିଶା ଜନମୋର୍ଚ୍ଚା' ଗଠନ କଲେ ।

ନବୀନବାବୁ ପ୍ୟାରୀମୋହନଙ୍କ ସହିତ ତାଙ୍କ ଗୋଷ୍ଠୀର କେତେକ ମନ୍ତ୍ରୀଙ୍କୁ ମଧ୍ୟ ବହିଷ୍କାର କରି ୩ୟ ଥର ପାଇଁ ମନ୍ତ୍ରୀମଣ୍ଡଳର ପୁନର୍ବିନ୍ୟାସ କଲେ । ତା ୨/୮/୨୦୧୨ ରେ ଏହି ନୂତନ ମନ୍ତ୍ରିମଣ୍ଡଳରେ ଘଷିପୁରା ବିଧାୟକ ବଦ୍ରିବାବୁ ଉଚ୍ଚଶିକ୍ଷାମନ୍ତ୍ରୀ ପାଇବାରୁ ଅନେକ ବିସ୍ମିତ ହେଲେ । କାରଣ ସେମାନଙ୍କ ଦୃଢ଼ ଧାରଣା ଥିଲା ଯେ ବଦ୍ରିବାବୁ ପ୍ୟାରୀମୋହନଙ୍କ ଏକାନ୍ତ ଅନୁଗତ– ଏଥର ସେ ସାଫ୍ ହୋଇଯିବେ; କିନ୍ତୁ

Digitized by PPRACHIN, SOA

ସେଭଳି କିଛି ଘଟିଲା ନାହିଁ । ପରବର୍ତ୍ତୀ ଘଟଣାପ୍ରବାହରୁ ବଦ୍ରିବାବୁ ଯେ ନବୀନ ସରକାରର ଜଣେ ଅସାଧାରଣ ପାଇକ, ଏହା ସ୍ପଷ୍ଟ ହୋଇଗଲା ।

ପଞ୍ଚଦଶ ବିଧାନସଭା ଓ ଷୋଡ଼ଶ ଲୋକସଭା ନିର୍ବାଚନ

ଏହି ନିର୍ବାଚନ ବେଳକୁ ବିଜେଡି ସମ୍ପୂର୍ଣ୍ଣ ନିରଙ୍କୁଶ / ସ୍ୱାବଲମ୍ବୀ ହୋଇଯାଇଥିଲା । କଂଗ୍ରେସ ଓ ବିଜେପିରୁ ଅନେକ ନେତା ଓ କର୍ମୀ ଦଳତ୍ୟାଗ କରି ବିଜେଡିରେ ଯୋଗଦେଇଥିଲେ । ନିର୍ବାଚନ ପୂର୍ବରୁ ୩ଟି ରାଜ୍ୟସଭା ଆସନ ପାଇଁ ନିର୍ବାଚନ ହୋଇଥିଲା । ସମସ୍ତ ଆସନ ବିଜେଡି ଅକ୍ତିଆର କରିବାକୁ ଶକ୍ତି ସଞ୍ଚୟ କରିବାକୁ ଚେଷ୍ଟା ଚଳାଇଲା । ଚମ୍ପୁଆରୁ ସ୍ୱାଧୀନ ଭାବେ ନିର୍ବାଚିତ ହୋଇ କଂଗ୍ରେସ ଦଳର ସହଯୋଗୀ ଥିବା ଜିତୁ ପଟ୍ଟନାୟକ ଭବିଷ୍ୟତ ସୁରକ୍ଷା କାରଣରୁ ବିଜେଡିରେ ଯୋଗଦେଲେ । ବିଜେପି ଦଳରେ ଥାଇ ସନ ୨୦୦୦ରେ ଆନନ୍ଦପୁର ବିଧାୟକ ଭାବେ ନିର୍ବାଚିତ ହୋଇଥିବା ମାୟାଧର ଯେନା ବିଜେପି ଦଳତ୍ୟାଗ କରି ବିଜେଡିରେ ଯୋଗଦେଲେ ।

ପ୍ରଦେଶ କଂଗ୍ରେସ ଦଳରେ ସଭାପତି ଥାଇ ଜୟଦେବବାବୁ ସଂଗଠନକୁ ସକ୍ରିୟ କରିପାରିଲେ ନାହିଁ । ପୁରୁଣାମାନଙ୍କୁ ଅଣଦେଖା କରିବାରୁ ନିର୍ବାଚନରେ ସେମାନେ ନୀରବ ରହିଲେ । ନିରଞ୍ଜନ ପଟ୍ଟନାୟକ ଜୟଦେବବାବୁଙ୍କ ନେତୃତ୍ୱକୁ ଗ୍ରହଣ କରିପାରିଲେ ନାହିଁ । ସେ ନିର୍ବାଚନରେ ଟିକେଟ୍ ନେବାକୁ ମନା କରିଦେଲେ । ଚମ୍ପୁଆ ନିର୍ବାଚନମଣ୍ଡଳୀରେ ସନାତନ ମହାକୁଡ଼ ନିଜ ସ୍ଥିତିକୁ ସୁଦୃଢ଼ କରିବା ସହିତ କଂଗ୍ରେସ ଦଳକୁ ସବୁପ୍ରକାର ସହଯୋଗ ଦେଇ ଚାଲିଥିଲେ । କଂଗ୍ରେସ ଭବନ ନିର୍ମାଣଠାରୁ ଆରମ୍ଭ କରି ଅନେକ ଦେବୀମନ୍ଦିର, ବିଦ୍ୟାଳୟ, ରାସ୍ତାଘାଟ, ନଳକୂପ ଖନନ, ଦୁରାରୋଗ୍ୟ ରୋଗଗ୍ରସ୍ତମାନଙ୍କୁ ଆର୍ଥିକ ସହାୟତା ଦାନ, ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ ଆଦି ଜନହିତକର କାର୍ଯ୍ୟ କରି ନିଜ ଆସନକୁ ସୁଦୃଢ଼ କରିପାରିଥିଲେ । ଏପରିକି ଜୟଦେବବାବୁଙ୍କ ଆସନକୁ ସୁଦୃଢ଼ କରିବା ପାଇଁ ସମସ୍ତପ୍ରକାର ସହାୟତା ଦାନ କରି ମଧ ନିର୍ବାଚନ ବେଳକୁ ଜୟଦେବଙ୍କ କାର୍ଯ୍ୟରେ ଅସନ୍ତୁଷ୍ଟ ହୋଇ ଦଳତ୍ୟାଗ କଲେ । ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ିବାକୁ ନିଷ୍ପତ୍ତି ନେଲେ । କଂଗ୍ରେସ ଦଳରୁ ଅନେକ କର୍ମୀ ଦଳତ୍ୟାଗ କରି ସମସ୍ତ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ଠିଆ ହେଲେ ।

Digitized by PPRACHIN, SOA

ବିଜେପି ଏଥର ନରେନ୍ଦ୍ର ମୋଦିଙ୍କୁ ନେତୃତ୍ୱ ଅର୍ପଣ କରି ବାହାରିଲା । ତା ୬/୪/୨୦୧୩ ରେ ନରେନ୍ଦ୍ର ମୋଦି କେନ୍ଦୁଝର ଆସି ବିଜେପି ପ୍ରାର୍ଥୀମାନଙ୍କୁ ବିଜୟୀ କରିବାକୁ ଏକ ବିରାଟ ସଭାରେ ଆହ୍ୱାନ ଜଣାଇଲେ ।

ଲୋକସଭା ଆସନ ପାଇଁ ଏଥର ବିଜେଡି ପ୍ରାର୍ଥୀ ପରିବର୍ତ୍ତନ କଲା । ପୂର୍ବରୁ ଥିବା ଲୋକସଭା ସଦସ୍ୟ ଯଶୋବନ୍ତ ନାରାୟଣ ସିଂହ ଲାଗୁରୀଙ୍କ ବିରୋଧରେ ବହୁ ଦୁର୍ନୀତି ଅଭିଯୋଗ ହେବାରୁ ତାଙ୍କୁ ଟିକେଟ୍ ନ ଦେଇ ତାଙ୍କ ପତ୍ନୀ ଶକୁନ୍ତଳାଙ୍କୁ ଟିକେଟ୍ ଦେଲେ । କେନ୍ଦୁଝର ସଦର ଆସନରେ ଥିବା ବିଧାୟକ ସୁବର୍ଣ୍ଣ ନାୟକ ଓ ଆନନ୍ଦପୁର ବିଧାୟକ ଭାଗିରଥୀ ସେଠୀ ବଦ୍ରିବାବୁଙ୍କ ବିରୋଧୀ ଥିବାରୁ ଏଥର ଟିକେଟ୍ ପାଇଲେ ନାହିଁ । ବିଜେପିରୁ ଆସିଥିବା ମାୟାଧର ଜେନା ଆନନ୍ଦପୁରରୁ ବିଜେଡି ପ୍ରାର୍ଥୀ ହେଲେ । କେନ୍ଦୁଝରରୁ ନବାଗତ ଅଭିରାମ ନାଏକ ଓ ତେଲକୋଇରୁ ପୂର୍ବତନ ବିଧାୟକ ନୀଳାଦ୍ରି ନାୟକଙ୍କ ପୁତ୍ର ବେଦବ୍ୟାସ ନାୟକଙ୍କୁ ଟିକେଟ ଦିଆଗଲା । କେବଳ ପାଟଣାରେ ହୃଷୀକେଶ ନାୟକ ଓ ଘଷିପୁରାରୁ ବଦ୍ରିନାରାୟଣ ପାତ୍ର ପୁରୁଣା ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିଲେ । ଆଶା କରାଯାଉଥିଲା, ବିଜେଡିରେ ଯୋଗଦେଇଥିବା ଜିତୁ ପଟ୍ଟନାୟକ ଚମ୍ପୁଆରୁ ଟିକେଟ ପାଇବେ; କିନ୍ତୁ କୁଶ ଆପଟଙ୍କୁ ଅନେକ ସମର୍ଥନ କରିବାରୁ ଜିତୁ କିଂବା କୁଶ, କେହି ବି ଟିକେଟ୍ ପାଇଲେ ନାହିଁ । ଚଳଚ୍ଚିତ୍ର ଜଗତର ହାସ୍ୟାଭିନେତା ପପୁ ପମ୍‌ପମ୍‌ଙ୍କୁ ବିଜେଡି ଟିକେଟ୍ ଦେଲା । ପପୁ ମୟୂରଭଞ୍ଜ ଅଧିବାସୀ । ଏଣୁ ଚାରିଆଡ଼େ .ଏହି ପ୍ରସଙ୍ଗରେ ନାସିକାକୁଞ୍ଚନ ହେଲା । କୁଶ ଆପଟ ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ିବାକୁ ଆଗେଇ ଆସିଲେ । ତେଣେ ଏହି କ୍ଷେତ୍ରରୁ କଂଗ୍ରେସ ଦଳ ପରିତ୍ୟାଗ କରି ଚର୍ଚ୍ଚାର ଶୀର୍ଷରେ ଥିବା ସନାତନ ମହାକୁଡ଼ ସ୍ୱାଧୀନ ଭାବେ ଲଢ଼ି ବିଜେଡିର ସମସ୍ତ ରଣକୌଶଳକୁ ପଦାନତ କରିଦେଲେ । ସେ ନିର୍ବାଚିତ ହୋଇ ଏକ ପ୍ରଚଣ୍ଡ ସ୍ୱାଭିମାନର ଉଦାହରଣ ସୃଷ୍ଟି କଲେ । ବାକି ସମସ୍ତ ଆସନରୁ ବିଜେଡିର ପ୍ରାର୍ଥୀମାନେ ନିର୍ବାଚିତ ହେଲେ । ଘଷିପୁରା ନିର୍ବାଚନ ମଣ୍ଡଳୀରେ ବ୍ୟାପକ ଭୋଟ ଜାଲିଆତି ହେଉଥିବା ଅଭିଯୋଗରେ ବିଜେପି ପ୍ରାର୍ଥୀ ସତ୍ୟ ପଣ୍ଡା ଓ ସ୍ୱାଧୀନ ପ୍ରାର୍ଥୀ ରାମଚନ୍ଦ୍ର ବେହେରା ନ୍ୟାୟାଳୟର ଆଶ୍ରୟ ନେଲେ । ବଦ୍ରିବାବୁ ରେକର୍ଡ୍‌ସଂଖ୍ୟକ ଭୋଟ ପାଇ ନଗର ଉନ୍ନୟନ ମନ୍ତ୍ରୀ ଭାବେ ଯୋଗଦେବାର ଗୌରବ ଅର୍ଜନ କଲେ ।

ସ୍ୱାଧୀନତା ପରବର୍ତ୍ତୀକାଳୀନ କେନ୍ଦୁଝର ରାଜନୈତିକ ଐତିହ୍ୟ ସମ୍ପର୍କରେ ଅନେକ କିଛି କୁହାଯାଇପାରିବ । ଓଡ଼ିଶାର ରାଜନୀତିକୁ ଅନୁଧ୍ୟାନ କଲେ କେନ୍ଦୁଝର

Digitized by PPRACHIN, SOA

ଅନେକ କ୍ଷେତ୍ରରେ ଉପେକ୍ଷିତ ହୋଇଛି ଏହା ସତ୍ୟ; କିନ୍ତୁ ତା'ମଧ୍ୟରେ କେନ୍ଦୁଝର ସନ୍ତାନ ନିଜସ୍ୱ ସାମର୍ଥ୍ୟ ପ୍ରତିପାଦନ କରିବାକୁ ଯେ ସମର୍ଥ ହୋଇଛି, ଏହା ମଧ୍ୟ ସ୍ୱୀକାର କରିବାକୁ ପଡ଼ିବ । ରାଜବଲ୍ଲଭ ମିଶ୍ର, ଗୋବିନ୍ଦ ମୁଣ୍ଡା, ସହରାଇ ଓରାମ, ଛୋଟରାୟ ମାଝି, ନିରଞ୍ଜନ ପଟ୍ଟନାୟକ, ଜୟଦେବ ଯେନା ଓ ବଦ୍ରିନାରାୟଣ ପାତ୍ର ପ୍ରମୁଖ ମନ୍ତ୍ରୀ ହେବାର ସୁଯୋଗ ପାଇଛନ୍ତି । ମନ୍ତ୍ରୀ ନ ହୋଇ ମଧ୍ୟ ମୁରଲୀଧର କୁଅଁର, କ୍ଷୀରୋଦ ସ୍ୱାଇଁ, କୁମର ମାଝି, ଗୁରୁଚରଣ ନାୟକ, ନୀଳାଦ୍ରି ନାୟକ, ହୃଷୀକେଶ ନାୟକ ଲୋକପ୍ରିୟତା ହାସଲ କରିଛନ୍ତି ।

ବିଶେଷ କରି ନିର୍ବାଚନ ପ୍ରଚାର ଆଳରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ (୧୯୭୪ ଓ ୧୯୭୯), ରାଜୀବ ଗାନ୍ଧୀ (୧୯୮୩), ଚନ୍ଦ୍ରଶେଖର (୧୯୯୩), ଅଟଳ ବିହାରୀ ବାଜପେୟୀ (୧୯୯୯-୨୦୦୪) ଓ ନରେନ୍ଦ୍ର ମୋଦି (୨୦୧୪) ପ୍ରମୁଖ କେନ୍ଦୁଝରକୁ ଆସି କେନ୍ଦୁଝରର ଅସଲ ଚିତ୍ର ଦେଖିଛନ୍ତି; କିନ୍ତୁ ସେମାନଙ୍କ କୃପାଦୃଷ୍ଟି ଏ ମାଟିରେ ପଡ଼ିନାହିଁ ।

ଅନୁରୂପ ଭାବେ ଅନେକ ମୁଖ୍ୟମନ୍ତ୍ରୀ ମଧ୍ୟ କେନ୍ଦୁଝର ଗସ୍ତରେ ବାରମ୍ବାର ଆସି ଖୁବ୍ ନିକଟରୁ କେନ୍ଦୁଝରକୁ ଦେଖିବାର ସୁଯୋଗ ପାଇଛନ୍ତି । ଡ. ହରେକୃଷ୍ଣ ମହତାବ, ରାଜେନ୍ଦ୍ର ନାରାୟଣ ସିଂହଦେଓ, ବିନାୟକ ମିଶ୍ର, ନନ୍ଦିନୀ ଶତପଥୀ, ବିଜୟାନନ୍ଦ ପଟ୍ଟନାୟକ, ନୀଳମଣି ରାଉତରାୟ, ଜାନକୀ ପଟ୍ଟନାୟକ, ନବୀନ ପଟ୍ଟନାୟକ ପ୍ରମୁଖ ବିଭିନ୍ନ ସମୟରେ କେନ୍ଦୁଝର ଆସି ଏ ମାଟିରୁ ଅଜସ୍ର ଶ୍ରଦ୍ଧା-ଭକ୍ତି ସଂଗ୍ରହ କରିଛନ୍ତି । ସ୍ୱର୍ଗତ ନୀଳମଣି ରାଉତରାୟ (୧୯୭୯) ଓ ସ୍ୱର୍ଗତ ବିଜୟାନନ୍ଦ ପଟ୍ଟନାୟକ (୧୯୮୦) ଟେକାମାଡ଼ ଖାଇବାର ଦୁର୍ଭାଗ୍ୟ ମଧ୍ୟ ଏଠୁ ନେଇଛନ୍ତି । ତା ୧୭/୩/୧୯୮୩ ରେ ଦେଶର ରାଷ୍ଟ୍ରପତି ଜ୍ଞାନୀ ଜୈଲ ସିଂହ ମଧ୍ୟ ଏ ମାଟିରେ ପାଦ ଦେଇ ଆମକୁ ଉଲ୍ଲସିତ କରିଛନ୍ତି ।

ଓଡ଼ିଶା ରାଜନୀତିକୁ ବିଶେଷ କରି କଂଗ୍ରେସ ଦଳକୁ କେନ୍ଦୁଝର ସନ୍ତାନ ନେତୃତ୍ୱ ଦେବାର ଗୌରବ ଅର୍ଜନ କରିଛନ୍ତି । ନିରଞ୍ଜନ ପଟ୍ଟନାୟକ ଓ ଜୟଦେବ ଜେନା ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ପଦବୀ ମଣ୍ଡନ କରିଛନ୍ତି ।

ଜାତୀୟ ସ୍ତରରେ ବିଜେପି ଦଳର ସଦସ୍ୟ ତଥା ପୂର୍ବତନ ଲୋକସଭା ସଦସ୍ୟ ଅନନ୍ତ ନାୟକ ସମ୍ପାଦକ ପଦବୀରେ ଆସୀନ ହେବାର ଗୌରବ ଅର୍ଜନ କରିଛନ୍ତି ।

Digitized by PPRACHIN, SOA

ଜାତୀୟ ରାଜନୀତିରେ କେନ୍ଦୁଝର ସମ୍ପୂର୍ଣ୍ଣ ଉପେକ୍ଷିତ ହୋଇଛି । ଅଦ୍ୟାବଧି କେନ୍ଦ୍ରୀୟ ମନ୍ତ୍ରୀମଣ୍ଡଳରେ କେନ୍ଦୁଝର ସ୍ଥାନିତ ହୋଇପାରି ନାହିଁ । ରାଜ୍ୟ ନେତୃତ୍ୱରେ ମଧ୍ୟ କେନ୍ଦୁଝରର ଭୂମିକା ଅତ୍ୟନ୍ତ ଦୁର୍ବଳ । ଅତୀତରେ କେନ୍ଦ୍ରୀୟ ନେତୃତ୍ୱର ଉପେକ୍ଷା କାରଣରୁ ଓଡ଼ିଶାର ପ୍ରାତଃସ୍ମରଣୀୟ ପଣ୍ଡିତ ନୀଳକଣ୍ଠ, ଗୋଦାବରୀଶ ମିଶ୍ର ପ୍ରମୁଖ ଦଳତ୍ୟାଗ କରିଥିଲେ । ଡ. ହରେକୃଷ୍ଣ ମହତାବ ଓ ବିଜୁ ପଟ୍ଟନାୟକ ଆଞ୍ଚଳିକ ଦଳ ଗଠନ କରିଥିଲେ । ବିଜେଡି ଏହି ଆଞ୍ଚଳିକ ଦଳ ହେତୁ ଓଡ଼ିଶାର ଶ୍ରଦ୍ଧାଭାଜନ ହୋଇଛି । ବାରମ୍ବାର କେନ୍ଦ୍ରୀୟ ଉପେକ୍ଷା ହେତୁ ଓଡ଼ିଶାର ଜନସାଧାରଣ ବାଧ୍ୟବାଧକତାରେ ହେଉ ପଛକେ, ବିଜେଡିକୁ ଦୀର୍ଘ ଦୁଇ ଦଶନ୍ଧି ଧରି ସମର୍ଥନ ଜଣାଇ ଆସିଛନ୍ତି । ତଥାପି କେନ୍ଦୁଝର ଅବହେଳିତ ହୋଇଛି । ଏବେ ସେହି ଆଞ୍ଚଳିକତାକୁ ଭିତ୍ତି କରି କେନ୍ଦୁଝରରେ ଜାଗରଣ ସୃଷ୍ଟି ହୋଇଛି । ଡ. ମହତାବ ଓ ବିଜୁବାବୁଙ୍କ ଭଳି ଆଞ୍ଚଳିକ ଦଳ ଗଠନ କରି ନ ଥିଲେ ମଧ୍ୟ ଚମ୍ପୁଆ ଉପଖଣ୍ଡର ପ୍ରଭାବଶାଳୀ ଜନନେତା ସନାତନ ମହାକୁଡ଼ ଅତ୍ୟନ୍ତ ସାହସର ସହିତ ସ୍ୱାଭିମାନ ଉଦ୍ରେକ କରିଛନ୍ତି । ସେ ନିଜେ କଂଗ୍ରେସ ତ୍ୟାଗ କରି ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ିଛନ୍ତି ।

ଯେତେବେଳେ ଓଡ଼ିଶାର ବିରୋଧୀଦଳ ନେତା ମଧ୍ୟ କଂଗ୍ରେସ ଛାଡ଼ି ବିଜେଡିରେ ଯୋଗଦେଲେ, ଯେତେବେଳେ ଚାରିଆଡ଼େ ବିଜେଡି ଦଳରେ ମିଶିବାକୁ ଅଦମନୀୟ ନେତାମାନେ ଆଗେଇ ଯାଇଥିଲେ, ଠିକ୍ ସେହି କାଳରେ ସନାତନାବାବୁ ନିଜେ ସ୍ୱାଧୀନ ଭାବେ ପ୍ରାର୍ଥୀ ହୋଇ ସମସ୍ତ ନିର୍ବାଚନ ମଣ୍ଡଳୀରେ ସ୍ୱାଧୀନ ପ୍ରାର୍ଥୀ ଠିଆ କରାଇଥିଲେ । ଏହା ଏକ ବିରଳ ଦୃଷ୍ଟାନ୍ତ । ଏ ଦୃଷ୍ଟାନ୍ତ ଚରମ ସାହସିକତାର– ପ୍ରଚଣ୍ଡ ସ୍ୱାଭିମାନର ।

❖❖

Digitized by PPRACHIN, SOA

ସହାୟକ ଗ୍ରନ୍ଥସୂଚୀ

ଭଞ୍ଜ ମହୋଦୟମ୍ - କବିବର ନୀଳକଣ୍ଠ-ସଂ:ପଣ୍ଡିତ ବାନାମ୍ବର ଆଚାର୍ଯ୍ୟ (୧୯୩୭)

କେଉଁଝର-୧୯୦୬ - ଭୋଳାନାଥ ସାମନ୍ତରାୟ

କେନ୍ଦୁଝର - କ୍ଷେତ୍ରମୋହନ ମିଶ୍ର (୧୯୩୦ ଓ ୧୯୩୭ ସଂସ୍କରଣ)

ଓଡିଶା ଇତିହାସ - ଡଃ ହରେକୃଷ୍ଣ ମହତାବ

ଓଡିଶାର ଇତିହାସ - ଡଃ ସତ୍ୟନାରାୟଣ ରାଜଗୁରୁ

ଓଡିଶାର ପ୍ରତ୍ନତତ୍ତ୍ୱ ଓ ଅନ୍ୟାନ୍ୟ ପ୍ରବନ୍ଧ - ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟ

ଆଶ୍ଚର୍ଯ୍ୟ ଚର୍ଯ୍ୟାଚୟ - ଡଃ କରୁଣାକର କର

ଓଡିଆ ଜାତିର ଇତିହାସ - ଡଃ ନବୀନ କୁମାର ସାହୁ

ଐଶ୍ୱର୍ଯ୍ୟମୟୀ କେନ୍ଦୁଝରୀ (୧୯୮୮)- କାକଳି ପ୍ରକାଶନୀ

ଛନ୍ଦମୟୀ କେନ୍ଦୁଝରୀ (୧୯୯୨) - ସଂ ନିରଞ୍ଜନ ବାରିକ

ଭଞ୍ଜଭୂମି କେନ୍ଦୁଝରୀ (୧୯୮୯) - ବିପିନ୍ ବିହାରୀ ଦାସ

ପ୍ରାଚୀନ ଉତ୍କଳ - ଜଗବନ୍ଧୁ ସିଂହ

ଖୁରୁଧା ଇତିହାସ - କେଦାରନାଥ ମହାପାତ୍ର

ଓଡିଆ ଭାଷାର ଇତିହାସ - ଡଃ ବିନାୟକ ମିଶ୍ର

ଓଡିଶା ଇତିହାସ - ଡଃ ଯଜ୍ଞ କୁମାର ସାହୁ/ଡଃ ଅତୁଲ ଚନ୍ଦ୍ର ପ୍ରଧାନ

ବୈତରଣୀ - କେଶବ ଚନ୍ଦ୍ର ମିଶ୍ର/ବନମାଳି ପତି/ଜୟକୃଷ୍ଣ ପାଢୀ

ସାଧନାର ପଥେ - ଡଃ ହରେକୃଷ୍ଣ ମହତାବ

ଦେଶ ମିଶ୍ରଣ ଆନ୍ଦୋଳନ - ଗୋପବନ୍ଧୁ ଦାଶ

ଓଡିଶାରେ ସ୍ୱାଧିନତା ଆନ୍ଦୋଳନ - ସୁରେନ୍ଦ୍ର ପଟ୍ଟନାୟକ

ନୀଳକଣ୍ଠ ଗ୍ରନ୍ଥାବଳୀ - ପଣ୍ଡିତ ନୀଳକଂଠ ଦାଶ

ଆତ୍ମଜୀବନୀ ଚରିତ - ଫକୀର ମୋହନ ସେନାପତି

ବୃହତ୍ତର ଉତ୍କଳ ଗଠନରେ ବାଧାବିଘ୍ନ -ଓଡିଶା ସରକାର

ମାଦଳା ପାଞ୍ଜି - ସଂ- ଡଃ ଆର୍ତ୍ତ ବଲ୍ଲଭ ମହାନ୍ତି

ସାହିତ୍ୟ ସଂସ୍କୃତି ଓ ଇତିହାସ - ଡଃ ଭବାନୀ ଚରଣ ରାୟ

କାଦମ୍ବ ଗାଥା - ପଣ୍ଡିତ ଗୋପିନାଥ ମିଶ୍ର

କବି ବାମନ କୃତ କେନ୍ଦୁଝରୀ ଓ ସୋନପୁର ସ୍ମରଣିକା

Orissa State and British Policy - P.C. Lahiri

Digitized by PPRACHIN, SOA

Feudatory States of Orissa - L.E.B. Cobden Ramsay
Settlement Report Keonjhar - Babu Ajay Chandra Das
Keonjhar-Dhenkanal-Mayurbhanj District Gazettears
Keonjhar after Deogaon Treaty - Bhabagrahi Mohanty.
Final Report of the Survey (1914-15)- Orissa govt.
History and Culture of Khiching Kotta- Dr. Arjun Josi
The History of Orissa - G. Toynoby
History of Orissa - K.C. Panigrahi
A History of Orissa - Edt. Dr. Nabin Kumar Sahu
Muslim Administration in Orissa - M.A. Haque.
Political Unrest in Orissa - Dr. P.K. Mishra
History of Orissa - R.D. Banarjee
The Age of Imperial Unity (Bharatiya Vidya Bhawan) - R.C. Mazumdar
Orissa under the Bhaumakaras - Prof. Binayak Mishra
Orissa Reference - Govt. of Orissa

ପତ୍ରପତ୍ରିକା ଓ ଦଲିଲପତ୍ର

ଧନୁର୍ଜୟଙ୍କ ପତ୍ର (୧୮୯୨), ପଚିଶ ସୱାଲ - ସ୍ୱର୍ଗତ ବନମାଳି ପଟ୍ଟନାୟକଙ୍କ ହସ୍ତଲିଖିତ; ପ୍ରଜାମଣ୍ଡଳ କମିଟିର ଦଲିଲପତ୍ର, ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ମାଦଳାପାଞ୍ଜି, ପଣ୍ଡିତ ବାନାମ୍ବର ଆଚାର୍ଯ୍ୟଙ୍କ ପ୍ରବନ୍ଧ; ଓଡ଼ିଆ ଓ ନବ ସମ୍ବାଦ; ଉତ୍କଳ ଦୀପିକା; ଝଙ୍କାର; ଉତ୍କଳ ପ୍ରସଙ୍ଗ; ଜ୍ୟୋତିପ୍ରଭା; କାକଳି;Orissa Historical Research Journal, Orissa Judicial Records.

Digitized by PPRACHIN, SOA

କେନ୍ଦୁଝର ସାହିତ୍ୟ-ସଂସ୍କୃତି-ଐତିହ୍ୟର ଗଭୀର ଅଧ୍ୟୟନ ମନନ-ମନ୍ଥନ ଅଥଚ ସ୍ୱଚ୍ଛ ସଂକ୍ଷିପ୍ତ ସମ୍ଭ୍ରାନ୍ତ ଉଚ୍ଚାରଣ ହିଁ ନିରଞ୍ଜନ । ଅନେକ ଗଳ୍ପ, ପ୍ରବନ୍ଧ, ରମ୍ୟରଚନା, କେତେକ ନାଟକ ଓ ଅନେକ କାବ୍ୟକବିତା ଭିତରେ ଆମେ ସାକ୍ଷାତ କରୁ ତାଙ୍କର ମୌଳିକ ସ୍ରଷ୍ଟାପଣ । ସନ ୧୯୯୩ରେ ତାଙ୍କ ସମ୍ପାଦିତ 'ଛନ୍ଦମୟୀ କେନ୍ଦୁଝରୀ' ପୁସ୍ତକ କେନ୍ଦୁଝର ସାହିତ୍ୟ ମୂଲ୍ୟାୟନରେ ଏକ ନିର୍ଭୀକ ଆନ୍ଦୋଳନ । ଅର୍ଦ୍ଧ ସହସ୍ରାଧିକ ଏକପଦୀର ଏହି ସ୍ରଷ୍ଟାଙ୍କ ଏକମାତ୍ର ପ୍ରକାଶିତ 'ପଞ୍ଜୁରି' (୧୯୯୬) କେନ୍ଦୁଝର ମାଟିର ଆଦ୍ୟ ଉଦ୍‌ବେଳନ ଓ ଏ ଧାରାର ନୂତନ ଦିଗ୍‌ଦର୍ଶନ ।

କେନ୍ଦୁଝର ସାକ୍ଷରତା ଅଭିଯାନ (୧୯୯୨-୯୬)ରେ ତାଙ୍କ ରଚିତ 'ଆମରି କଥା' ଓ 'ଅକ୍ଷର ଝର' ପୁସ୍ତକ ମଧ୍ୟରେ ମଧ୍ୟ ଆମେ ଭେଟିଥିଲୁ ତାଙ୍କର ଅକ୍ଷର ସାଧନର ବଳିଷ୍ଠ ତାରୁଣ୍ୟ ।

କେନ୍ଦୁଝର ଇତିହାସ ରଚନାରେ ଏ ପୁସ୍ତକ ଏକ ବ୍ୟତିକ୍ରମ । ଅନ୍ଧକାର ଯୁଗର ଅଧ୍ୟୟନ ହିଁ ଏହାର ମୌଳିକ ଉପାଦାନ ଓ ଓଡିଶା ଇତିହାସକୁ ବଳିଷ୍ଠ କରିବାରେ ଏହା ଏକ ସଫଳ ପ୍ରଣୟନ । ଅର୍ଦ୍ଧାଧିକ ଗ୍ରାମ ପରିଦର୍ଶନ ଓ ଐତିହ୍ୟ ଅନୁସନ୍ଧାନ ହିଁ ଏହାର ଅଙ୍ଗନିର୍ମାଣ ।

ବିନ୍ଦୁ ମଧ୍ୟରେ ସିନ୍ଧୁ ଦର୍ଶନ ନିରଞ୍ଜନଙ୍କ ଜୀବନ ଦର୍ଶନ । ତେଣୁ ଏକପଦୀ କବିତାଭଳି ଏହି ପୁସ୍ତକରେ ବୃହତ୍ତର ଗବେଷଣାର ଜିଜ୍ଞାସା ଓ ଏହି କାରଣରୁ ଏହାର ବହୁଳ ଜନାଦୃତି ଓ ବାରମ୍ବାର ସଂସ୍କରଣ । ଲେଖକ ଏବେବି ସାଧନମଗ୍ନ ।

- ସାଧନାର ସିଦ୍ଧି କାମନା ସହ -

ଡଃ କାର୍ତ୍ତିକ ଚନ୍ଦ୍ର ମିଶ୍ର
ଅଧ୍ୟକ୍ଷ
ରିମୁଳି ମହାବିଦ୍ୟାଳୟ, ରିମୁଳି, କେନ୍ଦୁଝର

Digitized by PPRACHIN, SOA